

ଦକ୍ଷିଣ ମୁହାଁ ଦିଲଜିତ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-84 •WEDNESDAY •17 SEPTEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୮୪ •ବୁଧବାର •୧୭ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଉତ୍ତର ଭାରତରେ ବର୍ଷା ତାଣ୍ଡବ
୧୨ ମୃତ

## ଉତ୍ତରାଖଣ୍ଡ, ହିମାଚଳରେ ଫାଟିଲା ବାଦଲ



■ **ଡେରାଡୁନ, ୧୬।୯ (ଏଜେନ୍ସି):** ପ୍ରାକୃତିକ ବିପର୍ଯ୍ୟୟ ଦେବଭୂମି ଉତ୍ତରାଖଣ୍ଡର ପିଛା ଛାଡୁନାହିଁ। ମୌସୁମୀ ଜନିତ ପ୍ରବଳ ବର୍ଷା ରାଜ୍ୟରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆଜି ସକାଳ ୫ଟାରେ ଡେରାଡୁନରେ ବାଦଲଫଟା ବର୍ଷା ଯୋଗୁଁ ତମସା, କାରଲିଗାଡ଼, ଟୋନ୍ସ ଏବଂ ସହସ୍ରଧାରା ନଦୀର ଜଳସ୍ତର ବୃଦ୍ଧି ପାଇଛି। ସହସ୍ରଧାରା ସମେତ ଆଖପାଖ ଅଞ୍ଚଳର ଅନେକ ଘର, ଦୋକାନ ଏବଂ ମନ୍ଦିରରେ ୫ରୁ ୬ ଫୁଟ ଉଚ୍ଚର ପାଣି ଜମା ହୋଇ ରହିଛି। ଅନେକ ରାସ୍ତାଘାଟ ଭାସି ଯାଇଛି। ବିକାଶ ନଗରରେ ଟୋନ୍ସ ନଦୀରେ ଅଚାନକ ପାଣି ମାଡ଼ି ଆସିବାରୁ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ଭାସି ଯାଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୪ ଜଣ ନିଖୋଜ ▶ପୃଷ୍ଠା-୧୦

# କଳିଙ୍ଗା ଘାଟିରେ ଭୂସ୍ଖଳନ
ଗଞ୍ଜାମ-କନ୍ଧମାଳ ଯୋଗାଯୋଗ ବିଚ୍ଛିନ୍ନ

■ **ଭଞ୍ଜନଗର/ଜି.ଉଦୟଗିରି, ୧୬।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପାହାଡ଼ରୁ ବଡ଼ବଡ଼ ପଥରଖଣ୍ଡ ସହ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହେବାରୁ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଛି। ଗତ କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗି ରହିଥିଲା। ଆଜି ଦୁର୍ଗାପ୍ରସାଦ ନିକଟରେ ହଠାତ୍ ପାହାଡ଼ରୁ ଅତଡ଼ା ଓ ପଥର ଧସି ରାସ୍ତା ବନ୍ଦ ହୋଇଯାଇଥିଲା। କୌଣସି ଅଘଟଣ ଘଟି ନଥିଲେ ମଧ୍ୟ ବର୍ତ୍ତମାନ ଉକ୍ତ ଅଞ୍ଚଳ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ ପାହାଡ଼ରୁ ବଡ଼ବଡ଼ ପଥର ଖଣ୍ଡ ଖସି ରାସ୍ତା ଫାଟି ଯାଇଛି। ସନ୍ଧ୍ୟାରେ ଉକ୍ତ ଘାଟି ରାସ୍ତାକୁ ସିଲ୍ କରିବା ସହ ପୁଲିସ୍ ଜଗିରହିଛି। ଏନ୍ଏଚ୍ଏଆଇର ଏକ ଟିମ୍ ଘଟଣାସ୍ଥଳରେ ସ୍ଥିତି ପରଖୁଛି।



ଭିଜିବ ପାର୍ବଣ

## ୨୬ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ

# ଦୁର୍ଗାପୂଜାରେ ବର୍ଷା-ପବନ


ରସୁଲଗଡ଼ ପୂଜାମଣ୍ଡପ

ପୂଜା ମଣ୍ଡପକୁ ବତାସ ଭୟ

■ **ଭୁବନେଶ୍ୱର, ୧୬।୯ (ସମିସ):** ଏଥର ବର୍ଷାରେ ଭିଜିବ ପାର୍ବଣ। ଦୁର୍ଗାପୂଜାରେ ଷଷ୍ଠୀ ଓ ସପ୍ତମୀ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୨୫ କିମ୍ବା ୨୬ ବେଳକୁ ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ଆଶଙ୍କା ପାଣିପାଗକୁ ବିଗାଡ଼ିବ। ଏପରିକି ପୂରା ପାର୍ବଣ ଫିକା ପଡ଼ିଯିବ। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେପରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ହେଉଥିବା ଓ ଅଧିକ ଘନୀଭୂତ ହୋଇ ବାତ୍ୟାକୁ ନିମନ୍ତ୍ରଣ କରୁଥିବାରୁ ଦୁର୍ଗାପୂଜାରେ ପାଗକୁ ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହେଲାଣି। ଏପରିକି ସମ୍ଭାବ୍ୟ ଲଘୁଚାପ ବାତ୍ୟା ପରିସ୍ଥିତି ସୃଷ୍ଟି କରିପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି।

ସେପ୍ଟେମ୍ବର ଶେଷ ସପ୍ତାହରେ ବଙ୍ଗୋପ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଓ ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇ ବଳ ଗୋଟାଇବ। ପ୍ରାଥମିକ ଆକଳନରୁ ଏହା ଲଘୁଚାପ, ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇପାରେ ବୋଲି ଆକଳନ କରାଯାଉଛି। ଯଦି ସେହି ସମୟରେ ସାମୁଦ୍ରିକ ସ୍ଥିତି ଓ ବାତ୍ୟା ପାଇଁ ସୁହାଉଥିବା କାରକଗୁଡ଼ିକ ଅନୁକୂଳ ରହେ, ତେବେ ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ ରହିଥିବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଭିନ୍ନ ମଡେଲ ଅନୁସାରେ ଆସନ୍ତା ୨୫ କିମ୍ବା ୨୬ରେ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨୬ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୭-୨୮ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଏପରିକି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା କରାଇବାର ସମ୍ଭାବନା ରହିଛି। ୨୯ ତାରିଖରେ ପଶ୍ଚିମ ଓଡ଼ିଶା ଦେଇ ଏହା ଛତିଶଗଡ଼ ଓ ପରେ ନାଗପୁର ଆଡ଼କୁ ଯିବ। ତେଣୁ ୨୯ରେ ବର୍ଷା ସମ୍ଭାବନା ରହିଛି। ୨୮ ତାରିଖରୁ ଷଷ୍ଠୀ ପୂଜା ଆରମ୍ଭ ହେବା ହେଉଥିବାରୁ ଷଷ୍ଠୀ ଓ ସପ୍ତମୀ ପୂଜା ସମୟରେ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଯାଇଥିବା ବେଳେ ଏବେ ଯେକୌଣସି ଲଘୁଚାପ ସୃଷ୍ଟି ହେ।ଲେ ତାହା ଉପରେ ପାଣିପାଗ କେନ୍ଦ୍ର ନଜର ରଖିଥାଏ। ଅତୀତରେ ଏହି ସମୟରେ ଅନେକ ବାତ୍ୟା ସୃଷ୍ଟି ହୋଇଛି। ୨୦୧୯ ମସିହା ସେପ୍ଟେମ୍ବର ▶ପୃଷ୍ଠା-୧୦

## କେନ୍ଦ୍ର ଉପରେ ବର୍ଷିଲେ ସୁପ୍ରିମକୋର୍ଟ

# ସୁବିଧା ଦେଇ ନ ପାରିଲେ ବନ୍ଦ କରିଦିଅ ଟ୍ରିବ୍ୟୁନାଲ

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ପୂର୍ବତନ ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନ ମାନସିକତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବିଭିନ୍ନ ଟ୍ରିବ୍ୟୁନାଲରେ ଅବସରପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ କରାଯାଉଛି। କିନ୍ତୁ ସେହି ହିସାବରେ ସେମାନଙ୍କୁ ସୁବିଧା ସୁଯୋଗ ଦିଆଯାଉ ନାହିଁ। ସରକାରଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ସେମାନେ ଅପମାନିତ ହେଉଛନ୍ତି ଏବଂ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ବି ହେଉଛନ୍ତି। ଯଦି ସରକାର ସେମାନଙ୍କୁ ସୁବିଧା ସୁଯୋଗ ଦେଇ ପାରୁ ନାହାନ୍ତି, ତାହାହେଲେ ସମସ୍ତ ଟ୍ରିବ୍ୟୁନାଲକୁ ବନ୍ଦ କରି ମାମଲାଗୁଡ଼ିକୁ ହାଇକୋର୍ଟକୁ ହସ୍ତାନ୍ତର କରିଦିଆଯାଉ।



ଆଜି ଶୁଣାଣି ବେଳେ ସୁପ୍ରିମକୋର୍ଟ ଏଭଳି ଢଙ୍ଗରେ କେନ୍ଦ୍ର ସରକାର ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି। ଜଷ୍ଟିସ ବିଭି ନାଗରତ୍ନ ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଲେ ଯେ ଅବସର ପରେ ଅନେକ ମୁଖ୍ୟ ବିଚାରପତି ଏବଂ ବିଚାରପତି ଟ୍ରିବ୍ୟୁନାଲରେ ନିଯୁକ୍ତି ପାଇଁ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରୁ ନାହାନ୍ତି। ଏଥିରେ ସେମାନଙ୍କର କିଛି ଦୋଷ ନାହିଁ। କାରଣ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉ ନାହିଁ। ଯେଉଁମାନେ ଆପଣଙ୍କ ନିଯୁକ୍ତି ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି ସେମାନଙ୍କ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସହ ବ୍ୟବହାର କରାଯାଉ। କୋର୍ଟ ଆହୁରି କହିଲେ ଯେ ଅନେକ ପୂର୍ବତନ ▶ପୃଷ୍ଠା-୧୦

# ଦିନକ ପରେ ମୌସୁମୀ ଅଧିବେଶନ

## ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି



ଆଜି ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ

ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେବ ଯୋଜନା

■ **ଭୁବନେଶ୍ୱର, ୧୬।୯ (ସମିସ):** ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ମଙ୍ଗଳବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ମୌସୁମୀ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି। ବାଚସ୍ପତି କହିଛନ୍ତି ଯେ ସମସ୍ତ ଦଳ ଅଧିବେଶନରେ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବିଧାନସଭା ୧୮ରୁ ୨୫ ତାରିଖ ଯାଏଁ ଚାଲିବ ଅର୍ଥାତ୍ ୭ଟି କାର୍ଯ୍ୟ ଦିବସ ରହିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନ ଗୃହରେ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ୧୯ରୁ ୨୫ ତାରିଖ ମଧ୍ୟରେ ୫ଟି ସରକାରୀ ଦିବସ ଏବଂ ଗୋଟିଏ 'ପ୍ରାଇଭେଟ ମେମ୍ବର୍ସ ଡେ' ରହିବ। ଅଧିବେଶନରେ ବିଧି ମୁତାବକ ଗୃହ ପରିଚାଳନା ହେବ। ସେନେଇ ଆଜିର ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

ବିଧାନସଭା ସମ୍ମିଳନୀ କକ୍ଷରେ ଆହୂତ ଏହି ବୈଠକରେ ଶାସକ ବିଜେପି ▶ପୃଷ୍ଠା-୧୦

# ଅସୁରକ୍ଷିତ ଓଡ଼ିଶା, ଅସୁରକ୍ଷିତ ମହିଳା

■ **ଭୁବନେଶ୍ୱର, ୧୬।୯ (ସମିସ):** ମହିଳାଙ୍କ ପାଇଁ ଓଡ଼ିଶା ଏବେ ଅସୁରକ୍ଷିତ ହେବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଥିପାଇଁ ଓଡ଼ିଶା ନିନ୍ଦିତ ହେଉଛି, ଓଡ଼ିଶାକୁ ଏକାକୀ ନ ଯିବାକୁ ଆମେରିକା ପ୍ରଶାସନ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଚେତୁ ନାହାନ୍ତି, ପୁଲିସ ମହିଳାଙ୍କୁ ସୁରକ୍ଷା ଦେବାକୁ ସକ୍ଷମ ହେଉନାହିଁ।



୧୦ମାସରେ ୪ ହଜାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ

ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବାବେଳେ ଗତକାଲି ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀଙ୍କୁ ଗଣଦୁଷ୍କର୍ମ ▶ପୃଷ୍ଠା-୧୦

## ଭୟଙ୍କର, ହୃଦୟବିଦାରକ: ନବୀନ

■ **ଭୁବନେଶ୍ୱର, ୧୬।୯ (ସମିସ):** ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଥିବା ବେଳେ ମହିଳାମାନେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। କୌଣସି ନିକାଞ୍ଚନ ଦୁର୍ଗମ ଅଞ୍ଚଳ ନୁହେଁ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳାମାନେ ଆଉ ସୁରକ୍ଷିତ ନାହାନ୍ତି। ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣା ପରେ ସୋମବାର ପୁରୀ ଜିଲ୍ଲାର ପ୍ରସିଦ୍ଧ ବାଲି ହରଚଣ୍ଡୀଠାରେ ସମାନ ଭାବେ ଆଉ ଏକ ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି ଘଟିଛି। ଯାହା ଓଡ଼ିଶାର ଛବିକୁ ଜାତୀୟସ୍ତରରେ ପୁଣି ଥରେ ମଳିନ କରିଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ସବୁଠାରେ କଡ଼ା ସମାଲୋଚନା ପ୍ରକାଶ ପାଇଛି। ଏପରି ସ୍ୱର୍ଶକାତର ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ଘଟଣାରେ ସେ ଗଭୀର ମର୍ମାହତ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସରକାର ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି, ଯେଉଁଠାରେ ଆମ ଝିଅମାନେ ସୁରକ୍ଷିତ, ସମ୍ମାନିତ ଅନୁଭବ କରିପାରିବେ ବୋଲି ▶ପୃଷ୍ଠା-୧୦



"ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ

## ଯୁପିଆଇ କାରବାର ସୀମା ବୃଦ୍ଧି

# ଦିନକରେ କରିହେବ ୧୦ ଲକ୍ଷ




କିଣିହେବ ୬ ଲକ୍ଷର ସୁନା ଅଳଙ୍କାର

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ସମ୍ପ୍ରତି ଅନ୍ଲାଇନ୍ କାରବାର ଢ଼େର ବଢ଼ିଯାଇଛି। ଆଜିକାଲି ଅଧିକାଂଶ ଲୋକ ନଗଦ ପରିବର୍ତ୍ତେ ଅନ୍ଲାଇନରେ ଦେୟ ଦେବାକୁ ପସନ୍ଦ କରୁଛନ୍ତି। ଏବେ ଏଥିରେ ଏକ ବଡ଼ ଅପଡେଟ୍ ଆସିଛି, ଯାହା ବଡ଼ ପରିମାଣର ପେମେଣ୍ଟକୁ ଆହୁରି ସହଜ କରିଦେବ। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍ପିସିଆଇ) ଯୁପିଆଇ ପେମେଣ୍ଟ ନିୟମରେ ବଡ଼ ଧରଣର ପରିବର୍ତ୍ତନ କରିଛି। ଏଥିରେ ଦୈନିକ ଯୁପିଆଇ ପେମେଣ୍ଟ ସୀମାରେ ସରକାର ବୃଦ୍ଧି ଘଟାଇଛନ୍ତି। ଏହାଫଳରେ ଜଣେ ବ୍ୟକ୍ତି ଗୋଟିଏ ଦିନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏନ୍ପିସିଆଇ ପର୍ସନ୍-ଟୁ ମର୍ଚ୍ଚାଣ୍ଟ (ପିଟୁଏମ୍) ପେମେଣ୍ଟର ଅନେକ ବର୍ଗରେ ଦୈନିକ ସୀମା ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହି ପରିବର୍ତ୍ତନ ସେପ୍ଟେମ୍ବର ୧୫ରୁ କାର୍ଯ୍ୟକାରୀ ହୋଇଛି।

ଏହି ନୂଆ ପରିବର୍ତ୍ତନଗୁଡ଼ିକ ସାଧାରଣ ଲୋକଙ୍କ ସହିତ ଯୁପିଆଇ ମାଧ୍ୟମରେ କାରବାର କରୁଥିବା ଦୋକାନୀ/ବ୍ୟବସାୟୀମାନଙ୍କୁ ମଧ୍ୟ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ। ଏନ୍ପିସିଆଇ ବୀମା ପ୍ରିମିୟମ, ପୁଞ୍ଜି ବଜାର, କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟ ଭଳି କିଛି ବିଶେଷ ବର୍ଗ ପାଇଁ ଯୁପିଆଇ କାରବାରର ସୀମା ପ୍ରତି କାରବାର ପାଇଁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏପରି କାରବାର ପାଇଁ ଆପଣ ଗୋଟିଏ ଦିନରେ ▶ପୃଷ୍ଠା-୧୦

ବଢ଼ିଲାନି ଖରିଫ୍ ପଞ୍ଜୀକରଣ ଅବଧି

# ଘୋଷଣା କରି ଭୁଲିଗଲେ ସରକାର

■ **ଭୁବନେଶ୍ୱର, ୧୬।୯ (ସମିସ):** ଚାଷୀଙ୍କ ସମସ୍ୟା ସମାଧାନ କରିପାରୁନାହାନ୍ତି ସରକାର। ଧାନ ପଞ୍ଜୀକରଣଠାରୁ ଆରମ୍ଭ କରି ସାର ସଂକଟ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାରେ ଚାଷୀ ଘାଣ୍ଟି ହେଉଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିକରି ଚାଷୀ ନୟାନ୍ତ ହେଲେଣି। ହେଲେ କେହି ଶୁଣୁନାହାନ୍ତି। ଚଳିତ ଖରିଫ୍ ଋତୁରେ ଆରମ୍ଭରୁ ଜଟିଳ ପଞ୍ଜୀକରଣ ପ୍ରକ୍ରିୟାରେ ସନ୍ତୁଳି ହୋଇଥିଲେ ଚାଷୀ। ଏଥିଯୋଗୁଁ, ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଅଧିକାଂଶ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଥିଲେ। ତେଣୁ, ପଞ୍ଜୀକରଣ ଅବଧି ବୃଦ୍ଧି କରାଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ପୁଣି କେବେ ପଞ୍ଜୀକରଣ ଆରମ୍ଭ ହେବ, ଚାଷୀକୁଳକୁ ଏବେ ▶ପୃଷ୍ଠା-୧୦

ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ

ଗାଁ ଗାଁରେ ଧାନ ବେପାରୀଙ୍କ ଡେରା

## ସାର ପାଇଁ ଅଖା ଧାଡ଼ି

■ **ସାନଖେମୁଣ୍ଡି, ୧୬।୯ (ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ଘୋର୍ ଅଭାବ ଦେଖାଦେଇଛି। ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା ନେଇ ମନ୍ତ୍ରୀ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଓଲଟା। ସାର ନପାଇ ଚାଷୀ ହନ୍ତସନ୍ତ ହେଉଛି। ଏହାର ପ୍ରତିବାଦରେ ଚାଷୀ କେଉଁଠି ରାଜରାସ୍ତା ଅବରୋଧ କରୁଛି ତ କେଉଁଠି ସେବା ସମବାୟ ସମିତି ଅଫିସ ଆଗରେ ଧାରଣା ଦେଉଛି। ଏପରି ସ୍ଥିତିରେ ଆଜି ବ୍ଲକର ରାଧାଦେଇପୁର ସମବାୟ ସମିତି ଆଗରେ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି।

ସକାଳୁ ସକାଳୁ ସମବାୟ ସମିତି ଆଗରେ ଆଧାରକାର୍ଡ ଓ ଅଖା ରଖି ଚାଷୀଙ୍କ ଲମ୍ବା ଲାଇନ୍ ଲାଗିଥିଲା। ଏହି ସେବା ସମବାୟ ସମିତିରେ ପ୍ରାୟ ୪ଦିନ ତଳୁ ୟୁରିଆ ସାର ଆସିବ ବୋଲି ସୂଚନା ପାଇ ଚାଷୀମାନେ ମଙ୍ଗଳବାର୍ ଭୋର୍ରୁ ସେବା ସମବାୟ କେନ୍ଦ୍ରରେ ପହଞ୍ଚି ଭୋକଉପାସରେ ଲାଇନ୍ରେ ଛିଡ଼ା ହେବା ସହ ରାସ୍ତାକଡ଼ରେ ଲମ୍ବା ଲାଇନରେ ପାଲ, ଚପଲ ରଖିଥିଲେ। ମାତ୍ର ▶ପୃଷ୍ଠା-୧୦



## ଆଜି ଦେବ ଶିଳ୍ପୀଙ୍କ ପୂଜା
# ଚଳଚଞ୍ଚଳ ସହରରୁ ଶିଳ୍ପାଞ୍ଚଳ

ରାଉରକେଲା, ୧୬।୯ (ସମିସ)



ଆରମ୍ଭ ହୋଇଛି ପାର୍ବଣ ଋତୁ। ଚଳଚଞ୍ଚଳ ହୋଇଛି ସ୍ମାର୍ଟ ସିଟି ରାଉରକେଲା। ସହରରେ ସମସ୍ତ ପୂଜା ପର୍ବାଣି ଧୁମଧାମରେ ପାଳନ କରାଯାଉଥିବା ବେଳେ ରାତି ପାହିଲେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଶେଷ ସ୍ପର୍ଶ ଦେଉଛନ୍ତି ମୂର୍ତ୍ତି କାରିଗର। ଛୋଟ ମୂର୍ତ୍ତି ଠାରୁ ଆରମ୍ଭ କରି ହାତ ତିଆରି ମାଟି ମୂର୍ତ୍ତିକୁ ଅତି ଆଗ୍ରହର ସହ ଗଢ଼ିଥିବା ଦେଖିବାକୁ ମିଳିଛି। ବିଭିନ୍ନ ପୂଜା କମିଟି ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅଧିକରୁ ଅଧିକ ସୁସଜ୍ଜିତ ମୂର୍ତ୍ତି ପାଇଁ ପୂଜା କମିଟି ପକ୍ଷରୁ କାରିଗରଙ୍କୁ ଅର୍ଡର ଦିଆଯାଇଥିଲା। ଏହାସହ ବିଭିନ୍ନ ବଡ଼ କଳକାରଖାନା, ଛୋଟ କାରଖାନା, ବିଦ୍ୟୁତ୍ ବିଭାଗ, ପାଣି ବିଭାଗ, ଛୋଟ ବଡ଼ ଗାଡ଼ି ଓ ସାଇକଲ ମରାମତି ଦୋକାନ ସମେତ ଅନ୍ୟ ପ୍ରତିଷ୍ଠାନ ପକ୍ଷରୁ ମଧ୍ୟ ମୂର୍ତ୍ତି ପାଇଁ ଅର୍ଡର ଦିଆଯାଇ ଥିଲା। ତେବେ ଏହି କ୍ରମରେ ସହରରେ ଥିବା ଫଟାପାଇପ, ଉଦିତନଗର, ଜେଲ ରୋଡ୍ ସମେତ ବିଭିନ୍ନ ସେକ୍ଟର ଅଞ୍ଚଳରେ ଥିବା ମୂର୍ତ୍ତି ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ରାଜ୍ୟ ବାହାର କାରିଗରଙ୍କୁ ଆଣି ମୂର୍ତ୍ତି ଗଢ଼ିବାରେ ନିୟୋଜିତ କରାଯାଇ ଥିବାବେଳେ ଛୋଟ ମୂର୍ତ୍ତି ଠାରୁ ଆରମ୍ଭ କରି ବଡ଼ ମୂର୍ତ୍ତି ତଥା ପ୍ରାୟ ୬ ଫୁଟ ଉଚ୍ଚତାର ମୂର୍ତ୍ତି ଗଢ଼ା ଯାଇଛି। ଉଭୟ ଛୋଟ ବଡ଼ ମୂର୍ତ୍ତିକୁ କାରିଗରମାନେ ଶେଷ ସ୍ପର୍ଶ ଦେଉଛନ୍ତି। ଚଳିତ ବର୍ଷ ଭଲ ବ୍ୟବସାୟ ହୋଇଥିବା ନେଇ ମୂର୍ତ୍ତି ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି। ରାଉରକେଲା ସମେତ ଏହାର ଆଖପାଖ ଅଞ୍ଚଳରୁ ଲୋକେ ଆସି ମୂର୍ତ୍ତି ଅର୍ଡର ଦେଉଛନ୍ତି। ବିଶେଷ କରି ବାହାର ରାଜ୍ୟରୁ ଆସିଥିବା କାରିଗର ମାନଙ୍କ ମଧ୍ୟରେ ଅତ୍ୟନ୍ତ ଖୁସି ପ୍ରକାଶ ପାଇଛି। ଉତ୍ତମ କାମ ସହ ରୋଜଗାର ହୋଇଥିବା କାରିଗର ମାନେ ପ୍ରକାଶ କରିଛନ୍ତି। ଅପରପକ୍ଷେ ପୂଜା ସାମଗ୍ରୀ ଦୋକାନ, ମିଠା ଦୋକାନ, ପୋଷାକ ଦୋକାନ, ସାଜସଜ୍ଜା ସାମଗ୍ରୀ ଦୋକାନ ସହିତ ମୂର୍ତ୍ତି ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଡେଲି ମାର୍କେଟ, ଗ୍ରାଫିକ୍ ମାର୍କେଟ, ବିଶ୍ରା ଛକ, ବାସନ୍ତୀ କଲୋନୀ ମାର୍କେଟ, ଏଫ୍ଟିଆଇ ମାର୍କେଟ, ପାନପୋଷ ମାର୍କେଟ, ତରକେରା ଦେଓଗାଁ ମାର୍କେଟ, ଇସ୍ପାତ ମାର୍କେଟ, ଗଜପତି ମାର୍କେଟ, ଛେଣ୍ଡ ମାର୍କେଟରେ ପୂଜା ପାଇଁ କିଣାକିଣି ଚାଲିଛି। ମିଠା ଦୋକାନ ଏବଂ ସାଜସଜ୍ଜା ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏଥର ବଜାରରେ ୨୦୦ ଟଙ୍କାରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ମୂର୍ତ୍ତି ବିକ୍ରି ହେଉଛି। ସହରର ମୁଖ୍ୟ ରାସ୍ତା ସମେତ ଡେଲି ମାର୍କେଟରେ ବିଶ୍ୱକର୍ମା ପୂଜା ପାଇଁ ଲୋକ ମାନେ ବହୁ ସଂଖ୍ୟାରେ କିଣାକିଣି କରୁଛନ୍ତି। ରାଉରକେଲାର ଷ୍ଟିଲ୍ ପ୍ଲାଣ୍ଟ, ଆଇଡିସି ଶିଳ୍ପାଞ୍ଚଳ, ଜେଲ୍ ରୋଡ୍ ଶିଳ୍ପାଞ୍ଚଳରେ ଥିବା କାରଖାନା ଗୁଡ଼ିକରେ ବିଶ୍ୱକର୍ମା ପୂଜା ପାଇଁ ମଣ୍ଡପ ଗୁଡ଼ିକ ତିଆରି କରାଯାଇଛି। ରଙ୍ଗୀନ ଆଲୋକରେ ମଣ୍ଡପ ଗୁଡ଼ିକୁ ସଜା ଯାଇଛି। ରାଉରକେଲା ସହରରେ ବିଶ୍ୱକର୍ମା ପୂଜା ପାଇଁ ମୁଖ୍ୟ ରାସ୍ତା ଏବଂ ଅନ୍ୟାନ୍ୟ ବଜାରରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

# ବଣାଇଁ ଓ ରାଉରକେଲା ଫଟୋଗ୍ରାଫର ସଂଘ ବୈଠକ



ବଣାଇଁ, ୧୬।୯ (ସମିସ): ବଣାଇଁଗଡ଼ ସହରସ୍ଥିତ ଦେଓଗାଁ ଠାରେ ଥିବା ବାବା ବାଣେଶ୍ୱର ମନ୍ଦିର ଧର୍ମଶାଳା ପ୍ରାଙ୍ଗଣରେ ବଣାଇଁ ଉପଖଣ୍ଡ ଅଞ୍ଚଳର ସମସ୍ତ ଫଟୋଗ୍ରାଫରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ରାଉରକେଲା ଫଟୋଗ୍ରାଫର ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ବୈଠକରେ ଦିଲ୍ଲୀପ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଯେ ସମସ୍ତ ଫଟୋଗ୍ରାଫରଙ୍କ ସର୍ବସମ୍ମତି କ୍ରମେ ଫଟୋଗ୍ରାଫର ଆସୋସିଏସନ ଅଫ୍ ଓଡ଼ିଶା ସଦସ୍ୟତା ସହ କାର୍ଯ୍ୟକାରୀ କମିଟି ଗଠନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଫଟୋ ଗ୍ରାଫର ଆସୋସିଏସନ ଅଫ୍ ଓଡ଼ିଶାର ସାମ୍ବିଧାନିକ ନିୟମ ଅନୁସାରେ କାର୍ଯ୍ୟକାରୀ କମିଟି ଗଠନ ପାଇଁ ସଭାପତି ଦିଲ୍ଲୀପ କୁମାର ମହାନ୍ତିଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ପରେ ସମସ୍ତେ ବିଭିନ୍ନ ପଦବୀ ପୂରଣ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ସର୍ବସମ୍ମତିକ୍ରମେ ଫଟୋଗ୍ରାଫର ଗଣେଶ ଚନ୍ଦ୍ର ସେନାପତି ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଏଥିରେ ସମ୍ପାଦକ ଦୟାନିଧି ପାତ୍ର, ଉପସଭାପତି ଡିଲେଶ୍ୱର ସାହୁ, ସହ ସମ୍ପାଦକ ରାଜକୁମାର ପାତ୍ର, କୋଷାଧ୍ୟକ୍ଷ ସୁଖଦେବ କିଆଳ, ପିଆରଓ କରୁଣାକର ସାହୁ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ମନୋଜ କୁମାର ନାଏକ, ସନ୍ତୋଷ କୁମାର ନାଗଙ୍କୁ ମନୋନୀତ କରାଯାଇଛି। ସହ ସମ୍ପାଦକ ବିଚିତ୍ରା ନନ୍ଦ ନାଏକ, ସାଂଗଠନିକ ସମ୍ପାଦକ ଜ୍ୟୋତି ପ୍ରକାଶ ମଣ୍ଡଳ, ସୁମନ୍ତ କୁମାର ପାତ୍ର, ଜିତେନ କୁମାର କିସାନ ମନୋନୀତ ହୋଇଛନ୍ତି। ବୈଠକ ଶେଷରେ ନୂତନ ସମ୍ପାଦକ ଶ୍ରୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ କାରାଦଣ୍ଡାଦେଶ

**ରାଉରକେଲା, ୧୬।୯ (ସମିସ):** ଜଣେ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ଦୁଷ୍କର୍ମକାରୀ ଆକାଶ ସୁନାକୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ପି. ସୁରୀୟା ରାଓ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇବା ସହ ୨ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ କରିଛନ୍ତି। ୬ ଜଣ ସାକ୍ଷୀଙ୍କ ବୟାନ, ୧୨ଟି ଦସ୍ତାବିଜ୍ ଆଧାର କରି ବିଚାରପତି ଏହି ଦଣ୍ଡ ଶୁଣାଇଛନ୍ତି। ଅପରପକ୍ଷେ ପୀଡ଼ିତାକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସହାୟତା ପ୍ରାଧିକରଣ ମାଧ୍ୟମରେ ସରକାରକୁ ଆଦେଶରେ ଉଲ୍ଲେଖ ରହିଛି। ସୂଚନା ମୁତାବକ ଗତ ୨୦୧୬ ମସିହା ମଇ ୨୨ ତାରିଖରେ ଜଳଦା ଅଞ୍ଚଳର ଉକ୍ତ ଅଭିଯୁକ୍ତ ଯୁବକ ଆକାଶ ସୁନା ଜନୈକା ନାବାଳିକାକୁ ତାର ଘରେ କେହି ନଥିବାର ସୁଯୋଗ ନେଇ ଦୁଷ୍କର୍ମ କରିଥିଲା। ଏହି ଘଟଣାରେ ଏତାଲା ଉପରେ ରଘୁନାଥପାଲି ଥାନା ଏକ ମାମଲା ରୁଜୁ କରି ଅଭିଯୁକ୍ତ ଆକାଶ ସୁନାକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ବାଣ ବୋଝେଇ ଗାଡ଼ି ଜବତ, ଜଣେ ଗିରଫ



**ରାଉରକେଲା, ୧୬।୯ (ସମିସ):** ଛତିଶଗଡ଼ରୁ ରାଉରକେଲାକୁ ବାଣ ଆସିଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗୋପବନ୍ଧୁପାଲି ଫାଣ୍ଡି ପଛ ପାର୍ଶ୍ୱ ବସ୍ତିର ବ୍ୟବସାୟୀ ଲଲନ କୁମାର ରାଏ (୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୭ ପ୍ରକାରର ବାଣ ଓ ୧୪ ଚକିଆ ଗାଡ଼ି ଜବତ କରାଯାଇଛି। ସୋମବାର ବାଣ ଗାଡ଼ି ରାଉରକେଲାରେ ଆସି ପହଞ୍ଚି ଥିଲା। କୌଣସି ସୂତ୍ରରୁ ଖବର ପାଇ ଏଏସଆଇ ଏ.କେ.ନାୟକ ନିଜ ଟିମ୍ ସହ ଚଢଉ କରିଥିଲେ। ଯାଞ୍ଚ୍ ପରେ କୌଣସି କାଗଜପତ୍ର ବ୍ୟବସାୟୀ ଦେଖାଇ ପାରି ନଥିଲା। ଅଧିକ ତଦନ୍ତ ପରେ ଛତିଶଗଡ଼ ରାୟପୁରରୁ ବାଣ ଅର୍ଡର କରିଥିବା ଜଣାପଡ଼ିଥିଲା। ସମସ୍ତ ବାଣକୁ ଚୋରାରେ ବିଭିନ୍ନ ଅଞ୍ଚଳ ସମେତ ଗ୍ରାହକଙ୍କୁ ବିକ୍ରୟ କରିବାକୁ ଯୋଜନା କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ସେହିପରି ରଘୁନାଥପାଲି ଥାନା ପୁଲିସ ପାନପୋଷ ବସ୍ତିର ସୌରଭ ଜୟସ୍ୱାଲ (୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୧୧ ପ୍ରକାରର ବାଣ ଜବତ କରାଯାଇଛି। ପାନପୋଷ ବସ୍ତିରେ ବେଆଇନ ବାଣ ଗଚ୍ଛିତ ରଖିଥିବା ନେଇ ସୂଚନା ମିଳିଥିଲା। ଏସଆଇ ଏସ. ସେଠୀ ସଦଳବଳେ ମଙ୍ଗଳବାର ଚଢଉ କରିଥିଲେ। ଯାଞ୍ଚ୍ ପରେ କୌଣସି କାଗଜପତ୍ର ବ୍ୟବସାୟୀ ଦେଖାଇ ପାରି ନଥିଲା। ଆଗମୀ ବିଭିନ୍ନ ପର୍ବ ଉପଲକ୍ଷେ ବିକ୍ରି କରିବାକୁ ଗଚ୍ଛିତ ରଖିଥିବା ତଦନ୍ତରୁ ଜଣାପଡ଼ିଛି।

# ଗଡ଼ିଲା ନୂଆ ଅଳିଆବୁହା ଯାନ

**ବଣାଇଁ, ୧୬।୯ (ସମିସ):** ମଙ୍ଗଳବାର ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କୋଇଡ଼ାସ୍ଥିତ ଗୀତାରାଣୀ ଖଣି ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏକ ନୂତନ ଅଳିଆବୁହା ଯାନ ଗଡ଼ିଛି। ଏହି କାର୍ଯ୍ୟକ୍ରମରେ ବଣାଇଁ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ସମେତ ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବଣାଇଁଗଡ଼ ସରପଞ୍ଚ ନମିତା ନାଗ, ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନ, ଗୀତାରାଣୀ ଖଣିର ବିଧୂଭୂଷଣ ସାହୁଙ୍କ ସମେତ ସମସ୍ତ ଅଧିକାରୀ ଯୋଗଦେଇ ଥିଲେ ଓ ଆଜି ଠାରୁ ଏହି ଗାଡ଼ି ବଣାଇଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଳିଆ ବୁହା କାର୍ଯ୍ୟରେ ଲାଗିବା ସହିତ ସ୍ୱଚ୍ଛତାରେ ଆଉ ପାଦେ ଉନ୍ନତି ହେବ ବୋଲି ସୂଚନା ଦେଇଛନ୍ତି।

# ଆର୍‌ଏସ୍‌ପିର ସିଲିକନ୍ ଷ୍ଟିଲ୍ ମିଲ୍‌ରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ



**ରାଉରକେଲା, ୧୬।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସିଲିକନ୍ ଷ୍ଟିଲ୍ ମିଲ୍ (ଏସ୍‌ଏସ୍‌ଏମ୍) ସିଆର୍‌ଏନ୍‌ଓ ଉତ୍ପାଦନରେ ଏହାର ସର୍ବକାଳୀନ ଶ୍ରେଷ୍ଠ ଏଚଆର-ଟୁ-ଫିନିସ୍ ହାସଲ କରି କାର୍ଯ୍ୟକ୍ଷମ ଉତ୍କର୍ଷତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ନିଜସ୍ୱ ସମ୍ବଳ ଏବଂ ପ୍ରକ୍ରିୟା ଅପ୍ଟିମାଇଜେସନ୍‌ର ଏକ ଶୃଙ୍ଖଳା ଦ୍ୱାରା ଚାଳିତ, ମିଲ୍ ଗତ ଅଗଷ୍ଟ ମାସରେ ସର୍ବକାଳୀନ ଶ୍ରେଷ୍ଠ ୯୩.୦ ପ୍ରତିଶତ ପଞ୍ଜିକୃତ କରି ଜୁଲାଇ ମାସରେ ହାସଲ କରାଯାଇଥିବା ପୂର୍ବ ସର୍ବୋତ୍ତମ ୯୨.୬୦ ପ୍ରତିଶତ ଅତିକ୍ରମ କରିଛି। ଏହି ମାଇଲଖୁଣ୍ଟ କେବଳ ପୂର୍ବ ରେକର୍ଡକୁ ଅତିକ୍ରମ କରିନାହିଁ ବରଂ ମୂଲ୍ୟ ନିପୁଣତାକୁ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି, ଯାହା ଲାଭଦାୟକତାରେ ଉନ୍ନତି ଆଣିଛି। ଉଲ୍ଲେଖଯୋଗ୍ୟ ଯେ, ହଟ୍ ଷ୍ଟ୍ରିପ୍ ମିଲ୍-୨ କାର୍ଯ୍ୟକ୍ଷମ ହେବା ପର ଠାରୁ ଏସ୍‌ଏସ୍‌ଏମ୍ ବିଭାଗ ଏହାର ଉତ୍ପାଦନରେ ଉନ୍ନତିର ସ୍ଥିରତା ବଜାୟ ରଖିଛି। ଏହି ନିରନ୍ତର ଉନ୍ନତି ସିଆର୍‌ଏନ୍‌ଓର ଲାଭରେ ଏକ ଯଥେଷ୍ଟ ଅବଦାନ ଦେଇଥିବା ବେଳେ କେବଳ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ, ଏସଏସଏମ କେବଳ ଉପଜ ମୂଲ୍ୟ ନିପୁଣତା ମାଧ୍ୟମରେ ପ୍ରାୟ ୧.୮ କୋଟି ଟଙ୍କା ସଞ୍ଚୟ ରେକର୍ଡ ହାସଲ କରିଛି। ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାରଙ୍କ ମାର୍ଗଦର୍ଶନରେ ଏବଂ ଏସଏସଏମ ବିଭାଗର ଜିଏମ ଇନ-ଚାର୍ଜ ସି. ଆର. ମିଶ୍ରଙ୍କ ନେତୃତ୍ୱରେ ଶୀର୍ଷ ପରିଚାଳନାର ନିରନ୍ତର ସମର୍ଥନ ସହିତ ଏସଏସଏମ ସାମୁଦାୟିକ ଉତ୍ପାଦନ କାର୍ଯ୍ୟଦକ୍ଷତାକୁ ଆହୁରି ବୃଦ୍ଧି କରିବା ଏବଂ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ ସମନ୍ୱିତ ପ୍ରୟାସ କରୁଛି।

# ଓଲଟିଲା ସେଓ ବୋଝେଇ ପିକ୍‌ଅପ୍; ଚାଳକ ଗୁରୁତର

**କୁଆ୍ରା, ୧୬।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁଆ୍ରା ଥାନା ଝାରବେଡ଼ାସ୍ଥିତ ଡାଲମିଆ କଲେଜ ସମ୍ମୁଖ ଦେଇ ଯାଇଥିବା ରାଜ୍ୟରାଜପଥ-୧୦ରେ ସୋମବାର ସକାଳ ୫ଟା ସମୟରେ ଏକ ପିକ୍‌ଅପ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିବାରୁ ଏହାର ଚାଳକ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି ଯେ ସୁନ୍ଦରଗଡ଼ ପଟରୁ ରାଉରକେଲା ଆଡକୁ ବିଜୁ ଏକ୍ସପ୍ରେସ ୱେ ଉପରେ ଯାଉଥିବା ଏକ ସେଓ ବୋଝେଇ ପିକ୍‌ଅପ୍ ନଂ ସିଜି୦୬ଏଚଡି୦୧୧୪ ଡାଲମିଆ କଲେଜ ସମ୍ମୁଖ ଓଭର ବ୍ରିଜ୍ କାନ୍ଥରେ ପିଟିହୋଇ ସର୍ଭିସ ରୋଡ ଉପରକୁ ଓଲଟି ପଡ଼ିଥିଲା। ଗାଡ଼ି ଭିତରେ ଏହାର ଚାଳକ ପ୍ରତାପ ପଟେଲ (୨୫) ଚାପି ହୋଇ ରହିଯାଇଥିଲେ। ଏ ବାବଦରେ ଖବର ପାଇ କୁଆ୍ରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ଗାଡ଼ିର ଦବି ଯାଇଥିବା ସ୍ଥାନକୁ କାଟି ଚାଳକଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଆହତ ହୋଇଥିବା ଚାଳକଙ୍କୁ କୁଆ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ଏ ବାବଦରେ କୁଆ୍ରା ପୁଲିସ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଏସ୍‌ପିସିବି ପକ୍ଷରୁ ବିଶ୍ୱ ଓଜୋନ ଦିବସ



**ରାଉରକେଲା, ୧୬।୯ (ସମିସ):** ଏସ୍‌ପିସିବି ପକ୍ଷରୁ ବିଶ୍ୱ ଓଜୋନ ଦିବସ ପାନପୋଷସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ଅଧ୍ୟକ୍ଷତା କରି କହିଲେ ଯେ, ମଣ୍ଟ୍ରିଆଲ୍ ପ୍ରୋଟୋକଲ୍ ଆମକୁ ଦର୍ଶାଇଛି ଯେ ସାମୂହିକ କାର୍ଯ୍ୟ ଦ୍ୱାରା ସକରାତ୍ମକ ପରିବର୍ତ୍ତନ ଆସିପାରେ। ଓଜୋନ୍ ସ୍ତରର ସୁରକ୍ଷା ତଥା ଜଳବାୟୁର ପ୍ରଭାବକୁ ହ୍ରାସ କରିବା ପାଇଁ ମିଳିତ ସହଯୋଗ ଲୋଡ଼ା। ସ୍ଥାୟୀ ପ୍ରଥାକୁ ପ୍ରୋତ୍ସାହନ ଦେବା ଏବଂ ବାୟୁମଣ୍ଡଳରେ ପ୍ରଦୂଷଣକୁ ହ୍ରାସ କରିବା ପାଇଁ ଏସପିସିବି ସମର୍ପିତ ବୋଲି କହିଥିଲେ। ଏସ୍‌ପିସିବିର ଉପ ପରିବେଶ ଯନ୍ତ୍ରୀ ଇଂ ବିଜୟ କୁମାର ଭୋଇ ଖଣି ଓ ଶିଳ୍ପ କାରଖାନାଗୁଡ଼ିକ ନିର୍ମଳ ବାୟୁର ଉପାଦାନକୁ ବାଜୟୀ ରଖିବା ଦିଗ ପ୍ରତି ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। କାର୍ବନ ଫୁଟ୍ ପ୍ରିଣ୍ଟକୁ ହ୍ରାସ କରିବା ଏବଂ ଓଜୋନ୍ ସ୍ତରକୁ ସୁରକ୍ଷା ଦେବା ପାଇଁ ଆମର ଦୈନନ୍ଦିନ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଓ ସଚେତନ ହୋଇ ନିଷ୍ପତ୍ତି ନେବା। ଏକତ୍ର ଉଦ୍ୟମ ଦ୍ୱାରା ଆମେ ଏକ ପରିବର୍ତ୍ତନ କରିପାରିବା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ଓଏସଡି ବି.ବି. ମହନ୍ତଙ୍କ ସମେତ ବିଭାଗୀୟ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଖଣି ଓ ଶିଳ୍ପ କାରଖାନା ପ୍ରତିନିଧି ଏବଂ ଅନ୍ୟ ସମସ୍ତେ ପରିବେଶ ସୁରକ୍ଷା ନେଇ ମିଶନ ଲାଇଫ ଶପଥ ପାଠ କରିଥିଲେ। ବିଭାଗୀୟ ଉପ ପରିବେଶ ଯନ୍ତ୍ରୀ ରମଣୀ ରଞ୍ଜନ ଦାସ, ରଜତ କୁମାର ସେଠି, ଚନ୍ଦ୍ର ଶେଖର ଚୌହାନ, ସହକାରୀ ପରିବେଶ ଯନ୍ତ୍ରୀ ପ୍ରୀତମ ପତି, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞା ଜ୍ୟୋତି ସେନାପତି ପ୍ରମୁଖ ବିଭିନ୍ନ ଦିଗରୁ ବକ୍ତବ୍ୟ ରଖିଥିଲେ।

# ମହିଳାଙ୍କ ମୃତ୍ୟୁକୁ ନେଇ ଘରୋଇ ଡାକ୍ତରଖାନାରେ ଉତ୍ତେଜନା

**ରାଉରକେଲା, ୧୬।୯ (ସମିସ) :** ଏକ ଘରୋଇ ହସ୍ପିଟାଲରେ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ମହିଳାଙ୍କ ପରିବାର ଲୋକେ ଚିକିତ୍ସା ଅବହେଳାରୁ ଏହି ମୃତ୍ୟୁ ଘଟିଥିବା ଅଭିଯୋଗ କରି ହସ୍ପିଟାଲ ପରିସରରେ ମୃତଦେହ ରଖି ବିକ୍ଷୋଭ କରିଛନ୍ତି। ସୂଚନାଯୋଗ୍ୟ ସ୍ଥାନୀୟ ହାଇଟେକ୍ ହସ୍ପିଟାଲକୁ ରାଉରକେଲା ଏସ୍‌ଟିଆଇ ନିକଟସ୍ଥ ଜଣେ ୨୩ ବର୍ଷୀୟା ମହିଳା ସୋନିଆ ବେହେରାଙ୍କର ରବିବାର ଦିନ ହାଇ-ଟେକ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମହିଳାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ମୃତଦେହ ରଖି ପ୍ରତିବାଦ କରିଥିଲେ। ତେବେ ଘଟଣାସ୍ଥଳକୁ ହସ୍ପିଟାଲର କୌଣସି ଅଧିକାରୀ ଆସି ନଥିଲେ। ଫଳରେ ଘଟଣାସ୍ଥଳରେ ଉପସ୍ଥିତ ମହିଳାଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା।

# ଡାଲମିଆ ମହାବିଦ୍ୟାଳୟରେ ହିନ୍ଦୀ ଦିବସ



କୁଆ୍ରା, ୧୬।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁଆ୍ରା ବ୍ଲକ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ମଙ୍ଗଳବାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ହିନ୍ଦୀ ବିଭାଗରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଡାଲମିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଜିତେନ୍ଦ୍ର କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ହିନ୍ଦୀ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଡାଲମିଆ ଅବସରପ୍ରାପ୍ତ ଅଧ୍ୟକ୍ଷ ମୁନିଲାଲା ଜୈୟସ୍ୱାଲ ଓ ସମ୍ମାନିତ ଅତିଥି ଭାବରେ ଡାଲମିଆ ମହାବିଦ୍ୟାଳୟର ପୁରାତନ ଛାତ୍ର କମଳ ଅଗ୍ରୱାଲ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ହିନ୍ଦୀ ବିଭାଗ ଓ ହିନ୍ଦୀ ଦିବସର ଇତିହାସ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଡାଲମିଆ ମହାବିଦ୍ୟାଳୟର ହିନ୍ଦୀ ବିଭାଗର ମୁଖ୍ୟ ଡ଼ଃ ତବସ୍ସୁମ ବାନୋ ଛାତ୍ରଛାତ୍ରୀମାନଙ୍କୁ ଭାଷା କିପରି ମଣିଷକୁ ପରିଚୟ ପ୍ରଦାନ ଦେଇଥାଏ ତା ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିବା କଳମ ଅଗ୍ରୱାଲ ଛାତ୍ରଛାତ୍ରୀମାନଙ୍କୁ ହିନ୍ଦୀ ଭାଷାର ପ୍ରକୃତି ଓ ସଂସ୍କୃତି ବିଷୟରେ ସଂକ୍ଷେପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାର ଆୟୋଜନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ସାହିତ୍ୟ ସଂସଦର ଉପଦେଷ୍ଟା ଶ୍ରାବଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଯୋଗଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରାଇଥିଲେ।

# ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ରାଉରକେଲା, ୧୬।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ନୂତନ ସ୍ଥାୟୀ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଡକ୍ଟର ଅଶୋକ କୁମାର ବେଉରା ଆଜି ଯୋଗଦାନ କରିଛନ୍ତି। ସେ ଭାରପ୍ରାପ୍ତ ଅଧ୍ୟକ୍ଷା ଦାୟିତ୍ୱରେ ଥିବା ଶିକ୍ଷା ବିଭାଗର ଅଧ୍ୟାପିକା ସସ୍ମିତା ଲେଙ୍କାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ନୂତନ ଅଧ୍ୟକ୍ଷ ଡକ୍ଟର ବେଉରାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ନୂତନ ଅଧ୍ୟକ୍ଷ ଡକ୍ଟର ବେଉରା ରାଉରକେଲାର ଗାନ୍ଧି ମହାବିଦ୍ୟାଳୟରେ ଶିକ୍ଷା ବିଭାଗରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ।

# ବେକରୀ ୟୁନିଟ୍‌ରେ ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ

**ରାଉରକେଲା, ୧୬।୯ (ସମିସ):** ରାଉରକେଲା ମହାନଗର ନିଗମର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ବେକରୀ ଉତ୍ପାଦନ ୟୁନିଟ୍ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ସୁରକ୍ଷା ମାନଦଣ୍ଡ ସହିତ ଅନୁପାଳନ ଯାଞ୍ଚ କରିବା ଏବଂ ଗୁଣବତ୍ତା ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଥିଲା। ବେକରୀ ୟୁନିଟ୍‌ଗୁଡ଼ିକୁ ଲେବଲିଂ ନିୟମ, ଯଥା- ଉପାଦାନଗୁଡ଼ିକ ସମ୍ପର୍କରେ ସଠିକ୍ ଉଲ୍ଲେଖ, ଉତ୍ପାଦନ ତାରିଖ ଏବଂ ପୁଷ୍ଟିକର ମୂଲ୍ୟକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ପରିଷ୍କାର ପରିଚ୍ଛନ୍ନତା ସହିତ ମାନକ ମାନଦଣ୍ଡ ଥିବା ଖାଦ୍ୟ ରାଉରକେଲା ଜନସାଧାରଣଙ୍କୁ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କରୁଥିବା ୟୁନିଟ୍‌ଗୁଡ଼ିକୁ ଉନ୍ନତି ଆଣିବା ପାଇଁ ନୋଟିସ୍ ଜାରି କରାଯାଇଥିଲା। ରାଉରକେଲା ମହାନଗର ନିଗମ ରାଉରକେଲା ସହରବାସୀଙ୍କ ପାଇଁ ନିରାପଦ, ପରିଷ୍କାର ଏବଂ ଗୁଣାତ୍ମକ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ଯେ କୌଣସି ଉଲ୍ଲଂଘନର ରିପୋର୍ଟ କରିବାକୁ ମଧ୍ୟ ଆର୍‌ଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି।



# ବୋନସ୍ ଦାବିରେ ସିଆଇଟିୟୁର ବିକ୍ଷୋଭ ୧୯ରେ

ରାଉରକେଲା, ୧୬।୯ (ସମିସ)

ଆସନ୍ତା ୨୦ ତାରିଖରେ ପୂଜା ପୂର୍ବରୁ ସେଲ୍‌ର ବୋନସ୍ ଦାବିରେ ଏକ ବୈଠକ ଦିଲ୍ଲୀ ଠାରେ ଅନୁଷ୍ଠିତ ହେବ। ଆଜି ଶ୍ରମିକ ଭବନ ଠାରେ ଜୀବନ ବାରିହାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ ଗତ ୨୦୨୨ ମସିହାରେ ମିଳିତ ପ୍ରୟାସରେ ସମସ୍ତ ଶ୍ରମିକଙ୍କୁ ୪୦ ହଜାର ୫୦୦ ଟଙ୍କା ବୋନସ୍ ମିଳିଥିଲା। ଏହାପରେ ୨୦୨୩ ଫେବୃଆରୀ ୮ ତାରିଖରେ ସେଲ୍ କର୍ତ୍ତୃପକ୍ଷ ତ୍ରୁଟିପୂର୍ଣ୍ଣ ବୋନସ ଫର୍ମୁଲା ୫ ବର୍ଷ ପର୍ଯ୍ୟନ୍ତ ପ୍ରସ୍ତାବ ଦେଇଥିଲେ। ସିଆଇଟିୟୁର ବିରୋଧ ସତ୍ତ୍ୱେ ବିଏମ୍‌ଏସ୍, ଆଇଏନ୍‌ଟିୟୁସି ଓ ଏଚ୍‌ଏମ୍‌ଏସ୍ ସଂଖ୍ୟାଧିକ ଆଳରେ ଏହି ଚୁକ୍ତିର ସ୍ୱାକ୍ଷର କଲାପରେ ୨୦୨୩ ଓ ୨୦୨୪ରେ ଏହି ଫର୍ମୁଲା ଅନୁଯାୟୀ ୨୦୨୨ ବୋନସ୍‌ର ପ୍ରାୟ ଅଧା ବିନା ଆଲୋଚନା ଓ ସ୍ୱାକ୍ଷରରେ ଫର୍ମୁଲା ଅନୁଯାୟୀ ସିଧାସଳଖ ବ୍ୟାଙ୍କ ଦ୍ୱାରା ଶ୍ରମିକଙ୍କୁ ପ୍ରଦାନ କରାଯାଇଥିଲା। ଏ ବର୍ଷ ପୂଜାପାଇଁ ବୈଠକ ୨୦ ତାରିଖରେ କରାଯିବ। ତୁରନ୍ତ ତ୍ରୁଟିପୂର୍ଣ୍ଣ ବୋନସ ଚୁକ୍ତିନାମା ପ୍ରତ୍ୟାହାର ସହ ବେସ୍ ପ୍ରାଇସ ସର୍ବନିମ୍ନ ୪୦, ୫୦୦ ଟଙ୍କା କରାଯିବାକୁ ବୈଠକରେ ଦାବି କରାଯାଇଥିଲା। ଆସନ୍ତା ୧୯ ତାରିଖ ଦେଶର ସମସ୍ତ ଇସ୍ପାତ କାରଖାନାରେ ଓ ଖଣିରେ ସିଆଇଟିୟୁ ତରଫରୁ ବିକ୍ଷୋଭ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ରାଉରକେଲାର ବିଶ୍ରା ଛକ ଠାରେ ସକାଳ ୭.୩୦ ରୁ ୯ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯିବ ଓ ଦାବିପତ୍ର ପ୍ରଦାନ କରାଯିବ। ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ସାଧାରଣ ସମ୍ପାଦକ ବସନ୍ତ ନାୟକ ଏସ୍‌ଡବ୍ଲୁଏଫଆଇ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ବୈଠକରେ ଆଇଜିଏଚ୍ ଓ ସହରସେବାର ବ୍ୟାପାକ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂଜାପରେ ବିକ୍ଷୋଭ ପ୍ରଦର୍ଶନ କରିବାପାଇଁ ନିଷ୍ପତ୍ତି କରାଯାଇଛି। ବୈଠକରେ ପ୍ରଦୀପ ସେଠୀ, ବିମାନ ମାଇତି, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, ସଂଗ୍ରାମ ସାମଲ, ପ୍ରଦୋଷ ପରିଡ଼ା, ସଞ୍ଜୟ ନାୟକ, ତ୍ରିଲୋଚନ ପାତ୍ର, ସୁଦର୍ଶନ ଜେନା, ଜେକେ ସାହୁ, ସନ୍ତୋଷ ବେହେରା, ବିଶ୍ୱରଞ୍ଜନ ମଲ୍ଲିକ, ପି.କେ. ଷଡ଼ଙ୍ଗୀ, ଅକ୍ଷୟ ରାଉତ, ଶିବରାମ ବେହେରା, ଡି କିଶାନ, ପୀତାମ୍ବର ବେହେରା, ପର୍ଶୁରାମ ଜେନା, ସନ୍ନ୍ୟାସୀ ପ୍ରଧାନ, ବିବି ସାମଲ ପ୍ରମୁଖ ଆଲୋଚନା କରିଥିଲେ।

# ଯାଜପୁରରେ ବ୍ୟାପୁଛି ଧଳାଜହର ବେପାର
# ୫୫ ଗ୍ରାମ ବ୍ରାଉନ୍‌ସୁଗର ଜବତ, ୪ ଗିରଫ

ଯାଜପୁର, ୧୬।୯ (ସମିସ)



ଯାଜପୁର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବ୍ୟାପକ ପରିମାଣରେ ବ୍ରାଉନସୁଗର ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଯାଜପୁର ସହର ବରାହନାଥ ଶିବ ପ୍ରତିମୂର୍ତ୍ତି ନିକଟରେ ଏସ୍‌ଆଇ ସୌରଭ ମାଝୀ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ୨ ଯୁବକକୁ ଅଟକାଇ ପଚରାଉଚରା କରିବାରୁ ତାଙ୍କ ନିକଟରୁ ବ୍ରାଉନସୁଗର ବାହାରିଥିଲା। ଉଭୟଙ୍କୁ ଗିରଫ କରିସା ସହ ବ୍ରାଉନସୁଗର ଓ ଏକ ବାଇକକୁ ଜବତ କରି ଯାଜପୁର ଥାନାକୁ ଆଣିଥିଲେ। ଏହି ୨ଯୁବକ ହେଲେ ପଣସା ପଞ୍ଚାୟତ ବିନ୍ଧାଣ ଗ୍ରାମର ଶିଶିର ପୃଷ୍ଟିଙ୍କ ପୁଅ କିଷାନ ପୃଷ୍ଟି (୨୬) ଓ ଯାଜପୁର ସହର ଜାଗେଶ୍ୱରପୁର ଗ୍ରାମର ଅଜୟ କରଙ୍କ ପୁଅ ସ୍ୱରାଜ କର(୨୬) ପୁଲିସ ଜାଣିବାକୁ ପାଇଥିଲା। ତାଙ୍କ ନିକଟରୁ ୩୬ ଗ୍ରାମ ୨୦୦ ମିଲିଗ୍ରାମ ବ୍ରାଉସୁଗର ଜବତ କରିବା ସହ ୨୪୮୦ଟଙ୍କା ଓ ଏକ ପଲସର ଗାଡ଼ି, ମୋବାଇଲ ଜବତ କରାଯାଇଥିଲା। ଏହି ଜବତ ସମୟରେ ଯାଜପୁରର ଅତିରିକ୍ତ ତହସିଲଦାର ଜି. ହରେକୃଷ୍ଣ ଉପସ୍ଥିତ ଥିଲେ। ଏହି ୨ଯୁବକଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ତୃପ୍ତୀମୟୀ ରାଉତ ଘଟଣାର ତଦନ୍ତ କରୁଛନ୍ତି। ସେହିପରି ପାଣିକୋଇଲି ପୁଲିସ ପାଣିକୋଇଲି ଗ୍ରାମରେ ଚଢ଼ଉ କରି ଯୋଗେନ୍ଦ୍ର ସାହୁଙ୍କ ପୁଅ ଶିବଚରଣ ସାହୁ (୪୮)ଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୯.୭୯୦ଗ୍ରାମ ବ୍ରାଉନସୁଗର ଜବତ କରିଛି। ଶିବକୁ ଏନଡିପିସି ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏସ୍‌ଆଇ ସୁମିତ କୁମାର କୁଜୁର କହିଛନ୍ତି। ଦୀର୍ଘ ଦିନ ଧରି ସେ ରୁଚି ବେପାର କରିବା ସହ ନିଶା କାରବାର କରୁଥିଲେ। ତାଙ୍କ ଠାରୁ ଗଞ୍ଜେଇ ମଧ୍ୟ ଜବତ କରାଯାଇଛି। ସେହିପରି ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ଯାଜପୁର ରୋଡ୍ ଅଞ୍ଚଳରେ ଚଢ଼ଉ କରି ୯.୨୮୦ଗ୍ରାମର ବ୍ରାଉନସୁଗର ଜବତ କରିବା ସହିତ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଥାନାଧିକାରୀ ଆଶିଷ କୁମାର ସାହୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମୁଣ୍ଡମାଳ ସାଇ ମନ୍ଦିର ନିକଟରେ ଥିବା ସୁଇପର ସାହିରେ ଚଢ଼ଉ କରିଥିଲା। ମୁଣ୍ଡମାଳ ଡାଇସାହିର ଦୈତାରୀ ମହାକୁଡ(୩୮)କୁ ଅଟକ ରଖିବା ସହିତ ତା' ନିକଟରୁ ପ୍ରାୟ ୯.୨୮୦ ଗ୍ରାମର ବ୍ରାଉନସୁଗରଜବତ କରିଛନ୍ତି। ଏହା ସହିତ ହଳଦିଆ ରଙ୍ଗର ସ୍କୁଟି, ଏକ ମୋବାଇଲ ଫୋନ ଏବଂ ୯୦୦ ଟଙ୍କା ଜବତ କରିଛନ୍ତି। ଅଧିକ ତଦନ୍ତ ପରେ ଅଭିଯୁକ୍ତ ଦୈତାରୀକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ଷଠିପୁର-ବରୁଣ୍ଡେଇ ରାସ୍ତାରେ ଦବିଗଲା ବାଲି ହାଇୱା
# ଗମନାଗମନ ଠପ୍; ୫ ହାଇୱା ଜବତ



**ପାଣିକୋଇଲି, ୧୬।୯ (ସମିସ):** ଷଠିପୁର-ବରୁଣ୍ଡାଇ ରାସ୍ତାର ଦେପଦାରେ ଏକ ବାଲି ବୋଝେଇ ହାଇୱା ରାସ୍ତା ଉପରେ ଦବି ଯାଇଛି। ଫଳରେ ଏଥିରେ ଥିବା ଚୋରାବାଲିକୁ ପ୍ରଶାସନ ଜବତ କରିଛି।

ଖଣିବିଭାଗର ନିର୍ଦ୍ଦେଶ ଅନୁଯାୟୀ ଅକ୍ଟୋବର ୧୫ ପର୍ଯ୍ୟନ୍ତ ନଦୀରୁ ବାଲି ଉଠିପାରିବ ନାହିଁ। ଅପରପକ୍ଷେ ଏହି ରାସ୍ତା ଦୋହରୀକରଣ ଚାଲିଥିବା ବେଳେ କୌଣସି ଭାରୀଯାନ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ନ ଚାଲିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ରାତିଅଧିଆ ଶତାଧିକ ବାଲିଗାଡି ଚାଲୁଥିବାରୁ ରାସ୍ତା କାମ କରିହେଉନଥିବା ବେଳେ ବାରମ୍ବାର ମଝି ସିମେଣ୍ଟ ଡାଇଭରସନ ଭାଙ୍ଗିବାର ଦେଖିବାକୁ ମିଳିଥିଲା। ମାତ୍ର ପ୍ରଶାସନ ସବୁ ଜାଣି ଚୁପ ହୋଇ ବସିଥିବା ବେଳେ ଆଜି ସତ ଧରାପଡ଼ିଛି। ସେମାବାର ରାତ୍ରିରେ ବାଲି ନେଇ ଆସୁଥିବା ଏକ ହାଇୱା (ଓଡି୦୧ଏକେ ୦୯୧୬) ରାସ୍ତାରେ ଦବି ଯିବାରୁ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏମିତିକି ଏହି ରାସ୍ତାରେ ବାଇକ୍ ନେଇ ଯିବା ସମ୍ଭବ ହୋଇନଥିଲା। ଏନେଇ ଅଭିଯୋଗ ପରେ ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ଓ ଯାଜପୁର ଖଣି ବିଭାଗ ଅଧିକାରୀ ସେଠାରେ ପହଞ୍ଚିଥିଲେ। ଗମନାଗମନ ବନ୍ଦ ଯୋଗୁଁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଥିଲା। ପରେ ଚେନପୁଲି ସାହାଯ୍ୟରେ ଉକ୍ତ ହାଇୱାକୁ ଉଠାଯିବା ପରେ ଏହାକୁ ଖଣି ବିଭାଗ ଜବତ କରିଥିଲା। ତା ପଛରେ ଆଉ ୪ଟି ହାଇୱା ଅଟକିଥିଲା। ମାତ୍ର ସମସ୍ତ ଗାଡି ଯାଞ୍ଚରେ ଟିପି ଥିବାରୁ ଓ ଉକ୍ତ ରାସ୍ତାରେ ଗାଡି ଚଳାଚଳ ଜିଲ୍ଲାପାଳ ବନ୍ଦ କରିଥିବାରୁ ପରିବହନ ବିଭାଗକୁ ଗାଡି ଗୁଡିକୁ ହସ୍ତାନ୍ତର କରାଯାଇଥିଲା। ପରିବହନ ବିଭାଗ ଗାଡ଼ି ଗୁଡିକୁ କୋରେଇ ଥାନାକୁ ନେଇଯାଇଥିବା ଜଣାପଡ଼ିଛି।

# ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

**ଯାଜପୁର, ୧୬।୯ (ସମିସ):** ଖଣି ବିଭାଗ ଓ ପୁଲିସ ମିଳିତ ଚଢ଼ଉ କରି ବଡ଼ ବାଲିକୁଦା ଅଞ୍ଚଳରୁ ୨ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଟ୍ରାକ୍ଟରକୁ ବାଲିଚନ୍ଦ୍ରପୁର ଥାନାରେ ଜିମା ଦେଇଥିଲେ। ବିଭିନ୍ନ ସମୟରେ ବେଆଇନ ଭାବେ ଉପରୋକ୍ତ ଅଞ୍ଚଳରୁ ବାଲି ପରିବହନ କରାଯାଉଥିବା ଖଣି ବିଭାଗ ନିକଟରେ ଅଭିଯୋଗ ହେଉଥିଲା। ଏ ନେଇ ଖଣି ବିଭାଗ ଅଧିକାରୀ ପୁଲିସ ସହାୟତାରେ ମଙ୍ଗଳବାର ସକାଳୁ ଉପରୋକ୍ତ ଅଞ୍ଚଳରେ ଚଢ଼ଉ କରି ୨ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଜବତ ସମୟରେ ଟ୍ରାକ୍ଟର ଦୁଇଟି କୌଣସି କାଗଜପତ୍ର ଦର୍ଶାଇପାରିନଥିବାରୁ ନିକଟସ୍ଥ ବାଲିଚନ୍ଦ୍ରପୁର ଥାନାରେ ଜିମା ଦେଇଥିଲେ।

# ବିଏସ୍ କଲେଜରେ ଓଜୋନ ଦିବସ ପାଳିତ




**ବଡ଼ଚଣା, ୧୬।୯ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ବିଶ୍ୱ ଓଜନ ଦିବସ ଆଜି କଲେଜ ସଭାଗୃହରେ ପାଳିତ ହୋଇଯାଇଛି। ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ରଞ୍ଜିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମାହାଲା ଯୋଗଦେଇ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗଦେଇ ପରିବେଶର ସନ୍ତୁଳନରେ ଓଜନ ସ୍ତରର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଉଦ୍ଭିଦ ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇ ବିଶ୍ୱ ଓଜନ ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଗଣିତ ବିଭାଗର ମୁଖ୍ୟ ସଞ୍ଜିତ କୁମାର ମହାନ୍ତି ସମାଜର କଲ୍ୟାଣରେ ଓଜନ ସ୍ତରର ଭୂମିକା ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଟଙ୍କା ଦେଣନେଣକୁ ନେଇ ବିବାଦ
# ସରକାରୀ ଓକିଲଙ୍କ ନାମରେ ଅଭିଯୋଗ

କୁନ୍ଦଳ, ୧୬।୯ (ସମିସ): ଟଙ୍କା ଦିଆନିଆକୁ ନେଇ ଏକ ଘଟଣା ତୀବ୍ରରୂପ ନେଇଛି। ଏପରିକି ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚବାଚ ହୋଇ ମାମଲା ଥାନାରେ ପହଞ୍ଚିଛି। ଘଟଣାରୁ ପ୍ରକାଶ ବାଲିଚନ୍ଦ୍ରପୁର ଥାନା ଅଧୀନ ବରଦା ପଞ୍ଚାୟତର ମହନ୍ତ ଭଗବାନ ଦାସଙ୍କ ପୁଅ ପ୍ରକାଶ ଦାସ ଓ ତାଙ୍କ ଘର ନିକଟ ବାଲିପଡ଼ିଆ ପଞ୍ଚାୟତର ମନୋଜ କରଙ୍କ ମଧ୍ୟରେ ଉପୁଜିଛି ବିବାଦ। ମନୋଜଙ୍କ ଅଭିଯୋଗ ମୁତାବକ ପ୍ରକାଶ ଦାସ ଯିଏ କି ସରକାରୀ ଓକିଲ ତାଙ୍କ ନିକଟରୁ ଫୋନପେ' ମାଧ୍ୟମରେ ୨ ହଜାର ଟଙ୍କା ଓ ନଗଦ ଆକାରରେ ୮ ହଜାରକୁ ନେଇ ମୋଟ ୧୦ ହଜାର ଟଙ୍କା ଧାର ସୂତ୍ରରେ ନେଇଥିଲେ। ସେ ବାରମ୍ବାର ଧାର ଟଙ୍କା ମାଗିବାରୁ ପ୍ରକାଶ ତାଙ୍କୁ ନଦେଇ ବିଭିନ୍ନ ଧମକ ଚମକ ଦେଇ ଭୟଭୀତ କରାଇଲେ। ଅପରପକ୍ଷେ ସରକାରୀ ଓକିଲ ଜଣଙ୍କ ମନୋଜ କରଙ୍କ ନାମରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଗତ ୧୧ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଓକିଲଙ୍କ ଅଭିଯୋଗ ଆଧାରରେ ବାଲିଚନ୍ଦ୍ରପୁର ପୁଲିସ ୨୬୩/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏପରିସ୍ଥଳେ ପୁଲିସ ମନୋଜଙ୍କ ଘରକୁ ଯିବା ପରେ ମନୋଜଙ୍କର ଥାନାର ତଦନ୍ତ ଅଧିକାରୀଙ୍କ ହ୍ୱାଟ୍‌ସଅପ୍‌ରେ ଏକ ପ୍ରତି ଅଭିଯୋଗ ଦେବା ସହ ଥାନା ମେଲ ଆଇଡି ଯୋଗେ ଅଭିଯୋଗ ପଠାଇଥିବା ସୂଚନା ଦେଇଛନ୍ତି। ଏ ନେଇ ଥାନାର ତଦନ୍ତକାରୀ ଅଧିକାରୀ ସମ୍ବିତ ବେହେରାଙ୍କୁ ପଚାରିବାରେ ପିପି ସାରଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ମନୋଜଙ୍କ ପ୍ରତି ଅଭିଯୋଗ ସମ୍ପର୍କରେ ପଚାରିବାରେ ସେ ଫୋନ ମାଧ୍ୟମରେ ଅଭିଯୋଗ ଫର୍ଦ୍ଦ ପାଇଛନ୍ତି, ମେଲ ଦେଖିନାହାଁନ୍ତି। ହ୍ୱାଟ୍‌ସଅପ୍ କି ଥାନା ମେଲରେ ଅଭିଯୋଗ ଦେଲେ ଗ୍ରହଣ ହେବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅନ୍ୟ ପଟେ ସରକାରୀ ଓକିଲ ପ୍ରକାଶ ଦାସଙ୍କୁ ପଚାରିବାରେ ଘଟଣାଟି ସମ୍ପୂର୍ଣ୍ଣ ମିଥ୍ୟା। ମନୋଜର ଏକ ମାମଲାରେ ସେ ଓକିଲଙ୍କ ପାଇଁ ୨ ହଜାର ଟଙ୍କା ଦେଇଥିଲା। ତାର ଘରୋଇ କଳି ନେଇ ମୁଁ ତାର ପତ୍ନୀକୁ ସହଯୋଗ କରୁଛି ସନ୍ଦେହ କରି ମନୋଜ ମତେ ବାରମ୍ବାର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ମୁଁ ଥାନାରେ ଅଭିଯୋଗ କରିଛି। ଆବଶ୍ୟକ ପଡ଼ିଲେ ତାର ପୂର୍ବ କେଶରେ ଯେଉଁ ଓକିଲ ଦିଆଯାଇଥିଲା ସେ ଓକିଲ ମଧ୍ୟ ତାଙ୍କ ପାଉଣା ପାଇନାହାଁନ୍ତି ବୋଲି କେଶ୍ କରିବେ ବୋଲି ମତ ଦେଇଛନ୍ତି। ତେବେ ଆଗକୁ ଘଟଣା କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ମଙ୍ଗଳା, ୧୬।୯ (ସମିସ):** ବିଞ୍ଝାରପୁର ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅତିଥି ଭାବେ ପ୍ରଧାନ ଶିକ୍ଷକ ସତ୍ୟବ୍ରତ ମିଶ୍ର, ମୁଖ୍ୟଅତିଥି ଭାବେ ଥାନାଧିକାରୀ ବାମଦେବ ନନ୍ଦ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ଧଳ, ରାଜେନ୍ଦ୍ର କୁମାର ଦାସ, ବିଞ୍ଝାରପୁର ମଣ୍ଡଳ ସମ୍ପାଦକ ଶେଖ୍ ମହମ୍ମଦ ସମୀମ ଯୋଗ ଦେଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ବିଜୟ କୁମାର ଦାସ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ବିଞ୍ଝାରପୁର ମଣ୍ଡଳର ୪ଗୋଟି ସବ ଜୋନ ଯଥା ବରୁଣେଶ୍ୱର ସବଜୋନ, ସୟଦପୁର ସବ୍‌ଜୋନ, ବରୁଣେଇ ସବଜୋନ ଏବଂ ରଣପୁର ସବ୍‌ଜୋନ ଯୋଗ ଦେଇଥିଲେ। ମଣ୍ଡଳର ଶାରୀରିକ ଶିକ୍ଷା ଶିକ୍ଷକ/ଶିକ୍ଷୟିତ୍ରୀ ଚନ୍ଦ୍ରମଣି କର, କୈବଲ୍ୟ ପ୍ରସାଦ ପଣ୍ଡା, ରାହୁଲ କୁମାର ବେହେରା, ମହେଶ୍ୱର ବେହେରା, ରତିକାନ୍ତ ନାୟକ, ପ୍ରଶାନ୍ତ କୁମାର ମଲ୍ଲିକ, ହରେଶ୍ କୁମାର ଦାସ, ସୁଧାଂଶୁ ଶେଖର ସାମଲ, ରଶ୍ମିରଞ୍ଜନ ଓଝା, ବିଶ୍ୱମ୍ବର ମଳିକ, ଭକ୍ତହରି ସାହୁ, ଶମ୍ଭୁନାଥ ବେହେରା, ବିଜୟ କୁମାର ଦାସ, ଇନ୍ଦ୍ରଜିତ ପୂଜାରୀ, ଶତାବ୍ଦୀ ତନୟା ଦାସ, ଲିପିକା ପ୍ରିୟଦର୍ଶିନୀ ଦାସ, ଶ୍ରାବଣୀ ରାଉତ, ଭଜମନ ବେହେରା, ଶିବାନୀ ରାଉତ ଏବଂ ମଣ୍ଡଳ ସମ୍ପାଦକ ଶେଖ୍ ମହମ୍ମଦ ସମିମ୍ ଖେଳକୁ ପରିଚାଳନା କରିଥିଲେ।

# ରଣପୁର ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

**ଯାଜପୁର, ୧୬।୯ (ସମିସ):** ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ପଞ୍ଚାୟତର ୧୧ଜଣ ସଦସ୍ୟ/ସଦସ୍ୟା ମଙ୍ଗଳବାର ଉପଜିଲ୍ଲାପାଳଙ୍କ ନିକଟରେ ସରପଞ୍ଚଙ୍କ ବିରୁଦ୍ଧରେ ଲିଖିତ ଅନାସ୍ଥା ଆଣିଛନ୍ତି। ସୂଚନା ମୁତାବକ ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ଜେନା ଦୀର୍ଘ ସାଢେ ତିନି ବର୍ଷ ହେବ ପଞ୍ଚାୟତର କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁନାହାଁନ୍ତି କି ପଞ୍ଚାୟତର ୱାର୍ଡ ସଭ୍ୟଙ୍କ କଥା ଶୁଣୁନାହାଁନ୍ତି। ଏପରିକି ପଞ୍ଚାୟତରେ ଭଲ ରାସ୍ତାଟିଏ ମଧ୍ୟ ନାହିଁ। ନା ସେ ନୂଆ ରାସ୍ତା ନିର୍ମାଣ କରୁଛନ୍ତି ନା ରାସ୍ତା ମରାମତି କରୁଛନ୍ତି। କେବଳ ନିଜ ମନ ମୁତାବକ କାମ କରୁଛନ୍ତି। ସାଧା କାଗଜରେ ୱାଡର୍ ସଭ୍ୟଙ୍କ ଠାରୁ ଦସ୍ତଖତ କରି ନେଇ ଯାଉଛନ୍ତି। ପଞ୍ଚାୟତର ଉନ୍ନତି ନାମରେ ଅର୍ଥ ହଡ଼ପ କରୁଥିବା ଅଭିଯୋଗ କରିଛନ୍ତି ରଣପୁର ପଞ୍ଚାୟତବାସୀ। ଏପରିକି ଲେବର କାର୍ଡ, ଶୌଚାଳୟ, ଭତ୍ତା ମଧ୍ୟ କରି ଦେଉନାହାଁନ୍ତି। ପଞ୍ଚାୟତର କୌଣସି ବୈଠକରେ ଯୋଗ ଦେଉନାହାଁନ୍ତି କି କୌଣସି ଉନ୍ନୟନମୂଳକ କାର୍ଯ୍ୟରେ ହସ୍ତକ୍ଷେପ କରୁନାହାଁନ୍ତି। କେବଳ ହଁ ହାଁ ମାରି ପଞ୍ଚାୟତବାସୀଙ୍କୁ ଠକୁ ଥିବାର ଅଭିଯୋଗ କରିଛନ୍ତି ରଣପୁର ପଞ୍ଚାୟତର ୱାର୍ଡ ସଭ୍ୟ/ସଭ୍ୟା। ଏଣୁ ରଣପୁର ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟ/ସଭ୍ୟା ମଙ୍ଗଳବାର ଦିନ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ଇଜିଲାସରେ ରଣପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ଜେନାଙ୍କ ବିରୁଦ୍ଧରେ ଅନାସ୍ଥା ଆଣିବା ସହ ଦସ୍ତଖତ କରିଥିଲେ।

# ପ୍ରାଧ୍ୟାପକ ସତ୍ୟବ୍ରତ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା

ବଡଚଣା, ୧୬।୯ (ସମିସ): ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ସତ୍ୟବ୍ରତ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ମଥୁରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ପଣ୍ଡା, ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର, ଅଧ୍ୟାପକ ଡ. ଦିଲ୍ଲୀପ କୁମାର ନାୟକ, ତପନ କୁମାର ଜେନା, ବିଜୟ କେତନ ସାମଲ, ସଲିଳ ରାଜନନ୍ଦନ ମହାନ୍ତି, ଭିକାରି ଚରଣ ରାଉତ, ସୀତାନାଥ ରାଉତରାୟ, ସଞ୍ଜୟ ବେହେରା, ମନୋଜ କୁମାର ସ୍ୱାଇଁ, ସରିତା ସ୍ୱାଇଁ, ମାନସୀ ମହାନ୍ତି, ଅମ୍ବିକା ପ୍ରାସାଦ ମିଶ୍ର, ଓମ୍ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ମଧୁସ୍ମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିନ୍ଦଲକୁ ଅଗ୍ନି ଓ ସୁରକ୍ଷାକ୍ଷେତ୍ରରେ ପୁରସ୍କାର



**ଦାନଗଦ, ୧୬।୯ (ସମିସ):** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ଯାଜପୁର ପ୍ଲାଣ୍ଟକୁ ଅଗ୍ନି ଓ ନିରାପତ୍ତାରେ ୨୦୨୪-୨୫ ବର୍ଷ ପାଇଁ ବୃହତ୍ ଉତ୍ପାଦନ ଶ୍ରେଣୀରେ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପ୍ରଥମ ରନର୍ସଅପ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। କୋଲକାତାର ହୋଟେଲ୍ ଆଇଟିସି ସୋନାରରେ ଅନୁଷ୍ଠିତ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀରେ ସିଆଇଆଇ ପୂର୍ବାଞ୍ଚଳ ସୁରକ୍ଷା ଉପ-କମିଟିର ସହଅଧ୍ୟକ୍ଷ ଏବଂ ସିଇଏସ୍‌ସି ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜେନେରେସନ୍) ସ୍ନେହାଶିଷ ସମାଦ୍ଦର୍, ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଥିଲେ।

ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ ଏହି ପୁରସ୍କାର ମୁଖ୍ୟ-ଅଗ୍ନିଶମ ଏବଂ ସୁରକ୍ଷା ମନୋଜ ବଳଙ୍କ ନେତୃତ୍ୱ ପାଇଁ ପ୍ରାପ୍ତ ହେଲା ବୋଲି କହିଛନ୍ତି। ଆଗାମୀ ବର୍ଷଗୁଡ଼ିକରେ ସମଗ୍ର ଇସ୍ପାତ ଶିଳ୍ପ ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିବା ଲକ୍ଷ୍ୟରେ ଜିନ୍ଦଲ ଷ୍ଟେନଲେସ୍ ଅଗ୍ନି ଏବଂ ସୁରକ୍ଷା କାର୍ଯ୍ୟଦକ୍ଷତାରେ ସ୍ତର ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ଏବଂ ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି।

# ବରୁହାଁ-ବରୀ କଳାମାଟିଆ ରାସ୍ତାକୁ ମିଳିଲା ଜାତୀୟ ରାଜପଥ ମାନ୍ୟତା

**ଯାଜପୁର, ୧୬।୯ (ସମିସ):** ଯାଜପୁର ଜିଲ୍ଲାର ବରୁଆଁ-ବରୀ କଳାମାଟିଆ ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ମିଳିଛି। ଏହି ଜାତୀୟ ରାଜପଥଟି ଉପକୂଳ କରିଡର ରାସ୍ତା ସହିତ ସଂଯୋଗ କରିବ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଯାଜପୁର ସାଂସଦ ରବୀନ୍ଦ୍ର କୁମାର ବେହେରାଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ସୂଚନାଯୋଗ୍ୟ ଏହି ବରୁଆଁ-ବରୀ କଳାମାଟିଆ ରାସ୍ତା କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ନିକଟରେ ସଂଯୋଗ କରିବା ପାଇଁ ଯାଜପୁର ସାଂସଦ ଶ୍ରୀଯୁକ୍ତ ବେହେରା କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ।

# ୨୮ ଟି ପଞ୍ଚାୟତରେ ଚାରାରୋପଣକୁ ବ୍ୟାପକ କରାଯିବ

**କୁଆଖିଆ, ୧୬।୯ (ସମିସ):** ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଜରିଆରେ ୨୮ଟି ପଞ୍ଚାୟତରେ ଚାରାରୋପଣ କରାଯିବା ପାଇଁ ପ୍ରସ୍ତୁତି ବୈଠକ ବିଡିଓ ସତ୍ୟାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ମିଶନଶକ୍ତି ଓ ଜୀବିକା ମିଶନର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଅନ୍ୟୁନ୍ୟ ୫୦୦ରୁ ଅଧିକ ଅର୍ଥାତ ସମଗ୍ର ବ୍ଲକ ଅଞ୍ଚଳରେ ୧୪ହଜାରରୁ ଅଧିକ ଚାରାରୋପଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ବର୍ଗର ଲୋକମାନଙ୍କୁ ସାମିଲ କରିବା ସହ ଚାରାରୋପଣ କରିବାର ଉପକାରିତା ଉପରେ ସମସ୍ତଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଚାରାରୋପଣ କରାଯିବା ପାଇଁ ଧର୍ମପୀଠ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ପତିତ, ଜଙ୍ଗଲ, ବଗାୟତ ଆଦି କିସମର ଜମି ଉପରେ ଚାରାରୋପଣ କରାଯିବା ପାଇଁ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଚାରାରୋପଣ ଓ ତାର ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା କରାଯିବ। ଉକ୍ତ ଦିବସରେ ମେରି ଲାଇଫ ଆପ୍‌ରେ ଫଟୋ ଅପଲୋଡ କରାଯିବ। ଏପରିକି ଚାରାରୋପଣର ସ୍ଥିତି ଯାଞ୍ଚ କରିବା ପାଇଁ ପ୍ରତ୍ୟେକ ୩ ମାସ ବ୍ୟବଧାନରେ ଆପ୍ ଜରିଆରେ ଫଟୋ ପଠାଯିବ ବୋଲି କୁହାଯାଇଛି। ଏହଛଡ଼ା ଚାରାରୋପଣ ଦିବସରୁ ୩, ଅକ୍ଟୋବର ପର୍ଯ୍ୟନ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରହିବ। ଏହି ଅବସରରେ ପଞ୍ଚାୟତରେ ସାମୂହିକ ବ୍ୟବହାର ସ୍ଥଳ ହାଟ, ବଜାର, ଛକ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ସରକାରୀ କାର୍ଯ୍ୟାଳୟ ଆଦି ସ୍ଥାନକୁ ସଫାସୁତୁରା କରିବା ସହ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଦିଗରେ ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇ ଗାନ୍ଧି ଜୟନ୍ତୀରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ଦିଗରେ ପଦକ୍ଷେପ ନିଆଯିବ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ମହାନ୍ତି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୌରଭ ପଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ବ୍ଲକ ସଂଯୋଜିକା ଅପର୍ଣ୍ଣା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ଜିଲ୍ଲା ଦିଶା କମିଟିର ଷଷ୍ଠ ବୈଠକ
# ଉନ୍ନୟନ ମୂଳକ ପ୍ରକଳ୍ପ ଶୀଘ୍ର ସାରିବାକୁ ନିଷ୍ପତ୍ତି




ବ୍ୟାସନଗର, ୧୬।୯ (ସମିସ)

ଆଜି ଯାଜପୁର ଜିଲ୍ଲାସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ବୈଠକ ବ୍ୟାସନଗର ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦିଶା କମିଟିର ଅଧ୍ୟକ୍ଷ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରଜିଲ୍ଲାପାଳ ତଥା ମେମ୍ବର ସେକ୍ରେଟାରୀ ଅମ୍ବର୍ କୁମାର କର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ଶିକ୍ଷା, ଆବାସ, ସ୍ୱଚ୍ଛତା ଆଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବୈଠକରେ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ଜଳଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତି ଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଦିନ ଦୟାଲ ଅନ୍ତ୍ୟୋଦୟ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ହେଲ୍‌ଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ନେସନାଲ ହେଲଥ ଅଭିଯାନ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ବେଟି ବଚାଓ ବେଟି ପଢ଼ାଓ ଯୋଜନା, ନେସନାଲ ଲାଇଭଷ୍ଟକ୍ ମିଶନ, ସମଗ୍ର ଶିକ୍ଷା, ପ୍ରିମେଟ୍ରିକ୍ ସ୍କଲାରସିପ, ପୋଷ୍ଟ ମେଟ୍ରିକ୍ ସ୍କୋଲାରସିପ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା ପୂର୍ବକ ସମୀକ୍ଷା କରାଯାଇଥିଲା। ଏଥିରେ ବିଧାୟକ ଅମର କୁମାର ନାୟକ, ହିମାଂଶୁ ଶେଖର ସାହୁ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଜିଲ୍ଲାର ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ଅନ୍ୟାନ୍ୟ ଜନପ୍ରତିନିଧି ତଥା ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ମା' ମଙ୍ଗଳା ନାଟ୍ୟ ସଂସଦର ବୈଠକ

**ବଡ଼ଚଣା, ୧୬।୯ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମା' ମଙ୍ଗଳା ନାଟ୍ୟ ସଂସଦର ଏକ ବୈଠକ ସଭାପତି ପ୍ରକାଶ ରାଉତଙ୍କ ସଭାପତିତ୍ୱରେ ଚଣ୍ଡିଖୋଲଠାରେ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ସୁଙ୍ଗୁଡ଼ା, ନିଶିମା, ନୂଆ ସୁଙ୍ଗୁଡ଼ା, ଖୋଷାଲପୁର ଗ୍ରାମର ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ପାଶ୍ଚାତ୍ୟ ଶିକ୍ଷା, ସଂସ୍କୃତି ପ୍ରଭାବ ଓ ଆଧୁନିକ ତାର ଚାକଚକ୍ୟରେ ହଜି ଯାଉଥିବା ଆମ ଗ୍ରାମ୍ୟ ନାଟ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ସହିତ ଗ୍ରାମାଞ୍ଚଳରେ ଥିବା କଳାକାରମାନଙ୍କ ପ୍ରତିଭାକୁ ବିକଶିତ କରିବା ଏହି ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ। ଏଥିସହିତ ଜିଲ୍ଲାରେ ଥିବା ପ୍ରତିଷ୍ଠିତ ଡ୍ରାମା କ୍ଲବ ଗୁଡ଼ିକୁ ନେଇ ଏକ ନାଟ୍ୟ ପ୍ରତିଯୋଗିତା ଆୟୋଜନ କରାଇବାକୁ ଆଜିର ବୈଠକରେ ନିଷ୍ପତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସ୍ମୃତିରଞ୍ଜନ ମାହାଲା, ସମ୍ପାଦକ ଦେବଦତ୍ତ ଜେନା, ସହ ସମ୍ପାଦକ ପବିତ୍ର ମୋହନ ଜେନା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବଳ ସମେତ ସୁଜିତ କୁମାର ଜେନା, ଦିଲ୍ଲୀପ ବଳ, ରମେଶ ଚନ୍ଦ୍ର ଜେନା, ନବଜ୍ୟୋତି ଜେନା, ବିଶ୍ୱଜିତ ଜେନା, ମହେନ୍ଦ୍ର ସେନାପତି, ସମ୍ବିତ ମାହାଲା, ତୁଷାର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଜନଗର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ



କେନ୍ଦ୍ରାପଡ଼ା,୧୬।୯(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ରାଜନଗର ନିର୍ବାଚନମଣ୍ଡଳୀର ଦ୍ୱିତୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଡିଏଫଓ ଭରଦରାଜ ଗାଉଁକର, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ, ରାଜନଗର ଓ ପଟ୍ଟାମୁଣ୍ଡାଇ ବିଡିଓ, ତହସିଲଦାର, ବ୍ଲକ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଚେୟାରମ୍ୟାନ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ, ପାନୀୟଜଳ, ପରିମଳ, ବିଦ୍ୟୁତ, ସାମାଜିକ ସୁରକ୍ଷା, ଜଳସେଚନ, ରାସ୍ତା ଓ କୋଠାବାଡି ବିଭାଗ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପଟ୍ଟାମୁଣ୍ଡାଇ ପୌର ପରିଷଦର ବିଭିନ୍ନ ସମସ୍ୟା, ଯୋଗାଣ ବିଭାଗ ସମେତ ଅନ୍ୟ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ। ବିଭାଗୀୟ ଅଧିକାରୀ ବିଭାଗର ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ବିଧାୟକଙ୍କୁ ଅବଗତ କରାଇଥିଲେ। ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସମସ୍ୟାର ସମାଧାନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଅରୁଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳ ଥାନା ପକ୍ଷରୁ ଗାଡ଼ି ଯାଞ୍ଚ

ପଟ୍ଟାମୁଣ୍ଡାଇ,୧୬।୯(ସମିସ): ଆଗାମୀ ଶାରଦୀୟ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଅଭିଯାନ ଆରମ୍ଭ କରିଛି। ପୂଜା ସମୟରେ ନିଶା କାରବାର ରୋକିବାକୁ କଡ଼ା ପଦକ୍ଷେପ ନେଇଛି। ଅସାମାଜିକ ତତ୍ୱ ଉପରେ କଡ଼ା ନଜର ରଖିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୱାରେଣ୍ଟଙ୍କୁ ଧରିବା ପାଇଁ ଅଭିଯାନ ଜାରି ରଖିଛି। ଆଜି ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ବିଭିନ୍ନ ଗାଡ଼ିର କାଗଜପତ୍ର ଓ ହେଲମେଟ ଯାଞ୍ଚ କରାଯାଇ ପ୍ରାୟ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

**ଚାଷୀଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ**

# ଧୋୟାଞ୍ଚଳର ଉର୍ବର ପାଳଜମି ଏବେ ବେଣା ଜଙ୍ଗଲ

ପଟ୍ଟାମୁଣ୍ଡାଇ,୧୬।୯(ସମିସ)

ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ଧୋୟାଞ୍ଚଳର ଯୁବକ ଚାଷରୁ ମୁହଁ ଫେରାଇ ରାଜ୍ୟ ଓ ଦେଶ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଫଳରେ ଧୋୟାଞ୍ଚଳର ଉର୍ବର ପାଳ ଜମି ବେଣା ଜଙ୍ଗଲରେ ପରିଣତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଟା, ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା,

**ଦାଦନ ଖଟିବାକୁ ଯାଉଛନ୍ତି ଧୋୟାଞ୍ଚଳ ଯୁବକ**

ତନୁପୁର, ନନ୍ଦିନନଗର, ନୂଆଗାଁ, କାକୁଡ଼ିପଲ୍ଲୀ, ଅଳଭା ଆଦି ଅଞ୍ଚଳରେ ହଜାର ହଜାର ଏକର ଉର୍ବର ପାଳଜମି ଏବେ ବେଣା ଜଙ୍ଗରେ ପରିଣତ ହୋଇଛି।

ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ପାଳ ଜମିରେ ଦିନେ ବିଭିନ୍ନ କିସମର ପନିପରିବା ହେଉଥିଲା। ବାଛରା ନାସୀ ଶାଖା ନାଳ ଦେଇ ବ୍ରାହ୍ମଣୀ ନଦୀ ଜଳ ପ୍ରବାହିତ ହେଉଥିଲା। ଏହି ନାଳରୁ ଚାଷୀ ବିଭିନ୍ନ ଉପାୟରେ ବିଲକୁ ପାଣି ମଡ଼ାଇ ଚାଷ କରୁଥିଲେ। ପରେ ଜଳସେଚନ ବ୍ୟବସ୍ଥା ସୁଗମ କରିବାକୁ ଉଠା ସେଚ ପଏଣ୍ଟ ସ୍ଥାପନ କରାଗଲା। ଉଠା ଜଳସେଚନ ବିଭାଗ



ଅଧୀନରେ ସ୍ଥାପନ କରାଯାଇଥିବା ସେଚ ପଏଣ୍ଟ ସମୟ କ୍ରମେ ଅଚଳ ହୋଇଯିବା ପରେ ବିଭାଗ ପକ୍ଷରୁ ମରାମତି କରାଗଲାନାହିଁ। ଫଳରେ ଜମିକୁ ପାଣି ମଡ଼ାଇବା ସହଜ ହେଲାନାହିଁ। ଅନ୍ୟପକ୍ଷରେ କୃଷି ବିଭାଗର ଅସହଯୋଗ ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ ବଜାରରୁ ଚଢ଼ା ଦାମରେ ବିହନ, ମଞ୍ଜି, କୀଟନାଶକ ଓ ସାର ପ୍ରଭୃତି କିଣି ଚାଷରୁ ଲାଭବାନ ହେବା ପରିବର୍ତ୍ତେ ଋଣ କରି ଗାଁ ସାହୁକାରଙ୍କ ଶୋଷଣର ଶିକାର ହେଲେ।

ସେହିପରି ବାଛରା ନାସୀର ବ୍ରାହ୍ମଣୀ ସଂଯୋଗ ସ୍ଥଳ ପୋତି ହୋଇପଡ଼ିବା ଫଳରେ ପୂର୍ବଭଳି ଏହା ମଧ୍ୟକୁ ନଦୀ ଜଳ ଠିକ୍ ଭାବେ ପ୍ରବେଶ କରିବା ସମ୍ଭବ ହେଲାନାହିଁ। କ୍ରମେ ଏହି ନାଳ ଗଛଲତା ଓ ଦଳର ଭର୍ତ୍ତି ହୋଇ ପୋତି ହୋଇପଡ଼ିଲା। ଫଳରେ ପାଣି ଅଭାବରୁ ପନିପରିବା କରିବା ଚାଷୀଙ୍କ ପକ୍ଷେ ସମ୍ଭବପର ହେଲାନି। ଦୀର୍ଘଦିନ ଧରି ଏହା ପଡ଼ିଆ ପଡ଼ିବା ପରେ ଏବେ ବେଣା ଜଙ୍ଗଲରେ ପରିଣତ ହୋଇଛି। ପୂର୍ବରୁ ପାଳ ଜମିରେ ବହୁଳ ଭାବେ ପନିପରିବା ଚାଷ କରାଯାଉଥିବାବେଳେ ଅର୍ଥକରୀ ଫସଲ ଚିନାବାଦାମ, ମୁଗ, ବିରି, କୋଳଥ, ମାଣ୍ଡିଆ, ସୋରିଷ, ଧଣିଆ, ଫେସି, ଯଅ, ଧାନ ଆଦି ଚାଷ କରାଯାଉଥିଲା। ଧୋୟାଞ୍ଚଳର ଚାଷୀ ଉତ୍ପାଦିତ ପନିପରିବା ଓ ଶସ୍ୟଜାତ ପଦାର୍ଥ ପଟ୍ଟାମୁଣ୍ଡାଇ ବଜାର, ସାପ୍ତାହିକ ହାଟ ସମେତ କେନ୍ଦ୍ରାପଡ଼ା, ମହାକାଳପଡ଼ା, ରାଜନଗର, ଆଳି, ରାଜକନିକା ଆଦି ଅଞ୍ଚଳର ବିଭିନ୍ନ ହାଟରେ ବିକ୍ରି କରି ଲାଭବାନ ହେଉଥିଲେ। ତେବେ କ୍ରମାଗତ ବନ୍ୟା, ବାତ୍ୟା ଫସଲ ହାନିର କାରଣ ହେବା ସହିତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବା, କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ତାଲିମ ପ୍ରଦାନ ସହିତ ସବସିଡରେ ବିହନ ଓ ସାର କୀଟନାଶକ ଯୋଗାଇ ଦିଆ ନ ଯିବା କାରଣରୁ ଚାଷୀ ଚାଷରୁ ଦୂରେଇ ଯାଇଛନ୍ତି।

୧୫ ବର୍ଷ ପୂର୍ବେ ବାଛରା ନାଳର ପୁନରୁଦ୍ଧାର ପାଇଁ ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲା। ଠିକାଦାର ଖନନ କାର୍ଯ୍ୟ ଆରମ୍ଭ କରି ମଝିରୁ ଛୁ ମାରିଥିଲେ। ଫଳରେ ଖନନ କାର୍ଯ୍ୟ ହୋଇ ନ ପାରିବାରୁ ବ୍ରାହ୍ମଣୀରୁ ଜଳ ପ୍ରବାହ ସ୍ୱାଭାବିକ ହୋଇପାରିଲାନାହିଁ। ଫଳରେ ବିବିଧ ସମସ୍ୟାକୁ ନେଇ ଧୋୟାଞ୍ଚଳ ଚାଷୀ ଚାଷ ପ୍ରତି ବିମୁଖ ହେବାରୁ ଯୁବପିଢ଼ି ଚାଷ ପ୍ରତି ମନ ବଳାଇଲେ ନାହିଁ। ଚାଷୀ ପରିବାରର ଯୁବକ ଅନ୍ୟ ରାଜ୍ୟ ଓ ଦେଶ ବାହାରକୁ ଦାଦନ ଖଟିବାକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ଧୋୟାଞ୍ଚଳର ଉର୍ବର ପାଳ ଜମିରେ ଚାଷୀଙ୍କୁ ପୁନର୍ବାର କୃଷି କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବା ସହ ବେଣା ଜଙ୍ଗଲ ଟ୍ରାକ୍ଟର ଯୋଗେ ସଫା କରିବା ପାଇଁ ଅନୁଦାନ ଯୋଗାଇଦେଲେ, ପୂର୍ବବତ୍ ବିଭିନ୍ନ ପନିପରିବା ଓ ଅର୍ଥକରି ଫସଲ ହେବା ସହ କୃଷି ଉପରେ ନିର୍ଭର କରୁଥିବା କୃଷକ ପରିବାର ମୁହଁରେ ହସ ଫୁଟିପାରନ୍ତା ବୋଲି ପଟ୍ଟାମୁଣ୍ଡାଇ ଅଞ୍ଚଳର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଉତ୍ତର-ପୂର୍ବ ସମ୍ଭାଗ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀ ଉଦ୍‌ଯାପିତ



ପଟ୍ଟାମୁଣ୍ଡାଇ,୧୬।୯(ସମିସ): ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚାଲିଥିବା ଉତ୍ତର-ପୂର୍ବ ସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସମ୍ଭାଗ ସଭାପତି ଶିବନାରାୟଣ ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ଓ କ୍ରିୟାନୟୋନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭାତ ନାୟକ ସ୍ୱାଗତ ଭାଷଣ ଓ ସଂଯୋଜକ ତୁଷାର ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିଲେଖାଗାର ପ୍ରମୁଖ ପ୍ରସନ୍ନ ବିଶ୍ୱାଳ ପ୍ରଧାନ ଆଚାର୍ଯ୍ୟମାନେ କୌଣସି ଦିଗରେ କମ୍ ନୁହନ୍ତି। ଉତ୍ତମ ଛାତ୍ର ଗଠନରେ ପ୍ରଧାନଆଚାର୍ଯ୍ୟଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଭାରତୀ କୃଷ୍ଣ ଗଣିତ ପ୍ରତିଭା, ପ୍ରାଦେଶିକ ମେଧା ପରୀକ୍ଷାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଶ୍ରୀଧର ରାଉତ ବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଶିକ୍ଷା ବିକାଶ ସମିତି ଅଧିକାରୀ, ବିଦ୍ୟାମନ୍ଦିର ଗୁରୁଜୀ, ଗୁରୁମା, ଅଭିଭାବକ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଶିକ୍ଷାବିତ ପ୍ରମୋଦ ନାୟକ, ସହସମ୍ପାଦକ ଦେବାଶିଷ ପଣ୍ଡା ଓ କୋଷାଧ୍ୟକ୍ଷ ଡା. ରବୀନ୍ଦ୍ର ଦାଶଙ୍କ ନେତୃତ୍ୱରେ ବିଦ୍ୟାମନ୍ଦିର ଗୁରୁଜୀ ଓ ଗୁରୁମା ସମ୍ମିଳନୀ ପରିଚାଳନା କରିଥିଲେ।

## ମାର୍ଶାଘାଇ କଲେଜରେ ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ

ମାର୍ଶାଘାଇ,୧୬।୯(ସମିସ): ମାର୍ଶାଘାଇ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଜାତୀୟ ସେବା ଯୋଜନାର +୨ ବାଳିକା ବିଭାଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଶଶୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ବିଶ୍ୱମୋହନ ଜେନା ପ୍ରଶିକ୍ଷକ ଭାବେ ଯୋଗଦେଇ ସେବା ଯୋଜନାର ବିଭିନ୍ନ ନିୟମ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପଦ୍ମଜା କବି ଶତପଥୀ ଯୋଗଦେଇ ଜାତୀୟ ସେବା ଯୋଜନାର ଉପକାରିତା ଉପରେ ପ୍ରେରଣା ଦେଇଥିଲେ। ମାର୍ଶାଘାଇ କଲେଜ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଡକ୍ଟର ଲୁସିସ୍ମିତା ଜେନା, ପ୍ରଭାସିନୀ ସ୍ୱାଇଁ, ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ଡକ୍ଟର ପ୍ରଭାତ ରଞ୍ଜନ ଲେଙ୍କା ଓ କାର୍ଯ୍ୟକ୍ରମ ଉପଦେଷ୍ଟା ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ବ୍ଲକ୍ ଯାତ୍ରା କମିଟି ବୈଠକ



ପଟ୍ଟାମୁଣ୍ଡାଇ,୧୬।୯(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଯାତ୍ରା କମିଟି ବୈଠକ ସାବିତ୍ରୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପତିତପାବନ ଭଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବ୍ଲକର ୩୩ଟି ଯାତ୍ରା କମିଟି ଯୋଗ ଦେଇଥିଲେ। ସମ୍ପ୍ରତି କମିଟି ମଧ୍ୟରେ ସମନ୍ୱୟ ଅଭାବ, ଯାତ୍ରା ଟିକେଟର ମାତ୍ରାଧିକ ମୂଲ୍ୟ ବୃଦ୍ଧି ଯୋଗୁଁ ଦର୍ଶକଙ୍କ ସଂଖ୍ୟା କମି ଯାଉଥିବାରୁ ଅଧିକାଂଶ ଯାତ୍ରା କମିଟି କ୍ଷତିଗ୍ରସ୍ତ ହେଉଛନ୍ତି। ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜିଲ୍ଲାରେ କଳା ସଂସ୍କୃତି ଲୋପ ପାଇବ ବୋଲି ବୈଠକରେ ଆଶଙ୍କା ପ୍ରକାଶ କରାଯିବା ସହିତ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ପ୍ରତ୍ୟେକ ବ୍ଲକ୍‌ରେ ୫ ଜଣିଆ ଯାତ୍ରା କମିଟି ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଜି ବ୍ଲକ ଯାତ୍ରା କମିଟି ସମ୍ପାଦକ ବୀରେନ୍ଦ୍ର ପଣ୍ଡାଙ୍କ ବିୟୋଗରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଯାତ୍ରା କମିଟି କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ପତିତପାବନ ଭଦ୍ର, କାର୍ଯ୍ୟକାରୀ ସଭାପତି ପ୍ରବୀର ନାୟକ, ସାଧାରଣ ସମ୍ପାଦକ ମିଟୁ ମନୋଜ ନାୟକ, ସହସମ୍ପାଦକ ତୀର୍ଥ ପରିଡା, କୋଷାଧ୍ୟକ୍ଷ ଭାବେ ସଞ୍ଜୟ ସାଇଁଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲା ସଭାପତି ମିହିର ସାମଲ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା, ସହସମ୍ପାଦକ ନିରାକାର ଆଚାର୍ଯ୍ୟ, ରାଜେଶ ଦେ, ମନୋଜ ତରାଇ, କିଶୋର ପଣ୍ଡା, ସୁଶାନ୍ତ ଦାସ ପ୍ରମୁଖ ଭାଗ ନେଇଥିଲେ।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ଡେରାବିଶ,୧୬।୯(ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାବା ସନାତନ ବିଦ୍ୟାପୀଠରେ ଆଜି ଡେରାବିଶ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଲା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ସମ୍ମାନିତ ଅତିଥି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସଚିକାନ୍ତ ମିଶ୍ର ଓ ବାବା ସନାତନ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରବୀନ୍ଦ୍ର ରଥ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଭାକୁ ସିଆରସିସି ପ୍ରଶାନ୍ତ ଶତପଥୀ ସଂଯୋଜନା କରିଥିବାବେଳେ ସିଆରସିସି ବେଣୁଧର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ପୂର୍ବତନ ମଣ୍ଡଳ ସମ୍ପାଦକ ଗିରିଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ମଣ୍ଡଳ ସମ୍ପାଦକ ମଧୁସୂଦନ ଦାସ, ପୂର୍ବ ଉପମଣ୍ଡଳ ସମ୍ପାଦକ ରିତାରାଣୀ ମଳିକ, ପଶ୍ଚିମ ଉପମଣ୍ଡଳ ସମ୍ପାଦକ ସୁବ୍ରତ ଦାସ, ଉତ୍ତର ଉପମଣ୍ଡଳ ସମ୍ପାଦକ ନାରାୟଣ କାଣ୍ଡି ଓ ଦକ୍ଷିଣ ଉପମଣ୍ଡଳ ସମ୍ପାଦକ ପ୍ରତିଜ୍ଞା ପରିଜା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୨୬ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ୨୭୬ ଜଣ ଛାତ୍ରଛାତ୍ରୀ ଖୋ-ଖୋ, କବାଡ଼ି, ଭଲିବଲ, ବ୍ୟାଡ଼ମିଣ୍ଟନ, ଚେସ୍, ଫୁଟବଲ୍ ଓ ଯୋଗ ବିଭାଗରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ କ୍ରୀଡ଼ା ନିମନ୍ତେ ମନୋନୀତ କରାଯାଇଥିଲା।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ପ୍ରସ୍ତୁତି ବୈଠକ

ରାଜନଗର, ୧୬।୯(ସମିସ): ଆସନ୍ତାକାଲିଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବାକୁ ପ୍ରସ୍ତୁତି ବୈଠକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡଃ ଆଦିତ୍ୟ ପ୍ରଧାନ, ଡଃ ରୁଦ୍ରପ୍ରସାଦ ରାୟ, ଡଃ ଲଳିତ ମୋହନ ରଥ, ଡଃ ଜ୍ଞାନରଞ୍ଜନ ସାହୁ, ଡଃ ସତ୍ୟଜିତ ନାୟକ, ଡଃ ଉପାସନା ବିଶ୍ୱାଳ, ଡଃ ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନରେ ଶିଶୁକନ୍ୟାଠାରୁ ଆରମ୍ଭ କରି ପ୍ରସୂତି ମହିଳା ପର୍ଯ୍ୟନ୍ତ ଚିକିତ୍ସା କରାଯିବା ନେଇ ଆଲୋଚନା କରାଯାଇଥିଲା।

## ମଇଁଷି ଚଢ଼ିଯିବାରୁ ଯୁବକ ମୃତ

ରାଜନଗର,୧୬।୯(ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ବଳରାମପୁର ଗ୍ରାମର ପ୍ରଫୁଲ୍ଲ ପଲାଇଙ୍କ ପୁଅ ନିରଞ୍ଜନ ପଲାଇ (୩୭)ଙ୍କ ମୃତ୍ୟୁ ହୋଇଯାଇଛି। ନିରଞ୍ଜନ ତଳପଡ଼ା ଗ୍ରାମ ନିକଟରେ ମଇଁଷି ଚରାଉ ଥିଲେ। ରବିବାର ସନ୍ଧ୍ୟାରେ ମଇଁଷି ଦୁହିଁବା ସମୟରେ ମଇଁଷି ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା କୁହାଯାଉଛି। ନିରଞ୍ଜନଙ୍କ ଦୁଇଝିଅ ଓ ଗୋଟିଏ ପୁଅ ଥିବାବେଳେ ରୋଗୀଣା ସ୍ତ୍ରୀ ଥିବା ଜଣାପଡିଛି। ତେବେ ଶବ ବ୍ୟବଚ୍ଛେଦ ହୋଇ ନ ଥିବାରୁ ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଶ୍ରୀଜଗନ୍ନାଥ କଲେଜରେ ବିଶ୍ୱ ଓଜୋନ ଦିବସ

ରାଜନଗର,୧୬।୯(ସମିସ): ଶ୍ରୀଜଗନ୍ନାଥ କଲେଜରେ ବିଶ୍ୱ ଓଜୋନ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଅନୁସୟା ବେହେରା, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପୁଷ୍ପରଞ୍ଜନ ରାଉତ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଯୋଗଦେଇ ଓଜୋନର ରାସାୟନିକ ଗଠନ ଓ ପ୍ରତିକ୍ରିୟା, ମନଟ୍ରିଲ ଚୁକ୍ତି, ଓଜୋନ ସ୍ତରର ବିଲୁପ୍ତ, ପୋଲାର ଷ୍ଟ୍ରେଟୋସ୍ପେରିକ କ୍ଲାଉଡ୍ ଉପରେ ଆଲୋଚନା କରିଥିଲେ। +୨ ଛାତ୍ରୀ ଜ୍ୟୋତିର୍ମୟୀ ଲେଙ୍କା, +୩ ପ୍ରାଣୀ ବିଜ୍ଞାନ ଛାତ୍ର ସତ୍ୟବ୍ରତ ପରିଡା ଓ ସୁବ୍ରତ ପରିଡ଼ା, +୩ ଉଦ୍ଭିଦ ବିଜ୍ଞାନର ଜଗମୋହନ ସୂତାର ଓ ପିନୁଶ୍ରୀ ଦାସ ଏହାର ବିଭିନ୍ନ ଦିଗ ଉପରେ ବର୍ଣ୍ଣନା କରିଥିଲେ।

## ପ୍ରେସ୍ କର୍ମଚାରୀଙ୍କ ପରଲୋକ

ପଞ୍ଚୁପାଣ୍ଡବ,୧୬।୯(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ଖଗେଶ୍ୱର ସାହୁ (୪୫)ଙ୍କ ପରଲୋକ ହୋଇଯାଇଛି। ଜଣ୍ଡିସ ରୋଗରେ ପୀଡ଼ିତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ କଟକ ବିଡ଼ାନାସିରେ ଜଗନ୍ନାଥ ପ୍ରେସ୍‌ରେ କାମ କରୁଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



## ଦୋକାନରୁ ଚୋରି କରି ଜଣେ ଗିରଫ

ରାଜକନିକା,୧୬।୯(ସମିସ): ରାଜକନିକା ଥାନା ଓଳାଭର ବଜାରର ପ୍ରଦୀପ ସାହୁଙ୍କ ଦୋକାନରୁ



ନଗଦ ୧୫ ହଜାର ଟଙ୍କା ସହ ଅନ୍ୟ ସାମଗ୍ରୀ ଚୋରି କରିଥିବା ଚୋରକୁ ରାଜକନିକା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିବା ସହ ଟଙ୍କା ଓ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ସପଲାଙ୍ଗ (ଅଦାସାହି) ଗାଁର ସ୍ୱରୂପ ନାଥ ଓରଫ କାଳିଆକୁ ଗିରଫ କରାଯାଇଥିଲା।

**■ ଶିକ୍ଷୟିତ୍ରୀଙ୍କ ବେକରୁ ଚେନ୍ ଛିଣ୍ଡାଇ ନେବା ଉଦ୍ୟମ ଘଟଣା**

## ପରିଚାଳନା କମିଟି ଥାନାର ଦ୍ୱାରସ୍ଥ

ପଞ୍ଚୁପାଣ୍ଡବ,୧୬।୯(ସମିସ):ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବେକରୁ ଲୁଟେରା ଚେନ୍ ଛିଣ୍ଡାଇବା ଉଦ୍ୟମ କରି ବିଫଳ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ଘଟଣାକୁ ନେଇ ପରିଚାଳନା କମିଟି ପକ୍ଷରୁ ନିନ୍ଦା କରାଯିବା ସହ ଆଜି ଶିକ୍ଷକଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ସନ୍ତୋଷ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସମିତି ସଭ୍ୟ ବାସୁଦେବ ଦାସ ଓ ଅନ୍ୟ ସଦସ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ନିରାପଦ ପାଇଁ ଡେରାବିଶ ଥାନାରେ ଅଭିଯୋଗ କରିଥିବା ପୂର୍ବତନ ସମିତି ସଭ୍ୟ କହିଛନ୍ତି। ଆଜି ବୈଠକରେ ସମ୍ପାଦକ ବନପ୍ରଭା ବାରିକ, କାଳନ୍ଦୀ କାଣ୍ଡି, ରଞ୍ଜନ ବାରିକ, ଉମାକାନ୍ତ ଦାସ, ଅନୀଲ ବାରିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଜଗୁଆଳି ନିଯୁକ୍ତ କରାଯିବା ସହ ସିସିଟିଭି ଲଗାଇବାକୁ ଦାବି କରିଥିଲେ।

# କାନ୍ଥରେ ଫଳକ ଲେଖି ପ୍ରକଳ୍ପ ଅର୍ଥ ଲୁଟ୍ ଅଭିଯୋଗ

**କନିକା ସଦରର ଏକ ଘର କାନ୍ଥରେ ଲେଖାଯାଇଛି ୫ ପଞ୍ଚାୟତର ୭ ପ୍ରକଳ୍ପ**

କେନ୍ଦ୍ରାପଡ଼ା,୧୬।୯(ସମିସ)

ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ବ୍ଲକ ଜେଇଙ୍କ ନାମରେ ଥିବା ବିଭିନ୍ନ ପ୍ରକଳ୍ପର ଆଦୌ କାମ କରା ନ ଯାଇ କେବଳ ଫଳକ ଲେଖି ଲକ୍ଷ ଲକ୍ଷ ଟଙ୍କା ଲୁଟ ହୋଇଥିବା ଦୃଷ୍ଟିକୁ ଆସିଛି। ରାଜକନିକା ଥାନା ସମ୍ମୁଖ ଏକ ଘରର ଲାଟିନ, ଗାଧୁଆ ଘର, ବାରଣ୍ଡା, ବାଉଣ୍ଡାରୀ ୱାଲରେ ପ୍ରକଳ୍ପ ନାଁ ଲେଖି ପାରିନୂଆପଡ଼ା ହାବଳଗଣ୍ଡ, ହାଟସାହି, ଜାଗୁଲାଇପଡ଼ା ପଞ୍ଚାୟତର ବହୁ ପ୍ରକଳ୍ପ ଅର୍ଥ ଲୁଟ୍ କରାଯାଇଛି। କନିକା ସଦରର ଏହି ବାସଗୃହ ଜାଗୁଲାଇପଡ଼ା ପଞ୍ଚାୟତ ଅଧୀନରେ ଥିବାବେଳେ ଏହି ଘରର କାନ୍ଥରେ ଅନ୍ୟ ପଞ୍ଚାୟତର ଫଳକ ଲେଖାଯାଇଛି। ବିଡିଓ ନିଜେ ଯାଇ ଏ ସ୍ଥାନ ଦେଖିବାକୁ ଅନୁରୋଧ କରାଯାଇଛି।

ଦେଉଳତରା, ବଳରାମପୁର, ଜାଗୁଲାଇପଡ଼ା, ପାରିନୂଆପଡ଼ା ହାବଳଗଣ୍ଡ, ହାଟସାହି ଆଦି ପଞ୍ଚାୟତର ୭ଟି ପ୍ରକଳ୍ପ ଫଳକ ଗୋଟିଏ ପରିବାରର ଘର କାନ୍ଥ, ଲାଟିନ, ଗାଧୁଆଘର, ବାରଣ୍ଡା, ପାଚେରୀରେ ଲେଖାଯାଇଛି। ଏହି କାନ୍ଥରେ ଲେଖାଯାଇଥିବା ପ୍ରକଳ୍ପ ଫଳକରେ ରାଜକନିକା ପଞ୍ଚାୟତ ସମିତିର ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତର ଗ୍ରାମ ରାସ୍ତା ନିର୍ମାଣ ପାଇଁ ପଞ୍ଚମ ଅର୍ଥ କମିଶନ ଦ୍ୱାରା ୩ ଲକ୍ଷ ଟଙ୍କା ୨୦୨୩-୨୪ ଆର୍ଥିକ ବର୍ଷ, ସେହି ଫଳକକୁ ଲାଗି ଆଉଏକ ଫଳକରେ ଜାଗୁଲାଇପଡ଼ା ପଞ୍ଚାୟତର ନଳକୂପ ରିଚାର୍ଜ ନାମରେ ସ୍ୱଚ୍ଛ ଭାରତ ମିଶନ ଅନୁଦାନରେ ବୁଢ଼ୀ ଜାଗୁଲାଇ ଠାକୁରାଣୀଠାରୁ ଡଙ୍କାରୀ ବଜ୍ରପୋଖରୀ ପର୍ଯ୍ୟନ୍ତ ରାସ୍ତା ପାଇଁ ୩ ଲକ୍ଷ, ହାଟସାହି ପଞ୍ଚାୟତର ସୁବାସ ଲେଙ୍କା ଘରଠାରୁ ଗାଲେଖ ଲେଙ୍କା ଘର ଯାଏ ରାସ୍ତା ମେଣ୍ଟେନାନ୍ସ ନାମରେ ୨୦୨୩-୨୪ରେ ପଞ୍ଚମ ଅର୍ଥ କମିଶନ ପାଣ୍ଠିରୁ ୨ ଲକ୍ଷ, ଜାଗୁଲାଇପଡ଼ା ପଞ୍ଚାୟତର ମାଟିଆ ଗାଁ ରାସ୍ତା ମେଣ୍ଟେନାନ୍ସ ନାମରେ ଏମଭି ଟାକ୍ସ ଆକାଉଣ୍ଟରେ ୨୦୨୨-୨୩ରେ ୩ ଲକ୍ଷ ଓ ଏହି ପକଳ୍ପ ଫଳକକୁ ଲାଗି ବଳରାମପୁର ପଞ୍ଚାୟତର ବଳରାମପୁର ଗ୍ରାମ ରାସ୍ତାର ମେଣ୍ଟେନାନ୍ସ ନାମରେ ଏଡବ୍ଲ୍ୟୁସି ଆକାଉଣ୍ଟ ହେଡ଼ରେ ୨୦୨୨-୨୩ରେ ୨ ଲକ୍ଷ ୫୦ ହଜାର, ଦେଉଳତରା ପଞ୍ଚାୟତ ପାଇଁ ଏଠାରେ ଲେଖାଯାଇଥିବା ଫଳକ ଉପରେ ଘର ମାଲିକ ଏକ ସ୍କୁଲର ପ୍ରବେଶ ଉତ୍ସବ ବ୍ୟାନର ଲଗାଇଥିବାରୁ ସମ୍ପୂର୍ଣ୍ଣ ବିବରଣୀ ଦୃଶ୍ୟମାନ ହେଉନାହିଁ। ଏସବୁ ପ୍ରକଳ୍ପର ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯିବାକୁ ସାଧାରଣରେ ଦାବି କରାଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ରାଜନଗର,୧୬।୯(ସମିସ): କୁରୁଣ୍ଟି ପଞ୍ଚାୟତ ନୁଧାବସନ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ମାଆ ଇନ୍ଦୁମତୀ ଜେନା ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ଧର୍ମପ୍ରାଣ, ପରୋଉପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ନାମରେ ଇନ୍ଦୁମତୀ ସରସ୍ୱତୀ ବିଦ୍ୟାଳୟ ରହିଛି। ତାଙ୍କ ପରଲୋକରେ ଆଜି ବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜନଗର ଶାଖା ପରିଚାଳକ ବିଶ୍ୱପ୍ରକାଶ ସାମଲ, କୁରୁଣ୍ଟିର ପୂର୍ବତନ ସରପଞ୍ଚ ରଞ୍ଜନ ମହାନ୍ତି, ସରପଞ୍ଚ ସସ୍ମିତା ମହାନ୍ତି, ମହିଷାସୁର ସରପଞ୍ଚ ଅଶୋକ ମହାନ୍ତି, ନୋଧାବସନ୍ତ ସେବା ସମବାୟ ସମିତି ସଭାପତି ରତ୍ନାକର ଦାସ, ଯୁବ ନେତା ସୁକାନ୍ତ ଦାସ, ହିମାଂଶୁ ପାଣି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ଶୋକ ପ୍ରକାଶ କରିଛନ୍ତି।

## ବଜ୍ରପାତ ଓ ସାପ କାମୁଡ଼ାରୁ ସୁରକ୍ଷା ତାଲିମ



ନୂଆପଡ଼ା/କୋମନା,୧୬/୯(ସମିସ): ଦିନକୁ ଦିନ ବଜ୍ରପାତ ଓ ସାପ କାମୁଡାରେ ଅନେକ ଲୋକଙ୍କ ଜୀବନ ଯାଉଛି। ଏହି ବଜ୍ରାଘାତ ଓ ସାପ କାମୁଡାରୁ ସୁରକ୍ଷିତ ରହିବା ପାଇଁ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ବିଦ୍ୟାଳୟମାନଙ୍କରେ ତାଲିମ ଦେବାର ବ୍ୟବସ୍ଥା କରିଛନ୍ତି। ନୂଆପଡ଼ା ଜିଲ୍ଲାର୧୦୦ଟି ବିଦ୍ୟାଳୟରେ ତାଲିମ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି। ବଜ୍ରପାତ ସମୟରେ କେମିତି ସୁରକ୍ଷିତ ସ୍ଥାନକୁ ଯିବେ,ଗଛମୂଳେ ନ ରହିବେ, ସାପ କାମୁଡ଼ିଲେ ଝଡ଼ାଫୁଙ୍କା ନ କରି ମେଡିକାଲକୁ କେମିତି ନେବେ ବିଷୟରେ ତାଲିମ ଦିଆ ଯାଇଥିଲା। ତାଲିମ ଜିଲ୍ଲାର ଛାତ୍ର ଛାତ୍ରୀଙ୍କୁ ସୁରକ୍ଷା ଦେବ ବୋଲି ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ କହିଛନ୍ତି।

## ପଞ୍ଚାୟତସ୍ତରୀୟ ସାର୍ବଜନୀନ ନୂଆଁଖାଇ ଭେଟ୍‌ଘାଟ୍



ନୂଆପଡା/ଖଡ଼ିଆଲ,୧୬।୯(ସମିସ):ନୂଆପଡ଼ା ଜିଲ୍ଲା ଖଡିଆଲ ବ୍ଲକ୍ ସାନମହେଶ୍ୱର ପଞ୍ଚାୟତବାସୀଙ୍କ ତରଫରୁ ସାର୍ବଜନୀନ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଅଧ୍ୟକ୍ଷତା କରିଥିବା ବେଳେ ଖଡିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି,କଳାହାଣ୍ଡିର ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଖଡିଆଲ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ,ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ଆହ୍ଲାଦିନି ବେହେରା, ବିଦୁର ବେହେରା ଶ୍ୟାମ ସୁନ୍ଦର କୁଳଦୀପ ପ୍ରମୁଖ ଯୋଗ ଦେଇଥିଲେ।ସାମୂହିକ ଭାବେ ନୂଆଁ ଖାଇବାପରେ ଭେଟ୍‌ଘାଟର କାର୍ଯ୍ୟକ୍ରମ ହୋଇଥିଲା। ପରସ୍ପର ପରସ୍ପରକୁ ଭେଟି ନିଜ ନିଜର ସୁଖ ଦୁଃଖ ବାଣ୍ଟିଥିଲେ।ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ଝୁମିଥିଲେ।

• ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍

## ଦୁର୍ନୀତିମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ



କୋକସରା,୧୬।୯(ସମିସ):କୋକସରା ବ୍ଲକ୍ କୁସୁମଖୁଣ୍ଟିସ୍ଥିତ ଇନ୍ଦ୍ରାବତୀ ଡାକ ବଙ୍ଗଳାରେ ମଙ୍ଗଳବାର କାର୍ଯ୍ୟରତ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଓ ଦୁର୍ନୀତି ମୁକ୍ତ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଂଘର ସଭାପତି ନିକୁଞ୍ଜ ଚଲାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ଗବେଷକ ସତ୍ୟନାରାୟଣ ମହାପାତ୍ର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରଜନୀ ମିଶ୍ର, ଜଗମୋହନ ପଟ୍ଟନାୟକ, ନରେନ୍ଦ୍ର କ୍ଷତି, ସମାଜସେବୀ ଜତିନ୍ଦ୍ର କର ଏବଂ ଆଇନଜୀବୀ ଛବିଲାଲ ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୁର୍ନୀତି ସମାଜକୁ ନଷ୍ଟ କରିଥାଏ। ଏହାକୁ ହଟାଇବାର ଆବଶ୍ୟକ ରହିଛି। ସାମ୍ବାଦିକମାନେ ଯେଉଁଭଳି ଭାବେ ଅନେକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସମାଜର ଉନ୍ନତି ନିମନ୍ତେ ନିଜର ଲଢେଇ ଜାରି ରଖିଛନ୍ତି ସେହିପରି ନେତା, ପ୍ରଶାସନ ଓ ସାଧାରଣ ଲୋକେ ମଧ୍ୟ ଏ କ୍ଷେତ୍ରରେ ନିଜର କର୍ତ୍ତବ୍ୟକୁ ପ୍ରାଥମିକତା ଦେବା ଜରୁରୀ। କର୍ତ୍ତବ୍ୟ ସର୍ବୋପରି ହେଲେ କୌଣସି ଦୁର୍ନୀତି ହୋଇପାରିବ ନାହିଁ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ।ଏହିକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ଯୋଗୁଁ ସାମ୍ବାଦିକ ଶୋଭିତ ଗାନ୍ଧୀ, ହିରଣ୍ୟ ବେହେରା, କାମେଶ ନାଗ, ଶର୍ମିଷ୍ଠା ଯୋଷୀ, ଗଣେଶ ରାମ ବାଗ, ଗଜିନ୍ଦ୍ର ନାଗ, ସୁନ୍ଦର ମୋହନ ଛତ୍ରିଆ, କୁମରମଣୀ ଦୁର୍ଗା, ଟିକଚନ୍ ବାଗ ପ୍ରମୁଖଙ୍କୁ ସଂଘ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ଦିବଂଗତ ସାମ୍ବାଦିକ ରମେଶ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମ୍ବାଦିକ ରଞ୍ଜନ ସାହୁ ସଂଯୋଜନା କରିଥିବାବେଳେ ଗଣେଶ ରାମ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ରଜନୀକାନ୍ତ ଛତ୍ରିଆ, ବିଜୟ କୁମାର ପଣ୍ଡା, ଚକ୍ରଧର ବେଶ୍ରା, ଜଗଦୀଶ ନାଏକ,ହରିହର ଛତ୍ରିଆ, ମହାଦେବ ଖଣ୍ଡୁଆଲ,ପରମାନନ୍ଦ ଛତ୍ରିଆ, ପ୍ୟାରିଲାଲ ଦୁର୍ଗା, ଦିଲିପ୍ ଦୁରିଆ, କାହ୍ନୁଚରଣ ସାହୁ, ପୃଥିବୀରାଜ ନିଆଲ, ଟୁନା ବିହାରୀ, ପରେଶ ପଟ୍ଟନାୟକ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ।

# କର୍କାମସ୍କାର ୩୬ ଶିଶୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ



ଲାଞ୍ଜିଗଡ଼,୧୬।୯(ସମିସ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବନ୍ଧପାରୀ ପଞ୍ଚାୟତସ୍ଥିତ ଦୁର୍ଗମ କର୍କାମସ୍କା ଗାଁର ୩୬ ଜଣ ଆଦିବାସୀ ଶିଶୁଙ୍କୁ ରାଜ୍ୟ ସରକାରଙ୍କ 'ଆସ ସ୍କୁଲ୍ ଯିବା'ଅଭିଯାନ ଅଧୀନରେ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ଏହି ଶିଶୁମାନଙ୍କ ମଧ୍ୟରୁ ବାଲିସରା ପ୍ରାଥମିକ ବିଦ୍ୟାଳୟରେ ୩୦ ଜଣଙ୍କ ନାମଲେଖା ଯାଇଥିବା ବେଳେ ୬ ଜଣଙ୍କୁ ବନ୍ଧପାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ପାଇଁ ଯୋଜନା କରାଯାଇଛି। ଦୁର୍ଗମ ଓ ପଛୁଆ ଲାଞ୍ଜିଗଡ଼ ବ୍ଲକ୍‌ରେ ଦାରିଦ୍ର୍ୟ, ପରିବହନ ସମସ୍ୟା, ମୌଳିକ ସୁବିଧାର ଓ ସଚେତନତାର ଅଭାବ ଯୋଗୁଁ ଅନେକ ଶିଶୁ ଶିକ୍ଷାରୁ ବଞ୍ଚିତ ହୋଇରହିଛନ୍ତି। କର୍କାମସ୍କା ଗାଁରେ ଏହି ଉଦ୍ୟମ ଶିକ୍ଷାର ଆଲୋକ ସମସ୍ତଙ୍କ ପାଇଁ ପାଖରେ ପହଞ୍ଚାଇବା ସହ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏହି ସଫଳତାରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ, ପଞ୍ଚସଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ, ଗୁଣମଣି ଭୋଇ, ବିନୋଦ ମହାରଣା ଏବଂ ଯୁବ ସମାଜସେବୀ ଗୌରାଙ୍ଗ ମାଝୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ସେମାନେ ଘରକୁଘର ଯାଇ ଅଭିଭାବକମାନଙ୍କୁ ବୁଝାଇ ଶିଶୁମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ପ୍ରେରଣା ଦେଇଛନ୍ତି।

ନାମ ଲେଖାଇଥିବା ଶିଶୁମାନଙ୍କ ମଧ୍ୟରୁ ଅନନ୍ତ, ଅନାମ, ଅଞ୍ଜଳି, କାର୍ତ୍ତିକ, ଖଗେଶ୍ୱର, ଗୁରା, ଘାସିରାମ, ଜନ୍, ଯୋଗେଶ, ଛିନୁ, ଲକ୍ଷ୍ମୀ, ଲାଲୁ, ଲିନା, ଲିଜା, ବାବୁନା, ବାଲୁନ୍, ବିଜୁ, ପବିତ୍ର, ପ୍ରଶାନ୍ତ, ରସନା, ରାଜୀବ, ରଚନା, ସଲୋନୀ, ସମ୍ପୂର୍ଣ୍ଣ, ସୁଗ୍ରୀବ, ସ୍ୱପ୍ନା, ସୂର୍ଯ୍ୟ, ଇଶାନୀ, ମିଥିଳା ଏବଂ ନିକିତା ଅନ୍ୟତମ। ଏହି ଉଦ୍ୟମ ଶିକ୍ଷାର ଆଲୋକରେ ଗାଁରେ ସଚେତନ କରିବା ସହିତ ଅନ୍ୟ ଦୁର୍ଗମ ଅଞ୍ଚଳ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି।



## କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ନିର୍ବାଚନ

ଭବାନୀପାଟଣା,୧୬।୯(ସମିସ):କଳାହାଣ୍ଡି କେମିଷ୍ଟ ଓ ଡ୍ରଗିଷ୍ଟ ଏସୋସିଏସନ ଭବାନୀପାଟଣା ନଗରସ୍ତରୀୟ ଜୋନ ଇସି. ମେମ୍ବର ୨୦୨୫-୨୦୨୮ ବର୍ଷ ପାଇଁ କଳାହାଣ୍ଡି କେମିଷ୍ଟ ଭବନରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ସହର ତଥା ଟାଉନ ଥାନା ଜୋନ ୫ଟା ସିଟ ପାଇଁ ୭ ଜଣ କେମିଷ୍ଟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲେ। ସେଥିରୁ ୫ଜଣ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ,ଅମିତ ଅଗ୍ରୱାଲ,ପ୍ରଦୀପ ଅଗ୍ରୱାଲ,ଅଶୋକ ରାଉତ,ଅବିଦ ହୁସେନ ଏବଂ କିଶୋର କୁମାର ଅଗ୍ରୱାଲ। ନିର୍ବାଚିତ ସଭ୍ୟମାନଙ୍କୁ ଆସୋସିଏସନ ତରଫରୁ ସ୍ୱାଗତ କରାଯାଇଛଇ। ସଙ୍ଘରେ ସମସ୍ତ କାର୍ଯ୍ୟ ଉଚିତ ମାର୍ଗରେ ହେବବୋଲି ଆଶାବ୍ୟକ୍ତ କରିଛନ୍ତି। ଏବଂ ସମସ୍ତ ସଭ୍ୟ ଯାହା ଆସୋସିଏସନ୍ ବାବଦରେ ଜାଣିବାକୁ ଚାହିଁବେ ତାହା ଠିକଣା ସମୟରେ ଜାଣିପାରି ନିଜ ନିଜର କର୍ତ୍ତବ୍ୟ ପାଳନ କରିବେ। ତେବେ ସଦର ଥାନା ଜୋନ ପାଇଁ ଅନିରୁଦ୍ଧ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

## କୋମନା ଅଞ୍ଚଳରେ ପ୍ରବଳ ବର୍ଷା

କୋମନା,୧୬।୯(ସମିସ):ନୂଆପଡା ଜିଲ୍ଲା କୋମନା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ସୋମବାର ମଧ୍ୟାହ୍ନରେ କୋମନାରେ ଗୋଟିଏ ଘଣ୍ଟା ପ୍ରବଳ ବର୍ଷା ହୋଇଥିବା ବେଳେ ମଙ୍ଗଳବାର ମହୁଲଭଟା ଓ ଟିକ୍ରାପଡା ଅଞ୍ଚଳରେ ଘଡଘଡି ସହ ବର୍ଷା ହୋଇଛି। ଯାହାକି ଧାନ ଚାଷ ହୋଇଥିବା ଜମି ମାନଙ୍କରେ ବର୍ଷାର ଅଭାବକୁ ଦୂର କରିବ ବୋଲି ଚାଷୀ କୁଳ ପ୍ରକାଶ କରିଛନ୍ତି। କପାଚାଷ ଓମକାଚାଷ ପାଇଁ ବର୍ଷାର ଆବଶ୍ୟକତା ଥିବାରୁ କୋମନା, ମହୁଲଭଟା, ଟିକ୍ରାପଡା, ସିଲେଟପାଣି, ଇଚ୍ଛାପୁର,ବେଲରଦନା,ବିଶିବାହାଲ, ବୁଦ୍ଧିକୋମନା ,ନୂଆଗାଁ, ଅଞ୍ଚଳର ଚାଷୀ ବେଶ ଖୁସି ପ୍ରକଟ କରିଛନ୍ତି।

ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ ତାଲିମ ଶିବିର ଉଦ୍‌ଯାପିତ

## ଛାତ୍ରଛାତ୍ରୀଙ୍କ ଭିତରେ ସେବା ମନୋଭାବ ଓ ସାଂଗଠନିକ ଦକ୍ଷତା ରହିବା ଉଚିତ




ଭବାନୀପାଟଣା,୧୬।୯(ସମିସ)

ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ଆନୁକୂଲ୍ୟରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରଯୋଜନାରେ ତିନି ଦିନିଆ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆ ତିନିଦିନ ଧରି ଚାଲୁଥିବା ପ୍ରଶିକ୍ଷଣ ଶିବିରର ବିବରଣୀ ପାଠ କରିଥିଲେ।କାର୍ଯ୍ୟକ୍ରମରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କ ଭିତରେ ସେବା ମନୋଭାବ ସହିତ ସଂସ୍କାର ଓ ସାଙ୍ଗଠନିକ ଦକ୍ଷତା ରହିବା ଦରକାର ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟକୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କୁ ଶୃଙ୍ଖଳିତ, ନିଷ୍ଠାବାନ ହେବା ସହିତ ସମାଜର ଜଣେ ଜଣେ ଆଦର୍ଶ ନାଗରିକ ହେବା ସହିତ ଦେଶ ପ୍ରତି ସେବା ମନୋଭାବ ରଖିବା ପାଇଁ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ଡକ୍ଟର ଗୁଣନିଧି ନାୟକ ଯୋଗଦାନ କରିବା ସହିତ ସ୍ୱେଚ୍ଛାସେବୀଙ୍କୁ ମନୁଷ୍ୟ ଜୀବନର ପ୍ରକୃତ ମୂଲ୍ୟବୋଧ ବିଷୟରେ ଉଦବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସୁରେଶ ପିଡିସିକା, ବିତ୍ତ ନିୟନ୍ତ୍ରକ, ପ୍ରସନ୍ନ ମେହେର, ଜିଲ୍ଲା ଯୁବ ଅଧିକାରୀ,ମେରା ଯୁବା ଭାରତ, ଭାରତ ସରକାର ମେଜର ଡ. ଜୟଦେବ ସାହୁ ଉପକୁଳସଚିବ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତ ଦଣ୍ଡସେନା ସମାରୋହ ସଂଯୋଜନା କରିଥିବାବେଳେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ଼. ରାଧାରାଣୀ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ,ମିସ ରୋଜ ମେରି ରଶ୍ମିତା ଏକ୍କା ସମ୍ବର୍ଦ୍ଧନା ପର୍ବ ଓ ପ୍ରମାଣପତ୍ର ବଣ୍ଟନର ସଂଯୋଜନା କରିଥିଲେ। ମୋଟ୍ ୧୦ଟି ବିଷୟ ବସ୍ତୁକୁ ନେଇ କର୍ମଶାଳାରେ ୧୦ ଜଣ ପ୍ରଶିକ୍ଷକ ବିଭିନ୍ନ ବିଷୟ ବସ୍ତୁ ଉପରେ ଯଥା ଏନ୍‌ଏସ୍‌ଏସର ମୌଳିକ ନୀତି ତଥା ଆଭିମୁଖ୍ୟ, ନାରୀ ସଶକ୍ତିକରଣ, ପୋସ ଆକ୍ଟ ୨୦୧୩, ଅନୁଷ୍ଠାନମାନଙ୍କରେ ଯୌନ ନିର୍ଯାତନା ସଚେତନତା, ଏନ୍‌ଏସ୍‌ଏସ୍ ମାଧ୍ୟମରେ ସ୍ୱେଚ୍ଛାସେବକ, ବୃତ୍ତିଗତ ଦକ୍ଷତା କୌଶଳ, ଯୁବ ଦକ୍ଷତା ବିକାଶ, ସଡ଼କ ସୁରକ୍ଷା ସଚେତନତା, ପରିବେଶ ସୁରକ୍ଷା ସଚେତନତା, ସାମାଜିକ ଗଣମାଧ୍ୟମ: ବ୍ୟବହାର ଓ ଅପବ୍ୟବହର, ନିଶାମୁକ୍ତ ମହାବିଦ୍ୟାଳୟ ପରିସର ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଏହି ଶିବିରରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ କଳାହାଣ୍ଡି ଜିଲ୍ଲାର ୨୬ଟି ମହାବିଦ୍ୟାଳୟରୁ ୧୧୦ ଜଣ ମୋଟ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ତିନି ଦିନ ଧରି ଅନୁଷ୍ଠିତ ହେବା ସହିତ ଇଂରାଜୀ ବକ୍ତୃତା , ଓଡ଼ିଆ ବକ୍ତୃତା, ସଂଗୀତ, ନୃତ୍ୟ ଓ ସାମାଜିକ ଗଣମାଧ୍ୟମ ସମସ୍ୟା ବିଷୟରେ ରିଲ୍ ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ବିଭିନ୍ନ ପ୍ରତିଯୋଗିତାରେ କୃତୀ ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ଦିଆଯାଇଥିବା ବେଳେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ଅତିଥିମାନଙ୍କ ଦ୍ୱାରା ଦିଆଯାଇଥିଲା। ଶେଷରେ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପ୍ରିୟ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜ୍ଞାନମିଶନ ଆନୁକୂଲ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା

ଭବାନୀପାଟଣା,୧୬।୯(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲାଜୀ ବିହାର ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ସପ୍ତମ ବାର୍ଷିକ ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିନୋଟି ବର୍ଗରେ ଶତାଧିକ ପ୍ରତିଯୋଗୀ ଭାଗନେଇ ମଧୁର କଣ୍ଠଧ୍ୱନିରେ ଶ୍ଳୋକ ଆବୃତ୍ତି କରିଥିଲେ। ହେମନ୍ତ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଶ୍ୱନାଥ ଠାକୁର ମହୋଦୟ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଗୀତାର



ଗୁଞ୍ଜରିତ ପ୍ରତିଟି ଧ୍ୱନି ମାନବ ଜୀବନେ ଗାଇଯାଏ ଅମରତ୍ୱ କାହାଣୀ ଏ ଭଳି ମତ ପ୍ରକାଶ ପାଇଥିଲା। ଅରୁଣ କୁମାର ପାଣିଗ୍ରାହୀ, ବିଶ୍ୱ ରଞ୍ଜନ ପଣ୍ଡା, ଦିଲ୍ଲୀପ ଗୁରୁଜୀ, ହେମନ୍ତ ମୁଣ୍ଡ, ଦେବସଖା ଯୋଶୀ, ଦୁଷ୍ମନ୍ତ ମୁଣ୍ଡ, ସନ୍ତୋଷ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। 'କ' ବିଭାଗରୁ ଅଙ୍କୁଶ ପଟେଲ,ସାଇ ଗୌତମୀ ସାହୁ, ଅର୍ଣ୍ଣବ ପ୍ରଧାନ 'ଖ' ବିଭାଗରୁ ବାବୁଲି ମାଝୀ,ପୁନମ ସାହୁ,ପାୟଲ ବଞ୍ଜାରା 'ଗ' ବିଭାଗରୁ ରୂପ୍ସା ରୁଚିସ୍ମିତା ନାଏକ, ଶିବାନନ୍ଦ ବାରିକ, ପ୍ରିୟଙ୍କା ମିଶ୍ର ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

## ଆଦର୍ଶ ଶିକ୍ଷକ ବଟକୃଷ୍ଣ ବେହେରାଙ୍କୁ ସମ୍ବର୍ଦ୍ଧନା

ଧର୍ମଗଡ଼,୧୬।୯(ସମିସ): ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଆଦର୍ଶ ଶିକ୍ଷକ ବଟକୃଷ୍ଣ ବେହେରାଙ୍କୁ ଜଗନ୍ନାଥ ସେବା ସମିତି ପକ୍ଷରୁ ସମ୍ବର୍ଦ୍ଧିତ। ଦୁଇ ଦୁଇ ଥର ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଆଦର୍ଶ ଶିକ୍ଷକ ବଟକୃଷ୍ଣ ବେହେରାଙ୍କୁ ଜଗନ୍ନାଥ ସେବା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରଯାଇଛି।ଜଗନ୍ନାଥ ସେବା ସମିତି ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଧର୍ମଗଡ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଘନଶ୍ୟାମ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ କେମିଷ୍ଟ୍ରି ଏଣ୍ଡ ଡ୍ରଗୀଷ୍ଟ ସଂଘର ଜିଲ୍ଲା ସଂପାଦକ ଆଚାର୍ଯ୍ୟ ହୃଷୀକେଶ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।ସୂଚନାଯୋଗ୍ୟ ଯେ, ବଗାଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ୨୦୨୪ ଓ ୨୦୨୫ ବର୍ଷ ପାଇଁ କ୍ରମାଗତ ଭାବେ ଦୁଇ ଥର



ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇବାର ଗୌରବ ଲାଭ କରିଛନ୍ତି।ଧର୍ମଗଡ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶିକ୍ଷକ ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବରେ ବେଶ ପରିଚିତ ଥିଲେ। ଚାକିରିରୁ ଅବସର ଗ୍ରହଣ ନେବା ପରେ ମଧ୍ୟ ସେ ପ୍ରତିଦିନ ନିଜ ଗ୍ରାମ ବଗାଡ ସ୍କୁଲକୁ ଯାଇ ଶିକ୍ଷାଦାନ କରିବା ସହ ଓ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ସେମାନଙ୍କର ପାଠ ପଢା ତଦାରଖ କରି ବେଶ ପ୍ରଶଂସିତ।

ୟୁରିଆ ସାର କଳାବଜାର ଓ ଅଭାବ ବିକ୍ରି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ନୂଆପଡା,୧୬।୯(ସମିସ):ନୂଆପଡା ଜିଲ୍ଲାରେ ୟୁରିଆ ସାରର ଅଭାବ ଏବଂ କଳାବଜାରୀକୁ ନେଇ ଅଭିଯୋଗ ଆଣିଛି ଜିଲ୍ଲା କଂଗ୍ରେସ। ଏହି ଅଭିଯୋଗ ଆଣି ଜିଲ୍ଲା କଂଗ୍ରେସ ତରଫରୁ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଂଯୋଜକ ଘାସିରାମ ମାଝୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ତେଲିପଡା ମନ୍ଦିର ଛକଠାରୁ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ଶଷରେ ଦୁଇଗୋଟି ଗେଟକୁ ଧସେଇ ପଶି ଜିଲ୍ଲାପାଳଙ୍କ ଭିତର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।ପରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ସୂର୍ମି ସୋରେନ ଧାରଣାସ୍ଥଳକୁ ଆସି ବୁଝାସୁଝା କରିବାପରେ ଆନ୍ଦୋଳନକାରୀମାନେ ଓହରିଯାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜମଳ ଚରଣ ତାଣ୍ଡି, ଭରତ ଲାଲ ରାଉତ, ବିରନଚୀ ବାଗ, ଯୁବ କଂଗ୍ରେସ ସଭାପତି ପପୁ ଅହୀର, ଶାହରୁଖ ଖାନ,ମହମ୍ମଦ ଜୁନେଦ, ହେମ୍ ନିଆଲ ପ୍ରମୁଖ ସାମିଲ ଥିଲେ।

• ଆବଶ୍ୟକ ଥିଲା ୧୧ ହଜାର ୫ଶହ ମେଟ୍ରିକ ଟନ୍ ସାର

## ଦିଆଯାଇଛି ୧୨ହଜାର ୨୪୫ ମେଟ୍ରିକ ଟନ୍

ନୂଆପଡା,୧୬।୯(ସମିସ):ଜିଲ୍ଲାରେ ସାରର କଳାବଜାର ଏବଂ ଅଭାବକୁ ନେଇ ବିଭିନ୍ନ ସମୟରେ ଦାବି ଅଭିଯୋଗ ଆସୁଛି ହେଲେ ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ତରଫରୁ ଚାଷୀଙ୍କୁ କିପରି ସହଜ ଏବଂ ସରଳ ଭାବରେ ୟୁରିଆ ସାର ମିଳିପାରିବ ସେଥିପ୍ରତି ଧ୍ୟାନ ଦିଆଯାଇଛି ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି। ଜିଲ୍ଲା ପାଇଁ ୧୧ହଜାର ୫୦୦ମାଟ୍ରିକ ଟନ୍ ୟୁରିଆ ସାରର ଆବଶ୍ୟକ୍ତା ଥିବା ବେଳେ ଅଦ୍ୟାବଧି ୧୨ହଜାର ୨୪୫ମେଟ୍ରିକ ଟନ୍ ସାର ଯୋଗାଣ ହୋଇଛି। ଜିଲ୍ଲାରେ ୩୩୪ ଜଣ ଡିଲରଙ୍କ ଲାଇସେନ୍ସ ରହିଥିବା ବେଳେ ୨୬ଟି ପ୍ୟାକ୍ସ ରହିଛି। ଏଥିରୁ ୨୪୮ ଜଣ ଡିଲର ସକ୍ରିୟ ରହିଛନ୍ତି। ପୂର୍ବ ବର୍ଷମାନଙ୍କରେ ପ୍ୟାକ୍ସକୁ କମ ମାତ୍ରାରେ ସାର ଦିଆଯାଉଥିବାରୁ ଏଥିପ୍ରତି ଧ୍ୟାନ ଦିଆଯାଇ ୩୫ପ୍ରତିଶତ ପ୍ୟାକ୍ସକୁ ଏବଂ ୬୫ପ୍ରତିଶତ ଡିଲରମାନଙ୍କୁ ଦିଆଯାଇଛି। ୭ଟି ଲାଇସେନ୍ସକୁ ରଦ୍ଦ କରାଯାଇଛି।

**୫୭ଡିଲରଙ୍କୁ କାରଣଦର୍ଶାଅ ,୭ଟି ଲାଇସେନ୍ସ ରଦ୍ଦ**

୫୭ଜଣ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି କହିଛନ୍ତି। ତଥାପି ଆଗାମୀ ଦିନରେ ଚାଷୀଙ୍କ ଚାହିଦାକୁ ନଜରରେ ରଖି ପୁଣି ୩ହଜାର ମେଟ୍ରିକ ଟନ ସାର ପାଇଁ ଡିମାଣ୍ଡ ପଠାଯାଇଛି। ଏଥିରୁ ଦୁଇ ଦିନ ମଧ୍ୟରେ ୧୨୫୭ମେଟ୍ରିକ ଟନ ସାର ଆସିବ।ଚାଷୀଙ୍କୁ କିପରି ଆବଶ୍ୟକ ମୁତାବକ ସାର ମିଳିବ ସେଥିପାଇଁ ଗ୍ରାମସେବକ ଏବଂ ସଂପାଦକଙ୍କ ଦ୍ୱାରା ସାର ବଣ୍ଟନ ଚାଲିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ନୂଆପଡ଼ାରେ ବାଘ ଆତଙ୍କ

ନୂଆପଡ଼ା,୧୬।୯(ସମିସ): ନୂଆପଡ଼ାରେ ପୁଣି ବାଘ ଆତଙ୍କ। ମଙ୍ଗଳବାର ସନ୍ଧ୍ୟାରେ ନୂଆପଡ଼ା ସଦର ରେଞ୍ଜଅମାନାରା ସେକ୍ସନ କୁକୁଡ଼ାଟାଲ ଗାଁ ନିକଟ ମୁସରଙ୍ଗି ଜଙ୍ଗଲରେ ଏକ ବାଘକୁ ବୁଲୁଥିବାର ଲୋକେ ଦେଖିଛନ୍ତି। ଗାଁ ପାଖରେ ବାଘ ଦେଖି ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଅନେକ ସମୟ ପର୍ଯ୍ୟନ୍ତ ବାଘ ପାହାଡ଼ ଉପରେ ଥିଲା।ଲୋକେ ମୋବାଇଲରେ ଫୋଟୋ ମଧ୍ୟ ଉଠାଇ ଥିଲେ।ଏହା ଏକ କଲରାପତରିଆ ବାଘ ବୋଲି ବନ ବିଭାଗ ସ୍ପଷ୍ଟ କରିଛି।ସୂଚନା ପାଇ ବନ ବିଭାଗ ଗାଁକୁ ପହଞ୍ଚି ଲୋକଙ୍କୁ ସଚେତନ କରିଛି।ସୂଚନା ଯୋଗ୍ୟ ଯେ ଗତ ଦୁଇ ବର୍ଷ ଧରି ଏହି ଅଞ୍ଚଳରେ ଠିକ ଏହି ସମୟରେ ଆସି ଡେରା ପକାଇଥିବା ଦେଖାଯାଇଛି। ଗତ ଦୁଇ ବର୍ଷରେ ଏହି ଅଞ୍ଚଳରେ ଅନ୍ୟୁନ ୧୦ରୁ ଗୋରୁ ଗାଈଙ୍କୁ ମାରି ଖାଇଥିବା ରିପୋର୍ଟ ରହିଛି।

## ରାଜ୍ୟସ୍ତରୀୟ ଇଞ୍ଜିନିୟର୍ସ ଦିବସରେ ରଜନୀକାନ୍ତ ବିଶ୍ୱାଳ ସମ୍ବର୍ଦ୍ଧିତ




**ବାରିପଦା, ୧୬।୯(ସମିସ):** ସୋମବାର ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୫୮ତମ ଇଞ୍ଜିନିୟର୍ସ ଦିବସ ପାଳନ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଜନୀକାନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦି ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର (ଇଣ୍ଡିଆ)ର ଓଡ଼ିଶା ରାଜ୍ୟ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ଶ୍ରୀ ବିଶ୍ୱାଳଙ୍କୁ ଇଞ୍ଜିନିୟରିଂ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଅଧ୍ୟକ୍ଷ ପ୍ରଫେସର ଡ.ସୁଧାଂଶୁଶେଖର ଦାଶ ଓ ସମ୍ପାଦକ ଇଂ. ସଂଗ୍ରାମ କେଶରୀ ପଟ୍ଟନାୟକ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ପୂର୍ଣ୍ଣଚନ୍ଦ୍ରପୁରରେ ଜନ୍ମିତ ରଜନୀକାନ୍ତ ବିଶ୍ୱାଳ ଜଣେ ବହୁମୁଖୀ ପ୍ରତିଭା। ସେ ଆଇଆଇଟି ରୁର୍କିରୁ ଇଂଜିନିୟରିଂରେ ଏମଟେକ କରିବା ପରେ କିଟ ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀ ସ୍ଥିତ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନରେ ଗବେଷଣା କରି ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇ କରଞ୍ଜିଆ ସବ୍‌ଡିଭିଜନର ଉପଜିଲ୍ଲାପାଳ ରହିବା କାଳରେ ଦେଓ ନଦୀବନ୍ଧ ଯୋଜନାର ସଫଳ ନିର୍ମାଣ କ୍ଷେତ୍ରରେ ପ୍ରଶଂସନୀୟ ଉଦ୍ୟମ କରି ସଫଳ ହୋଇଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱରସ୍ଥିତ ରାଜୀବ ଭବନର ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗରେ (ଓସ୍‌ମା) ୨୦୧୫-୨୦୧୯ ମସିହା ପର୍ଯ୍ୟନ୍ତ ଜିଏମ୍ ପଦରେ ଥିଲେ। ସମ୍ପ୍ରତି ସେ କିସ୍ ବିଶ୍ୱବିଦ୍ୟାଳୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରରେ ପ୍ରଫେସର ଭାବେ କାର୍ଯ୍ୟରତ। ତାଙ୍କର ଏହି ସଫଳତା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଓ ମୟୂରଭଞ୍ଜ ଠିକାଦାର ସଂଘର ସଭାପତି ପରେଶ ଚନ୍ଦ୍ର ମହାନ୍ତ ଅଭିନନ୍ଦନ ଜଣାଇଛନ୍ତି।

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ କର୍ମଚାରୀ

# ଶତାୟୁ ଶିକ୍ଷାନୁଷ୍ଠାନର ହେବ ନବକଳେବର

**ବାରିପଦା, ୧୬।୯(ସମିସ)**

ଜିଲ୍ଲା ସଦର ମହକୁମା ବାରିପଦାରେ ଥିବା ଶତାୟୁ ସଂସ୍କୃତ ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ)ର ହେବ ନବକଳେବର ବୋଲି ସୋମବାର ଦିନିକିଆ ମୟୂରଭଞ୍ଜ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ଅତୀତରେ ଦେଶରେ ବେଦପାଠ ଶିକ୍ଷାଦାନରେ ଥିବା ଅନୁଷ୍ଠାନ ମଧ୍ୟରେ ଏହା ଅନ୍ୟତମ। ଏଣୁ ଏହାର ପୁନରୁଦ୍ଧାର ସହିତ ନୂଆରୂପ ଦିଆଯିବ। ସାମୁହିକ ଭାବେ ଚାଲିଥିବା ସରକାରୀ ମହାବିଦ୍ୟାଳୟକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇ ମୂଳ ସ୍ଥାନରେ ବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୮୯୪ ମସିହାରେ ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନରେ ପ୍ରତିଷ୍ଠିତ ସଂସ୍କୃତ ଟୋଲ ବର୍ତ୍ତମାନ ମହାବିଦ୍ୟାଳୟ ରୂପନେଇସାରିଛି। ପ୍ରାରମ୍ଭରୁ ଏଠାରେ ଆଚାର୍ଯ୍ୟ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଥିଲା। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଏହା କାର୍ଯ୍ୟକରୁଥିବା ବେଳେ ୧୯୮୪ରେ ନୂତନ ଶିକ୍ଷା ନୀତି ପ୍ରଣୟନ ପରେ ଯୁକ୍ତ ୨ ଉପଶାସ୍ତ୍ରୀ ଓ ୩ ଶାସ୍ତ୍ରୀ ପାଠ୍ୟକ୍ରମ ପ୍ରଚଳନ ହେଲା। ପରବର୍ତ୍ତୀ ସମୟରେ ଟୋଲରୁ ସରକାରୀ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ଭାବେ କାର୍ଯ୍ୟ କରିଥିଲା। ଗତ ୧୯୯୨ରେ ଉଚ୍ଚଶିକ୍ଷା ବିଭାଗ ସହିତ ମିଳିତ ଭାବେ କାର୍ଯ୍ୟ କରିବା ସହିତ ଯୁକ୍ତ ୨ ଓ ଯୁକ୍ତ ୩ କଳା ପାଠ୍ୟକ୍ରମ ପ୍ରଚଳିତ ହେଲା। ଏବେ ଏଠାରେ ସାହିତ୍ୟ, ବ୍ୟାକରଣ ଓ ବେଦାନ୍ତ

**ଓଡ଼ିଶାରେ ସଂସ୍କୃତ ଶିକ୍ଷାର ଏହା ଏକ ଐତିହାସିକ କେନ୍ଦ୍ର**

୩ଟି ସମ୍ମାନ ଶ୍ରେଣୀରେ ଏଠାରେ ଶିକ୍ଷାଦାନ ହେଉଛି। ଏଠାରେ ୩୦୦ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ଏହି ଶିକ୍ଷାନୁଷ୍ଠାନ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଯାହାକୁ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ପଦ୍ମା ଦେବୀ ଅଧାପକ ଓ ଅଧ୍ୟାପିକାଙ୍କୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଭେଟି ଅନୁଷ୍ଠାନର ପୁନରୁଦ୍ଧାର ପାଇଁ ନିବେଦନ କରିଥିଲେ। ଶିକ୍ଷାନୁଷ୍ଠାନ ପାଇଁ ମହାରାଜା ପ୍ରଦାନ କରିଥିବା ୧୦୬ ଡିସିମିଲ ଜମି ସହ ଘରେ ଏହି ଅନୁଷ୍ଠାନ ପରିଚାଳିତ। ପରବର୍ତ୍ତୀ ସମୟରେ ୨୫ ଡେସିମିଲ ଜମି ଜବରଦଖଲକାରୀଙ୍କ କବଳକୁ ଯିବାପରେ ଏବେ ୮୧ଡିସିମିଲ ଜମି ରେକର୍ଡରେ ଅଛି ; ପରନ୍ତୁ ସେହି




ଜମିରେ ପମ୍ପହାଉସ ଘର, ତାରିଣୀ ମନ୍ଦିର ଆଦି ନିର୍ମାଣ ସହିତ ଏକ ଲଜ୍ ମାଲିକ ଓ ଅନ୍ୟମାନେ ଜବରଦଖଲ କରି ଚାଲିଛନ୍ତି। ପାଚେରୀ ନ ଥିବାରୁ ଚତୁଃପାର୍ଶ୍ୱରେ ଉଠା ଦୋକାନୀ ପସରା ଓ ଦିନରାତି ମଦ୍ୟପ ତଥା ନିଶାଡିଙ୍କ ଉତ୍ପାତ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନୀ କରୁଛି। ସେହିପରି ମହାବିଦ୍ୟାଳୟର କର୍ମଚାରୀ ଓ ଭିତ୍ତିଭୂମି ଅଭାବ ସମସ୍ୟାକୁ ବହୁଗୁଣିତ କରୁଛି। ଆବଶ୍ୟକ ସଂଖ୍ୟକ ଅଫିସ ରୁମ ନଥିବା ବେଳେ ଗୋଟିଏ ରୁମରେ ଅଧ୍ୟକ୍ଷା ଓ ଶିକ୍ଷକ/ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଶ୍ରେଣୀ ଗୃହ କଥା ନ କହିବା ଭଲ। ପୂର୍ବ ସରକାର ୨୫ ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ୫ଟି ଶ୍ରେଣୀ ଗୃହରେ ସମସ୍ତ କ୍ଲାସ ହେଉଛି। ଲାଇବ୍ରେରୀ, ଛାତ୍ରଛାତ୍ରୀ କମନରୁମ ଏଠି ସ୍ୱପ୍ନ। ପରିସ୍ରାଗାର ଓ ଶୌଚାଳୟ ବ୍ୟବହାର ଅନୁପଯୋଗୀ ରହିଛି। ହଷ୍ଟେଲ ନଥିବା ବେଳେ ଦୂରଦୂରାନ୍ତ ବିଦ୍ୟାର୍ଥୀ ଗୋଟିଏ ଶ୍ରେଣୀ ଗୃହରେ ରହୁଛନ୍ତି। ଅନୁଷ୍ଠାନର ଅଧିକାଂଶ ଘର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ଅଧ୍ୟକ୍ଷାଙ୍କୁ ମିଶାଇ ୪ ଜଣ ନିୟମିତ, ୫ ଜଣ ଅତିଥି ଅଧ୍ୟାପକ, ୨ଜଣ ଠିକା ଅଣଶିକ୍ଷକ କର୍ମଚାରୀ ଅଛନ୍ତି। ଏପରିସ୍ଥଳେ ଅନୁଷ୍ଠାନ ନବକଳେବର ଘୋଷଣା ଜିଲ୍ଲାବାସୀଙ୍କ ମନରେ ଆଶ୍ୱସ୍ତି ଆଣିଛି। ନୂଆରୂପ ପାଇଲେ ଜିଲ୍ଲା ସମେତ ରାଜ୍ୟର ଅନେକ ବିଦ୍ୟାର୍ଥୀ ଲାଭବାନ ହେବା ସହିତ ମହାରାଜାଙ୍କ ଅନୁଷ୍ଠାନ ଭବିଷ୍ୟତ ନିର୍ମାଣରେ ବିଶ୍ୱକର୍ମା ସାଜିବ।

## ୧୪ ଶିକ୍ଷକଙ୍କୁ ନେସନ୍ ବିଲ୍ଡର୍ ଆୱାର୍ଡ ସମ୍ମାନ



**ବାରିପଦା, ୧୬।୯(ସମିସ):** ରୋଟାରୀ କ୍ଲବ୍ ଅଫ୍ ବାରିପଦା ମୟୂର ତରଫରୁ ୧୪ ଜଣ ଶିକ୍ଷକଙ୍କୁ ସମାଜ ଓ ଶିକ୍ଷାକ୍ଷେତ୍ରରେ ସେମାନଙ୍କ ସ୍ୱତନ୍ତ୍ର ଅବଦାନ ପାଇଁ ନେସନ୍ ବିଲ୍ଡର୍ ଅୱାର୍ଡ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକମାନଙ୍କ ସ୍ୱାର୍ଥହୀନ ସେବା, ନିଷ୍ଠା ଓ ନୂତନ ପିଢ଼ି ଗଢ଼ିବାରେ ସେମାନଙ୍କର ଅମୂଲ୍ୟ ଅବଦାନକୁ ସ୍ୱୀକୃତି ଦିଆଯାଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଏମ୍ ହିମାବିନ୍ଦୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକଙ୍କର ତ୍ୟାଗ, ପରିଶ୍ରମ ଓ ସମାଜରେ ସେମାନଙ୍କ ପ୍ରଭାବକୁ ବ୍ୟକ୍ତ କରିଥିଲେ। କ୍ଲବର ସଭାପତି ଡା. ଜଗବନ୍ଧୁ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ କ୍ଲବର ପରାମର୍ଶଦାତା ରୋଟାରିଆନ୍ ନିରୋଜ କୁମାର ପଣ୍ଡା ସଞ୍ଚାଳକ ରହିଥିଲେ। କ୍ଲବର ସଚିବ ରୋଟାରିଆନ୍ ଇଂ ସୌମ୍ୟରଞ୍ଜନ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସମସ୍ତ ଶିକ୍ଷକଙ୍କୁ ସ୍ୱୀକୃତିପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସମାରୋହରେ ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ ଓ ରୋଟାରିଆନମାନେ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ଶିକ୍ଷକମାନେ ହେଲେ ପଦ୍ମଲୋଚନ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପ୍ରତିହାରୀ, ଅଲକ ରଞ୍ଜନ ପାଠୀ, ଆନନ୍ଦ ଦାସ, ପ୍ରିୟନାଥ ପାଣି, ଉମା ଦେୟ, ଅରୁଣ କୁମାର ବେହେରା, ପ୍ରଭାଶିନୀ ନନ୍ଦୀ, ଦୀନବନ୍ଧୁ ମହାନ୍ତ, ଚନ୍ଦ୍ରମୋହନ ନନ୍ଦ, ଶଶିଭୂଷଣ ମିଶ୍ର, ଅନିଲକାନ୍ତ ପଣ୍ଡା, ବିକ୍ଷିପ୍ତା ବେହେରା ଓ ମଧୁସ୍ମିତା ମହାନ୍ତି।

## ଏମ୍‌ସିଏଏମ୍‌ରେ ବିଶ୍ୱ ଓଜୋନ ଦିବସ ପାଳିତ

**ବାରିପଦା, ୧୬।୯(ସମିସ):** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ନିର୍ଦ୍ଦେଶ ମୁତାବକ ମଙ୍ଗଳବାର ବିଶ୍ୱ ଓଜନ ଦିବସ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନସୀ ଆଣ୍ଡ ମ୍ୟାନେଜମେଣ୍ଟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ନାୟକ ଓଜନ ସ୍ତର ହ୍ରାସ ହେବା ଫଳରେ ଜୀବ ଜଗତ ପ୍ରତି ମାଡି ଆସୁଥିବା ବିପଦ ସମ୍ପର୍କରେ ଆଲୋକପାତ କରିଥିଲେ। ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଓଜନସ୍ତର ହ୍ରାସ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ଡ. ଠାକୁରା ମାରାଣ୍ଡି, ରଞ୍ଜିତ ମାରାଣ୍ଡି, ସିରାମ ଟୁଡୁ, ଅଧ୍ୟାପିକା ମିନାକ୍ଷୀ ସାହୁ, ପୂଜା ଶତପଥୀ, ସବିତାରାଣୀ ଦାଶ, ସସ୍ମିତା ସି, ଇପ୍‌ସିତା ମଲ, ଜ୍ୟୋତିର୍ମୟୀ ଗିରି ପ୍ରମୁଖ ଓଜନସ୍ତର ବୃଦ୍ଧି ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଆଲୋଚନାର ଶୀର୍ଷକ 'ଫ୍ରମ ସାଇନ୍ସ ଟୁ ଗ୍ଲୋବାନ ଏକ୍ସନ'ରେ ବହୁ ଛାତ୍ରଛାତ୍ରୀ ଭାଗ ନେଇ ଓଜନ ସ୍ତରର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ସମ୍ବିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ଆଦିବାସୀ ଗବେଷଣା ଓ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ବାରିପଦା ୧୬।୯(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଝୁମର ଏକାଡ଼େମୀର ସହଯୋଗରେ ଅନୁଷ୍ଠିତ ଦୁଇ ଦିବସୀୟ 'ଝୁମର କର୍ମଶାଳା' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉପହାର ଦେଇଥିଲେ। କୁଳପତି ପ୍ରଫେସର ଶତପଥୀ ବିଶ୍ୱବିଦ୍ୟାଳୟର ଗରିମାର ପରିଚୟ ଦେବା ସହିତ ବିଶ୍ୱବିଦ୍ୟାଳୟରେ ସ୍ୱୟଂବିତ୍ତୀୟ ଭାବେ ଚାଲୁ ରହିଥିବା ୯ଟି ବିଭାଗକୁ ନିୟମିତ କରିବା ଲାଗି ନିବେଦନ କରିଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟରେ ଆଦିବାସୀ ଗବେଷଣା ଓ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା, ଶିମିଳିପାଳ ଜୈବ ବିବିଧତା ସଂରକ୍ଷଣ ଏବଂ ଜୈବମଣ୍ଡଳ ବିକାଶ ପାଇଁ ଉନ୍ନତ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ବିଶ୍ୱବିଦ୍ୟାଳୟରେ ୨୦୧୬ରୁ ରାଜ୍ୟ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ମାନବସମ୍ବଳ ବିକାଶ କେନ୍ଦ୍ରକୁ ୟୁଜିସି ଅନ୍ତର୍ଗତ ମାଳବ୍ୟ ମିସନ ଶିକ୍ଷକ ତାଲିମ କେନ୍ଦ୍ରର ମାନ୍ୟତା ଦେବାପାଇଁ ଦାବିପତ୍ର ଦିଆଯାଇଛି। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ କୁଳପତି ତଥା ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବସା ବିଶ୍ୱବିଦ୍ୟାଳୟର ବିକାଶ ସହିତ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଏବଂ ବାରିପଦାରେ ଝୁମର ଗବେଷଣା ପ୍ରତିଷ୍ଠାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ପ୍ରାରମ୍ଭରେ କୁଳପତି ପ୍ର. ଶତପଥୀ ବିଶ୍ୱବିଦ୍ୟାଳୟର ୨୮ବର୍ଷର ସ୍ମରଣୀୟ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ୧୯୯୮ ମସିହା ଜୁଲାଇ ୧୩ ତାରିଖରେ ପ୍ରତିଷ୍ଠା ହୋଇଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ୨୦୨୦ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରୂପେ ନାମିତ ହୋଇଥିଲା। ପରେ ୨୦୨୩ ମସିହାରେ ନାକ୍ 'ଏ' ମାନ୍ୟତା ଲାଭ କରିଛି। ବାରିପଦାର ତକତପୁରରେ ୯୮.୮୪ ଏକର ପରିମିତ ଜମିରେ ଏହି ବିଶ୍ୱବିଦ୍ୟାଳୟ ଅବସ୍ଥିତ। ୨ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ୫୬ଟି ଡିଗ୍ରୀ କଲେଜ ଏହା ସହିତ ଅନୁବନ୍ଧିତ। ଏଠାରେ ୨୬ଟି ବିଷୟରେ ଶିକ୍ଷାଦାନ ଚାଲିଛି। ଶିକ୍ଷାସହିତ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ, ଝୁମର, ଛଉ ଏବଂ ଚିତ୍ରକଳା କ୍ଷେତ୍ରରେ ସାର୍ଟିଫିକେଟ୍ କୋର୍ସ, ଦକ୍ଷତା ବର୍ଦ୍ଧକ ପାଠ୍ୟକ୍ରମ ଏବଂ ପ୍ରଦର୍ଶନୀ କଳା ମଧ୍ୟ ପାଠ୍ୟକ୍ରମ ଚାଲିଛି। ସେହିପରି ପ୍ରଧାନମନ୍ତ୍ରୀ-ଉଷା ପାଣ୍ଠିରୁ ଏହି ବିଶ୍ୱବିଦ୍ୟାଳୟ ୧୦୦ କୋଟି ଟଙ୍କା ପାଇବାଲାଗି ମନୋନୀତ ହୋଇଛି ବୋଲି ସେ ସୂଚନା ଦେଇଥିଲେ।



## ଡିଭାଇନ ବୈଷୟିକ ଶିକ୍ଷାନୁଷ୍ଠାନରେ ଇଞ୍ଜିନିୟର୍ସ ଦିବସ

**ବାରିପଦା, ୧୬।୯(ସମିସ):** ଉତ୍ତର ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ମଙ୍ଗଳବାର ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଭାରତ ରତ୍ନ ସାର ମୋକ୍ଷ୍ୟଗୁଣ୍ଡମ ବିଶ୍ୱେସେରାୟାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ତାଙ୍କର ମହାନୁଭବତାର ସ୍ମୃତିଚାରଣ କରଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଇଂ କମଲ କୁମାର ପାଣିଗ୍ରାହୀ, ସ୍ୱତନ୍ତ୍ର ଅତିଥିଭାବେ ଭାରତ ପାୱାର କର୍ପୋରେସନର ଉପ ମହାପ୍ରବନ୍ଧକ ଇଂ. ପ୍ରଦୀପ କୁମାର ଜେନା ଓ ମୁଖ୍ୟ ପ୍ରବନ୍ଧକ ଇଂ. ସରୋଜ କୁମାର ଲାକ୍ରା ଯୋଗଦେଇ ପିଲାଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡାଇ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ଧୈର୍ଯ୍ୟ ଓ ପରାକାଷ୍ଠା ବଳରେ ସ୍ୱପ୍ନକୁ ସାକାର କରିବା ସହ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଅଭିନ୍ନ କୁମାର ଦାସ, ଉପାଧ୍ୟକ୍ଷ ତଥା ମେକାନିକାଲ ବିଭାଗୀୟ ମୁଖ୍ୟ ଇଂ ପ୍ରକାଶ ଚନ୍ଦ୍ର ସା, ଇଲେକ୍ଟ୍ରିକାଲ ବିଭାଗୀୟ ମୁଖ୍ୟ ଇଂ ହିମାଂଶୁ ମହାପାତ୍ର, ସିଭିଲ ବିଭାଗୀୟ ମୁଖ୍ୟ ଇଂ ଯାଜ୍ଞସେନୀ ଦେଓ, ଇଲେକ୍ଟ୍ରିକାଲ ଓ ମେକନିକାଲ ବିଭାଗୀୟ ମୁଖ୍ୟ ଇଂ ଆଶୀର୍ବାଦ ସ୍ୱାଇଁ ଓ ବିଜ୍ଞାନ ଓ ମାନବିକ ବିଭାଗୀୟ ମୁଖ୍ୟ ବିଶ୍ୱରଞ୍ଜନ ମହାନ୍ତ ଏବଂ ଏକାଡେମିକ ଡିନ ଇଂ ସନଦୀପ ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।




### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ ଓ ମହକ'

# ଶିଶୁଙ୍କ ଅନ୍ତର୍ନିହିତ ଗୁଣ ପ୍ରସ୍ଫୁଟିତ କରିବା ପାଇଁ ଆତ୍ମବିଶ୍ୱାସ ଜରୁରୀ




**ବାରିପଦା, ୧୬।୯(ସମିସ)**

ମଙ୍ଗଳବାର ବାରିପଦାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ଗୁଡିକରେ ରହୁଥିବା ଅନ୍ତେବାସୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଏକକ ନୃତ୍ୟ, ଗ୍ରୁପ ଡ୍ୟାନ୍ସ କୁଇଜ ଏବଂ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବର୍ଗରେ ୧୦ରୁ ୧୪ ବର୍ଷ ବୟସ ଏବଂ ବରିଷ୍ଠ ବର୍ଗରେ ୧୫ରୁ ୧୮ବର୍ଷ ବୟସର ପିଲାମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଉତ୍ସାହ ଅଧୀନରେ ୧୨ରୁ ୧୮ ବର୍ଷ ବୟସ ମଧ୍ୟ ପିଲାମାନଙ୍କ ମଧ୍ୟରେ ୧୦୦/୨୦୦ ମିଟର ଦୌଡ଼, ଚେସ, କ୍ୟାରାମ, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଏବଂ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଏ, ମୁଖ୍ୟବ୍ୟକ୍ତା ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ସମ୍ମାନିତ ଅତିଥି ଭାବେ ଆଇଏଏସ ପ୍ରୋବେସନର କାଶିଷ ବକ୍ସି, ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ପ୍ରସ୍ଫୁଟିତ କରିବା ପାଇଁ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ କଠିନ ପରିଶ୍ରମ ଜରୁରୀ ବୋଲି କହିଥିଲେ। ସଂଘର୍ଷର ମୁକାବିଲା କରିପାରିଲେ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହିତ ନିଜର ଦକ୍ଷତା ବଢ଼ିବ ବୋଲି କହିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଆଶିଷ ବସନ୍ତିଆ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରକାଶ ଥାଉକି ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକରେ ଅଂଶ ଗ୍ରହଣ କରିବେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ହିନ୍ଦୀ ଦିବସ

**ବାରିପଦା, ୧୬।୯(ସମିସ):** ଏମପିସି ସ୍ୱୟଂଶାସିତ କଲେଜରେ ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଡ ଦୀପକ କୁମାର ବେହେରା ଯୋଗଦେଇ ହିନ୍ଦୀ ଭାଷା ରାଷ୍ଟ୍ର ନିର୍ମାଣର ମୁଖ୍ୟ ବାହକ ବୋଲି ମତ ଦେଇଥିଲେ। ପ୍ରଶାସନିକ ମୁଖ୍ୟ ଡ ପ୍ରିୟବ୍ରତ ବେହେରା ଓ ଶୈକ୍ଷିକ ମୁଖ୍ୟ ଡ ବିଦ୍ୟୁତ ପ୍ରଭା ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୀ ଦିବସ ପାଳନ ଅବସରରେ ଡ. ବିଜୟ ଦ୍ୱିବେଦୀଙ୍କୁ ଭାଷା ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ବିଭାଗ ମୁଖ୍ୟ ଦୁର୍ଗାବତୀ ହାଁସଦା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିତର୍କ, ନିବନ୍ଧ ଲିଖନ ଏବଂ କବିତା ପାଠ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଏମ୍‌ପିସି ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବାରିପଦା, ୧୬।୯(ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମାଜିକ ବିଜ୍ଞାନ ବିଭାଗ ତରଫରୁ ଏକଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ 'ସୀମା ସୀମାନ୍ତ ପରର ଅର୍ଥନୀତି; ବର୍ତ୍ତମାନର ଜଗତୀକରଣ ପ୍ରକ୍ରିୟା' ଶୀର୍ଷକ ଥିବା ବେଳେ ଡଃ ଦୀପକ କୁମାର ବେହେରା ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ଡଃ ବିଦ୍ୟୁତ ପ୍ରଭା ଦାସ, ପ୍ରଶାସନିକ ଅର୍ଥ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା ଏବଂ ମୁଖ୍ୟ କ୍ତା ବିବି ମହାବିଦ୍ୟାଳୟର ଅଧ୍ୟାପକ ଡଃ ଅରବିନ୍ଦ ବୋଷ ଯୋଗଦେଇ ଅର୍ଥନୀତି, ସଂସ୍କୃତି, ପ୍ରଯୁକ୍ତିବିଦ୍ୟା ଓ ଧାରଣମାନଙ୍କର ଆନ୍ତରିକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ନାୟକ 'ସାଂସ୍କୃତିକ ପ୍ରବାହ, ପରିଚୟ ଓ ଅସ୍ଥିତ୍ୱବୋଧ; ଅର୍ନ୍ତଜାତୀୟ ଯୁବ ସଂସ୍କୃତିରେ ସଙ୍କରତା ବିରୋଧି ସମାନୀକରଣ' ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡଃ ସୁବ୍ରତ କୁମାର ରଥ ନିଜର ଗବେଷଣାକକ ସନ୍ଦର୍ଭ 'ସୀମା ସୀମାନ୍ତ ପରର ଅର୍ଥନୀତି; ଜଗତୀକରଣ, ଶିକ୍ଷା ପ୍ରବାହ ଓ ଭାରତୀୟ ଉଚ୍ଚଶିକ୍ଷାରେ ଅସମାନତା' ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶେଷରେ ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷା ଡଃ ଆଲ୍‌ବେର୍ଟିନା ତିର୍କୀଙ୍କ ପ୍ରେରଣାରେ ଅଧ୍ୟାପକ ସୌମ୍ୟକାନ୍ତ ପାତ୍ର, ମହାବିଦ୍ୟାଳୟର ଯାନ୍ତ୍ରିକ ସହାୟକ ଏସ କେ ରେଡ୍ଡୀ ସହଯୋଗ କରିଥିଲେ।



# ଆଠଗଡ଼-ତିଗିରିଆରେ କୃତ୍ରିମ ସାର ସଙ୍କଟ

## ୧୮ ରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବିଜେଡି

**ଆଠଗଡ/ତିଗିରିଆ,୧୬।୯ (ସମିସ):** ବଛା ଖେଳୁଆ ସରିଛି, ଏବେ ଥୋଡ ଧରିଲାଣି ସୁନାର ଫସଲ ଧାନ। ସଠିକ ସମୟରେ ଉପଯୁକ୍ତ ପରିମାଣର ବର୍ଷା ବି ହୋଇଛି। ମୋଟାମୋଟି କହିଲେ ଚଳିତ ବର୍ଷ ଆଠଗଡ ତିଗିରିଆ ବ୍ଲକରେ ଧାନଫସଲ ଭଲ ହୋଇଛି। ମାତ୍ର ସଂପ୍ରତି ରାଜ୍ୟରେ ଦେଖା ଦେଇଥିବା ସାର ସଙ୍କଟର ପ୍ରଭାବ ପଡିଛି ଆଠଗଡ ଓ ତିଗିରିଆ ବ୍ଲକ ଚାଷୀକୁଳ ଉପରେ। ଅଗଷ୍ଟ, ସେପ୍ଟେମ୍ବର ମାସରେ ୟୁରିଆ ସହିତ ଡିଏପି ଓ ପଟାସ ଆଦି ସାରର ଅଭାବ ସାଙ୍ଗକୁ ବ୍ୟାପକ କଳାବଜାର ଯୋଗୁଁ ଉଭୟ ବ୍ଲକର ଚାଷୀକୁଳ ହତାଶ ହୋଇପଡିଛନ୍ତି। ଠିକଣା ସମୟରେ ସାର ଯୋଗାଇବାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନେତୃତ୍ୱାଧୀନ ବିଜେପି ଡବଲ୍ ଇଞ୍ଜିନ ସରକାର ଫେଲ ମାରିଛି।



ଆଠଗଡ, ତିଗିରିଆ ପରି କୃଷି ପ୍ରଧାନ ଅଞ୍ଚଳରେ ଧାନଚାଷ ଉପରେ ନିର୍ଭରଶୀଳ କୃଷକମାନଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଦେଇଛି। ରାଜ୍ୟ ସରକାରଙ୍କର ଏହି କୃଷକ ବିରୋଧୀ ନୀତି ବିରୋଦ୍ଧରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଚଳିତ ମାସ ୧୮ ତାରିଖରେ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଆଠଗଡ-ତିଗିରିଆ ବିଜୁ କୃଷକ ଜନତା ଦଳ ପକ୍ଷରୁ ଆଠଗଡ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଏହାର ତୁରନ୍ତ ସମାଧାନ ସହିତ ଅଧିକ ୫୦୦ ମେଟ୍ରିକ୍ ଟନ୍ ସାର ଯୋଗାଇ ଦେବା ଦାବିରେ ଓଡିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ। ଏଥି ନେଇ ଆଠଗଡ ବିଜୁ ଜନତା ଦଳ କାର୍ଯ୍ୟାଳୟ ସୂର୍ଯ୍ୟ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଠଗଡ କୃଷକ ବିଜେଡି ସଭାପତି ସୁବାସ ଚନ୍ଦ୍ର ପାଳ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆଠଗଡ ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତ, ତିଗିରିଆ ବ୍ଲକ କୃଷକ ବିଜେଡି ସଭାପତି ସେକ୍ ଅବଦୁଲ୍ ତୈୟବ, ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ସମବାୟବିତ ଲଳିତେନ୍ଦୁ ସେନାପତି, କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ଅଞ୍ଚଳର ବିଶିଷ୍ଟ ଚାଷୀ ପ୍ରେମାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ନବୀନ ପଟ୍ଟନାୟକ ସରକାର ସମୟରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କୃଷି ମନ୍ତ୍ରୀ ଥିବାବେଳେ ୨୦୨୨-୨୩ ଖରିଫ୍ ଋତୁରେ ଆଠଗଡ ବ୍ଲକରେ ଯଥାକ୍ରମେ ୩୮୨.୨୮ ଓ ୪୧୧.୩୦ମେଟ୍ରିକ୍ ଟନ୍ ସାର ଯୋଗାଇ ଦିଆଯାଇଥିଲା ବେଳେ ୨୦୨୪ରେ ବିଜେପି ସରକାର ରାଜ୍ୟରେ କ୍ଷମତା ହାସଲ କରିବା ପରେ ଏହା ହ୍ରାସ ପାଇ ୩୨୪.୫୧ରେ ପହଞ୍ଚିଥିଲା। ୨୦୨୫ ଖରିଫ୍ ଋତୁରେ ସେପ୍ଟେମ୍ବର ମାସରେ ଅଧାରେ ୨୫୩.୫ ମେଟ୍ରିକ୍ ଟନ୍ ଯାଏଁ ପହଞ୍ଚିଛି। ସେହିପରି ତିଗିରିଆ ବ୍ଲକରେ ୨୦୨୨, ୨୦୨୩ ଓ ୨୦୨୪ ଖରିଫ୍ ଋତୁରେ ୨୦୨.୫୪ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଥିଲା ବେଳେ ଅଦ୍ୟାବଧି ୧୪୯.୮୫ ମେଟ୍ରିକ୍ ଟନ ଯୋଗାଇ ଦିଆଯାଇଛି। ଏଣୁ ରାଜ୍ୟର ଅପାରଗ କୃଷକ ବିରୋଧୀ ସରକାର ବିରୋଧରେ ଲଢେଇ ଜୋରଦାର କରାଯିବ ବୋଲି ସୂଚନା ଦେଇଥିଲେ।

## ମା' ଭଗବତୀଙ୍କ ଷୋଡ଼ଶ ଉପଚାର ପୂଜା



**ସାଲେପୁର,୧୬।୯ (ସମିସ):** ମା'ଭଗବତୀଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଘଟ ସ୍ଥାପନ, ସୂର୍ଯ୍ୟପୂଜା, ସ୍ୱତନ୍ତ୍ର ଭୋଗଲାଗି କରାଯାଇଥିଲା। ଗତକାଲିଠାରୁ ଆରମ୍ଭ ହୋଇଥିବା ମା'ଭଗବତୀଙ୍କ ଷୋଡ଼ଶ ଉପଚାର ପୂଜାର ପ୍ରଥମ ଦିନରେ ମା'ଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା। ସାଲେପୁର ବ୍ଲକ୍ ଅନ୍ତର୍ଗତ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ମାଳିକା ପ୍ରସିଦ୍ଧ ଚିତ୍ରୋପ୍ତଳା ଗୁପ୍ତଗଙ୍ଗା ବଟେଶ୍ୱର ଗ୍ରାମରେ ମା'ଭଗବତୀଙ୍କର ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମ ଦିନରେ ମା'ଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିବାବେଳେ ଆଜି ଦ୍ୱିତୀୟ ଦିନରେ ମା'ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା'ଭଗବତୀଙ୍କୁ ଭୁବନେଶ୍ୱରୀ ବେଶ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ ଦହିପଖାଳ, କାକରା ଆଦି ଭୋଗ ଲାଗି କରାଯାଇଥିବାବେଳେ ମା'ଙ୍କ ଭୁବନେଶ୍ୱରୀ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ଜମିଥିଲା।

## ମୌଳିକ ସମସ୍ୟା ନେଇ ରାଜରାସ୍ତା ଘେରିଲେ ଲୋକେ



**ଚୌଦ୍ୱାର,୧୬।୯ (ସମିସ):** ଗତ ସୋମବାର ହୋଇଥିବା ଲଗାଣ ବର୍ଷାରେ ବେହାଲ ହୋଇଛନ୍ତି ଚୌଦ୍ୱାରର ୧୭ନଂ ୱାର୍ଡର ସୁଇପର କଲୋନୀବାସୀ। ବର୍ଷା ଜଳ ସେମାନଙ୍କ ଜନବସତି ଭିତରେ ପଶିବା ସହିତ ବସ୍ତିରେ ଥିବା ଘରମାନଙ୍କରେ ପ୍ରବେଶ କରିବା ଯୋଗୁଁ ଅକଥନୀୟ ସମସ୍ୟା ଭୋଗୁଛନ୍ତି ଲୋକେ। ମଙ୍ଗଳବାର ଉକ୍ତ ବସ୍ତିବାସିନ୍ଦାମାନେ ୱାର୍ଡର ମୁଖ୍ୟ ପ୍ରବେଶ ପଥ ବନ୍ଦ କରିଦେବା ସହିତ ୫-୫ନଂ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ପୁଲିସ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ନିଜ ଜିଦରେ ଅଟଳ ରହିଥିଲେ ଲୋକମାନେ। ପ୍ରାୟ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ପରେ ପୁଲିସ ରାସ୍ତାରୁ ଲୋକମାନଙ୍କୁ ହଟାଇଥିଲେ ହେଁ ପୁନର୍ବାର ୱାର୍ଡର ମୁଖ୍ୟ ରାସ୍ତାରେ ବାଉଁଶ, ପଥର ଦେଇ ବନ୍ଦ କରିଦେଇଥିଲେ। ଖବର ପାଇ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ପୌରପାଳିକାର ପରିମଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଉତ୍କ୍ଷିପ୍ତ ଲୋକମାନେ ତାଙ୍କୁ ପାଣି କାଦୁଅ ରାସ୍ତାରେ ଚଲାଇ ନିଜର ସମସ୍ୟା ଉପରେ ଅବଗତ କରାଇଥିଲେ। ପରେ ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କ ଉପୁଜୁଥିବା ସମସ୍ୟା ଖୁବଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ବସ୍ତି ବାସିନ୍ଦା ରାସ୍ତା ଅବରୋଧ ହଟାଇଥିଲେ। ଏନେଇ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଏବଂ ସାହି ମୁରବୀମାନେ ବାରମ୍ବାର ପୌରପାଳିକାର ଦୃଷ୍ଟି ଅକର୍ଷଣ କରୁଥିଲେ ମଧ୍ୟ ପୌରପାଳିକା କର୍ତ୍ତୃପକ୍ଷ ଏହି ସମସ୍ୟାକୁ ହାଲକା ଭାବେ ଗ୍ରହଣ କରି ଆସୁଥିଲା। ଅସରାଏ ବର୍ଷା ହେଲେ ପାଖରେ ଥିବା ଡ୍ରେନର ପାଣି, ବର୍ଷାପାଣି ଓ ଉପରମୁଣ୍ଡରୁ ଗଡୁଥିବା ବର୍ଜ୍ୟପାଣି ଠିକ ଭାବରେ ନିଷ୍କାସନ ହୋଇ ନ ପାରି ରାସ୍ତାକଡରେ ଥିବା ଏହି ବସ୍ତିରେ ପ୍ରବେଶ କରୁଛି। ଅପରପକ୍ଷେ ଜାତୀୟ ରାଜପଥର ଡ୍ରେନ ନିର୍ମାଣକାରୀ ଠିକାଦାର ୱାର୍ଡର ମୁଖ୍ୟ ପ୍ରବେଶ ପଥ କଡରେ ଅଧପନ୍ତରିଆ ଡ୍ରେନ ନିର୍ମାଣ କରି କାମ ବନ୍ଦ କରିଦେଇଥିବାରୁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡ୍ରେନ ନିର୍ମାଣ କାର୍ଯ୍ୟରେ ଏକ ନିର୍ଦ୍ଦିଷ୍ଟ ସଂଗଠନର ଛାମୁଆ କର୍ମୀ ବୋଲାଉଥିବା ବ୍ୟକ୍ତିମାନେ ବାଧକ ଉପୁଜାଉଥିବା ଠିକାଦାର କହିଥିବା ବେଳେ ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁଲିସ ସୁରକ୍ଷା ବଳରେ ଜାତୀୟ ରାଜପଥ ଡ୍ରେନ ନିର୍ମାଣ କରାଇବେ ବୋଲି ଆଇଆଇସି ପ୍ରକାଶ କରିଥିଲେ। ଡ୍ରେନ ଓ ବସ୍ତିରେ ଥିବା ରାସ୍ତା, ଡ୍ରେନ ଓ ପରିମଳ ବ୍ୟବସ୍ଥାକୁ ସୁଧାର ଆଣିବା ପାଇଁ ପୌରପାଳିକା ତରଫରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

## ଖୁବଶୀଘ୍ର ସାଲେପୁରରେ ଶିଳ୍ପ ପ୍ରତିଷ୍ଠା



**ସାଲେପୁର,୧୬।୯ (ସମିସ):** ସାଲେପୁରରେ ଖୁବ୍ କମ୍ ଦିନ ମଧ୍ୟରେ ଏକ ଶିଳ୍ପକେନ୍ଦ୍ର ପ୍ରତିଷ୍ଠା ପାଇଁ ଆଜି କ୍ଷେତ୍ର ପରିଦର୍ଶନ କରାଯିବା ସହ ଜାଗା ଚିହ୍ନଟ ହୋଇଥିବା ଜଣାଯାଇଛି। ସାଲେପୁର ବ୍ଲକ୍ ଅଞ୍ଚଳରେ ବହୁମାତ୍ରାରେ ସରକାରୀ ଜାଗା ରହିଛି। ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଏକ ଶିଳ୍ପ କାରଖାନା ସ୍ଥାପନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଆଜି ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କ ନେତୃତ୍ୱରେ ଏକ ଅଧିକାରୀ ଦଳ ବାରବୋଡ଼ିଆଠାରେ ପହଞ୍ଚି ମହାନଦୀ ପଠାରେ ଥିବା ପ୍ରାୟ ୧ ଶହ ୨୦ ଏକର ସରକାରୀ ଜମିକୁ ଚିହ୍ନଟ କରିବା ସହ ଏ ସମସ୍ତ ପ୍ରକାର ତଥ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଏଡିଏମ୍ ମଧ୍ୟ ଏହି କ୍ଷେତ୍ର ପରିଦର୍ଶନ କରିଯିବା ପରେ ଆଜି ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୯୦ ଏକର ସରକାରୀ ଜମି ଚିହ୍ନଟ କରାଯାଇଥିବା ଜଣାଯାଇଛି। ସେହିପରି ଏହି ଅଞ୍ଚଳରେ ପ୍ରାୟ ୨ ହଜାର ଏକର ଚାଷ ଜମି ମହାନଦୀରେ ଲୀନ ହୋଇଯାଇଥିବାବେଳେ ଏହି ଜମିକୁ ପୁନରୁଦ୍ଧାର କରିବା ପାଇଁ ଏଠାରେ ଙ୍ଗବନ୍ଧ ସ୍ଥାପନ କରିବା ପାଇଁ ବିଜେପି ନେତା ଶ୍ରୀ ରାୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

**ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ**

## କେନାଲକୁ ଓଲଟିଲା ଅଟୋ; ବର୍ତ୍ତିଲେ ୧୧ ଛାତ୍ରଛାତ୍ରୀ

**ସାଲେପୁର,୧୬।୯ (ସମିସ):** ସକାଳ ପ୍ରାୟ ୧୦ଟା ସମୟରେ ସାଲେପୁର ସହରରୁ ଏକ ଅଟୋରିକ୍ସା ରାଘବପୁର ଆଦର୍ଶ ବିଦ୍ୟାଳୟର ପ୍ରାୟ ୧୧ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ୫ ନମ୍ବର କେନାଲ ବନ୍ଧ ରାସ୍ତାରେ ବିଦ୍ୟାଳୟକୁ ଯାଉଥିବା ବେଳେ ବାଲିସାହି ଗ୍ରାମର କୈବର୍ତ୍ତ ସାହି ନିକଟରେ ଅଟୋରିକ୍ସାଟି ଭାରସାମ୍ୟ ହରାଇ ୫ ନମ୍ବର କେନାଲର



ପାଣି ମଧ୍ୟକୁ ଓଲଟି ପଡ଼ିଥିଲା। ସେଠାରେ ଲୋକମାନେ ସଙ୍ଗେ ସଙ୍ଗେ କେନାଲ ପାଣିରେ ପସି ଛାତ୍ରଛାତ୍ରୀ ଓ ଅଟୋରିକ୍ସା ଚାଳକକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ୬ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ଅଟୋ ଚାଳକ ରିୟାଜ ଖାନ ଗୁରୁତର ଆହାତ ହୋଇଥିବା ଜଣାଯାଇଛି। ସ୍ଥାନୀୟ ଲୋକଙ୍କ ଉପସ୍ଥିତି ବୁଦ୍ଧି ପାଇଁ ୧୧ଜଣ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାର୍ ଭଡ଼ା ନେଇ ଚୋରି; ୪ ଗିରଫ



**ତିଗିରିଆ,୧୬।୯ (ସମିସ):** କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ପୁଲିସକୁ ବଡ ସଫଳତା ମିଳିଛି। କିଛି ଦିନ ପୂର୍ବରୁ ଏକ କାର୍ ଭଡା କରି ସେହି କାରକୁ ଚୋରି କରିନେଇଥିବା ୬ ଜଣ ଲୁଟେରାଙ୍କ ମଧ୍ୟରୁ ୪ଜଣ ଲୁଟେରାଙ୍କୁ ଖୁଣ୍ଟୁଣୀ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସୂଚନା ମୁତାବକ, କିଛି ଦିନ ତଳେ ଗଞ୍ଜାମ ଅଞ୍ଚଳରୁ ୬ ଜଣ ଯୁବକ ଟ୍ରେନ ଯୋଗେ ଢେଙ୍କାନାଳ ଆସି ସେଠାରୁ ଖୁଣ୍ଟୁଣୀ ଆସିବା ପାଇଁ ଏକ କାର ଭଡା କରିଥିଲେ। ଖୁଣ୍ଟୁଣୀ ଛକଠାରୁ ଅଳ୍ପ ଦୂରରେ କାରରେ ଆସିଥିବା ଯୁବକଙ୍କ ମଧ୍ୟରୁ ୨ଜଣ କାରରେ ବସିଥିବା ବେଳେ ଅନ୍ୟ ୪ ଜଣ ବାହାରକୁ ଯାଇ ଫେରିବାରେ ବିଳମ୍ବ କରିବାରୁ କାରର ଡ୍ରାଇଭର ଖୋଜିବାକୁ ଯାଇଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସମସ୍ତ ୬ ଯୁବକ କାର ନେଇ ଫେରାର ହୋଇଯାଇଥିଲେ। ଏନେଇ ପୁଲିସରେ ଅଭିଯୋଗ ହେବା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଲୁଟେରାମାନଙ୍କ ଘର ଗଞ୍ଜାମ ଅଞ୍ଚଳରେ ହୋଇଥିବାର ସୂଚନା ମିଳିବା ପରେ ପୁଲିସର ଏକ ସ୍ୱତନ୍ତ୍ର ଟିମ ୪ ଜଣ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବା ସହ ଲୁଟ ହୋଇଥିବା କାରକୁ ଜବତ କରିଛି।

## ନାବାଳିକାକୁ ଅସଦାଚରଣ !

**ଚୌଦ୍ୱାର,୧୬।୯ (ସମିସ):** ଚୌଦ୍ୱାର ଥାନା ମହିସାଲଣ୍ଡା ପଞ୍ଚାୟତରେ ଜଣେ ନାବାଳିକାକୁ ଅସଦାଚରଣ କରାଯାଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ୧୦ବର୍ଷର ଉକ୍ତ ନାବାଳିକା ଜଣକ ସଂଧ୍ୟା ସମୟରେ ବାହାରକୁ ଯାଇଥିବାବେଳେ ତାର ଜଣେ ସମ୍ପର୍କୀୟ ଯୁବକ ଅନ୍ଧାରରେ ସୁଯୋଗ ନେଇ ନାବାଳିକାକୁ ଅସଦାଚରଣ କରିଥିଲା। ନାବାଳିକା ଏ ସମ୍ପର୍କରେ ଘରେ କହିବାରୁ ଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଜଣକ ଫେରାର ଥିବା ସୂଚନା ମିଳିଛି।

## ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମୀଭୂତ

**ସହାୟତା ଦେଲେ ସ୍ଥାନୀୟ ଯୁବକ**

**ନିଶ୍ଚିନ୍ତକୋଇଲି,୧୬।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ରିସୋ ଗ୍ରାମର ବିଧବା ଲିଲି ସ୍ୱାଇଁଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳ ଛପର ଘର ସମେତ ସମସ୍ତ ଆସବାପତ୍ର ପୋଡି ଭସ୍ମୀଭୂତ ହୋଇଛି। ଗ୍ୟାସ ଲିକ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ଜିନିଷପତ୍ର ଉଦ୍ଧାର ହୋଇପାରି ନ ଥିଲା। ଘରେ ଥିବା ସମସ୍ତ ଧାନ ଚାଉଳ ଲୁଗାପଟା ବାସନକୁସନ ଓ ନଗଦ ଟଙ୍କା ପୋଡିଯାଇଛି।



ମଙ୍ଗଳବାର ସକାଳେ ଏହି ଅଗ୍ନିକାଣ୍ଡ ଘଟିଥିଲା ବେଳେ ସ୍ଥାନୀୟ ତହସିଲ ପ୍ରଶାସନକୁ ଖବର ଦିଆଯାଇଥିଲେ ମଧ୍ୟ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇନାହିଁ। ମୋ ଗାଁ ମୋ ପରିବାର ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ଓ ଜରି ପାଲ ଯୋଗାଇ ଦିଆଯାଇଛି। ବସନ୍ତ ମଲିକ, ସୁକାନ୍ତ ଲେଙ୍କା, ସୁଶାନ୍ତ ଲେଙ୍କା, ରତିକାନ୍ତ ଲେଙ୍କା, ହୃଷିକେଶ ପରିଡା, ଗଣେଶ ପରିଡା, ପଦ୍ମଲୋଚନ ମଲିକ, ହୁନା ସେଠୀ, କାଳିନ୍ଦୀ ସେଠୀ ପ୍ରମୁଖ ବିପଦଙ୍କ ଘର ସଫା ସୁତୁରା କରିବା ସହିତ ଏହି ସହାୟତା ଯୋଗାଇ ଦେଇଥିଲେ। ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ସହିତ ଏକ ପକ୍କା ଘର ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା

**ଆଠଗଡ,୧୬।୯ (ସମିସ):** ସୋମବାର ରାତିରେ ଆଠଗଡ ବ୍ଲକ ଅନ୍ତର୍ଗତ ଘଣ୍ଟିଖାଲ ଶବର ସାହିରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ସାହିର ରସା ଦେହୁରୀଙ୍କ ଚାଳଛପର ଘର ପୋଡି ନଷ୍ଟ ହେବା ସହ ଘରୋଇ ଆସବାବପତ୍ର ମଧ୍ୟ ପୋଡି ପାଉଁଶ ହୋଇଥିଲା। ଖବର ପାଇ ଆଠଗଡ଼ ଦମକଳବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଆଠଗଡର ସମାଜସେବୀ ଲକ୍ଷ୍ମୀ ନାରାୟଣ ଭଞ୍ଜ ପହଞ୍ଚି ବିପନ୍ନ ରସା ଦେହୁରୀ ଓ ପରିବାରକୁ ଲୁଗାପଟା, ରନ୍ଧା ଖାଦ୍ୟ ପାଇଁ ସାମଗ୍ରୀ ପ୍ରଦାନ କରିବା ସହ ଘର ନିର୍ମାଣ ପାଇଁ ସହାୟତା ପ୍ରଦାନ କରିବା ପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



**ଶାରଦୀୟ ଦୁର୍ଗାପୂଜା ଓ ଭସାଣି ପାଇଁ ପ୍ରଶାସନିକ ପ୍ରସ୍ତୁତି**

# ଡିଜେ, ବାଣ ଓ ଆତସବାଜି ଉପରେ କଡ଼ା କଟକଣା



**ନିଶ୍ଚିନ୍ତକୋଇଲି,୧୬।୯ (ସମିସ):** ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବ ପାଇଁ ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ତହସିଲଦାର ଦମୟନ୍ତୀ ସାହୁଙ୍କ ପୌରହିତ୍ୟରେ ଏଥିରେ ବଜାର ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ବିଭାଗୀୟ କର୍ମଚାରୀ ଆଲୋଚନା କରିଥିଲେ। ଏ ବର୍ଷ ବଜାରର ମୁଖ୍ୟରାସ୍ତା, ଦୁର୍ଗାଗଳିର କେନାଲ ବନ୍ଧ ରାସ୍ତା, ବାରମାଣିଆ ରାସ୍ତା ଓ ୮ନଂ କେନାଲ ପୋଲ ଉପରକୁ ମରାମତି କରିବା ପାଇଁ ତହସିଲଦାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବଜାରର ମୋଟ ୧୪ଟି ପୂଜା ମଣ୍ଡପରେ ଆକର୍ଷଣୀୟ ମେଢ ନିର୍ମାଣ କରାଯିବା ସହିତ ବିଭିନ୍ନ ଆଲୋକମାଳାରେ ସାଜସଜ୍ଜା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୮ ତାରିଖଠାରୁ ଏହି ବଜାରର ଦୁର୍ଗାପୂଜା ମଣ୍ଡପରେ ମା' ଦୁର୍ଗା ଏବଂ ବ୍ୟବସାୟୀ ସଂଘର ମୁଖ୍ୟମେଢ ଜଳନ୍ଧର ବଧ ପୂଜାର୍ଚ୍ଚନା କରାଯିବ ଏବଂ ଅନ୍ୟ ସମସ୍ତ ମେଢ ୨୯ ତାରିଖଠାରୁ ପୂଜାର୍ଚ୍ଚନା କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଉତ୍ସବରେ ବିଭିନ୍ନ ସାଂସ୍କୃତିକ ଓ ମେଲୋଡି କାର୍ଯ୍ୟକ୍ରମ ଏଥର ରାସ୍ତା ପାଶ୍ୱର୍ରେ ନ ହୋଇ ସାପ୍ତାହିକ ହାଟ ପଡିଆରେ ହେବା ପାଇଁ ସ୍ଥିର ହୋଇଛି। ଅକ୍ଟୋବର ୬ ତାରିଖରେ ଭସାଣି ଉତ୍ସବ କରାଯିବା ପାଇଁ ନିଷ୍ପତ୍ତି ହେବା ସହିତ ସମସ୍ତ ପୂଜା ମଣ୍ଡପର ସଭାପତି ଓ ସଂପାଦକଙ୍କୁ ସେମାନଙ୍କ ଭସାଣି କାର୍ଯ୍ୟ ରାତ୍ର ୧୧ଟା ମଧ୍ୟରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ ହୋଇଛି। ଏହି ଭସାଣି ଉତ୍ସବରେ ଦୁଇଟି ମେଢ ଗାନ୍ଧୀ ଛକଠାରୁ ବାହାରିବା ସହିତ ଅନ୍ୟ ୧୧ଟି ମେଢ ଥାନା ଛକରୁ ସନ୍ଧ୍ୟା ୬ଟା ମଧ୍ୟରେ ସେମାନଙ୍କର ଶୋଭାଯାତ୍ରା ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭସାଣୀ ଶୋଭାଯାତ୍ରାରେ ଡିଜେ ବାଦ୍ୟ ଏବଂ ଆତସବାଜିକୁ ସଂପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ବ୍ୟବସାୟୀ ସଂଘ ପକ୍ଷରୁ ପେଟି ବାଣ ଫୁଟାଇବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ସଂଘର ସଭାପତି ପ୍ରମୋଦ ପଣ୍ଡା ଶାରଦୀୟ ପୂଜା ସଂକ୍ରାନ୍ତରେ ସୂଚନା ଦେଇଥିଲା ବେଳେ ସଂପାଦକ ଜୀବନାନନ୍ଦ ଦାଶ ବିବରଣୀ ପାଠ କରିଥିଲେ। ବୈଠକରେ ଆଇଆଇସି ଯୁଗଳ କିଶୋର ଦାସ, ସଂଘର ଉପସଭାପତି ବଳରାମ ସାହୁ, ଗୁରୁଚରଣ ନାୟକ, ଗଗନ ବିହାରୀ ବରାଳ, ମନମୋହନ ଓଝା, କରୁଣାକର ସାହୁ, ଅଜୟ ସ୍ୱାଇଁ, କେଦାରଚନ୍ଦ୍ର ସାଥୁଆ, ବିଜୟ ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ। କୋଷାଧକ୍ଷ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଙ୍ଗୀର ୨୨ଟି ଓ ଭଟିମୁଣ୍ଡାର ୨୧ଟି ସମେତ ୫୯ଟି ମଣ୍ଡପରେ ପୂଜା



**ଟାଙ୍ଗୀ,୧୬।୯ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଓ ଭଟିମୁଣ୍ଡା ସମେତ ଆଖପାଖ ଅଞ୍ଚଳର ମୋଟ ୫୯ଟି ମଣ୍ଡପରେ ଚଳିତ ବର୍ଷ ଶାରଦୀୟ ପୂଜା ଅନୁଷ୍ଠିତ ହେବ। ସେଥିରେ ଟାଙ୍ଗୀର ୨୨, ଭଟିମୁଣ୍ଡାର ୨୧ ଓ ଗୋବିନ୍ଦପୁରର ୫ଟି ମଣ୍ଡପ ସ୍ଥାନ ପାଇଥିଲାବେଳେ କନ୍ହେଇପୁର ପଞ୍ଚାୟତ ଭଗତପୁର, ସଫା ଏବଂ ହରିଅନ୍ତା ଅଞ୍ଚଳରେ ଅବଶିଷ୍ଟ ୧୧ଟି ମଣ୍ଡପ ରହିଥିବା ସୂଚନା ମିଳିଛି। ପୂଜା ସହ ଭସାଣି ଶୃଙ୍ଖଳିତ କରିବା ନିମନ୍ତେ ଟାଙ୍ଗୀ ପୁଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରେ ତଥା ଆଇଆଇସି ଶିବ ପ୍ରସାଦ ଭଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପୂଜା ମଣ୍ଡପର ମୁରବୀ ଅଂଶଗ୍ରହଣ କରିଥିଲେ। ରାତି ୧୦ ଘଟିବା ସୁଦ୍ଧା ଭସାଣୀ, ବିନା ପପରେ ୪ଟି ସାଉଣ୍ଡ ବକ୍ସ ବ୍ୟବହାର, ଉପ ଜିଲ୍ଲାପାଳଙ୍କ ଅନୁମତି ପତ୍ର, ସ୍ୱେଚ୍ଛାସେବକ ନିଯୁକ୍ତି, ପୂଜା କମିଟି କର୍ମକର୍ତ୍ତାଙ୍କ ଫୋନ ନମ୍ବର ଓ ନିଶାଦ୍ରବ୍ୟ ସେବନ ପୂର୍ବକ ଅରାଜକତା ସୃଷ୍ଟି ଆଦି ବିଭିନ୍ନ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। ମାତ୍ର ବାଣ ଓ ଆତସବାଜି ବ୍ୟବହାରକୁ ସଂପୂର୍ଣ୍ଣ ବାରଣ କରାଯାଇଥିଲା। ଏ ସଂକ୍ରାନ୍ତ ଏକ ମାର୍ଗଦର୍ଶିକା ପୂଜା କମିଟି କର୍ମକର୍ତ୍ତାଙ୍କୁ ବଣ୍ଟନ କରାଯାଇଥିଲା। ତେବେ ଟାଙ୍ଗୀର ୨୨ଟି ମଣ୍ଡପ ମଧ୍ୟରୁ ୧୯ଟି ଭସାଣୀରେ ସାମିଲ ହେବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା।

### ମରଣଯନ୍ତା ପାଲଟିଛି ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ

# ଜିଲ୍ଲାପାଳଙ୍କ କଥାକୁ ଖାତିର କରୁନି ପୂର୍ତ୍ତ ବିଭାଗ



**ଭଦ୍ରକ, ୧୬ା୯ (ସମିସ)**

ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଭଦ୍ରକ ଜିଲ୍ଲାର ଏକ ମୁଖ୍ୟ ରାଜପଥ; ଯାହାକି ଓଡ଼ିଶା ପ୍ରସିଦ୍ଧ ଶୈବପୀଠ ବାବା ଅଖଣ୍ଡଳମଣି ଆରଡ଼ିକୁ ସଂଯୋଗ ହୋଇଛି। ଏହି ରାସ୍ତା ୩୬ କିମି ହୋଇଥିଲେ ମଧ୍ୟ ଦୀର୍ଘବର୍ଷ ହେଲା ଭଦ୍ରକରୁ ଆରଡ଼ି ରାସ୍ତା କାମ ଶେଷ ହେବାର ନାଁ ଧରୁନାହିଁ। ଏବେ ଏହି ରାସ୍ତା ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି। ପୂର୍ବ ସରକାର ଏହି ରାସ୍ତା ସମ୍ପ୍ରସାରଣ ପାଇଁ ୩୯ କୋଟି ଟଙ୍କା ମଞ୍ଜୁର କରିଥିଲେ; ହେଲେ ଠିକାଦାର ଅଧାପନ୍ତରିଆ କାମକରି ଫେରାର ହୋଇଯାଇଛି। ଭଦ୍ରକ ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ଭାବେ ରାଜ୍ୟରେ ପରିଚିତ ଭଦ୍ରକ-ଆଖଣ୍ଡଳମଣି ରାସ୍ତାର ଅବସ୍ଥା ଏବେ ବର୍ଷା ଯୋଗୁଁ ଆହୁରି ବିପଜ୍ଜନକ ହୋଇପଡ଼ିଛି। ଏହି ରାସ୍ତାକୁ ସମ୍ପ୍ରସାରଣ କରିବା ପାଇଁ ୫ ବର୍ଷ ବିତିଗଲାଣି; କିନ୍ତୁ ଠିକାଦାର ନିଜ ମନମାନିରେ କାମ କରୁଛି। ଯେମିତି ଶାସନ, ପ୍ରଶାସନ ଆଉ ସରକାର ତାଙ୍କ ହାତ ମୁଠାରେ। ଏ ନେଇ ସ୍ଥାନୀୟ ଲୋକେ ଯେତେ ଅଭିଯୋଗ କଲେ ବି ସେ ବିଭାଗୀୟ ଅଧିକାରୀଙ୍କ ଛାତ୍ରଛାୟା ତଳେ ଥିବାରୁ ଏହାକୁ ଭୃକ୍ଷେପ କରୁନାହାନ୍ତି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ

**ରାସ୍ତା ନିର୍ମାଣକୁ ନେଇ ତେଜୁଛି ଜନଅସନ୍ତୋଷ**

ଜିଲ୍ଲାପାଳ ଭଦ୍ରକ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଏହାକୁ ସମ୍ପୃକ୍ତ ବିଭାଗ ଶୁଣୁନାହିଁ। ବିଶେଷକରି ଏହି ରାସ୍ତାର ମଙ୍ଗଳପୁରଠାରୁ ଧୂଷୁରୀ ମଧ୍ୟରେ ସ୍ଥାନେ ସ୍ଥାନେ ପିଚୁ ଉଠି ଯାଇ ବଡ ବଡ ଖାଲ ସୃଷ୍ଟି ହୋଇଛି। ସେହିସବୁ ସ୍ଥାନରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୨ ମାସ ତଳେ ପତ୍ରିସାହିଠାରୁ କୋଠାର ନିକଟରେ ହୋଇଥିବା ପିଚୁ କାମ ସମ୍ପୂର୍ଣ୍ଣ ରୂପେ ନିମ୍ନମାନର ଏବଂ ଦିନକ ପରେ ପିଚୁ ଉଠି ଯାଇଥିବା ଅଭିଯୋଗ ହୋଇଛି। ଏଭଳି ଯଦି ନିମ୍ନମାନର କାମ ଜାରି ରହେ ଏବଂ ଜିଲ୍ଲା ପ୍ରଶାସନ, ଠିକାଦାର, ବିଭାଗୀୟ ଅଧିକାରୀ ଆମର ଦାବି ନ' ଶୁଣନ୍ତି, ତା ହେଲେ ଆଗାମୀ ଦିନରେ ଭଦ୍ରକ ଆରଡ଼ି ରାଜ୍ୟ ରାଜପଥକୁ ଅବରୋଧ କରିବୁ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବ ସରକାର ଅମଳରେ ଏହି ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। ଏହି ରାସ୍ତା ପାଇଁ ପ୍ରାୟ ୩୯କୋଟି ଟଙ୍କା ମଞ୍ଜୁର କରାଯାଇ ଟେଣ୍ଡର ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏହି ରାସ୍ତା ପାର୍ଶ୍ୱରେ ଥିବା ପ୍ରାଚୀନ ତଥା ବିରାଟକାୟ ଶହ ଶହ ଗଛକୁ କାଟି ଦିଆଯାଇଥିଲା। ତେବେ ରାସ୍ତା ନିର୍ମାଣ କାର୍ଯ୍ୟ ନ ହେବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ ତଥା ବାବାମଣି ପୀଠକୁ ଯାଉଥିବା ପର୍ଯ୍ୟଟକ। ଏ ଦିଗରେ ରାଜ୍ୟ ସରକାର ଗୁରୁତର ସହ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।



ଆରଡି ବାବାମଣିଙ୍କ ମନ୍ଦିରରେ
ଜୟଦୁର୍ଗାଙ୍କ ଷୋଡ଼ଶ ଦିବସୀୟ ପୂଜାରେ ମା'ଙ୍କ ସର୍ବମଙ୍ଗଳା ବେଶ

**ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ୨.୫ ଲକ୍ଷ ଟଙ୍କା ହଡ଼ପ ଘଟଣା**

# ସଭାନେତ୍ରୀଙ୍କ ନାଁରେ ଥାନାରେ ମାମଲା



**ଦୋବଲ, ୧୬ା୯(ସମିସ):** ଦୋବଲ ନିକଟ କରଦା ପଞ୍ଚାୟତ ମାଳସାହି ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୨.୫ ଲକ୍ଷ ଟଙ୍କା ହଡ଼ପ ହୋଇଛି। ଗୋଷ୍ଠୀର ସଭାନେତ୍ରୀ ସୁନିଲତା ସାହୁ ଅନ୍ୟ ସଦସ୍ୟ ଏବଂ ସମ୍ପାଦକଙ୍କ ଅଗୋଚରରେ ଏହି ଟଙ୍କା ଉଠାଇ ନେଇଛନ୍ତି ବୋଲି ଧାମନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏସଏଚଜିର ସମ୍ପାଦିକା ଅମ୍ବିକା ସାହୁ, ସଦସ୍ୟା ବିଷ୍ଣୁପ୍ରିୟା ସାହୁ, ଦୁର୍ଗାବତୀ ସାହୁ, ପ୍ରଣତୀ କର, ସାରଥୀ ସାହୁ, ଶ୍ରଦ୍ଧା କର, ପ୍ରତିମା ସାହୁ ଓ ପୂଜାରାଣୀ ସାହୁ ଏ ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏଏସ୍ଆଇ ଲରେନ୍ସ କୁଜୁର ଏତଲା ଗ୍ରହଣ କରି ତଦନ୍ତ ଆରମ୍ଭ କରିଛନ୍ତି। ସଦସ୍ୟାଙ୍କ ଅଭିଯୋଗ ଅନୁସାରେ, ଗତ ୨୦୨୧ରୁ ସଭାନେତ୍ରୀ ସୁନିଲତା ସାହୁ ନିୟମିତ ଭାବେ ବେଆଇନଭାବେ ଏସ୍ଏଚଜିର ଆକାଉଣ୍ଟରୁ ଟଙ୍କା ଉଠାଇ ଚାଲିଛନ୍ତି। ନିକଟରେ ଜମାଖାତା ଯାଞ୍ଚ କରିବାରୁ ସଦସ୍ୟାମାନେ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ ବୋଲି ସଦସ୍ୟ ଦୁର୍ଗାବତୀ ସାହୁ କହିଛନ୍ତି। ଦୁର୍ଗାବତୀଙ୍କ କହିବା ଅନୁସାରେ, ଗତ ୨୦୧୮ ରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଥିଲା। ଧାମନଗର ଶାଖା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରେ ସେମାନଙ୍କ ଆକାଉଣ୍ଟ ଖୋଲାଯାଇଥିଲା। ଏହାପରେ ସେମାନେ ବ୍ୟାଙ୍କରୁ ପ୍ରଥମେ ୩ ଲକ୍ଷ, ପରେ ୪ ଲକ୍ଷ ଓ ଶେଷଥର ପାଇଁ ସେମାନେ ୭.୫ ଲକ୍ଷ ଟଙ୍କା ଲୋନ୍ ନେଇଛନ୍ତି। ଲୋନ୍ ସୁଝିବା ବାବଦକୁ ଇଏମ୍ଆଇ ସହ ଆଉ ୧୦୦୦ ଟଙ୍କା ଦେଇଥାନ୍ତି। ଏଥିରୁ ୧୦୦ ଟଙ୍କା ଜମା ରଖିଥାନ୍ତି। ବାକି ଟଙ୍କା ଲୋନ୍ ଖାତାରେ ଚଢ଼ା ଯାଇଥାଏ। ଏହାଛଡ଼ା ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଏସଏଚଜିଗୁଡ଼ିକୁ ସରକାର ଛୋଟ ମୋଟ ଅନୁଦାନ ଦେଇଥାନ୍ତି। କେତେବେଳେ ପିଠା ପଇସା ତ କେତେବେଳେ କରୋନା ଟଙ୍କା ସରକାର ଦେଇଥାନ୍ତି। ଏସବୁକୁ ମିଶାଇ ଗୋଷ୍ଠୀ ଆକାଉଣ୍ଟରେ ପ୍ରାୟ ୩ ଲକ୍ଷ ଟଙ୍କା ଥିଲା। ଜଣେ ସଦସ୍ୟା ଆକାଉଣ୍ଟ ଚେକ୍ କରିବାରୁ ଜାଣିବାକୁ ପାଇଲେ ଯେ, ତାଙ୍କ ଆକାଉଣ୍ଟରୁ ଥରକୁ ଥର ମୋଟ୍ ୨.୬ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ତେବେ ସବୁଠାରୁ ବଡକଥା ହେଉଛି ଯେ, ଏଥିଲାଗି କେବେ ବି ସମ୍ପାଦିକା ଅମ୍ବିକା ସାହୁ କି ଅନ୍ୟ ସଦସ୍ୟାଙ୍କ ଦସ୍ତଖତ ନିଆଯାଇ ନାହିଁ। ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା ନିୟମ ଅନୁସାରେ, ଟଙ୍କା ଉଠାଣ ବେଳେ ସଭାପତି, ସମ୍ପାଦିକା କିମ୍ବା ଅନ୍ୟ ସଦସ୍ୟା ବ୍ୟାଙ୍କରେ ଉପସ୍ଥିତ ରହିବେ। ନିଜେ ବ୍ୟାଙ୍କ ମ୍ୟାନେଜର ସେମାନଙ୍କ ଟଙ୍କା ଉଠାଣ ଆବେଦନକୁ ମଞ୍ଜୁର କରିବେ। ତା ପରେ ଯାଇ ଏମାନେ ଟଙ୍କା ଉଠାଇ ପାରିବେ; ହେଲେ ସୁନିଲତା ନିଜେ ନିଜେ ବ୍ୟାଙ୍କ ଯାଇ ଏକା ଏକା ଟଙ୍କା ଉଠାଇଛନ୍ତି। ଚେକରେ ନିଜେ ଦସ୍ତଖତ କରିବା ସହ ସମ୍ପାଦିକା କିମ୍ବା ସଦସ୍ୟାଙ୍କ ଦସ୍ତଖତ ଜାଲ କରି ଟଙ୍କା ଉଠାଇଥାନ୍ତି। ଏଣୁ ଏ କାରବାରରେ ବ୍ୟାଙ୍କ କର୍ତ୍ତୃପକ୍ଷ ସାମିଲ ଥିବା ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ମତାମତ ନେବାକୁ ଚାହିଁଥିଲେ ବି ସେ ଛୁଟିରେ ଥିବାରୁ ପ୍ରତିକ୍ରିୟା ଦେଇ ପାରିନାହାନ୍ତି। ଅନ୍ୟପଟେ ବ୍ୟାଙ୍କର କ୍ୟାସିୟର କହିଛନ୍ତି ଯେ, ବ୍ୟାଙ୍କ ମ୍ୟାନେଜର ଆପ୍ରୁଭ କଲା ପରେ ଆମେ ଟଙ୍କା ଦେଇଛୁ।

# କୁଆଁସ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



**ଭଦ୍ରକ, ୧୬ା୯(ସମିସ):** ଭଦ୍ରକ ସହର କୁଆଁସ ପିଲା ଗଣେଶ ପକ୍ଷରୁ ୨ ଦିନ ବ୍ୟାପୀ ଚାଲିଥିବା ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ କମିଟି ଉପଦେଷ୍ଟା ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଡାକ୍ତର ପ୍ରଦୀପ ନାୟକ, କମିଟି ର ସଭାପତି ସଞ୍ଜୀବ ଦାସ, ସମ୍ପାଦକ ପ୍ରଭାତ ମହାନ୍ତି କୋଷାଧ୍ୟକ୍ଷ ରାଜକୁମାର, କାଉନସିଲର ଜ୍ୟୋତିର୍ମୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୁଧା ସାଗର ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ପ୍ରଖ୍ୟାତ କଣ୍ଠ ଶିଳ୍ପୀ ପଙ୍କଜ ଜାଲ, କରୁଣାକର ସେଠୀ ଓ ସାଥି ଭଜନ ପରିବେଷଣ କରିଥିଲେ। ଡାକ୍ତର ଧନଞ୍ଜୟ ପଣ୍ଡା, ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ସମାଜସେବୀ ଶ୍ରୀକାନ୍ତ ମହାନ୍ତି, ସେବିକା ସବିତା ମହାନ୍ତି ଓ ସ୍ୱଚ୍ଛ ସାଥି ମନୋରମା ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଂଶ ଗ୍ରହଣ କରିଥିବା କୁନି ନୃତ୍ୟ ଶିଳ୍ପୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଅମରଜିତ ରାୟ, ଅବିନାଶ ପଟ୍ଟନାୟକ, ସୁରେନ୍ଦ୍ର ସେଠୀ, ରାଜୀବ ଦାସ, ଦେବରାଜ ବିଶ୍ୱାଳ, ସାର୍ଥକ ଦାସ ପ୍ରମୁଖଙ୍କ ନେତୃତ୍ୱରେ ୧୯୯୩ମସିହାରୁ ଏହି ପୂଜା ଗତ ୩୩ ବର୍ଷ ଧରି ହୋଇଆସୁଛି।

### କମିଟି ପୁର୍ନଗଠନ ବାତିଲ ପାଇଁ ଏସ୍ଏଚ୍ଜି ମହାସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର

# 'ହାଇକୋର୍ଟ ଅନ୍ତରୀଣ ଆଦେଶ କାର୍ଯ୍ୟକାରୀ ହେଉ'

**ଭଣ୍ଡାରିପୋଖରୀ, ୧୬ା୯(ସମିସ):** ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ବାବା ଶନିଶ୍ଚର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମହାସଂଘ (ବ୍ଲକ ଲେବଲ ଫେଡେରେସନ) ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଉଚ୍ଚ ନ୍ୟାୟାଳୟ ଆଦେଶ ସହ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକାରିଣୀ କମିଟି ପୁର୍ନଗଠନ ପ୍ରକ୍ରିୟା ବାତିଲ କରିବାକୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୨୨ଟି ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଂଘ (ଜିପିଏଲଏଫ)କୁ ନେଇ ଗଠିତ ବିଏଲଏଫ ପକ୍ଷରୁ ବସନ୍ତ ମଞ୍ଜରୀ ଜେନା, ଶକୁନ୍ତଳା ସାମଲ, ମାଳତୀ ପାତ୍ର ପ୍ରମୁଖ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମଞ୍ଚ, ସଂଘ ଓ ମହାସଂଘ କାର୍ଯ୍ୟକାରିଣୀକୁ ପରିବର୍ତ୍ତନକୁ ବାତିଲ କରାଯିବାକୁ ଦୃଢ ଦାବି କରିଥିଲେ। ବ୍ଲକ ଲେବଲ ଫେଡେରେସନ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଡବ୍ଲୁ.ପି.ସି. ୨୫୩୮୪ନଂ ମାମଲା ମୂଳେ ପ୍ରାପ୍ତ ଆଦେଶକୁ ଦାବିପତ୍ର ସହ ସଂଲଗ୍ନ କରି ଜିଲ୍ଲାପାଳଙ୍କୁ ନ୍ୟାୟାଳୟ ଆଦେଶ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି। ବିଭିନ୍ନସ୍ତରର କାର୍ଯ୍ୟକାରିଣୀ ସଭ୍ୟା ଭାବେ ସ୍କୁଟି ଋଣ ହାସଲ କରିଥିବା ଓ ଏହାର ଋଣ ପୈଠ ଚାଲିଥିବାରୁ କାର୍ଯ୍ୟକାରିଣୀ ପରିବର୍ତ୍ତନ ଦ୍ୱାରା ଗୋଷ୍ଠୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଗ୍ରାମ୍ୟସ୍ତରରେ ୧୦ଟି ସ୍ୱୟଂସହାୟିକା ଗୋଷ୍ଠୀକୁ ନେଇ ମଞ୍ଚ, ସମସ୍ତ ମଞ୍ଚକୁ ନେଇ ପଞ୍ଚାୟତସ୍ତରୀୟ ସଂଘ (ଜି.ପି.ଏଲ.ଏଫ.) ଓ (ଜି.ପି.ଏଲ.ଏଫ.)କୁ ନେଇ ବ୍ଲକସ୍ତରୀୟ ମହାସଂଘ (ବ୍ଲକ ଲେବଲ ଫେଡେରେସନ) ଗଠନ କରାଯାଇଛି। ଗତ ୨୦୧୭ ମସିହାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକର ଏହି ସଙ୍ଗଠନ ବ୍ଲକ ମିଶନଶକ୍ତି ଦ୍ୱାରା ଆରମ୍ଭ ହୋଇ କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା। ଏବେ ସେହି କାର୍ଯ୍ୟକାରିଣୀ ପରିବର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏପରିକି ଯେଉଁ ଜିଲ୍ଲାଗୁଡିକ ପାଇଁ ନ୍ୟାୟାଳୟଙ୍କ ପକ୍ଷରୁ ଆଦେଶ ଜାରି ହୋଇନାହିଁ ସେହି ଜିଲ୍ଲାଗୁଡିକରେ କାର୍ଯ୍ୟକାରିଣୀ ପୁର୍ନଗଠନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିବା ଜଣାଯାଇଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

# ଘଣ୍ଟ ଘୋଡ଼ାଉଛନ୍ତି ସିଡିଏମ୍ଓ; କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ

**ଭଣ୍ଡାରିପୋଖରୀ, ୧୬ା୯(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଗତ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ନଗୁଆ ସମିତି ସଭାପତି ରମେଶ ଚନ୍ଦ୍ର ଭାରତୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ମନୋଜ କୁମାର ନାୟକଙ୍କ ସମେତ ବହୁ ବ୍ୟକ୍ତି ଅଧୀକ୍ଷକ ଡା.ସ୍ୱାଇଁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଡା.ସ୍ୱାଇଁ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦିନ ୧୧ଟାରେ କାର୍ଯ୍ୟାଳୟ ଆସୁଥିବା ଓ ଅପରାହ୍ନ ୩ଟାରେ ଘରୋଇ ଭାବେ ରୋଗୀ ଦେଖିବାକୁ ଭଦ୍ରକ ଫେରିଯାଆନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟଡୋର ରୋଗୀସେବା କରନ୍ତି ନାହିଁ କି ତାଙ୍କୁ ମିଳିଥିବା ସରକାରୀ କ୍ୱାଟରରେ ରାତ୍ରିଯାପନ କରନ୍ତି ନାହିଁ। ସେ ତାଙ୍କର କାର୍ଯ୍ୟକାଳ ସମୟରେ ଜରୁରୀକାଳୀନ ରୋଗୀ ସେବା କେବେ କରିନାହାନ୍ତି। ସେ ସର୍ବଦା ଅସାମାଜିକ ଶ୍ରେଣୀର ବ୍ୟକ୍ତିମାନଙ୍କ ସହ ନିୟମିତ ବୈଠକ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାକୁ ଏଡାଇ ଦେଉଛନ୍ତି। ଏଠାରେ ନୂତନ ଭାବେ ଯୋଗଦେଉଥିବା ଡାକ୍ତରଙ୍କୁ ଉତପୀଡନ କରୁଥିବା ଯୋଗୁଁ ସେମାନେ ଯୋଗଦେବାର କିଛି ଦିନ ମଧ୍ୟରେ ଛାଡି ପଳାଉଛନ୍ତି। ଜନସାଧାରଣଙ୍କୁ ଦୁର୍ବ୍ୟବହାର କରିବା, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଘରୋଇ ଚିକିତ୍ସା କରିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି ଉପରୋକ୍ତ ବ୍ୟକ୍ତିବିଶେଷ। ଗତ ଫେବୃୟାରୀ ୧୭ ତାରିଖରେ ଅନୁଷ୍ଠିତ ମିଳିତ ଜନଶୁଣାଣି ସମୟରେ ଏଭଳି ଅଭିଯୋଗ କରାଯାଇଥିଲା। ଖୋଦ ଜିଲ୍ଲାପାଳ ଅଧୀକ୍ଷକ ଡା.ସ୍ୱାଇଁଙ୍କୁ ବଦଳି କରିବେ ବୋଲି ଆଶ୍ୱାସନା ଦେଇଥିଲେ। ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସେହି କାର୍ଯ୍ୟାଳୟର ଜନୈକ କର୍ମଚାରୀ ଜିଲ୍ଲାପାଳଙ୍କ ଆଦେଶକୁ ବିଫଳ କରିଦେଇଥିଲେ ବୋଲି ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହି ସମସ୍ୟା ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗକୁ ଜଣାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେଉଥିବା ଚଳିତ ଅଭିଯାନ ଆଗାମୀ ଅକ୍ଟୋବର ୨ ତାରିଖରେ ସମାପ୍ତ ହେବା ପରେ ଅଧୀକ୍ଷକଙ୍କୁ ଭଣ୍ଡାରିପୋଖରୀରୁ ହଟାଇ ଦିଆଯିବ ବୋଲି ଜିଲ୍ଲାପାଳ ପୁଣି ଆଶ୍ୱାସନା ଦେଇଥିଲେ। ଆଗାମୀ ଦିନରେ ଏହା କାର୍ଯ୍ୟକାରୀ କରା ନ ଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ।

# ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



**ଭଦ୍ରକ, ୧୬ା୯(ସମିସ):** ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଣ୍ଡାରିପୋଖରୀ ବ୍ଲକ ନରେଡ଼ା ଗ୍ରାମ ପଞ୍ଚାୟତ ଆଖୁଆପଦା ଛକ ହରପାର୍ବତୀ ଅନୁଷ୍ଠାନ ସଭାଗୃହରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ପାଇଁ ସଚେତନଶୀଳ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ଓ ମୌଳିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୬ଜଣ ଶ୍ରମିକଙ୍କୁ ଶ୍ରମକାର୍ଡ଼ ପ୍ରଦାନ କରାଯାଇଥିଲା। ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ପ୍ରତ୍ୟୁସ କୁମାର ବେହେରା, ସହକାରୀ ପ୍ରତିପକ୍ଷ ଅଧିବକ୍ତା ଡ଼. ତାପସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକ ଓ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ, ସମସ୍ୟାର ସମାଧାନ ତଥା ଦୁର୍ଘଟଣା ଶ୍ରମିକଙ୍କ ସମସ୍ୟା ଉପରେ ବିଚାର ବିମର୍ଶ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥି ସହ ଶ୍ରମିକଙ୍କ ସମାଧାନ କ୍ଷେତ୍ରରେ ପିଏଲ୍‌ଭି ହରେକୃଷ୍ଣ ନାୟକ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଶରତ କୁମାର ଯେନା ତାଙ୍କ ବକ୍ତବ୍ୟରେ ନରେଡ଼ା ପଞ୍ଚାୟତର ସମସ୍ୟା ଓ ଯୁବ ସମାଜ ଉପରେ ତାଙ୍କର ମତବ୍ୟକ୍ତ ରଖିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଆଇନ୍‌ସେବା ପ୍ରାଧିକରଣଙ୍କ ପ୍ରଦତ ୧୫୧୦୦ (ଟୋଲ୍ ଫ୍ରି) ନମ୍ବର ତଥା ଆଇନସେବା ପ୍ରାଧିକରଣ ଭଦ୍ରକ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା। ଉକ୍ତ ଗ୍ରାମ ପଞ୍ଚାୟତ ଅଧିବାସୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

### ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି କ୍ରିକେଟ୍ ଲିଗ୍

# ଭଦ୍ରକରୁ ଜଣେ କୋଚ୍ ଓ ୫ କ୍ରିକେଟର୍ ଅନୁବନ୍ଧିତ

**ଭଦ୍ରକ, ୧୬ା୯(ସମିସ)**



ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ବହୁଚର୍ଚ୍ଚିତ 'ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି କ୍ରିକେଟ୍ ଲିଗ୍' ପାଇଁ କୋଚ୍ ଓ କ୍ରିକେଟର୍ ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ଭଦ୍ରକରୁ ଜଣେ କୋଚ୍ ଓ ୫ ଜଣ କ୍ରିକେଟର୍ ବିଭିନ୍ନ ଦଳରେ ସ୍ଥାନ ପାଇଛନ୍ତି। ଟିମ୍ ଓଡ଼ିଶାର କୋଚ୍ କେ.ଭି.ପ୍ରସାଦ 'ଭୁବନେଶ୍ୱର ଟାଇଗର୍ସ'ର ଆସିଷ୍ଟାଣ୍ଟ କୋଚ୍ ରୂପେ ଅନୁବନ୍ଧିତ ହୋଇଛନ୍ତି। ଭଦ୍ରକର ପ୍ରଥମ ରଣଜୀ ତାରକା ହର୍ଷିତ ରାଠୋଡ୍ 'କଟକ ପାନ୍ଥର୍ସ' ପାଇଁ ଖେଳିବେ। ସେହିପରି ଭଦ୍ରକର ଦ୍ୱିତୀୟ ରଣଜୀ ତାରକା ସତ୍ୟକାମ ଭରଦ୍ୱାଜ 'ଭୁବନେଶ୍ୱର ଟାଇଗର୍ସ' ପାଇଁ ଖେଳିବେ। ଆକାଶ ମହାପାତ୍ରଙ୍କୁ 'ରାଉରକେଲା ଷ୍ଟିଲର୍ସ' ନିଯୁକ୍ତି ଦେଇଥିବା ବେଳେ ତାଙ୍କ ବଡଭାଇ ସୂର୍ଯ୍ୟ ମହାପାତ୍ର 'ପୁରୀ ଟାଇଟାନ୍ସ' ପାଇଁ ନିଯୁକ୍ତି ପାଇଛନ୍ତି। ସାହିଲ୍ ଅଞ୍ଜୁମ୍ ଖାନ୍ 'କେଉଁଝର୍ ମାଇନର୍ସ' ସହ ଅନୁବନ୍ଧିତ ହୋଇଛନ୍ତି। ଏମାନଙ୍କ ନିଯୁକ୍ତି ଭଦ୍ରକର କ୍ରିକେଟ୍ ଜଗତରେ ଖୁସିର ବାତାବରଣ ସୃଷ୍ଟି କରିଛି। ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ବିଜୟ କୁମାର ଜେନା, ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ, ସାଧାରଣ ସମ୍ପାଦକ ଧୀରେନ୍ ପଲାଇ, କୋଷାଧ୍ୟକ୍ଷ ବ୍ୟୋମୋକେଶ ସେନାପତି ଓ ଆସୋସିଏସନ୍‌ର ବରିଷ୍ଠ ସଦସ୍ୟମାନେ ନିଯୁକ୍ତି ପାଇଥିବା କ୍ରିକେଟର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ସଞ୍ଜୟ ବେହେରା ଓ ଭଦ୍ରକର କ୍ରିକେଟରଙ୍କ ଉପରେ ଆସ୍ଥା ସ୍ଥାପନ କରିଥିବା ଟିମ୍ ମାଲିକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଅନୁଯାୟୀ, ବହୁ ପ୍ରତିକ୍ଷୀତ ଟି-ଟ୍ୱେଣ୍ଟି କ୍ରିକେଟ୍ ଲିଗ୍ ଆସନ୍ତା ୧୭ ତାରିଖରେ ବାରବାଟୀ ଷ୍ଟାଡିୟମ୍‌ଠାରେ ଉଦଘାଟିତ ହେବ। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ରୂପେ ଯୋଗ ଯୋଗଦେବେ। ଅତିଥି ରୂପେ ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର୍ ଇରଫାନ୍ ପଠାନ୍, ବଲିଉଡ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ବାରିକପୁର/ମଞ୍ଜୁରୀ ରୋଡ, ୧୬ା୯ (ସମିସ):** ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ ନିକଟସ୍ଥ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଲା ଗ୍ରାମର ଜଣେ ମହିଳା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ଗ୍ରାମର ଅଜୟ ମାଝୀଙ୍କ ପତ୍ନୀ ପାର୍ବତୀ (୨୭) ଆଜି ସକାଳୁ ବାସଗୃହ ସଂଲଗ୍ନ ନଳକୂପରେ ବାସନ ମାଜୁଥିବାବେଳେ ପାଣି ମଟର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ପାର୍ବଣ ପୂର୍ବରୁ ଆକ୍ସନ୍‌ମୋଡ୍‌ରେ ପୁଲିସ

# ଅପରେସନ୍ ଦମନ: ୧୮୪ ଅମାନିଆଙ୍କ କଟିଲା ଚାଲାଣ



ଖୋର୍ଦ୍ଧା,୧୬।୯(ସମିସ): ଆଉ ଦିନ କେଇଟା ପରେ ମଣ୍ଡପରେ ବିରାଜିବେ ମା' ଦୁର୍ଗା। ପାର୍ବଣ ଲାଗି ଜିଲ୍ଲା ପୁଲିସ ତତ୍ପରତା ଦେଖାଇଛି। 'ଅପରେସନ ଦମନ' ଯୋଗେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସଫଳତା ପାଇଛି। ପୁଲିସ ନାକା ଚେକିଂ, ଗାଡ଼ି ଯାଞ୍ଚ, ଜାତୀୟ ରାଜପଥରେ ପାଟ୍ରୋଲିଂ, ଅପରାଧୀଙ୍କୁ ନୋଟିସ୍, ୱାରେଣ୍ଟି ଗିରଫ, ଏନ୍‌ଡିପିଏସ୍ ମାମଲା, ମଦଜନିତ ମାମଲା, ଓପିଜି ଆକ୍ଟ ଉପରେ କାର୍ଯ୍ୟ କରିଛି। ଗତ ୧୩ ତାରିଖରୁ ପୁଲିସର 'ଅପରେସନ ଦମନ' ଆରମ୍ଭ ହୋଇଥିବାବେଳେ ଏହା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୁଲିସ ମୁଖ୍ୟାଳୟରୁ ଜଣାପଡ଼ିଛି। ପାର୍ବଣକୁ ନଜରରେ ରଖି ବେଆଇନ ନିଶା କାରବାର ତଥା ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଚେକିଂ କରାଯାଉଥିବା କୁହାଯାଇଛି। ଗତ ୧୩ରୁ ୧୫ ତାରିଖ ମଧ୍ୟରେ ଜିଲ୍ଲା ପୁଲିସ ପକ୍ଷରୁ ପରିବହନ କର୍ମଚାରୀଙ୍କ ସହ ମିଶି ବିଭିନ୍ନ ସ୍ଥାନରେ ନାକା ଚେକିଂ କରାଯାଇ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼ କରାଯାଇଛି। ଏହି ସମୟରେ ୨୩୪ ଗାଡ଼ିକୁ ଯାଞ୍ଚ କରାଯାଇଛି। ତନ୍ମଧ୍ୟରେ ୧୮୪ ଜଣଙ୍କ ଚାଲାଣ କଟାଯାଇଥିବା ବେଳେ ୧୨ଟି କେସ୍ ପଞ୍ଜିକୃତ ହୋଇଛି। ୨ଲକ୍ଷ ୪୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଏନ୍‌ଏସ୍ ୧୨୯ ରେ ୪ଜଣଙ୍କୁ ନୋଟିସ୍ ଦିଆଯାଇଛି। ଗାଡ଼ି ଯାଞ୍ଚବେଳେ ୫ଜଣ ୱାରେଣ୍ଟି ଧରାହୋଇଥିବା କୁହାଯାଇଛି। ସେହିପରି ନିଶା ବେପାରୀଙ୍କ ଆଡ୍ଡାରେ ଚଢ଼ଉ କରାଯାଇ ୧୫.୮ ଲିଟର ମଦ ପୁଲିସ ଜବତ କରିଛି। ଏହି ଧରପଗଡ଼ବେଳେ ୭ଜଣ ୱାରେଣ୍ଟିଙ୍କୁ ମଧ୍ୟ ପୁଲିସ ଗିରଫ କରିବାରେ ସଫଳ ହୋଇଛି।

ଏଥିସହିତ ଜିଲ୍ଲା ପୁଲିସ ଅଞ୍ଚଳର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ପୁଲିସ କଡ଼ା ନଜର ରଖିଥିବାବେଳେ ଜେଲ୍ ଫେରନ୍ତାଙ୍କ ଉପରେ ମଧ୍ୟ ଦୃଷ୍ଟି ରଖିଥିବା ଜଣାଯାଇଛି।

## ୩.୧୯ ଲକ୍ଷ ଟଙ୍କା ଜରିମାନା ଆଦାୟ

ବେଗୁନିଆ,୧୬।୯(ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ବଜାର ନିକଟରେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଓ ଖୋର୍ଦ୍ଧା ଆରଟିଓ ଏମ୍‌ଭିଆଇ ସବ୍‌ଇନ୍ସପେକ୍ଟର ସ୍ମୃତି ଜେନାଙ୍କ ନେତୃତ୍ୱରେ କର୍ମଚାରୀମାନେ ମିଳିତ ଭାବେ ଚେକିଂ ଜୋର୍‌ଦାର କରିଥିଲେ। ସିଟ୍ ବେଲ୍ଟ, ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲ୍‌ମେଟ ବ୍ୟବହାର ନ କରିବା, ଏନ୍‌ପିଡିଏସ୍ ଓ ଅବକାରୀ ଦ୍ରବ୍ୟ ଚୋରା ଚାଲାଣ, ଓଭରଲୋର୍ଡିଂ ଓ ଅସାବଧାନତା ଭାବେ ଗାଡ଼ି ଚଳାଇବା ଆଦି ମଧ୍ୟରୁ ମୋଟ୍ ୩ ଲକ୍ଷ ୧୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

ଅପରେସନ୍ ପ୍ରହାର

# ୧୫ ଦିନରେ ୧୧ ନିଶା ବେପାରୀ ଗିରଫ

ଖୋର୍ଦ୍ଧା,୧୬।୯(ସମିସ)

ପାର୍ବଣ ସମୟରେ ନିଶା କାରବାରକୁ ରୋକ୍ ଲଗାଇବାକୁ ଜିଲ୍ଲା ପୁଲିସ ଆରମ୍ଭ କରିଥିଲା 'ଅପରେସନ୍ ପ୍ରହାର'।

- ୧୮୩.୫୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ
- ୨୧ କେଜି ଗଞ୍ଜେଇ, ୬ ଲିଟର କଫ୍‌ସିରପ ଜବତ

ଯାହା ସୋମବାର ଶେଷ ହୋଇଛି। ୧୫ ଦିନିଆ ଏହି ଅପରେସନରେ ୯ଟି ମାମଲାରେ ପୁଲିସ ୧୧ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବାବେଳେ 'ଅପରେସନ୍ ପ୍ରହାର'ରେ ସଫଳତା ମିଳିଥିବା ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି।

ପ୍ରକାଶ ଥାଉକି, ଜିଲ୍ଲା ପୁଲିସ ଅଞ୍ଚଳରେ ନିଶାସେବନକାରୀଙ୍କ ସଂଖ୍ୟା ବଢ଼ିଥିବାବେଳେ ଏଥିରେ ରୋକ୍ ଲଗାଇବାକୁ ନୂଆ ଏସ୍‌ପି ବିବେକାନନ୍ଦ ଶର୍ମା ଆରମ୍ଭ କରିଛନ୍ତି ବିଭିନ୍ନ ତରିକାରେ ଚଢ଼ଉ। ପାର୍ବଣକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ନିଶା ବେପାରୀଙ୍କୁ ସାବାଡ଼ କରିବାକୁ ଗୋଟେ ପରେ ଗୋଟେ ଅପରେସନ୍ ଆରମ୍ଭ କରିଛି। ଗତ ୧ ତାରିଖରୁ ଆରମ୍ଭ କରିଥିଲା ଅପରେସନ୍ ପ୍ରହାର। ଯାହା ୧୫ ତାରିଖରେ ଶେଷ ହୋଇଛି। ପ୍ରହାର ଯୋଗୁଁ ଏବେ ନିଶା ବେପାରୀ ଓ ମାଫିଆ ସହର ଛାଡ଼ି ଗାଁ ଗହଳିରେ ପ୍ରତ୍ୟେକ ସମୟରେ ଜାଗା ବଦଳାଉଥିବା କୁହାଯାଇଛି। ଜିଲ୍ଲା ପୁଲିସ ତଥ୍ୟ ଅନୁସାରେ, ଗତ ୧ରୁ ୧୫ ତାରିଖ ମଧ୍ୟରେ ଅପରେସନ୍ ପ୍ରହାରରେ ଜିଲ୍ଲା ପୁଲିସକୁ ମିଳିଛି ସଫଳତା। ଆଜି ସୁଦ୍ଧା ବିଭିନ୍ନ ଥାନାରେ ୯ଟି ମାମଲା ରୁଜୁ ହୋଇଛି। ୧୬ଜଣ ନିଶା ବେପାରୀଙ୍କ ବିରୋଧରେ କେସ୍ ହୋଇଥିବାବେଳେ ୧୧ ଜଣଙ୍କୁ ପୁଲିସ ଗିରଫ କରିଛି।

ଏଥିରେ ୧୮୩.୫୭ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ପ୍ରାୟ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ସେହିପରି ୨୧କେଜି ୩୦୦ଗ୍ରାମ୍ ଓଜନର ଗଞ୍ଜେଇ, ୬ ଲିଟର କଫ୍‌ସିରପ ଜବତ ହୋଇଛି। ପୁଲିସର ଏ ଅପରେସନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ପ୍ରକାଶ ଥାଉକି, ପୁଲିସର ଅପରେସନ ଏବେ ନିଶା ବେପାରୀଙ୍କ ହୋସ୍ ଉଡ଼ାଇଥିବାବେଳେ ଅପରେସନ ପ୍ରହାର ସରୁ ସରୁ ୧୬ ତାରିଖରୁ ପୁଲିସ 'ଅପରେସନ ଦମନ' ଆରମ୍ଭ କରିଛି।



ନିରାକାରପୁର ଚନ୍ଦ୍ରଘଣ୍ଟା ବେଶରେ ମା' ବନଦୁର୍ଗା



ଭୂଷଣ୍ଡପୁରର ମା' ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ

## ହରିକେଶର ଗାଁ ମହୋତ୍ସବ କମିଟି ପକ୍ଷରୁ ବୃକ୍ଷରୋପଣ

ବୋଲଗଡ଼,୧୬।୯(ସମିସ): ପରିବେଶକୁ ସବୁଜ ସୁନ୍ଦର କରିବା ତଥା ଏହାର ସୁରକ୍ଷା ପାଇଁ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହରିକେଶର ଗାଁ ମହୋତ୍ସବ କମିଟି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର କରାଯାଇଛି। ବୋଲଗଡ଼ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତ ହରିକେଶର ଗ୍ରାମଠାରେ ଟାଙ୍ଗୀ ପଡ଼ିଆ, ଶ୍ମଶାନ ପରିସର ଏବଂ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଛି। ଏଥିରେ ହରିଡ଼ା, ବାହାଡ଼ା, କରଞ୍ଜ, ଆମ୍ବ୍ରଡ଼ା, ଅଁଳା, ପିଜୁଳି ଆଦି ୧୫୦ଟି ବୃକ୍ଷର ଚାରାରୋପଣ ହୋଇଛି। କମିଟିର ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ସମେତ ଗୌରାଙ୍ଗ ଛୋଟରାୟ, ଛବି ପରିଡ଼ା, ଆକାଶ ଭୂୟାଁ, ସନ୍ତୋଷ ଛୋଟରାୟ, ସାଗର ଭୂୟାଁ, ଆଦିତ୍ୟ ବଳବନ୍ତରାୟ, ଅଭୟ ମାଝୀ, ଆକାଶ ମହାରଣା, କିଷାନ ମହାରଣା ଓ ଅର୍ଜୁନ ଜେନା ପ୍ରମୁଖଙ୍କ ପରିଚାଳନାରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବଡ଼କୁମାରୀ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ 'ଗଛଟିଏ ଜୀବନ ଦିଏ। ତେଣୁ ଗୋଟିଏ ସୁସ୍ଥ ପରିବେଶ ପାଇଁ ଆମ ସମସ୍ତଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇବାର ଆବଶ୍ୟକତା ରହିଛି' ବୋଲି କହିଛନ୍ତି।

## ବାଙ୍ଗୁର ଶିକ୍ଷାସଦନରେ ହିନ୍ଦୀ ଓ ସଂସ୍କୃତ ଦିବସ

ନିରାକାରପୁର,୧୬।୯(ସମିସ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ବାଙ୍ଗୁର ଶିକ୍ଷାସଦନରେ ହିନ୍ଦୀ ଓ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପୁରାତନ ଶିକ୍ଷକ ପ୍ରତାପ ଚନ୍ଦ୍ର ଚମ୍ପତିରାୟ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଓ ସଂସ୍କୃତ ଶିକ୍ଷୟିତ୍ରୀ ଲିପ୍ସା ନାୟକ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଣ୍ଡା ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ହିନ୍ଦୀ ଓ ସଂସ୍କୃତ ଭାଷାର ଜୀବନ ଜୀବିକା ସମ୍ପର୍କରେ ଉପସ୍ଥାପନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଖେଳ ଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ଣ୍ଣିମା ମହାନ୍ତି ଓ ଦାଶରଥି ବାରିକ ସହଯୋଗ କରିଥିଲେ।

## ୪୪ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

ଟାଙ୍ଗୀ,୧୬।୯(ସମିସ): ଟାଙ୍ଗୀ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ବିଶ୍ୱାସଙ୍କ ସଭାପତିତ୍ୱରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ୟାମ ପ୍ରସାଦ ଦାସ, ଶିକ୍ଷୟିତ୍ରୀ ମମତା ବେହେରା, ପ୍ରସନ୍ନ କୁମାର ଦାସ ଯୋଗଦେଇଥିଲେ। ୪୪ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଗଲା। ଏହି ଅବସରରେ ପଞ୍ଚମ ଶ୍ରେଣୀ ଛାତ୍ରୀ ସୋନାଲି ମୁଦୁଲି ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷରେ ଛାତ୍ର ଗୌରବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶା ଓ ଡିଜେମୁକ୍ତ ଭସାଣି ଦାବିକଲା ବରିଷ୍ଠ ନାଗରିକ ମଞ୍ଚ





ଖୋର୍ଦ୍ଧା,୧୬।୯(ସମିସ): ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ପକ୍ଷରୁ ସହରରେ ପାର୍ବଣ ସମୟରେ ଅନୁଷ୍ଠିତ ମେଢ଼ ଭସାଣି ଉତ୍ସବକୁ ପ୍ରାଣଘାତକ ନିଶା ଏବଂ ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ସାଉଣ୍ଡ ମୁକ୍ତ କରିବା ପାଇଁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶତାଧିକ ବରିଷ୍ଠ ନାଗରିକ ଏକତ୍ରିତ ହୋଇ ସମ୍ପାଦକ ରାମଶଙ୍କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ ବିଗତ ୪ ବର୍ଷ ଧରି ନାଗରିକ ମଞ୍ଚ, ଜିଲ୍ଲା ଓ ପୁଲିସ ପ୍ରଶାସନକୁ ନିଶା ଏବଂ ଡିଜେ ପ୍ରଭାବ ସମ୍ପର୍କରେ ଅବଗତ କରିଆସୁଛି। ମଞ୍ଚ ପକ୍ଷରୁ ପଦଯାତ୍ରା ଏବଂ ପ୍ରଚାରପତ୍ର ବଣ୍ଟନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ମଧ୍ୟ ଜାରି ରହିଛି। ମାତ୍ର ଏହା ଫଳପ୍ରଦ ହେଉ ନ ଥିବା ଅତ୍ୟନ୍ତ ଦୁଃଖ ଏବଂ କ୍ଷୋଭର ସହିତ ପ୍ରକାଶ କରିଛନ୍ତି ସଦସ୍ୟ। କାରଣ ଚଳତ ବର୍ଷ ଗଣେଶ ପୂଜା ପୂର୍ବରୁ ତତ୍ପରତାର ସହିତ ପୁଲିସ, ଜିଲ୍ଲା ପ୍ରଶାସନ ଏବଂ ପୂଜା କମିଟି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଅତି ସ୍ପର୍ଶକାତର ସହିତ ଡିଜେ ଏବଂ ମଦ ସମ୍ପର୍କିତ ଆଲୋଚନା ହୋଇଥିଲା। କଡ଼ାକଡ଼ି ଭାବେ ଆଇନକୁ ଅନୁପାଳନ କରିବାକୁ ମାର୍ଗଦର୍ଶିକା ଉପସ୍ଥିତି ବରିଷ୍ଠ ଅଧିକାରୀମାନେ ଜାରି କରିଥିଲେ। ମାତ୍ର ଉକ୍ତ ମାର୍ଗଦର୍ଶିକାକୁ କିଛି ଯୁବଗୋଷ୍ଠୀ ଆଦୌ ମାନି ନ ଥିଲେ। ପୁଲିସ ମଧ୍ୟ ନୀରବଦ୍ରଷ୍ଟା ହୋଇ ପଡ଼ିଥିଲେ ବୋଲି ମଞ୍ଚ ଅଭିଯୋଗ କରିଛି। ଚଳିତ ବର୍ଷ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସଙ୍ଗୀତ ମାଧ୍ୟମରେ ଏକ ରଥ ସହିତ ଶତାଧିକ ମଞ୍ଚର ସଦସ୍ୟ ପରିକ୍ରମା କରିବା ସହିତ ଏକ ଅନୁରୋଧପତ୍ର ପ୍ରତ୍ୟେକ ଘରେ ବଣ୍ଟନ କରିବାର ବ୍ୟବସ୍ଥା ରହିଥିବାର ଜିଲ୍ଲାପାଳଙ୍କୁ ପତ୍ର ମଧ୍ୟମରେ ଅବଗତ କରିଥିବାବେଳେ ଏଥି ନିମନ୍ତେ ଜିଲ୍ଲାପାଳଙ୍କ ସହଯୋଗ କାମନା ମଧ୍ୟ ମଞ୍ଚ କରିଛି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଏମାନଙ୍କୁ ସାବାଡ଼ କରିବାକୁ ସ୍ୱତନ୍ତ୍ର ଆଇନ ଦାବି କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବଳିଆରସିଂହ, ବିପ୍ର ଚରଣ ବେଉରା, ରବିନ୍ଦ୍ର କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ନବକିଶୋର ମହାପାତ୍ର, ନବ କିଶୋର ମହାରଣାଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ଥିଲେ।

## ନାବାଳିକାକୁ ଅସଦାଚରଣ ଘଟଣା; ରାବଣ ଗିରଫ

ଜଟଣୀ,୧୬।୯(ସମିସ): ଜଟଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣ କରିବା ଘଟଣାରେ ମଙ୍ଗଳବାର ଜଣେ ପେସାଦାର ଅପରାଧୀକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ଜଟଣୀ ବରଅରା ଅଞ୍ଚଳର ଚିରଞ୍ଜିବି ସ୍ୱାଇଁ ଓରଫ ରାବଣ (୨୭)। ପ୍ରକାଶ ଯେ, ପୀଡ଼ିତାଙ୍କ ପରିବାର ଲୋକ ଜଟଣୀ ଥାନା ଅଞ୍ଚଳରେ ବାସ କରନ୍ତି। ପୀଡ଼ିତା ନାବାଳିକା ଜଣକ ସ୍ଥାନୀୟ ବିଦ୍ୟାଳୟରେ ପାଠ ପଢ଼ନ୍ତି। ତେବେ ପୀଡ଼ିତା ଜଣକ ଗତ ୧୩ ତାରିଖ ସନ୍ଧ୍ୟାରେ ଟ୍ୟୁସନ୍ ସାରି ସାଙ୍ଗମାନଙ୍କ ସହ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ସଞ୍ଜୟ ତାଙ୍କୁ ଅଟକାଇ ଅସଦାଚରଣ କରିଥିଲା। ଘଟଣାସ୍ଥଳରେ ଉପସ୍ଥିତ ପୀଡ଼ିତାଙ୍କ ସାଙ୍ଗମାନେ ଏହା ଦେଖି ଚିତ୍କାର କରିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା। ପରେ ନାବାଳିକାଠାରୁ ସମସ୍ତ ଘଟଣା ଶୁଣି ପରିବାର ଲୋକେ ଅଭିଯୁକ୍ତର ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିବାରୁ ସେ ସମସ୍ତଙ୍କୁ ଦୁର୍ବ୍ୟବହାର କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜାତିଆଣ ଆକ୍ଷେପ କରିଥିଲା। ଏଥିସହ ତାଙ୍କ ଝିଅକୁ ଜୋର୍‌ଜବରଦସ୍ତ ଉଠାଇନେବାକୁ ଧମକ ଦେଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ମଙ୍ଗଳବାର ରାବଣକୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ରାବଣ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ତା ନାଁରେ ପୂର୍ବରୁ ଜଟଣୀ ଥାନାରେ ୪ଟି ଅପରାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ବଜ୍ରପାତରୁ ସୁରକ୍ଷା ସଚେତନତା ଓ ତାଳଚାରା ରୋପଣ

ବାଣପୁର,୧୬।୯(ସମିସ): ବାଣପୁର ବ୍ଲକ୍ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଉପେନ୍ଦ୍ର ବିଦ୍ୟାପୀଠ ଓ ଭବାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତାଳଚାରା ରୋପଣ ସହ ବଜ୍ରପାତରୁ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିଲ୍ଲୀପ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ଶିବିରରେ ପ୍ରଶିକ୍ଷକ ଭାବେ ସେଣ୍ଟଜନ୍ ଆମ୍ବୁଲାନ୍ସ ଆସୋସିଏସନର ଆଜୀବନ ସଦସ୍ୟ ଅନନ୍ତ ଚରଣ ଖଟେଇ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟଜନିତ ବିଭିନ୍ନ ଦୁର୍ଘଟଣାର ଆଗୁଆ ସତର୍କତାମୂଳକ ପଦକ୍ଷେପ ନେବା ଓ ବଜ୍ରପାତ ସମୟରେ ନିଜକୁ ଓ ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିବେ ସେ ସମ୍ପର୍କିତ ବିଭିନ୍ନ କୌଶଳମାନ ପ୍ରଦର୍ଶନ କରି ତାଲିମ ପ୍ରଦାନ କରିବା ସହ ତାଳଚାରା ରୋପଣର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିରେ ଅତିଥି ଭାବେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ଶିକ୍ଷାବିତ୍ ରମେଶ ଚନ୍ଦ୍ର ଦାସ, ମହେଶ୍ୱର ଜେନା, ସୁଶାନ୍ତ ଦାଶ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଦାସ, ପ୍ରମୋଦ ମହାପାତ୍ର, ସମର କେଶରୀ ଜେନା, ରାଜ କିଶୋର ରାଉତରାୟ, ସଞ୍ଜିତ ସେଠୀ, ସୁପ୍ରଭା ମହାନ୍ତି ଓ ଭବାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମମତା ମହାପାତ୍ର ପ୍ରମୁଖ ଯୋଗଦେଇ ବଜ୍ରପାତରୁ ସୁରକ୍ଷା ଲାଗି ତାଳଚାରା ରୋପଣ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ସାମିଲ୍ ହୋଇ ବିଦ୍ୟାଳୟ ପରିସରରେ ତାଳ ଗୋଟମା ରୋପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବେଗୁନିଆ,୧୬।୯(ସମିସ): ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ବୟୋଶ୍ରୀ ମେଳା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ବିଶାଳ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଓ ବିଡିଓ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୩୫୭ ଜଣ ଯଥା- ଶାରୀରିକ ଭିନ୍ନକ୍ଷମ ୧୩୪ ଜଣ, ଶ୍ରବଣ ୯୧ , ଦୃଷ୍ଟିହୀନ ୪୪, ୮୫ ମାନସିକ ଓ ୩ ଜଣ ଶିଶୁ ବିଭାଗର ରକ୍ତଜନିତ ପଞ୍ଜିକୃତ ଭିତରୁ ମୋଟ ୨୫୨ ଜଣ ଯୋଗ୍ୟ ବିବେଚିତ ବ୍ୟକ୍ତିବିଶେଷଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଏବିଡିଓ କଳ୍ପନା ଶାସମଲ ଓ ଆକାଉଣ୍ଟ ଅଫିସର ସୂର୍ଯ୍ୟ ନାରାୟଣ ଗୌଡ଼ ପରିଚାଳନା କରିଥିବାବେଳେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଦେବବ୍ରତ ସାହୁ ଏବଂ ସହକର୍ମୀ ଦେବାଶିଷ ରାଉତଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ନରବଳି ପ୍ରତିକାତ୍ମକ ବଳିଜେନା ମା' ଭଗବତୀଙ୍କ ଶରଣାପନ୍ନ

ବାଣପୁର,୧୬।୯(ସମିସ): ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠ କାହିଁ କେଉଁ ଆବାହନ କାଳରୁ ତନ୍ତ୍ରପୀଠ ଭାବେ ଖ୍ୟାତିଅର୍ଜନ କରିଛି। ମା' ଭଗବତୀଙ୍କ ଶାରଦୀୟ ପାର୍ବଣ ଆରମ୍ଭ ହୋଇଯାଇଥିବା ବେଳେ ଉକ୍ତ ପୀଠରେ ନରବଳି ସହ ପଶୁ ବଳି ପ୍ରଥା ପ୍ରଚଳିତ ହୋଇ ଆସୁଥିଲା। କିନ୍ତୁ କେଉଁ ଆବାହନ କାଳରୁ ନରବଳି ବନ୍ଦ ହୋଇ ପ୍ରତିକାତ୍ମକ ନରବଳି ପ୍ରଥା ପ୍ରଚଳିତ ହୋଇଆସୁଛି। ପ୍ରତିକାତ୍ମକ ନରବଳି ଭାବେ ବର୍ତ୍ତମାନ ସିଙ୍ଗେଶ୍ୱର ଗ୍ରାମର ରବିନ୍ଦ୍ର କୁମାର ଜେନାଙ୍କ ପରିବାରର ମା'ଙ୍କୁ ସେବା ଯୋଗାଇ ପରମ୍ପରା ଅନୁଯାୟୀ ବଳିଜେନା ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଦୁର୍ଗୋତ୍ସବର ମହାସପ୍ତମୀ, ଅଷ୍ଟମୀ ଓ ନବମୀରେ ବଳି ଦିଆଯାଉଥିବାବେଳେ ପଶୁ ଛାଗ ତଥା ଛେଳି, ଉପପଶୁ ମେଣ୍ଢା ଓ ମହାପଶୁ ଭାବେ ମଇଁଷି ଆଦି ମା'ଙ୍କ ନିକଟରେ ବଳି ଦିଆଯାଉଥିଲା। ହେଲେ ୨୦୧୦ରୁ ବର୍ତ୍ତମାନ ୧୫ ବର୍ଷ ହେଲା ଏହି ବଳି ପ୍ରଥା ବନ୍ଦ ହୋଇଯାଇଛି। ଏହି ଅବସରରେ ରବିବାର ବିଳମ୍ବିତ ରାତିରେ ନରବଳି ପ୍ରତୀକାତ୍ମକ ବଳିଜେନା ବାଲୁଗାଁ ସିଙ୍ଗେଶ୍ୱର ଗ୍ରାମର ରବିନ୍ଦ୍ର କୁମାର ଜେନା ମା'ଙ୍କ ମୁଖ୍ୟ ଅଙ୍ଗ ସେବକ ରୂପେ ମା'ଙ୍କ ପାଖରେ ଶରଣାପନ୍ନ ହୋଇଛନ୍ତି।

ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ବିଧି ଅନୁଯାୟୀ ଆଶ୍ୱୀନ କୃଷ୍ଣ ଅଷ୍ଟମୀ ରବିବାରଠାରୁ ମା' ଭଗବତୀଙ୍କ ଷୋଡ଼ଶ ଦିନବ୍ୟାପୀ ଦୁର୍ଗୋତ୍ସବ



ଆରମ୍ଭ ହୋଇଯାଇଛି। ସୋମବାରଠାରୁ ମା' ଭଗବତୀଙ୍କ କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତ୍ୟହ ରାତ୍ରିରେ ଦକ୍ଷେଶ୍ୱରଙ୍କ ମନ୍ଦିରରୁ ବାହାରି ଭଗବତୀଙ୍କ ମନ୍ଦିର ପର୍ଯ୍ୟନ୍ତ ନୃତ୍ୟରତ ଯାତ୍ରା କରିବେ। ଉକ୍ତ ସମୟରେ ମା'ଙ୍କ ପୀଠରେ ନରବଳି ପ୍ରତିକାତ୍ମକ ଭାବେ ବଳି ନୃତ୍ୟ ଅନୁଷ୍ଠିତ ହେବ। ଷୋଡ଼ଶ ଦିନାତ୍ମକ ଏହି ଶାରଦୀୟ ପାର୍ବଣ ଲାଗି ନିମନ୍ତ୍ରିତ ମା'ଙ୍କ ୬ ଭଉଣୀ ବିରଜାଈ, କାଳିଜାଈ, ନାରାୟଣୀ, ସିଦ୍ଧାମ୍ବରୀ, କନକଦୁର୍ଗା ଓ ବୁଢ଼ୀ ଠାକୁରାଣୀଙ୍କୁ ନେଇ ଦୁର୍ଗୋତ୍ସବ ଅନୁଷ୍ଠିତ ହେଉଛି। ଯାହା ମହାନବମୀରେ ମହାପୂଜା ପରେ ସମାପନ ହେବ। ଷୋଡ଼ଶ ଦିନବ୍ୟାପୀ ପୂଜାରେ ମା'ଙ୍କ ନିକଟରେ ନରବଳି ପ୍ରତୀକ ବଳିଜେନା ଘଣ୍ଟ, ଘଣ୍ଟା, କାହାଳୀ ଆଦି ବାଦ୍ୟ ମଧ୍ୟରେ ମା' ଭଗବତୀଙ୍କ ସମ୍ମୁଖରେ ଧ୍ୟାନ ଅବସ୍ଥାରେ ଆତ୍ମସମର୍ପଣ କରିଛନ୍ତି। ମା'ଙ୍କ ଭେଟ ଅମାବାସ୍ୟା ପରେ ଭିତର ପର୍ବ ଆରମ୍ଭ ହେବାରେ ନିଶାରାତ୍ରରେ ବଳିଜେନାଙ୍କ ଚେତାଶୂନ୍ୟ ଶରୀରକୁ ସେବକମାନେ ମନ୍ଦିର ପଛ ପାର୍ଶ୍ୱକୁ ନେଇ ପକାଇ ଆସିଥା'ନ୍ତି। ପ୍ରଭାତ ହେବାରେ ବଳିଜେନା ନିଜର ଚେତା ଫେରିପାଉଥିବା ନେଇ ସାଧାରଣରେ ବିଶ୍ୱାସ ରହିଛି। ପାର୍ବଣ ସମାପ୍ତି ପରେ ବଳିଜେନା ବିଳମ୍ବିତ ରାତିରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବାର ପରମ୍ପରା ରହିଆସିଛି। ବଳିଜେନା ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ତାଙ୍କ ସମ୍ମୁଖରେ ଯଦି କେହି ପଡ଼େ, ତେବେ ମା' ଦୁର୍ଗାଙ୍କ କୋପ ଦୃଷ୍ଟି ତା' ଉପରେ ପଡ଼େ ବୋଲି ବିଶ୍ୱାସ ରହିଛି।

## ସାପ କାମୁଡ଼ାରେ ମହିଳା ମୃତ

ବେଗୁନିଆ,୧୬।୯(ସମିସ): ବେଗୁନିଆ ଥାନା ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବିଳାସ ବାରିକଙ୍କ ପତ୍ନୀ ଅଶାନ୍ତିଙ୍କର ଏକ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଅଶାନ୍ତି ବଡ଼ି ଭୋର୍‌ରୁ ଫୁଲ ତୋଳିବାକୁ ଯାଇଥିବାବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଫଳରେ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବର୍ଷା ଆସିଲେ କେନାଲଖୋଳା ଧର୍ମକୁ ଆଖିଠାର

# ଅଳିଆ ଆବର୍ଜନା ଛାଣି ଅର୍ଥ ହଡ଼ପ ଯୋଜନା

ନିରାକାରପୁର,୧୬।୯(ସମିସ)



ଠିକାଦାର ବଞ୍ଚିବ ତା'ର ଦୁଇ ପଇସା ଭଲ ରୋଜଗାର ହେଲେ ଅନ୍ୟମାନଙ୍କ ହାତ ଚିକ୍କଣ ହେବା ନ୍ୟାୟ ସତେଯେମିତି ସବୁ ବିଭାଗକୁ ଏବେ ଗ୍ରାସ କରିଛି। ଏଭଳି ଏକ ଘଟଣା ଆଖିରେ ଆଙ୍ଗୁଠି ଗେଞ୍ଜି କାମ ହେଲା ପରି ଖୋର୍ଦ୍ଧା ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ରାମେଶ୍ୱର ମଲାଗୁଣି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସଂଯୁକ୍ତ କେନାଲ ମାଟିଖୋଳା କାର୍ଯ୍ୟରୁ ବେଶ୍ ବାରିହୋଇ ପଡୁଛି। ବର୍ଷା ଦିନ ପୂର୍ବରୁ ଜିଲ୍ଲା ପ୍ରଶାସନ ପୂର୍ବପ୍ରସ୍ତୁତି ବୈଠକ ଡାକି ଜଳସେଚନ ଓ କ୍ଷୁଦ୍ର ଜଳସେଚନ ବିଭାଗର ବିଭିନ୍ନ ନଦୀ ବନ୍ଧ, କେନାଲ ମରାମତି, ଖୋଳା କାର୍ଯ୍ୟ ପାଇଁ ପ୍ରସ୍ତାବ ଦିଆଯାଉଥିବା ବେଳେ କିଛି ବିଭାଗ ବର୍ଷା ଦିନର ଫାଇଦା ଉଠାଇବାକୁ ପଛାଉ ନାହାନ୍ତି। ସେହିପରି ରାମେଶ୍ୱର ମଲାଗୁଣି ବ୍ୟାରେଜ୍‌ରୁ ବାହାରିଥିବା ଏକ କେନାଲ ନିରାକାରପୁର, ଡିଆ ଦେଇ ମୋର୍‌ମୋର୍‌ସିଂହ ପର୍ଯ୍ୟନ୍ତ ଯାଇଛି। ଚଳିତ ବର୍ଷ ଏହି କେନାଲ ମୋରମୋରସିଂହଠାରୁ ଡିଆ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ହୋଇଯାଇଛି। କିନ୍ତୁ ରାମେଶ୍ୱରଠାରୁ ନିରାକାରପୁର ଶେଷ ପର୍ଯ୍ୟନ୍ତ କେନାଲରେ ମାଟି ପୋତି ହୋଇଥିବା କାରଣରୁ ପାଣି ତଳମୁଣ୍ଡକୁ ଯାଉ ନ ଥିବା ଜଣାପଡ଼ିଛି। ଫଳରେ ବାହାଘର ବେଳେ ବାଇଗଣ ରୁଆ ନୀତିରେ କେନାଲରେ ପାଣି ଥିବାବେଳେ ବିଭାଗ ତରଫରୁ ଜଣେ ଠିକାଦାରଙ୍କୁ କେନାଲ ଖୋଳିବାକୁ ଅନୁମତି ଦିଆଯାଇଛି। ସେ କେନାଲ କିଛି ଅଂଶରୁ ଜେସିବିରେ ଅଳିଆ ଆବର୍ଜନା ବାହାର କରି ପ୍ରାୟ ୫ ଲକ୍ଷ ଟଙ୍କା କେନାଲଖୋଳା ନାମରେ ହଡ଼ପ କରିବାକୁ ବସିଥିବା ଶୁଣିବାକୁ ମିଳୁଛି। ଏ ବିଷୟରେ ଭାରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର କୁହନ୍ତି, ଏଥିପାଇଁ ଅର୍ଥ ବରାଦ ନ ଥିଲା କେବଳ ଲୋକଙ୍କ ଅଭିଯୋଗ ପରେ ଜଣେ ଠିକାଦାରଙ୍କୁ କେନାଲର ଯେଉଁ ଜାଗାଗୁଡ଼ିକରେ ଢିପ ରହିଛି ସେ ଜାଗାଗୁଡ଼ିକରୁ ମାଟି ଖୋଳି ସଫା କରାଯାଇ ପାଣି ତଳମୁଣ୍ଡକୁ ଛଡ଼ାଯିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଠିକାଦାର କୌଣସି ବିଲ୍ ପାଇ ନ ଥିବା ଜଣାଇଛନ୍ତି। ପ୍ରକୃତରେ ରାମେଶ୍ୱରରୁ ନିରାକାରପୁର ପର୍ଯ୍ୟନ୍ତ କେନାଲର ଅନେକ ଜାଗା ମାଟି ପୋତି ହୋଇଥିବାବେଳେ ଏସ୍‌ଡିଓ କୃଷ୍ଣ ଚନ୍ଦ୍ର ସେଠୀ କହିଛନ୍ତି, କାର୍ଯ୍ୟ ଚାଲିଛି ବର୍ଷା ହେଉଛି ତେଣୁ ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହୋଇନାହିଁ। ବର୍ଷା ଟିକେ ଛାଡ଼ିଲେ ତାହା କରାଯିବ। କିନ୍ତୁ କିଛି କିଛି ଜାଗାରୁ ସଫା କରିବା ଫଳରେ ପାଣିଯିବାର ସୁବିଧା ହେଉଛି ବୋଲି କହିଥିଲେ। ଲୋକଙ୍କ କହିବା ଅନୁସାରେ ଶୁଖିଲା ସମୟରେ କେନାଲଖୋଳା କାର୍ଯ୍ୟ ନ କରି କେବଳ ଠିକାଦାର ପୋଷା ପାଇଁ ଏପରି କାମ ହେଉଛି। ତେଣୁ ଏହା ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ରେଳଧାରଣାରୁ ମୃତଦେହ ଉଦ୍ଧାର ଘଟଣାରେ ଜଣେ ଅଟକ

କୋରାପୁଟ,୧୬।୯(ସମିସ): କୋରାପୁଟ ରାୟଗଡ଼ା ରେଳ ଲାଇନ୍ ସୁନାବେଡ଼ା ଥାନା ଅନ୍ତର୍ଗତ ମୋହନପଡା ଗ୍ରାମ ନିକଟରେ ସୋମବାର ସକାଳେ ମୃତଦେହ ଉଦ୍ଧାର ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଛି ।ଅଟକ ଯୁବକ ମୃତକଙ୍କ ପୁତୁରା ଧନୁର୍ଜୟ ମାଝି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମୃତ ଗଙ୍ଗାଧର ଗାଁରେ ଦିଶାରି ଭାବେ ପୂଜାପାଠ କରୁଥିଲେ। ଗତ କିଛି ମାସ ମଧ୍ୟରେ ଧନୁର୍ଜୟଙ୍କ ଘରେ ବିଭିନ୍ନ ସମସ୍ୟା ଦେଖା ଦେବାରୁ ଦାଦା ଗଙ୍ଗାଧର ଗୁଣି କରିଥିବା ସନ୍ଦେହ କରି ସେ ତାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ତେବେ ପୁଲିସ ଧନୁର୍ଜୟକୁ ଅଟକ ରଖି ପଚରାଉଚରା କରୁଥିବାବେଳେ ହତ୍ୟାର କାରଣ ଗୁଣି ନା ଜମିଜମା ବିବାଦ ତାକୁ ନେଇ ଖୋଳତାଡ କରୁଛି। ସୂଚନା ଥାଉକି ଗତ ଶନିବାର ଠାରୁ ଗଙ୍ଗାଧର ନିଖୋଜ ଥିଲେ। ସୋମବାର ସକାଳେ ଗ୍ରାମ ନିକଟ ରେଳ ଧାରଣା କଡ଼ରେ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର, ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ମିଶ୍ର, ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଗୁରୁତର ପୁଅର ମୃତ୍ୟୁ

ଜୟପୁର , ୧୬।୯ (ସମିସ) : ଜୟପୁର ସଦରଥାନା ବାରିଣିପୁଟ ପୁଲିସ ଫାଣ୍ଡି ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ବୁଲାଣି ନିକଟରେ ଟ୍ରକ୍ ଦୋକାନ ଭିତରକୁ ମାଡ଼ିଯିବା ଘଟଣାରେ ଦୋକାନ ଗୃହ ଭିତରେ ରହିଥିବା ଜଣେ ମହିଳା ଲକ୍ଷ୍ମୀ(୬୫) ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ରବି ସ୍ୱାଇଁ (୩୫) ଗୁରୁତର ଭାବେ ଆହତ ହୋଇ ବିଶାଖପାଟଣାରେ ଚିକିତ୍ସିତ ହେଉଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାନର ନ ଆସିବାରୁ ବିଶାଖାପଟଣା ଚିକିତ୍ସାଳୟ ଫରାଇ ଦେଇଥିଲେ। ଆଜି ଆମ୍ବୁଲେନ୍ସ ଯୋଗେ ଜୟପୁର ଅଣାଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ସଦରଥାନା ପୁଲିସ ମୃତକଙ୍କ ଶବକୁ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି ଏବଂ ତାଙ୍କର ଅନ୍ତେଷ୍ଟିକ୍ରୀୟା ଆଜି ସମ୍ପନ୍ନ ହୋଇଛି। ଏହି ମାମଲାରେ ଟ୍ରକ ଚାଳନା କରୁଥିବା ହେଲପର ରାମ ଖିଲ ଏବଂ ପାଶ୍ୱର୍ରେ ବସିଥିବା ଡ୍ରାଇଭର ଧନୀ ଟାକ୍ରୀଙ୍କୁ ଗତକାଲି ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ । ପ୍ରକାଶ ଯେ, ଗତ ରବିବାର ଅପରାହ୍ନରେ ଜୟପୁରରୁ ଏକ ମାଲବାହୀ ଟ୍ରକ କୋରାପୁଟ ପଟକୁ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇବା ଯୋଗୁଁ ବାରିଣିପୁଟ ଠାରେ ୩ଟି ଦୋକାନ ଭିତରେ ଟ୍ରକ ଧସେଇ ପଶିଥିଲା।

# ପିଚୁ ରାସ୍ତା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୬।୯(ସମିସ): ଦୟାନିଧିଗୁଡ଼ା ଛକଠାରୁ ଜେରଟି ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ପାଇଁ ଦାବି କରି କୋରାପୁଟ ବ୍ଲକ ମାନବାର ପଞ୍ଚାୟତର ୫ ଖଣ୍ଡ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାନବାର ସରପଞ୍ଚ ଲବ ମୁଦୁଲି, ପଦଲାମ ଟାକ୍ରି, କୃତିବାସ ଖରା, ଗୋପାଳ ଜାନି, ଭୀମ ପାଙ୍ଗି, ଡମ୍ବୁ ଜାନି, ଚଣ୍ଡାଲ ବେନିଆ, ଶଶି ଖରା ରାଧିକା ଖିଲ, ରୋଦମା ଖିଲ, ପଦ୍ମା ପାଙ୍ଗି ପ୍ରମୁଖଙ୍କ ନେତୃତ୍ୱରେ ଜରଟି, ଛତାପଦର, ଲାଟିଗୁଡ଼ା, ସଙ୍ଗାବାଡ଼ି ଏବଂ ଲକ୍ଷ୍ମିପଦର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଦୟନିଧିଗୁଡ଼ା ଛକ ଠାରୁ ଜରଟି ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ରାସ୍ତାରେ ବଡ଼ ବଡ଼ ପଥର ଓ ମାଟି ଥିବାରୁ ଯାତାୟାତରେ ସମସ୍ୟା ରହୁଛି। ଉପରୋକ୍ତ ୫ ଖଣ୍ଡ ଗ୍ରାମର ଲୋକେ ପ୍ରତିଦିନ ବିଭିନ୍ନ କାମରେ କୋରାପୁଟ ସହର ଉପରେ ନିର୍ଭର କରି ଥାଆନ୍ତି। ପିଲାଙ୍କ ପାଠ ପଢା ଠାରୁ ରୋଗୀ ଓ ଗର୍ଭବତୀ ମାନଙ୍କୁ ହସ୍ପିଟାଲ ନେବାକୁ ହେଲେ ଏହି ଗୋଟିଏ ରାସ୍ତା ରହିଛି। କିନ୍ତୁ ଅନେକ ସମୟରେ ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ କିମ୍ବା ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି ଗାଁରେ ପହଞ୍ଚି ପାରେ ନାହିଁ ତେଣୁ ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୁହା ହେବାର ନଜିର ରହିଛି। ଏହା ପୂର୍ବରୁ ଅନେକ ଥର ପିଚୁ ରାସ୍ତା ପାଇଁ ଦାବୀ କରା ଯାଇଛି କିନ୍ତୁ କିଛି ହେଲା ନାହିଁ। ତେଣୁ ୫ ଖଣ୍ଡ ଗ୍ରାମବାସୀଙ୍କ ସମସ୍ୟା ଦୂର କରିବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି।

## ବେଆଇନ କାଠ ଜବତ ; ଗାଡ଼ି ସହ ଦୁଇ ଗିରଫ




ନନ୍ଦପୁର,୧୬।୯ (ସମିସ): ନନ୍ଦପୁର ଥାନା ଅନ୍ତର୍ଗତ କୁମ୍ଭାର କୁମାର ଗନ୍ଦନା ଗ୍ରାମ ପଞ୍ଚାୟତର ହାଟ ଶୁକୁ ଗ୍ରାମ ନିକଟରେ ବେଆଇନ ଭାବେ ଜଙ୍ଗଲରୁ ଟ୍ରକ୍‌ରେ କାଠ ବୋଝେଇ ହେଉଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଞ୍ଜର ସୁଶାନ୍ତ କୁମାର ଦଳେଇ, ଡେପୁଟି ରେଞ୍ଜର ତ୍ରିପତି ପଣ୍ଡା, ବନପାଳ ଗୋପୀନାଥ ପାଙ୍ଗି, ବନରକ୍ଷୀ ସୋନାଲି କେରକେଟା, ପୂର୍ବ ଖରା, ଚନ୍ଦ୍ର ମୁଣ୍ଡା ଗାଡିଆ, ହରିଚନ୍ଦ୍ର ସୀସା ପ୍ରମୁଖ ଘଟଣା ସ୍ଥଳରେ ସେମାନଙ୍କୁ କାବୁ କରିଥିଲେ। ଘଟଣା ସ୍ଥଳରୁ ଗାଡି ଜବତ କରିବା ସହ ଡ୍ରାଇଭର ଓ ହେଲପରକୁ ଗିରଫ କରାଯାଇଛି। ସେପଟେ ସ୍ଥାନୀୟ କାଠ ମାଫିଆ ବନ ବିଭାଗ ଅଧିକାରୀ ଆସିବା ଜାଣି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଚାଲାଣ ପାଇଁ ରହିଥିବା ଟ୍ରକ୍‌କୁ ଜବତ କରିବା ଦୁଇ ଜଣ ଡ୍ରାଇଭର କମଳ ଦାସ, ହେଲପର ରାଜେସ ମହିଲକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ଜଣାପଡିଛି। ଜବତ କାଠର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ସୂଚନା ଦେଇ ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗି କହିଛନ୍ତି, ସ୍ଥାନୀୟ କାଠ ମାଫିଆମାନଙ୍କୁ ଖୋଜା ଚାଲିଛି। ତଦନ୍ତ ପରେ ସବୁ ପଦାକୁ ଆସିବା ବୋଲି ସେ କହିଛନ୍ତି।

## କାଠଗାଡ଼ି ଜବତ: ୨ ଗିରଫ

ସେମିଳିଗୁଡା, ୧୬।୯ (ସମିସ): କୋରାପୁଟ ଜିଲା ସେମିଳିଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଏକ କାଠ ବୋଝେଇ ଟ୍ରକ ଜବତ କରାଯାଇ ୨ ଯୁବକଙ୍କୁ ଗିରଫ କରାଯାଇଛି। ସେମିଳିଗୁଡା ବନାଞ୍ଚଳ ଅଧୁକାରୀ ସୁଶାନ୍ତ କୁମାର ଦଳାଇ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ନନ୍ଦପୁର ଥାନା ଅନ୍ତର୍ଗତ କୁମାର ଗନ୍ଦଣାରୁ ଟ୍ରକ( ସିଜି୦୪ ପିଇ ୫୦୭୫) ଯୋଗେ ଜାମ୍ବୁ, ମହାଲିମ୍ବ କାଠ ରାୟପୁରକୁ ଚାଲାଣ ହେଉଥିବା ଖବର ପାଇ ବନାଞ୍ଚଳ ଅଧୁକାରୀ ସୁଶାନ୍ତ କୁମାର ଦଳାଇ ନେତୃତ୍ୱ ରେ ଡେପୁଟି ରେଞ୍ଜର ତ୍ରୀପତି ପଣ୍ଡା, ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗୀ ଓ ବନ କର୍ମଚାରୀ ହାଟସୁକୁ ନିକଟରେ ଚଢ଼ଉ କରିଥିଲେ। କାଠ ସହ ଟ୍ରକ୍ ଜବତ କରାଯିବା ସହ ଛତିଶଗଡ ରାୟପୁରର ଡ୍ରାଇଭର କମଳ ଦାସ ଓ ହେଲପର ରାଜେଶ ମହାମହାଲିଙ୍କୁ ଗିରଫ କରାଯାଇଛି। ୨ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କିଛିବର୍ଷ ହେବ ଏହି ଅଞ୍ଚଳରୁ ବିନା କାଗଜପତ୍ରରେ ବହୁ ମୂଲ୍ୟବାନ କାଠ ଚାଲାଣ ହେଉଥିବାରୁ ଗଛ ଲୋପ ପାଇବାରେ ଲାଗିଛି। ଏଥିରେ ଏକ ବଡ଼ ର୍‌ୟାକେଟ କାମ କରୁଥିବା ଅଭିଯୋଗ ହୋଇଛି।

## ସରସ୍ୱତୀ ବିଦ୍ୟାମନ୍ଦିରର ଅଭିଭାବକ ସମ୍ମିଳନୀ

ସେମିଳିଗୁଡ଼ା/ଦାମନଯୋଡି, ୧୬।୯ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ନିକଟସ୍ଥ ମାଥାଲପୁଟ ସରସ୍ୱତୀ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଦାମନଯୋଡି ନାଲ୍‌କୋର ସରସ୍ୱତୀ ବିଦ୍ୟାମନ୍ଦିରର ସମ୍ପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଅଭିଭାବକମାନଙ୍କୁ ଶିଶୁର ଭବିଷ୍ୟତ ଗଠନରେ ଯତ୍ନବାନ ହେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ସମାଜସେବୀ, ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା,ପୂର୍ବତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର ଯୋଗଦେଇ ଶିଶୁର ଚରିତ୍ର ଗଠନ ଓ ସର୍ବାଙ୍ଗୀନ ବିକାଶରେ ପିତାମାତାଙ୍କ ଭୂମିକା ଉପରେ କହିଥିଲେ। ବିଦ୍ୟାମନ୍ଦିରର ସଭାପତି ସଦାନନ୍ଦ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ବିଶୋୟୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ, ଅଭିଭାବକ,ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗଦେବା ସହ ସହଯୋଗ କରିଥିଲେ।

## 'ଜିଲ୍ଲାରେ ଲାଗିବ ଔଷଧୀୟ, ଛାୟା ପ୍ରଦାନକାରୀ ବୃକ୍ଷ'

ନବରଙ୍ଗପୁର,୧୬।୯(ସମିସ) : "ଏକ ପେଡ ମା' କେ ନାମ" ଅଭିଯାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସବୁ ବର୍ଗର ଲୋକେ, ସରକାରୀ ବିଭାଗ ସାମିଲ ହେବେ। ସବୁ ପଞ୍ଚାୟତରେ ଚାରାରୋପଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମ ସଫଳ ରୂପାୟନ କରିବା ନେଇ ମଙ୍ଗଳବାର ଜିଲ୍ଲାପାଳ ଡମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସିଡିଓ, ଡିଏଫ୍‌ଓ, ଉଦ୍ୟାନ ଉପ ନିର୍ଦ୍ଦେଶକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପିଏ,ଆଇଟିଡିଏ, ଡିଡ଼ବ୍ଲୁଓ, ଜିଲ୍ଲା ଶିକ୍ଷା ଅଧିକାରୀ, ଡିଏସଡବ୍ଲୁଓ, ମେଗା ଉଠା ଜଳସେଚନ ଯନ୍ତ୍ରୀ, ଡିଆଇପିଆର୍‌ଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସମସ୍ତ ବିଡିଓଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ରାଜ ଚାଉଁରିଆ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

କୋଷାଗୁମୁଡ଼ା, ୧୬।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷର ଅଭିଭାବକ ସମ୍ମିଳନୀ ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଡେମୀ ମୁଖ୍ୟ ଡ.ରବି ନାରାୟଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ବିବେକ କୁମାର ମହାଲିକ, ଦାମୋଦର ସାହୁ, ଅଖିଳ କୁମାର ଭଞ୍ଜ, ପଞ୍ଚାନନ ଦୂରିଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଆସନ୍ତା ବାର୍ଷିକ ପରୀକ୍ଷାରେ କିଭଳି ଭାବରେ ଉତ୍ତମ ପ୍ରଦର୍ଶନ କରି ନିଜର, ନିଜ ବାପା ମା ତଥା ଅନୁଷ୍ଠାନର ଗୌରବ ବୃଦ୍ଧି କରିବା ପାଇଁ ଛାତ୍ର ଛାତ୍ରୀ ତଥା ଅଭିଭାବକଙ୍କୁ ଆହ୍ୱାନ ଦେଇଥଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସୀମାଞ୍ଚଳ ପଟ୍ଟନାୟକ, ସସ୍ମିତା ପ୍ରଧାନ ,ଦେବକୀ ଦିଶାରି, ଈଶ୍ୱର ମାଝୀ, ଯାଦବ ମହାନ୍ତି, ବାବୁଲା ନାୟକ, ରାକେଶ କୁମାର ମହାଳିକ, ଶୈଳବାଳା ରାଉତଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥଲେ।

## ନବନିର୍ମାଣ ଠିକା ଶ୍ରମିକ ସଂଘର ପ୍ରତିଷ୍ଠା ଦିବସ

ଦାମନଯୋଡି,୧୬।୯(ସମିସ): ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ ପ୍ରକଳ୍ପରେ କାର୍ଯ୍ୟରତ ନବ ନିର୍ମାଣ ଠିକା ଶ୍ରମିକ ସଂଘର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳନ କରିଛି। ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର ସେକ୍ଟର-୨ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ ସଂଜୟ କୁମାର ପଟ୍ଟନାୟକ ଯୋଗଦାନ କରିଥିଲେ। ସଂଘର ସଭାପତି ସୁବାସ ଖରାଙ୍କ ସମେତ ନାରାୟଣ ଶତପଥୀ, ତପନ ବେନ୍ୟା, ପାର୍ବତୀ ଶ୍ରୀହରିଆ, ଲକ୍ଷ୍ମୀ ଗୁଣ୍ଟା ଓ ସମସ୍ତ ସଦସ୍ୟଗଣ ଉପସ୍ଥିତ ଥିଲେ। ଠିକା ଶ୍ରମିକମାନଙ୍କର ବିଭିନ୍ନ ସୁବିଧା ପ୍ରାପ୍ୟ, ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା ସହିତ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଉପଦେଷ୍ଟା ଚୈତନ୍ୟ ହନ୍ତାଳ, ନାଲ୍‌କୋର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜର୍ଜ ତୁରୁଫ ସଂଯୋଜନା କରିଥିଲେ।

## ନବରଙ୍ଗପୁରରେ ଦ୍ୱି ଭାଷୀ ଚଳଚ୍ଚିତ୍ରର ସୁଟିଂ

ନବରଙ୍ଗପୁର,୧୬।୯(ସମିସ): ଦୀପ୍ ଶାନ୍ ଫିଲ୍ମ ପ୍ରଯୋଜିତ ଏବଂ ସାଇ ଫିଲ୍ମ ନିବେଦିତ ଏସ୍‌ଏଫ୍ -୮୦୦ ନାମକ ଫିଲ୍ମର ସୁଟିଂ ନବରଙ୍ଗପୁର ସଦର ମହକୁମାର ସାମନ୍ତରାୟ ସାହି ସ୍ଥିତ ସାମନ୍ତରାୟ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସୁଟିଂରେ ଅବିଭକ୍ତ କୋରାପୁଟ ଜିଲ୍ଲା ଚଳଚ୍ଚିତ୍ର ବିକାଶ ନିଗମର ସହ ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲାର ପ୍ରତିଷ୍ଠିତ ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଫିଲ୍ମର ରଚନା, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରିଚିତ ନିର୍ଦ୍ଦେଶକ ଆମର ମିଶ୍ର ଦେଉଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଅଭୟ ମିଶ୍ର ଏବଂ ସୁଶିଲ ଦଳେଇ ଦେଇଛନ୍ତି। ଏହି ଚଳଚ୍ଚିତ୍ରରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ପ୍ରତିଷ୍ଠିତ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଏକା କାଳୀନ ଓଡ଼ିଆ ଓ ତେଲୁଗୁ ଭାଷାରେ ନିର୍ମାଣ କରାଯାଉଛି। ଏହା ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ସିନେମା ହଲ ରେ ମୁକ୍ତିଲାଭ କରିବ। ଏହା ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ନବରଙ୍ଗପୁରର ତ୍ରିଶକ୍ତି ସିନେ କମ୍ବାଇନ୍ସ ପକ୍ଷରୁ ଚଳଚ୍ଚିତ୍ରର ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

## 'ହସତେ ରୁଆ ଗ୍ରୁପ୍' ପକ୍ଷରୁ ପ୍ରତିଯୋଗୀ ସମ୍ମାନିତ




ନବରଙ୍ଗପୁର,୧୬।୯(ସମିସ): ନବରଙ୍ଗପୁର ସ୍ଥିତ ଟେକ୍ନୋ ଗୁରୁକୁଳ ସ୍କୁଲରେ ହସ୍ତେରୁଆ ଗ୍ରୁପ ପକ୍ଷରୁ ଜିଲ୍ଲାର ଜନ୍ମାଷ୍ଟମୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ସହିତ ପ୍ରଶଂସାପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଗ୍ରୁପର ପ୍ରତିଷ୍ଠାତା ରାମନାଥ ତ୍ରିପାଠୀ ୨୦୨୨୧ ମସିହାରୁ ପ୍ରତିବର୍ଷ ଏହି ପ୍ରତିଯୋଗିତା ପାଳନ କରିଆସୁଛି। ଏହା ଏକ ଫେସବୁକ ଗ୍ରୁପ୍ ଏବଂ ଏଥିରେ ୧ ଲକ୍ଷ ୧୭ ହଜାରରୁ ଅଧିକ ସଦସ୍ୟ ଅଛନ୍ତି। ଏହି ଗ୍ରୁପର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ହସ ମାଧ୍ୟମରେ ଲୋକଙ୍କ ଦୁଃଖ ଦୂର କରିବା। କିନ୍ତୁ ବର୍ତ୍ତମାନ ହସ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଚାରାରୋପଣ ଏବଂ ରକ୍ତଦାନ ଭଳି ଅନେକ କାର୍ଯ୍ୟକ୍ରମ କରିଆସୁଛନ୍ତି ବୋଲି ସୂଚନା ଦେବା ସହିତ ସ୍କୁଲର ପ୍ରିନ୍ସିପାଲ ସଂଗ୍ରାମ ନାୟକଙ୍କୁ ତାଙ୍କରି ସହଯୋଗିତା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶିକ୍ଷକ ଜଗଦୀଶ ତ୍ରିପାଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚୌଧୁରୀ ଯୋଗ ଦେଇଥିଲେ। ଶେଷରେ ହରି ଶଙ୍କର ସାବତ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦିଲୀପ କୁମାର ପାଣିଗ୍ରାହୀ ଓ ସହଯୋଗ କରିଥିଲେ ସୌମ୍ୟା ମହାପାତ୍ର, ବିଜୟ କୁମାର ମିଶ୍ର , ଦିଲୀପ କୁମାର ବଡ଼ତ୍ୟା। କାର୍ଯ୍ୟକ୍ରମ ଶେଷରେ ସୁପରିଚିତ ଯାଦୁଗର ହେମନ୍ତ କୁମାର ପାତ୍ର ଯାଦୁର କଳା କୌଶଳ ଦେଖାଇ ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲେ।

## ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ



ପୋଡ଼ାଗଡ଼, ୧୬।୯(ସମିସ): କୋରାପୁଟ ଅତିଥି ଭବନ ଠାରେ ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଙ୍ଘ ତରଫରୁ ବନ୍ଧୁମିଳନ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ରାଜ୍ୟ ସଂଘରୁଆସିଥିବାସଭାପତିଜୟନ୍ତୀଲାଲସାହୁ,ସମ୍ପାଦକହନେସବାଘକାର୍ଯ୍ୟକାରୀସଭାପତି ଅଲେଖସାହୁଉପସ୍ଥିତରହିନୂତନସଂଘଗଠନକରାଯାଇଥିଲା।ଏହିନୂତନସଂଘରେସଭାପତି ଭାବେ ଶରତ କନ୍ଧପାନ, କାର୍ଯ୍ୟକାରୀ ସଭାପତି ଭାବେ ଚୋଳଗଙ୍ଗ ବିଶୋଇ ଉପସଭାପତି ଭାବେ ନାରାୟଣ ରାୟ, ସହ ସମ୍ପାଦକ ଭାବେ କୈଳାସ ବିଶୋଇ, କୋଷାଧ୍ୟକ୍ଷ ଭାବେ ଧନିଆ ବେନିଆ ଏବଂ ମହାସଚିବ ଭାବେ ଗୋପାଳ କୃଷ୍ଣ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

## ବିଶ୍ୱ ଓଜୋନ୍ ଦିବସ ପାଳିତ

ସୁନାବେଡା,୧୬।୯ (ସମିସ): ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟ ଠାରେ ଆଜି ବିଶ୍ୱ ଓଜୋନ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ସଭାକାର୍ଯ୍ୟ ପରିଚାଳନା କରିବା ସହିତ ଉକ୍ତ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ, ଓଜୋନ୍ ସ୍ତର କିପରି ନଷ୍ଟ ହୋଇଛି ଏବଂ ଆମ ଉପରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ଆଇସିଏଆରର ମୁଖ୍ୟ ଡ ରାମଜୟମ ଯୋଗଦେଇ ଓଜୋନ୍ ସ୍ତରକୁ କିପରି ମାନବ ସମାଜ ନିଜର ସତର୍କତା ଦ୍ୱାରା ଏବଂ ଦାୟିତ୍ୱବୋଧତା ଦ୍ୱାରା କ୍ଷୟରୁ ରକ୍ଷା କରିପାରିବେ ଆଲୋଚନା କରିଥିଲେ। ଆମ କଲେଜ ଆମ ଗୌରବ ସଂଯୋଜିକା ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ ଯୋଗଦାନ କରି ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ସଚେତନ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ୱାଇଆରସି କାଉନ୍‌ସିଲର ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ବିନୁ ପ୍ରଧାନ ଏବଂ ରୁକ୍ସାନା ବେଗମ ମଧ୍ୟ ଉକ୍ତ ସଭାରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଉକ୍ତ ସଭାରେ ଯୋଗଦେଇ କାର୍ଯ୍ୟକ୍ରମ ଟିକୁ ସଫଳ କରିଥିଲେ। ଛାତ୍ରୀମାନେ ଭବିଷ୍ୟତରେ ଓଜୋନ୍‌ସ୍ତରର ସୁରକ୍ଷା କରିବା ପାଇଁ ଶପଥ ପାଠ କରିଥିଲେ।

## ସହରରେ ବଢୁଛି ମଦ୍ୟପଙ୍କ ସଂଖ୍ୟା

ଉମରକୋଟ, ୧୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ବଢୁଛି ମଦ୍ୟପଙ୍କ ସଂଖ୍ୟା । ମଦ ଦୋକାନୀ ଙ୍କ ପାଇଁ ଯେତିକି ସର୍ବନିମ୍ନ କୋଟା ଧାର୍ଯ୍ୟ କରାଯାଉଛି, ସେମାନେ ତାହାର ଦୁଇ ଗୁଣରୁ ଅଧିକ ମଦ ଉଠାଉଛନ୍ତି। ଉମରକୋଟ ପୌରପରିଷଦ ଠାରେ ଯୁବପିଢି ମାନଙ୍କ ମଧ୍ୟରେ ମଦ୍ୟପାନ ବୃଦ୍ଧି ପାଇବା ଉଦ୍‌ବେଗର କାରଣ ହୋଇପଡିଛି। ସେହିଭଳି ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳର ଯୁବପିଢି ଅଧିକ ମଦ୍ୟପାନ କରୁଛନ୍ତି। ଉମରକୋଟ ସହରଠାରେ ମଦ ବିକ୍ରି କ୍ରମାଗତ ଭାବେ ବଢି ଚାଲିଛି। ମଦ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଯେତିକି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ରହିଛି ତାର ଦୁଇ ଗୁଣା ଅଧିକ ମଦଦୋକାନ ସହର ମଧ୍ୟରେ ରହିଛି ଓ ବିକ୍ରି କରାଯାଉଛି। ମଦ କାରବାର ବଢିବା ସହିତ ଉମରକୋଟ ମଦ ଦୋକାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ଚାଲିଛି। ଗୋଟିଏ ପଟେ ଅପରାଧ ଓ ଦୁର୍ଘଟଣା ପଛର ସବୁଠୁ ବଡ଼ କାରଣ ମଦ୍ୟପାନ ରହିଥିବା ବେଳେ ଏଭଳି ସ୍ଥିତି ଉମରକୋଟ ସହର କୁ ଯେଉଁ ଦିଗକୁ ଟାଣି ନେଉଛି, ତାହା ଏବେ ଚିନ୍ତାର ପ୍ରସଙ୍ଗ ପାଲଟିଛି। ଉମରକୋଟ ସହର ଠାରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଛି। ନିଶା ସେବନକାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ହାତ ପାହାନ୍ତାରେ ମଦ ଓ ଗଞ୍ଜେଇ ଭଳି ନିଶାଦ୍ରବ୍ୟ ସହଜରେ ମିଳି ଯାଉଥିବାରୁ ମାରାତ୍ମକ ନିଶା କବଳରେ ପଡିଲେଣି ଆଜିର ଯୁବପିଢ଼ି। ଅଧିକାଂଶ ଯୁବଗୋଷ୍ଠୀ ମଦ, ଗଞ୍ଜେଇ, କଫ୍ ସିରପ, ନିଶା ବଟିକା ଓ କରେକ୍ସ କାରବାର ଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟରେ ନିଜକୁ ଲିପ୍ତ ରଖୁଛନ୍ତି। ନିଶା ଉପରେ ନିୟନ୍ତ୍ରଣ ନ ଥିବାରୁ ସ୍ଥିତି ବିଗିଡ଼ିବାକୁ ଲାଗିଲାଣି। ସନ୍ଧ୍ୟା ହେଲେ ବିଭିନ୍ନ ଛକ ଦୈନିକ ବଜାର ପିଣ୍ଡି, ପାର୍କ , ଷ୍ଟାଡିୟମ, ଠାରେ ନିଶାଖୋର ଙ୍କ ଆ‡ାସ୍ଥଳୀ ପାଲଟିଥିବା ବେଳେ ପ୍ରଶାସନର ନିଷ୍କ୍ରିୟତା ପାଇଁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ବେଳ ଥାଉ ଥାଉ ସତର୍କ ନ ହେବେ ଆଗକୁ ପରିସ୍ଥିତି ଜଟିଳ ହୋଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। କେତେକ ଅସ୍ଥାୟୀ ବିଦେଶୀ ମଦ ଦୋକାନ ନକଲି ମଦ ମଧ୍ୟ ବିକ୍ରି କରୁଥିବା ଅଭିଯୋଗ ହୋଉଛି। ବିଶ୍ୱ ତମାଖୁ ବର୍ଜନ ଓ ନିଶା ନିବାରଣ ଦିବସ ଆସିଲେ ସଭା ସମିତି ରାଲି ଆଦି ଗୋଟିଏ ଦିନ ପାଳନ କରାଯାଇଥାଏ। ହେଲେ ପରେ ସବୁ ବନ୍ଦ ହୋଇଯିବା ସହ ପୂର୍ବ ଭଳି ନିଶା କାରବାର ଜାରି ରହୁଛି।।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

କୋରାପୁଟ,୧୬।୯(ସମିସ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ କୋରାପୁଟ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୦ରୁ ଅଧିକ ଅଭିଯୋଗ ପହଞ୍ଚି ଥିବାବେଳେ ସମସ୍ତ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ କୋରାପୁଟ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିର୍ନ କାର୍ଯ୍ୟ ଉପରେ ଆଲୋଚନା ଓ ସମୀକ୍ଷା କରା ଯାଇଥିଲା। ବ୍ଲକ ଅଧକ୍ଷା ନମିତା ମାଝୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା, ଉପାଧ୍ୟକ୍ଷ ଶିବ ଗୋଲରି ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଗ୍ରାମବାସୀଙ୍କ ସହ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

● ଶାଗୁଆନ କାଠ ଜବତ

## ଟ୍ରାକ୍ଟରକୁ ଛାଡି ଦେବାରୁ ଅସନ୍ତୋଷ



ଚନ୍ଦାହାଣ୍ଡି,୧୬।୯(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ପାଟଖଲିଆ ପଞ୍ଚାୟତ ଅନ୍ତର୍ଗତ ରାଜକୋଟ ଗାଁରେ ଶାଗୁଆନ ଗଛ ଚୋରା ଚାଲାଣ ଭଳି ଘଟଣା ସାମ୍ନାକୁ ଆସିଛି। ଗୁରୁବାର ରାତିରେ କିଛି ଦୁର୍ବୃତ୍ତ ସ୍ଥାନୀୟ ନର୍ସରୀରୁ ଶାଗୁଆନ ଗଛ କାଟି ଏକ ଟ୍ରାକ୍ଟର ଯୋଗେ କାଠ ଚୋରା ଚାଲାଣ କରୁଥିଲେ। ରାଜକୋଟ ଠାରୁ ଗୌରଝରିଆ ରାସ୍ତାରେ ବର୍ଷା ହୋଇ ରାସ୍ତା କାଦୁଅ ହୋଇଥିବା କାରଣରୁ ରାସ୍ତାରେ ଟ୍ରାକ୍ଟରଟି ଫସି ଯାଇଥିଲା। ଯେତେ ଚେଷ୍ଟା କରିଥିଲେ ବି ଟ୍ରାକ୍ଟରଟି ସେଠାରୁ ବାହାରି ନଥିଲା। ଦୁର୍ବୃତ୍ତମାନେ ବାଧ୍ୟ ହୋଇ ଟ୍ରାକ୍ଟରରୁ ଶାଗୁଆନ ଗଛକୁ କାଢି ସେଠାରେ ଛାଡି ପଳାଇଥିଲେ। ଘଟଣା ପରେ ଧୀରେ ଧୀରେ ଏହା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା। କୌଣସି ସୂତ୍ରରୁ ଖବର ପାଇ ସୋମବାର ଦିନ ବନ ବିଭାଗ କର୍ମଚାରୀ ମାନେ ରାଜକୋଟ ଗାଁକୁ ଯାଇ ଶାଗୁଆନ ଗଛ ଜବତ କରିଥିଲେ। ବନ ବିଭାଗର ଅଧିକାରୀମାନେ ଏହି ଅବୈଧ କାର୍ଯ୍ୟକୁ ରୋକିବା ପାଇଁ ଯଥେଷ୍ଟ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ବଲା ସମାନର କିଛି ଶାଗୁଆନ ଗଛ ଆଜି ଜବତ ହୋଇଛି। କେଉଁ ଗାଡ଼ିରେ ଏହା ଚାଲାଣ ହେଉଥିଲା ସେ ସମ୍ପର୍କରେ ଅଧିକ ତଦନ୍ତ ପରେ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି। ତେବେ ଶାଗୁଆନ କାଠ ଜବତ କରି ଚାଲାଣ କରୁଥିବା ଟ୍ରାକ୍ଟରକୁ କିପରି ବନ ବିଭାଗ ଛାଡିଦେଇଛି ସେନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ଫୁଲଭଟା ରାସ୍ତା ମରାମତି ଦାବି

## ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ



କୁନ୍ଦୁରା,୧୬।୯(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଫୁଲଭଟା ପଞ୍ଚାୟତବାସୀ ଜୟପୁର ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାୟୀ, ଫୁଲଭଟା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ସଦରମହକୁମାକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ଅବସ୍ଥା ଅତି ଶୋଚନୀୟ। ପୋକନାଗୁଡ଼ା ଛକଠାରୁ ପଡେଇକୁଣ୍ଡ ପର୍ଯ୍ୟନ୍ତ ରାସ୍ତା ମରାମତି ସହ ଘାଟ କଟିଙ୍ଗ ଅତି ଆବଶ୍ୟକ। ଏହି ଦୟନୀୟ ରାସ୍ତା ଯୋଗୁଁ ଫୋଲଭଟା ପଞ୍ଚାୟତର ଉନ୍ନତି ହୋଇପାରୁ ନାହିଁ। ଏକମାତ୍ର ରାସ୍ତାରେ ଗମନାଗମନରେ ବାଧା ସୃଷ୍ଟି ହେବା ସହ ପିଡିଏସ ସାମଗ୍ରୀ ବଣ୍ଟନ, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଲକ୍ଷ୍ମୀବସ ସେବା ଏବଂ ଉଚ୍ଚ ଶିକ୍ଷା ପାଇଁ ବ୍ଲକ ସଦର ମହକୁମା ଯିବା ପାଇଁ ବାଧକ ସାଜିଛି ଘାଟି ରାସ୍ତା। ଏଣୁ ଦାବିପତ୍ର ଦେବା ସମୟରେ ବ୍ଲକ କଂଗ୍ରେସ ସମ୍ପାଦକ ଦୈତାରୀ ମଲ୍ଲିକ, ରାଜେଶ ଗୁରୁ, ଗୁପ୍ତ ସାନ୍ତା, ସୁକ୍ରୁ କାର୍ଷିକା, ସଦା ମୁଦୁଲି, ଯଦୁ ସାନ୍ତା, ବ୍ରଜ ସାନ୍ତା, ସୁବୁଧି ସାନ୍ତା, ମଙ୍ଗଳୁ ଜାନି ଓ ଜଗତ ମାଝୀ ଉପସ୍ଥିତ ଥିଲେ।





# ବର୍ଷକୁ ୬ କୋଟି ନେଉଛନ୍ତି ବଙ୍ଗୀୟ କାରିଗର

**■ ପାର୍ବଣରେ ହାତବାନ୍ଧି ବସିଛନ୍ତି ଓଡ଼ିଆ**

**■ ମୂର୍ତ୍ତି କାରିଗରୀକୁ କୁଟୀର ଶିଳ୍ପରେ ସାମିଲ କରିବାକୁ ଦାବି**

ଭୁବନେଶ୍ୱର, ୧୬।୯(ସମିସ): ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ସବୁଠି ଚାଲିଛି ଜୋରଗଦାର ପ୍ରସ୍ତୁତି। କେଉଁଠି ଆଲୋକମାଳାର ସୁସଜ୍ଜିତ ହେଉଛି ତ କେଉଁଠି ସୁଉଚ୍ଚ ତୋରଣ ନିର୍ମାଣ ଚାଲିଛି। ସେହିଭଳି ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି କାରିଗର। ହେଲେ ଅଧିକାଂଶ ସ୍ଥାନରେ କେବଳ ପଶ୍ଚିମବଙ୍ଗ କାରିଗରଙ୍କୁ ହିଁ ଦେଖିବାକୁ ମିଳୁଛି। ସେ ତୋରଣ ନିର୍ମାଣରେ ହେଉ କିମ୍ବା ମୂର୍ତ୍ତି ନିର୍ମାଣ କାର୍ଯ୍ୟ। ଯାହାର ସିଧାସଳଖ ପ୍ରଭାବ ଓଡ଼ିଆ କାରିଗର ଏବଂ ତାଙ୍କ ଜୀବିକା ଉପରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ଏକ ଆକଳନ ଅନୁଯାୟୀ ଭୁବନେଶ୍ୱରରୁ କେବଳ ମୂର୍ତ୍ତି ନିର୍ମାଣ ବାବଦରେ ପ୍ରାୟ ୬ କୋଟି ଟଙ୍କା ବଙ୍ଗୀୟ କାରିଗର ନେଉଥିବା ଆକଳନ କରାଯାଇଛି।

ଓଡ଼ିଆ କ୍ୟାଲେଣ୍ଡରରେ ପାର୍ବଣ ସମୟ ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ସମୟ। ସାଧାରଣତଃ ପାରମ୍ପରିକ ଭାବରେ ମୌସୁମୀର ଆଗମନ ପୂର୍ବରୁ ମୂର୍ତ୍ତି ଗଢ଼ିବା ପାଇଁ ପଶ୍ଚିମବଙ୍ଗର କାରିଗରମାନେ ଓଡ଼ିଶା ଆସି ତିନିରୁ ଚାରିମାସ ଧରି ଏଠାରେ ରହି ମୂର୍ତ୍ତିକାମ କରନ୍ତି। ସେଥିପାଇଁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ କର୍ମଶାଳା ସ୍ଥାପନ କରି ମୂର୍ତ୍ତି ନିର୍ମାଣ କରନ୍ତି। ସେହି ଅସ୍ଥାୟୀ କର୍ମଶାଳାରେ କେବଳ ବଙ୍ଗୀୟ କାରିଗରଙ୍କ ମେଳି ରହୁଛି। କେବଳ ସେତିକି ନୁହେଁ ବରଂ ବଡ ବଡ ପୂଜା ମଣ୍ଡପରେ ମଧ କୋଲକାତାରୁ କାରିଗରଙ୍କୁ ମୂର୍ତ୍ତି ଗଢିବା ପାଇଁ ଡକାଯାଉଛି। ଯାହାର ସିଧାସଳଖ ପ୍ରଭାବ ଓଡ଼ିଆ କାରିଗର ଏବଂ ତାଙ୍କ ଜୀବିକା ଉପରେ ପଡୁଛି। ଏହା ଆଜିକି କାଲି ନୁହଁ ବରଂ ବର୍ଷ ବର୍ଷ ଧରି ଚାଲିଆସୁଛି। ରାଜଧାନୀର କିଛି ପ୍ରମୁଖ ଏବଂ ଉପକଣ୍ଠ ଅଞ୍ଚଳ ଯଥା- ପୁରୁଣା ଭୁବନେଶ୍ୱର, ବାରଙ୍ଗ, ବାଲିପାଟଣା, ନୂଆଗାଁ, ଗୁଡିଆ ପୋଖରୀ ଆଦି ସ୍ଥାନରେ ବର୍ଷ ବର୍ଷଧରି କାରିଗରୀକୁ ନିଜ ଜୀବିକା କରିଥିବା କାରିଗରଙ୍କ ମଧରେ କାମର ସଙ୍କଟ ଦେଖିବାକୁ ମିଳୁଛି। ଏନେଇ କିଛି ଜଣେ ଓଡ଼ିଆ କାରିଗର କୁହନ୍ତି, ପାର୍ବଣ ଋତୁ ଆସିଲେ ଭୁବନେଶ୍ୱରକୁ ମୂର୍ତ୍ତି ନିର୍ମାଣ ପାଇଁ ପ୍ରତିବର୍ଷ ୯ ଶହ କାରିଗର ଏବଂ ହେଲ୍‌ପର କେବଳ ପଶ୍ଚିମବଙ୍ଗରୁ ଆସୁଛନ୍ତି। ଜଣେ ଜଣେ କାରିଗର ଏହି ସମୟ ଭିତରେ କାରିଗର ୩୦ ହଜାର ଟଙ୍କା ନେଉଥିବା ବେଳେ ହେଲ୍‌ପର ନେଉଛନ୍ତି ପ୍ରାୟ ୨୨ ହଜାର ଟଙ୍କା ନେଉଛନ୍ତି। ରୋଜଗାର ସମୟ ହେଉଛି ପାର୍ବଣ ଋତୁ। ଯଦି ସେହି ସମୟରେ ହିଁ ସବୁ କାମ ପଶ୍ଚିମବଙ୍ଗର କାରିଗର ଆସି ଏଠାରେ କାମ କରିବେ ତେବେ ଓଡ଼ିଆ କାରିଗର କ'ଣ କରିବେ ଏବଂ ତାଙ୍କ ଜୀବିକାର କ'ଣ ହେବ ବୋଲି ପ୍ରଶ୍ନ କରିଛନ୍ତି।



ବଙ୍ଗୀୟ କାରିଗରଙ୍କ ବଦଳରେ ଓଡ଼ିଶାର କାରିଗରଙ୍କୁ ମୂର୍ତ୍ତି ତିଆରି ପାଇଁ ତାଲିମ ଦିଆଯାଆନ୍ତା ତେବେ ବାହାରକୁ ଯାଉଥିବା ମୂର୍ତ୍ତି ଗଢ଼ା ବାବଦରେ ଅର୍ଥ ଓଡ଼ିଶାର କାରିଗରମାନେ ପାଇପାରନ୍ତେ। ଫଳରେ ପଶ୍ଚିମବଙ୍ଗ ଅପେକ୍ଷା ଓଡ଼ିଆ କାରିଗରମାନେ ଅର୍ଥିକ କ୍ଷେତ୍ରରେ ଅଧିକ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି କହିଛନ୍ତି ପ୍ରକାଶ ମିଶ୍ର। ଅପରପକ୍ଷେ ଓଡ଼ିଆ କାରିଗରଙ୍କୁ କାମ କରିବାର ସୁଯୋଗ ମିଳୁ ନ ଥିବାରୁ ଅନେକ ସମୟରେ ଜୀବିକାର ମାଧ୍ୟମ ବଦଳାଇ ଦେଉଛନ୍ତି। ଏହି ସମୟରେ ଗଣେଶ ମୂର୍ତ୍ତି, ବିଶ୍ୱକର୍ମା, ଦୁର୍ଗାଙ୍କ ମୂର୍ତ୍ତି, ଲକ୍ଷ୍ମୀ ନାରାୟଣ ଏବଂ କାଳୀପୂଜା ପାଇଁ ସେମାନେ ଯାଇ ମୂର୍ତ୍ତି ପ୍ରସ୍ତୁତ କରିଥାନ୍ତି। ହେଲେ ଗତ କିଛି ବର୍ଷ ହେବ ବଙ୍ଗୀୟ କାରିଗରଙ୍କ ଚାହିଦା ବଢ଼ିବାରୁ ତାଙ୍କ ପାଖକୁ ଆଉ ଅର୍ଡର ଆସୁନାହିଁ। ଏନେଇ ଯଦି ଓଡ଼ିଶାର କାରିଗରଙ୍କୁ ସରକାରଙ୍କ ତରଫରୁ କିଛି ପ୍ରୋତ୍ସାହନ ମିଳିବା ସହ ଏହି କାରିଗରୀକୁ କୁଟୀର ଶିଳ୍ପରେ ସାମିଲ କରାଯାନ୍ତା, ତେବେ ସେମାନଙ୍କୁ ଆଉ ଜୀବିକା ହରାଇବାକୁ ପଡନ୍ତାନି ବୋଲି କହିଛନ୍ତି ଦେବରାଜ ମୁଦୁଲି ନାମକ ଅନ୍ୟଜଣେ କାରିଗର।

## ବିବାହର ପ୍ରତିଶ୍ରୁତି ଦେଇ ଧୋକା; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୧୬।୯(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଧୋକା ଦେବା ଅଭିଯୋଗରେ ଲିଙ୍ଗରାଜ ଥାନା ପୁଲିସ ଜଣେ ଅଭିଯୁକ୍ତ ଗିରଫ କରିଛସି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିଡିଏ କଲୋନୀର ଅମିତ କୁମାର ସାହୁ। ସୂଚନାଯୋଗ୍ୟ ଯେ, ଅମିତ ପୂର୍ବରୁ ବିବାହିତ ହୋଇଥିବା ବେଳେ ବର୍ତ୍ତମାନ ଛାଡପତ୍ର ପରେ ପତ୍ନୀଙ୍କ ନିକଟରୁ ଅଲଗା ରହୁଛନ୍ତି। ଅମିତଙ୍କ ଦ୍ୱାରା ନିର୍ମିତ ତଥା ପରିଚାଳିତ "ଅନନୀଡ ଇଭେଣ୍ଟ ଆଣ୍ଡ ଏଣ୍ଟରଟେନମେଣ୍ଟ" ସଂସ୍ଥାରେ ଅଭିଯୋଗକାରିଣୀ ଗତ ୨୦୨୩ ମସିହାରେ ଯୋଗଦାନ କରିଥିଲେ। ସେହି ସମୟରେ ଅଭିଯୁକ୍ତଙ୍କର ପାରିବାରିକ ସମସ୍ୟା ଚାଲିଥିବା ହେତୁ ଅଭିଯୋଗକାରିଣୀଙ୍କ ସହିତ ତାଙ୍କର ସମ୍ପର୍କ ନିବିଡ ହୋଇଥିଲା। ଇତିମଧ୍ୟରେ ଅମିତ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଖରାପ ସମ୍ପର୍କ ରଖିଥିଲେ ଏବଂ ପତ୍ନୀଙ୍କ ସହ ଛାଡପତ୍ର ପ୍ରକ୍ରିୟା ସମାପ୍ତ ପରେ ସେ ତାଙ୍କୁ ବିବାହ କରିବେ ବୋଲି କଥା ଦେଇଥିଲେ। କିନ୍ତୁ ୨୦୨୪ ମସିହାରେ ଅମିତଙ୍କର ପତ୍ନୀଙ୍କ ସାହ ଛାଡପତ୍ର ପ୍ରକ୍ରିୟା ସମାପ୍ତ ହେବା ପରେ ଅଭିଯୋଗକାରିଣୀ ତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ ମଧ ଅମିତ ତାଙ୍କ ପ୍ରସ୍ତାବରେ ରାଜି ହେବା ବଦଳରେ ଦିନପରେ ଦିନ ଗଡ଼ାଇ ଚାଲିଥିଲେ। ଏନେଇ ଅଭିଯୋଗକାରିଣୀ ଅମିତଙ୍କ ମାଙ୍କୁ ଯୋଗାଯୋଗ କରି ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ ମଧ ସେ ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ। ଶେଷରେ ଅଭିଯୋଗକାରିଣୀ ହତାଶ ହୋଇ ଥାନାର ଦ୍ୱାରସ୍ତ ହୋଇଥିଲେ।

## ଫ୍ଲାଏଓଭର ମରାମତି ବେଳେ ଚଢ଼ିଗଲା ଟ୍ରକ

ଭୁବନେଶ୍ୱର, ୧୬।୯(ସମିସ): ୧୬ ନମ୍ବର ଜାତୀୟରାଜପଥର ଖଣ୍ଡଗିରି ଫ୍ଲାଏଓଭର୍ ମରାମତି କାମ ଚାଲିଥିବା ବେଳେ ଟ୍ରକ୍ ଚଢ଼ିଯିବାରୁ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଅନୁଗୁଳ କିଶୋରନଗରର ସବ୍ୟସଚୀ ସାହୁ। ଉକ୍ତ ବ୍ୟକ୍ତ ଏନ୍‌ଏଚ୍‌ଏଆଇ ଅଧୀନରେ ସିକ୍ୟୁରିଟ୍ ଗାର୍ଡ ଭାବେ କାମ କରୁଥିଲେ। କାମ ଚାଲିଥିବା ବେଳେ ସେ ସୁରକ୍ଷା ଦେଉଥିଲେ। ହେଲେ ଅସାବଧାନତା ବଶତଃ ସେ ରାସ୍ତା ଉପରକୁ ପଳାଇ ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଉପରେ ଏକ ଟ୍ରକ୍ ଚଢି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଛି। ଏନେଇ ପୁଲିସ ଏକ ମାମଲା କରି ତଦନ୍ତ କରୁଛି।

## ମା' ଟଙ୍କପାଣିଙ୍କ ଷୋଡ଼ଶ ପୂଜା



ଧଉଳି,୧୬।୯(ସମିସ): ରାଜଧାନୀ ଉପକଣ୍ଠ ଟଙ୍କପାଣି ଗ୍ରାମରେ ବିରାଜମାନ ମା'ଟଙ୍କପାଣି ଦେବୀଙ୍କ ଷୋଡ଼ଶ ପୂଜା ଆରମ୍ଭ ହୋଇଯାଇଛି। ପୂଜା ପାଇଁ ଚଳଚଞ୍ଚଳ ମା'ଙ୍କ ପୀଠ। ମୂଳାଷ୍ଟମୀ ଦିନ କୁଆଖାଇ ନ?ଦୀରେ କୁମ୍ଭାଭିଷେକ କରାଯାଇ ପୂର୍ଣ୍ଣକୁମ୍ଭକୁ ଶ୍ରଦ୍ଧାଳୁଙ୍କ ଦ୍ୱାରା ସଙ୍କୀର୍ତ୍ତନ କରି ଶୋଭାଯାତ୍ରାରେ ମା'ଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ସେହିଦିନ ରାତିରେ ମା'ଙ୍କ ମହାସ୍ନାନ ପରେ ଷୋଡ଼ଶ ପୂଜା କରାଯାଇ କାକରା, ଗଜାମୁଗ, ନଡ଼ିଆ, କଦଳୀ, ଆଦି ନୈବେଦ୍ୟ ଲାଗି କରାଯିବା ପରେ ଅନ୍ନପ୍ରସାଦ ଭୋଗ ଲାଗି ହୋଇଥିଲା। ମୂଳାଷ୍ଟମୀ ପର ଦିନ ଠାରୁ ଭୋର୍ ସମୟରେ ମା'ଙ୍କ ସ୍ନାନ ପରେ ଚଣ୍ଡୀପାଠ ଓ ଅପରାହ୍ଣରେ ପୁନଃ ମା'ଙ୍କ ସ୍ନାନ ପରେ ମନ୍ଦିର ପୁରୋହିତଙ୍କ ଦ୍ୱାରା ସ୍ୱତନ୍ତ୍ର ବେଶ କରାଯିବା। ପରେ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା କରାଯାଇଥାଏ। ଏହି ସମୟରେ ସେବକଙ୍କ ଦ୍ୱାରା ଘଣ୍ଟ ମର୍ଦ୍ଦଳ ବା ଶ୍ରଦ୍ଧାଳୁ ମାନଙ୍କ ମନରେ ଆଧାତ୍ମିକ ଭାବନାରେ ଶଙ୍ଖ ବଜାଯାଇଥାଏ। ପୂଜାଶେଷ ମା'ଙ୍କ ପୁନଃ ସ୍ନାନ ମାର୍ଜଣା କରାଯିବା ପରେ କ୍ଷୀରି, ପିଠା ଭୋଗ କରାଯାଏ। ମହାଷ୍ଟମୀ ଦିନ ଅଦ୍ଧ ରାତ୍ରରେ ମା'ଙ୍କ ସନ୍ଧିପୂଜା ଓ ହୋମ କରାଯାଇ ପୂଜା ସମାପନ କରାଯିବ।

**● ମହିମାସେବା ଫାଉଣ୍ଡେସନର ସ୍ୱନକ୍ଷତ୍ର ଦିବସ**

## ସମ୍ବର୍ଦ୍ଧନା ସହ ଖାଦ୍ୟ ଓ ବସ୍ତ୍ର ବଣ୍ଟନ

ଭୁବନେଶ୍ୱର, ୧୬।୯(ସମିସ): ମହିମା ସେବା ଫାଉଣ୍ଡେସନ୍‌ର ଷଷ୍ଠ ସ୍ୱନକ୍ଷତ୍ର ଦିବସ ଅନ୍ଧାରୁଆସ୍ଥିତ ସତ୍ୟ ମହିମା ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଶୂନ୍ୟ ମହିମା ପ୍ରଭୁଙ୍କୁ ପ୍ରଦୀପ ପ୍ରଜ୍ୱଳନ ସହିତ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନା ଓ ମହିମା ସାଧୁ ମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିମନ୍ୟୁ ପ୍ରଧାନ, ପଦ୍ମ ଚରଣ ବେହେରା, ସାଧୁ ଚରଣ ବେହେରା ପ୍ରମୁଖ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଥିଲେ। ଫାଉଣ୍ଡେସନ୍‌ର ପରିଚାଳନା ନିର୍ଦ୍ଦେଶକ ନାରାୟଣ ଖୁଣ୍ଟିଆ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାମାଜିକ କାର୍ଯ୍ୟ ପାଇଁ ସମାଜସେବୀ ସସ୍ମିତା ପାହାଡ଼ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ନରୋତ୍ତମ ଦାସ, ହୃଦାନନ୍ଦ, ସୁଶାନ୍ତ, ନିରୋଦଙ୍କ ସହିତ ଅନ୍ଧାରୁଆ ଗ୍ରାମବାସୀ ପରିଚାଳନା କରିଥିଲେ।

## ପୂର୍ବାଞ୍ଚଳ ଜୁନିଅର ରେଡ଼କ୍ରସ ବ୍ଲକ ସଂଯୋଜକଙ୍କ କର୍ମଶାଳା

ଭୁବନେଶ୍ୱର, ୧୬।୯(ସମିସ): ଖୋର୍ଦ୍ଧା ଜିଲ୍ଲା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସର ଚେୟାରମ୍ୟାନ ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ୮ ଜିଲ୍ଲାର ବ୍ଲକ ସଂଯୋଜକମାନଙ୍କ ତିନିଦିନିଆ ଦକ୍ଷତାବୃଦ୍ଧି କର୍ମଶାଳା ରେଡ଼କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବେଗୁନିଆ ବରିଷ୍ଠ ଗୋଷ୍ଠୀ ଅଧିକାରୀ ତଥା ଜିଲ୍ଲା ରେଡକ୍ରସ ସମ୍ପାଦକ ଭାସ୍କର ଲେଙ୍କା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରଶ୍ମିବାଳା ପରିଡ଼ା, ରାଜ୍ୟ ରେଡ଼କ୍ରସ ଓଡ଼ିଶା ଶାଖାଙ୍କ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ଶିବିରାର୍ଥୀଙ୍କୁ ରେଡକ୍ରସର ସେବାମୂଳକ କାର୍ଯ୍ୟକ୍ରମରେ ଯୋଡ଼ି ହେବାକୁ ଆହ୍ୱାନ ଦେଇଥିଲେ। ରଶ୍ମିରଞ୍ଜନ ଜେନା, ପାୟଲ ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ରେଡ଼କ୍ରସ ଶାଖାର ଅବୈତନିକ ସମ୍ପାଦକ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସଭାର ଅଧକ୍ଷତା କରିଥିଲେ। ଜିଲ୍ଲା ଯୁଗ୍ମ ସମ୍ପାଦକ ମୁରଲୀଧର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲା ଜୁନିଅର ରେଡ଼କ୍ରସ ଅଧିକାରୀ ତୋଫାନ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଆ ଆଇଡିଏସ୍ ପକ୍ଷରୁ ଆତ୍ମହତ୍ୟା ନିବାରଣ ସପ୍ତାହ

ଭୁବନେଶ୍ୱର, ୧୬।୯(ସମିସ): ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନସେସ୍ (ଆଇଡିଏସ୍) ପକ୍ଷରୁ ସପ୍ତାହ ବ୍ୟାପୀ ପାଳିତ ହେଉଥିବା 'ଆତ୍ମହତ୍ୟା ନିବାରଣ ଦିବସ' ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ 'ଚେଞ୍ଜିଙ୍ଗ୍ ଦ ନାରେଟିଭ୍ ଅନ୍ ସୁଇସାଇଡ' ବିଷୟ ବସ୍ତୁ ସହିତ ମାନସିକ ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣତାକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସର ଡିନ୍ (ଏକାଡେମିକ୍ସ) ଡ. ପ୍ରଶାନ୍ତ ରାଘବ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନମ୍ ଫାଉଣ୍ଡେସନ୍‌ର ଚିଫ୍ କାଉନସେଲିଂ ଟ୍ରଷ୍ଟି ମେମ୍ବର ସୋମ୍ୟା ସୁଚରିତା ମହାପାତ୍ର, ଆଇଡିଏସ୍‌ର ଡିନ୍ ପ୍ରଫେସର ଡ. ରୁଚି ଭୂୟାଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତ ବର୍ଷର ଥିମ୍‌କୁ ନେଇ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଫେସର ଡ. ଗାଥା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ, ଡାକ୍ତର ଏବଂ ଫ୍ୟାକଲ୍ଟି ଉପସ୍ଥିତ ଥିଲେ।

## ଓୟୁଏଟି ଶୁଭଶ୍ରୀ ମହିଳା ସମିତି ତରଫରୁ ସ୍ୱାସ୍ଥ୍ୟ ଶିବିର




କଟକ,୧୬।୯(ସମିସ): ଓୟୁଏଟି ଶୁଭଶ୍ରୀ ମହିଳା ସମିତି ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡଃ ଲାଲପଥ୍ ଲ୍ୟାବ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬୦ଜଣ ପୁରୁଷ, ସ୍ତ୍ରୀ ତଥା ବରିଷ୍ଠ ନାଗରିକର ରକ୍ତ ନମୁନା, ଦାନ୍ତ ପରୀକ୍ଷା, ରକ୍ତ ଚାପ ପରୀକ୍ଷା କରାଯାଇଥିଲା। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅଧ୍ୟକ୍ଷା ଲୋପାମୁଦ୍ରା ରାଉଳ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ବିଶ୍ୱକେତନ ଦାସ ଓ କମ୍ୟୁନିଟି ସେଣ୍ଟର ସମ୍ପାଦକ ରବିରତ୍ନ ଦାସ ଓ ଡିନ୍‌ମାନଙ୍କୁ ଉତ୍ତରୀୟ ଓ ଚାରାକୁଣ୍ଡ ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ ସମିତିର ସଭାପତି ସସ୍ମିତା ମିଶ୍ର, ଉପସଭାପତି ସୁଜାତା ସାହୁ, ସମ୍ପାଦିକା ପ୍ରଣତି ପାତ୍ର, ଯୁଗ୍ମ ସମ୍ପାଦିକା ସତରୂପା ଦାସ, କୋଷାଧ୍ୟକ୍ଷ ଗାୟତ୍ରୀ ମୁନି ତଥା ମିଳନିକା ମହାନ୍ତି ଓ ମହିଳା ସମିତିର ସମସ୍ତ ମହିଳାମାନଙ୍କର ଅନ୍ତରିକ ସହଯୋଗରେ ଶିବିରଟି ସୁଚାରୁ ରୂପେ ସଂପନ୍ନ ହୋଇଥିଲା।

## ସ୍ମୃତିବନରେ ଗାନ୍ଧୀମଣିଷଙ୍କ ପାଇଁ ସ୍ମୃତିଚାରଣ

ଭୁବନେଶ୍ୱର, ୧୬।୯(ସମିସ):ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଗାନ୍ଧୀମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପାତ୍ରପଡ଼ାସ୍ଥିତ ସ୍ମୃତିବନରେ ପାଳିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିରେ ଚାରାରୋପଣ କରାଯାଇଥିବା ବଉଳ ବୃକ୍ଷକୁ ପୂଜା କରାଯିବା ସହ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଶତପଥୀ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ୱର୍ଗତ ପ୍ରଧାନ ଥିଲେ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ। ଟ୍ରଷ୍ଟର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ତାଙ୍କୁ ଜାତିର ଜନକ ବାପୁଜୀଙ୍କର ସଚ୍ଚା ଶିଷ୍ୟ ବୋଲି କହିଥିବା ବେଳେ ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ ଶ୍ରଦ୍ଧାଞ୍ଜଳି ତାଙ୍କୁ ନିର୍ଲୋଭୀ ମଣିଷ ବୋଲି ଅଭିହିତ କରିଥିଲେ। ସୁବାର୍ତ୍ତାର କାର୍ଯ୍ୟନିର୍ବାହୀ କ୍ରାନ୍ତିକୁମାର ସାକ୍‌ସେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଟ୍ରଷ୍ଟି ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କୋଷାଧ୍ୟକ୍ଷ ପ୍ରଜ୍ଞାରାଜ ପ୍ରଧାନ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ପୌରୋହିତ୍ୟରେ ଶାନ୍ତିଯଜ୍ଞ ଓ ବିଶ୍ୱପ୍ରେମୀ ଶ୍ରୀମଦ୍ ବାବା ବଳିଆଙ୍କ ନୂଆଗଡ଼ ଆଶ୍ରମଠାରେ ବ୍ରହ୍ମଚାରୀମାନଙ୍କ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୃଥ୍ୱୀରାଜ ଜେନା, ମନୋଜ ପ୍ରଧାନ, ଜିତେନ୍ଦ୍ର ମହାନ୍ତି ଓ କୌସ୍ତୁଭ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ପରିବେଶ ସୁରକ୍ଷା ସଚେତନତା




ଭୁବନେଶ୍ୱର, ୧୬।୯(ସମିସ): ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରିବା ପାଇଁ ଜୀବନ ସେବା ଫାଉଣ୍ଡେସନ୍ ଭୁବନେଶ୍ୱର ପକ୍ଷରୁ ମଞ୍ଚେଶ୍ୱରସ୍ଥିତ ମଞ୍ଚନାଥଦେବ ହାଇସ୍କୁଲ ଓ ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶ ପରିବର୍ତ୍ତନ ଉପରେ ଚତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍ ପକ୍ଷରୁ ସୁଜିତ ନାୟକ, ହରିଶ୍ଚନ୍ଦ୍ର ପଟ୍ଟନାୟକ, ବଚନ ସାହାଣୀ, ବିଶ୍ୱ ଭୂଷଣ ଜେନା, ସ୍ମିତା ପତିଙ୍କ ସମେତ ସ୍କୁଲର ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ସଙ୍ଗୀତାୟନ'

ଭୁବନେଶ୍ୱର, ୧୬।୯(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଓଡିଶୀ କଣ୍ଠଶିଳ୍ପୀ ଗୁରୁ ସୁଶାନ୍ତ କୁମାର ପାଣି, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ନିମାକାନ୍ତ ରାଉତରାୟ, ମହାବିଦ୍ୟାଳୟ ଅଧକ୍ଷ ଗୁରୁ ଡ. ବିଜୟକୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସସରେ କଣ୍ଠଶିଳ୍ପୀ ସ୍ନେହାଲି ସେନାପତି ସଙ୍ଗୀତ ପରିବେଷଣ କରିଥିଲେ। ପରେ ପରେ କଣ୍ଠଶିଳ୍ପୀ କମଳ ଲୋଚନ ପୋଢ ସଙ୍ଗୀତ ପରିବେଷଣ କରିଥିଲେ। ତବଲା ଗୁରୁ ଲଳିତ କର ହାରମୋନିୟମରେ, ମାନ ଗୋବିନ୍ଦ ପରିଡ଼ା ତାନପୁରାରେ ଏବଂ ସୁଚିସ୍ମିତା ରାଉତ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପରିଚାଳନା ଓ ନିର୍ଦ୍ଦେଶନା ଗୁରୁ ଚନ୍ଦନ କୁମାର ଜେନା, ଗୁରୁ ଧୃତିମୟ ବେହେରା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

## କବିତା ମଞ୍ଜରୀ ହେଲେ 'କ୍ରିବକୋ'ର ନିର୍ଦ୍ଦେଶିକା



ଧଉଳି, ୧୬।୯(ସମିସ): ସର୍ବ ଭାରତୀୟ ସମବାୟ ସଂଗଠନ କୃଷକ ଭାରତୀ କୋପରିଟିଭ ଲିମିଟେଡ଼ (କ୍ରିବକୋ)ର ନିର୍ଦ୍ଦେଶିକା ଭାବେ ନିର୍ବିଚତ ହୋଇଛନ୍ତି ମାର୍କଫେଡ଼ ଓଡ଼ିଶାର ସଭାପତି କବିତା ମଞ୍ଜରୀ ପରିଡ଼ା। ସମଗ୍ର ଦେଶକୁ ୧୧ଟି ଜୋନରେ ବିଭକ୍ତ କରି ଗଠିତ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଛତିଶଗଡ଼କୁ ନେଇ ଗଠିତ ଜୋନସ୍ତରୀୟ ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହୋଇଛନ୍ତି। କ୍ରିବକୋ ପରିଚାଳନା ମଣ୍ଡଳୀକୁ ନିର୍ବାଚିତ ହେବାରେ ସୁଶ୍ରୀ ପରିଡ଼ା ହେଲେ ପ୍ରଥମ ଓଡ଼ିଆ। ମଙ୍ଗଳବାର ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଆଜି ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ କ୍ରିବକୋ ଅଡିଟୋରିୟମ ନୋଏଡା, ସେକ୍ଟର ନୂଆଦିଲ୍ଲୀରେ ସୁଶ୍ରୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବୋର୍ଡର ଅଧ୍ୟକ୍ଷ ଭି. ସୁଧାକର ଚୌଧୁରୀ, ଉପାଧ୍ୟକ୍ଷ ଚାନ୍ଦ୍ରପାଲ ସିଂ ଯାଦବ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ଲ ୧୯୮୦ ମସିହାରେ ଗଠିତ 'କ୍ରିବକୋ' ରାସାୟନିକ ସାର, ଜୈବିକ ସାର ଓ ବିହନ ଉତ୍ପାଦନ କ୍ଷେତ୍ରରେ କାମ କରୁଥିବା ଏକ ଅଗ୍ରଣୀ ସମବାୟ ଅନୁଷ୍ଠାନ। ଏହାର ନିଜସ୍ୱ ୟୁରିଆ ଉତ୍ପାଦନ କାରଖାନା ଗୁଜୁରାଟର ସୁରଟ ଠାରେ ଅନୁଷ୍ଠିତ। ବିଭିନ୍ନ ପ୍ରଦେଶରୁ ୯୬୫୦ ସଦସ୍ୟଙ୍କୁ ନେଇ ଗଠିତ ଏହି ସମବାୟ ଅନୁଷ୍ଠାନ ବାର୍ଷିକ ୨୫ ଲକ୍ଷ୍ୟ ମ୍ୟାଟ୍ରିକ ଟନ ୟୁରିଆ, ୧୪ ଲକ୍ଷ୍ୟ ମ୍ୟାଟ୍ରିକ ଟନ ଆମୋନିଆ, ୯ ଲକ୍ଷ୍ୟ ଲିଟର ବାୟୋଫର୍ଟିଲାଇଜର ଓ ପ୍ରାୟ ଦେଢ଼ ଲକ୍ଷ୍ୟ କ୍ୱିଣ୍ଟାଲ ବିହନ ଉତ୍ପାଦନ କରିଆସୁଛି। ସୁଶ୍ରୀ ପରିଡ଼ାଙ୍କ ଘର ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ନୁଆସାହିରେ ହୋଇଥିବା ବେଳେ ସେ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ବାଲିଅନ୍ତା ବ୍ଲକ ଅଧକ୍ଷା ଭାବେ ସୁଚାରୁରୂପେ କାର୍ଯ୍ୟନିର୍ବାହ କରିଥିଲେ। ପରେ ୨୦୨୩ ରେ ସେ ଓଡ଼ିଶା ରାଜ୍ୟ ବାଣିଜ୍ୟ ସମବାୟ ମହାସଂଘ(ମାର୍କଫେଡ଼)ର ଅଧକ୍ଷା ଭାବେ ନିର୍‌ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି।

# ଗୀତିନାଟ୍ୟରେ 'ମାଟିର ମଣିଷ'

ଭୁବନେଶ୍ୱର, ୧୬।୯(ସମିସ): ସାଂସ୍କୃତିକ ଅନୁଷ୍ଠାନ ସଂସ୍କୃତି ବିହାର ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଗୀତିନାଟ୍ୟ 'ମାଟିର ମଣିଷ' ପରିବେଷିତ ହୋଇଯାଇଛି। ଗୀତିନାଟ୍ୟଟି ଥିଲା ଔପନ୍ୟାସିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କାଳଜୟୀ ରଚନା ଅମର ଉପନ୍ୟାସର ରୂପାନ୍ତର। ଏହାକୁ ଗୀତିନାଟ୍ୟର ରୂପ ଦେଇଥିଲେ ସ୍ୱର୍ଗତ ଗୁରୁ ନାରାୟଣ ସିଂହ। ନାଟକର ନିର୍ଦ୍ଦେଶନା ଦେଇଥିଲେ ଚୌଧୁରୀ ଭାରତୀକୃଷ୍ଣ ଦାଶ ଏବଂ ସେ ମଧ ନାଟକରେ ସଙ୍ଗୀତ ସଂଯୋଜନା କରିଥିଲେ। ବହୁଦିନ ତଳୁ ଗୀତିନାଟ୍ୟର ଯୁଗ ଶେଷ ହୋଇଯାଇଥିଲେ ମଧ ଆଜି ରବୀନ୍ଦ୍ର ମଣ୍ଡପରେ ଦେଖିବାକୁ ମିଳିଥିଲା ଭିନ୍ନ ଏକ ଚିତ୍ର। ଗୀତିନାଟ୍ୟର ବାଦ୍ୟ-ସଙ୍ଗୀତ ଓ ଗୀତଗୁଡିକ ଦର୍ଶକଙ୍କ ଭିତରେ ରୋମାଞ୍ଚ ଭରିଦେଇଥିଲେ। କଳାକାରମାନଙ୍କ ପୌ?ରାଣିକ ଯୁଗର ବେଶଭୂଷା ଓ ନିଖୁଣ ଅଭିନୟ ବି ଦର୍ଶକଙ୍କ ମନ କିଣିପାରିଥିଲା। ଦର୍ଶକମାନଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଥିଲା ଯେ ଓଡ଼ିଶାର ପ୍ରାଚୀନ କଳା କେବେ ମରିପାରେନା। ତାହା ସବୁବେଳେ, ସବୁକାଳେ ଚିରସବୁଜ।



ସ୍ୱର୍ଗତ ଗୁରୁ ନାରାୟଣ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମ 'ଗୁରୁ ସ୍ମରଣେ'ର ପ୍ରଥମ ସନ୍ଧ୍ୟାରେ ଅତିଥି ଭାବେ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ନାଟ୍ୟକାର ଶୈଳେଶ୍ୱର ନନ୍ଦ, ଡ. ବୈଜୟନ୍ତୀ ମିଶ୍ର, ଅଭିନେତ୍ରୀ ନମ୍ରତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଭାପତି ସରୋଜ କୁମାର ସିଂହ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ଦାସ, ଉପସଭାପତି ଚୈତନ୍ୟ ମଲ୍ଲିକ, ନିମାନନ୍ଦ ପାତ୍ର, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଧବାର ଗୀତିନାଟ୍ୟ 'କୀଚକ ବଧ' ପରିବେଷଣ କରାଯିବ।

# ରାସ୍ତା ଦବି ଫସିଲା ମାଲ ବୋଝେଇ ଟ୍ରକ



ମେଲଛାମୁଣ୍ଡା,୧୬।୯(ସମିସ): ବରଗଡ଼ ଜିଲ୍ଲା ଘେଁସ ବଡଯୋର ନିକଟରେ ଜାତୀୟ ରାଜପଥ ଉପରେ ଏକ ମାଲ ବୋଝେଇ ଟ୍ରକ ରାସ୍ତା ଦବି ଫସି ରହିବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ରାଜସ୍ଥାନରୁ ମାଲ ନେଇ ଆସୁଥିବା ଗୋଟିଏ ଟ୍ରକ୍ ସୋହେଲା ପଟରୁ ପଦ୍ମପୁର ପଟକୁ ଯାଉଥିବା ସମୟରେ ଘେଁସ ବଡଯୋର ନିକଟରେ ଜାତୀୟ ରାଜପଥ ଉପରେ ଚକ ଦବିଯାଇ ଘଣ୍ଟାଘଣ୍ଟା ଧରି ଫସି ରହିଥିଲା। ନିମ୍ନମାନର କାମ ହୋଇଥିବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଲୋକେ ଆଲୋଚନା କରିଥିଲେ। ଏପରିକି ରାସ୍ତା ପାଇଁ ଜମି ଅଧିଗ୍ରହଣରେ ମଧ ଚାଷୀଙ୍କ ପ୍ରତି ପ୍ରତାରଣା ହୋଇଥିବା କହିଥିଲେ। ଦବି ଯାଇଥିବା ସ୍ଥାନଟିରେ କିଛି ମେଟାଲ ପୂରେଇ ବିଭାଗୀୟ ସଂସ୍ଥା ନିଜ କାମ ସାରି ଦେଇଥିବା ବେଳେ ମରାମତି କାର୍ଯ୍ୟ ନେଇ ବରଗଡ଼ ଆର୍‌ଏଣ୍ଡବି ଏସିଙ୍କୁ ପଚାରିବାରୁ ରାସ୍ତାଟିର ମରାମତି ହୋଇଯାଇଛି କହି କଥା ଏଡାଇ ଦେଇଥିଲେ।

# ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଓ ଭକ୍ତି ବର୍ଷଣ ସମାବେଶ ପାଇଁ ପ୍ରସ୍ତୁତି

■ ଅକ୍ଟୋବର ୧୨ରେ ହେବ ସଂକୀର୍ତ୍ତନ ସମାବେଶ



ବରଗଡ଼,୧୬।୯(ସମିସ): ଜିଲ୍ଲା ସଂକୀର୍ତ୍ତନ ପରିଷଦ ଓ ଝାରବନ୍ଧ ବ୍ଲକ୍ ଅଧୀନ କୁର୍ଲୁପାଲି ରାଧା ମାଧବ ସଂକୀର୍ତ୍ତନ ମଣ୍ଡଳୀ ମିଳିତ ଆନୁକୂଲ୍ୟରେ ଆସନ୍ତା ଅକ୍ଟୋବର ମାସ ୧୨ ତାରିଖରେ ଝାରବନ୍ଧ ବ୍ଲକ୍ କୁର୍ଲୁପାଲି ଠାରେ ଏକ ବିରାଟ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଓ ଭକ୍ତି ବର୍ଷଣ ମହୋତ୍ସବ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯଶ ପଟେଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରମୋଦ ସାହୁଙ୍କ ସଂଯୋଜନା ଓ ପରିଚାଳନାରେ ଅନୁଷ୍ଠିତ ବୈଠକରେ ବଳରାମ ପଶାୟତ, ଦୁଃଖୀଶ୍ୟାମ ପ୍ରଧାନ, ଭୁବନେଶ୍ୱର କଠୁଆର, ଗୋପବନ୍ଧୁ ସା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆଖ ପାଖ ୧୦ରୁ ଊର୍ଦ୍ଧ୍ୱ ଗାଁର ମୁଖିଆ ଯୋଗ ଦେବା ସହ ନିଜ ମତାମତ ଉପସ୍ଥାପନ କରିଥିଲେ। ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ସଂକୀର୍ତ୍ତନ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେବେ ବୋଲି ସୂଚନା ପ୍ରଦାନ କରାଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୋଦ ପ୍ରଧାନ ଉପସ୍ଥିତ ସମସ୍ତ ସଂକୀର୍ତ୍ତନ ସଂସ୍କୃତି ପ୍ରେମୀଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

ବରଗଡ଼,୧୬।୯(ସମିସ): ଶିକ୍ଷାବିଦ୍ ତଥା ପୂର୍ବତନ ପ୍ରଧାନଶିକ୍ଷକ ବନ ବିହାରୀ ଦାଶଙ୍କ ପରଲୋକ ଘଟିଛି। ତାଙ୍କ ନିଜ ଗାଁ ବରପାଲିର ସୁନାରି ପଡା ହୋଇଥିବା ବେଳେ ଏବେ ସେ ବରଗଡ଼ରେ ରହୁଥିଲେ। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ରାଣା ପ୍ରତାପ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଶୋକ ପ୍ରକାଶ କରିଥିବା ବେଳେ ସେ କାର୍ଯ୍ୟ କରିଥିବା ବିଭିନ୍ନ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।



## ବରଗଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ପୂର୍ଣ୍ଣାଙ୍ଗ କ୍ୟାନ୍ସର ହସ୍ପିଟାଲ କାର୍ଯ୍ୟକ୍ଷମ ପାଇଁ ସରକାରଙ୍କୁ ଘେରିଲା ବିଜେଡି

ବରଗଡ଼,୧୬।୯(ସମିସ):

ବରଗଡ଼ ଜିଲ୍ଲାରେ ଦିନ କୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ପାଖାପାଖି ୬ ଶହ ରହିଥିବା ବେଳେ ଏବେ ମାତ୍ର ୩୦ ପ୍ରତିଶତ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ଡାକ୍ତର ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନରତ ଅଛନ୍ତି। ଏଥି ସହିତ ୬୦ ପ୍ରତିଶତ ପାରା ମେଡିକାଲ ଷ୍ଟାଫ୍ ପଦବୀ ଖାଲି ରହିଛି। ଫଳରେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। କ୍ଷମତାକୁ ଆସିବା ପୂର୍ବରୁ ବାହାସ୍ଫୋଟ ମାରିଥିବା ବିଜେପି ସରକାର ଆସିବାର ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇ ଯାଇଥିଲେ ବି ଡାକ୍ତର ପଦବୀ ପୂରଣ ତ ଦୂରର କଥା ଧୀରେ ଧୀରେ ସ୍ୱାସ୍ଥ୍ୟସେବା ବେହାଲ ହୋଇପଡୁଛି। ଜନସାଧାରଣ ନାହିଁ ନ ଥିବାର ଦୁଃଖ ଭୋଗ କରୁଛନ୍ତି ବୋଲି ବିଜେଡି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି।

ବରଗଡ଼ ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ପୌରାଧକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲା, ଗୌରହରି ମିଶ୍ର, ଯୁବ



## ସବୁ ଜାଣି ବି ସ୍ୱାସ୍ଥ୍ୟମନ୍ତ୍ରୀ ନୀରବ

ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, କିଶୋର ମିଶ୍ର, ଉମା ଚରଣ ରାଉତ ପ୍ରମୁଖ ବିଜେପି ସରକାରକୁ କଟୁ ସମାଲୋଚନା କରିଥିଲେ। ଏହାସହିତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବରଗଡ଼ରେ ସ୍ଥାପିତ କ୍ୟାନ୍ସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଚେତାବନୀ ଦେଇଥିଲେ। ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ବରଗଡ଼ ବାସୀଙ୍କ ଦାବିକୁ ସମ୍ମାନ ଜଣାଇ ଜି + ୫ ଡିଜାଇନ୍‌କୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଯେଉଁଥିରେ ଗ୍ରାଣ୍ଡ ଫ୍ଲୋରରେ ଡିପାର୍ଟମେଣ୍ଟ ଅଫ ରେଡିଏସନ୍ ଥେରାପି ସହିତ ବଙ୍କର, ମେଡିକାଲ୍ ଆଙ୍କୋଲୋଜି, ଓପିଡି ସର୍ଜିକାଲ ଆଙ୍କୋଲୋଜୀ, ଓପିଡି ୨୦ନ ଡେ କେୟାର ବେଡ, ହଟ ଚେମ୍ବର, ସର୍ଜିକାଲ୍ ଆଙ୍କୋଲୋଜୀ ଓ ଟି ୨୦ ବେଡେଡ ଆଇସିୟୁ ମଞ୍ଜୁରୀ ହୋଇଥିଲା। ୨୦୨୧ ମସିହାର ଶେଷ ଭାଗକୁ କ୍ୟାନ୍ସର ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ହସ୍ପିଟାଲ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ମଧ ଯୋଗାଇ ଦିଆ ଯାଇଥିଲା। ଧାର୍ଯ୍ୟ ସମୟ ପୂର୍ବରୁ ୨୦୨୪ ଜାନୁଆରୀ ମାସରେ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥି ସହିତ ତିନି ଜଣ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆ ଯାଇ କ୍ୟାନ୍ସର ହସ୍ପିଟାଲ କାର୍ଯ୍ୟକ୍ଷମ କରାଯାଇଥିଲା। ୨୦୨୪ ରାଜ୍ୟରେ ବିଜେପି ସରକାର ଗଠନ ହେଲା ପରେ ସରକାରୀ ଉଦାସୀନତା ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ଅଣ ଦେଖା ଫଳରେ ଧୀରେ ଧୀରେ କ୍ୟାନ୍ସର ହସ୍ପିଟାଲ ତାର ଅସ୍ତିତ୍ୱ ହରାଇ ବସିଛି। ଦୁଃଖର ବିଷୟ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବରଗଡ଼ ଜିଲ୍ଲା ଦାୟିତ୍ୱରେ ରହିଥିବା ବେଳେ ବରଗଡ଼ କ୍ୟାନ୍ସର ହସ୍ପିଟାଲ ପ୍ରତି ଆଖିବୁଜି ଦେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ବିଜେଡି ଉଲ୍ଲେଖ କରିଛି। ତୁରନ୍ତ ଏହି କ୍ୟାନ୍ସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ବିଗତ କିଛିଦିନ ହେବ ସୋସିଆଲ ମିଡିଆରେ କ୍ୟାନ୍ସର ହସ୍ପିଟାଲ ମତେ ବଞ୍ଚାଅ ବୋଲି ଚିତ୍କାର କରି କହୁଛି ବୋଲି ବିଭିନ୍ନ ପ୍ରକାର ପୋଷ୍ଟ ଦେଖିବାକୁ ମିଳୁଛି। ଏବେ ଜିଲ୍ଲାରେ ଦିନକୁ ଦିନ କ୍ୟାନ୍ସର ପୀଡିତଙ୍କ ସଂଖ୍ୟା ବଢ଼ିବା ଚିନ୍ତାର ବିଷୟ ହୋଇଛି। ଏପରିସ୍ଥଳେ ଯଦି ସରକାର ତୁରନ୍ତ ସମସ୍ୟାର ସମାଧାନ ନ କରିବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆ ଯାଇଛି।

# ଦିଲ୍ଲୀରେ ମିଳନ୍ ପରିବାର ଦ୍ୱାରା ନୂଆଁଖାଇ ଭେଟ୍‌ଘାଟ୍

ବରଗଡ଼,୧୬।୯(ସମିସ): ରାଜ୍ୟର ପଶ୍ଚିମାଞ୍ଚଳର ଅନ୍ୟତମ ଆଦି ପର୍ବ ତଥା କୃଷିଭିତ୍ତିକ ମହାନ ସାଂସ୍କୃତିକ ପର୍ବ ନୂଆଁଖାଇ ଭେଟ୍‌ଘାଟ୍ ରାଜଧାନୀ ଦିଲ୍ଲୀର ପଣ୍ଡାରା ପାର୍କ, ପଣ୍ଡାରାରୋଡ ଠାରେ ଅତି ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ମିଳନ୍ ପରିବାର୍ ଆନୁକୂଲ୍ୟରେ ସପ୍ତମ ବର୍ଷରେ ପଦାର୍ପଣ କରିଥିବା ଏହି ଆନନ୍ଦ ଉଲ୍ଲାସର ପର୍ବ ସ୍ଥାନୀୟ ଇଣ୍ଡିଆ ଗେଟ ନିକଟସ୍ଥ ପାଣ୍ଡରା ପାର୍କ ଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱାଦିଷ୍ଟ ବ୍ୟଞ୍ଜନ ପରିବେଷଣ ଓ ପରସ୍ପର ଭେଟ ମଧ୍ୟରେ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅମର ଦାଶ, ମଧୁସୂଦନ ଗର୍ଦିଆ, ଆଲିଶା ବାଗ, କରଣରାଜ, ନୂପୁର ମଲ୍ଲିକ, ପୁଷ୍ପରାଜ ସୁନା ଭଳି କଳାକାର ମାନେ ପଶ୍ଚିମାଞ୍ଚଳର ଲୋକପ୍ରିୟ ସଂଗୀତ ପରିବେଷଣ କରିଥିଲେ। ପନ୍‌ଚବାଦ୍ୟ ଅନୁଷ୍ଠାନର ନୃତ୍ୟ ଶିଳ୍ପୀ ମାନେ ଗୀତର ତାଳେ ତାଳେ ନୃତ୍ୟ କରି ଚାଲିଥିଲେ। ଏପରିକି ଦର୍ଶକ ମାନେ ମଧ ଦୀର୍ଘ ସମୟ କାଳ ନୃତ୍ୟ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଧର୍ମିଣି ମୃଦୁଳା ଠାକୁର, ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ପରବେଶ ସିଂ ବର୍ମାଙ୍କ ସହଧର୍ମିଣି ସ୍ୱାତି ବର୍ମା, ନୂଆଁଦିଲ୍ଲୀର ଲୋକସଭା ସାଂସଦ ବାଁଶୁରି ସ୍ୱରାଜ, ରାଜ୍ୟସଭା ସାଂସଦ ସୁଲତା ଦେଓ, କଳାହାଣ୍ଡିର ଲେଖକ ଭବାନୀ ଶଙ୍କର ନିଆଲ, ସମାଜସେବୀ ନିଲ ମାଧବ ସିଂ ଦେଓ ପ୍ରମୁଖ ଏଥିରେ ଯୋଗ ଦେଇ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରାୟ ଦୁଇ ହଜାର ପ୍ରବାସୀ ଓଡ଼ିଆ ଏହି ଉତ୍ସବରେ ଯୋଗ ଦେଇଥିଲେ। ଉତ୍ସବକୁ ମିଳନ୍ ପରିବାର୍‌ର ସଭାପତି ଶଶି ଭୂଷଣ, ଉପସଭାପତି ନନ୍ଦକିଶୋର, ସମ୍ପାଦକ ବିଶ୍ୱନାଥଙ୍କ ସମେତ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିଥିବା ଜଣାଯାଇଛି। ଓଡ଼ିଶାରୁ ପ୍ରାଚୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।



## ବ୍ୟାଙ୍କ ସଚେତନତା ସଭା

# ସତର୍କତା ଆମର ମିଳିତ ଦାୟିତ୍ୱ

ବିଜେପୁର,୧୬।୯(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ତାଳପଦର ସ୍ଥିତ ୟୁନିଅନ ବ୍ୟାଙ୍କର ଗ୍ରାହକ ସଚେତନତା ସଭା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ବ୍ୟାଙ୍କିଙ୍ଗ୍ ସୁବିଧା ସହଜ ଓ ଡିଜିଟାଲ୍ ହୋଇଥିବାରୁ ଗ୍ରାହକମାନେ ସମୟ ବଞ୍ଚାଇ ପାରୁଛନ୍ତି। କିନ୍ତୁ ଠକ ମାନେ ମଧ ସେହିପରି ବିଭିନ୍ନ ଉପାୟ ଅବଲମ୍ବନ କରୁଥିବାରୁ ସଚେତନତାର ଆବଶ୍ୟକତା ଅଧିକ ବଢ଼ିଛି। ସତର୍କତା ଆମର ମିଳିତ ଦାୟିତ୍ୱ ଅଟେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ତାଳପଦର ଶାଖା ପରିଚାଳକ ଦିବ୍ୟ ମହାପାତ୍ର, ସମ୍ବଲପୁର ଆର୍‌ଓର ଡିଜିଏମ ଧର୍ମେନ୍ଦ୍ର ରଜୋରିଆ, ଅଂଶୁପ୍ରୟାସ ଦ୍ୱିବେଦୀ, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ପଧାନ, ଗାଁର ଗୌତିଆ ଚୂଡାମଣି ପଧାନ, ବ୍ୟାଙ୍କମିତ୍ର ରୋଜି ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟାଙ୍କରେ ଦେଣନେଣ ସମୟରେ ଆସୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଏସଏଚଜି ମହିଳା ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ଅବସରରେ ସନ୍ଦେହ ମୋଚନ ପାଇଁ ଗ୍ରାହକ ଓ ବ୍ୟାଙ୍କ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ବିଶ୍ୱ ଓଜୋନ୍ ଦିବସ

# ଓଜୋନ୍ ବାୟୁମଣ୍ଡଳର ସୁରକ୍ଷା କବଚ








ଅମ୍ବାଭୋନା,୧୬।୯(ସମିସ):

ସ୍ଥାନୀୟ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ମାର୍ଗଦର୍ଶନରେ ଶିକ୍ଷକ ଦିନବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ କ୍ଲବ୍ ଦ୍ୱାରା ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ମନୋହର ସାହୁ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଜୋନ ଆମ ବାୟୁମଣ୍ଡଳର ଏକ ସୁରକ୍ଷା କବଚ ଯାହା ରେଫ୍ରିଜିରେଟର, ଶୀତତାପ ନିୟନ୍ତ୍ରକ କୋଠରୀରୁ ହେଉଥିବା କ୍ଲୋରୋଫ୍ଲୋରୋ କାର୍ବନ ଦ୍ୱାରା କ୍ଷୟ ହେଉଥିବା ବିଷୟ ବିଜ୍ଞାନ ଶିକ୍ଷକ ମନୋହର ସାହୁ ପ୍ରକାଶ କରିଥିଲେ। ଶିକ୍ଷକ ଶୁଭାଶିଷ ଜଗତ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ମଧୁସୂଦନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦଶମ ଶ୍ରେଣୀର ଶୀତଳ ପଟେଲ ଓଜୋନ କିପରି କ୍ଷୟ ହୁଏ, ନବମ ଶ୍ରେଣୀର ଝସକେତନ ରଣା, ଓଜୋନ ସ୍ତର କ୍ଷୟର କାରଣ, ଦଶମ ଶ୍ରେଣୀର ଛାତ୍ରୀ ଅନାମିକା ପ୍ରଧାନ ଅତିବାଇଗଣି ରଶ୍ମିର କ୍ଷତି କାରକ ଗୁଣ ଓ ଦଶମ ଶ୍ରେଣୀର ଛାତ୍ରୀ ସେବତୀ ନାୟକ ଓଜୋନ କଣ ସେବିଷୟରେ ନିଜ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଦିନବନ୍ଧୁ ପଣ୍ଡା ପରିବେଶ ସୁରକ୍ଷା ପାଇଁ ଓ ସଚେତନତା ପାଇଁ ଏହି ଦିବସ ଅନ୍ତର୍ଜାତୀୟ ସ୍ତରରେ ପାଳିତ ହେଉଥିବା ବିଷୟ ପ୍ରକାଶ କରିଥିଲେ। ବିଜ୍ଞାନ କ୍ଲବ୍‌ର ସମସ୍ତ ସଦସ୍ୟ, ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ବରଗଡ଼:** ଅନ୍ତର୍ଜାତୀୟ ଓଜୋନ୍ ସ୍ତର ସୁରକ୍ଷା ଦିବସ ପରିପ୍ରେକ୍ଷୀରେ ବିଶ୍ୱ ଓଜୋନ୍ ଦିବସ ସେପ୍ଟେମ୍ବର ୧୬ ତାରିଖରେ ବରଗଡ଼ର ପଞ୍ଚାୟତ କଲେଜଠାରେ ପାଳିତ ହୋଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ମମତା ସାହୁ ସ୍ୱାଗତ ଭାଷଣ ପ୍ରଦାନପୂର୍ବକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଶାସନିକ ମୁଖ୍ୟ ସହକାରୀ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର, ସହକାରୀ ପ୍ରଫେସର ସୁବଳ ମେହେର ଏବଂ ସମୀର ସେଠଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା ସଭାରେ ଓଜୋନ୍ ସ୍ତରର ସୁରକ୍ଷା ସମ୍ପର୍କୀତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ସମୀର ସେଠ୍ ଓଜୋନ୍ ସ୍ତର ହ୍ରାସ, ସେଠାରେ ସୃଷ୍ଟି ହେଉଥିବା ରନ୍ଧ୍ର ଏବଂ ଏହାର ସଂରକ୍ଷଣ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ପ୍ରଦାନ କରିଥିଲେ।

**ପଦ୍ମପୁର:** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଏକୋଇଶ ନମ୍ବର ପ୍ରକୋଷ୍ଠରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଓଜୋନ୍ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ଦାଶ ଓଜୋନ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଣୀବିଜ୍ଞାନ ଅଧ୍ୟାପକ ଡ.ସୁବୋଧ ତ୍ରିପାଠୀ ବାୟୁମଣ୍ଡଳର ଓଜୋନ ସ୍ତରର ଉପକାରୀତା ଏବଂ ସୂର୍ଯ୍ୟରୁ ଆସୁଥିବା ଅତି ବାଇଗଣି ରଶ୍ମିର ଅପକାରିତାରୁ ଏହା କିପରି ଆମକୁ ସୁରକ୍ଷା ପ୍ରଦାନ କରେ ତାହା ବର୍ଣ୍ଣନା କରିଥିଲେ। ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ମୋନାଲିସା ସ୍ୱାଇଁ ଓଜୋନ ସ୍ତରକୁ ରକ୍ଷା କରିବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ପ୍ରାଣୀ ବିଜ୍ଞାନର ପ୍ରାଧ୍ୟାପିକା ତାପିନୀ ପଣ୍ଡା ଓଜୋନ ସ୍ତର ହ୍ରାସର କ୍ଷତିକାରକ ପ୍ରଭାବ, ଯେପରିକି ବିଶ୍ୱତାପନ, ଚର୍ମରୋଗ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ଣ୍ଣିମା ଦୋରା, ଝୁନୁ ପରିଡା, ଅଧ୍ୟାପକ ଡ.ସରୋଜ ନାୟକ, ପ୍ରମୋଦ ପାଣିଗ୍ରାହୀ, ଡ.ତୁଷାରକାନ୍ତ ସାହୁ, ସଞ୍ଜୟ ଟିଗ୍ଗା ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରବି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ମିଳିଥିବା ମୋବାଇଲ୍ ଫେରାଇଲେ ଯୁବକ

ଟିକିରି,୧୬।୯ (ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଜଗନ୍ନାଥ ମନ୍ଦିର ନିକଟରେ ଏକ ଦାମୀ ମୋବାଇଲ ଫୋନ ପାଇ ଫେରାଇଲେ ଯୁବକ। ଅଗ୍ନିଭୈରବଙ୍କ ଯାତ୍ରା ପାଇଁ ମିନାବଜାର ଚାଲିଥିବା ବେଳେ ବୁଲିବାକୁ ଆସି ମୋବାଇଲ ଫୋନ ପାଇବା ପରେ 'ସକାଳ' ଟିକିରି ପ୍ରତିନିଧି ହୃଷିକେଶ ସାହୁଙ୍କୁ ଯୋଗାଯୋଗ କରିଥିଲେ। ସେ ଆସି ସମସ୍ତଙ୍କୁ ଯୋଗାଯୋଗ କରୁଥିବା ସମୟର ମୋବାଇଲ ହଜାଇଥିବା ଯୁବକ ଟିକିରି ଥାନାରେ ଅଭିଯୋଗ କରିଥିଲେ। ଟିକିରି ପୁଲିସ ଆସି ଅନୁସନ୍ଧାନ କରୁଥିବା ବେଳେ ଟିକିରି ଥାନାକୁ ଆସି ହଜାଇ ଥିବା ଯୁବକକୁ ମୋବାଇଲ୍ ଫୋନ୍ ଫେରାଇଲେ। ମୋବାଇଲ ହଜାଇଥିବା ଯୁବକ ହେଉଛନ୍ତି ଉଷାପଡ଼ା ଗ୍ରାମର ଶ୍ରୀକାନ୍ତ ବିଡିକା। ମହାନତା ଦେଖାଇ ଥିବା ଯୁବକ ଜଣକ ହେଉଛନ୍ତି ନୟାଗଡ଼ ଜିଲ୍ଲା ବେଗୁନିଆପାଟଣା ଗ୍ରାମର ଦଣ୍ଡପାଣି ରାଉତଙ୍କ ପୁଅ ସନ୍ତସ କୁମାର ରାଉତ।

## ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପକୁ ନେଇ ପ୍ରତିଯୋଗିତା

ଜୟପୁର,୧୬।୯ (ସମିସ): ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିବା କୋରାପୁଟ, ନବରଙ୍ଗପୁର, ରାୟଗଡା ଏବଂ ମାଲକାନଗିରି ଜିଲ୍ଲାର ୪ଟି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରସ୍ତୁତ ପ୍ରକଳ୍ପକୁ ନେଇ ଦୁଇଦିନିଆ ପ୍ରତିଯୋଗିତା ଆଜି ଉଦ୍ଭିଦ ବିଜ୍ଞାନର ସମ୍ମିଳନୀ କକ୍ଷ ଠାରେ ଶୁଭାରମ୍ଭ ହୋଇଛି। ମୁଖ୍ୟତଃ ବାଣିଜ୍ୟ, ରସାୟନିକ ବିଜ୍ଞାନ ଏବଂ ଓଡିଆ ବିଭାଗରକୁ ନେଇ ରାଜ୍ୟ ସ୍ତରରେ ନୂତନ ଏବଂ ଷ୍ଟାର୍ଟ ଅପ ପ୍ରତିଯୋଗିତାରେ ଆଜି ପ୍ରଥମ ଦିବସରେ ବିଶ୍ୱବିଦ୍ୟାଳୟ ଅଧିନରେ ରହିଥିବା ୯ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସେମାନଙ୍କ ପ୍ରସ୍ତୁତ ପ୍ରକଳ୍ପ ଗୁଡିକ ପ୍ରଦର୍ଶନ ସହ ଏହାକୁ ନେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଏହିପରି ଏହାକୁ ତଦାରଖ ଏବଂ ମୂଲ୍ୟାୟନ କରୁଥିବା ବିଶ୍ୱବିଦ୍ୟାଳୟର ଆନ୍ତଃ ସଦସ୍ୟ ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଦେବଦତ୍ତ ଇନ୍ଦୋରିଆ, ଓଡିଆ ବିଭାଗର ଡ. ଅରୁଣ କୁମାର ରାଜ, ରସାୟନିକ ବିଜ୍ଞାନର ମୁଖ୍ୟ ସୁଜିତ କୁମାର ଦେହୁରୀ ଏବଂ ବାହ୍ୟ ବିଶେଷଜ୍ଞ ଭାବେ ଔଦଗିକ ହେମଙ୍କ ଅଗ୍ରୱାଲ ଯୋଗଦେଇ ପ୍ରକଳ୍ପ ପ୍ରସ୍ତୁତ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହିପରି ଶ୍ରେଷ୍ଠ ପ୍ରକଳ୍ପ ଗୁଡିତ ମୂଲ୍ୟାୟନ ପରେ ରାଜ୍ୟ ସ୍ତରରେ ଚୟନ କରାଯିବ।

## ଦଶହରା ଉତ୍ସବକୁ ଜୟପୁର ରାଣୀଙ୍କୁ ନିମନ୍ତ୍ରଣ

ଜୟପୁର,୧୬।୯ (ସମିସ): ମୂଳାଷ୍ଟମୀରେ ମା'ଭଗବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଦେବୀଙ୍କ ଆଜ୍ଞାମାଳ ଅନୁଯାୟୀ ନିମନ୍ତ୍ରଣ ଶୁଭାରମ୍ଭ ହୋଇଛି। ଦଶହରା ପୂଜା କମିଟିର ଅଧ୍ୟକ୍ଷ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆଜ୍ଞାମାଳ ଆଣିବା ପରେ ଆଜି ଜୟପୁର ରାଜପ୍ରସାଦକୁ ଯାଇ ରାଜପରିବାର ସାନବୋହୂ ତଥା ରାଣୀ ଶାରୀକା ଦେବୀଙ୍କୁ ଦଶହରା ପୂଜା ଏବଂ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ବିଧାୟକ ଶ୍ରୀ ବାହିନୀପତି ଗୋଟା ନଡିଆ, କୋଦଳୀ, ମିଠା, ପାଟଶାଢୀ, ଦେବୀ ଭଗବତୀ ପୂଜାଫୁଲ ପ୍ରଭୃତି ନେଇ ରାଣୀ ସାରୀକା ଦେବୀଙ୍କୁ ନିମନ୍ତ୍ରଣ ସ୍ୱରୁପ ପ୍ରଦାନ କରିଥିଲେ। ଏହିପରି ଦଶହରା ଦିବସରେ ସଂଧ୍ୟାରେ ରାବଣପୋଡିରେ ସାମିଲ ହେବେ ବୋଲି ରାଣୀ ସାରୀକ ଦେବୀ ପ୍ରତିଶୃତି ଦେଇଥିଲେ। ପ୍ରଥମେ ରାଜା ନହର ପରିସରରେ ରାଜପରିବାର ଇଷ୍ଟଦେବୀ କନକ ଦୁର୍ଗା ମନ୍ଦିରରରେ ପୂଜାର୍ଚ୍ଚନା କରିବା ପରେ ରାଣୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣ କରିବା ସମୟରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ମଦନ ମୋହନ ନାୟକ, ବିନୋଦ ମହାପାତ୍ର, ନିହାର ବିଷୋୟୀ, ନବକୃଷ୍ଣ ରଖ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ସମ୍ପୂର୍ଣ୍ଣ କରିବାକୁ ବିଷମ କଟକ ବିଡିଓଙ୍କ ସଚେତନତା

ବିଷମକଟକ,୧୬।୯ (ସମିସ): ସରକାରଙ୍କ ତରଫରୁ ଆବାସ ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଗୃହ ଯୋଗାଇ ଦିଆଯାଉଛି। ହେଲେ ହିତାଧିକାରୀ ମାନେ ପ୍ରଥମ କିସ୍ତି ଟଙ୍କା ପାଇବା ପରେ ଘର ନିର୍ମାଣ ଦିଗରେ ଆଗ୍ରହ ଦେଖାଉନାହାନ୍ତି। ତେଣୁ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ବ୍ଲକର ସମସ୍ତ ହିତାଧିକାରୀ ଯେପରି ନିଜ ନିଜ ଘର ନିର୍ଦ୍ଧାରିତ ସମୟମଧ୍ୟରେ ସମ୍ପୂର୍ଣ୍ଣ କରିବେ, ସେଥିନିମନ୍ତେ ଏକ ବ୍ଲକସ୍ତରୀୟ ଟିମ୍ ଗଠନ କରିଛନ୍ତି। ବ୍ଲକ୍ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ ନୋଡାଲ ଅଫିସର ଭାବେ ଏହି ଟିମ୍ର ନେତୃତ୍ୱ ନେଇଥିବା ବେଳେ ପ୍ରତ୍ୟେକ ଦିନ ବ୍ଲକ ୱାରିରେ ସଚେତନତା କାର୍ଯ୍ୟକ୍ରମ ମାନ କରୁଛନ୍ତି। ଏହି ମର୍ମରେ ଆଜି ବେଥିଆପଡା ଗ୍ରାମପଞ୍ଚାୟତକୁ ଯାଇ ସହକାରୀ ଯନ୍ତ୍ରୀଙ୍କ ସମେତ କନିଷ୍ଠ ଯନ୍ତ୍ରୀ ବିବି ବେହେରାଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ଜିଲାକାରା, ଏଡିଇଓ ମାଝୀ ଗୌତମୀ, ସରପଞ୍ଚ ବନିତା ବିଡ଼ିକା, ସମିତି ସଭ୍ୟ ନାଗେଶ୍ୱର ହୁଇକା ପ୍ରମୁଖ ଘର ଘର ଯାଇ ପଚାରି ବୁଝିଥିଲେ। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତ ହିତାଧିକାରୀଙ୍କୁ କେଟାଗୋରୀ ଏ ତାଲିକାରେ ରଖିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏଥି ନିମନ୍ତେ ବ୍ଲକର ସମସ୍ତ କର୍ମଚାରୀ ଙ୍କ ସହଯୋଗ ଲୋଡିଛନ୍ତି।

## 'ମା' ପାଇଁ ଗଛଟିଏ' ସଚେତନତା ଶୋଭାଯାତ୍ରା

**କୋରୁକୋଣ୍ଡା,୧୬।୯ (ସମିସ):** ମାଲକାନଗିରି ଜିଲ୍ଲା ବାଲିମେଲା ବନ ବିଭାଗ ପକ୍ଷରୁ ସୋମବାର ଅପରାହ୍ନରେ କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ସୋମନାଥପୁର ପଞ୍ଚାୟତର ଆପନମାଳା ଗ୍ରାମଠାରେ ବାଲିମେଲା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ମା' ପାଇଁ ଗଛଟିଏ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶୋଭାଯାତ୍ରାରେ ଆପନମାଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ ମାହାଳି ଓ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନେତୃତ୍ୱରେ ଉକ୍ତ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀଙ୍କ ସହ ସ୍ଥାନୀୟ ଗ୍ରାମବାସୀମାନେ ଏହି ସଚେତନତା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାଟି ଆପନମାଳା ସ୍କୁଲ ସମ୍ମୁଖରୁ ବାହାରି ଆଖ ପାଖ ଅଞ୍ଚଳରେ ଥିବା ଗ୍ରାମ ପରୀକ୍ରମା କରିବା ସହ ସମସ୍ତେ ହାତରେ ପ୍ଲାଙ୍କ କାର୍ଡ ଧରି ଗଛର ମହତ୍ୱ ଓ ଉପକାରିତା ସମ୍ପର୍କିତ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବାଲିମେଲା ବନାଞ୍ଚଳ ପକ୍ଷରୁ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ସମସ୍ତ ପଞ୍ଚାୟତ ମାନଙ୍କରେ ଗତ ୫ ତାରିଖ ଠାରୁ ଚାରା ଯୋଗାଇ ଦିଆଯିବା ସହିତ ଏ ନେଇ ଅଞ୍ଚଳବାସୀଙ୍କୁ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି। ଆସନ୍ତା ୧୭ ତାରିଖ ଦିନ ବନ ବିଭାଗ ପକ୍ଷରୁ ସମସ୍ତ ସ୍ଥାନରେ ସମୂହ ଚାରା ରୋପଣ କାର୍ଯ୍ୟକ୍ରମ ବୋଲି ବାଲିମେଲା ବନାଞ୍ଚଳ ଅଧିକାରୀ ଶ୍ରୀମତୀ କଅଁର କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ବନରକ୍ଷୀ ପ୍ରଶାନ୍ତ ରାଉତ, ସୁପ୍ରଭା ଦାସ, ସୁଜାତା ମଣ୍ଡଳ, ସନ୍ତୋଷ କୁମାରଙ୍କ ସମେତ ପାରା କର୍ମଚାରୀ ସନିଆ ବାଘ, ଦାମ ଖରା, ମଙ୍ଗଳା ସୁଆଡି, ବିଶ୍ୱନାଥ ଗୋଲରୀ, ଗୋବର୍ଦ୍ଧନ ପାଡାଲ, ମେଘନାଥଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ମଧ୍ୟାହ୍ନଭୋଜନ ପ୍ରଦାନରେ ଅନିୟମିତତା

# ଖାଲି ପେଟରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ!

କାକିରିଗୁମା,୧୬।୯ (ସମିସ): ରାଜ୍ୟରେ ସମସ୍ତ ସରକାରୀ ବିଦ୍ୟାଳୟରେ ଦିନ ୧ଟା ସମୟରେ ମଧ୍ୟାହ୍ନଭୋଜନ ଯୋଗାଇବାର ବ୍ୟବସ୍ଥା ରହିଛି। ଦିନ ଅନୁସାରେ ବିଭିନ୍ନ ପ୍ରକାର ପୃଷ୍ଟୀକର ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ଦେବାର ବ୍ୟବସ୍ଥା ରହିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଡୁନୁପାର ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମଧ୍ୟାହ୍ନଭୋଜନ ପ୍ରଧାନ ମିଳୁନଥିବାରୁ କୁନିକୁନି ଛାତ୍ରଛାତ୍ରୀ ଭୋକ ଉପବାସରେ ଥାଳ ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଇବାକୁ ଅପେକ୍ଷା କରି ନିରାଶା ହେଉଥିବା



ଦେଖିବାକୁ ମିଳୁଛି। ବିଶେଷ ସୂତ୍ରରୁ ସୂଚନା ପାଇ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ପରେ ତରବରିଆ ଭାବରେ ଦିନ ଅଢେଇଟା ବେଳେ ମଧ୍ୟାହ୍ନ ଭୋଜନ ବାଣ୍ଟିବା ଆରମ୍ଭ କରିଥିଲେ। ତାହା ପୁଣି ଅଣ୍ଡା ତରକାରୀ ବଦଳରେ ଆଳୁ ଝୋଳ ଓ ଚେପା ଛଡା ହୋଇନଥିବା ଅଣ୍ଡା। ଅଧିକାଂଶ ଦିନ ମଧ୍ୟାହ୍ନଭୋଜନ ଦିନ ୨ଟା ପରେ ଦିଆଯାଉଥିବା ଅଭିଯୋଗ ହେଉଛି। ସେପ୍ଟେମ୍ବର ୮ ତାରିଖ ଦିନ ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଦିଆ ନଯିବାରୁ ଛାତ୍ରଛାତ୍ରୀ ଖାଲି ପେଟରେ କ୍ଲାସ ରୁମ୍‌କୁ ଯାଇଥିଲେ। ଏହି ବିଦ୍ୟାଳୟରେ ଅଧିକାଂଶ ଛାତ୍ର ଛାତ୍ରୀ ଆଦିବାସୀ ଓ ଅନୁସୂଚିତ ଜନଜାତିର। ମଧ୍ୟାହ୍ନ ଭୋଜନ ପ୍ରଦାନରେ ଅନିୟମିତତା ଓ ତରକାରୀରେ ପେଜ ପକାଇ ଏବଂ ଡାଲି ର ପେଜ ପକାଇ ଖାଦ୍ୟ ପ୍ରସ୍ତୁତି କରି ଖାଇବାକୁ ଦିଆଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱପ୍ରଭା ସାହୁଙ୍କୁ ପଚାରିବାର ବିଳମ୍ବ ହେବା ଘଟଣା ଓ ନିମ୍ନମାନର ମଧ୍ୟାହ୍ନଭୋଜନ ପ୍ରଦାନ କରୁଥିବା ଘଟଣାକୁ ନେଇ ଅନେକ ଥର ତାଗିଦ କରାଯାଇଛି। ମଧ୍ୟାହ୍ନଭୋଜନରେ ଅନିୟମିତତା ଏବଂ ନିମ୍ନମାନର ମଧ୍ୟାହ୍ନଭୋଜନ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତା ମହାନ୍ତିଙ୍କୁ ଯୋଗ ଯୋଗ କରାଯିବାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ

କୋଷାଗୁମୁଡା,୧୬।୯ (ସମିସ):

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ପଞ୍ଚାୟତ ସମିତି ବୈଠକ ଗୃହଠାରେ ବ୍ଲକ୍‌ସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାର ବ୍ଲକ ସ୍ତରୀୟ ନୋଡାଲ ଅଫିସର ଭାବରେ ବିଡିଓ ଥିବାବେଳେ ବ୍ଲକସ୍ତରୀୟ କୋର୍ଡିନେଟର ଭାବେ ମଙ୍ଗଳ ଅଧିକାରୀ ରହିବେ। ପଞ୍ଚାୟତସ୍ତରରେ ପିଇଓ କୋର୍ଡିନେଟର ଭାବେ କାର୍ଯ୍ୟ କରିବେ। ଆଦିବାସୀ ଅଧ୍ୟୁଷିତ ଗ୍ରାମ ଗୁଡିକରେ ସର୍ବାଙ୍ଗୀନ ଉନ୍ନତି ଓ ଗ୍ରାମର ବିକାଶ ଦିଗରେ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେବ। ଭଗବାନ ବିରସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୫ ନଭେମ୍ବର ୨୦୨୪ ରେ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ନାମ ହେଲା "ଧରତୀ ଆବ୍‌ବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ"। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ, ଭାଇସ୍ ଚେୟାରମ୍ୟାନ, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ବିଡ଼ିଓ, ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ୍ ମଙ୍ଗଳ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୩ଟାରେ ବ୍ଲକ ସ୍ତରୀୟ ସମସ୍ତ ଲାଇନ ବିଭାଗୀୟ ଅଧିକାରୀମାନଙ୍କ ସହ ସରକାରଙ୍କ ସମସ୍ତ ଯୋଜନା ପ୍ରସ୍ତୁତ କରି କିପରି ଆଦିବାସୀ ଲୋକମାନଙ୍କ ପାଇଁ ଏହି ସୁବିଧା ଯୋଗାଇ ଦେଇହେବ ବୁଝାଇଥିଲେ। ଏହି ଯୋଜନାରେ କୋଷାଗୁମୁଡା ବ୍ଲକ୍‌ର ୨୬ ଗୋଟି ପଞ୍ଚାୟତ ମଧ୍ୟରୁ ୨୧ ଗୋଟି ପଞ୍ଚାୟତ ବା ୭୯ ଗୋଟି ଗ୍ରାମରେ ପୂର୍ବରୁ ୨୦୧୧ ଜନଗଣନା ଅନୁଯାୟୀ ୫୦ପ୍ରତିଶତ ଅନୁସୂଚିତ ଜାତି ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ତାଙ୍କ ଦୁଆର ପାଖରେ ପହଞ୍ଚିବା ନେଇ ଆଲୋଚନା ହୋଇଥିଲା। ଏଥିରେ ପ୍ରତି ଗ୍ରାମରେ କର୍ମ ସହଯୋଗୀ ଓ କର୍ମ ସାଥୀମାନଙ୍କୁ ଚୟନ କରାଯିବ। ସେହିପରି ଅକ୍ଟୋବର ମାସ ୨ସୁଦ୍ଧା ଏହାର କାର୍ଯ୍ୟକ୍ରମ ଆରମ୍ଭ ଏବଂ ସ୍ୱତନ୍ତ୍ର ଗ୍ରାମସଭାରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ସ୍ଥାନ ଦିଆଯିବ ବୋଲି ଅଧିକାରୀ ମାନେ କହିଛନ୍ତି।

## 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୬।୯ (ସମିସ) ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର (ଗାନ୍ଧୀ ଜୟନ୍ତୀ) ପର୍ଯ୍ୟନ୍ତ ହେବାକୁ ଥିବା ସେବା ପକ୍ଷ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଝରି ଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଏବଂ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ୍ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପେଣ୍ଟି ପ୍ରତିଯୋଗିତା, କୃଷି, କଳା, ଉଦ୍ୟୋଗୀ ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ପାଇଁ ସାଂସଦ ବୈଠକରେ କହିଥିଲେ। ଅକ୍ଟୋବର ୩ ତାରିଖରେ ୨୭ ତାରିଖରେ ପର୍ଯ୍ୟଟନସ୍ଥଳରେ ସ୍ୱଚ୍ଛତା ଓ ସଫେଇକୁ ଗୁରୁତ୍ୱ, ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପଞ୍ଚାୟତ, ପ୍ରତ୍ୟେକ ବ୍ଲକରେ ମହିଳା ଗୋଷ୍ଠୀ, ସ୍ୱଚ୍ଛ ସାଥୀ, ଜନ ପ୍ରତିନିଧି, ଜନ ସାଧାରଣ ସାମିଲ ହେବା, ଖୋଲା ମଳତ୍ୟାଗ ମୁକ୍ତ ଗାଁ ଘୋଷଣା, ସଫାଇ ମିତ୍ର ଶିବିର, ଉପରେ ବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ବିଡିଓ ମାନଙ୍କୁ ନିଜ ବ୍ଲକ୍‌ରେ ସଫେଇ ଓ ପରିମଳ ଅଭିଯାନକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ପୌରପାଳିକା ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡିଓ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଉମରକୋଟ ୧୬।୯ (ସମିସ): ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡିକ ଖୁବଶ୍ରୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କ ସହ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜନ ଶୁଣାଣି ଶିବିରରେ ମୋଟ ୩୦ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିବା ବେଳେ ୭ଟି ଗ୍ରାମ୍ୟ ଗୋଷ୍ଠୀଗତ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୫ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ବିଦ୍ୟା ବିସ୍ତାର କାର୍ଯ୍ୟକ୍ରମ



ଜୟପୁର, ୧୬।୯ (ସମିସ) : ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ଠାରେ ଶିକ୍ଷକ ଶିକ୍ଷା ବିଭାଗର ଆନୁକୂଲ୍ୟରେ ବିଏଡ୍ ପ୍ରଥମ ବର୍ଷ ଗୁରୁ ଛାତ୍ରଛାତ୍ରୀମାନଙ୍କ ଅଧିଗ୍ରହଣ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ରହି ଭବିଷ୍ୟତ ଭାରତ ଗଠନରେ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଗୁରୁ ଛାତ୍ରଛାତ୍ରୀମାନେ ସାହିତ୍ୟ ସମ୍ରାଟ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଅବଦାନ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରିବାକୁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ଶିକ୍ଷକ ଶିକ୍ଷା ବିଭାଗର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ବିଦ୍ୟା ବିସ୍ତାର ୨୦୨୫ କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିବା ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ଭବିଷ୍ୟତରେ ଶିକ୍ଷକରୁ ଗୁରୁ ହେବା ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ବିଶ୍ୱବିଦ୍ୟାଳୟର ତଥା ବିଭାଗର ନିୟମାବଳୀ, ପାଠ୍ୟକ୍ରମ ସମ୍ବନ୍ଧରେ ସବିଶେଷ ବିବରଣୀ, ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟକ୍ରମ ବିଷୟରେ ଅତିରିକ୍ତ ତଥ୍ୟ ସହକାରୀ ପ୍ରଫେସର ଲୋକେଶ ପ୍ରଧାନ, କସ୍ତୁରୀ ଆଚାର୍ଯ୍ୟ, ଅନୀତା ପଟ୍ଟନାୟକ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।।

## ଏରୋନଟିକ୍ସ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା



ସୁନାବେଡ଼ା ,୧୬।୯ (ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ସଭା ଗୃହରେ ସୁସ୍ଥ ସ୍ୱାସ୍ଥ୍ୟ ନିମନ୍ତେ ଏକ ପ୍ରେରଣାଦାୟକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରେରଣା ଦାୟକ ବକ୍ତା ତଥା ସୁନାମଧନ୍ୟ ସ୍ନାୟୁ ଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷାର ବୀଜମନ୍ତ୍ର ଦେଇଥିଲେ। ଏହି ସଭାରେ ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲେ। ବରେଣ୍ୟ ଅତିଥି ଭାବେ ମହାବିଦ୍ୟାଳୟର ସମ୍ପାଦକ ବିଶ୍ୱେଶ୍ୱର ସେନାପତି ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଡକ୍ଟର ରବିନାରାୟଣ ସାମନ୍ତରାୟ ସଭା ପରିଚାଳନା କରିଥିଲାବେଳେ ପ୍ରାଧ୍ୟାପିକା ହିରଣ୍ମୟୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପରିଷ୍ଠ ପ୍ରାଧ୍ୟାପକ ଡ. ସଞ୍ଜୟ ପୁରୋହିତ, ଗୌରୀଶଙ୍କର ରଥ, ଡ. ସଞ୍ଜୟ କୁମାର ଲେଙ୍କା, ବିଶ୍ୱଜିତା ପାଢ଼ୀ, ଦିଲ୍ଲୀପ ସାହୁ, ଡ. ସସ୍ମିତା ମହାପାତ୍ର, ପ୍ରଜ୍ଞା ଦେବହୁତି ଦାସ, ଚିନ୍ମୟ ମିଶ୍ର, ଡ. ସ୍ମୃତି ରଞ୍ଜନ ରାଉତ, ଚିନ୍ମୟୀ ପଣ୍ଡା, ରୁଚିକା ମାଣିଆ, ଦିଲ୍ଲୀପ ସାମଲ, ମଦନ ହରିଜନ ଆଦି ସମସ୍ତ ଅଧ୍ୟାପକ ଅଧ୍ୟାପିକଙ୍କ ସଙ୍ଗେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ନାରାୟଣପାଟଣା ବ୍ଲକରେ ଅଭିଯୋଗ ଶୁଣାଣି

ନାରାୟଣପାଟଣା,୧୬।୯ (ସମିସ): କୋରାପୁଟ ଏଡିଏମ ତପନ କୁମାର ନାୟକଙ୍କ ତତ୍ତ୍ୱବଧାନରେ ଆଜି ନାରାୟଣପାଟଣା ବ୍ଲକ ସଭା ଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଆୟୋଜିତ ହୋଇଥିଲା। ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ର ସମସ୍ତ ପ୍ରମୁଖ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସିଡିଓ ବେଣୁଧର ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିପିଏଚ୍ ଓ ଦେବଦତ୍ତ ମଲ୍ଲିକ, ପିଏଆଇଟିଡିଏ ସ୍ନେହପ୍ରଭା ମାଝି, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ କୁମାର ଦୋରା, ତହସିଲଦାର ପ୍ରଭାତି ଝଡିଆ, ଡିଏସ୍‌ପି ବରଞ୍ଚି ନାରାୟଣ ଜଗତ, ଡିଇଓ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକ, ଡିଡବ୍ଲୁଓ ଦିବ୍ୟରଂଜନ ବିଶ୍ୱାଳ, ଡିଏସ୍‌ଡବ୍ଲୁଓ ଜ୍ୟୋତ୍ସ୍ନା ପାଢୀଙ୍କ ସମେତ ବହୁ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ସର୍ବୋମୋଟ ୮୦ ଗୋଟି ଅଭିଯୋଗ ହୋଇଥିବା ବେଳେ ବ୍ୟକ୍ତିଗତ ୭୬ ଗୋଟି ଓ ସାମୂହିକ ୪ ଗୋଟି ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ମକା ଓ ଧାନ ଭଲ ଅମଳ ହେବା ଥିବା ଯୋଗୁଁ ଆଗକୁ ମକା ମଣ୍ଡି କରିବାକୁ ଚାଷୀ ନେତା ଏଡି ଏମ୍ ଙ୍କୁ ଅନୁରୋଧ କରିଥିଲେ। ଲଙ୍ଗଲବେଡା ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ପାଇଁ ପିଏଚ୍‌ସି ସହ ପଞ୍ଚାୟତରେ ମକା ମଣ୍ଡି ଖୋଲିବାକୁ ଦାବି ଦୋହରାଇ ଥିଲେ ସରପଞ୍ଚ ଲକ୍ଷ୍ମୀ ପିଡ଼ିକା ଥାନା ଛକରୁ ବାଉରୀ ସାହି ରାସ୍ତା ଶୋଚନୀୟ ହୋଇଥିବା ବେଳେ ନୂତନ ସିମେଣ୍ଟ କଂକ୍ରିଟ୍ ରାସ୍ତା ପାଇଁ ଅନୁରୋଧ କରିଥିଲେ ସାହି ବାସିନ୍ଦା। ବିଜାଘାଟିର କାଳିଆ ମାଳି ପାହାଡ ପର୍ଯ୍ୟଟନ ସ୍ଥଳୀ ପାଇଁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସେଲ୍‌ଫି ପଏଣ୍ଟ, ଏକ ସୁଦୀର୍ଘ ଜାତୀୟ ସ୍ତମ୍ଭ, ରହଣୀ ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହବିକା ରବି ଆଇଟିଡିଏ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ନିର୍ମିତ ଛାତ୍ରାବାସ କୋଠା ନିମ୍ନମାନର ନିର୍ମାଣ କରାଯାଉଥିବା ଅଭିଯୋଗ କରିଥିଲେ। ନାରାୟଣପାଟଣା ଜଗନ୍ନାଥ ମନ୍ଦିର ପାଇଁ ଆସିଥିବା ଚାରି କୋଟି ଆନୁଦାନ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଥିବାରୁ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପରିଚାଳନାଗତ କମିଟି ଗଠନ କରିବାକୁ ଜଗନ୍ନାଥ ପ୍ରେମୀ ପ୍ରଶାସନକୁ ଅନୁରୋଧ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଅଧପନ୍ତରିଆ ଅଙ୍ଗନବାଡ଼ି କେନ୍ଦ୍ର ନେଇ ବଢୁଛି ଅସନ୍ତୋଷ

ବୈପାରିଗଡ଼ା,୧୬।୯ (ସମିସ):

ଅଙ୍ଗନବାଡିରେ ପଢ଼େ ପିଲାଙ୍କ ମୂଳଦୁଆ। ତିଆରି ହୁଏ ଭବିଷ୍ୟତ। କିନ୍ତୁ ଏଠି ନିଜସ୍ୱ ଗୃହ ଅଧପନ୍ତରିଆ ଯୋଗୁଁ ଆବାସ ଘରେ ଚାଲିଛି ପାଠପଢା। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପଡା-୨ ଅଙ୍ଗନବାଡି ଠାରେ। ସୂଚନା ଅନୁସାରେ ୨୦୧୬ ମସିହାରେ ଚନ୍ଦ୍ରପଡାଠାରେ ମିନି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବ୍ଲକ୍ ପାଣ୍ଠିରୁ ୨ ଲକ୍ଷ ଏବଂ ମନରେଗା ଯୋଜନାରୁ ୫ ଲକ୍ଷ ଟଙ୍କାରେ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଆର୍ଥିକ ବର୍ଷ ୨୨-୨୩ ରେ ପଞ୍ଚାୟତ ତରଫରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ଚନ୍ଦ୍ରପଡା ପିଇଓ ଗଣେଶ ବିଶ୍ୱାସରାୟ ପ୍ରକାଶ କରିଛନ୍ତି। ୯ ବର୍ଷ ବିତିଲା ତଥାପି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। କେନ୍ଦ୍ରଟି ଏବେ ଅସମ୍ପୂର୍ଣ୍ଣ ଥିବା ଯୋଗୁଁ ସ୍ଥାନୀୟ ବୃଦ୍ଧା ସ୍ୱର୍ଗତ ଡାଲି ଭୂମିଆଙ୍କ ଆବାସ ଘରେ ପିଲାଙ୍କୁ ପାଠପଢା ହେଉଛି ବୋଲି ଅଙ୍ଗନବାଡି କର୍ମୀ ସୀତା ନାୟକ ପ୍ରକାଶ କରିଛନ୍ତି। ସେପଟେ ସ୍ଥାନୀୟ ଗ୍ରାମବାସୀ ଅଙ୍ଗନବାଡି କେନ୍ଦ୍ର ଅତି ଶୀଘ୍ର ନିର୍ମାଣ ପାଇଁ ଦାବି କରିଛନ୍ତି।

### କାମକରୁନି ବିଏସ୍‌ଏନ୍‌ଏଲ୍ ସେବା

# ସ୍ମାର୍ଟ କ୍ଲାସ ପାଠପଢ଼ାରେ ବ୍ୟାଘାତ

**ତେନ୍ତୁଳିଖୁଣ୍ଟି, ୧୬।୯ (ସମିସ):** ତେନ୍ତୁଳିଖୁଣ୍ଟି ପିଏମଶ୍ରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ତିନିମାସ ହେଲା ଭାରତୀୟ ସଂଚାର ନିଗମ ଇଣ୍ଟରନେଟ୍ ସେବା ଠପ୍ ହୋଇଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନି। ଫଳରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ ସେବାରୁ ବଞ୍ଚିତ ରହିଛନ୍ତି। ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉନ୍ନତ ଶିକ୍ଷାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ୫-ଟି ଯୋଜନାରେ ସ୍ମାର୍ଟ କ୍ଲାସରୁମ ଓ ଇଣ୍ଟରନେଟ ପାଠପଢା ବ୍ୟବସ୍ଥା କରିଛନ୍ତି। ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ଇଣ୍ଟର୍ନେଟ ସେବା ଜରିଆରେ ସ୍ମାର୍ଟ କ୍ଲାସ ବ୍ୟବସ୍ଥା ହୋଇଛି। ପରିତାପର ବିଷୟ ଦୀର୍ଘ ତିନିମାସ ହେଲା ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଇଣ୍ଟର୍ନେଟ ସେବା କାମ କରୁନି। ଜୁନ ମାସରୁ ଏହି ସେବା





ବିଦ୍ୟାଳୟ ର ଉପଲବ୍ଧ ହୋଇପାରୁନି। ଫଳରେ ଉଭୟ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ ସେବାରୁ ବଞ୍ଚିତ ରହୁଛନ୍ତି। ଏମିତି ସ୍ଥିତିରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିଜ ମୋବାଇଲରୁ ନେଟ ସଂଯୋଗ କରି ପାଠ ପଢ଼ାଇବା ପାଇଁ ପ୍ରୟାସ କରୁଥିଲେ ହେଁ ସମସ୍ୟା ଦେଖାଦେଇଛି। ଅନ୍ୟପଟେ ବିଦ୍ୟାଳୟର ଅନ୍ୟାନ୍ୟ ଅନ୍‌ଲାଇନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଭାରତୀୟ ସଂଚାର ନିଗମ ଏସଡିଓ ତଥା କାର୍ଯ୍ୟ କରିଥିବା କଣ୍ଟ୍ରାକ୍ଟରକୁ ବାରମ୍ବାର ଅଭଯୋଗ କରିବା ପରେ ମଧ୍ୟ ସୁଧାର ଆଣିବା ଦିଗରେ କୌଣସି ବ୍ୟବସ୍ଥା କରାଯାଉନି। ଫଳରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ତିନିମାସ ହେଲା ଇଣ୍ଟରନେଟ୍ ସେବା ଉପଲବ୍ଧ ହେଉନଥିବା ଯୋଗୁଁ ଛାତ୍ରଛାତ୍ରୀ ମାନେ ପାଠପଢାରୁ ଏକ ପ୍ରକାର ବଞ୍ଚିତ ରହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯଥାଶୀଘ୍ର ସମ୍ପୃକ୍ତ ବିଦ୍ୟାଳୟ ରେ ବିଏସଏନଏଲ ଇଣ୍ଟର୍ନେଟ ସେବା ଉପଲବ୍ଧ କରେଇବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଦାବି କରିଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ନନ୍ଦପୁର,୧୬।୯ (ସମିସ):

ନନ୍ଦପୁର ବ୍ଲକ ଅଧିନସ୍ଥ ଅତଣ୍ଡା ଗ୍ରାମ ପଞ୍ଚାୟତରେ ସୋମବାର ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୮ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସେଥି ମଧ୍ୟରୁ ସମସ୍ତ ୧୮ଟି ଯାକ ଅଭିଯୋଗ ସାମୂହିକ ଅଭିଯୋଗ ରହିଥିଲା। ଦୀର୍ଘ ବର୍ଷେ ହେବ ମୁଖ୍ୟମନ୍ତ୍ରୀ ମୋ ବସ୍ ଅତଣ୍ଡା ଗ୍ରାମପଞ୍ଚାୟତକୁ ସଂଯୋଗ ନେଇ ଦାବି ହୋଇଛି। ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ପୂର୍ବ ସରକାରଙ୍କ ସମୟରେ ବ୍ଲକର ବିଭିନ୍ନ ଅଞ୍ଚଳକୁ ବସ୍ ସେବା ଆରମ୍ଭ ହୋଇଥିବା ବେଳେ ଯାତ୍ରୀ ବିଶ୍ରାମ ଗୃହ ତ ଅଛି, ହେଲେ ଆଜି ପର୍ଯ୍ୟନ୍ତ ବସ୍ ଆସି ପାରୁନି ବୋଲି ଅଭିଯୋଗ ହୋଇଛି।



ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଶିବିରରେ ସରପଞ୍ଚ ସହଦେବ ପାଙ୍ଗି, ସମିତି ସଭ୍ୟ ଦାଉଦ୍ ଖରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ସିଡିପିଓ ମିନତି ବାଲା ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗୀୟ କମଚାରୀ ଓ ଆଶା, ଅଙ୍ଗନବାଡି, ସିଆରପି, ଏମ୍ବିକେ ସହ ପଞ୍ଚାୟତବାସୀ ଯୋଗଦେଇ ଗ୍ରାମପଞ୍ଚାୟତର ଅନ୍ୟାନ୍ୟ କାର୍ଯ୍ୟ ଯଥା ମନରେଗା ଯୋଜନାରେ ଫଳ ଚାରାରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ବିଡ଼ିଓ ଶ୍ରୀ ଦୋରା ଅନ୍ୟାନ୍ୟ କମଚାରୀଙ୍କୁ ନେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଏହି କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ସୀମାଦ୍ରି କ୍ରିସାନି ପରିଚାଳନା କରିଥିଲେ।

## ଅବ୍ୟବସ୍ଥାରେ ସେସ୍କାଯୋଡ଼ି ସେବାଶ୍ରମ

# ୧୦୩ ଛାତ୍ରଛାତ୍ରୀଙ୍କୁ ୨ ଶିକ୍ଷକ

ଫିରିଙ୍ଗିଆ,୧୬।୯ (ସମିସ)



ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତର ସେସ୍କାଯୋଡ଼ି ସ୍ଥିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ସେସ୍କାଯୋଡ଼ି ସେବାଶ୍ରମ ବର୍ତ୍ତମାନ ଅବ୍ୟବସ୍ଥା ଦେଇ ଗତି କରୁଛି। ଏହି ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅନ୍ତେବାସୀ ଏବଂ ବାହାରୁ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୧୦୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେଥିମଧ୍ୟରୁ ୮୨ ଜଣ ଅନ୍ତେବାସୀ ଛାତ୍ରଛାତ୍ରୀ ଥିବାବେଳେ ୨୧ ଜଣ ଡେ-ସ୍କଲାର ଅଛନ୍ତି। ୧୦୩ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକ ରଣେଶ୍ୱର କହଁର ଏବଂ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟି ଅଛନ୍ତି। ପ୍ରଧାନଶିକ୍ଷକ କାଗଜପତ୍ର ସହ ବିଭିନ୍ନ ବୈଠକରେ ଯୋଗ ଦେଲେ କେବଳ ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟର ୭ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ଅସମ୍ଭବ ହୋଇପଡୁଛି। ବର୍ଷେରୁ ଅଧିକ ସମୟ ହେବ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗି ରହିଛି। ଜଣେ ମାଟ୍ରନ୍ ଅଛନ୍ତି ଓ ରୋଷେୟା ୩ ଜଣ ଅଛନ୍ତି। ହେଲେ ନାମକୁ ମାତ୍ର ବିଦ୍ୟାଳୟ କେବଳ ଚାଲିଥିବା ବେଳେ ଶିକ୍ଷା ଦାନକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ନିଯୁକ୍ତି କରାଯିବାକୁ ଅଭିଭାବକ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି।

ଶିକ୍ଷକ ନିଯୁକ୍ତ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଭିଭାବକ କହିଛନ୍ତି। ସ୍ଥାନୀୟ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଇପ୍‌ସିତା ଜେନାଙ୍କୁ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରିବାରୁ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି। ସମସ୍ୟା ମଧ୍ୟ ରହିଛି। ସମସ୍ୟାକୁ ଦେଖି ଉପରିସ୍ଥ ଅଧିକାରୀଙ୍କୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଜଣାଇବେ ବୋଲି କହିଛନ୍ତି।

# ନାମଲେଖା ହୋଇଛି; ବିଦ୍ୟାଳୟ ନାହିଁ




ପାରଳାଖେମୁଣ୍ଡି,୧୬।୯ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ବାରମ୍ବାର ଶିକ୍ଷାମନ୍ତ୍ରୀ ରିବନ କାଟିବାକୁ, ଶୁଭ ଦେବାକୁ, ସମୀକ୍ଷା କରିବାକୁ ଆସୁଛନ୍ତି। କିନ୍ତୁ ପ୍ରଶାସନର ସଠିକ୍ କାଗଜପତ୍ର କାମ ମନ୍ତ୍ରୀଙ୍କ ଦୃଷ୍ଟି ଆଢୁଆଳରେ ଅନେକ ସମସ୍ୟାକୁ ରଖିଦେଇଛି। ଉଦାହରଣ ଭାବେ ଆଜି ଏପରି ଏକ ଘଟଣା ନଜରକୁ ଆସିଛି। ଆସନ୍ତାକାଲି ଶିକ୍ଷାମନ୍ତ୍ରୀଙ୍କ ଗସ୍ତକୁ ନେଇ ଗଜପତି ଜିଲ୍ଲା ପ୍ରଶାସନ ଛାନିଆଁ ହୋଇପଡିଛି। ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଥିଲା। ଅଭିଭାବକଙ୍କ ସହ ଗୋଟେ ପଟେ ଛାତ୍ର ଅନ୍ୟପଟେ ଛାତ୍ରୀ ଜିଲ୍ଲାପାଳଙ୍କର କକ୍ଷ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ବସି ରହିଥିଲେ। କିଛି ସ୍ଥାନୀୟ ବାସିନ୍ଦାଙ୍କ ଯୁକ୍ତିତର୍କ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକାଙ୍କ ସହ ଅନେକ ସମୟ ଧରି ଚାଲିଥିଲା। ଖବର ନେବାରେ ଜଣାପଡିଲା ଯେ ନାମଲେଖା ହୋଇଛି, କିନ୍ତୁ ବିଦ୍ୟାଳୟ ନାହିଁ। ଯାହାକି ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ବୟାନ କରୁଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଗୁମ୍ମା ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମୀ ବିକାଶ ପୂର୍ବରୁ ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗଡରେ ଗତ ଫେବୃଆରୀ ୨୩ ତାରିଖରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ପ୍ରବେଶିକା ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ପରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାମଲେଖାଇବା ପାଇଁ ମେଧା ତାଲିକା ପ୍ରକାଶ ପାଇଥିଲା। ଉକ୍ତ ତାଲିକା ପ୍ରକାଶ ପରେ ନିଜର ନାମ ଲେଖାଇଥିଲେ। ହେଲେ ଆଜକୁ ୫ ମାସ ବିତିଗଲେ ମଧ୍ୟ ଉକ୍ତ ୬୦ ଜଣ ଛାତ୍ରଛାତ୍ରୀ ଉକ୍ତ ବିଦ୍ୟାଳୟ ଦେଖିପାରିଲେ ନାଁ ସେମାନଙ୍କ ଅନ୍ୟତ୍ର ପାଠ ପଢାଇବା ପାଇଁ କୌଣସି ବ୍ୟବସ୍ଥା ହୋଇପାରିଲା। ଯାହାକୁ ନେଇ ମୋହନା, ଆର୍.ଉଦୟଗିରି, ନୂଆଗଡ, ରାୟଗଡ ଓ ଗୁମ୍ମା ପ୍ରଭୃତି ୫ ବ୍ଲକର ମେଧା ତାଲିକା ଭୁକ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତାକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୫ ମାସ ଧରି ନା ସ୍କୁଲ ଯାଇପାରିଲେ, ନା ପାଠ ପଢିପାରିଲେ। ତେଣୁ ଦଶହରା ଛୁଟି ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଅଭିଭାବକ ଓ ପିଲାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କର୍ମଶାଳା



ପାରଳାଖେମୁଣ୍ଡି,୧୬।୯ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ସଖୀ ୱାନଷ୍ଟପର ମିଳିତ ଆନୁକୂଲ୍ୟରେ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଯୁବଗୋଷ୍ଠୀଙ୍କୁ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନା ସହିତ ସାମିଲ କରିବା ଏବଂ ଯୋଜନାଗୁଡିକୁ ଜାଣିବା ନିମନ୍ତେ ବିଭିନ୍ନ କୌଶଳ ସମ୍ବନ୍ଧରେ ଅବଗତ କରାଇବା ଏହି କର୍ମଶାଳାର ଉଦ୍ଦେଶ୍ୟ ରହିଛି। କର୍ମଶାଳାରେ ଅଧ୍ୟକ୍ଷତା କରି ଅନୁଷ୍ଠାନର ଅଧ୍ୟକ୍ଷା ଡ଼ ରୀନା ସାହୁ ପାଠପଢା ପରେ ଏହି ଯୋଜନା ଗୁଡିକ ମାଧ୍ୟମରେ ଛାତ୍ରୀମାନେ ଆଗାମୀ ଦିନରେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଧ୍ୟାପକ ଦିଲୀପ କୁମାର ତନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ନିଃଶୁଳ୍କ ଭାବରେ ସେବାମୂଳକ ତାଲିମ, ଉତ୍ପାଦନ ଭିତ୍ତିକ, କୃଷି ଭିତ୍ତିକ ଏବଂ ସାଧାରଣ ଔଦ୍ୟୋଗିକ ବିକାଶ କାର୍ଯ୍ୟକ୍ରମରେ ଯୋଗଦାନ ତଥା ପ୍ରଶିକ୍ଷଣ ନେଇ ପାରିବେ ସେ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟବକ୍ତା ତ୍ରିଲୋଚନ ଦାସ, ଗ୍ରାମୀଣ ଆତ୍ମନିଯୁକ୍ତ ପ୍ରଶିକ୍ଷଣ ଏବଂ ପ୍ରଶିକ୍ଷଣର ଅବଧି ସଂପର୍କରେ ଆଲୋଚନା କରିଥିଲେ। ସଖୀ ୱାନଷ୍ଟପର ମେଡିକଲ ଆସିଷ୍ଟାଣ୍ଟ ସୁନିତା ବେହେରା ଯୁବ ଛାତ୍ରୀମାନଙ୍କୁ ସମାଜମଙ୍ଗଳ ଉନ୍ନୟନ କାର୍ଯ୍ୟନିମନ୍ତେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଛାତ୍ରୀମାନେ କିପରି ସ୍ୱେଚ୍ଛାରେ ନେତୃତ୍ୱ ନେଇ ଅଂଶଗ୍ରହଣ କରିବେ ପରାମର୍ଶ ଦେଇଥିଲେ। ସେହିପରି ମୋହିନୀ ପ୍ରଧାନ ଆଇଏସ୍ଆରଡି ସଖି ୱାନଷ୍ଟପର କେସ ୱାର୍କର ଛାତ୍ରୀମାନେ ସଂସ୍ଥା ତରଫରୁ ଆବଶ୍ୟକ ଯୋଗ୍ୟତା ଏବଂ ଉପଲବ୍ଧ ସୁବିଧା ସମ୍ବନ୍ଧରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ନାତକ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିବା ସହିତ ସଫଳ ରୂପାୟନ ପାଇଁ ପରିଚାଳନା ଦାୟିତ୍ୱ ବହନ କରିଥିଲେ। ଏମ୍‌ୱାଇ.ବି, ଗଜପତି ସଦସ୍ୟ ଭି.ଭବାନୀ ପ୍ରସାଦ ଏବଂ ଏ.ଈଶ୍ୱର ରାଓ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା



ରାୟଗଡ,୧୬।୯ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସରକାରୀ ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାର ହକି, ହ୍ୟାଣ୍ଡବଲ୍, ନେଟ୍‌ବଲ୍, ତୀରଚାଳନା, ସନ୍ତରଣ, ଭାରୋତ୍ତୋଳନ, ସ୍କେଟିଂର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଚୟନ ପ୍ରକିୟା ରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୬୨ଜଣ ବାଳକ ଓ ବାଳିକା ଭାଗ ନେଇଥିଲେ। ଏଥିରୁ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ଦଳ ରାଜ୍ୟ ସ୍ତରରେ ଆୟୋଜନ ହେବାକୁଥିବା କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ସୁରେନ୍ଦ୍ର କୁମାର ପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦେବ ପ୍ରସାଦ ପରିଡା, ଅଭିମନ୍ୟୁ ଗମାଙ୍ଗ, ପ୍ରିୟଦର୍ଶୀ ମିଶ୍ର, ଧୀରେନ୍ଦ୍ର ଅଭିନ୍ନ, ବାସୁଦେବ ମିଶ୍ର, କୁମାର ସାମଲ, ଶିବ ଭୂୟାଁ ରେଖାରାଣୀ ଦେଓ, ଦର୍ଶିତା ପଟ୍ଟନାୟକ, ପ୍ରଦୀପ ସାମଲ ଓ କିଶୋର ସାମଲ ଚୟନ ନିମନ୍ତେ ଉପସ୍ଥିତ ରହି ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ କ୍ରୀଡ଼ା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ।

## ଗଞ୍ଜେଇ ଜବତ; ଜଣେ ଗିରଫ

ମୋହନା,୧୬।୯ (ସମିସ): ଗଜପତି ଜିଲ୍ଲା ମୋହନା ଅବକାରୀ ବିଭାଗ ମଙ୍ଗଳବାର ମୋହନା ଥାନା ଚାନ୍ଦିପୁଟ ଛକରେ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ଥିବା ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚାନ୍ଦିପୁଟର ଜିଆଦି ବିଷୋୟୀ। ମୋହନା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦଣ୍ଡ ଶବର ଏବଂ ତାଙ୍କ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ସନ୍ଦିଗ୍ଧ ଅବସ୍ଥାରେ ରାସ୍ତା ପାଶ୍ୱର୍ରେ ବ୍ୟାଗ ସହ ଠିଆ ହୋଇଥିବା ବ୍ୟକ୍ତି ଜଣକୁ ଯାଞ୍ଚ କରିଥିଲେ। ଉକ୍ତ ବ୍ୟାଗରେ ୧୦ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ବ୍ରହ୍ମପୁରକୁ ଚାଲାଣ ପାଇଁ ଏହି ଗଞ୍ଜେଇ ରଖାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛ।

# ମହେନ୍ଦ୍ରଗିରିରେ ରାଜସ୍ୱ ଓ ପରିବହନ ମନ୍ତ୍ରୀଙ୍କ ସମୀକ୍ଷା

## 'ସ୍ଥଳକୁ ଦେବସ୍ଥଳୀ କିସମ ଭାବେ ରାଜସ୍ୱ ରେକର୍ଡରେ ପରିଗଣିତ କରାଯିବ'



ରାୟଗଡ଼,୧୬।୯ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ମହେନ୍ଦ୍ରଗିରିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ପରିବହନ,ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଜେନା ସୋମବାର ସନ୍ଧ୍ୟାରେ ଗସ୍ତ ଆସି ସେଠାରେ ଥିବା ଇକୋ ରିସର୍ଟରେ ରାତ୍ରି ଯାପନ କରିଥିଲେ। ସେଠାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ଉକ୍ତ ସ୍ଥାନକୁ ଦେବାସ୍ଥଳୀ କିସମ ଭାବେ ରାଜସ୍ୱ ରେକଡର୍‌ରେ ପରିଗଣିତ କରାଯିବ ବୋଲି ପ୍ରକାଶ କରି ଭବିଷ୍ୟତର କାର୍ଯ୍ୟ ବିଷୟକୁ ନେଇ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଗଜପତି ଜିଲ୍ଲାରେ ରାଜସ୍ୱ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାର ରାଜସ୍ୱ ଅଧିକାରୀଙ୍କୁ ଡାକି ବିଭିନ୍ନ ସରକାରୀ ଶିକ୍ଷାର ଭିତ୍ତିଭୂମି, ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନଙ୍କ ପଟ୍ଟା ହୋଇପାରିଛି କି ନାହିଁ, ପ୍ରତ୍ୟେକ ଭୂମିହୀନ, ଆବାସ ଯୋଜନା ହିତାଧିକାରୀଙ୍କ ପଟ୍ଟା ପ୍ରଦାନ ହୋଇଛିକି ନାହିଁ, ଜଙ୍ଗଲ ଜମି ହିତାଧିକାରୀ ପଟ୍ଟା ପାଇଛନ୍ତି କି ନାହିଁ ଆଦି ବିଷୟରେ ସମୀକ୍ଷା କରିଥିଲେ। ମଙ୍ଗଳବାର ସକାଳୁ ଗଞ୍ଜାମ ଗସ୍ତରେ ଯାଇଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ଅଧିକାରୀ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ମହେନ୍ଦ୍ରଗିରି ଉନ୍ନୟନ ପରିଷଦର ସମ୍ପାଦକ କାମଦେବ ବଡ଼ନାୟକ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ସିଦ୍ଧେଶ୍ୱର ମିଶ୍ର, ସି ଏଚ୍ ସିମାଦ୍ରୀ, କାହ୍ନୁ ଚରଣ ଭୂୟାଁ, ଶ୍ରୀନିବାସ ରାଓ, ମାନସ ରଞ୍ଜନ ପଟ୍ଟନାୟକ , ସନିଆ ଧାଙ୍ଗଡ଼ା ଭୂୟାଁଙ୍କ ସମେତ ଅଞ୍ଚଳବାସୀ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଉଭୟ ମନ୍ତ୍ରୀଙ୍କ ଗସ୍ତରେ ସେମାନଙ୍କ ସହଯୋଗୀ ଆସି ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ଜିଲ୍ଲା ବିଜେପି ସଭାପତି କିମ୍ବା ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କ ଦେଖା ମିଳି ନ ଥିଲା। ତେବେ ମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲା ସଭାପତିଙ୍କ ପାଖରେ ସୂଚନା ନ ଥିଲା, ନା ଜିଲ୍ଲା ସଭାପତି କାର୍ଯ୍ୟକ୍ରମରୁ ଦୂରେଇ ରହିଲେ ତାହା ଆଲୋଚନାର ବିଷୟ ହୋଇଛି।

ଉଭୟ ମନ୍ତ୍ରୀଙ୍କୁ ଜିଲ୍ଲା ସଭାପତି ଉପେକ୍ଷା କରିଛନ୍ତି ନା ଜିଲ୍ଲା ସଭାପତିଙ୍କୁ ଦୁଇ ମନ୍ତ୍ରୀ ଅଣଦେଖା କରିଛନ୍ତି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲ୍ଲା ବିଜେପି ସଭାପତି ନବ କିଶୋର ଶବରଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇ ଥିଲେ ମଧ୍ୟ ତାହା ସମ୍ଭବପର ହୋଇନଥିଲା।

## ହତ୍ୟା ଧମକ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ୨ ଅଭିଯୁକ୍ତ

ମୋହନା,୧୬।୯ (ସମିସ): ଅଡ଼ବା ଥାନା ଅନ୍ତର୍ଗତ ଆଲିଗଣ୍ଡା ଗ୍ରାମରେ ୨୦୨୩ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଆଜି ମୋହନା ଜେଏମ୍‌ଏଫସି ଶୁଭଜିତ ବେହେରା ଦୁଇ ଅଭିଯୁକ୍ତ ଆଲିଗଣ୍ଡା ଗ୍ରାମର ବିଶ୍ୱନାଥ ନାୟକ ଓ ତାଙ୍କ ସ୍ତ୍ରୀ ବିରଜା ରଣଜିତଙ୍କୁ ଦୋଷୀ ସାବ୍ୟସ୍ତ କରି ଚେତାବନୀ ଦେଇ ଭବିଷ୍ୟତରେ ଏଭଳି କାର୍ଯ୍ୟରୁ ବିରତ ରହିବା ନିମନ୍ତେ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଏସ. ବୈଦ୍ୟନାଥ ସିଂ ଏହି ମାମଲାକୁ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୩ ମାର୍ଚ୍ଚ ୨୪ ଦିନ ଅଭିଯୋଗକାରୀ ଅଡ଼ବା ଥାନା ଅନ୍ତର୍ଗତ ସ୍ଥାନୀୟ ଆଲିଗଣ୍ଡା ଗ୍ରାମର ରାଜେନ୍ଦ୍ର ସଭାପତି ନିଜର ଓ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଏକ ଅଭିଯୋଗ ଅଡ଼ବା ଥାନାରେ କରିଥିଲେ। ଅଭିଯୋଗ ମୁତାବକ ଜାଗାବାଡ଼ିକୁ କେନ୍ଦ୍ରକରି ଅଭିଯୁକ୍ତମାନେ ଗାଳିଗୁଲଜ ସହ ନକ୍ସଲ ଲଗାଇ ହତ୍ୟା ଧମକ ମଧ୍ୟ ଦେଇ ଆସୁଥିଲେ। ଅତିଷ୍ଠ ହୋଇ ଶେଷରେ ଅଭିଯୋଗକାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଯାହାକି ମୋହନା ଜେଏମ୍‌ଏଫସି କୋର୍ଟରେ ବିଚାରାଧୀନ ରହିଥିଲା। ଅଡ଼ବା ଥାନାର ଏସ୍ଆଇ ବି ନୀଳମାଧବ ରେ‡ୀ ତଦନ୍ତକାରୀ ଅଧିକାରୀ ରହିଥିଲେ। ଆଜି ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଏହି ରାୟ ଶୁଣାଇଛନ୍ତି।

# ୧୪ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ




ପାରଳାଖେମୁଣ୍ଡି,୧୬।୯ (ସମିସ): ଆଭାସୀ ମାଧ୍ୟମରେ ଭୁବନେଶ୍ୱରରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ରାଜ୍ୟର ୯୧୩ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏଥି ମଧ୍ୟରୁ ଗଜପତି ଜିଲ୍ଲାରେ ୧୪ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥି ମଧ୍ୟରୁ ମୋହନା, ନୂଆଗଡ, ରା.ଉଦୟଗିରି, ଗୁମ୍ମା ବ୍ଲକରେ ୨ଟି ଲେଖାଏଁ, ଗୋଷାଣି ଓ ରାୟଗଡ଼ ବ୍ଲକରେ ୩ଟି ଲେଖାଏଁ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏହି ଅବସରରେ ଗଜପତି ଜିଲ୍ଲାପାଳ ମଧୁମିତା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀଙ୍କ ସମେତ ଜିଲ୍ଲାର ସମସ୍ତ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଓ ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ।

## ଆଦିବାସୀଙ୍କ ବିରୋଧରେ ମାମଲା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ଜି.ଉଦୟଗିରି,୧୬।୯ (ସମିସ): ହିଂସ୍ର ଦନ୍ତାହାତୀକୁ ସ୍ଥାନାନ୍ତର ସହିତ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବା ୧୬୦ ନିରାହ ଆଦିବାସୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏନେଇ ନିରାହ ଆଦିବାସୀ ଯୁବକ, ଯୁବତୀ ଓ ସାଧାରଣ ଜନତାଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ମାମଲା ବିଷୟରେ ଅଞ୍ଚଳବାସୀ ଜାଣିଲା ପରେ ବର୍ତ୍ତମାନ ଅଞ୍ଚଳରେ ଅଶାନ୍ତି ବାତାବରଣ କୁହୁଳି ବାରେ ଲାଗିଛି। ଉକ୍ତ ବିଷୟ ନେଇ କଟକ ଉଚ୍ଚ ନ୍ୟାୟାଳୟର ଆଇନ ସେବା ସଂସ୍ଥା କ୍ଲାପର ୩ ଜଣିଆ ଆଇନଜୀବୀ ଦଳ ଆସି ମଙ୍ଗଳବାର ଜି.ଉଦୟଗିରି ଆଦିବାସୀ ସଂସ୍କୃତି ଭବନରେ ହାତୀ ଉପଦ୍ରବରେ କ୍ଷୟକ୍ଷତି ହୋଇଥିବା



ଲୋକଙ୍କ ସହିତ ଆଲୋଚନା କରିଥିଲେ। ତୁରନ୍ତ ଆଦିବାସୀଙ୍କ ବିରୋଧରେ ହୋଇଥିବା ମାମଲାକୁ ପ୍ରତ୍ୟାହାର କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ସମସ୍ୟା ଘେରରେ ଦୁର୍ଗମ ବନ୍ଦ୍ରିଗାଁ

# ମୌଳିକ ସୁବିଧାରୁ ବଞ୍ଚିତ ୧୦୦ରୁ ଉର୍ଦ୍ଧ୍ୱ ପରିବାର

ମୋହନା,୧୬।୯ (ସମିସ)



ସରକାର ଦୁର୍ଗମ ଅଞ୍ଚଳର ବିକାଶ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆଜି ମଧ୍ୟ ଏମିତି ଗାଁ ରହିଛି ପାନୀୟ ଜଳ ଠୁ ଆରମ୍ଭ କରି ଶିକ୍ଷାର ବ୍ୟବସ୍ଥା ସମ୍ପୂର୍ଣ ଭୁଶୁଡ଼ି ଯାଇଛି। ଯାହା ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଦୁର୍ଗମ ଖାରୀଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବନ୍ଦ୍ରିଗାଁରେ। ବନ୍ଦ୍ରିଗାଁର ବିକାଶ ନ କହିବା ଭଲ। ଚୁଆଁ ପାଣି ଗ୍ରାମବାସୀଙ୍କ ଏକ ମାତ୍ର ସାହା ଭରଷା ହୋଇ ରହିଛି। ଗାଁ ରେ ତିନଟି ନଳକୂପ ଥିବାବେଳେ ସେହି ନଳକୂପରୁ ଲୌହ ଜନିତ ରଙ୍ଗ ପାଣି ବାହାରୁଥିବାରୁ ବ୍ୟବହାର ଯୋଗ୍ୟ ହୋଇପାରୁନି। କିନ୍ତୁ ଗ୍ରାମବାସୀ ସେହି ପାଣି ବ୍ୟବହାର କରି ନାନାରୋଗରେ ଆକ୍ରାନ୍ତ ହେଉଛନ୍ତି ଗାଁ ର ଅଧିକାଂଶ ଲୋକେ। ଯାହା ଫଳରେ ବାଧ ହୋଇ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ଏକ ଚୁଆଁରୁ ପାଣି ଆଣି ଦୈନନ୍ଦିନ ବ୍ୟବହାର କରୁଛନ୍ତି ଗ୍ରାମବାସୀ। ଏମିତି କି ଛାତ୍ର ଛାତ୍ରୀଙ୍କ ପାଇଁ ଗାଁରେ ଅଙ୍ଗନବାଡି କେନ୍ଦ୍ର ନାହିଁ। କେନ୍ଦ୍ର ନିର୍ମାଣ ପାଇଁ ଟଙ୍କା ମଞ୍ଜୁରୀ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷ ହେବ ଅଧାପନ୍ତରିଆରେ ପଡ଼ିରହିଛି। ଅନ୍ୟପଟେ ଗାଁରେ ଏକ ମାତ୍ର ପ୍ରାଥମିକ ବିଦ୍ୟାଳୟ ଅଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ପାଠ ପଢିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଗୋଟିଏ ଶ୍ରେଣୀ ଗୃହରେ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଥିଯୋଗୁଁ ପାଠ ପଢିବା ପାଇଁ ନାନାଦି ପ୍ରକାର ସମସ୍ୟା ଛାତ୍ରଛତ୍ରୀଙ୍କୁ ଲାଗି ରହିଛି। ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ଗୃହ ନିର୍ମାଣ ହୋଇ ପାରୁନାହିଁ। ବିଦ୍ୟାଳୟ ର ରୋଷେଇ ଘର ସହ ପାଚେରୀ ମଧ୍ୟ ନିର୍ମାଣ ହୋଇ ପାରିନାହିଁ। ଏମିତି କି ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ ହେଉ ଓ ବିଦ୍ୟୁତ ଆଲୋକର ବ୍ୟବସ୍ଥା ହୋଇନାହିଁ।

ଏହି ସମସ୍ତ ସମସ୍ୟାକୁ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ ଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସମାଧନ ହୋଇ ପାରୁନାହିଁ। ଆମେ ଏ ନେଇ ମୋହନା ବିଡ଼ିଓ ରାଜୀବ ଦାସଙ୍କୁ ପଚାରିବାରୁ ତଦନ୍ତ କରି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ● ମନରେଗା ବ୍ଲକସ୍ତରୀୟ ଜନଶୁଣାଣି

# ଅଭିଯୋଗର ୩ରୁ ୪ ସପ୍ତାହ ମଧ୍ୟରେ ସମାଧାନ ନିର୍ଦ୍ଦେଶ

ଟିକାବାଲି,୧୬।୯ (ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ପରିସରରେ ମନରେଗା ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁଣାଣିକୁ ସ୍ଥାନୀୟ ସମିତି ଉପାଧ୍ୟକ୍ଷା ପ୍ରଶମିତା ପ୍ରଧାନଙ୍କ ସମେତ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟଅତିଥି ତଥା ବରିଷ୍ଠ କାର୍ଯ୍ୟ ଅଧିକାରୀ ଭାବେ ଜିଲ୍ଲାପରିଷଦ କନ୍ଧମାଳ ଏଡିସନାଲ ଇଓ ନରେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ଦୁଃଶାସନ ସିଂ,



ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ମଳିକ, ଅତିରିକ୍ତ ଯନ୍ତ୍ରୀ ରୁଦ୍ରନାରାୟଣ ମାଝୀ, ଏପିଓ ଅନୁରାଧା ମଳିକ, ବ୍ଲକ ସାମାଜିକ ସମୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ୧୧ ପଞ୍ଚାୟତର ପିଇଓ ଏବଂ ଏଡିଓପିଏ ଓ ଗାଁ ସାଥୀ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବ୍ଲକରେ ଥିବା ଆଇଟିଡିଏ ବ୍ୟତିତ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ବନବିଭାଗ ଅଧିକାରୀ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ୧୧ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଠାରୁ ମନରେଗା ସମେତ ସମସ୍ତ ଯୋଜନାର କାର୍ଯ୍ୟ ବିବରଣୀ ଓ ଯୋଜନା ଗୁଡିକର ସମସ୍ୟା ଉପସ୍ଥାପନା କରାଯାଇଥିଲା। ଏଥିସହ ବ୍ଲକର ବିଭିନ୍ନ ଲାଇନ ବିଭାଗ ମୃତ୍ତିକା ସଂରକ୍ଷଣ ଓ ଜଳ ଛାୟା, ବନବିଭାଗ, ଉଦ୍ୟାନ ବିଭାଗ କର୍ମଚାରୀ ନିଜ ନିଜର ମନରେଗା କାର୍ଯ୍ୟ ଓ ଯୋଜନା ଏବଂ ତାହାର ସମସ୍ୟା ବିଷୟରେ ରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷ କରି ବ୍ଲକର ବିଭିନ୍ନ ପଞ୍ଚାୟତରୁ ସମସ୍ୟା ଯଥା ମନରେଗା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ମଧ୍ୟ ଗ୍ରହଣ କରାଯାଇ ଥିଲା। ସେଥିମଧ୍ୟରୁ ବ୍ଲକର ମାତ୍ର ୪ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିବା ଜିଲ୍ଲା ସାମାଜିକ ସମୀକ୍ଷକ ଘୋଷଣା କରିଥିଲେ। ଏହି ବାବଦରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଠୋର ପଦକ୍ଷେପ ନେବାକୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅଧିକାରୀ ଏଡିସନାଲ ଇଓ ନରେନ୍ଦ୍ର ନାୟକ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ ତାହାର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇବା ସହ ଜନ ଶୁଣାଣିର ମହତ୍ୱ ବିଷୟରେ କହିଥିଲେ। ଜନଶୁଣାଣିକୁ ଆସିଥିବା ଅଭିଯୋଗର ଯଥାଶୀଘ୍ର ୩ରୁ ୪ ସପ୍ତାହ ମଧ୍ୟରେ ସମାଧାନ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଭୁବନେଶ୍ୱର ସିଟି



## ବରମୁଣ୍ଡାରେ ପୂଜା ପ୍ରସ୍ତୁତି

# କାଳ୍ପନିକ ତୋରଣରେ ବିରାଜିବେ ଦୁର୍ଗା

ଭୁବନେଶ୍ୱର, ୧୬।୯(ସମିସ): ପ୍ରତିବର୍ଷ ଭଳିକିଭଳି ଆକର୍ଷଣୀୟ ତୋରଣ ନିର୍ମାଣ କରି ଚର୍ଚ୍ଚାରେ ରହୁଥିବା ବରମୁଣ୍ଡା ଦୁର୍ଗାପୂଜା କମିଟି ପକ୍ଷରୁ ଏଥର ମଧ୍ୟ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଉଛି। ଯଦିଓ ଚଳିତ ବର୍ଷ କୌଣସି ଥିମ୍ କୁ ନେଇ ତୋରଣ କରାଯାଉ ନାହିଁ କିନ୍ତୁ ଏକ କାଳ୍ପନିକ ତୋରଣରେ ବିରାଜିମେ ମା’ ଦୁର୍ଗା। ୨୬ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବରମୁଣ୍ଡା ଦୁର୍ଗାପୂଜା ପାଇଁ କମିଟି ପକ୍ଷରୁ ଚାଲିଛି ଜୋରଦାର ପ୍ରସ୍ତୁତି। ଆଶ୍ୱିନ ମାସର ଆଗମନରେ ମା’ଙ୍କ ଆବିର୍ଭାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଛି। ଏଥର ପୂଜାକୁ ନେଇ ରାଜଧାନୀ ଚଳଚଞ୍ଚଳ ହୋଇଥିବା ବେଳେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଭିନ୍ନ ଓ ନିଆରା



ତୋରଣ ନିର୍ମାଣ କରି ଭକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ କମିଟି। ଚଳିତ ବର୍ଷ ପୂଜା ବଜେଟ୍ ରହିଛି ୪୫ଲକ୍ଷ।

ଚଳିତ ବର୍ଷ ତୋରଣର ଉଚ୍ଚତା ୮୦ ଫୁଟ ରହିଥିବା ବେଳେ ଚଉଡ଼ା ରହିଛି ୧୨୦ ଫୁଟ। ୩୦ରୁ ଊର୍ଦ୍ଧ୍ୱ କାରିଗର ଲାଗିଥିବା ବେଳେ ବଙ୍ଗୀୟ କାରିଗରମାନେ ୧୪ ଫୁଟ୍ ଉଚ୍ଚତା ବିଶିଷ୍ଟ ମା’ଙ୍କ ମୂର୍ତ୍ତି ନିର୍ମାଣରେ ଲାଗି ଥିବା ବେଳେ ପରିବେଶ ଅନୁକୂଳ ରଙ୍ଗ ବ୍ୟବହାର କରାଯାଉଛି। ସେହିପରି ମା’ଙ୍କ ମସ୍ତକରେ ଚାନ୍ଦି ମୁକୁଟ ଓ ସୁନାର ସିନ୍ଥି ପରିଧାନ କରାଯିବା ସହ ପାର୍ଶ୍ୱ ଦେବାଦେବୀ ପାଦରେ ପିନ୍ଧିବେ ରୂପା ପାଉଁଜି। ପ୍ରତିବର୍ଷ ଭଳି ରଙ୍ଗବେରଙ୍ଗ ଆଲୋକମାଳାରେ ମଧ୍ୟ ସାମାଜିକ ସଚେତନତାଭିତ୍ତିକ ବାର୍ତ୍ତା ସ୍ଥାନ ପାଇବ ବୋଲି କମିଟି ପକ୍ଷରୁ କୁହାଯାଇଛି।

**ବିଶେଷ ଆକର୍ଷଣ ୬୦ଫୁଟର ରାବଣପୋଡ଼ି**

ମାତ୍ର ୧ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ପୂଜା ଏବେ ୪୫ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହାସହ ପୂଜାକୁ ପଲିଥିନ୍ ମୁକ୍ତ ରଖିବା ସହ ପରିବେଶ ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଷଷ୍ଠୀରେ କଳସ ଯାତ୍ରା ହେଉଥିବା ବେଳେ ସପ୍ତମୀରେ ମା’ଙ୍କର ପୂଜାବିଧି କରାଯିବ। ପପ୍ତମୀରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ସାଙ୍ଗକୁ ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଦହି ପଖାଳ ଭୋଗ ଲାଗି ହେବ। ଦଶମୀ ଦିନ ୬୦ ଫୁଟ୍ ଉଚ୍ଚତାର ରାବଣ ପୋଡ଼ି ହେବ। ଯାହାକି ପୂଜାର ବିଶେଷ ଆକର୍ଷଣ ପାଲଟିବ। ପ୍ରବଳ ଜନସମାଗମକୁ ଲକ୍ଷ୍ୟ କରି ସୁରାକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ମୀନା ବଜାରର ମଧ୍ୟ ଆୟୋଜନ ହୋଇଛି। ସେହିପରି ୪ଦନି ଧରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକକଳା, ଭଜନ, ଘୋଡ଼ାନାଚ ପ୍ରଦର୍ଶନ ହେବ।



ଭକ୍ତମାନେ କିଭଳି ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବେ, ସେଥିପ୍ରତି ଆମେ ବିଶେଷ ଯତ୍ନବାନ ହେବୁ। ଅସାମାଜିକ ବ୍ୟକ୍ତି ଓ ପକେଟ୍‌ମାର୍‌ଙ୍କ ଉପରେ ନଜର ରଖିବା ପାଇଁ ୨୦ଟି ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯିବ। ଏହାସହ ଟ୍ରାଫିକ୍ ପରିଚାଳନା ଓ ପୂଜା ମଣ୍ଡପରେ ସଠିକ୍ ଭାବେ ଦର୍ଶନ ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ ରଖାଯିବ। ସେମାନଙ୍କ ଯୋଗାଯୋଗର ସୁବିଧା ପାଇଁ ୱାକିଟକିର ବ୍ୟବସ୍ଥା କରାଯାଇଛି।

-ରାମଚନ୍ଦ୍ର ରଣସିଂହ, ସଭାପତି



ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ସନ୍ଧ୍ୟାରେ ହେଉଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ସପ୍ତମୀ ଦିନ ୫ହଜାର ଲୋକଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ମା’ଙ୍କୁ ଦର୍ଶନ କରିବା ସହ ବିନା ମୂଲ୍ୟରେ ପ୍ରସାଦସେବନ କରିବେ। ସେହିପରି ପାରମ୍ପରିକ ଭସାଣ ଉତ୍ସବ ଅନୁଷ୍ଠିତ ହେବ। କମିଟି ପକ୍ଷରୁ ନିଜସ୍ୱ ଭସାଣ ଶୋଭାଯାତ୍ରା ବରମୁଣ୍ଡାରୁ ବାହାରି ଜାଗମରା ଦେଇ ଡେଲ୍‌ଟା ଛକରେ କୃତ୍ରିମ ପୋଖରୀରେ ମା’ଙ୍କ ବିସର୍ଜନ କରାଯିବ।

-ନରେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ

## ଆସୁଛନ୍ତି ମା’



### ସାର୍ବଜନୀନ ଦୁର୍ଗାପୂଜା ସମିତି ବାଲିଅନ୍ତା ହଂସପାଳ

# ତୋରଣରେ ଝଲସିବ ମାଆଙ୍କ ଯୁଗଳ ନୟନ

ହଂସପାଳ, ୧୬।୯(ସମିସ): ଚଳିତ ବର୍ଷ ସାର୍ବଜନୀନ ଦୁର୍ଗାପୂଜା ସମିତି ବାଲିଅନ୍ତା ହଂସପାଳ ପକ୍ଷରୁ ମା’ଙ୍କ ପୂଜା ଧୁମ୍‌ଧାମରେ ପାଳନ କରାଯିବ। ଏଥିପାଇଁ କୁଆଖାଇ ନଦୀରୁ ମାଟି ଅନୁକୂଳ କାର୍ଯ୍ୟ ସରିଛି। ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ସ୍ଥାନୀୟ ଅଞ୍ଚଳର ୫ ଜଣ କାରିଗର ନିୟୋଜିତ ହୋଇଛନ୍ତି। ସୁଉଚ୍ଚ ତୋରଣ ସାଙ୍ଗକୁ ଚିତ୍ତାକର୍ଷକ ଆଲୋକ ମାଳାରେ ଝଲସିବ ପୂଜା ମଣ୍ଡପ। ଏଥର ତୋରଣରେ ରହିଛି ମାଆଙ୍କ ଯୁଗଳ ନୟନ। ଏ ବର୍ଷ ମଣ୍ଡପରେ ତୃତୀୟ ବର୍ଷ ଜଗଜ୍ଜନନୀ ମା ଦୁର୍ଗାଙ୍କର ପୂଜା କରାଯିବ। ୨୮ ରବିବାର ତପଃଷଷ୍ଠୀ ବିଲ୍ୱବରଣ, ୨୯ ସୋମବାର ମହାସପ୍ତମୀ ପୂଜା, ୩୦ ମଙ୍ଗଳବାର ମହାଷ୍ଟମୀ ପୂଜା, ୧ ବୁଧବାର ମହାନବମୀ ପୂଜା, ୨ ଗୁରୁବାର ବିଜୟା ଦଶମୀପୂଜା-ଅପରାଜିତା ଓ ହୋମ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ଷଷ୍ଠୀ ଠାରୁ ପ୍ରତ୍ୟହ ସନ୍ଧ୍ୟା ୭ ଘଟିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ଏବଂ ୩ ଶୁକ୍ରବାର ଭସାଣ ଉତ୍ସବ ଦିନ ୧୦ଟାରୁ ଆରମ୍ଭ ହୋଇ ପାରମ୍ପରିକ ବାଦ୍ୟ ସହ କୁଶୁଗାଡ଼ିଆ ମଠ ଠାରୁ ପ୍ରମୁଖ ଛକ, ବଜାର ଏବଂ ଗ୍ରାମ ପରିକ୍ରମା କରିବ। ପ୍ରଶାସନ ପକ୍ଷରୁ କୁଆଖାଇ ନଦୀରେ କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ବରିଷ୍ଠ ନାଗରିକ, ଶିଶୁ ଓ ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପୂଜାକୁ ଶାନ୍ତିଶୃଙ୍ଖଳା ସହ ସମାପନ ପାଇଁ କମିଟି ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନିୟୋଜନ କରାଯିବ। ଏହି ପୂଜାର ବିଶେଷ ଆକର୍ଷଣ ହେଉଛି ଏଠାକୁ ଆଖପାଖ ଅଞ୍ଚଳର ୧୫ଟି ଗାଁର ଲୋକଙ୍କ ସମେତ ଭୁବନେଶ୍ୱର ସହରରୁ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ଭାଇଚାରାର ମନୋଭାବ ନେଇ କାମ କରିଥାନ୍ତି।




ବାଲିଅନ୍ତା ହଂସପାଳ ଭାଇଚାରାକୁ ନେଇ ଏହି ପୂଜା ବହୁ ଆଡମ୍ବର ସହ ପାଳନ ହୋଇଥାଏ। ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କମିଟି ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ।

ପୃଥିରାଜ ମୁଦୁଲି(ସମ୍ପାଦକ)



ଚଳିତ ବର୍ଷ ମା’ଙ୍କ ପୂଜାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରାଯିବ। ମଣ୍ଡପର ଚତୁପାର୍ଶ୍ୱରେ ସିସିଟିଭି ଲଗାଯିବ। ମହିଳା, ଶିଶୁ ଓ ବରିଷ୍ଠନାଗରିକଙ୍କ ଦର୍ଶନ ପାଇଁ ଅଧିକା ଗୁରୁତ୍ୱ ଦିଆଯିବ।

-ରାଜେଶ କୁମାର ସାହୁ (ସଭାପତି)



# ମୁମ୍ବାଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ‘ଲହରୀ’ ମନୋନୀତ



ଭୁବନେଶ୍ୱର, ୧୬।୯(ସମିସ): ବହୁ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର ‘ଲହରୀ’ ମୁକ୍ତିଲାଭ କରିଥିବା ବେଳେ ଷଷ୍ଠ ମୁମ୍ବାଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ମନୋନୀତ ହୋଇଛି। ଆସନ୍ତା ୨୫ ତାରିଖରେ ଏହା ପୁନେ ସ୍ଥିତ ନ୍ୟାସନାଲ ଫିଲ୍ମ ଆର୍କାଇଭରେ ପ୍ରଦର୍ଶିତ ହେବ। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ତରଫରୁ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ସହାୟତାରେ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବ ପାଇଁ ଓଡ଼ିଆ ଫିଲ୍ମ ‘ଲହରୀ’ ମନୋନୀତ ହୋଇଥିବା କହିଛନ୍ତି ପ୍ରଯୋଜିକା ଝିଲିକଭଟ୍ଟାଚାର୍ଯ୍ୟଓନିର୍ଦ୍ଦେଶକଅମର୍ତ୍ତ୍ୟଭଟ୍ଟାଚାର୍ଯ୍ୟ।ତେବେପୂର୍ବରୁକୋଲକାତାଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବ, ଆଇଜଲାଣ୍ଡ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ତସବିର ଚଳଚ୍ଚିତ୍ର ମହୋତ୍ସବରେ ପୁରସ୍କାର ଓ ପ୍ରଶଂସା ଲାଭ କରିଛି।

# ‘ଅଜେୟ’ର ପ୍ରଚାର କଲେ ଓଲିଉଡ ଅଭିନେତା



ଭୁବନେଶ୍ୱର, ୧୬।୯(ସମିସ): ଯୋଗୀ ଆଦିତ୍ୟ ନାଥଙ୍କ ଜୀବନ କାହାଣୀକୁ ନେଇ ଆସନ୍ତା ୧୯ ସେପ୍ଟେମ୍ବରରେ ସର୍ବ ଭାରତୀୟ ସ୍ତରରେ ମୁକ୍ତିଲାଭ କରିବାକୁ ଯାଉଥିବା ହିନ୍ଦୀ ଚଳଚ୍ଚିତ୍ର ‘ଅଜେୟ : ଦ ଅନଟୋଲ୍ଡ ଷ୍ଟୋରୀ ଅଫ ଏ ଯୋଗୀ’। ଯୋଗୀଙ୍କ ଜୀବନ କାହାଣୀକୁ ନେଇ ଶାନ୍ତନୁ ଗୁପ୍ତାଙ୍କ ରଚିତ ‘ଦ ମୋଙ୍କ ହୁ ବିକେମ୍ ଚିଫ୍ ମିନିଷ୍ଟର’ ପୁସ୍ତକରୁ ଆଧାରିତ ଏହି କାହାଣୀ ଜଣେ ସାଧାରଣ ପିଲାର ଶୈଶବରୁ ସଂଘର୍ଷ ଏବଂ ଶେଷରେ ମୁଖ୍ୟମନ୍ତ୍ରୀର ଯାତ୍ରା ସମ୍ପର୍କରେ ଦର୍ଶାଯାଇଛି। ଏହି ସିନେମାକୁ ଓଲିଉଡ୍ ଅଭିନେତା ବବି ମିଶ୍ର ପ୍ରଚାର ଓ ପ୍ରସାର ଆରମ୍ଭ କରିଛନ୍ତି। ଏ ନେଇ ସେ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ପଦୋଦକ ସାମଲ ଏବଂ ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଭୁବନେଶ୍ୱର, ୧୬।୯(ସମିସ): ପୁରୀ ନୟାହାଟ ହାଇସ୍କୁଲ ୧୯୭୯ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଧର ସାହୁ, ଗୌରାଙ୍ଗ ସାହୁ, ବାସନ୍ତି ଦାସ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀଙ୍କୁ ଯେଗାଯୋଗ କରିଥିଲେ। ଏହି ଅବସରରେ ପ୍ରଭାତ କୁମାର ସାହୁ, ନିବେଦିତା ମିଶ୍ର ସଙ୍ଗୀତ ପରିବେଷଣ କରିଥିବା ବେଳେ ପ୍ରଦୀପ୍ତ ସାହୁ ଓ ବିଭୁ ପ୍ରସାଦ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

# ୧୯ରୁ ଆସିବେ ୨୨ ରାଜ୍ୟ, ୧୦ ଦେଶର ପ୍ରତିନିଧି

ଭୁବନେଶ୍ୱର, ୧୬।୯(ସମିସ): ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ ୧୫ ବର୍ଷର ସଫଳ ପ୍ରଦର୍ଶନୀ ଟ୍ରେଡ୍ ଶୋ’ ଅଭିଜ୍ଞତା ସହିତ, ଏଥର ପୂଜା ବଜାରକୁ ନେଇ ଆସୁଛି ଦ୍ୱାଦଶ ଭୁବନେଶ୍ୱର ଆନ୍ତର୍ଜାତିକ ବାଣିଜ୍ୟ ମେଳା ୨୦୨୫। ଏହା ଭୁବନେଶ୍ୱରସ୍ଥିତ ଜନତା ମୈଦାନଠାରେ ଆସନ୍ତା ୧୯ରୁ ୨୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଦେଶ ବିଦେଶର ସାମଗ୍ରୀ ଏଥର ପୁଣି ଥରେ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାକୁ ସ୍ୱତନ୍ତ୍ର ପରିଚୟ ଦେବ ବୋଲି କୁହାଯାଇଛି। ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ଦେଶର ଅଂଶଗ୍ରହଣ କରିବେ। ଏହା ଏକ ପ୍ରକୃତରେ ବିଶ୍ୱସ୍ତରୀୟ ବାଣିଜ୍ୟ ମେଳା, ଯାହା ବିଶ୍ୱର ବିଭିନ୍ନ ଅଞ୍ଚଳର ୧ ଲକ୍ଷରୁ ଅଧିକ ଜାତୀୟ ଓ ଆନ୍ତର୍ଜାତିକ ଉତ୍ପାଦଗୁଡ଼ିକୁ ଗୋଟିଏ ସ୍ଥାନରେ ମିଳିବ। ସେଥିମଧ୍ୟରେ କାଶ୍ମୀରୀ ଫର୍ନିଚର, କାର୍ଡିଙ୍ଗ୍ ଫର୍ନିଚର, ଆଣ୍ଟିକ ଫର୍ନିଚର୍, ସୋଫା ସେଟ୍, ଡାଇନିଂ ସେଟ୍ ଏବଂ କାର୍ଡିଙ୍ଗ୍ ଝୁଲା ଇତ୍ୟାଦି ରହିଛି। ସେହିଭଳି ଆଫଗାନିସ୍ତାନର ଶହେ ପ୍ରକାରର ଡ୍ରାଇଫ୍ରୁଟସ, ଜର୍ମାନୀ ଲ୍ୟାମ୍ପ ବାଂଲାଦେଶରୁ ଜାମଦାନି ଶାଢୀ, ଇରାନରୁ ଇରାନି ଖଜୁର, ଗହଣା ଏବଂ ହର୍ବାଲ ହେଲ, ଦୁବାଇ ପୋଷାକ, ପରଫ୍ୟୁମ୍ ଓ ଥାଇଲାଣ୍ଡରୁ ଗହଣା, ଜୋତା ଏବଂ କୋରିଆର ଲେଡିଜ୍ ଆସେସୋରିଜ୍ ସାଙ୍ଗକୁ ମାଲେସିଆନ୍ ଫାଉଣ୍ଟେନ୍ ଆଦି କେତେକଣ ଦେଖିବାକୁ ମିଳିବ। ସେହିଭଳି ସମସ୍ତ ଭାରତୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀ ଏହି ବାଣିଜ୍ୟ ମେଳାରେ ସାମିଲ ହବ। ଏକ ଫୁଡ ଜୋନ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏନେଇ ରେଡକ୍ରସ ଭବନଠାରେ ଅନୁଷ୍ଠିତ ଏକ




ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟ ଗୁପ୍ତା, ଉପଦେଷ୍ଟା ରଶ୍ମିରଞ୍ଜନ କାନୁନଗୋ, ବିର ବାହାଦୁର ସିଂ ପ୍ରମୁଖ ସୂଚନା ଦେଇଛନ୍ତି।

# ‘ଚାରିଧାମ’ର ଅଡିଓ ଏବଂ ଟ୍ରେଲର୍ ରିଲିଜ୍

ଭୁବନେଶ୍ୱର, ୧୬।୯(ସମିସ): ଦଶହରାରେ ମୁକ୍ତିଲାଭ କରିବାକୁ ଥିବା ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ଅଭିନୀତ ଚଳଚ୍ଚିତ୍ର ‘ଚାରିଧାମ :ଏ ଜର୍ଣ୍ଣି ଉଇଦିନ୍’ ର ଅଡିଓ ଏବଂ ଟ୍ରେଲର୍ ରିଲିଜ୍ କାର୍ଯ୍ୟକ୍ରମ ସ୍ଥାନୀୟ ରେଲୱେ ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଭବ ମହାନ୍ତିଙ୍କ ସମେତ ପ୍ରଯୋଜକ ହିମାଦ୍ରୀ ତନୟ ଦାସ, ଲେଖକ, ନିର୍ଦ୍ଦେଶକ ତାପସ ସରଘରିଆ, କଳାକାର, ସଙ୍ଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ, ବୈଦ୍ୟନାଥ ଦାଶ, କଣ୍ଠଶିଳ୍ପୀଙ୍କ ସମେତ କ୍ୟାମେରାମ୍ୟାନ ଓ ଚଳଚ୍ଚିତ୍ରର ଟିମ୍ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ପିଲାମାନଙ୍କୁ ସମ୍ମାନିତ କରାଯାଇଥିଲା। ସିନେମାର ଶୀର୍ଷକ ସଙ୍ଗୀତଜ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ପରିବେଷଣ କରିଥିବା ବେଳେ ସିନେମାର ମୁଖ୍ୟ ନାୟକ ଅନୁଭବ ମହାନ୍ତି ଏବଂ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରାଙ୍କ ମା’ଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଅଶୋକ ଦାସ, ସୁକାନ୍ତ ରଥ, ଅନୁରାଧା ପାଣିଗ୍ରାହୀ, ଗୌରବ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।(ସୁମିତ୍ରା)



## • ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ

# ସାମିଲହେବେ ୟୁରୋପ, ଆମେରିକୀୟ ଗବେଷକ




ଭୁବନେଶ୍ୱର, ୧୬।୯(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟକଳା ବିଭାଗ ଆନୁକୂଲ୍ୟରେ ଏକ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ‘ଗ୍ରାମୀଣ ପ୍ରତିଧ୍ୱନି: କଳା, ପରିଚୟ ଓ ପରିବର୍ତ୍ତିତ ବିଶ୍ୱ’ ବିଷୟ ଉପରେ ଆଧାରିତ ଏହି ସମ୍ମିଳନୀକୁ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରି ଗ୍ରାମୀଣ ସଂସ୍କୃତି, କଳା ଓ ପରିଚୟ ସହ ବିଶ୍ୱସ୍ତରରେ ଦେଖାଯାଉଥିବା ସାଂସ୍କୃତିକ ଆଦାନ-ପ୍ରଦାନ ଉପରେ ଶୈକ୍ଷିକ ଚର୍ଚ୍ଚା କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ରାଜେଶ କରନାଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ଜୀବନ ଓ କଳା ମାନବ ସଂସ୍କୃତିର ମୂଳଅଂଶ ବୋଲି କହିବା ସହ ଗ୍ରାମ୍ୟ କଳାରେ ଅନ୍ତର୍ନିହିତ ସୃଜନଶୀଳତା, ପରିଚୟ ଓ ବିଶ୍ୱଦରବାରରେ ଏହାର ପ୍ରସାର ନିମନ୍ତେ ସାମ୍ପ୍ରତିକ କଳାକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ, ବିଶ୍ୱଭାରତୀ ଶାନ୍ତି ନିକେତନର ପ୍ରଫେସର ସଞ୍ଜୟ କୁମାର ମଲ୍ଲିକ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦୋଷ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଦୁଇଦିନ ବ୍ୟାପୀ ହେବାକୁ ଥିବା ଏହି ସମ୍ମିଳନୀରେ ୟୁରୋପ ଓ ଆମେରିକା ସମେତ ଭାରତର ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟରୁ ଶିକ୍ଷାବିତ୍, କଳାକାର ଓ ଗବେଷକମାନେ ଯୋଗଦେଇ ବିଭିନ୍ନ ଅଧିବେଶନରେ ଗ୍ରାମୀଣ ଦୃଶ୍ୟକଳା ଓ ଲୋକକଳାର ପ୍ରାସଙ୍ଗିକତା ଓ ବିଶ୍ୱସ୍ତରରେ ଏହାର ପରିଚୟ ନେଇ ବିଶଦ ଆଲୋଚନା କରିବେ। ପ୍ରାରମ୍ଭରେ ପ୍ରଫେସର ଅଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପିକା ଶ୍ରୁତି ମିଶ୍ର।

## ପାର୍ବଣ ଋତୁରେ ପ୍ୟାକେଟ୍ ମିଠା

# ଗ୍ରାହକ ଖୋଜୁଛନ୍ତି ସୁଗାରଫ୍ରି ମିଠା

ଭୁବନେଶ୍ୱର, ୧୬।୯(ସମିସ): ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ମିଠା ବିକ୍ରି ଅହେତୁକ ଭାବେ ବୃଦ୍ଧି ପାଇଛି। ଏଥିପାଇଁ ବିଭିନ୍ନ ପ୍ରକାରର ଫଳମୂଳ ସହିତ ମିଠା ମଧ୍ୟ ଭୋଗ ଲାଗଯାଉଛି। ଏଥିସହିତ ବିଭିନ୍ନ ମଣ୍ଡପ ହେଉକି ଅନୁଷ୍ଠାନ କିମ୍ବା କମ୍ପାନୀରେ କାମ କରୁଥିବା ଲୋକଙ୍କୁ ଭୋଗ ଭାବରେ ମିଠା ପ୍ୟାକେଟ୍ ଦିଆଯାଉଛି। ଯେଉଁଥିପାଇଁ ଆଗରୁ ପାର୍ବଣ ସମୟରେ ଫଳକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ବର୍ତ୍ତମାନ ମିଠା ପ୍ୟାକେଟ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜଧାନୀରେ ମଧୁମେହ ରୋଗୀଙ୍କ ସଂଖ୍ୟାବୃଦ୍ଧିକୁ ଦୃଷ୍ଟିରେ ରଖି ବିଭିନ୍ନ ମିଠା ଦୋକାନରେ ଡାଇବେଟିସ୍ ମିଠାର ଚାହିଦା କ୍ରମେ ବଢ଼ିବାରେ ଲାଗିଛି। ପୂର୍ବାପେକ୍ଷା ଗତ ୫ ବର୍ଷ ମଧ୍ୟରୁ ୩୦ରୁ ୪୦ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଉଛି।

ରାଜଧାନୀରେ ପୂଜା ମାହୋଲ ମଧ୍ୟ ଖୁବ୍ ଜୋରରେ ଦେଖିବାକୁ ମିଳୁଛି। ଏଥିପାଇଁ ହାଟ ବଜାରଠାରୁ ଆରମ୍ଭ କରି ବଡ଼ବଡ଼ ମଲ୍, ଦୋକାନ, ହୋଟେଲ ଆଦିରେ ପାର୍ବଣ ଋତୁରେ ଭିଡ଼ ଦେଖିବାକୁ ମିଳୁଛି। ଏଥିସହିତ ମଧ୍ୟ ବଡ଼ବଡ଼ ମିଠା ଦୋକାନରେ ମିଠା ପାଇଁ ମଧ୍ୟ ଅର୍ଡ଼ର ଦିଆଯାଉଛି। ଫଳଭୋଜ ଗୋଟେ ଦିନରୁ ଅଧିକ ରହିପାରିବ ନାହିଁ। ହେଲେ ଏହି ମିଠା ପ୍ୟାକେଟ୍ ୨ ରୁ ୪ ଦିନ ରହି ପାରିବ। ଯେଉଁଥିପାଇଁ ବିଭିନ୍ନ ଅନୁଷ୍ଠାନ,

**୧୦ଟି ମିଠାକୁ ୨ ଶହରୁ ୨ ହଜାର ଟଙ୍କା**



ଇଣ୍ଡଷ୍ଟ୍ରି, ପୂଜା ମଣ୍ଡପଗୁଡ଼ିକରେ ପ୍ୟାକେଟ୍ ମିଠା ଭୋଗକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପ୍ୟାକେଟ୍ ମିଠାରେ ଗୋଲାପଜାମୁନ, ମୋତିଚୁର ଲଡ୍ଡୁ, ବୁନ୍ଦି ଲଡ୍ଡୁ, ବାଦାମ ଲଡ୍ଡୁ, ସାକର, କ୍ଷୀରଗଜା, ବାଦାମ ବର୍ଫି, କାଜୁ କିଟି, ସୋନପାପୁଡ଼ି, ମଲାଇ ଖଜା, ଝଲ୍ଲୀ ପରି ଆହୁରି ଅନେକ ମିଠା ମଧ୍ୟ ରହୁଛି। ଗୋଟିଏ ପ୍ୟାକେଟ୍‌ରେ ସମୁଦାୟ ୧୦ରୁ ୧୫ଟି ମିଠା ରହୁଛି। ଏହି ପ୍ୟାକେଟ୍‌ର ଦାମ୍ ଅତି କମ୍‌ରେ ୨୦୦ ଟଙ୍କାରୁ ଆରମ୍ଭ ହୋଇ ସର୍ବାଧିକ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ମିଠା ପ୍ୟାକେଟ୍ ପାଇଁ ପନ୍ଦର ଦିନ ଆଗରୁ ଅର୍ଡ଼ର ଦବାକୁ ପଡୁଛି। ଏଥିସହିତ କେହି କେହି ମଧ୍ୟ ଝୁରା ବୁନ୍ଦି ପ୍ରାୟ ୨୦ରୁ ୩୦ କିଲୋ ପାଇଁ ବରାଦ କରୁଛନ୍ତି। ଯଦି ଅଧିକ ନେବା ପ୍ୟାକେଟ୍ ଦାମ ଅଧିକ ହୋଇଥାଏ। ବଡ଼ ବଡ଼ ଇଣ୍ଡଷ୍ଟ୍ରି, ଅନୁଷ୍ଠାନ, ପୂଜା ମଣ୍ଡପ ଆଦି ପକ୍ଷରୁ ପ୍ରାୟ ୩ ହଜାରରୁ ୪ ହଜାର ଅର୍ଡ଼ର ମିଠା ପ୍ୟାକେଟ୍ ପାଇଁ ଦିଆଯାଉଛି। ଫଳରେ ପ୍ୟାକେଟ୍ ମିଠା ଭୋଗ ଭାବରେ ସମସ୍ତଙ୍କୁ ଦେବାକୁ ବହୁତ ସୁବିଧା ହେଉଅଛି। ଏବେ ରାଜଧାନୀରେ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ରାଜଧାନୀର ପ୍ରମୁଖ ବଡ଼ବଡ଼ ମିଠା ଦୋକାନଠାରୁ ଆରମ୍ଭ କରି ଛୋଟବଡ଼ ଦୋକାନଗୁଡ଼ିକରେ ମଧ୍ୟ ଡାବେଟିସ୍ ମିଠା ବିକ୍ରି ହେଉଛି। ଫଳରେ ମିଠାପ୍ରିୟ ଲୋକେ ଡାଇବେଟିସ୍ ମିଠା କିଣୁଥିବା ପରିଲକ୍ଷିତ ହେଉଛି।

ମିଠା ବରାଦ ଆସିବା ବଡ଼ କଥା ନୁହେଁ ମିଠାକୁ ଠିକ୍ ସମୟରେ ଡ଼େଲିଭରି ଦବା ସହିତ ମିଠାର କ୍ୱାଲିଟି ଭଲ ରହିବା ଦରକାର। ଫଳରେ ଅନ୍ୟ ଥରକୁ ଗ୍ରାହକ ପୁଣିଥରେ ଅର୍ଡ଼ର ଦେବେ ବୋଲି ସୂର୍ଯ୍ୟ ନଗରର ଭେନସ୍ ମିଠା ଦୋକାନର ମ୍ୟାନେଜର କହିଛନ୍ତି। ଗୋଟେ ଗୋଟେ କମ୍ପାନୀ ହେଉକି ଇଣ୍ଡଷ୍ଟ୍ରି ପକ୍ଷରୁ ପ୍ରାୟ ୨ ହଜାରରୁ ଅଧିକ ମିଠା ପ୍ୟାକେଟ୍ ପାଇଁ ବରାଦ ଆସୁଅଛି। ଗଣେଶ ପୂଜା ହେଉକି ବିଶ୍ୱକର୍ମା ପୂଜାରେ ଅଧିକ ଅର୍ଡ଼ର ଆସୁଛି। ବୋଲି ସୌଭାଗ୍ୟ ନଗରରେ ଥିବା ନରୁଲା ସୁଇଟସ୍‌ର ଜଣେ କର୍ମଚାରୀ କହିଛନ୍ତି।

## ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ବିଭିନ୍ନ ସମସ୍ୟାକୁ ନେଇ ଆପ୍ ପକ୍ଷରୁ ଧାରଣା ଜାରି

ଢେଙ୍କାନାଳ,୧୬।୯(ସମିସ):



ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟାକୁ ନେଇ ଆମ ଆଦମୀ ପାର୍ଟୀ(ଆପ୍) ପକ୍ଷରୁ ଗଣଧାରଣାକୁ ୨ୟ ଦିନରେ ପହଞ୍ଚିଥିବା ବେଳେ ଧାରଣା ଜାରି ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଏହି ଧାରଣା ପ୍ରତ୍ୟାହୃତ କରିବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ମାତ୍ର ସିଡିଏମଓଙ୍କ ସନ୍ତୋଷଜନକ ଉତ୍ତର ନମିଳିବାରୁ ଏହି ଧାରଣା ଜାରି ରହିବ ବୋଲି ଆପ୍ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କ ସହିତ ପରିଚାଳନା ଅଧିକାରୀ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଆପ୍ କର୍ମକର୍ତ୍ତାମାନଙ୍କୁ ଧାରଣାରୁ ଓହରି ଯିବାପାଇଁ ଅନୁରୋଧ କରିଥିଲେ। ଚିକିତ୍ସାଳୟରେ ବିଭିନ୍ନ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ନ ମିଳିବାରୁ ରୋଗୀମାନେ କଟକ ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସରକାରଙ୍କ ଗୋପବନ୍ଧୁ ଜନକଲ୍ୟାଣ ଯୋଜନା ବା ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ ନଥିବାର ଜାଣିବାକୁ ମିଳିଥିଲା। ଚିକିତ୍ସାଳୟରେ ସାଧାରଣ ଲୋକ ଫଟୋ ବା ଭିଡିଓ ଉତ୍ତୋଳନ କରିପାରିବେ ନାହିଁ ବୋଲି ବାରମ୍ବାର ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଇଶାନି ମୈତ୍ର ପ୍ରକାଶ କରିଥିଲେ। ଏହାଦ୍ୱାରା ରୋଗୀମାନଙ୍କର ପ୍ରାଇଭେସି ଲିକ୍ ହେବ ବୋଲି ବାହାନା ଦେଖାଇଥିଲେ। କିନ୍ତୁ ଗତ ୨ମାସ ପୂର୍ବରୁ ସବୁ ଫଟୋ ଓ ଭିଡିଓ ହେଉଥିଲା। ଏହା ବାହାନା କରାଯାଉଛି ବୋଲି ଆପ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲ୍ଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମାଧାନ ହୋଇପାରି ନାହିଁ ବୋଲି ଅଭିଯୋଗ ହେଉଛି। ଗଣଧାରଣାରେ ରାଜ୍ୟ ସୋସିଆଲ ମିଡିଆ ସମ୍ପାଦକ ବିଷ୍ଣୁପ୍ରସାଦ ପଣ୍ଡା, ଅନୁଗୁଳ ଜିଲ୍ଲା ସଭାପତି ବିକ୍ରମ ରାଉତ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ଉପସ୍ଥିତ ରହି ଚିକିତ୍ସାଳୟରୁ ମୁହଁ ଫେରାଇ ଯାଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ବିଭିନ୍ନ ସମସ୍ୟା ଅବଗତ ହୋଇଥିଲେ। ଜିଲ୍ଲା ସଭାପତି ରମେଶ ପଣ୍ଡାଙ୍କ ନେତୃତ୍ୱରେ ୨ୟ ଦିନର ଧାରଣାସ୍ଥଳରେ ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସ, ଚିତ୍ତରଞ୍ଜନ ପାଣି, ଶାନ୍ତନୁ ନନ୍ଦ, ପିତାମ୍ବର ସାମନ୍ତରାୟ, ଦେବାଶିଷ ନାଏକ, ସନ୍ତୋଷ ଖୁଣ୍ଟିଆ, ରାଜେଶ ସରକାର, ପ୍ରସନ୍ନ ତ୍ରିପାଠୀ, ସଦର ବ୍ଲକ ଉପସଭାପତି ପ୍ରସନ୍ନ ବରାଳ, ଜୟନ୍ତ ଦାସ ପ୍ରମୁଖ ଏହି ଗଣଧାରଣାରେ ଉପସ୍ଥିତ ରହିଥିଲେ।

## ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ଆଲୋଚନା




ଯୋରନ୍ଦା,୧୬।୯(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀସ୍ଥିତ ଶ୍ରୀଧର ସ୍ୱାମୀ ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନଙ୍କ ପୌରହିତରେ ଯୁବ ରେଡକ୍ରସ ଓଡିଶା ଶାଖା ପକ୍ଷରୁ ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ପବିତ୍ର ମୋହନ ମହାପାତ୍ର ପ୍ରାଥମିକ ଚିକିତ୍ସା ଉପରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସଭାରେ ଅଧ୍ୟାପକ ଡଃ ଅରୁଣୋଦୟ ସ୍ୱାଇଁ ଜଳବାୟୁ ପରିବର୍ତ୍ତନ ଉପରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଶାନ୍ତିଲତା ପାଣିଗ୍ରାହୀ, ଅଧ୍ୟାପକ ମହାବୀର ସାହୁ, ଖେଳ ଶିକ୍ଷକ ସରୋଜ କୁମାର ମହାପାତ୍ର ଓ ଶିକ୍ଷା ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ସଭା ପରିଚାଳନାରେ ସାହାଯ୍ୟ କରିଥିଲେ।

## ହିନ୍ଦୋଳ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗରେ ସ୍ୱାଗତ ସମାରୋହ



ଢେଙ୍କାନାଳ,୧୬।୯(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ + ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ବିଭାଗୀୟ ମୁଖ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଛାତ୍ର ପାଇଁ ଶୃଙ୍ଖଳା ହେଉଛି ମହାଧନ ଏବଂ ମହାଜ୍ଞାନ, ତେଣୁ ପ୍ରତ୍ୟେକ ଛାତ୍ର ଅବସ୍ଥାରୁ ଶୃଙ୍ଖଳିତ ଜୀବନ ଯାପନ କରିପାରିଲେ ସମାଜ ସମୃଦ୍ଧି ତଥା ଉନ୍ନତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଇଂରାଜୀ ବିଭାଗ ଅଧ୍ୟାପକ ଦିଲ୍ଲୀପ କୁମାର ଗଡ଼ନାୟକ, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଓ ସିଭିଲ ଡିଫେନ୍ସ ଏବଂ ଓସଡମାର ମାଷ୍ଟର ଟ୍ରେନର ବିଙ୍କୁ ବିଶ୍ୱାଳ ଯୋଗଦେଇ ସଫଳ ଛାତ୍ରଛାତ୍ରୀ ଗଠନ ଦିଗରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଚନ୍ଦନ ବିଶ୍ୱାଳ, ମହେଶ୍ୱର ରାଉତ, ସ୍ନେହା ସାମଲ, ଦିପ୍ତିମୟୀ ସାହୁ, କରିସ୍ମା ସାହୁ ଓ ସ୍ୱସ୍ତିକ ସୋମେଶ ମୁଦୁଲି ପ୍ରମୁଖ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସଂକ୍ଷିପ୍ତ ଭାଷଣ ରଖିଥିଲେ। ଶେଷରେ ବିଭାଗର ଅନ୍ୟତମ ଅଧ୍ୟାପକ ସୁକ୍ତପ୍ରିୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନ ଏନ୍ଏସିର ଦ୍ୱାଦଶ ସାଧାରଣ ବୈଠକ



ଭୁବନ,୧୬।୯(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଦ୍ୱାଦଶ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ ନଗରପାଳ ମାନିନୀ ସାହୁଙ୍କ ଅଧ୍ୟକ୍ଷତାରେ ଏନଏସି ସଭାଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କାଉନସିଲରମାନେ ରାସ୍ତା, ଡ୍ରେନ, ଷ୍ଟ୍ରିଟ ଲାଇଟ୍, ପାନୀୟ ଜଳ, ପରିମଳ ଓ ବିଦ୍ୟୁତ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଦଶହରା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ରାସ୍ତା, ଡ୍ରେନ ଓ ବିଦ୍ୟୁତ ସମସ୍ୟାର ସମାଧାନ କରାଯିବ ବୋଲି ନଗରପାଳ ସୂଚନା ଦେଇଥିଲେ। ପୂର୍ବରୁ ଟେଣ୍ଡର ହୋଇଥିବା ସମସ୍ତ କାର୍ଯ୍ୟ କରାଯିବ। ଏନଏସିର ବିକାଶ ପାଇଁ ସବୁ ପ୍ରକାର ସହଯୋଗ ରହିବ ବୋଲି ବିଧାୟକ ଶ୍ରୀ ଜେନା କହିଥିଲେ। ପରିଷଦର ଆୟ ବୃଦ୍ଧି ପାଇଁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ହୋଇଥିବା ଭେଣ୍ଡିଂଜୋନ ଦୋକାନ ଗୃହକୁ ଆବଣ୍ଟନ କରାଯିବାକୁ ଆଲୋଚନା ହୋଇଥିଲା। ଦଶହରା ପୂର୍ବରୁ ରାସ୍ତା ମରାମତି, ରାବଣ ପୋଡ଼ି ସ୍ଥାନ ଓ ଯାତ୍ରା କରାଯାଉଥିବା ରାସ୍ତା ମରାମତି, ବଣିଜାରୀ ପୀଠକୁ ମରାମତି ସହ ଯାତ୍ରା ସମୟରେ ବିଦ୍ୟୁତ କାଟ ବନ୍ଦ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥାକୁ ସୁପରିଚାଳନା କରାଯିବ। ବିଭିନ୍ନ ସ୍ଥାନରେ ସରକାରୀ ଅନୁଦାନରେ ନିର୍ମାଣ ହୋଇଥିବା ପାଠାଗାର ଓ କ୍ଲବର ଜବରଦଖଲ ତଥା ବେଣାଗାଡ଼ିଆ ନିକଟରେ ଏନଏସି ପକ୍ଷରୁ ନିର୍ମାଣ ହୋଇଥିବା ପାଠାଗାରକୁ କର୍ତ୍ତୃପକ୍ଷ ନିଜ ଅଧୀନକୁ ଆଣିବା ପାଇଁ ଜବରଦଖଲ ଉଚ୍ଛେଦ କରାଯିବ। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ସମସ୍ତ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏନଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପରିଚାଳନା କରିଥିଲେ।

## ଗବେଷଣାମୂଳକ ସନ୍ଦର୍ଭ ସମ୍ଭାଷଣର ବ୍ୟାକରଣ ଉନ୍ମୋଚିତ



ଗଁଦିଆ,୧୬।୯(ସମିସ): ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଶାଣ୍ଡିଲ୍ୟ ଭବନରେ ବିଶିଷ୍ଟ ସାହିତ୍ୟିକ, ବରିଷ୍ଠ ସମାଜସେବୀ ତଥା ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି ସିବିଆଇ ଭିକାରୀ ଚରଣ ରାଉତଙ୍କ ରଚିତ ସନ୍ଦର୍ଭ ସମ୍ଭାଷଣର ବ୍ୟାକରଣ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ରାଉତଙ୍କୁ ସନ୍ଦର୍ଭ ରଚନାରେ ପ୍ରେରଣା ପ୍ରଦାନକାରୀ ସୁସାହିତ୍ୟକ ଡ. ପ୍ରମୋଦ ମିଶ୍ର, ପ୍ରକୃତି ବନ୍ଧୁ ହରିହର ସାହୁ, ଭାଗିରଥି ସାହୁ, ନିରୂପମା ଦାସଙ୍କୁ ମୁଖ୍ୟଅତିଥି ଡ. ଭବାନୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ଅତିଥି ତଥା ସାହିତ୍ୟିକ ଶରତ ଚନ୍ଦ୍ର ମିଶ୍ର (ଭରଦ୍ୱାଜ) ସନ୍ଦର୍ଭକୁ ସମୀକ୍ଷା କରି ଲେଖକଙ୍କୁ ପ୍ରଶଂସିତ କରିଥିଲେ। ଲେଖକଙ୍କ ସହଧର୍ମିଣୀ ଉପମା ସାମଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଲେଖକ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସନ୍ଦର୍ଭର ପ୍ରକାଶିକା ଅଧ୍ୟାପିକା ବିଶ୍ୱବାସିନୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ଦର୍ଭର ରଚୟିତାଙ୍କ କନିଷ୍ଠ ପୁତ୍ର ଶ୍ରୀ ରାଉତ ପୁସ୍ତକର ପ୍ରତ୍ୟେକ ଉପାଦେୟତା ଦର୍ଶାଇଥିଲେ।

# ବିଶ୍ୱ ଓଜୋନ ଦିବସ ସମ୍ପର୍କିତ ସଚେତନତା

ପରଜଙ୍ଗ,୧୬।୯(ସମିସ): ବର୍ତ୍ତମାନ ସାମ୍ପ୍ରତିକ ସମାଜରେ ଲୋକ ସଂଖ୍ୟା ବୃଦ୍ଧି ପାଇବା ସାଙ୍ଗକୁ କଳକାରଖାନା ବୃଦ୍ଧି ପାଉଛି। ଏହାଦ୍ୱାରା ଧୀରେ ଧୀରେ ବାୟୁମଣ୍ଡଳ ପ୍ରଦୂଷିତ ହେବାରେ ଲାଗିଛି। ଜଙ୍ଗଲ ହ୍ରାସ, କଳକାରଖାନା ବୃଦ୍ଧି, ବାୟୁମଣ୍ଡଳ ପ୍ରଦୂଷିତ, ଉତ୍ତପ୍ତ ବାୟୁମଣ୍ଡଳ, ଅସ୍ୱାସ୍ଥ୍ୟକର ପରିବେଶ, ଅମ୍ଳଜାନ ପ୍ରଭାବିତ ହେବା ଆଦି ଅନେକ ସମସ୍ୟା ମଧ୍ୟରେ ପୃଥିବୀ ପୃଷ୍ଠରେ ଘେରି ରହିଛି। ଅତୀତରେ ପୃଥିବୀର ପରିବେଶ କଣ ରହିଥିଲା, ବର୍ତ୍ତମାନ କଣ ରହିଛି ଏବଂ ଆଉ ଭବିଷ୍ୟତରେ କଣ ରହିବ ଏହାକୁ ସମୀକ୍ଷା କରିବା ପୂର୍ବରୁ ଆମେ ନିଜକୁ ନିଜେ ସଚେତନତା ଅବଲମ୍ବନ କରିବା ନିତ୍ୟାନ୍ତ ଅପରିହାର୍ଯ୍ୟ। ଉତ୍ତପ୍ତ ବାୟୁମଣ୍ଡଳରୁ ଓଜୋନ ହ୍ରାସ କରି ପୃଥିବୀ ପୃଷ୍ଠରେ ତିଷ୍ଠିରହିବା ପାଇଁ କେତେକ ସମସ୍ୟା ପ୍ରତି ଗୁରୁତ୍ୱାରୋପ କରିବା ଦିଗରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ସଭାଗୃହରେ ବିଶ୍ୱ ଓଜୋନ ଦିବସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ପ୍ରାଧ୍ୟାପକ ବିକାଶ କୁମାର ପ୍ରଧାନ, ବରିଷ୍ଠ ପ୍ରାଧ୍ୟାପିକା ଜୟଯୁକ୍ତା ପଟ୍ଟନାୟକ, ଅଧ୍ୟାପକ ବିଶିକେଶନ କର୍ଣ୍ଣ, ଅଧ୍ୟାପିକା ମୌସୁମୀ ବାଗ, ସୁରଭି ଧାରୁଆ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଅଧ୍ୟାପକ ବିରଞ୍ଚି ନାରାୟଣ ଜେନା, ସମୀର ଭୋଇ, ସିଲୁ ବାରିକ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଜ୍ଞାନିକ ପୃଷ୍ଠରେ ଗ୍ଲୋବାଲ ଆହ୍ୱାନ ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି ପ୍ରାଧ୍ୟାପକ ଶ୍ରୀ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ମୌସୁମୀ ବାଗ ଓ ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଆମକୁ ପରିବେଶ ସ୍ୱଚ୍ଛତା ଦିଗରେ ଗୁରୁତ୍ୱାରୋପ ଦେଇ ବାୟୁ ମଣ୍ଡଳକୁ ପ୍ରଦୂଷଣରୁ ମୁକ୍ତ କରିବା ପାଇଁ ଚାରାରୋପଣ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ଅଧ୍ୟାପିକା ସୁରଭି ଧାରୁଆ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ମୌସୁମୀ ବାଗ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ବିଶିକେଶନ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ମନରେଗାରେ ଅନିୟମିତତା ଅଭିଯୋଗ

କଙ୍କଡାହାଡ,୧୬।୯(ସମିସ): ମନରେଗାରେ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକରେ ମେସିନ ଦ୍ୱାରା କାର୍ଯ୍ୟକରି କିଛି ଠିକାଦାର ଓ ଅଧିକାରୀ ମିଶି ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି। ମକୁଆକାଟେଣି ପଞ୍ଚାୟତ ମାଟି କେନାଲ ଖଜୁରୀଆ, ତରଜଙ୍ଗ ପ୍ଲେ ଗ୍ରାଉଣ୍ଡ, ହଳଦୀକୁଣ୍ଡି ଗ୍ରାମର ବିଜାମୁଣ୍ଡା ମାଟି କେନାଲ କାମ ପ୍ରକୃତ ଲୋକ ନକରି ମେସିନରେ କିଛି କାର୍ଯ୍ୟକରି ଏନଏମଏମଏସ ଆପରେ ଗୋଟିଏ ଫଟୋକପି ମାଧ୍ୟମରେ ଫଟୋ ଉଠାଇ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି। ଯଦି କିଏ ମୁହଁ ଖୋଲିବାକୁ ଚେଷ୍ଟା କରୁଛନ୍ତି, ମିଳୁଛି ମିଥ୍ୟା ମାମଲା କରିବା ଧମକ। ଏହାର ଜିଲ୍ଲାପାଳ ଏବଂ ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ଦୁର୍ଘଟଣାରେ ସମାଜସେବୀଙ୍କ ପରଲୋକ

ଗଁଦିଆ,୧୬।୯(ସମିସ): ଗଁଦିଆ ବ୍ଲକ୍ ଲାଉଲଇ ଗ୍ରାମର ସମାଜସେବୀ ବସନ୍ତ କୁମାର ନାଥ (୫୦)ଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି। ସୋମବାର କଟକ ଜିଲ୍ଲା ବଡ଼ମ୍ବା ଥାନା ଅଧୀନ ଗଡାପୋଖରୀ ଛକଠାରେ ଏକ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ପକ୍ଷ ଉଦ୍‌ଯାପିତ



ଢେଙ୍କାନାଳ,୧୬।୯(ସମିସ): ସ୍ଥାନୀୟ ଶତାୟୁ ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ(ଓଡ଼ିଶା ଶିକ୍ଷା ସେବା ପ୍ରଥମ(ବରିଷ୍ଠ)ଙ୍କ ମାର୍ଗଦର୍ଶନରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନୀତାବାଳା ଷଡଙ୍ଗୀଙ୍କ ସଭାପତିତ୍ୱରେ ବରିଷ୍ଠ ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲଙ୍କ ସଂଯୋଜନାରେ ହିନ୍ଦୀ ପକ୍ଷ ଓ ଦିବସ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଡଃ ଦେବୀପ୍ରସାଦ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡଃ ଅନୁପମା ମିଶ୍ର ଓ ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ଡଃ ମିଶ୍ର ବକ୍ତବ୍ୟରେ ଢେଙ୍କାନାଳ ମାଟିର ସମର କବି ବ୍ରଜନାଥ ବଡଜେନା ହିନ୍ଦୀ ଭାଷାରେ ଉନ୍ନତ ସାହିତ୍ୟ ସୃଷ୍ଟି କରି ସ୍ୱ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ହିନ୍ଦୀ ଭାଷାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବାସହ ଦେଶାତ୍ମବୋଧକ ହିନ୍ଦୀ କବିତା ପାଠ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ପ୍ରତିଯୋଗୀ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ, କାର୍ଯ୍ୟାଳୟ ସହକାରୀ ସୁଦର୍ଶନ ସାହୁ ଓ ଅଜିତ ବାରିକ, ୪ର୍ଥ ଶ୍ରେଣୀ କର୍ମଚାରୀ ବାସୁଦେବ ରଣା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ, ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଏବଂ ବର୍ତ୍ତମାନର ୬୫୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ଅଂଶଗ୍ରହଣ କରିଥିଲେ। ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀ ଅପହରଣ ମାମଲାରେ ଜଣେ ଗିରଫ

ଭୁବନ,୧୬।୯(ସମିସ): ଢେଙ୍କାନାଳ ଜିଲ୍ଲାର ଏକ କଲେଜର +୨ ବିଜ୍ଞାନ ୧ମ ବର୍ଷର ଜୈନିକା ନାବାଳିକା ଛାତ୍ରୀ ଶନିବାର ସକାଳେ ହଷ୍ଟେଲ ଛାଡ଼ି ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଛାତ୍ରୀଙ୍କ ମା' ତାଙ୍କ ଝିଅକୁ ସେହି ଗ୍ରାମର ସାଗର ରାଉତ ହଷ୍ଟେଲରୁ କେଉଁଆଡେ ନେଇ ଯାଇଥିବା ବିଷୟରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ସାଗରଙ୍କୁ କୋର୍ଟକୁ ପଠାଯାଇଥିଲା। ମଙ୍ଗଳବାର ସାଗରକୁ ଜାମିନ ନାମଞ୍ଜୁର ହେବାରୁ କାମାକ୍ଷାନଗର ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଯୁବଗୋଷ୍ଠୀଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ଖଜୁରିଆକଟା,୧୬।୯(ସମିସ): ହିନ୍ଦୋଳ ଉପଖଣ୍ଡ, ରଞ୍ଜଗୋଳ ପଞ୍ଚାୟତ ଖଜୁରିଆ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ଗ୍ରାମ ରାସ୍ତା, ପୋଖରୀ ଓ ହୁଡ଼ାକୁ ସଫା କରାଯାଇଛି। ଖଜୁରିଆକଟା ବଜାରରୁ ପୋଖରୀଦେଇ ଏହି ରାସ୍ତାଟି ପ୍ରାୟ ୫ ଗୋଟି ପଞ୍ଚାୟତକୁ ସଂଯୋଗ କରୁଥିବା ବେଳେ ଏହି ପୋଖରୀହୁଡାରେ କେତେକ ଅସାମାଜିକ ବ୍ୟକ୍ତିମାନେ ଅପରିଷ୍କାର କରିବାସହ ମଳତ୍ୟାଗ କରୁଥିଲେ। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ଗୁରୁତ୍ୱ ଦେଇ ଖଜୁରିଆ ଗ୍ରାମର ଯୁବଗୋଷ୍ଠୀ କୋଡି, କୋଦାଳ ସହ ସକାଳେ ପହଞ୍ଚି ପୋଖରୀ ହୁଡ଼ାକୁ ପରିଷ୍କାର ପରିଛନ୍ନ କରିଥିଲେ। ଏହାସହ ପୋଖରୀ ହୁଡ଼ାରେ ପୋଷ୍ଟର ଲଗାଇ ଲୋକମାନଙ୍କୁ ସଚେତନ କରାଇଥିଲେ। ପୋଖରୀହୁଡାର ଉଭୟ ପାଖରେ ବଉଳ, କଦମ୍ବ, ଅଁଳା, ବର, ତୁଳସୀ, ଜାମ୍ବୁକୋଳି ଓ ଅଶ୍ୱତ୍ଥ ଆଦି ଗଛ ଲଗାଇଥିଲେ। ଯୁବଗୋଷ୍ଠୀଙ୍କ ଏଭଳି ପ୍ରୟାସକୁ ଗ୍ରାମବାସୀ ଓ ସ୍ଥାନୀୟ ବାସିନ୍ଦା ବେଶ ପ୍ରଶଂସା କରିଛନ୍ତି। କାର୍ଯ୍ୟରେ ଗ୍ରାମର ଯୁବଗୋଷ୍ଠୀର କ୍ଷୀରୋଦ ସାହୁ, ଶ୍ରୀକାନ୍ତ ସାହୁ, ଗଙ୍ଗାଧର ସାହୁ, ଅଭୟ ସାହୁ ଓ ସ୍ୱୟଂ ସଙ୍କଳ୍ପ ସେବା ସଂଗଠନର ସଂସ୍ଥାପକ ସୁବାସ ଚନ୍ଦ୍ର ସାହୁ ଯୋଗଦେଇଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର

ହିନ୍ଦୋଳ/ଖଜୁରିଆକଟା,୧୬।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅସହାୟ ଦିବ୍ୟାଙ୍ଗମାନେ ନିଜ ଅଞ୍ଚଳରେ ରହି ସରକାରୀ ସୁବିଧାସୁଯୋଗ ପାଇବାସହ ଦୂରଦୁରାନ୍ତକୁ ଯାଇ ହଇରାଣ ହରକତ ନହେବାପାଇଁ କିଛିବର୍ଷ ପୂର୍ବରୁ ତତ୍କାଳୀନ ରାଜ୍ୟ ସରକାର ଏହିପରି ଏକ ଜନହିତକର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ହିନ୍ଦୋଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରାୟ ୫ଶହରୁ ଅଧିକ ଶାରୀରିକ ଅକ୍ଷମ ବ୍ୟକ୍ତି ଯୋଗଦେଇଥିଲେ। ସମସ୍ତଙ୍କ ନାମ ପଞ୍ଜୀକରଣ ପରେ ବିଭିନ୍ନ ବିଭାଗର ଡାକ୍ତରମାନେ ପରୀକ୍ଷାନିରୀକ୍ଷା କରି ପ୍ରମାଣପତ୍ର ପାଇଁ ସୁପାରିଶ କରିଥିଲେ। ତେବେ ବ୍ଲକର ସମସ୍ତ କର୍ମଚାରୀ, ଏନସିସି ଶିକ୍ଷାର୍ଥୀ ହିନ୍ଦୋଳ ପୁଲିସ କର୍ମଚାରୀମାନେ ସହଯୋଗ କରିବାସହ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ରାମ, ଖାଦ୍ୟ ପାନୀୟର ସୁବ୍ୟବସ୍ଥା କରାଯାଇଥିଲା। ତେବେ ପୂର୍ବରୁ ପ୍ରମାଣପତ୍ର ପାଇଥିବା ମାତ୍ରାଧିକ ଅକ୍ଷମ ଥିବା କିଛି ବ୍ୟକ୍ତିଙ୍କର ଶାରୀରିକ ଅକ୍ଷମତା ମାନ କମ ଥିବାରୁ ମାନବୃଦ୍ଧି ନିମନ୍ତେ ଆସି ବିଫଳ ହେବାରୁ ମନକଷ୍ଟରେ ଫେରିଯାଉଥିବା ଦୃଶ୍ୟକୁ ଜନସାଧାରଣ ସମାଲୋଚନା କରିବାସହ ଯୋଗ୍ୟତା ଭିତ୍ତିରେ ମାନବୃଦ୍ଧି କରାଯିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶୁଭ ଆବିର୍ଭାବ ଦିବସ

ଯୋରନ୍ଦା,୧୬।୯(ସମିସ):



ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ସତସଙ୍ଗ କେନ୍ଦ୍ରଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୮ ତମ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି। ଯୋରନ୍ଦା ସତସଙ୍ଗ କେନ୍ଦ୍ର ସମସ୍ତ ଗୁରୁଭାଇ, ଭଉଣୀମାନଙ୍କୁ ନେଇ ପ୍ରଥମେ ଉଷା ମାଙ୍ଗଳିକ, ବ୍ରାହ୍ମ ମୂହୁର୍ତ୍ତ, ବେଦ ମାଙ୍ଗଳିକ, ପ୍ରତ୍ୟୁଷ ଉଷାକୀର୍ତ୍ତନ, ଉଷାବିନତୀ ପ୍ରାର୍ଥନା ସଙ୍ଗୀତାଞ୍ଜଳୀ, ନାମକୀର୍ତ୍ତନ ଓ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସହପ୍ରତିରତିକ ନନ୍ଦ ଦୁଲାଳ ଦାସ ଏବଂ ସମ୍ମାନିତ ଅତିଥି ଭାବେ ସହପ୍ରତିରତିକ ପରମାର୍ଥ ପାଣିଗ୍ରାହୀ, ରବିନାରାୟଣ ମହାରଣା, କୁଞ୍ଜଲତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମାତୃସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବକ୍ତା ପ୍ରତିଭା ମିଶ୍ର ଯୋଗଦେଇ ନାରୀ ଚରିତ୍ରର ମାହାତ୍ମ୍ୟ ସମ୍ପର୍କରେ ସରଳ ଭାବେ ବୁଝାଇଥିଲେ। ସମ୍ମାନିତ ବକ୍ତା ଭାବେ କାମିନୀ ଶତପଥୀ, ଯୋରନ୍ଦା ସରପଞ୍ଚ ଆରତୀ ନାୟକ ପ୍ରମୁଖ ଯୋଗଦେଇ ସତସଙ୍ଗ କେନ୍ଦ୍ର ଓ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଡଃ କୃଷ୍ଣବଲ୍ଲଭ ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗୁରୁଭାଇ ଓ ମାଆମାନେ ଯୋଗଦେଇଥିଲେ। ସତସଙ୍ଗ କେନ୍ଦ୍ର ବରିଷ୍ଠ କର୍ମକର୍ତ୍ତା ବିରଞ୍ଚି ନାରାୟଣ ନାୟକ, ପ୍ରେମାନନ୍ଦ ସାମଲ, ବିଚିତ୍ରାନନ୍ଦ ସାମଲ, ପ୍ରେମାନନ୍ଦ ମହାମାନ ସିଂ, ଶରତଚନ୍ଦ୍ର ସାହୁ, ଗିରିଧାରୀ ମହାଳିକ, ଶରତ ଚନ୍ଦ୍ର ରାଉତ, ଲମ୍ବୋଦର ପାତ୍ର, ମୂରଲୀଧର ତ୍ରିପାଠୀ, ପ୍ରକାଶ ରାଉତ, ସୁଧାକର ନାୟକ, ସୁଶାନ୍ତ ପରିଡା, ଅରବିନ୍ଦ ଶତପଥି ଓ ରମେଶ ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିଚାଳିତ ନାଗରିକ ଗୃହର ପରିଚାଳକ ବିଜୟ ପ୍ରଧାନଙ୍କ ପରିଚାଳନାରେ ଅନ୍ତେବାସୀ ମାଆ, ବାପାମାନଙ୍କୁ ପ୍ରତିଭା ମିଶ୍ର ବସ୍ତ୍ରଦେଇ ସମ୍ବର୍ଦ୍ଧିତ କରିଥିଲେ। ସତସଙ୍ଗ କେନ୍ଦ୍ରର ଉନ୍ନତି ପାଇଁ ସମାଜସେବୀ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ସତସଙ୍ଗ କେନ୍ଦ୍ର ନାମରେ ଏକ କ୍ୟୁଆର କୋଡ ଭକ୍ତ ତଥା ସହୃଦୟ ବ୍ୟକ୍ତିମାନଙ୍କ ପାଇଁ ଉତ୍ସର୍ଗ କରାଯାଇଥିଲା। ପ୍ରଥମେ ଶ୍ରୀମତୀ ମିଶ୍ର ସ୍କାନ କରି ୧୦ହଜାର ଟଙ୍କା ପଠାଇ ଏହାକୁ ଉଦ୍‌ଘାଟନ କରିଥିଲେ। ନୂତନ ଆନନ୍ଦ ବଜାର ଗୃହରେ ପ୍ରସାଦସେବନ ହୋଇଥିଲା।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୬।୯ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶରେ ସଚେତନତା କାର୍ଯ୍ୟକ୍ରମ ବ୍ରଜରାଜନଗର ସ୍ଥିତ ଇନ୍ଦିରା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସୋସିଆଲ ମିଡିଆ ବ୍ୟବହାରରେ ସୁରକ୍ଷା, ସାଇବର ଆଇନ୍, ପକ୍ସୋ ଆକ୍ଟ ଏବଂ ଯୌନ ନିର୍ଯାତନା ଓ ଅନ୍ୟ ଅପରାଧରେ ପୀଡିତା ମହିଳାଙ୍କ ପାଇଁ ଥିବା କ୍ଷତିପୂରଣ ଯୋଜନା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ଡିଏସପି ବନିତା ମାଝୀ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସଂଯୁକ୍ତା ମହାପାତ୍ର ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମିତି ଚତୁର୍ବେଦୀ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଇଣ୍ଡିଆନ ବ୍ୟୁଟି କାଉନସିଲ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ବରଗଡ଼,୧୬।୯ (ସମିସ): ନୂଆଁଖାଇ ପର୍ବ ପାଳିତ ହେଲା ପରେ ଆଉ ଗୋଟିଏ ପର୍ବ ତା ସାଙ୍ଗରେ ସମାବିଷ୍ଟ ହୋଇ ପର୍ବର ମଜା ଓ ମହାନତାକୁ ଦ୍ୱିଗୁଣିତ କରିବା ପାଇଁ ସବୁଆଡେ ପାଳିତ ହୁଏ ନୂଆଁଖାଇ ଭେଟଘାଟ। ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରୁ ନେଇ ବିଦେଶରେ ରହୁଥିବା ପ୍ରବାସୀ ମାନେ ମହାଆଡମ୍ବରରେ ପାଳନ କରିଥାନ୍ତି ନୂଆଁଖାଇ ଭେଟଘାଟ। ସେହିପରି ଏକ ନୂଆଁଖାଇ ଭେଟଘାଟ ଇଣ୍ଡିଆନ ବ୍ୟୁଟି କାଉନସିଲ୍, ବରଗଡ଼ ଶାଖା ପକ୍ଷରୁ ହୋଟେଲ ସ୍ୱିକ୍ଷା ଠାରେ ଅନୁଷ୍ଠିତ ହୋଇଯାଇଛି।



ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ବ୍ୟୁଟିସିଆନ ମାନଙ୍କ ଦ୍ୱାରା ଗଠିତ ଏହି ସଂଗଠନ ପ୍ରସାଧନିକ ସେବା ଦେବାରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଏହି କ୍ଷେତ୍ରରେ ଅସଂଖ୍ୟ ମହିଳା ମାନଙ୍କ କୌଶଳ ବିକାଶ କରି ସ୍ଥାନୀୟ ଅଞ୍ଚଳରେ ସେମାନଙ୍କୁ ରୋଜଗାର ଓ ସ୍ୱାବଲମ୍ବୀ କରି ପାରିଛି। ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ପ୍ରସାଧନିକ ବିଶେଷଜ୍ଞ ମିନତି ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ଭେଟଘାଟ ଉତ୍ସବରେ ଆମେରିକାରୁ ଆସିଥିବା ଇଣ୍ଡିଆନ ବ୍ୟୁଟି କାଉନସିଲ୍‌ର ଉପଦେଷ୍ଟା ପ୍ରସିଦ୍ଧ ସିନ୍ଥେଟିକ୍ ଫାଇବର ବିଶେଷଜ୍ଞଙ୍କ କ୍ରିଷ୍ଟି ଯୁଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ଭାଷଣରେ ବରଗଡ଼ର କଳା ଓ କଳାକାର ମାନଙ୍କୁ ନେଇ ଏହାର ପରମ୍ପରା, ସଂସ୍କୃତି ଓ ଆତିଥ୍ୟରେ ସେ ବିମୁଗ୍ଧ ବୋଲି ପ୍ରକାଶ କରିଥିଲେ। ପ୍ରଥମ ଅଧିବେସନରେ ପ୍ରସାଧନିକ ବିଷୟ ବସ୍ତୁକୁ ନେଇ ଏକ ସେମିନାର ଆୟୋଜିତ ହୋଇଥିଲା। ଏଥିରେ କଲିକତାରୁ ପ୍ରଶିକ୍ଷକ ଆସି ତାଲିମ ଦେଇଥିଲେ। ଦ୍ୱିତୀୟ ଅଧିବେସନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର, ବୟନିକା ନିର୍ଦ୍ଦେଶକ ସଂଜୟ ମେହେର, ନୃତ୍ୟଗୁରୁ, କଣ୍ଠ ଶିଳ୍ପୀ, ତପସ୍ୱିନୀ ଗୁରୁ, ଫିଲ୍ମ ନିର୍ଦ୍ଦେଶକ ଜୟପ୍ରକାଶ ସାହୁ, ବସ୍ତ୍ରମ୍ର ପ୍ରତିଷ୍ଠାତା ପ୍ରିତିଶ ଦାସ, ଜୟନ୍ତୀ ବେହେରା, ମାମି ମିଶ୍ର, ସମାଜସେବୀ କଳ୍ପନା ଷଡଙ୍ଗୀ ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇ ଥିଲା। ସାମ୍ବାଦିକ ସୁରେନ୍ଦ୍ର ହୋତା, ସକାଳ ଖବରକାଗଜ ଜିଲ୍ଲା ପ୍ରତିନିଧି ସରୋଜ ଷଡଙ୍ଗୀ, ଶାନ୍ତନୁ ପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ରକ୍ତତୀର୍ଥ ଚିତାଖାଇ ଗାଁରେ ବଳିଦାନ ଦିବସ

ସୋହେଲା,୧୬।୯ (ସମିସ)



ସୋହେଲା ବ୍ଲକ୍ ବାଉଁସେନମୁରା ପଞ୍ଚାୟତ ଅଧୀନ ଚିତାଖାଇ ଗାଁରେ ମଙ୍ଗଳବାର ବଳିଦାନ ଦିବସ ପାଳିତ ହୋଇଛି। ୧୮୫୮ ମସିହା ସେପ୍ଟେମ୍ବର ୧୬ତାରିଖ ଭେଡେନ ଜମିଦାର ମନୋହର ସିଂ ପ୍ରାୟ ୪୦ଜଣ ସହଯୋଗୀଙ୍କ ସହିତ ଘେଁସ ଯିବା ବାଟରେ ଚିତାଖାଇ ଗାଁର ପୋଖରୀ ହୁଡାରେ ରାତ୍ରୀ ବିଶ୍ରାମ କରିଥିଲେ। ସଂଗ୍ରାମୀ ମାନେ ଚିତାଖାଇ ଗାଁରେ ବିଶ୍ରାମ ନେଇଥିବା ସୂଚନା ପାଇ ଇଂରେଜ ସେନାର କ୍ୟାପ୍ଟେନ ଡବ୍ଲ୍ୟୁ ଆର ଫୋଷ୍ଟରଙ୍କ ନିର୍ଦ୍ଦେଶରେ ସୋହେଲା ପଟୁ ଇଂରେଜ ସୈନ୍ୟ ଏବଂ ବିଜେପୁର ପଟୁ ଶିବାଣ୍ଡି ସୈନ୍ୟ ମିଳିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ଭେଡେନ ଜମିଦାର ମନୋହର ସିଂ, ଚିତାଖାଇ ଗାଁର ଦାରୁ ଭୁଏ, ଭୁଗୁ ଭୁଏଙ୍କ ସମେତ ମୋଟ ୨୦ଜଣ ସଂଗ୍ରାମୀ ସହିଦ ହୋଇଥିଲେ। ସଂଗ୍ରାମୀ ମାନଙ୍କ ଏହି ବଳିଦାନକୁ ସ୍ମରଣ କରି ଚିତାଖାଇ ଗାଁର ସହିଦ ମନୋହର ସିଂ ସ୍ମୃତି କମିଟି ପକ୍ଷରୁ ପ୍ରତିବର୍ଷ ଆଜିର ଦିନକୁ ବଳିଦାନ ଦିବସ ଭାବେ ପାଳନ କରିବା ସହିତ ସଂଗ୍ରାମୀ ମାନଙ୍କ ବ୍ୟବହୃତ ଅସ୍ତ୍ରଶସ୍ତ୍ରକୁ ପୂଜା କରାଯାଇଥାଏ। ବଳିଦାନ ଦିବସ ପାଳନ ଅବସରରେ ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଦୁର୍ଗାପ୍ରସାଦ ସାହୁ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ ଉତ୍ପନ୍ନ ଭୋଇ, ଐତିହାସିକ ଡ.ବିଭୁଦତ୍ତ ପ୍ରମୋଦ ମିଶ୍ର, ମନୋହର ସିଂଙ୍କ ଦାୟାଦ ଅଶୋକ ସିଂ ଏବଂ ତାଙ୍କ ପତ୍ନୀ ଜ୍ୟୋତ୍ସ୍ନାମୟୀ ସିଂ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଟେକଚାନ୍ଦ ଦୁଅନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବଳବୀର ସିଂ ଠାକୁର, ବିଜେପି ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ବାବୁଲୁ ପଧାନ, ସାମ୍ବାଦିକ ଅସିତ ସ୍ୱାଇଁ, ଅନିଲ ପଧାନ ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ଆଚାର୍ଯ୍ୟ ଚିତାଖାଇ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ଶୋଭାଯାତ୍ରାରେ ତାଙ୍କୁ ଗାଁ ପରିକ୍ରମା କରାଇ ସହିଦ ସ୍ଥଳକୁ ନିଆଯାଇଥିଲା। ଆଗାମୀ ଦିନରେ ସେଠାରେ ଏକ ସହିଦ ସ୍ମୃତିସ୍ତମ୍ଭ ନିର୍ମାଣ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

ଶେଷରେ ଗୋକୁଳ ଭଏଁଶାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ସୋହେଲା ଦୁର୍ଗା ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହିଦ ସ୍ଥଳକୁ ଯାଇଥିଲା।

## କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ନିରାକରଣ ଆଇନ ସଚେତନତା ତାଲିମ

ଝାରସୁଗୁଡ଼ା,୧୬।୯ (ସମିସ): କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ, ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ ଆଇନ ୨୦୧୩ ଉପରେ ଦିନିକିଆ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଯେଉଁଠାରେ ନାରୀ ମାନେ ଆଦର ଏବଂ ସମ୍ମାନ ପାଇଥାନ୍ତି ସେଠାରେ ଦେବାଦେବୀ ମାନେ ବାସ କରିଥାନ୍ତି ବୋଲି ସଂସ୍କୃତ ଶ୍ଳୋକର ବ୍ୟାଖ୍ୟା କରିଥିଲେ। ଜିଲ୍ଲାପାଳ କର୍ମକ୍ଷେତ୍ରରେ ମହିଳାମାନେ କିପରି ସୁରକ୍ଷିତ ଭାବେ କାମ କରିବେ, ସେଥିପ୍ରତି ଯତ୍ନଶୀଳ ହେବାପାଇଁ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରାୟ ୧୮୦ରୁ ଉର୍ଦ୍ଧ୍ୱ ସଦସ୍ୟ ଓ ସମ୍ପୃକ୍ତ ପ୍ରିଜାଇଡିଂ ଅଫିସର, ନୋଡାଲ ଅଫିସର ଓ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା, ଡିଏସ୍‌ପି ମନ୍ଦା ହାଁସଦା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହାଡା ସଭାପତି ଆନନ୍ଦିନୀ ପାଢ଼ୀ ତାଲିମଦାତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ , ପ୍ରତିରୋଧ, ନିଷିଦ୍ଧ, ଓ ନିରାକରଣ ଆଇନ ୨୦୧୩ ର ସମସ୍ତ ନିୟମାବଳୀର କିପରି ବ୍ୟବହାର କରାଯିବ ଏବଂ ନିଜ ଅନୁଷ୍ଠାନକୁ ପଞ୍ଜୀକରଣ କରିବେ ଏବଂ ସ୍ଥାନୀୟ ଅଭିଯୋଗ କମିଟି ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ଅଂଶଗ୍ରହଣକାରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଯାଜ୍ଞସେନୀ ମହାନନ୍ଦ, ଲିଲେଶ୍ୱର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ହିନ୍ଦୀ ଦିବସ

**● ବିକାଶ ଆବାସିକ ବିଦ୍ୟାଳୟ**

ବରଗଡ଼,୧୬।୯ (ସମିସ): ବରାହଗୁଡା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ କବିତା, ଅନୁଚିନ୍ତା, ଦୋହା ମାଧ୍ୟମରେ ସାରସ୍ୱତ ପରିବେଶକୁ ବର୍ଣ୍ଣାଢ଼୍ୟ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ ନିଜ ବକ୍ତବ୍ୟରେ ହିନ୍ଦୀ ଭାଷାକୁ ଏକତା ପ୍ରଗତି ପଥରେ ଅଗ୍ରସର କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ମତପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଉପାଧ୍ୟକ୍ଷ (ସିସିବିଏସ୍‌ଇ ଏଫେୟାସ୍‌ର) ପ୍ରଦୀପ ସାହୁ, ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ.ମନୋଜ ତ୍ରିପାଠୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହିନ୍ଦୀ ବିଭାଗର ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳିତ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଜ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**● ରେନବୋ ପବ୍ଲିକ୍ ସ୍କୁଲ୍ ଏବଂ ରେନବୋ କିଡ୍ସ ପ୍ଲେ ସ୍କୁଲ୍**

ରେନବୋ ପବ୍ଲିକ୍ ସ୍କୁଲ୍ ଏବଂ ରେନବୋ କିଡ୍ସ ପ୍ଲେ ସ୍କୁଲ୍ ମୁଖ୍ୟ କ୍ୟାମ୍ପସରେ ହିନ୍ଦୀ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସଦାଶିବ କର ଯୋଗ ଦେଇଥିଲେ। ରାଜୀବ ଭୋଇ, ପବିତ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ହିମାଂଶୁ ମେହେର ଏବଂ ସଚିବ ଚନ୍ଦନା ରଥଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଗୌଡ଼ମାଳ କ୍ଲଷ୍ଟରରେ 'ଆସ ସ୍କୁଲ ଯିବା' ଅଭିଯାନ



ଝାରବନ୍ଧ,୧୬।୯ (ସମିସ): ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଏଥିପାଇଁ ଗୌଡମାଳ କ୍ଲଷ୍ଟରର ସିଆରସିସି ପୁରନ୍ଦର କୁମ୍ଭାରଙ୍କ ପ୍ରଚେଷ୍ଟାରେ ବର୍ତ୍ତମାନ ସୁଦ୍ଧା କ୍ଲଷ୍ଟରର ଅଧାରୁ ପାଠପଢ଼ା ଛାଡିଥିବା ୧୪ ଛାତ୍ରଛାତ୍ରୀ 'ଆସ ସ୍କୁଲ ଯିବା ଅଭିଯାନ'ରେ ସାମିଲ ହୋଇଛନ୍ତି। ଗୌଡମାଳ କ୍ଲଷ୍ଟରର ଜଟେସିରା, ଶିକାରୀପାଲି, ଗୌଡମାଳ, କୁର୍ମା, ଚଣ୍ଡୀଭଟା ଗାଁକୁ ସିଆରସିସି ପୁରନ୍ଦର କୁମ୍ଭାରଙ୍କ ସହିତ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକଗଣ ଯାଇ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ବିଷୟ ଏବଂ ସରକାରୀ ସୁବିଧା ବୁଝିଲା ପରେ କୌଣସି କାରଣ ବଶତଃ ଅଷ୍ଟମ ଶ୍ରେଣୀ ପରେ ପାଠପଢ଼ା ଛାଡି ଦେଇଥିବା ୧୪ ଜଣ ଛାତ୍ରଛାତ୍ରୀ ପୁଣିଥରେ ପାଠପଢ଼ା ଆରମ୍ଭ କରିବାକୁ ରାଜି ହୋଇଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଝାରବନ୍ଧରେ ନାମ ଲେଖାଇଥିବା ସୂଚନା ରହିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ସାହୁ ପିଲାମାନଙ୍କ ନାମ ଲେଖିଥିଲେ। ସିଆରସିସି ଶ୍ରୀ କୁମ୍ଭାରଙ୍କ ଉଦ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଡଲି ବେହେରା, ଗୋମତୀ ବେହେରା, କୌଶିକ କୁମ୍ଭାର, ଅଜୟ ହିରୱାନୀ, ଦେବକୀ ହିରୱାନୀ, ନଳ ଲୁହାର, ଫାଲ୍ଗୁନୀ ଜଗତ, ଗୌତମ ଜଗତ, ସୌରଭ ଭୋଇ, ସାନ୍ତଲାଲ ବିନାଟ, ସମାରୁ ଭାସ୍କର, ବିବିଲା କୁମ୍ଭାର, ପ୍ରିତମ ବରିହା, ବିକାଶ ରଣା ପ୍ରମୁଖ ପୁଣିଥରେ ଶିକ୍ଷା ଗ୍ରହଣର ଉତ୍ତମ ସୁଯୋଗ ପାଇ ଥିବାରୁ ଆନନ୍ଦିତ ହୋଇଥିବା ବେଳେ ସରକାରଙ୍କ ଏହି ଯୋଜନାକୁ ସ୍ୱାଗତ କରିଥିଲେ।

# ନାରୀଙ୍କ ପ୍ରତି ଦୁର୍ବ୍ୟବହାର ସମାଜ ପାଇଁ କଳଙ୍କ



ବରଗଡ଼,୧୬।୯ (ସମିସ): ସୁପ୍ରିୟା ମାର୍ଗ ବନ୍ଧୁ ନଗର ଠାରେ ମାତୃ ନବମୀ ପାଳିତ ହୋଇଛି। ମାତୃ ଶକ୍ତିର ଦେଶ ତଥା ପରିବାର ଗଠନରେ ମହାନ ଭୂମିକାକୁ ନେଇ ସମାଜସେବୀ ମାଧବୀ ମିଶ୍ରଙ୍କ ସଭାପତିତ୍ୱରେ ମାତୃ ନବମୀ ପାଳନ ପର୍ବ ଅନୁଷ୍ଠିତ ହୋଇଥିଲା। ମାତୃ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିରୂପେ ବରଗଡ଼ର ସମାଜସେବୀ କଳ୍ପନା ଷଡ଼ଙ୍ଗୀ ଯୋଗଦେଇ ସମାଜରେ ମା'ର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରି ସମାଜରେ ହେଉଥିବା ନାରୀଙ୍କ ପ୍ରତି ଦୁର୍ବ୍ୟବହାର ସମାଜ ପାଇଁ ଏକ କଳଙ୍କ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଡ.ତପସ୍ୱିନୀ ଗୁରୁ, ମାତୃ ନବମୀର ତାତ୍ପର୍ଯ୍ୟ ଓ ସମାଜରେ ସାଂସ୍କୃତିକ ସୁରକ୍ଷା ମା'ର ଭୂମିକାକୁ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଡ.ସଂଗୀତା ରଥ ମାତୃନବମୀ ପାଳନ ସମାଜରେ ଅପସଂସ୍କୃତି ତଥା ଯୁବ ଗୋଷ୍ଠୀକୁ ସଠିକ ମାର୍ଗଦର୍ଶନରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ମାର୍ଗଦର୍ଶକ ମନୋବିଜ୍ଞାନୀ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ଆଶୀର୍ବଚନ ପ୍ରଦାନ କରିଥିଲେ। କବୟିତ୍ରୀ ପ୍ରଭାସିନୀ ହୋତା ସଭାକୁ ପରିଚାଳନା କରିଥିଲେ। ବବିତା ପ୍ରଧାନ ଓ ପଦ୍ମିନୀ ବେହେରା ସହଯୋଗ କରିଥିଲେ।

ବିକ୍ରମାଦିତ୍ୟ ମିଶ୍ରଙ୍କ ସଭା ଗୃହରେ ଅନୁଷ୍ଠିତ ମାତୃନବମୀ ପାଳନ ଅବସରରେ ଜଗନ୍ନାଥ ମନ୍ଦିର ନିର୍ମାଣ ସକାଶେ ରାଧାକାନ୍ତ ପ୍ରଧାନ ଓ ବବିତା ପ୍ରଧାନ ଭୂମି ଦାନ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ବରଗଡ଼ ବିଧାୟକଙ୍କ ସୂଚନା ଅନୁସାରେ ଶ୍ରୀ ଜଗନ୍ନାଥ ମନ୍ଦିର କମ୍ୟୁନିଟି ହଲ ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ପଡାର ସମସ୍ତ ମହିଳା ଓ ଅନ୍ୟ ଜନସାଧାରଣଙ୍କ ସହ କୁଞ୍ଜ ବିହାରୀ ପଣ୍ଡା, ପ୍ରମୋଦ ଝାଙ୍କର, ଶ୍ରୀମୁଖ ପ୍ରଧାନ, ଦେବୀ ପଟ୍ଟନାୟକ, ଭାରତ ଭୂଷଣ ଦାଶ ଓ ସଭାପତି ଡ.ଲିଙ୍ଗରାଜ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିକ୍ରମ ମିଶ୍ର, ପ୍ରଭାତାଦିତ୍ୟ ମିଶ୍ର, ସଂଜୀବ ମହାପାତ୍ର, ବିଜୟ ପାଣିଗ୍ରାହୀ, ଚିତ୍ତରଞ୍ଜନ ମିଶ୍ର, ସୌମ୍ୟ ଦେବତା, ଗଙ୍ଗାଭୂଷଣ ହୋତା, ବିଶ୍ୱଜିତ ମିଶ୍ର, ଗୋବିନ୍ଦ ଦର୍ଜୀ, ବିକାଶ ପାଣିଗ୍ରାହୀ, ତ୍ରିନାଥ ତ୍ରିପାଠୀ, ଆଶିଷ ରଥ, ନିମାଇଁ ରଥ ପ୍ରମୁଖ ଯୋଗ ଦେଇଥିଲେ। କବି ଦୟାନିଧି ମହାପାତ୍ରଙ୍କ ମାତୃ କବିତା ପଠନ ପରେ ବବିତା ପ୍ରଧାନଙ୍କ ଧନ୍ୟବାଦ ଅର୍ପଣ ସହ ଶାନ୍ତି ପାଠ ପରେ ସଭା ଶେଷ ହୋଇ ପ୍ରସାଦ ବିତରଣ କରାଯାଇଥିଲା।

# ଆଜି ଯାତ୍ରୀ ସେବା ଦିବସ ପାଳିବ ବିମାନବନ୍ଦର



ଝାରସୁଗୁଡ଼ା,୧୬।୯ (ସମିସ): ସେପ୍ଟେମ୍ବର ୧୭ ତାରିଖକୁ ସାରା ଦେଶରେ ଯାତ୍ରୀ ଦିବସ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଝାରସୁଗୁଡ଼ାରେ ଥିବା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ମଧ ଯାତ୍ରୀ ଦିବସକୁ ମହାସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିବା ନେଇ ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିମାନବନ୍ଦରର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧୁଣ୍ଡିଆ ସୂଚନା ଦେଇଛନ୍ତି। ବିମାନରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ସୁବିଧା ଓ ଆନନ୍ଦରେ ଯାତାୟାତ କରିପାରିବେ, ସେଥିପାଇଁ ସମସ୍ତ ବିମାନ ଅଧିକାରୀ ତଥା କର୍ମଚାରୀ ଯଥେଷ୍ଟ ପ୍ରୟାସ କରିବାକୁ ପ୍ରକାଶ କରିଥିଲେ। ବୁଧବାର ଯାତ୍ରୀ ସେବା ଦିବସକୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜ୍ୟ ତିଥିରେ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଏହାସହ ବୃକ୍ଷରୋପଣ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟସେବା, ଚକ୍ଷୁଚିକିତ୍ସା ଶିବିରର ଆୟୋଜନ କରାଯିବ। ବିମାନ ବନ୍ଦର ଅଧିକାରୀ ଝାରସୁଗୁଡ଼ା ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିବା ସହ ବିମାନ କମ୍ପାନୀରେ ନିଯୁକ୍ତି ସୁଯୋଗ, ସ୍କୁଲ ଛାତ୍ରୀଛାତ୍ରୀଙ୍କୁ ବିମାନ ବନ୍ଦର ପରିଦର୍ଶନ କରାଇବା ସହ ପାରମ୍ପାରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ରହିଥିବା ନେଇ ବିମାନବନ୍ଦର ଅଧକ୍ଷ ଉପେନ୍ଦ୍ରନାଥ ଧୁଣ୍ଡିଆ ସୂଚନା ଦେଇଛନ୍ତି। ଅନୁଷ୍ଠିତ ପ୍ରେସ ମିଟରେ ଟର୍ମିନାଲ ମ୍ୟାନେଜର ପ୍ରତାପ ନାମିଆର, ସିଏଏସ୍‌ଓ ତେଜରାଜ ପାତ୍ର ତଥା ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ମାଆ ପାଇଁ ଗଛଟିଏ ଅଭିଯାନ



ହଳଧର ବନବିଦ୍ୟାଳୟ

ବରଗଡ଼,୧୬।୯ (ସମିସ): କୁଦୋପାଲି ମହେନ୍ଦରଗଡ ଠାରେ ଥିବା ପଦ୍ମଶ୍ରୀ ଲୋକକବି ହଳଧର ଆବାସିକ ବନବିଦ୍ୟାଳୟରେ 'ମା ପାଇଁ ଗଛଟିଏ' ନାମକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଲୋକକବି ଡ.ହଳଧର ନାଗ, ବର୍ଦ୍ଧମାନ ମହାବୀର କଲେଜ, ବରଗଡ଼ର ଅଧ୍ୟକ୍ଷ ବିକାଶ ସେନ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବରଗଡ଼ର କର୍ମଚାରୀ, ବିଦ୍ୟାଳୟ ପ୍ରତିଷ୍ଠାତା ଜନେକ କୁଆଁର, ସମସ୍ତ ଗୁରୁଜନ, ଛାତ୍ରଛାତ୍ରୀ ଓ ସହଯୋଗୀ ଶ୍ରବଣ ସାହୁ, ରାଜେଶ ପଧାନ ସମସ୍ତେ ଉପସ୍ଥିତ ଥିଲେ। ସହକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟ ତରଫରୁ ୨୦୦ ଆମ୍ବ ଗଛ ପ୍ରଦାନ କରିଥିଲେ। ସମସ୍ତଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଲୋକକବି ହଳଧର ନାଗ ଆଉ ଅଧ୍ୟକ୍ଷ ବିକାଶ ସେନ ଗଛ ବଞ୍ଚେଇବାର ଉପକାରୀତା, ଗଛର ସୁରକ୍ଷା ଜୀବନ ରକ୍ଷା ବିଷୟରେ ବୁଝାଇଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ଅଧୀନ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଳର ସହକାରୀ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପଲସାପାଲି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗାଁର ମାଆ ଓ ବିଭିନ୍ନ ମହାବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ନେଇ 'ମାଆ ପାଇଁ ଗଛଟିଏ ଅଭିଯାନ' ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ମିନକେତନ ସାହୁ, ସମ୍ମାନିତ ଅତିଥି ଭାବେ କେଦାର ସାହୁ ଫରେଷ୍ଟର ସୁଶାନ୍ତ ଦାଶ, ବନରକ୍ଷୀ ହେମସାଗର ସାହୁ, ତେଜସ୍ୱିନୀ ସାହୁ ଏବଂ ମୁଖ୍ୟ ବକ୍ତା ଭାବେ କୁଞ୍ଜବିହାରୀ ସରାଫ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ଗାଁରେ 'ମାଆ ପାଇଁ ଗଛଟିଏ ଅଭିଯାନ' ଉପରେ ଜନ ସଚେତନତା ପଦଯାତ୍ରା କରାଯାଇ ଚାରା ବଣ୍ଟନ କରାଯାଇଥିଲା। ପରେ ଅତିଥି ମାନଙ୍କ ଦ୍ୱାରା 'ପୁଅ ଜିଇଁତିଆ' ଉପଲକ୍ଷେ ମହିଳାମାନେ ନେଇ ଥିବା ଗଛ ନିଜ ବାଡିରେ ରୋପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଖେଳ ଶିକ୍ଷକ ରାମକୃଷ୍ଣ ବାରିକ, ହିନ୍ଦୀ ଶିକ୍ଷକ ପବିତ୍ର ବାରିକ, ବନବିଭାଗର ହାତୀ ଘଉଡାଇବା ସ୍କ୍ୱାଡ ସହଯୋଗ କରିଥିଲେ।



ଘନାମାଳ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ

## ରାଣା ପ୍ରତାପ ସ୍କୁଲରେ ବ୍ଲକସ୍ତରୀୟ ପ୍ରତିଯୋଗିତା



**ବରଗଡ଼:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ଅବସରରେ ସେପ୍ଟେମ୍ବର ୧୭ରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ବରଗଡ଼ ବ୍ଲକ୍ ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ତର୍କ ପ୍ରତିଯୋଗିତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ତର୍କ ପ୍ରତିଯୋଗିତାରେ ସାଲିନୀ ସା, ନୁପୁର ମାହାନା, ପ୍ରାଚୀ ଭୋସାଗର ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରବନ୍ଧ ଲିଖନରେ ଅଙ୍କିତା ଭୋଇ, ଶିବାନୀ ମେହେର, ବର୍ଷା ମୁଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଡ.ଡୋଳାମଣି ଶତପଥୀ, କପିଳ ବାଗ ଓ ନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କ ନାମ ଘୋଷଣା କରିଥିଲେ।

## 'ସୁସ୍ଥ ନାରୀ ଓ ସୁରକ୍ଷିତ ପରିବାର' କାର୍ଯ୍ୟକ୍ରମ ପ୍ରସ୍ତୁତି

ତିଗିରିଆ,୧୬।୯(ସମିସ): 'ସୁସ୍ଥନାରୀ ଓ ସୁରକ୍ଷିତ ପରିବାର' ସମ୍ପର୍କିତ କେନ୍ଦ୍ର ସରକାରଙ୍କ ଏକ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ସେପ୍ଟେମ୍ବର ୧୭ରୁ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିବସ ପର୍ଯ୍ୟନ୍ତ ସାକାର କରିବା ନେଇ ଆରମ୍ଭ କରାଯାଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆଠଗଡ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ. ମାନସ ରଞ୍ଜନ ପାଣିଙ୍କ ଅଧ୍ୟକ୍ଷତା ଓ ପରିଚାଳିକା ପ୍ରଜ୍ଞାଲିନ ମିଶ୍ରଙ୍କ ସଂଯୋଜନାରେ ଏକ ପ୍ରସ୍ତୁତି ବୈଠକ ଆଠଗଡ ଉପଖଣ୍ଡ ଚିକିତ୍ସାଳୟର ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଏଥିନିମନ୍ତେ ବିଭାଗ ପକ୍ଷରୁ ଶିବିର କରାଯାଇ ୧୮ ବର୍ଷରୁ କମ ବାଳିକାଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇ ଆବଶ୍ୟକ ଟିକାକରଣ କରାଯିବା ଏବଂ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ ମହିଳାମାନଙ୍କର ବିଭିନ୍ନ ରୋଗର ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶମାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ଏହାର ସଫଳତାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ଏହି କମିଟିରେ ଏନଏସି ଅଧ୍ୟକ୍ଷ, ସହକାରୀ ଜିଲ୍ଲାପାଳ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ମହିଳା ଓ ଶିଶୁ ବିକାଶ ଅଧିକାରୀ, ଆଠଗଡ ଚିକିତ୍ସାଳୟର ଅଧିକ୍ଷକ, ମହିଳା ଶିଶୁ ରୋଗ ବିଶେଷଜ୍ଞ, ପରିଚାଳିକା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ପ୍ରମୁଖ ରହିଛନ୍ତି।

## ଭିକାରୀ ଚରଣ ଦାସଙ୍କ ସ୍ମୃତିସଭା

ଭଦ୍ରେଶ୍ୱର,୧୬।୯(ସମିସ): କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦ ମାହାଙ୍ଗା ଆନୁକୂଲ୍ୟରେ ବିଶିଷ୍ଟ ସମାଜସେବୀ ତଥା ଅଲ ଇଣ୍ଡିଆ ରେଡିଓ ଷ୍ଟେସନର କଣ୍ଠଶିଳ୍ପୀ ଭିକାରୀ ଚରଣ ଦାସଙ୍କ ଏକାଦଶାହ ଅବସରରେ ତାଙ୍କ ଜନ୍ମଗ୍ରାମ ପଞ୍ଚାୟତ ଗୋଠମୁହଁ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦର ସଭାପତି ପ୍ରଫେସର କାର୍ତ୍ତିକଚନ୍ଦ୍ର ପୃଷ୍ଟି ସଭାପତିତ୍ୱ କରିଥିଲେ। ଏଥିରେ କବି ଦମ୍ବରୁଧର ପରିଡା, ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାସ, ରାମଚନ୍ଦ୍ର ପରିଡା, କବି ଜୟଦେବ ମୁଦୁଲି, ଅନୁଷ୍ଠାନର ସଂଯୋଜକ ରବି ଦାସ, ଅମୀୟ ବେହେରା, ସମ୍ପାଦକ ଅନନ୍ତ କିଶୋର ପଲେଇ, ଶିକ୍ଷାବିତ ରଘାନନ୍ଦ ବାରିକ, ସୁଶାନ୍ତ ବେହେରା, କୁଳମଣି ଦାସ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ। ଏହି ସ୍ମୃତିସଭାରେ ତାଙ୍କର ପୁତ୍ର ଶିକ୍ଷାବିତ ବାସୁଦେବ ଦାସ, ନିରୂପମା ଦାସ, ଦିଲ୍ଲୀପ ଦାସ ସହଯୋଗ କରିଥିଲେ।

## ହିନ୍ଦୁବାଦୀ ସଂଗଠକଙ୍କ ଅକାଳ ବିୟୋଗ

କନ୍ଦରପୁର,୧୬।୯(ସମିସ): କଟକ ସଦର ଅନ୍ତର୍ଗତ ପରମହଂସ ପଞ୍ଚାୟତ ହାଟସାହି ଗ୍ରାମର ହିନ୍ଦୁବାଦୀ ସଂଗଠକ, ଗୋ-ରକ୍ଷକ ତଥା ଗୋ ସୁରକ୍ଷା ମଞ୍ଚର ସକ୍ରିୟ ସଭ୍ୟ, ବିଶ୍ୱ ହିନ୍ଦୁ ପରିଷଦର ଆଜୀବନ ସଦସ୍ୟ, ହିନ୍ଦୁସେନା ଓ ବଜରଙ୍ଗ ଦଳର ସଦସ୍ୟ, ସନାତନୀ ସେନାର ଆଜୀବନ ସଦସ୍ୟ, ସନାତନ ସେଠୀ (କଣ୍ଡୁରି)ଙ୍କର ୪୭ ବର୍ଷ ବୟସରେ ଗତକାଲି ରବିବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜଣାପଡିଛି। ସନାତନ ଗତକାଲି ଗୋ ସୁରକ୍ଷା ସମାବେଶରେ ଯୋଗଦେବାକୁ ପୁରୀ ଯାଇଥିବା ବେଳେ ସେଠାରେ ଅସୁସ୍ଥ ହୋଇପଡ଼ିଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା ବେଳେ ପ୍ରାଣବାୟୁ ଉଡିଯାଇଥିଲା। ଶବ ବ୍ୟବଚ୍ଛେଦ କରାଯିବା ପରେ ଶୋକାକୁଳ ପରିବେଶରେ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଶବଧାରକୁ କାନ୍ଧ ଦେଇ ମଶାଣି ପର୍ଯ୍ୟନ୍ତ ଯାଇଥିଲେ। ତାଙ୍କ ବିୟୋଗକୁ ଶୁଭେଚ୍ଛୁମାନେ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ଏଥିପାଇଁ ମଙ୍ଗଳାବାଗ ଥାନାରେ ଉପଯୁକ୍ତ ତଦନ୍ତ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ମୃତ୍ୟୁରେ ବିଶିଷ୍ଟ ପ୍ରବଚକ ଦିବାକର ଦାସ ମହାରାଜ, ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, ସଦର ପଞ୍ଚାୟତସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ରାଜ୍ୟ ବିଜେପି ମୁଖପାତ୍ର ଦିଲ୍ଲୀପ ମଲ୍ଲିକ, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଆତ୍ମାର ସଦଗତି କାମନା କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା




କିଶନନଗର,୧୬।୯(ସମିସ): କଟକ ସଦର ଅନ୍ତର୍ଗତ କିଶୋରନଗର ପୁଲିସ ଓ ୱିସଡମ ସ୍କୁଲ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ସ୍କୁଲର ନିର୍ଦ୍ଦେଶକ ବିବେକାନନ୍ଦ ଭୂୟାଁଙ୍କ ତତ୍ତ୍ୱାବଧାନରେ ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀ ଓ କିଶୋରନଗର ପୁଲିସ ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ନେତୃତ୍ୱରେ ଏକ ମିଳିତ ''ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଲିସ ଅଧିକାରୀଙ୍କ ସହିତ ୱିସଡମ ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଫ୍ଲାଗକାର୍ଡ ଧରି କିଶୋରନଗର ଉଚ୍ଚ ବିଦ୍ୟାଳୟରୁ ବଜାର ପରିକ୍ରମା କରି କିଶୋରନଗର ଥାନା ପର୍ଯ୍ୟନ୍ତ ଏକ ସଚେତନତା ରାଲି କରିଥିଲେ। ଥାନାର ଏସଆଇ ଜୟଶ୍ରୀ ସାହୁ, ଏସଆଇ ସନ୍ତୋଷ ପ୍ରଧାନ, ଏଏସଆଇ ଶୁଭ୍ରାଂଶୁ ଭୋଇ, ତୃପ୍ତିହାରୀ ପଡ଼ିଆରୀ, ନିରଞ୍ଜନ ବେହେରା ଓ ସମସ୍ତ କର୍ମଚାରୀଙ୍କ ସମେତ ସ୍କୁଲର ବନଜାବାସିନୀ ଦାସ, ସରିତା ମହାନ୍ତି, ଗୀତାଞ୍ଜଳି ନାୟକ, ରଶ୍ମି ରଞ୍ଜନ ରଣା, ଇସ୍ତେୟାକ ଅହମ୍ମଦ, ସାହେବା ଅଞ୍ଜୁମ, ମୌସୁମୀ ମହାନ୍ତି, ବିଜୟଲକ୍ଷ୍ମୀ ସାହୁ, ପ୍ରଜ୍ଞା ପଣ୍ଡା, ଜ୍ୟୋତି ଦାସ ସହଯୋଗ କରିଥିଲେ।

### ଉଦାସୀନତା, ଦାୟିତ୍ୱହୀନତା ଓ ଅଚଳାବସ୍ଥା

# ପ୍ରଶାସନ ଉପରେ ବର୍ଷିଲେ ମାହାଙ୍ଗା ବ୍ଲକ୍ ଅଧ୍ୟକ୍ଷା

ଭଦ୍ରେଶ୍ୱର,୧୬।୯(ସମିସ)



ପ୍ରଶାସନିକ ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ସମଗ୍ର ମାହାଙ୍ଗା ବ୍ଲକ ଅଞ୍ଚଳରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନର ଏପରି ନୀତି ବିରୁଦ୍ଧରେ ଖୋଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭୀଷଣ ବର୍ଷିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ରାଜନେତାଙ୍କ ହାତବାରିସି ସାଜିଛନ୍ତି। ଯାହାର ଫଳସ୍ୱରୂପ ରାଜନେତାଙ୍କ ଇଙ୍ଗିତରେ ଜନପ୍ରତିନିଧିଙ୍କୁ କରାଯାଉଛି ଅଣଦେଖା। ଯାହାକୁ ନେଇ ମଙ୍ଗଳବାର ବ୍ଲକ ପରିସର ମଧ୍ୟରେ ଜନ ପ୍ରତିନିଧିଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଏକ ପ୍ରେସମିଟ। ଏହି ପ୍ରେସ ମିଟ ଜରିଆରେ ଉଭୟ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ଓ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି ପ୍ରଶାସନିକ ଅଧିକାରୀଙ୍କ ଉପରେ ଖୁବ ବର୍ଷିଛନ୍ତି। ବ୍ଲକ ଅଞ୍ଚଳର ସମସ୍ତ ଜନପ୍ରତିନିଧି ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ଦୀର୍ଘ ଏକ ବର୍ଷ ହେଲା ମାହାଙ୍ଗା ବ୍ଲକ୍ ପ୍ରଶାସନ ତରଫରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଜନପ୍ରତିନିଧିଙ୍କୁ ସଂପୂର୍ଣ୍ଣ ଅଣଦେଖା କରିଯାଉଛି। ନିୟମିତ ଭାବେ ପଞ୍ଚାୟତ ସମିତି ବୈଠକ ନ କରିବା ଓ ବିଭିନ୍ନ ବିଭାଗରେ ଅନିୟମିତତା ହେଉଥିବାର ଖୋଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି। ଏପରିକି ଏହି ଘଟଣାରେ ଅଧ୍ୟକ୍ଷା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କଠାରୁ ଆସୁଥିବା ନିର୍ଦ୍ଦେଶାବଳୀ ବିଷୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜନପ୍ରତିନିଧିଙ୍କୁ ଆଦୌ ଅବଗତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ଜୁଲାଇ ୭ ତାରିଖରେ ହେବାକୁ ଥିବା ପଞ୍ଚାୟତ ସମିତି ବୈଠକ ରହସ୍ୟଜନକ ଭାବେ ବନ୍ଦ କରାଯାଇଛି। ସେହିପରି ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ପାଇଁ ସେପ୍ଟେମ୍ବର ୩ ତାରିଖରେ ହେବାକୁ ଥିବା ବେଳେ ହଠାତ୍ ବିଡିଓ ବାତିଲ କରିଦେବା କାରଣ ଜଣାପଡିଲା ନାହିଁ। ୨୯ ଜାନୁୟାରୀରେ ଅଷ୍ଟମ ବୈଠକ ହେବା ପରେ ଦୀର୍ଘ ୯ ମାସ ହେବ ପଞ୍ଚାୟତ ସମିତି ବୈଠକ ହୋଇପାରି ନାହିଁ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ କିସ୍ତି ପାଇବାରୁ ବଞ୍ଚିତ ହୋଇଛି। କିଛି ପଞ୍ଚାୟତରେ ଆବଶ୍ୟକ କାଗଜାତ ଦାଖଲ ପାଇଁ ଉଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶ ରହିଥିବାବେଳେ ସଂପୃକ୍ତ ସରପଞ୍ଚଙ୍କୁ ଅବଗତ କରାଗଲା ନାହିଁ। ପଞ୍ଚାୟତମାନଙ୍କର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରାକ ଆକଳନ ବୈଷୟିକ ମଞ୍ଜୁରୀ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟମାନ କରିବା ପାଇଁ ଜେଇ ଏବଂ ଏଇମାନେ ପଞ୍ଚାୟତକୁ ଆସୁନାହାନ୍ତି କିମ୍ବା ସହଯୋଗ କରୁ ନ ଥିବା ହେତୁ ଏବେ ବ୍ଲକ ପ୍ରଶାସନ ସ୍ଥାଣୁ ପାଲଟି ଯାଇଥିବା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ସଂପର୍କରେ ବହୁବାର ଜିଲ୍ଲାପାଳଙ୍କୁ ଅଭିଯୋଗ ଦିଆଯାଇଥିବା କହିଥିଲେ। ବ୍ଲକ୍ ପ୍ରଶାସନର ଅସହଯୋଗ ନୀତି ବିରୋଧରେ ପଞ୍ଚାୟତ ଜନପ୍ରତିନିଧିମାନେ ଆନ୍ଦୋଳନ ଜୋରଦାର କରିବେ ବୋଲି ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି ସୂଚନା ଦେଇଛନ୍ତି।

### ● ବଡମ୍ବା ପଞ୍ଚାୟତସମିତିର ନବମ ସାଧାରଣ ଅଧିବେଶନ

## ପାନୀୟଜଳ, କୃଷି ଓ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା



ବଡମ୍ବା,୧୬।୯(ସମିସ): ବଡ଼ମ୍ବା ପଞ୍ଚାୟତସମିତିର ନବମ ସାଧାରଣ ଅଧିବେଶନ ବଡମ୍ବା ମା' ମହାକାଳୀ ପୀଠ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବିଡିଓ ଚିତ୍ତରଞ୍ଜନ ଦାସ, ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା, ସାଂସଦ ପ୍ରତିନିଧି ଦୀପକ ସାହୁ, ଜିଲ୍ଲା ପରିଷଦ ସଭ୍ୟ ନୟନା ସାହୁ, ଜୟଶ୍ରୀ ବରାଳ ଯୋଗଦେଇଥିଲେ। ଜିପିଓ ସଞ୍ଜୟ କୁମାର ସାହୁ ପୂର୍ବ ଅଷ୍ଟମ ଅଧିବେଶନର ବିବରଣୀ ପଠନ କରିଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବଡମ୍ବା ବ୍ଲକର ୩୮ଟି ପଞ୍ଚାୟତରେ ମେଗା ପାନୀୟଜଳ ସଂପୂର୍ଣ୍ଣ ରୂପେ ଯୋଗାଣ କରାଯାଇନାହିଁ। ଏଲ ଆଣ୍ଡ ଟି କମ୍ପାନୀର ମନମୁଖି କାର୍ଯ୍ୟ ସଭାରେ ଆଲୋଚନା କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ମୁଖ୍ୟ ପାଇପକୁ କାଟି କିଛି ପଞ୍ଚାୟତରେ କନେକ୍ସନ କରି କାଗଜ କଲମରେ ସାରିଦେଇଥିବା କଥାକୁ ବିଧାୟକ ଶ୍ରୀ ଦଳବେହେରା ଅସନ୍ତୋଷ ପ୍ରକାଶ କରି କହିଥିଲେ ଏଭଳି କାର୍ଯ୍ୟ ଯୋଗୁ ସରକାର କମ୍ପାନୀ ଉପରେ ୧୨ କୋଟି ଟଙ୍କା ଫାଇନ ଲାଗୁ କରିଥିବା ବେଳେ କାହିଁକି କମ୍ପାନୀ କାର୍ଯ୍ୟରେ ଢ଼ିଲା କରୁଛି ଏବଂ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣରେ ହଇରାଣ କରୁଛି ଏ ନେଇ ନବମ ଅଧିବେଶନ ସମସ୍ତ ଜନପ୍ରତିନିଧିଙ୍କ ଉପସ୍ଥିତିରେ ତାଗିଦ କରିବା ସହ ଅଧିବେଶନରେ ୩୮ଟି ପଞ୍ଚାୟତ କିପରି ପାନୀୟ ଜଳ ସୁଚାରୁରୂପେ ପାଇପାରିବେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ପ୍ରସ୍ତାବ ରଖାଯାଇଥିଲା। ବଡମ୍ବା ବ୍ଲକ ଅଧୀନରେ ଥିବା ସମସ୍ତ ନଳକୂପକୁ ଯାଞ୍ଚ କରାଯାଇ ତାର ପୁନଃଉଦ୍ଧାର ଉପରେ ଆଲୋଚନା ସହିତ ସରକାରଙ୍କ ପକ୍ଷରୁ କାମଧେନୁ ଯୋଜନା, କୃଷକଙ୍କ ବିକାଶ ଉପରେ ସରକାରଙ୍କ ଯୋଜନା, ଅଞ୍ଚଳର ଗମନାଗମନ, ରାସ୍ତାଘାଟ ଉପରେ ଆଲୋଚନା କରାଯାଇ ଏହାର ଖୁବଶୀଘ୍ର ସମାଧାନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ସମିତି ବୈଠକରେ ବିଦ୍ୟୁତ, ବନବିଭାଗ, କୃଷି ବିଭାଗ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କସର୍ଦା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା



ଅଡ଼ଶପୁର,୧୬।୯(ସମିସ): ଦ୍ୱୀପାଞ୍ଚଳ କସର୍ଦା ଐତିହାସିକ ଡିପୋଟି ମେଲଣ ପଡିଆ ସ୍ଥିତ ଦୋଳଗୋବିନ୍ଦ ବ୍ରଜ କିଶୋର ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଚିରଶ୍ରୀ ଇନ୍ଦ୍ରସିଂ ଯୋଗଦେଇଛନ୍ତି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କୁଞ୍ଜ ବିହାରୀ ମହାନ୍ତି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ପ୍ରଫେସର ମହାନ୍ତି ଏବଂ ଇତିହାସ ବିଭାଗ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ପ୍ରଫେସର ସ୍ନେହଲତା ସାହୁ, ମହାବିଦ୍ୟାଳୟ ବଡ଼ ବାବୁ ମୁରଲୀ ମହାନ୍ତିଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।

## ଜଳସମ୍ପଦ ସଚିବଙ୍କୁ ଭେଟିଲେ ଜନପ୍ରତିନିଧି



ଟାଙ୍ଗୀ,୧୬।୯(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକର ମଙ୍ଗୁଳିଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ଶତାଧିକ ଛୋଟ ବଡ଼ କମ୍ପାନୀ ଗଢି ଉଠିଛି। ଏଥିମଧ୍ୟରୁ ଅନେକ କମ୍ପାନୀ ବେଆଇନ ଭାବେ ନଳକୂପ ଖୋଳି ଜଳ ବ୍ୟବହାର କରିବା ଦ୍ୱାରା ଅଞ୍ଚଳରେ ଜଳସ୍ତର କମିବାରେ ଲାଗିଛି। ଯାହାଫଳରେ ପାଣି ସମସ୍ୟା ବଢିବାରେ ଲାଗିଛି। ଏହାର ସମାଧାନ ନିମନ୍ତେ ଟାଙ୍ଗୀ ସାଲେପୁର ବିଜେପି ନେତା ହିମାଂଶୁ କୁମାର ମହାନ୍ତି ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ଓ ଜଳସମ୍ପଦ ଏବଂ ଯୋଜନା ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଚିବ ଅନୁ ଗର୍ଗ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଫୁଲପଡ଼ାରେ ଶଙ୍କର୍ଷଣ ମେଧାବୀ ସମ୍ମାନ ପ୍ରଦାନ

ନରସିଂହପୁର,୧୬।୯(ସମିସ): ନରସିଂହପୁର ବ୍ଲକ ଫୁଲପଡାସ୍ଥିତ ଗଣେଶ୍ୱର ବିଦ୍ୟାପୀଠରେ ସ୍ୱର୍ଗତ ଶଙ୍କର୍ଷଣ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶଙ୍କର୍ଷଣ ମେଧାବୀ ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ସରପଞ୍ଚ ତଥା ବିଦ୍ୟାଳୟ ସଭାପତି ବୀରେନ୍ଦ୍ର କିଶୋର ବେହେରା ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ଆଇଟି ପ୍ରଫେସର ଡ. ପ୍ରଶାନ୍ତ ବିଶୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କରୁଣାକର ଶତ୍ରୁସଲ ସ୍ୱାଗତ ଭାଷଣ ସହ ସ୍ୱର୍ଗତ ଶଙ୍କର୍ଷଣ ବେହେରାଙ୍କ ବିଦ୍ୟାଳୟ ତଥା ସମାଜର ସଂସ୍କାରରେ ତାଙ୍କର ଆଦର୍ଶ ଓ ଉଦ୍ୟମ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଇତିଶ୍ରୀ ବେହେରା, ଅର୍ଚ୍ଚିତା ବେହେରା, ଆଦିତ୍ୟ ନାୟକ, ସ୍ମୃତି ପ୍ରଜ୍ଞା ରଣା, କୁନୁମୁନୁ ବେହେରା, ମାନ୍ୟତା ନାୟକ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପ୍ରଭା ବେହେରା ଓ ସ୍ୱର୍ଣ୍ଣ ପ୍ରକାଶ ବେହେରା ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରମୋଦ ବେହେରା, ଯଦୁନାଥ ବେହେରା, ଶ୍ରୀନିବାସ ବେହେରା କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ଉପସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ



କିଶନନଗର,୧୬।୯(ସମିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କଟକ ସଦର ଅନ୍ତର୍ଗତ ଧରିଣା ପଞ୍ଚାୟତ ଅର୍ଚ୍ଛିଲଠାରେ ୪୬ ଲକ୍ଷ ବ୍ୟୟ ଅଟକଳରେ ଡେ କେୟାର ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପକେନ୍ଦ୍ରକୁ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଆଜି ଶୁଭ ଉଦଘାଟନ କରିଛନ୍ତି। ପଞ୍ଚାୟତ ସରପଞ୍ଚ ରତ୍ନାକର ରାଉତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଡିଓ ପ୍ରତିକ ସାହୁ, ସମିତିସଭ୍ୟା ସସ୍ମିତା ଦାଶ, ଆତ୍ମା ସଭାପତି ରମାପଦ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ବସୁନ୍ଧରା ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁଚରଣ ଜେନା, ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ପଣ୍ଡା, ପୂର୍ବତନ ସମିତିସଭ୍ୟ କେଳୁଚରଣ ମାହାଳୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାଞ୍ଚଗାଁ ଷ୍ଟାଡିୟମ ଚତୁପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ



ତିଗିରିଆ,୧୬।୯(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତସ୍ଥିତ ମିନି ଷ୍ଟାଡିୟମର ଚତୁଃପାର୍ଶ୍ୱକୁ ମାପଚୁପ କରାଯିବା ସହ ଜବରଦଖଲ ହୋଇଥିବା ସରକାରୀ ଜମିକୁ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ସେମାନଙ୍କୁ ନୋଟିସ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଅକ୍ଷୟ ପରିଡା ପ୍ରକାଶ କରିଥିବା ଆବେଦନକାରୀ ଜଗଦୀଶ ମିଶ୍ର ଓ ଅନ୍ୟାନ୍ୟ କ୍ରୀଡ଼ାପ୍ରେମୀଙ୍କ ତରଫରୁ ସୂଚନା ମିଳିଛି। ସ୍ଥାନୀୟ ପୁଲିସ ପ୍ରଶାସନ, ବ୍ଲକ ସହକାରୀ ଯନ୍ତ୍ରୀ ସ୍ୱରୂପା ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ପାଞ୍ଚଗାଁ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ସରୋଜ ଦାଶ, ସୋମପଡା ସମିତିସଭ୍ୟ ବ୍ରହ୍ମାନନ୍ଦ ପ୍ରଧାନ, ଯୁବନେତା ଜଗଦୀଶ ମିଶ୍ର, କଳିଙ୍ଗ ସେଠୀ, ରାଜସ୍ୱ ନିରୀକ୍ଷକ, ଅମିନ, କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା।

### କୁଆଁପାଳ-ବରଅଠା ଆରଡ଼ି ରାସ୍ତା

# ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଧାୟକଙ୍କ ଗୁରୁତ୍ୱାରୋପ

ମାହାଙ୍ଗା,୧୬।୯(ସମିସ)



କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନମଣ୍ଡଳୀର ବିରୂପା ଗେଙ୍ଗୁଟି ଦ୍ୱୀପାଞ୍ଚଳର ଲାଇଫଲାଇନ ଭାବେ ପରିଗଣିତ କୁଆଁପାଳ ବରଅଠା ସଡ଼କ ସମ୍ପ୍ରସାରଣ ହେବାରୁ ଦୀର୍ଘଦିନ ହେବ ଗମନାଗମନ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ସାଧାରଣ ଲୋକେ ଖୁସିବ୍ୟକ୍ତ କରିଛନ୍ତି। ସାଢେ ୮ କିଲୋମିଟର ଦୂରତ୍ୱ ବିଶିଷ୍ଟ ଏହି ସଡ଼କ ପୂର୍ବରୁ ୧୨ ଫୁଟ ଚଉଡା ଥିବାବେଳେ ଏହାକୁ ଏବେ ୧୮ ଫୁଟ ଓସାରିଆ କରାଯିବାକୁ ପ୍ରଶାସନିକ ମଞ୍ଜୁର ମିଳିଛି। ରାସ୍ତାର ଉଭୟ ପାଶ୍ୱର୍ରୁ ମାଟି ଖନନ ପରେ ଏହା ପୂର୍ବାପେକ୍ଷା ଅଧିକ ୬ ଫୁଟ ଓସାରିଆ ହୋଇପାରିଛି। କୁହୁଣ୍ଡା, ମଧୁପୁର, ବାସୁଦେବପୁର ପଞ୍ଚାୟତର ଯେଉଁସବୁ ଅଞ୍ଚଳ ଦେଇ ଏହି ସଡ଼କ ଚଣ୍ଡିଖୋଲ ପାରାଦ୍ୱୀପ ୫ ନମ୍ବର (କ) ଜାତୀୟ ରାଜପଥକୁ ସଂଯୋଗ କରୁଛି। ସେସବୁ ଅଞ୍ଚଳରୁ ଅବରୋଧ ହଟାଇବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯିବା ଦେଖିବାକୁ ମିଳିଛି। ବିଶେଷ କରି ବାସୁଦେବପୁର ଓ ନୂଆହାଟ ବଜାରକୁ ଜବରଦଖଲ ମୁକ୍ତ କରାଯିବାକୁ ନୋଟିସ ଜାରି ହୋଇଛି। କଲ୍ୟାଣପୁର ଗାନ୍ଧୀ ଛକ ରାସ୍ତାର ଆରମ୍ଭସ୍ଥଳ ହୋଇଥିବାରୁ, ସ୍ଥାନୀୟ କୁହୁଣ୍ଡା ରାଜସ୍ୱ ଗ୍ରାମ ଭିତରୁ ଜବରଦଖଲ ହଟିବ ବୋଲି ତହସିଲ ପ୍ରଶାସନ ସୂଚନା ଦେଇଛି। ବର୍ଷାଦିନ ପରେ ପରେ ଏହି ରାସ୍ତାରେ ଜଳ ନିଷ୍କାସନ ପାଇଁ ଆବଶ୍ୟକ ସଂଖ୍ୟକ କଲଭର୍ଟ ନିର୍ମାଣ, ଖାଲୁଆ ଅଞ୍ଚଳରେ ଗାର୍ଡୱାଲ ନିର୍ମାଣ, ପୂର୍ବରୁ ଥିବା କଂକ୍ରିଟ ଅଂଶ ଉପରେ ପୁନଃ କଂକ୍ରିଟ ରାସ୍ତା ନିର୍ମାଣ ଏବଂ ଅବଶିଷ୍ଟ ସ୍ଥାନରେ ପିଚୁରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଥିବା ବିଭାଗୀୟ ଉପଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଏହି ସଡ଼କ ଉପରେ ସାଢେ ପାଞ୍ଚ କିଲୋମିଟର ପିଚୁ ଏବଂ ଅଢେଇ କିଲୋମିଟର କଂକ୍ରିଟ ରାସ୍ତା ନିର୍ମାଣ ହେବ। ସେହିପରି ଗାଁ ଭିତରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ପାଇଁ ଲୋକେ ଦାବି କରିଛନ୍ତି। ଏବେ ବର୍ଷା ଲାଗି ରହିଥିବାରୁ ପିଚୁ କିମ୍ବା ଢଳେଇ କାର୍ଯ୍ୟ ହୋଇପାରିବ ନାହିଁ ବୋଲି କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ କହିଛନ୍ତି। କେବଳ ପୁରୁଣା ରାସ୍ତାକୁ ଚଉଡା କରାଯିବାକୁ ରାସ୍ତାର ୨ ପାଶ୍ୱର୍ରୁ ୩ ଫୁଟ ଲେଖାଏଁ ମାଟି ଖୋଳା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଦେଖିବାକୁ ମିଳିଛି। ଏହି ସଡ଼କ ଉପରେ ବଡ଼ଚଣା ଏବଂ ମାହାଙ୍ଗା ଉଭୟ ନିର୍ବାଚନ ମଣ୍ଡଳୀର ହଜାର ହଜାର ଅଧିବାସୀ ନିର୍ଭର କରନ୍ତି। ବ୍ଲକ, ଥାନା, କୋର୍ଟ, ତହସିଲ, କୃଷି ବିଭାଗ ଦପ୍ତର, ଏବଂ କଲେଜ, ଠାରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଦୈନିକ ବହୁ ଲୋକ ଯାତାୟାତ କରିଥାନ୍ତି। ଏହି ସଡ଼କ ସମ୍ପ୍ରସାରଣ ପାଇଁ ସ୍ଥାନୀୟ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମ ଫଳରେ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ବିଭାଗୀୟ ମନ୍ତ୍ରୀଙ୍କ ସହିତ କୁହୁଣ୍ଡା ପଞ୍ଚାୟତରେ ଏହି ରାସ୍ତା ନିର୍ମାଣର ଶିଳାନ୍ୟାସ କରାଯିବା ପରେ, ଏକାଧିକ ବାର ବିଭାଗୀୟ ଅଧିକାରୀଙ୍କ ସହିତ ବୈଠକ କରି ରାସ୍ତା ନିର୍ମାଣର ଅଗ୍ରଗତି ଉପରେ ବିଧାୟକ ଶ୍ରୀ ପ୍ରଧାନ ସମୀକ୍ଷା କରିଥିବା ଜଣାପଡିଛି। ତେବେ ଚଳିତ ବର୍ଷାଋତୁ ଶେଷରେ ରାସ୍ତା ନିର୍ମାଣ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ଏବଂ ଚୁକ୍ତି ସମୟସୀମା ଆସନ୍ତା ବର୍ଷ ମଇ ମାସ ସୁଧା ଶେଷ ହେବ। ରାସ୍ତା ନିର୍ମାଣ ସମୟରେ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହିତ, ସମସ୍ତ ନିର୍ମାଣକାର୍ଯ୍ୟ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ପୂର୍ଣ୍ଣାଙ୍ଗ କରାଯିବ ବୋଲି କନଷ୍ଟ୍ରକ୍ସନ କମ୍ପାନୀର ମୁଖ୍ୟ ଦିଲୀପ କୁମାର ସାମଲ ସୂଚନା ଦେଇଛନ୍ତି।

### ● ଇଂ ଅଭିଷେକ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ

## ଆର୍ଥିକ ସହାୟତା ଓ ଟେଷ୍ଟପେପର ବଣ୍ଟନ



ଫୁଲନଖରା,୧୬।୯(ସମିସ): କଟକ ମହାନଗର ନିଗମ ୫୬ନଂ ୱାର୍ଡ ଅନ୍ତର୍ଗତ କାଜିପାଟଣାସ୍ଥିତ ଲକ୍ଷ୍ମୀନାରାୟଣ ସ୍ୱାମୀ ମନ୍ଦିର ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଂ ଅଭିଷେକ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଅଭିଷେକ ପାଲ୍‌ଙ୍କ ୫ମ ବାର୍ଷିକ ପୁଣ୍ୟତିଥି ପାଳନ ଅବସରରେ ଆରୋଗ୍ୟ ନିଳୟ ଫିଜିଓଥେରାପି ସେଣ୍ଟରକୁ ୧ଲକ୍ଷ ଟଙ୍କା ଓ ଭଞ୍ଜନଗର ବେତାର ଗ୍ରାମର ମମତା ପଣ୍ଡାଙ୍କୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଅନୁଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ପାଲ ପ୍ରଦାନ କରିଛନ୍ତି। ସ୍ୱର୍ଗତ କୃପାସିନ୍ଧୁ ପଣ୍ଡା ଓ ମମତା ପଣ୍ଡାଙ୍କ ପୁଅ ବବୁଲ ପଣ୍ଡା (୧୭) ୩ ବର୍ଷ ତଳେ ନିଆଁରେ ପୋଡିଯାଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜାଣି ଅଭିଷେକ ମେମୋରିଆଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ପାଲ ତାଙ୍କ ମାଆଙ୍କୁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ବବୁଲ୍‌ର ଆରୋଗ୍ୟ କାମନା କରିଛନ୍ତି। ଏତଦ୍ ବ୍ୟତୀତ ବିଭିନ୍ନ ବିଦ୍ୟାଳୟର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୫୦ଜଣ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ଓ ବାଙ୍କୀ ଅଞ୍ଚଳର ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଲେଙ୍କା, ଅନ୍ନପୂର୍ଣ୍ଣା ସାହୁ, ସ୍ୱାଧୀନଚେତା ମହାନ୍ତି, ଆଲୋକ ଦାସ, ଚିନ୍ମୟ ପାତ୍ର, ଅଶୋକ ରାଉତ, ସୁବ୍ରତ ମହାପାତ୍ର, ବାଉରୀବନ୍ଧୁ ଜେନା, ଡଃ କଲ୍ୟାଣ ମହାନ୍ତି, ରମେଶ ଚନ୍ଦ୍ର ପ୍ରଧାନ, କାନନବିହାରୀ ନାୟକ, ସୁବାସ ଚନ୍ଦ୍ର ସ୍ୱାଇଁ, ଶରତ ପରିଡା, କିଶୋର ପ୍ରଧାନ, ସୁବାସ ସ୍ୱାଇଁ, ସୁଧାକର ସ୍ୱାଇଁ ଓ ଦେବେନ୍ଦ୍ର କୁଅଁର ପ୍ରମୁଖ ଉପସ୍ଥିତ ରହି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାଜିପାଟଣା ଗ୍ରାମ୍ୟ ମୁରବୀ ଓ ଯୁବଗୋଷ୍ଠୀ ପରିଚାଳନା କରିଥିଲେ।

## ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଦିବସ



ସମ୍ବଲପୁର,୧୬।୯(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ସ୍ନାତକୋତ୍ତର ହିନ୍ଦୀ ବିଭାଗ ପକ୍ଷରୁ ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଦାଶରଥି ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ବେହେରା ତାଙ୍କ ବକ୍ତବ୍ୟରେ ରାଜଭାଷା ହିନ୍ଦୀ ଭାଷାର ମହତ୍ୱ ପ୍ରତିପାଦନ କରିବା ସହ ଭାରତର ରଚନାରକ ପ୍ରଗତିରେ ଏହି ଭାଷାର ଉପଯୋଗିତା ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ସେ କହିଥିଲେ ଯେ, ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଆଧାରକୁ ସୁଦୃଢ କରିବାରେ ହିନ୍ଦୀ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହିନ୍ଦୀ ଆଜି କେବଳ ସଂପର୍କ ନୁହେଁ ବରଂ ଲକ୍ଷ ଲକ୍ଷ ଶିକ୍ଷିତଙ୍କ ରୋଜଗାରର ମାଧ୍ୟମ ହୋଇପାରିଛି। ବିଭିନ୍ନ ପତ୍ରକାର, ପ୍ରବଚକ, କବି ନିଜ ନିଜ କ୍ଷେତ୍ରରେ କେବଳ ସକ୍ଷମ ହୋଇନାହାନ୍ତି ଅନେକଙ୍କୁ ରୋଜଗାରର ପନ୍ଥା ଦେଖାଇ ପାରିଛନ୍ତି। ମହାବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଆଜି ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ହିନ୍ଦୀ ଭାଷା ଓ ସାହିତ୍ୟର ବିଶାଳ କ୍ଷେତ୍ର ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ହେମନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ନିରୁପମା ଭୋଇ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ଏହିଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ଅଧ୍ୟାପିକା ନିକିତା ବହିଦାର ତଥା ଯୋଗେଶ୍ୱରୀ ରଣା ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜିଲ୍ଲାରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ



ସମ୍ବଲପୁର, ୧୬।୯ (ସମିସ):ରାଜ୍ୟସ୍ତରୀୟ ଅଙ୍ଗନବାଡ଼ି କେନ୍ଦ୍ର ସମୂହର ଉଦ୍‌ଘାଟନ ଉତ୍ସବ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଓସ୍ୱାନ ହଲ୍‌ଠାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଡିଏସ୍‌ଡବ୍ଲୁଓ ସଞ୍ଜୁକ୍ତା ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳବାର ରାଜ୍ୟରେ ୯୧୩ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ୧୨ଟି କେନ୍ଦ୍ର ରହିଛି। ଏଥିରୁ ୫ଟି ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟ ୭ଟି ନିର୍ମାଣଧୀନ ଅଛି। ଆଇସିଡିଏସ ପ୍ରକଳ୍ପ ଅଧୀନରେ ରେଢାଖୋଲର ୨ଟି, ନାକଟିଦେଉଳର ୨ଟି, ବାମରାର ଗୋଟିଏ, ରେଙ୍ଗାଲିର ୨ଟି, ମାନେଶ୍ୱରର ୩ଟି, ସମ୍ବଲପୁର ସହରାଞ୍ଚଳର ୨ଟି ଅଙ୍ଗନବାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ। ମନ୍ତ୍ରୀ ଶ୍ରୀ ନାଏକ କହିଲେ ଯେ, ଅଙ୍ଗନବାଡ଼ି କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ମଧ୍ୟରେ ଏକ ପ୍ରମୁଖ ଆଭିମୁଖ୍ୟ। ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ୧୬ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯିବ। ଯେଉଁଠି ସ୍ୱଚ୍ଛ ପାନୀୟ ଜଳଯୋଗାଣ ସୋଲାର ସିଷ୍ଟମ ମାଧ୍ୟମରେ ଉପଲବ୍ଧ ହେବାସହ ଅନ୍ୟ ସୁବିଧା ରହିବ। ମନ୍ତ୍ରୀ ଶ୍ରୀ ନାଏକ ସମ୍ବଲପୁର ସହରାଞ୍ଚଳର ନୂତନ କାନିଜୁରି ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଦିବସ



ସମ୍ବଲପୁର,୧୬।୯(ସମିସ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ ଅନୁଷ୍ଠାନର ମୁଖ୍ୟାଳୟରେ ଉଭୟ ଭୌତିକ ଏବଂ ଆଭାସୀ ମାଧ୍ୟମରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ଏକତା, ସାଂସ୍କୃତିକ ଐତିହ୍ୟ ଏବଂ ଜାତୀୟ ସଂହତିର ପ୍ରତୀକ ଭାବରେ ହିନ୍ଦୀ ଭାଷାର ଗୁରୁତ୍ୱକୁ ଆଲୋକପାତ କରିଥିଲା। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇ ଦେଶ ଗଠନ, ଦାୟିତ୍ୱ ଓ ଭାଷାର ଗର୍ବ ବିଷୟରେ ଉଦ୍‌ବୋଧନ ଦେଇ, ଶିକ୍ଷା ଏବଂ ଦୈନନ୍ଦିନ ଜୀବନରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ମହାରାଷ୍ଟ୍ରର ୱାର୍ଦ୍ଧାସ୍ଥିତ ମହାତ୍ମା ଗାନ୍ଧୀ ଆନ୍ତର୍ଜାତୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଏବଂ ଡିନ୍ ଡଃ ଦେବରାଜ ଭର୍ଚୁଆଲ୍ ମୋଡ୍‌ରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଭାରତର ବିବିଧ ଭାଷାଗତ ପରିଦୃଶ୍ୟରେ ଭାଷା ଏକ ସମ୍ପର୍କ ଭାବରେ ହିନ୍ଦୀର ଅଭିବୃଦ୍ଧି ଏବଂ ଗୁରୁତ୍ୱ ଉପରେ ସେ ତାଙ୍କ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ କୁଳସଚିବ ଡଃ ଚିତ୍ତ ରଂଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଂଜନ ଷଡ଼ଙ୍ଗୀ, ଡଃ ସଚ୍ଚିଦାନନ୍ଦ ବକ୍ସି (ନିର୍ଦ୍ଦେଶକ, ବିଦ୍ୟାଳୟ ମାନବିକତା ଏବଂ ସାମାଜିକ ବିଜ୍ଞାନ), ଉପକୁଳସଚିବ ସରୋଜକାନ୍ତ ନାୟକ ତଥା ଓଏସ୍‌ଓୟୁର ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ହିନ୍ଦୀ କବିତା ରଚନା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଡଃ ମୀନା ସୋନି ପ୍ରଥମ, ସତ୍ୟମ ଗୌଡ଼ ଦ୍ୱିତୀୟ, ସୁସ୍ମିତା ଦାସ ତୃତୀୟ ଏବଂ ସୋମସ୍ୱତୀ ଜେନାଙ୍କୁ ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଥିଲା।

## ଓଏଏସ ସ୍ତରରେ ଛୋଟ ଅଦଳବଦଳ

ଭୁବନେଶ୍ୱର, ୧୬।୯ (ସମିସ): ଓଏଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ ହୋଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଜାରି ବିଜ୍ଞପ୍ତି ଅନୁସାରେ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର୍(ପ୍ରଶାସନ) ଭାବେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ସଂଗ୍ରାମ ଶେଖର ପଣ୍ଡା ଏହି ଦାୟିତ୍ୱ ଜାରି ରଖିବେ। ପୂର୍ବରୁ ତାଙ୍କର ପଦମପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ହୋଇଥିବା ବଦଳି ନିର୍ଦ୍ଦେଶନାମାକୁ ବାତିଲ କରାଯାଇଛି। ଏହାସହ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ୍‌ର ଅତିରିକ୍ତ କମିସନର ସରୋଜିନୀ ପ୍ରସନ୍ନ କୁଲ୍ଲୁଙ୍କୁ ପଦମପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଏହାସହ 'ରୋଟି' ଯୁଗ୍ମ ନିର୍ଦ୍ଦେଶକ ମନୋଜ ପାତ୍ରଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିସନର ଭାବେ ବଦଳି କରାଯାଇଛି।

# ଜିଲ୍ଲା ପରିଷଦ ବୈଠକରେ ସାର ପାଇଁ ହଟ୍ଟଗୋଳ






ସମ୍ବଲପୁର, ୧୬।୯ (ସମିସ) : ସମ୍ବଲପୁର ଜିଲ୍ଲାର ପ୍ୟାକ୍ସ ଓ ଲ୍ୟାମ୍ପସରେ ୟୁରିଆ ସାର ମିଳୁନଥିବାବେଳେ ପ୍ରାଇଭେଟ୍ ବିତରକ ଦୁଇରୁ ତିନିଗୁଣା ଦରରେ ବିକ୍ରୟ କରୁଛନ୍ତି। ଶୋଷଣର ଶିକାର ହେଉଛି ଚାଷୀ। କୃଷି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ 'ଶୂନ'। ଆଜି ଜିଲ୍ଲା ପରିଷଦ ବୈଠକରେ ଉଠିଥିଲା ଚାଷୀକୁ ୟୁରିଆ ସାର ଯୋଗାଣ ପ୍ରଶ୍ନ। ଏହାକୁ ନେଇ ବୈଠକରେ ହୋଇଥିଲା ହଟ୍ଟଗୋଳ। ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ମଧ୍ୟ ଚାଷୀକୁ ସାର ଯୋଗାଇବାକୁ ନେଇ ଜିଲ୍ଲା ପ୍ରଶାସନ ଓ ମନ୍ତ୍ରୀଙ୍କୁ ଘେରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ଖରିଫ୍ ଋତୁରେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ବୃହତ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) ମାନଙ୍କରେ ୟୁରିଆ ସାର ମିଳୁନାହିଁ। ପ୍ରାଇଭେଟ୍ ବିତରକ ମାନେ ଦୁଇରୁ ତିନିଗୁଣା ଦରରେ ୟୁରିଆ ବିକ୍ରୟ କରୁଛନ୍ତି। ସଠିକ୍ ସମୟରେ ଖରିଫ୍ ଚାଷରେ ସାର ଓ କୀଟନାଶକ ଦେବାକୁ ଯାଇ ଚାଷୀ ପ୍ରାଇଭେଟ୍ ବିତରକ ମାନଙ୍କ ଲୁଟ୍‌ର ଶିକାର ହେଉଛି।

ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନବମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ଏପ୍ରିଲ ୨୨ ବୈଠକର ଦୃଢ଼ୀକରଣ ଏବଂ ପ୍ରାରମ୍ଭିକ ବକ୍ତବ୍ୟ ପରେ ଖରିଫ୍ ଚାଷ ଉପରେ ଆଲୋଚନା ଆରମ୍ଭ ନହେଉଣୁ କଥା କଟାକଟି ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟସଭ୍ୟାମାନେ ମଧ୍ୟ ଚାଷୀକୁ ସାର ଯୋଗାଣରେ ଅବ୍ୟବସ୍ଥାକୁ ନେଇ ପ୍ରତିବାଦ କରିଥିଲେ। ରେଙ୍ଗାଲି ଜିଲ୍ଲା ପରିଷଦ ସଭ୍ୟ ଦେ'ନାରାୟଣ ତିୱାରୀ ଅଭିଯୋଗ କରିଥିଲେ ଯେ, ଜିଲ୍ଲାକୁ ଯେଉଁ ସାର ଆସୁଛି ତାହାକୁ ସିଧାସଳଖ ଚାଷୀକୁ ଦିଆନଯାଇ ବେପାରୀ ମାନଙ୍କୁ ଦେଇ ଦିଆଯାଉଛି। ସେମାନେ ୟୁରିଆ ବସ୍ତା ପିଛା ୨୬୭ ଟଙ୍କା ୫୦ ପଇସା ବଦଳରେ କଳାବଜାରରେ ଚାଷୀକୁ ଦେଖି ୭୦୦ରୁ ୮୦୦ ଟଙ୍କାରେ ବିକ୍ରୟ କରୁଛନ୍ତି। ଅତ୍ୟାବଶ୍ୟକ କରୁଥିବା ଚାଷୀ ଦେଖିଲେ ତାହା ୧୨୦୦ ଟଙ୍କା ପର୍ଯ୍ୟନ୍ତ ଯାଉଛି। କୃଷି ବିଭାଗ ଅଧିକାରୀଙ୍କୁ ୟୁରିଆ କଳାବଜାର ହେଉଥିବା ଅଭିଯୋଗ କଲେ ସେହି ଖବର ସେମାନେ ପ୍ରାଇଭେଟ୍ ବିତରକଙ୍କୁ ଦେଉଥିବା ଭଳି ଶ୍ରୀ ତିୱାରୀ ସଙ୍ଗୀନ ଅଭିଯୋଗ କରିଥିଲେ। ସରକାର ଜିଲ୍ଲାର ପ୍ୟାକ୍ସ ଓ ଲ୍ୟାମ୍ପସ ଗୁଡ଼ିକ ଜରିଆରେ ଚାଷୀକୁ କାହିଁକି ସଠିକ୍ ଦରରେ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ କହିଲେ ଯେ, ସରକାରଙ୍କ ପକ୍ଷରୁ ଚାଷୀକୁ ଆବଶ୍ୟକ ଅନୁଯାୟୀ ୟୁରିଆ ସାର ଯୋଗାଣ ହୋଇନାହିଁ। ପ୍ରାଇଭେଟ୍‌ରେ ମିଳୁଥିବାବେଳେ ପ୍ୟାକ୍ସ / ଲ୍ୟାମ୍ପସରେ ମିଳୁନାହିଁ। ଚାଷୀମାନେ ସାର ବିନା ହଇରାଣ ହେଉଛନ୍ତି। ଏପରିସ୍ଥଳେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଭାପତି ଶ୍ରୀମତୀ ନାୟକ ପ୍ରସ୍ତାବ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ୟୁରିଆ ସାର ନିଅଣ୍ଟ ନେଇ ସ୍ୱୀକାର କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ୟୁରିଆ ସାରକୁ ନେଇ ଜିଲ୍ଲା ପରିଷଦ ବୈଠକରେ ସବିଶେଷ ଆଲୋଚନା ହୋଇଛି। ଜିଲ୍ଲାରେ ଚାଷୀମାନଙ୍କୁ ସାର ଯୋଗାଇ ଦିଆଯାଇଛି। ଆମକୁ ଆଉ କିଛି ସାର ଦରକାର। ଆମେ ତାହା ମାଗିଛୁ। ଚାଷୀମାନେ ଆଉ ଅଧିକ ସାର ଚାହୁଁଛନ୍ତି। ୩୧୦୦ ଟଙ୍କାରେ ଧାନ ବିକ୍ରୟ କରିବାକୁ ନେଇ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଯାଇଛି। ଚଳିତବର୍ଷ ଅଧିକ ସଂଖ୍ୟକ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସାର କଳାବଜାରକୁ ନେଇ ମନ୍ତ୍ରୀ ଶ୍ରୀ ନାଏକ ଜିଲ୍ଲାପାଳଙ୍କ ପଦକ୍ଷେପକୁ ସ୍ୱାଗତ କରିବାସହ ପ୍ରଥମକରି ସମ୍ବଲପୁର ଜିଲ୍ଲାରେ ୩ ଜଣ ବିତରକଙ୍କ ଲାଇସେନ୍ସ ବାତିଲ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯେ, ଚଳିତବର୍ଷ ପ୍ରାୟ ୨୦ ପ୍ରତିଶତ ବେଶୀ ଧାନ ଚାଷ ହୋଇଥିବାରୁ ୟୁରିଆ ସାର ନିଅଣ୍ଟ ପଡ଼ିଛି। ତେବେ, ସରକାରଙ୍କୁ ଅଧିକ ସାର ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି।

ଜିଲ୍ଲା ପରିଷଦ ବୈଠକରେ ଖରିଫ ଧାନଚାଷକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। କୃଷି ଓ ଉଦ୍ୟାନକୃଷି ବିଭାଗ ବିଭିନ୍ନ ବିହନ, ସାର ଆଦି ଯୋଗାଇବା ସମୟରେ ବିଳମ୍ବ କରୁଛନ୍ତି କିମ୍ବା ଜାଣିଶୁଣି ଚାଷୀକୁ ପ୍ରାଇଭେଟ୍ ବିତରକଙ୍କ ପାଖକୁ ଯାଇ ଅଧିକ ଦରରେ କିଣିବାକୁ ବାଧ୍ୟ କରୁଛନ୍ତି। ଏଣୁ ବୈଠକରେ କୃଷି ଓ ଉଦ୍ୟାନକୃଷି ବିଭାଗ କାର୍ଯ୍ୟର ତଦନ୍ତ କରାଯିବାକୁ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ମାନେ ପ୍ରସ୍ତାବ ଦେଇଛନ୍ତି। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥର ଧାନ ଚାଷ ବେଶୀ ହୋଇଥିବାରୁ ୟୁରିଆ ପୁରିଲାନି ବୋଲି କହୁଥିବାରୁ ମଣ୍ଡି ଓ ମାର୍କେଟୟାର୍ଡ ଭିତ୍ତିଭୂମି ପ୍ରସ୍ତୁତ ରଖିବାସହ ଧାନ କିଣାବିକାରେ ଯେଭଳି ପୁଣି ଅବ୍ୟବସ୍ଥା ନହେବ ସେଥିପ୍ରତି ପୂର୍ବରୁ ପ୍ରସ୍ତୁତ ରହିବାକୁ ସିଏସ୍‌ଓ ଓ ଆର୍‌ଏମ୍‌ସି ତଥା ଡିଆର୍‌ସିଏସ୍‌ଙ୍କୁ ଜିଲ୍ଲା ପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।

### ଜିଲ୍ଲାରେ ବିଭିନ୍ନ ଯୋଜନା ଅଗ୍ରଗତି ଆଲୋଚନା

ସମ୍ବଲପୁର: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନବମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ତଥା ସମ୍ବଲପୁର, ରେଢ଼ାଖୋଲ ଓ ରେଙ୍ଗାଲି ବିଧାୟକ ଏବଂ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

ବୈଠକରେ କୃଷି ବିଭାଗର ବିହନ ଯୋଗାଣ, ରାସାୟନିକ ସାର, ପିଏମ-କିସାନ, ସିଏମ-କିସାନ ଖରିଫ୍ ଓ ରବି ଋତୁର ଚାଷକାର୍ଯ୍ୟ, ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ, ଉଦ୍ୟାନ ବିଭାଗର ଅଗ୍ରଗତି ଓ ବିଭିନ୍ନ କାର୍ଯ୍ୟକ୍ରମ, ମତ୍ସ୍ୟ ବିଭାଗର ଅଗ୍ରଗତି ଓ କାର୍ଯ୍ୟକ୍ରମ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ, ସମବାୟ ବିଭାଗର କୃଷି ଋଣ, ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ବିଭାଗର ଶିଶୁ ବାଟିକା ଯୋଜନା, ଶିକ୍ଷାନୁଷ୍ଠାନ ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ଆବଶ୍ୟକସଂଖ୍ୟକ ଶିକ୍ଷକ, ଅତ୍ୟାଧୁନିକ ଶ୍ରେଣୀ ଗୃହ ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର ଆନୁସଙ୍ଗିକ ବ୍ୟବସ୍ଥା, ପିଏମ୍‌ଶ୍ରୀ ଯୋଜନା, ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ପ୍ରାଣୀ ସମ୍ପଦ ବିଭାଗ, ଗ୍ରାମ୍ୟ ନିର୍ମାଣ/ଜଳସେଚନ/କ୍ଷୁଦ୍ର ଜଳସେଚନ/ଉଠା ଜଳସେଚନ ଓ ପୂର୍ତ୍ତ ବିଭାଗର କାର୍ଯ୍ୟକଳାପ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଶକ୍ତି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ/ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ,ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର, ଅନ୍ଧତ୍ୱ ଦୂରୀକରଣ ଆଦି ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ଏହାସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଜଙ୍ଗଲ ବିଭାଗ, ଶ୍ରମ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ପରିମଳ ବିଭାଗର ଓଡ଼ିଶା ଜୀବିକା ମିଶନ, ଓରମାସର କାର୍ଯ୍ୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆବାସ ଯୋଜନାର ଅଗ୍ରଗତି ତଥା ସମ୍ପୂର୍ଣ୍ଣ କରିବା ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ।

## ସମ୍ବଲପୁର ତହସିଲର ୧୨ ଆର୍‌ଆଇଙ୍କ ଦରମା ବନ୍ଦ

ସମ୍ବଲପୁର,୧୬।୯(ସମିସ): ସମ୍ବଲପୁର ସଦର ଅଧିବାସୀଙ୍କ ପଟ୍ଟା ସଂଶୋଧନ ବା ଆର୍‌ଓଆର୍‌ର ଖାନା-୨ (କଲମ୍-୨)କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅପ୍‌ଡେଟ୍ କରିବାପାଇଁ ସରକାର, ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ତଥା ସଦର ତହସିଲଦାର କାର୍ଯ୍ୟାଳୟରୁ ବାରମ୍ବାର ନିର୍ଦ୍ଦେଶ ଜାରି କରାଯାଇଛି। ତେବେ, କେତେକ ରାଜସ୍ୱ ନୀରିକ୍ଷକ (ଆର୍‌ଆଇ) ଓ ଅନ୍ୟ ଷ୍ଟାଫ୍ ମାନଙ୍କ ନିମ୍ନମାନର ପ୍ରଦର୍ଶନ ଯୋଗୁଁ ବହୁସଂଖ୍ୟାରେ ସି୨ସି କେସ ବଳକା ରହିଛି କିମ୍ବା ଅପ୍‌ଡେଟ୍ ହୋଇପାରିନାହିଁ। ତାହାକୁ ଦୃଷ୍ଟିରେ ରଖି ସମ୍ବଲପୁର ସଦର ତହସିଲଦାର ନିମ୍ନମାନର ପ୍ରଦର୍ଶନ କରିଥିବା ସମ୍ବଲପୁର ତହସିଲର ୧୨ ଜଣ ରାଜସ୍ୱ ନୀରିକ୍ଷକଙ୍କ ଦରମା ବନ୍ଦ କରିଦେଇଥିବା ଜଣାପଡ଼ିଛି। ଦିଆଯାଇଥିବା ଲକ୍ଷ୍ୟରୁ ୨ ପ୍ରତିଶତରୁ କମ ସଂଶୋଧନ କରାଯାଇଥିବାରୁ ତହସିଲଦାର ଏତାଦୃଶ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨ ଲକ୍ଷ ୨୬ ହଜାର ୯୦୭ରୁ ଉର୍ଦ୍ଧ୍ୱ ପଟ୍ଟାଧାରୀଙ୍କ ଆର୍‌ଓଆର୍‌କୁ ଏହି ପ୍ରକ୍ରିୟାରେ ଯାଞ୍ଚ କରାଯାଇ ସଂଶୋଧନ କରାଯିବ। ଜିଲ୍ଲାର ସମସ୍ତ ତହସିଲରେ ୫ ରୁ ୭ ପ୍ରତିଶତ ସଂଶୋଧନ କରାଯାଇଥିବାବେଳେ ସମ୍ବଲପୁର ତହସିଲରେ ଏହା ନିରାଶାଜନକ ହୋଇଥିବା ସୂଚନା ମିଳିଛି।ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ କହିଛନ୍ତି, ଜିଲ୍ଲାରେ ପଟ୍ଟା ସଂଶୋଧନ ମିଶନ୍ ମୋଡ୍‌ରେ ଚାଲିଛି। ଆର୍‌ଆଇ ମାନଙ୍କୁ ଟାର୍ଗେଟ ଦିଆଯାଇଛି। ସେମାନେ ପ୍ରତିଦିନ ୧୫ଟି କରିବା କଥା। ସେମାନଙ୍କ ମଧ୍ୟରୁ ଯେଉଁମାନେ ନିମ୍ନମାନର ପ୍ରଦର୍ଶନ କରିଛନ୍ତି, ସଦର ତହସିଲଦାର ସେମାନଙ୍କ ଦରମା ବନ୍ଦ କରିଛନ୍ତି। ଯେଉଁମାନଙ୍କ ଅଜା କିମ୍ବା ବାପା ନାମରେ ଜମିଜମା ଅଛି ଓ ସେମାନେ ମୃତ୍ୟୁବରଣ କରିସାରିଲେଣି, ସେମାନଙ୍କ ଉତ୍ତରାଧିକାରୀମାନେ ଆର୍‌ଆଇଙ୍କ ସହିତ ଯୋଗାଯୋଗ କରି କଲମ-୨ ସଂଶୋଧନ କରି ନିଜ ନାମରେ ପଟ୍ଟା କରନ୍ତୁ ବୋଲି ସେ ସମ୍ବଲପୁରବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହାଦ୍ୱାରା ଋଣ ତଥା ଆବାସ ଓ ଅନ୍ୟ ପ୍ରମାଣ ପାଇବାରେ ଅସୁବିଧା ହେବନାହିଁ ବୋଲି ସେ କହିଛନ୍ତି।

## ଏନ୍‌ଏସସିବି କଲେଜ, ବୁର୍ଲା ଡିଏଭିରେ ବିଶ୍ୱ ଓଜୋନ ଦିବସ

ସମ୍ବଲପୁର, ୧୬।୯ (ସମିସ): ନେତାଜୀ ସୁଭାଷଚନ୍ଦ୍ର ବୋଷ କଲେଜରେ ଆଜି ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ସଭାପତିତ୍ୱରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ସାଇନ୍ସ ସୋସାଇଟି, ଇକୋ କ୍ଲବ ଏବଂ ଏନଏସଏସ ୟୁନିଟ୍ ମାନଙ୍କ ମିଳିତ ଉଦ୍ୟମରେ ଆୟୋଜିତ



କାର୍ଯ୍ୟକ୍ରମରେ ଗଣିତ ବିଭାଗ ମୁଖ୍ୟ ଡଃ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ଆଦିତ୍ୟ ମେହେର ଓଜୋନ ସ୍ତର ସୁରକ୍ଷା ପାଇଁ ସାମଗ୍ରିକସ୍ତରରେ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ରସାୟନ ବିଭାଗ ମୁଖ୍ୟ ଡଃ ସନ୍ତୋଷ ରଞ୍ଜନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଜୋନ ସ୍ତର, ଏହାର ରାସାୟନିକ ସଂରଚନା, ଓଜୋନ ସ୍ତର କ୍ଷୟର କାରଣ ଏବଂ ନିରାକରଣ ତଥା ଏହାର ସୁରକ୍ଷା ଦିଗରେ ସମସ୍ତଙ୍କ ଭୂମିକା ଉପରେ ଆଲୋଚନା କଲେ। ରସାୟନ ବିଭାଗର ଅଧ୍ୟାପକ ଡଃ ଅଜୟ ମିଶ୍ର ମଧ୍ୟ ନିଜ ମତାମତ ରଖିଥିଲେ। ସଭାରେ ଡଃ ସେନ ସେଠ, ଡଃ କିରଣ କୁମାର ପାତ୍ର, ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର (ୟୁକ୍ତ-୨) ସତ୍ୟପ୍ରକାଶ ଟୁଡୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଏନଏସଏସ ଅସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ରୋଜାଲି ସେଠ ମଞ୍ଚ ସମନ୍ୱୟ କରିଥିଲେ। ଶେଷରେ ଇକୋ କ୍ଲବ ଅଧିକାରୀ ମିନତି ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ବିଶ୍ୱ ଓଜୋନ୍ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର ବେଦବାକ୍ ପୌରହିତ୍ୟ କରିଥିବାବେଳେ ବିଦ୍ୟାଳୟର ଜୀବବିଜ୍ଞାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦାସ ଓଜୋନ୍ ଗ୍ୟାସ୍‌ର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ ସାହୁ ଓଜୋନ୍ ଗ୍ୟାସ୍‌ର ସୁରକ୍ଷା କବଚ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ପଦାର୍ଥ ବିଜ୍ଞାନ ଶିକ୍ଷକ ସୌଭାଗ୍ୟ ମିଶ୍ର ଓଜୋନ୍ ବିଷୟରେ ବାସ୍ତବିତ ତଥ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ବେଦବାକ୍ ତାଙ୍କ ଅଭିଭାଷଣରେ ବିଶ୍ୱ ଓଜୋନ୍ ଦିବସ ପାଳନର ପ୍ରାସଙ୍ଗିକତା ଏବଂ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜୟନ୍ତୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଶିକ୍ଷକ ଦେବେଶ ପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଝରଣର ବିକାଶ ନେଇ ବିକାଶ ମଞ୍ଚର ବୈଠକ



ସମ୍ବଲପୁର,୧୬।୯(ସମିସ):ସମ୍ବଲପୁର ଜିଲ୍ଲା ଝୁଝୁମୁରା ବ୍ଲକ୍ ଦେବଝରଣ ଜଳପ୍ରପାତ ନିକଟରେ ଦେବଝରଣ ବିକାଶ ମଞ୍ଚ ତରଫରୁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଦେବଝରଣର ବିକାଶ ସମ୍ବନ୍ଧରେ ଆଲୋଚନା ହେବା ସହ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚର ଆବାହକ ଅରୁଣ ଦେହୁରୀ ସଭାପତିତ୍ୱ କରିଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ଆଇନଜୀବୀ ସଞ୍ଜୟ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ଝୁଝୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଝୁଝୁମୁରା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, ବୁରଡ଼ା ସରପଞ୍ଚ ରାଜା ପାଲ, ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକ, ଝୁଝୁମୁରା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଆଜକୁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ବିକାଶ ମଞ୍ଚ ଗଠନ କରି ଦେବଝରଣର ବିକାଶ ପ୍ରତି ପ୍ରଚେଷ୍ଟା ଜାରି ରହିଛି। ଦିନେ ଦେବଝରଣକୁ ଲୋକେ ଜାଣିନଥିବା ବେଳେ ଆଜି ପର୍ଯ୍ୟଟନ ମାନଚିତ୍ର ରେ ସ୍ୱତନ୍ତ୍ର ଭାବେ ସ୍ଥାନ ପାଇଥିବା ଆବାହାକ ଅରୁଣ କହିଛନ୍ତି। ଦେବଝରଣର ବିକାଶ ପାଇଁ ସ୍ୱଳ୍ପ ଅବଦାନ ହେଲେ ମଧ୍ୟ ଯେଉଁମାନେ ଆତ୍ମୀୟତା ପ୍ରଦର୍ଶନ କରିଛନ୍ତି ତାଙ୍କ ନିକଟରେ ବିକାଶ ମଞ୍ଚ ଋଣୀ ହୋଇରହିବ। ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା, ସମ୍ବଲପୁର ବନଖଣ୍ଡ ଅଧିକାରୀ ସଞ୍ଜୟ କୁମାର ବିକାଶ ଦିଗରେ ସହାୟକ ହୋଇଛନ୍ତି। ପୂର୍ତ୍ତ ରାସ୍ତା ପାଇଁ ତତ୍କାଳୀନ ପୂର୍ତ୍ତ ସଚିବ ଇଂ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ସାଂସଦ ଅମରନାଥ ପ୍ରଧାନ ଓ ପୂର୍ବତନ ବିଧାୟକ ରୋହିତ ପୂଜାରୀ ମଧ୍ୟ ସହଯୋଗ କରିଛନ୍ତି।ଯଦିଓ ଆଜି ଦେବଝରଣ ର ଯାହା ବି ବିକାଶ ହୋଇଛି ଏଥିରେ ବିକାଶ ମଞ୍ଚର ହିଁ ହାତ ଅଛି। ଏହାକୁ ସ୍ୱୀକାର କରିବାକୁ ପଡିବ ବୋଲି ପ୍ରକାଶ କରିଛନ୍ତି ଝୁଝୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମନ୍ଦାକିନୀ ବିଶ୍ୱାଳ ଜଳ ପ୍ରପାତରେ ପର୍ଯ୍ୟଟକ ବୁଡି ପ୍ରାଣ ହରାଉଛନ୍ତି ଏଣୁ ଏହା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଥିଲେ। ଏହାର ପ୍ରଚାର ପ୍ରସାର ବୃଦ୍ଧି କରିବା ସହ ସଫାସୁତରା, ବିକାଶ, ପାରିପାର୍ଶ୍ୱର ଉନ୍ନତି, ଜଳ ପ୍ରପାତ ନିକଟରେ ସୁରକ୍ଷା ବାଡ଼ ଉପରେ ମତ ରଖିଥିଲେ ବୁରଡ଼ା ସରପଞ୍ଚ ରାଜା ପାଲ ଓ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା।ବଣଭୋଜୀ ସ୍ଥଳରେ ଆବର୍ଜନା ପଡିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ। ଆବର୍ଜନା ପକାଇବା ପାଇଁ କୋଡିଏଟି ଆବର୍ଜନା କୁଣ୍ଡ ନିଜସ୍ୱ ଅର୍ଥରୁ ପ୍ରଦାନ କରିବା ସହ ଏକତା ହୋଇ ଏହାର ବିକାଶ କରିବା ବଲି ପ୍ରକାଶ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଆମେ ଏହା ପାଇଁ କାମ କରିବା। ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେବା। ଏହାର ଉନ୍ନତି ପାଇଁ ଅବଶ୍ୟକ ପଡିଲେ ସାଂସଦ, ବିଧାୟକ ଓ ଜଙ୍ଗଲ ମନ୍ତ୍ରୀଙ୍କୁ ଭେଟିବା। ଆଗାମୀ ଦିନରେ ଦେବଝରଣ ମହୋତ୍ସବ ଆୟୋଜନ କରାଯିବ ବୋଲି ପ୍ରକାଶ କରିଛନ୍ତି। ବିଶିଷ୍ଟ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ଦେବଝରଣ ବିକାଶ ପାଇଁ ପ୍ରଥମେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ତିଆରି ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।ସମସ୍ତେ ଏକତ୍ରିତ ହୋଇ ଦେବଝରଣର ବିକାଶ ପାଇଁ କାମ କରିବାକୁ ଅନ୍ୟ ଅତିଥି ମାନେ ମତଦେଇଥିଲେ। ସର୍ବସମ୍ମତିକ୍ରମେ ଦେବଝରଣର ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ, ରାସ୍ତା, ସୁରକ୍ଷା ଓ ନିରାପତ୍ତା ଓ ପ୍ରଶାସନର ଦୃଷ୍ଟି ଗୋଚର ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଷଡାନନ ପ୍ରଧାନ, ଅବନୀ କୁମୁରା, ଦୀପକ ବିଶ୍ୱାଳ, ଦୀପକ ପ୍ରଧାନ, ସଞ୍ଜୟ ବିଶ୍ୱାଳ, ପ୍ରଦୀପ ପ୍ରଧାନ, ଜୟନ୍ତ ପ୍ରଧାନ, ରାଜା ପାଲ, ଶିବରାମ ସାହୁ, ସୁଭାଶିଷ ପାଢ଼ୀ ପ୍ରମୁଖଙ୍କୁ ନେଇ ଉପାଦେଷ୍ଟା କମିଟି ଗଠନ କରାଯାଇଛି। ବୈଠକ ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମ ସଭାପତି ବିରେନ ଭୋଇ ଓ ସମ୍ପାଦକ ଗୌତମ ପ୍ରଧାନଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ବ୍ରାଉନସୁଗର ଜବତ, ୫ ଗିରଫ

ସମ୍ବଲପୁର,୧୬।୯(ସମିସ):ଧନୁପାଲି ପୁଲିସ ଓ ସଦର ଅବକାରୀ ପୃଥକ ଭାବେ ଚଢଉ କରି ୨୦ ଗ୍ରାମ ବ୍ରାଉନସୁଗର ଜବତ କରି ମୋଟ ୫ ଜଣଙ୍କୁ ଗିରଫ କରିଛନ୍ତି।ଅବକାରୀ ପୁଲିସ ସୋମବାର ସୁନାପାଲି ଅଞ୍ଚଳରେ ଚଢଉ କରି ୯.୮ ଗ୍ରାମ ଧଳାଜହର ଜବତ କରିଛି। ଏହି ଘଟଣାରେ ସୁନାପାଲି ଅଞ୍ଚଳର ୨ ଜଣ ମହିଳା ସମେତ ଜଣେ ପୁରୁଷଙ୍କୁ ଗିରଫ କରିଛି।ସେମାନେ ହେଲେ ଏମଡି ମୁସ୍ତାଫ ଓରଫ ଭୁଜାଲି(୨୯), ଖେରୁନ ଖାତୁନ(୫୭) ଓ ସବନମ ଖାତୁନ(୨୮)।ସେହିପରି ଧନୁପାଲି ପୁଲିସ ସୁନାପାଲି ପଡ଼ିଆରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ଖବର ପାଇଥିଲା। ପରେ ଘଟଣାସ୍ଥଳକୁ ଯାଇ ଜଣେ ଦମ୍ପତିକୁ ଗିରଫ କରିଥିଲା।ସେମାନେ ହେଲେ ଏମଡି ୱାଜିର(୪୩) ଓ ୱାଜିର ସ୍ତ୍ରୀ ସାମସଦ ବେଗମ(୩୦)।ସେମାନଙ୍କ ନିକଟରୁ ୧୫ ଗ୍ରାମ ବ୍ରାଉନସୁଗର ଓ ୬୧ ହଜାର ଟଙ୍କା ଜବତ କରିଛି। କଲିକତାରୁ ବ୍ରାଉନସୁଗର ଆଣି ସମ୍ବଲପୁରରେ ଅଧିକ ଦରରେ ବିକ୍ରି କରୁଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।







# ମା' ଶାରଳାଙ୍କ ଶାରଦୀୟ ପୂଜା



ଜଗତସିଂହପୁର,୧୬।୯(ସମିସ)

ଓଡ଼ିଶାର ସମସ୍ତ ଶକ୍ତିପୀଠ ଶାରଦୀୟ ପାର୍ବଣ ପୂଜା ପାଇଁ ଚଳଚଞ୍ଚଳ ହୋଇପଡିଥିବାବେଳେ ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଝଙ୍କଡସ୍ଥ ମା' ଶାରଳାଙ୍କ ପୀଠରେ ମଧ୍ୟ ରବିବାର ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଛି ପାର୍ବଣ ପୂଜା। ଏହି ସାର୍ବଜନୀନ ଶାରଦୀୟ ପାର୍ବଣ ପୂଜା ଆସନ୍ତା ସେପ୍ଟେମ୍ବର ୨୯ ତାରିଖ ସୋମବାର ମହାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ୧୬ ଦିନ ପର୍ଯ୍ୟନ୍ତ ବୈଦିକ ବିଧିବିଧାନରେ ପାଳିତ ହେବ। ଏହି ପୂଜାର ଅନେକ ବିଶେଷତ୍ୱ ଓ ମହତ୍ତ୍ୱ ରହିଥିବା ଆଲୋଚନା ହୁଏ।

ପ୍ରତିଦିନ ପ୍ରାତଃ ସମୟରେ ମଙ୍ଗଳ ଆଳତି, ମଧୁସ୍ନାନ, ଦଶଦିଗପାଳ ପୂଜା, ପାଶ୍ୱର୍ ଦେବଦେବୀ ପୂଜା, ପଞ୍ଚାମୃତ ମାର୍ଜନା ପରେ ଅପୂର୍ବ ମନୋରମ ବେଶରେ ମାଆଙ୍କୁ ସଜ୍ଜିତ କରାଯାଇଥାଏ। ଦୈନିକ ପାଞ୍ଜିପାଠ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ପ୍ରଥମ ପ୍ରହର ଧୂପ, ବଡସିଂହାର, ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୂତି ପ୍ରଦାନ କରାଯାଇଥାଏ।ସେହିପରି ସନ୍ଧ୍ୟାଆରତୀ ବେଶ ଦର୍ଶନ ପରେ, ନାଟ୍ୟ ମଣ୍ଡପରେ ପୁରାଣ ପଣ୍ଡାଙ୍କ ଦ୍ୱାରା ଶୂଦ୍ରମୁନି ଆଦିକବି ସାରଳା ଦାସଙ୍କ ବିରଚିତ ଚଣ୍ଡୀ ପୁରାଣ ପାଠ ସହିତ ପ୍ରତିଦିନ ରାତି ୧୦ଟାବେଳେ ସମ୍ପୂର୍ଣ୍ଣ ସୁନାବେଶ ଦର୍ଶନ ଆଦି ନୀତିକାନ୍ତି ସମାହିତ ହୋଇଥାଏ। ଆସନ୍ତା ୨୨ ତାରିଖଠାରୁ ନବରାତ୍ର ଉପଲକ୍ଷେ ରାତି ୯ଟା ବେଳେ ମା'ଙ୍କ ଚଳନ୍ତି ବିଜେ ପ୍ରତୀମାଙ୍କୁ ଏକ ସୁସଜ୍ଜିତ ମଣିମୟ ବିମାନ ଆରୋହଣ କରାଯାଇ, ନଗରପରିକ୍ରମା ବା ଦାଣ୍ଡଯାତ୍ରାରେ ବିଜେ କରାଯାଏ। ସମ୍ମୁଖରେ ବନ୍ଦିଆ ଜଳୁଥାଏ, ଆଲଟ, ଚାମର ପଡୁଥାଏ, ଛତା, ତରାସ ଚଳିବା ସହିତ ଘଣ୍ଟ ଘଣ୍ଟା କାହାଳୀ, ଭେରି ତୁରୀ, ଢୋଲ ମହୁରୀ, ନାମ ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳି ଧ୍ୱନିରେ ଝଙ୍କଡର ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠେ। ପ୍ରଥମ ଦିନ ପାଚିରୀ କଣ ବାଟ, ୨ୟ ଦିନ ଗୋବିନ୍ଦଜୀଉଙ୍କ ମଠ, ୩ୟ ଦିନ ଗୋପାଳମାନଙ୍କ ଗୋଠ, ୪ର୍ଥ ଦିନ ଶାରଳା ପର୍ଶୁରାମ ଭେଟ, ୫ମ ଦିନ ଗୁପ୍ତ ଚନ୍ଦ୍ରଭାଗା ନଦୀର ବିଶ୍ୱମ୍ବର ଘାଟ ଓ ଷଷ୍ଠ ଦିବସରୁ ଦଶହରା ପର୍ଯ୍ୟନ୍ତ ବଡଶାରୋଳ ଗ୍ରାମର ଲଣ୍ଡାଦେଉଳସ୍ଥ ପ୍ରାଚୀନ ପୀଠ ସ୍ଥଳୀକୁ ଯାତ୍ରା କରି ପୁନଶ୍ଚ ସ୍ୱପୀଠକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। ଆସନ୍ତା୨୭,୨୮,୨୯ ତାରିଖ ତିନି ଦିନ ଷଷ୍ଠୀ, ସପ୍ତମୀ ଓ ମହାଷ୍ଟମୀ ଦିନ ସଂଧ୍ୟାର ଅପୂର୍ବ ମହିଷମର୍ଦ୍ଦିନୀ ବେଶରେ ମା' ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି। ରାତି ୧୦ଟା ବେଳେ କାକିକା ନୃତ୍ୟ ପରିବେଷଣ କରାଯାଏ। ମହାଷ୍ଟମୀ ଦିନ ମା' ପ୍ରାଚୀନ ପୀଠ ଲଣ୍ଡାଦେଉଳରୁ ଫେରିବା ପରେ, ମନ୍ଦିର ସୌଧ କରାଯାଇ, ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଯିବା ପରେ ସନ୍ଧିପୂଜା ବସେ। ଅଷ୍ଟମୀ ଯାଉଥିବ ଓ ନବମୀ ଆସୁଥିବ ଏହି ସନ୍ଧି କ୍ଷଣକୁ ସନ୍ଧିପୂଜା ବୋଲି ଅଭିହିତ କରାଯାଏ। ପୂର୍ବ କାଳରେ ଏହି ପୂଜାରେ ଏକ ଜୀବନ୍ତ ମହିଁଷିକୁ ହତ୍ୟା କରାଯାଉଥିଲା। ମାତ୍ର ୧୯୪୬ରେ ଏ ଅଞ୍ଚଳର ସଂସ୍କାରବାଦୀ, ସର୍ବଭାରତୀୟ ଶ୍ରମିକ ନେତା ତଥା ତିର୍ତ୍ତୋଲର ପୂର୍ବତନ ବିଧାୟକ ସଂଗ୍ରାମୀ ନିଶାମଣି ଖୁଣ୍ଟିଆଙ୍କ ଗଣଆନ୍ଦୋଳନ ଫଳରେ ଏହି ଜଘନ୍ୟ ବଳୀପ୍ରଥାର ଉଚ୍ଛେଦ ଘଟିଛି। ତେବେ ଏହି ବଳୀ ପରିବର୍ତ୍ତେ, ସନ୍ଧିପୂଜାରେ ୧୦୮ ପ୍ରକାରର ଭୋଗ ସହିତ ଏକ ବଳୀପଣା ହାଣ୍ଡି ମା'ଙ୍କୁ ଅର୍ପଣ କରାଯାଇଥାଏ। ଏହି ପାର୍ବଣ ପୂଜାରେ ମଣ୍ଡଭୋଗ ଏକ ସ୍ୱତନ୍ତ୍ର ନୀତି କରାଯାଇଥିବାବେଳେ ନୂଆ ଧାନରୁ ପ୍ରସ୍ତୁତ ଚୁଡାଘଷା ଭୋଗ ମଧ୍ୟ ଭକ୍ତମାନେ ନିଜ ହାତରେ ପ୍ରସ୍ତୁତ କରି ମା'ଙ୍କୁ ଭୋଗ ଲାଗି କରିଥା'ନ୍ତି। ୩୦ ତାରିଖ ଓ ଅକ୍ଟୋବର ୧ ତାରିଖ ଦୁଇଦିନ ବିଶ୍ରାମ ପଡୁଥିବାରୁ ଏହି ସମୟରେ ମନ୍ଦିରର ସମ୍ମୁଖ ଦ୍ୱାର ବନ୍ଦ ରହେ। ଦକ୍ଷିଣ-ପଶ୍ଚିମ ଦ୍ୱାର ଦେଇ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥା'ନ୍ତି। ସମସ୍ତ ନୀତିକାନ୍ତି ଯଥାରୀତି କରାଯାଉଥିବାବେଳେ ନିଶବ୍ଦ ପୂଜା ପାଇଁ ଘଣ୍ଟ ଘଣ୍ଟା କାହାଳୀ ଆଦି କୌଣସି ବାଦ୍ୟ ବାଦନ କରାଯାଏନାହିଁ। ୨ ତାରିଖ ଦିନ ପୀଠେ ଦଶହରା ଉପଲକ୍ଷେ ମନ୍ଦିରର ମୁଖ୍ୟଦ୍ୱାର ଓ ଯଜ୍ଞଶାଳାରେ ବସିଥିବା ସମର୍ଜନୀ କଳସକୁ ଏକ ବର୍ଣ୍ଣାଢ଼୍ୟ ପଟୁଆରରେ ବେଢ଼ା ପରିକ୍ରମା କରିବା ପରେ ଚନ୍ଦନ ପୁଷ୍କରିଣୀରେ ବିସର୍ଜନ ସହିତ ଏହି ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ହେଇଥାଏ। ତେବେ ଏହି ସମସ୍ତ ନୀତିକାନ୍ତି ପରିଚାଳନା କରିବା ନିମନ୍ତେ ମା'ଙ୍କ ବଡପଣ୍ଡା, ପରିଛା, ପୁରୋହିତ, ପୁସ୍ତକକ୍ଷ ଚାର୍ଯ୍ୟ, ସମସ୍ତ ସେବାୟତ ଓ ଛତିଶା ନିଯୋଗ ସହିତ ଦେବୋତ୍ତର ବିଭାଗର ଶାରଳା ମନ୍ଦିରର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ସକ୍ରିୟ ସହଯୋଗ ରହିଥାଏ।

# 'ଜୈବ ବିବିଧତା ସୁରକ୍ଷାରେ ଫଳଗଛର ଅବଦାନ ଅତୁଳନୀୟ'

ଜଗତସିଂହପୁର,୧୬।୯(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗଜରାଜପୁରସ୍ଥ ଗୋପାଳଜୀଉ ମନ୍ଦିରର ଫାର୍ମହାଉସ୍ ପରିସରରେ ଓଡିଶା ପରିବେଶ ସମିତି ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାରାଦୀପ ଆଂଚଳିକ ଶାଖା ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନଡିଆ, ଗୁଆ, ଆମ୍ବ, ପଣସ, ସପେଟା, ଜାମୁଡୋଳ, ଲିଚୁ, ଲେମ୍ବୁ, ପିଜୁଳି, ନେଉଆ, ଜାମୁକୋଳି, ବଉଳ ଆଦି ପନ୍ଦର ପ୍ରଜାତିର ଫଳଚାରା ରୋପଣ ଚାରାରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ମନ୍ଦିରର ଟ୍ରଷ୍ଟି ଆର୍ତ୍ତତ୍ରାଣ ଦାସ ଓ ସମାଜସେବୀ ସୂର୍ଯ୍ୟନାରାୟଣ ଦାସଙ୍କ ସହଯୋଗ ସାଙ୍ଗକୁ ସ୍ଥାନୀୟ ଆର୍ତ୍ତତ୍ରାଣ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମକୁ ସମ୍ପାଦିତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଜେନା ଛାତ୍ରଛାତ୍ରୀଙ୍କୁ ଜୀବଜଗତ ତିଷ୍ଠି ରହିବା ଅର୍ଥାତ୍ ଜୈବବିଧତା ସୁରକ୍ଷାରେ ବିଭିନ୍ନ ଫଳଗଛର ଆବଶ୍ୟକତା ଓ ମହନୀୟ ଅବଦାନ ଅତୁଳନୀୟ ବୋଲି ସୂଚାଇ ଦେଇଥିଲେ।



କରାଯାଇଥିଲା। ସମିତିର ଆଜୀବନ ସଦସ୍ୟ ତଥା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ନାଉଗାଁ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଶଶାଙ୍କ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ମୁଦୁଲି, ଶିକ୍ଷକ ଅଜୟ ଭୋଇ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସେଠୀ, ଲିଜାରାଣୀ ନାୟକ, ସ୍ୱର୍ଣ୍ଣପ୍ରଭା ଶତପଥୀ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଶିବିର



ବାଲିକୁଦା,୧୬।୯(ସମିସ): ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ର ୨୦୨୫-୨୬ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୨୦୨୪-୨୫ ବର୍ଷର ଦ୍ୱିତୀୟ ଅର୍ଦ୍ଧ ୧ ଅକ୍ଟୋବର ୨୦୨୪ରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଓ କାର୍ଯ୍ୟକ୍ରମର କରାଯାଇଥିବା ସାମାଜିକ ସମୀକ୍ଷା ଜନୟଶୁଣାଣି ଶିବିରରେ ଜଗତସିଂହପୁର ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠି ସଭାପତିତ୍ୱ କରିଥିବାବେଳେ ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ବିଡ଼ିଓ ସାଗର ନନ୍ଦ ଇସ୍ୟୁର ସମାଧାନ ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିପିଡିଓ ରୋଜାଲିନ ତ୍ରିପାଠୀ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସମୀକ୍ଷକ ରମେଶ ଚନ୍ଦ୍ର ବହିରା ଇସ୍ୟୁ ବିବରଣୀ ପାଠ କରିବା ସହ ସାମାଜିକ ସମୀକ୍ଷାର ଆଭିମୁଖ୍ୟ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ ଓ କୃଷି ବିଭାଗର ଏଏଚଓ ଶୁଭଲକ୍ଷ୍ମୀ ବାରିକ, ଏଚଇଡବ୍ଲ୍ୟୁ ସୌଭାଗ୍ୟ ସ୍ୱାଇଁ, ପଞ୍ଚାୟତର ଜନପ୍ରତିନିଧି, ବ୍ଲକ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ, ଜେଇ, ଏଡିଇଓ, ଜିଆରଏସ ଓ ଜନସାଧାରଣ ଉପସ୍ଥିତ ଥିଲେ।

ଏହି ଆର୍ଥିକ ବର୍ଷରେ ୨୭୯୬୯୩ଟି କାର୍ଯ୍ୟ ଦିବସ ଧାର୍ଯ୍ୟ ଥିବାବେଳେ ୨୨୪୮୨୦ଟି କାର୍ଯ୍ୟ ଦିବସ ସମାପନ ହୋଇଥିବା କୁହାଯାଇଥିଲା। ୯୨୭୯ଟି ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୬୬୭ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଓ ୫୦୧ଟି କାର୍ଯ୍ୟ ଚାଲୁ ରହିଥିବା ସୂଚନା ଦିଆଯାଇଥିଲା। ବ୍ଲକରେ ପିଏଚଏଚ କାର୍ଡ ୩୫୨୮୫ରେ ୧୨୫୫୮୬ ଜଣ, ଏଏୱାଇ କାର୍ଡ ୩୪୫୦ରେ ୧୦୪୫୯ ଜଣ ଓ ଏସଏଫଏସଏସ କାର୍ଡ ୩୯୫ରେ ୯୫୫ଜଣ ହିତାଧିକାରୀ ସୁବିଧା ପାଉଥିବା କୁହାଯାଇଥିଲା। ଏମଜିଏନଆରଜିଏ ଅଧୀନରେ ୨୦ଟି ଇସ୍ୟୁ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନର ୨୧୪ଟି ଇସ୍ୟୁ ଓ ଉପସ୍ଥିତ ଜନସାଧାରଣଙ୍କ ଇସ୍ୟୁ ଉପରେ ଆଲୋଚନା କରାଯାଇ ସମାଧାନ କରାଯାଇଥିଲା। ବାଲିକୁଦା ସରପଞ୍ଚ ଭିଆରପିଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। କୃଷ୍ଣଦାସପୁର, ବୋରିକିନା, ଆମ୍ବଶାଳ, ତିତିରା, ଗରାମ, ବାହାରଣା ଓ ଅଳାଭରର ସରପଞ୍ଚ ଓ ସମିତି ସଭ୍ୟ ଜେଇମାନଙ୍କ ବଦଳି ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏପିଓ ଜ୍ୟୋତିର୍ମୟ ନାୟକ ଧନ୍ୟବାଦ ପ୍ରଦାନ କରିଥିବାବେଳେ ଏନଆରଜିଏ ସହାୟକ ସମୀର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୋରିକିନା ସତସଙ୍ଗ କେନ୍ଦ୍ରରେ ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

ବାଲିକୁଦା,୧୬।୯(ସମିସ): ବାଲିକୁଦା ବ୍ଲକ ବୋରିକିନା ସତସଙ୍ଗ କେନ୍ଦ୍ରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ଦିବସ ଓ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଓ ସତସଙ୍ଗ ଯାଜକ କାର୍ତ୍ତିକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଡଃ. ବୀରନାରାୟଣ ପାତ୍ର, ଶିବପ୍ରସାଦ ବେହେରା, ସୁଜିତ୍ ବେହେରା ପ୍ରମୁଖ ଏହି ସତସଙ୍ଗ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଆଜିର ସମସ୍ତ ମାନବ ସମାଜ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାଣୀ ବିଶେଷ ପ୍ରଣିଧାନ ଯୋଗ୍ୟ ଏବଂ ସମାଜରେ ଶାନ୍ତି, ସଂହତି ଓ ଭାଇଚାରା ପ୍ରତିଷ୍ଠା କେବଳ ସତସଙ୍ଗ, ଶତନାମ ଓ ସଦଗୁରୁଙ୍କ ଆଶ୍ରୟ ଦ୍ୱାରା ସମ୍ଭବ ବୋଲି ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଠାକୁରଙ୍କ ଅନୁଗାମୀ ରବୀନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଆର୍ତ୍ତବନ୍ଧୁ ସାହୁ, କେଦାର ପାତ୍ର, ପ୍ରଶାନ୍ତ ବାରିକ, ଗଗନ ରାଉତ, ବଳରାମ ଜେନା, ବରଦା ପ୍ରସନ୍ନ ସାହୁ, ପ୍ରକାଶ ସାହୁ, ଈଶ୍ୱର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଜନନେତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ପ୍ରସ୍ତୁତି ବୈଠକ



ତିର୍ତ୍ତୋଲ, ୧୬।୯(ସମିସ): ଜଗତସିଂହପୁର ବିକାଶ ପରିଷଦ ଆନୁକୂଲ୍ୟରେ ତିର୍ତ୍ତୋଲ ବୀଣାପାଣି ମଣ୍ଡପରେ ତିର୍ତ୍ତୋଲ ମାଟିର ଦିବଂଗତ ଜନନେତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବେନ୍ଦ୍ର ମଲ୍ଲିକଙ୍କ ଆବାହକତ୍ୱରେ ଓ ଆଇନଜୀବୀ ଅମରଜ୍ୟୋତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ତିର୍ତ୍ତୋଲ ମାଟିର ଦିବଂଗତ ଜନନେତା ତିର୍ତ୍ତୋଲର ପ୍ରଥମ ବିଧାୟକ ନିଶାମଣି ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଓ ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାମନ୍ତରାୟଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତିର୍ତ୍ତୋଲ ମାଟିର ଏହି ୪ ଜଣ ଦିବଂଗତ ଜନନେତା ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ୧୫ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଅକ୍ଷୟ ଦାସ, ପ୍ରେମାନନ୍ଦ ମହାନ୍ତି, ବିବେକାନନ୍ଦ ହୋତା, ନାରାୟଣ ଜେନା, ରମାକାନ୍ତ ରାଉଳ, ଦେବପ୍ରସାଦ ନାୟକ, ବିଜୟ ନାୟକ, ଦେବବ୍ରତ ମହାନ୍ତି, ଯଶୋବନ୍ତ ରାଉତ, ଦେବାଶିଷ ଶର୍ମା, ଅଶ୍ୱିନୀ ସ୍ୱାଇଁ, ଚିତ୍ତରଞ୍ଜନ ସିଂହ, ବରଦା ପ୍ରସାଦ ରାଉତ, ଶ୍ରୀକାନ୍ତ ଦାଶ, ମାନସ ସୂତାର, ରଞ୍ଜନ ଖୁଣ୍ଟିଆ ଓ ଚନ୍ଦ୍ରକାନ୍ତ ବାରିକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳ, ପ୍ରମୋଦ ଚନ୍ଦ୍ର ମହାନ୍ତି, ସଂଘମିତ୍ରା ଖୁଣ୍ଟିଆ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ବିଭୁପ୍ରସାଦ ତରାଇ ଓ ତିର୍ତ୍ତୋଲ ବିଧାୟକ ଡ଼ ରମାକାନ୍ତ ଭୋଇଙ୍କୁ ମନୋନୀତ କରାଯାଇଥିଲା। ବିକ୍ରମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥ କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ନାଉଗାଁ,୧୬।୯(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପରିଚାଳନା କମିଟି ସଭାପତି ଜଗତସିଂହପୁରର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଜଏନ କରି ମଙ୍ଗଳବାର ଦିନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଭୂତି ଭୂଷଣ ସ୍ୱାଇଁଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଶ୍ରୀ ପାତ୍ର ସ୍ଥାନୀୟ ଅଳକା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଭାବେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିଲେ। ସେ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ସହିତ ଜଣେ ଦକ୍ଷ ଶୃଙ୍ଖଳିତ ପ୍ରଶାସକ ଭାବେ ଜଣାଶୁଣା। ଶ୍ରୀ ପାତ୍ରଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ମହାବିଦ୍ୟାଳୟ ପରିବେଶରେ ଉତ୍ସାହ ଓ ଆଶାର ପରିବେଶ ସୃଷ୍ଟି ହୋଇଥିଲା। ଏ ଅବସରରେ ପ୍ରାକ୍ତନ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ଲେଙ୍କା, ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ, ହୃଦାନନ୍ଦ ସ୍ୱାଇଁ, ପ୍ରଭାତ ଶତପଥୀ, ତୁଷାରକାନ୍ତ ଦାସ, ବିଜୟ ଦାଶ, ସୁଶୀଲ ବିଶ୍ୱାଳ, ସରୋଜ ଲେଙ୍କା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।



# ନିଖୋଜ ହେଡ୍ କନଷ୍ଟେବଲ ଶୁଭମିତ୍ରା ସାହୁଙ୍କୁ ଉଦ୍ଧାର ଦାବି

ପାରାଦୀପ, ୧୬।୯(ସମିସ): ପାରାଦୀପ ମହାବିଦ୍ୟାଳୟର ପୁରାତନ ଛାତ୍ରୀ ଓ ଏନସିସି କ୍ୟାଡେଟ୍ ତଥା କମିଶନରେଟ ପୁଲିସରେ ହେଡ୍ କନଷ୍ଟେବଲ ଭାବେ କାର୍ଯ୍ୟରତ ଶୁଭମିତ୍ରା ସାହୁ ଗତ ୬ ତାରିଖରୁ ନିଖୋଜ ଅଛନ୍ତି। ପରିବାର ପକ୍ଷରୁ ଭୁବନେଶ୍ୱର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ଉଦ୍ଧାର କରାଯାଇନାହିଁ। ତାଙ୍କୁ ଉଦ୍ଧାର କରାଯିବାକୁ ପାରାଦୀପ ଏନସିସି ଆଲୁମ୍ନି ଆସୋସିଏସନ ନେତୃତ୍ୱରେ ପାରାଦୀପ ମହାବିଦ୍ୟାଳୟରୁ ଆଦର୍ଶ ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଗଲା। ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି, ବର୍ତ୍ତମାନ ଆମେ ଟେକ୍ନୋଲୋଜିର ସାହାଯ୍ୟ, ସିସିଟିଭି ଫୁଟେଜ ଓ ସୋସିଆଲ ମିଡିଆ ଆଧାରରେ ତାଙ୍କୁ ତୁରନ୍ତ ଖୋଜିପାରିବା। ଯାହା ପୁଲିସ ପ୍ରଶାସନ ବିଗତ ଦିନରେ କରିଛି। ଜଣେ ମହିଳା ପୁଲିସ କର୍ମଚାରୀ ୧୦ ଦିନ ହେବ ନିଖୋଜ ହେବା ଘଟଣା ଦୁର୍ଭାଗ୍ୟଜନକ। ପାରାଦୀପ କଲେଜର ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀ ଦାବିପତ୍ର ପ୍ରଦାନ କରିଛୁ ଯେ ପ୍ରଶାସନ ତୁରନ୍ତ ଶୁଭମିତ୍ରା ସାହୁଙ୍କୁ ଉଦ୍ଧାର କରାଯାଉ।



# ଯୁବକଙ୍କୁ ଖୁଣ୍ଟରେ ବାନ୍ଧିଲେ ବସ୍ତିବାସିନ୍ଦା

ପାରାଦୀପ,୧୬।୯(ସମିସ): ପାରାଦୀପ ପୌର ପରିଷଦ ଅଧୀନ ୧୩ ନମ୍ବର ୱାର୍ଡ ମୁଣ୍ଡାପଡା ବସ୍ତିରେ କିଛିଦିନ ପୂର୍ବରୁ ବସ୍ତିର ଜଣେ ଯୁବକଙ୍କୁ ତିନିଜଣ ଅଚିହ୍ନା ଯୁବକ ମାରଣାସ୍ତ୍ର ଧରି ଗୋଡାଇଥିବାବେଳେ ଆଜି ସେମାନଙ୍କ ମଧ୍ୟରୁ ଜଣଙ୍କୁ ବସ୍ତିବାସିନ୍ଦା ଅଟକ ରଖି ଏକ ଗଛରେ ବାନ୍ଧି ପକାଇ ପୁଲିସ ଜିମା ଦେଇଛନ୍ତି। ଭୟଭୀତ ଥିବା ବସ୍ତିବାସିନ୍ଦା ଉକ୍ତ ଯୁବକ ସାଙ୍ଗରେ ଆଉ କେତେଜଣ ଅଛନ୍ତି, ସେମାନଙ୍କୁ ଖୋଜି ବାହାର କରିବାକୁ ସେମାନେ ଦାବି କରିଛନ୍ତି। ତେବେ ସେମାନେ କେଉଁ ଉଦ୍ଦେଶ୍ୟରେ ବସ୍ତିରେ ଏଭଳି କାଣ୍ଡ ଘଟାଇଛନ୍ତି, ପିଲା ଚୋରି କିମ୍ବା ଡକାୟତି କରିବା ଉଦ୍ଦେଶ୍ୟରେ ଏଭଳି କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଦୁର୍ବୃତ୍ତ ଜଣଙ୍କ ମୁମ୍ବାଇରୁ ପାରାଦୀପ ଆସିଥିବା କହିଛି। ବସ୍ତିବାସିନ୍ଦା ଉକ୍ତ ଯୁବକଙ୍କୁ ପୁଲିସ ଜମା ଦେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କିଛିଦିନ ହେବ ଉକ୍ତ ଅଚିହ୍ନା ଯୁବକ ମାନେ ପାରାଦୀପ ସହରରେ ଥିବା ବସ୍ତି ମାନଙ୍କରେ ବୁଲି ଭୁଜାଲି ଅଖା ଧରି ଦିନରାତି ବୁଲୁଛନ୍ତି। ଫଳରେ ସନ୍ଧ୍ୟା ହେଲେ ବସ୍ତି ଲୋକେ ବାହାରକୁ ନ ବାହାରି ଭୟଭୀତ ଅବସ୍ଥାରେ ଘରେ ରହୁଛନ୍ତି।

● କାର୍ ସହ ଦେଶୀ ଓ ବିଦେଶୀମଦ ଜବତ ଘଟଣା

# ଫେରାର ନିଶା ମାଫିଆ ହଡ଼ା ଗିରଫ




ଜଗତସିଂହପୁର,୧୬।୯(ସମିସ): ରାଜ୍ୟ ଅବକାରୀ କମିସନରଙ୍କ ନିର୍ଦ୍ଦେଶ ଓ ଜଗତସିଂହପୁର ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷାକା ଅନୀତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ ଜାରି ରହିଛି। ଏହି କ୍ରମରେ ଅବକାରୀ ମୋବାଇଲ୍ ୟୁନିଟ୍‌ର ନିରୀକ୍ଷକ, ବାଲିକୁଦା ଓ ଜଗତସିଂହପୁର ଅବକାରୀ ଥାନା ସହ ମିଳିତ ଅଭିଯାନରେ ନାଉଗାଁ ଥାନା ଅଧୀନ ଜାମୁଗାଁରେ ଗତ ଅଗଷ୍ଟ ୧୧ ତାରିଖରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ୨୧ଟି ଦେଶୀ ମଦ ପେଟି ତଥା ୧୦୫ ଲିଟର ଦେଶୀମଦ ଓ ୭.୨୦୦ ଲିଟର ବିଦେଶୀମଦ ସହ କାର୍‌କୁ ଜବତ କରାଯାଇଥିଲା। ତେବେ ଗାଡ଼ି ଚାଳକ ପେଷାଦାର ନିଶା ବେପାରୀ ପ୍ରଶାନ୍ତ କୁମାର ସାହୁ ଓରଫ ହଡା, ଯିଏ ପୂର୍ବରୁ ମଧ୍ୟ ଅନେକ ଥର ସମାନ ଅପରାଧରେ ଜଡିତ ଥିଲା, କୌଶଳ କ୍ରମେ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲା। ଏକମାସ ପାଞ୍ଚଦିନ ପରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ ହଡାକୁ ଗିରଫ କରିବାରେ ସଫଳ ହୋଇଛି। ଅବକାରୀ ନିରୀକ୍ଷକ ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏସଆଇ ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସଆଇ ଶ୍ରୀଧର ସିଂ, ଜଗତସିଂହପୁର ଅବକାରୀ ଥାନା ଓଆଇସି ସନ୍ତୋଷ ନାୟକ, କନେଷ୍ଟବଳ ପିନାକୀ ରାଉତରାୟ, ସବିତା ନାୟକ ଓ ସୁକାନ୍ତ ମାଝି ପ୍ରମୁଖ ଏହି ଟିମରେ ସାମିଲ ଥିଲେ।

# ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ବାଲିକୁଦା,୧୬।୯(ସମିସ): ବାଲିକୁଦା ମହିଳା ଜୁନିୟର ମହାବିଦ୍ୟାଳୟରେ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ନାରୀ ନ୍ୟାୟ ବାହିନୀ ପକ୍ଷରୁ ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଚି। ଅତିଥି ଭାବେ ନାରୀ ନ୍ୟାୟ ବାହିନୀର ଅବାହିକା ପ୍ରଫେସର ଡଃ ଗାୟତ୍ରୀ ବିଶ୍ୱାଳ, ଆଇନୀଜୀବୀ ସୁଖବିନ୍ଦର କୌର, ସମାଜସେବୀ ମଧୁମିତା ଦାସ, ସମାଜସେବୀ ଶେଫାଳି ଶର୍ମା, ବାଲିକୁଦା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ତନୁଜାବାଳା କାନୁନଗୋ, ଏନଏସଏସ ଅଧିକାରୀ ପ୍ରତୀମା ମିଶ୍ର ଯୋଗଦେଇ ଆଜିର ଆଧୁନିକ ସମାଜରେ ମହିଳାମାନେ ଅସୁରକ୍ଷିତ। ସୁରକ୍ଷା ପାଇଁ ଉପସ୍ଥିତ ଛାତ୍ରୀଙ୍କୁ କିପରି ଏହାର ମୁକାବିଲା କରିବେ ତା'ଉପରେ ମାର୍ଗଦର୍ଶନ କରିଥିଲେ। ଯେବେ ଜଣେ ମହିଳା ରାତି ୧୨ଟାରେ ଏକୁଟିଆ ନିଜ ଘରକୁ ସୁରକ୍ଷିତ ଭାବେ ଫେରିବ, ତେବେ ସେଦିନ ନାରୀଙ୍କୁ ଉପଯୁକ୍ତ ସମ୍ମାନ ମିଳିଲା ଓ ଦେଶ ବାସ୍ତବରେ ସ୍ୱାଧୀନ ହୋଇଛି ବୋଲି ଅନୁଭବ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଇଂରାଜୀ ଅଧ୍ୟାପକ ସୌଗତ କୁମାର ସାହୁ ସ୍ୱାଗତ ଭାଷଣ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଜିତେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଓ ଅଧ୍ୟାପିକା ଆରତୀ ସ୍ୱାଇଁ, ସସ୍ମିତା ପରିଜା, ଅନୀତା ରାୟ, ଟୁଇଙ୍କିଲି ବିଶ୍ୱାଳ, ସ୍ୱସ୍ତିକା ମହାନ୍ତି, ପ୍ରିୟଦର୍ଶିନୀ ସାହୁ, ପ୍ରିୟଙ୍କା ଖଟୁଆ, ମିର୍ଜା ବେଗ, ସୌମ୍ୟରଞ୍ଜନ ଦଳାଇ, ନିକୁଞ୍ଜ ରାଉତ, ସରୋଜ ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜି ବିଶ୍ୱକର୍ମା; ଦୁଲୁକିବ ପାରାଦୀପ

# ୬ ପ୍ଲାଟୁନ ପୁଲିସ, ୬୦ ଅଫିସରଙ୍କୁ ଶୃଙ୍ଖଳା ଦାୟିତ୍ୱ

ପାରାଦୀପ, ୧୬।୯(ସମିସ)







ବନ୍ଦର ନଗରୀ ପାରାଦୀପର ଗଣପର୍ବ ବିଶ୍ୱକର୍ମା ପୂଜା ପାଇଁ ସମଗ୍ର ସହରରେ ପ୍ରସ୍ତୁତି ସରିଛି। ପୂଜା ମଣ୍ଡପରେ ସାଜସଜ୍ଜା ମଧ୍ୟ ଶେଷ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକ ସଜ୍ଜା ଉଚ୍ଚକୋଟୀର କରାଯାଇଛି। ଚଳିତ ବିଶ୍ୱକର୍ମା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଚଳିତ ପୂଜାରେ ଜନସମାଗମକୁ ଆଖିଆଗରେ ରଖି ପୁଲିସ ବିଶେଷକରି ପକେଟ ମାର୍ ଓ ଛିନତାଇ ଉପରେ କଡ଼ା ନଜର ରଖିବାକୁ ପ୍ରୟାସ ଆରମ୍ଭ କରିଛି। ଏ ନେଇ ପୁଲିସ ପକ୍ଷରୁ ସହରରେ ୬ ପ୍ଲାଟୁନ ନୂଲିସ ଫୋର୍ସ ମୁତୟନ କରାଯାଇଛି। ୫୦ ଜଣ ଅଫିସରଙ୍କ ତଦାରଖରେ ୯୦ ଜଣ ହୋମଗାର୍ଡ ଓ ୪୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ତେବେ ଭିତରେ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରଥମଥର ପାଇଁ ୨୦ଟି ସମ୍ବେଦନଶୀଳ ଜାଗାରେ ସିସି କ୍ୟାମେରା ଲଗାଯାଇଥିବା ଜଣାପଡିଛି।

ପୂଜାକୁ ସଫଳ କରିବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତ ବର୍ଷ ପାରାଦୀପରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରାୟ ୩୦ଟି ପୂଜା ମଣ୍ଡପରେ ବିଶ୍ୱକର୍ମା ପୂଜା ପାଳନ କରାଯାଉଛି। ସେଥିମଧ୍ୟରୁ ବ୍ୟାଙ୍କ ଲାଇନ ନିକଟରେ ଆୟୋଜିତ ମେଢ ପ୍ରତିଯୋଗିତାରେ ପାଖାପାଖି ୧୨ଟି ସଂଗଠନ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ପାରାଦୀପ ଡମ୍ଫର ମାଲିକ ସଙ୍ଘ, ପାରାଦୀପ ପୋର୍ଟ ଇଲେକ୍ଟ୍ରିକାଲ ଡିଭିଜନ, ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ, ପାରାଦୀପ ଟ୍ରକ ମାଲିକ ସଙ୍ଘ, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ, ମେରାଇନ ବିଭାଗ, ପାରାଦୀପ ପୋର୍ଟ ଡକ ମଜଦୂର ୟୁନିଅନ, ଉତ୍କଳ ପୋର୍ଟ ଡକ ମଜଦୂର ୟୁନିଅନ, ବନ୍ଦର ପିଏଚଡି ବିଭାଗ ଓ ଭାରତୀୟ ବନ୍ଦର ମଜଦୂର ସଙ୍ଘ ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ, ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ, ଟେଲର ମାଲିକ ସଙ୍ଘ, ପାରାଦୀପ ପୋର୍ଟ ଶ୍ରମିକ ସଙ୍ଘ, ବାବା ବିଶ୍ୱନାଥ ଡମ୍ଫର ମାଲିକ ସଙ୍ଘ, ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଙ୍ଘ, ଟ୍ୟାକ୍ସି ଚାଳକ ସଙ୍ଘ, ବସ୍ ମାଲିକ ସଙ୍ଘ, ଟେଲିଫୋନ ବିଭାଗ, ଗ୍ୟାରେଜ ମାଲିକ ସଙ୍ଘ, ପାରାଦୀପ ଶିଳ୍ପାଞ୍ଚଳ ଯୁବ ବିକାଶ ପରିଷଦ, ପୂର୍ବ ଓଡ଼ିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ, ଇଫକୋ, ପିପିଏଲ, ଆରସେଲର ମିତ୍ତଲ, ଗୋଆ କାର୍ବନ, ବିଅର ଫ୍ୟାକ୍ଟ୍ରି, ଆଇଓସିଏଲ, ଆଦାନୀ ଉଇଲମାର, ଅଠରବାଙ୍କୀ ଗ୍ୟାରେଜ ମେକାନିକ, ଏଚପିସିଏଲ ଓ ବିପିସିଏଲ ପ୍ରମୁଖ ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମା ପୂଜା ଧୂମଧାମରେ ପାଳନ କରାଯାଉଛି। ଚଳିତ ବର୍ଷ ବେଲଟଲାଇନ ତଳେ ଗୋଟିଏ ପେଣ୍ଡାଲ ରେ ଗୋଟିଏ ଅପେରା ୫ ରାତ୍ରି ନାଟକ ମଞ୍ଚସ୍ଥ କରିବ ବୋଲି ଜଣାପଡ଼ିଛି।

# ଗୋପାଳପୁର ଗଣଦୁଷ୍କର୍ମ ମାମଲା ବିଚାରଣା ଆରମ୍ଭ

## ● ଗୃହରକ୍ଷୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୧୬।୯(ସମିସ): ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାର ବିଚାରଣା ମଙ୍ଗଳବାର ଆରମ୍ଭ ହୋଇଛି। ଏହି ମାମଲାରେ ୪ଜଣ ନାବାଳକ ବାଳସୁଧାର ଗୃହରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ କୋର୍ଟ ସାବାଳକ ଭାବେ ଗ୍ରହଣ କରିଛି। ଏଥିରେ ଜଣେ ନାବାଳକଙ୍କ ପାଇଁ ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଶର୍ମିଷ୍ଠା ଦାଶଙ୍କ କୋର୍ଟରେ ବିଚାରଣା ହୋଇଛି। ଏହି ମାମଲାରେ ପୁଲିସ ସାକ୍ଷୀ ରହିଥିବା ଗୋପାଳପୁର ଥାନା ଅଧୀନରେ ଥିବା ବିଚ୍‌ହାଉସରେ କାର୍ଯ୍ୟରତ ଗୃହରକ୍ଷୀ ଜି. ଚିଟିବାବୁ ପ୍ରଥମ ସାକ୍ଷୀ ଭାବେ ମଙ୍ଗଳବାର କୋର୍ଟରେ ହାଜର ହୋଇଥିଲେ। ସେ ଦେଇଥିବା ବୟାନ ରେକର୍ଡ କରାଯାଇଛି।

ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳୀଚରଣ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ମଙ୍ଗଳବାର ସେ କୋର୍ଟରେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ ଦିନ ଯୁକ୍ତତିନି ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ଦୁଷ୍କର୍ମ ହୋଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୁଲିସ ମାମଲା ରୁଜୁ କରି ୬ଜଣଙ୍କୁ ଧରିଥିଲା। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଂଜିଳିକାଟୁ ଥାନା ବୁରୁପଡ଼ାର ବାବୁରାମ ଦଳାଇ, ପାଟପୁର ଥାନା ବେଲଗାଁର କୁନାଲ ପ୍ରଧାନ, ହିଂଜିଳିକାଟୁ ଥାନା ସିକିରିର ଓମ୍ ପ୍ରଧାନ, ବୁରୁପଡ଼ାର ଲକ୍ଷ୍ମଣ ପ୍ରଧାନ ଓ ଦୀପକ ତରାଇ। ପରବର୍ତ୍ତୀ ସମୟରେ ପୁଲିସ ଅନ୍ୟ ୪ଜଣ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା। ବର୍ତ୍ତମାନ କ୍ରାଇମ୍‌ବ୍ରାଞ୍ଚ ମାମଲାର ତଦନ୍ତ କରୁଛି।

## ● ଦିନଦ୍ୱିପ୍ରହରେ ତାଲା ବନ୍ଦ ଘରୁ ଚୋରି

# ଅଢ଼େଇ ଭରି ସୁନା ସହ ୨୨ଭରି ରୁପା ଓ ଟଙ୍କା ନେଇଗଲେ

ବ୍ରହ୍ମପୁର,୧୬।୯(ସମିସ): ସହରରେ ଏବେ ଗୋଟିଏ ପରେ ଗୋଟିଏ ଘରୁ ଚୋରି ହେଉଛି। ମଙ୍ଗଳବାର ଦିନ ଦ୍ୱିପହରେ ବଡ଼ବଜାର ଥାନା ଅନ୍ତର୍ଗତ ଗାୟତ୍ରୀ ବିହାର ଦ୍ୱିତୀୟ ଲାଇନର ଏକ ଘରୁ ବଡ଼ ଧରଣ ଚୋରି ହୋଇଛି। କିଛି ଦୁର୍ବୃତ୍ତ ଉକ୍ତ ଘରୁ ଅଢେଇ ଭରି ସୁନା, ୨୨ଭରି ରୁପା ଓ ନଗଦ ୩ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ପିତଳ ସାମଗ୍ରୀ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି। ତଦନ୍ତ ଚଳାଇଛି। ପରେ ସାଣ୍ଟିଫିକ୍ ଟିମ ଏବଂ ସନ୍ଧାନୀ କୁକୁର ସହାୟତାରେ ପୁଲିସ ତଦନ୍ତ ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଅଭିଯୁକ୍ତକୁ ଧରିବାକୁ ପୁଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଗାୟତ୍ରୀ ବିହାର ଦ୍ୱିତୀୟ ଲାଇନରେ ଟୁନା ମୁନିଙ୍କ ପରିବାର ରୁହନ୍ତି। ମଙ୍ଗଳବାର ପୂର୍ବାହ୍ନରେ ୧୦ଟା ବେଳେ ଟୁନାଙ୍କ ପରିବାର କୌଣସି କାମରେ ବାହାରକୁ ଯାଇଥିବାବେଳେ ତାଲା ଭାଙ୍ଗି ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇଛନ୍ତି।

# ବ୍ରହ୍ମପୁରରେ ଏନ୍‌ଆଇପିଇଆର୍ ଓ ଆଇଆଇଏଫ୍‌ପିଟି ପ୍ରତିଷ୍ଠା ଦାବି




ବ୍ରହ୍ମପୁର,୧୬।୯(ସମିସ): ଗଞ୍ଜାମ ଜିଲ୍ଲାରେ ଜାତୀୟ ଔଷଧ ଶିକ୍ଷା ଓ ଗବେଷଣା ସଂସ୍ଥାନ (ଏନ୍‌ଆଇପିଇଆର୍) ଏବଂ ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ବୈଷୟିକ ଶିକ୍ଷାନୁଷ୍ଠାନ (ଆଇଆଇଏଫ୍‌ପିଟି) ଶାଖା ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଏନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଅନ୍ୟାନ୍ୟ ଗଣସଂଗଠନ ପକ୍ଷରୁ ହିଲପାଟଣା ଗଣେଶ ମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ଆର୍‌ଡିସି ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସହରରେ ଏନ୍‌ଆଇପିଇଆର୍ ଏବଂ ଆଇଆଇଏଫ୍‌ପିଟି ପ୍ରତିଷ୍ଠା ପାଇଁ ଗଣସଂଗଠନ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାରେ ୫ଟି ଜାତୀୟ ସ୍ତରର ବୈଷୟିକ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ବେଳେ ବ୍ରହ୍ମପୁରରେ ଏନ୍‌ଆଇପିଇଆର୍ ପାଇଁ ଉପଯୁକ୍ତ ଇକୋସିଷ୍ଟମ୍ ଉପଲବ୍ଧ ରଖିବାକୁ ଦାବି ହୋଇଛି। ଏହା ସ୍ଥାପନ ଦ୍ୱାରା ବହୁ ବେକାର ଯୁବକ ଯୁବତୀ ତାଲିମ ନେଇ ରୋଜଗାରକ୍ଷମ ହୋଇପାରିବେ ବୋଲି ଏଠାରେ କୁହାଯାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ ଓ ପ୍ରୀତିଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଡ. ସଞ୍ଜୀବ ସୁବୁଦ୍ଧି, ସୁରେନ୍ଦ୍ରନାଥ ରାଉତ, ଡି. କେଶବ ରାଓ, ମହେଶ୍ୱର ବାଡ଼ତ୍ୟା, ଭି. ସୋମେଶ୍ୱର ରାଓ, କିରଣ କୁମାର ପଣ୍ଡା, ରବୀନ୍ଦ୍ର ନାୟକ, ଗଂଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ରାଜେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ଏମ୍‌କେସିଜିରେ ପୁଣି ଡାକ୍ତର ଓ ନର୍ସିଂ ଅଫିସର ମୁହାଁମୁହିଁ

## ନ୍ୟୁରୋଲୋଜି ଓପିଡିରେ ଦେଢ଼ ଘଣ୍ଟା ପାଟିତୁଣ୍ଡ
## ହୋହଲ୍ଲାରୁ ସାଧାରଣ ରୋଗୀଙ୍କ ଚିକିତ୍ସାରେ ବାଧା

ବ୍ରହ୍ମପୁର,୧୬।୯(ସମିସ): କିଛିମାସର ବ୍ୟବଧାନ ପରେ ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଡ଼ାକ୍ତର ଓ ନର୍ସିଂ ଅଫିସର ମଧ୍ୟରେ ପାଟିତୁଣ୍ଡ ହୋଇଛି। ଚିକିତ୍ସାକୁ କେନ୍ଦ୍ର କରି ମଙ୍ଗଳବାର ମେଡ଼ିକାଲ ପରିସରସ୍ଥ ପିଏମଏସଏସୱାଇ କୋଠାରେ ଥିବା ନ୍ୟୁରୋଲୋଜି ବିଭାଗର ଓପିଡ଼ିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବିଭାଗରେ ଦୀର୍ଘ ଦେଢ଼ ଘଣ୍ଟା ଧରି ଏଭଳି ଅପ୍ରୀତିକର ପରିସ୍ଥିତି ଲାଗି ରହିଥିଲା। ମେଡ଼ିକାଲର କର୍ମଚାରୀ ତଥା ଡ଼ାକ୍ତର ଓ ନର୍ସିଂ ଅଫିସରଙ୍କ ହୋହଲ୍ଲା କାରଣରୁ ସାଧାରଣ ରୋଗୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହୋଇଥିବା ବହୁ ରୋଗୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଏମ୍‌କେସିଜି ମେଡ଼ିକାଲ ନ୍ୟୁରୋଲୋଜି(ସ୍ନାୟୁ) ବିଭାଗ ପକ୍ଷରୁ ପ୍ରତି ସପ୍ତାହରେ ମଙ୍ଗଳବାର ଓ ଶୁକ୍ରବାର ଓପିଡ଼ି ଚିକିତ୍ସା ବ୍ୟବସ୍ଥା ରହିଛି। ଏହି ଦିନରେ ମେଡ଼ିକାଲର ବିଭିନ୍ନ ବିଭାଗ ରୋଗୀଙ୍କ ସମେତ ବହୁ ଜିଲ୍ଲାର ଶତାଧିକ ରୋଗୀ ସ୍ନାୟୁ ଜନିତ ସମସ୍ୟାର ଚିକିତ୍ସା ନିମନ୍ତେ ଆସିଥାନ୍ତି। ଏଭଳି ଭାବେ ପ୍ରତି ଓପିଡ଼ି ଦିନ ବିଭାଗରେ ୩୦୦ରୁ ୩୫୦ଜଣ ରୋଗୀ ଚିକିତ୍ସିତ ହୋଇଥାନ୍ତି। ସେହିପରି ମଙ୍ଗଳବାର ବିଭାଗ ପକ୍ଷରୁ ଓପିଡ଼ି ଚିକିତ୍ସା ଚାଲିଥିବା ବେଳେ ଉକ୍ତ ବିଭାଗ ଇନ୍‌ଡୋର ଦାୟିତ୍ୱରେ ନର୍ସିଂ ଅଫିସର ଜଣଙ୍କ ତାଙ୍କ ସମ୍ପର୍କୀୟଙ୍କ ରିପୋର୍ଟ ନେଇ ଓପିଡ଼ିରେ ବସିଥିବା ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ଜଣେ ବରିଷ୍ଠ ଡ଼ାକ୍ତର ନର୍ସିଂ ଅଫିସରଙ୍କୁ ବାହାରକୁ ଯିବାକୁ କହିବା ସହ ଲାଇନ୍‌ରେ ଆସିବାକୁ କହିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାର କିଛି ସମୟରେ ପରେ ଉକ୍ତ ନର୍ସିଂ ଅଫିସର ଜଣଙ୍କ ଘଟଣା ସମ୍ପର୍କରେ ସେମାନଙ୍କ ସହକର୍ମୀଙ୍କୁ ଜଣାଇଥିଲେ। ଏହାକୁ ନେଇ ପ୍ରାୟ ୫୦ରୁ ଅଧିକ ନର୍ସିଂ ଅଫିସର ବିଭାଗର ଓପିଡ଼ି ନିକଟରେ ପହଞ୍ଚି ଘଟଣାକୁ ନେଇ ବରିଷ୍ଠ ଡ଼ାକ୍ତରଙ୍କୁ ପଚାରିଥିଲେ। ଏହାକୁ ନେଇ ମଧ୍ୟାହ୍ନରେ ଉଭୟ ଡ଼ାକ୍ତର ଓ ନର୍ସିଂ ଅଫିସର ମଧ୍ୟରେ ଦୀର୍ଘ ଅଢ଼େଇ ଘଣ୍ଟା ଧରି ମୁହାଁମୁହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ବୈଦ୍ୟନାଥପୁର ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡ଼ିଥିଲା। କିଛି ସମୟ ଧରି ରୋଗୀମାନେ ବିଭାଗ ନିକଟରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିଥିଲେ। ପୂର୍ବରୁ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗ ସମେତ ବିଭିନ୍ନ ବିଭାଗରେ ଡ଼ାକ୍ତର ଓ ନର୍ସିଂ ଅଫିସର ମଧ୍ୟରେ ମୁହାଁମୁହି ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି। ମେଡ଼ିକାଲ କାର୍ଯ୍ୟରତ କର୍ମଚାରୀମାନେ ନିଜନିଜ ମଧ୍ୟରେ ଏଭଳି ବାରମ୍ବାର ପାଟିତୁଣ୍ଡ ହେଉଥିବା ବେଳେ ତାହା ସିଧାସଳଖ ସାଧାରଣ ରୋଗୀଙ୍କ ଚିକିତ୍ସାରେ ପ୍ରଭାବ ପଡ଼ୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅପରପକ୍ଷରେ ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇନି। ଯଦି ଅଭିଯୋଗ ଆସେ, ତେବେ ଏହାର ତଦନ୍ତ କରାଯିବ ବୋଲି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼. ଦୁର୍ଗା ମାଧବ ଶତପଥୀ କହିଛନ୍ତି।



## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ; ଦେୟ ତୁଳନାରେ ମିଳୁନି ସୁବିଧା

# ଛାତ୍ରାବାସ ଫି' ନେଇ ତାତିଲେ ବିଦ୍ୟାର୍ଥୀ

ବ୍ରହ୍ମପୁର,୧୬।୯(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସର୍ବାଧିକ ହଷ୍ଟେଲ ଫି' ନେଇ ଛାତ୍ରଛାତ୍ରୀମାନେ ତାତିଛନ୍ତି। ଫି' ତୁଳନାରେ ଉନ୍ନତ ମାନର ସୁବିଧା ମିଳୁନଥିବା ଅଭିଯୋଗ କରିଛନ୍ତି। ଛାତ୍ରୀଛାତ୍ରୀଙ୍କ କହିବା ଅନୁସାରେ ଛାତ୍ରଛାତ୍ରୀମାନେ ସର୍ବାଧିକ ହଷ୍ଟେଲ ଫି' ୧୦ହଜାର ଟଙ୍କାରୁ ଅଧିକ ପ୍ରଦାନ କରୁଥିଲେ ହେଁ ବିଭିନ୍ନ ସୁବିଧା ନିମ୍ନମାନର। ଅଧିକାଂଶ ହଷ୍ଟେଲ କାନ୍ଥ ଫାଟି ଆଁ କଲାଣି। ଛାତରୁ ଫଲ୍ସ ଝଡ଼ିବା ସହ ଲୁହା ରଡ୍ ଦେଖାଗଲାଣି। ବର୍ଷା ହେଲେ ଅନେକ ହଷ୍ଟେଲରେ ପାଣି ଗଳୁଛି। ଗୋଟିଏ ରୁମ୍‌ରେ ଏକାଧିକ ଛାତ୍ରଛାତ୍ରୀ ରହୁଛନ୍ତି। ଗୋଟିଏ ରୁମ୍‌ରେ ଗୋଟିଏ ଫ୍ୟାନ୍ ଓ ଲାଇଟ୍ ପାଇଁ ଏକାଧିକ ଛାତ୍ରଛାତ୍ରୀ ମାସିକ ଫି' ମୁଣ୍ଡପିଛା ୨୦୦ଟଙ୍କା ଦେଉଛନ୍ତି। ଛାତ୍ରୀଙ୍କ ଚିଲିକା ହଷ୍ଟେଲରେ ଅନେକ ସମୟରେ ବ୍ୟବହାରିକ ପାଇଁ ପାଣିର ଅଭାବ ଦେଖିବାକୁ ମିଳୁଛି। ଅନେକ ହଷ୍ଟେଲରେ ଲକ୍ଷାଧିକ ଟଙ୍କାର ଜିମ୍ନାଷ୍ଟିକ୍ସ ସାମଗ୍ରୀ ଖତ ଖାଉଛି। ଏଭଳି ଅନେକ ଦାବି ନେଇ ଦୀର୍ଘଦିନ ହେଲା ଛାତ୍ରଛାତ୍ରୀ ଲିଖିତ ଭାବେ ଜଣାଇ ଆସୁଥିଲେ। ହେଲେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ସମାଧାନ କରିବାରେ ବିଫଳ ହେବାରୁ ଛାତ୍ରଛାତ୍ରୀ ତଥା ହଷ୍ଟେଲ ଅନ୍ତେବାସୀ ଆଜି ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ଆଗାମୀ ଦିନରେ ଯଦି ଦାବି ପୂରଣ ନ ହୁଏ ତେବେ ଧାରଣ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଛାତ୍ରନେତା ଇଜୁ ଆମିନ ଖାନ, ବାଲ୍ମୀକି ସେଠୀ, ସୁଦର୍ଶନ ମଲ୍ଲିକ, ମନିଷା କହଁର, ଗୋବିନ୍ଦ ତ୍ରିପାଠୀ, ସିପୁନ ପ୍ରଧାନ, ବିଭୁ ପ୍ରସାଦ, ଶିବାନୀ ପାଢୀ, ଏନ୍ କାମରାଜୁ ପାତ୍ର, ପପୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ● ମିଛ ପୁଲିସର ସତ ଚୋରି

# ଦମ୍ପତିଙ୍କ ଠାରୁ ଲୁଟିନେଲେ ୬ ଭରି ସୁନା ଅଳଙ୍କାର

ବ୍ରହ୍ମପୁର,୧୬।୯(ସମିସ): ମଙ୍ଗଳବାର ପ୍ରେମ୍‌ନଗର ସ୍ଥିତ ରୋଟାରୀ କ୍ଲବ ନିକଟରେ ପୁଲିସ ପରିଚୟ ଦେଇ ଜନୈକ ଦମ୍ପତିଙ୍କଠାରୁ ୬ ଭରି ସୁନା ଅଳଙ୍କାର ଚୋରି ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳର ଦମ୍ପତି ଏସ.ସତ୍ୟ ନାରାୟଣ (୬୮) ଗତକାଲି ତାଙ୍କ ପତ୍ନୀଙ୍କ ସହିତ ବ୍ରହ୍ମପୁରସ୍ଥିତ ତାଙ୍କ ବନ୍ଧୁଙ୍କ ଘରକୁ ଆସିଥିଲେ। ଆଜି ସକାଳେ ପୂଜା ପାଇଁ ଠାକୁରାଣୀ ମନ୍ଦିର ଯାଇ ଫେରୁଥିବାବେଳେ ପୂର୍ବାହ୍ନ ୧୦ଟାରେ ପ୍ରେମ୍‌ନଗର ରୋଟାରୀ କ୍ଲବ ନିକଟରେ ୨ଜଣ ବ୍ୟକ୍ତି ଏକ ବାଇକ୍‌ରେ ଆସି ନିଜକୁ ପୁଲିସ କର୍ମଚାରୀ ବୋଲି ପରିଚୟ ଦେଇ ଦମ୍ପତିଙ୍କୁ ପିନ୍ଧିଥିବା ସୁନା ଅଳଙ୍କାର କାଢ଼ିବାକୁ କହିଥିଲେ। ଏପରିକି ସେମାନଙ୍କ ପକେଟରୁ ଗୋଟିଏ କାଗଜ ବାହାର କରି କାଗଜରେ ସେମାନଙ୍କ ଅଳଙ୍କାର ପ୍ୟାକ୍ କରିବାକୁ କହିଥିଲେ। ପ୍ୟାକେଟରେ ଥିବା ସୁନା ଅଳଙ୍କାର ନେଇ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏଭଳି ଭାବରେ ବିଭିନ୍ନ ସମୟରେ ଦୁର୍ବୃତ୍ତମାନେ ନିଜକୁ ପୁଲିସର ପରିଚୟ ଦେଇ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଠକି ନେଇଥିବା ଅଭିଯୋଗ ରହିଛି।

## ● ୨୭ରେ ପ୍ରଧାନମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

# ସଭାସ୍ଥଳ ତଦାରଖ କଲେ ମନ୍ତ୍ରୀ ଓ ଜିଲ୍ଲାପାଳ



ବ୍ରହ୍ମପୁର,୧୬।୯(ସମିସ): ଚଳିତ ମାସ ୨୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗଞ୍ଜାମ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ନଜରରେ ରଖି ସଭାସ୍ଥଳ ଓ କାର୍ଯ୍ୟକ୍ରମ ଆୟୋଜନ ନେଇ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଗୁଇନ୍ଦା ବିଭାଗର ଅତିରିକ୍ତ ଡିଜି ସଞ୍ଜୟ କୁମାର, ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ, ବିଏମସି କମିଶନର ପ୍ରଥମେସ ଅରବିନ୍ଦ ରାଜସିର୍କେ, ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, କନିଷ୍ଠ ତସିଲଦାର କବିରାଜ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ପହଞ୍ଚି ସଭାସ୍ଥଳ ଚିହ୍ନଟ ସହ ତଦାରଖ କରିଥିଲେ। ତେବେ ଗଞ୍ଜାମକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ରହିଥିବାରୁ ଏଠାରେ ସଭାସ୍ଥଳ, ପାର୍କିଂ, ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା ତଦାରଖ କରାଯାଇଥିଲା।

# ଗଞ୍ଜାମ ଆଇନ ମହାବିଦ୍ୟାଳୟର ସ୍ୱାଗତ ସମ୍ବର୍ଦ୍ଧନା




ବ୍ରହ୍ମପୁର,୧୬।୯(ସମିସ): ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ନବାଗତଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବିବେକାନନ୍ଦ ଛୋଟରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନୂତନ ଆଇନ ଓ ଏହାର ବିଭିନ୍ନ ଦିଗ ଉପରେ କହିଥିଲେ। ଗଞ୍ଜାମ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିନାୟକ ପଟ୍ଟନାୟକ, ଶିକ୍ଷା ପରିଚାଳକ ମନୋଜ କୁମାର ଜେନା ସାମନ୍ତ ପ୍ରମୁଖ ମଞ୍ଚାସିନ ଥିଲେ। ନୂତନ ଛାତ୍ରଛାତ୍ରୀଙ୍କୁ କଲେଜ କର୍ତ୍ତୃପକ୍ଷ ଫୁଲ ଗଛ ଚାରା ଦେଇ ସ୍ୱାଗତ କରିଥିଲେ। ତୃତୀୟ ବର୍ଷ ଏଲ୍‌ଏଲ୍‌ବି ଓ ଦ୍ୱିତୀୟ ବର୍ଷ ଏଲ୍‌ଏଲ୍‌ଏମ୍‌ର ବିଦ୍ୟାର୍ଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପକ ଅନିଲ ପ୍ରଧାନ, ଲୋକନାଥ ପାତ୍ର, ସୁଦତ୍ତା ରଥ, ମନିଷା ବିଶ୍ୱାଳ, ଡ.ନମିତା ପଣ୍ଡା ଓ ସତ୍ୟ ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ସୁରକ୍ଷା ପ୍ରଦାନରେ ବ୍ରହ୍ମପୁର ପୁଲିସର ପାତରଅନ୍ତର

# 'ମେୟର' ଓ 'କମିଶନର'ଙ୍କୁ ଦିଆଯାଇନି ସଶସ୍ତ୍ର ଅଙ୍ଗରକ୍ଷୀ

## ● ଡିଜିଙ୍କୁ ଚିଠି ଲେଖିଲେ ଗଞ୍ଜାମ ଓକିଲ ସଂଘ ସଭାପତି
## ● ପ୍ରୋଟୋକଲ ଉଲ୍ଲଂଘନ ଅଭିଯୋଗ

ବ୍ରହ୍ମପୁର,୧୬।୯(ସମିସ)

ବ୍ରହ୍ମପୁର ମହାନଗର ନିଗମର ପ୍ରଥମ ନାଗରିକ ହେଉଛନ୍ତି ମେୟର। ମହାନଗର ନିଗମର ଉଭୟ ମେୟର ଓ କମିଶନରଙ୍କୁ ସଶସ୍ତ୍ର ପିଏସ୍‌ଓ ବା ବ୍ୟକ୍ତିଗତ ଅଙ୍ଗରକ୍ଷୀ ଯୋଗାଇବା ନିୟମ ରହିଛି। ରାଜ୍ୟର ସମସ୍ତ ମହାନଗର ନିଗମରେ ଏହି ବ୍ୟବସ୍ଥା ପ୍ରାରମ୍ଭରୁ ଥିବାବେଳେ ବ୍ରହ୍ମପୁରରେ ମଧ୍ୟ ଥିଲା। ତେବେ ନିକଟ ଅତୀତରେ ବିନା କୌଣସି ସରକାରୀ ନିର୍ଦ୍ଦେଶନାମା ସତ୍ତ୍ୱେ ବ୍ରହ୍ମପୁର ମହାନଗର ନିଗମର ଉଭୟ ମେୟର ଓ କମିଶନରଙ୍କୁ ଯୋଗାଇ ଦିଆଯାଇଥିବା ସଶସ୍ତ୍ର ସୁରକ୍ଷାକର୍ମୀଙ୍କୁ ହଟାଇ ଦିଆଯାଇଥିଲା। ପରେ ଅର୍ଥାତ୍ ଆଇଏଏସ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜସିର୍କେ ନୂତନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପୁନଃ ଉଭୟ ମେୟର ଓ କମିଶନରଙ୍କୁ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଯୋଗାଇ ଦିଆଯାଇଥିଲେ ମଧ୍ୟ ଆର୍ମସ ପ୍ରଦାନ କରାଯାଇନାହିଁ। ସବୁଠାରୁ ବଡ଼କଥା ହେଲା ନିୟୋଜିତ ସୁରକ୍ଷାକର୍ମୀ ତାଲିମପ୍ରାପ୍ତ ନୁହଁନ୍ତି ବରଂ ସେମାନେ ଏସ୍‌ଓଜି ତାଲିମଦାତା। ତଥାପି ସେମାନଙ୍କୁ ଆର୍ମସ ପ୍ରଦାନ କରାନଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେପଟେ ବିନା ଆର୍ମସରେ ପିଏସ୍‌ଓ ଯୋଗାଇବା ଦ୍ୱାରା ଉଭୟ ମେୟର ଓ କମିଶନରଙ୍କ ସମ୍ମାନରେ ମଧ୍ୟ ଆଞ୍ଚ ଆସିଛି। ଏଭଳି ସୁରକ୍ଷା ବ୍ୟକ୍ତି ବିଶେଷଙ୍କୁ ନୁହେଁ ଏହା ଏକ ସରକାରୀ ବିଧିବିଧାନ ବା ପ୍ରୋଟୋକଲ। ଯାହାର ଖୋଲା ଉଲ୍ଲଂଘନ ହୋଇଛି।

ଅପରପକ୍ଷେ ବ୍ରହ୍ମପୁରର ନବାଗତ ଉପଜିଲ୍ଲାପାଳ ଓ ଗଞ୍ଜାମ ଜିଲ୍ଲାରେ ନିୟୋଜିତ ଥିବା ପ୍ରୋବେସନ୍ ଆଇଏଏସ୍ ଅଧିକାରୀଙ୍କୁ ସଶସ୍ତ୍ର ପିଏସ୍‌ଓ ଯୋଗାଇ ଦିଆଯାଇଥିବା ବେଳେ ଉଭୟଙ୍କ ଠାରୁ ସିନିଅର ବା ବରିଷ୍ଠ ଆଇଏଏସ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ କାହିଁକି ଅନୁରୂପ ଭାବେ ସଶସ୍ତ୍ର ବ୍ୟକ୍ତିଗତ ସୁରକ୍ଷାକର୍ମୀ ଯୋଗାଇ ଦିଆଯାଇନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏଭଳି ଘଟଣାକୁ ନେଇ ଉଭୟ ଜିଲ୍ଲାପାଳ ଓ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ଚିଠି ଲେଖି ଗଞ୍ଜାମ ଓକିଲ ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ମେୟର ଓ କମିଶନରଙ୍କୁ ସଶସ୍ତ୍ର ସୁରକ୍ଷାକର୍ମୀ ଯୋଗାଇ ଦେବାକୁ ଦାବି କରିଛନ୍ତି। ପୂର୍ବରୁ ଉଭୟ ମେୟର ଓ କମିଶନରଙ୍କୁ ଆକ୍ରମଣ ଓ ଧମକ ମିଳିବା ଭଳି ଘଟଣାର ନଜିର ଥିବାବେଳେ ମାମଲା ଥାନାକୁ ମଧ୍ୟ ଯାଇଛି। ଏଣୁ ଉଭୟଙ୍କ ପାଇଁ ବନ୍ଧୁକଧାରୀ ଅଙ୍ଗରକ୍ଷୀ ତୁରନ୍ତ ଯୋଗାଇବା ଜରୁରୀ ବୋଲି ଦର୍ଶାଇ ଏଭଳି ଦାବି କରିଛନ୍ତି।

## ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ନିଯୁକ୍ତି ଭିତ୍ତିକ କର୍ମଶାଳା

ବ୍ରହ୍ମପୁର,୧୬।୯(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗଯୋଗ ବିଭାଗ ପକ୍ଷରୁ କର୍ମନିଯୁକ୍ତି ଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ନନ୍ଦିଘୋଷ ଟିଭିର ବରିଷ୍ଠ ଲେଖକ ଚନ୍ଦ୍ରକାନ୍ତ ପଣ୍ଡା ଯୋଗଦେଇ ଗଣମାଧ୍ୟମର ଭାଷା ଓ ଲିଖନ ଶୈଳୀ ଉପରେ ମତବ୍ୟକ୍ତ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତଥା ବିଭାଗୀୟ ମୁଖ୍ୟା ଡ. ବନ୍ଦିତା କୁମାରୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। କର୍ମଶାଳାକୁ ବିଭାଗୀୟ ସହ ଅଧ୍ୟାପିକା ଡ. ଚିନୁ ବହିଦାର ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ପ୍ରଫେସର ଗଣେଶ ସେଠୀ, ସହଯୋଗୀ ଅଧ୍ୟାପକ ଡ.ଜୟନ୍ତ କୁମାର ପଣ୍ଡା, ସହ ଅଧ୍ୟାପିକା ଡ. ନେହା ପାଣ୍ଡେଙ୍କ ସମେତ ସହ ଅଧ୍ୟାପକ ଅଗ୍ନି କୁମାର ବେହେରା ସହଯୋଗ କରିଥିଲେ। କର୍ମଶାଳାରେ ଓଡ଼ିଆ ଭାଷାର ବ୍ୟବହାର, ଗଣମାଧ୍ୟମର ଭାଷା ଓ ଲିଖନଶୈଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ବ୍ରାଉନ୍‌ସୁଗର କାରବାର ଅଭିଯୁକ୍ତଙ୍କୁ ଛାଡ଼ିଦେବା ଘଟଣା

# 'ବିଧିବଦ୍ଧ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ'

ଭୋଗରାଇ, ୧୬।୯ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଓଡ଼ିଶା-ପଶ୍ଚିମବଂଗ ସୀମାନ୍ତରେ ବେଧଡ଼କ ବ୍ରାଉନସୁଗର କାରବାର ଚାଲିଛି। ହେଲେ ପୁଲିସ ଶାସକ ଦଳର କୁଜିନେତାଙ୍କ ହାତବାରିସି ସାଜି ବ୍ରାଉନସୁଗର ବେପାରିଙ୍କୁ ଥାନାରୁ ଖସାଇ ଦେଉଛି। ସେପଟେ ସୁବର୍ଣ୍ଣରେଖା ନଦୀପଠାରୁ ଦିନ ଦିପହରରେ ବାଲି ଚୋରି ହେଉଛି। ଏସବୁକୁ ନେଇ ବାରମ୍ବାର ପୁଲିସ ଓ ପ୍ରଶାସନକୁ ବିଧାୟକ ଗୌତମବୁଦ୍ଧ ଦାସ ଅବଗତ କରିଥିଲେ ମଧ୍ୟ ସମସ୍ତେ ନିରବଦ୍ରଷ୍ଟା ସାଜିଛନ୍ତି। ସରକାରୀ ଦଳର କର୍ମୀଙ୍କ ଦ୍ୱାରା ଏସବୁ ଚୋରି ଚାଲିଥିବାବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀ ନୀତିବାଣୀ ଶୁଣାଉଛନ୍ତି, କହି ଚୋରଙ୍କ ଗହଣରେ ଥାଇ ଚୋରି ବନ୍ଦ କର ବୋଲି କହିବା ପ୍ରହସନ ଏବଂ ଏସବୁ ନାଟକବାଜି ବନ୍ଦ ନ ହେଲେ ଭୋଗରାଇରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

ବ୍ରାଉନ୍‌ସୁଗର ଜବତ ଘଟଣାରେ ତାଳସାରୀ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଅନୁକମ୍ପା ଦେଖାଇ ୩ ଜଣ ଅଭିଯୁକ୍ତ ଓ କାର୍‌କୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। ଏପରି ସମୟରେ ସ୍ଥାନୀୟ ବିଧାୟକ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କିଛି ଫଳ ନ ମିଳିବାରୁ ଏବେ ସେ ଏସ୍‌ପିଙ୍କୁ ଭେଟି ଦାବି ଦୋହରାଇଛନ୍ତି। ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ କରାଯିବ ବୋଲି ବିଧାୟକ କହିଛନ୍ତି।

ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଗତ ୮ ତାରିଖ ଦିନ ଭୋଗରାଇ ବ୍ଲକ୍ ଅନ୍ତର୍ଗତ ସାହାବାଜିପୁରରୁ ୩୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିଲେ। ଏହି ଘଟଣାରେ ଦିବାକର ନାୟକ ଓ ଅନ୍ୟ ୩ ଜଣ ଯୁବକ ଧରାପଡ଼ିଥିବା ବେଳେ ଏକ ବାଇକ୍ ଓ ଏକ କାର୍ ଜବତ ହୋଇଥିଲା। ଏମିତି କି ସୋମବାର ଦିନ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଓ ସବ୍-ଇନ୍‌ସପେକ୍ଟର୍ ଆଶିଷ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ଘଟଣାର ସିନ୍ ରିକ୍ରିଏସନ୍ କରାଯାଇଥିଲା। ହେଲେ ପରେ ଘଟଣାରେ ସଂପୃକ୍ତ ୩ ଜଣ ଯୁବକଙ୍କ ସହ କାର୍‌କୁ ପୁଲିସ ଛାଡ଼ିଦେଇଥିଲା। ତେବେ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଅନୁକମ୍ପା ଦେଖାଇ ୩ ଜଣ ଯୁବକଙ୍କ ସହ କାର୍‌କୁ ଛାଡ଼ିଦେଇଥିବା ଅଭିଯୋଗ ହୋଇଥିଲା। ଏମିତି କି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଚିଠି ଲେଖିଥିଲେ। ଏସ୍‌ପି ଶ୍ରୀ ଦିବାକର ମଧ୍ୟ ଉଚ୍ଚପଦସ୍ଥ ପୁଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା ଘଟଣାର ତଦନ୍ତ କରିଥିଲେ। ହେଲେ ଏଯାଏ କିଛି କାର୍ଯ୍ୟାନୁଷ୍ଠାନ ହେଲାନି। ଏପରି ସମୟରେ ବିଧାୟକ ଶ୍ରୀ ଦାସ ଏସ୍‌ପି ଶ୍ରୀ ଦିବାକରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପୁଣି ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନହେଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ନେଇ ପୂର୍ବରୁ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଥିଲେ, ଯେଉଁମାନଙ୍କ ଘଟଣାରେ ସଂପୃକ୍ତି ନଥିଲା, ସେମାନଙ୍କୁ ଏବଂ ସେମାନଙ୍କ କାର୍‌କୁ ଛଡ଼ାଯାଇଛି। ଏଥିରେ ଅନୁକମ୍ପାର କିଛି କଥା ନାହିଁ। ସବୁ ପ୍ରକାର ତଦନ୍ତକୁ ସାମ୍ନା କରିବା ପାଇଁ ମୁଁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

## କଳା ପ୍ରଦର୍ଶନୀ 'ସାଦୃଶ୍ୟ' ଉଦ୍‌ଘାଟିତ



ବାଲେଶ୍ୱର,୧୬।୯ (ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା କଲିକତା ଏକାଡେମୀ ଅଫ୍ ଫାଇନ୍ ଆର୍ଟଠାରେ କଳା ପ୍ରଦର୍ଶନୀ 'ସାଦୃଶ୍ୟ' ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କଲିକତା ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ସପନ କୁମାର ଜାନା, ଚିତ୍ରଶିଳ୍ପୀ ସୁକାନ୍ତ ଦାସ, ମୁଦ୍ରଣ କଳା ଚିତ୍ରଶିଳ୍ପୀ ଅବଦୁଲ ସଲାମ, ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ଯୋଗଦାନ କରି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଅଧ୍ୟାପକ ଦୈତାରୀ ବେହେରା, ଆକାଶ ବାଲ୍ମିକ, ସୁଧାଂଶୁ ଶେଖର ଜେନା, ପର୍ଶୁରାମ ପଣ୍ଡା, ଅଧ୍ୟାପିକା ଆର୍ଯ୍ୟ ପ୍ରଜ୍ଞା ବାସବଦତ୍ତା କଳାକୃତି ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ ୧୬ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଜର କଳାକୃତି ପ୍ରଦର୍ଶନ କରିଛନ୍ତି।

## ଡାକ୍ତର ଚିତ୍ତରଞ୍ଜନ ସାହୁଙ୍କୁ ପ୍ରାକୃତିକ ଚିକିତ୍ସା ସମ୍ମାନ



ବାଲେଶ୍ୱର,୧୬।୯ (ସମିସ): ବାଲେଶ୍ୱର ଓ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଓର ଆଣ୍ଡ ଯୋଗିକ ସାଇନ୍ସର ମୁଖ୍ୟ ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ନିକଟରେ ଆୟୁଷ କଲେଜ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ନୂଆ ଦିଲ୍ଲୀ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଉପରେ ନେଚୋରପାଥି ଏକସେଲେଣ୍ଟ ଆୱାଡର୍ ପ୍ରାପ୍ତ କରିଛନ୍ତି। ଦୀର୍ଘ ୩୫ ବର୍ଷ କାଳ ପ୍ରାକୃତିକ ଚିକିତ୍ସା ଉପରେ ଗବେଷଣା, ଚିକିତ୍ସା ଓଡ଼ିଶା ତଥା ଓଡ଼ିଶା ବାହାରେ ପୁଣେ ନେସନାଲ ଇନଷ୍ଟିଚ୍ୟୁଟ ଅଫ ନେଚରପାଥି ଭାରତ ସରକାରଙ୍କ ଦ୍ୱାରା ଡାଇବେଟିସ, ଉଚ୍ଚ ରକ୍ତଚାପ, କିଡନୀ ଫେଲୱର, ମାନସିକ ରୋଗ ଉପରେ ନେଚରପାଥି ଚିକିତ୍ସାର ସୁଫଳ ଗବେଷଣା କରି ଓଡ଼ିଶାରୁ ସର୍ବସେଷ୍ଟ ନେଚରପାଥି ଆୱାଡର୍ ପ୍ରାପ୍ତ କରିଛନ୍ତି। ଇଣ୍ଟର ନେସନାଲ ନେଚରପାଥି ଅର୍ଗାନାଇଜେସନ ର ମୁଖ୍ୟ ଡାକ୍ତର ଅନନ୍ତ ବିରାଦିର ଦ୍ୱାରା ପ୍ରାପ୍ତ କରିଥିଲେ ଯାହା ଦ୍ୱାରା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମକର୍ତ୍ତାଙ୍କ ମନରେ ଲହରୀ ଆଣିଦେଇଛି। ଏଥିପାଇଁ ଡାକ୍ତର ସାହୁଙ୍କୁ ବିଭିନ୍ନ ସହରରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲିଫ୍ଟ ଅଚଳ

ବାଲେଶ୍ୱର,୧୬।୯ (ସମିସ): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୂତନ ଭାବେ ନିର୍ମାଣ ହୋଇଛି। ସେଠାରେ ବହୁ ବିଭାଗ କାର୍ଯ୍ୟ କରୁଛି। ପ୍ରତିଦିନ ସେଠାରେ ସମସ୍ତ ସରକାରୀ କର୍ମଚାରୀଙ୍କ ସମେତ ବହୁ ଲୋକ ଯିବା ଆସିବା କରୁଛନ୍ତି। ଗ୍ରାଉଣ୍ଡ



ଫ୍ଲୋରରୁ ଦ୍ୱିତୀୟ ମହଲାକୁ ଯିବା ପାଇଁ ଗୋଟିଏ ପଟେ ଶିଢ଼ି ରହିଥିବା ବେଳେ ଦୁଇ ପାଶ୍ୱର୍ରେ ଦୁଇଟି ଲିଫ୍ଟ ରହିଛି। ଏଥିରେ ଲୋକେ ସୁବିଧାରେ ଯିବା ଆସିବା କରୁଥିଲେ। ସେଠାରେ ଥିବା ଦୁଇଟି ଲିଫ୍ଟ ମଧ୍ୟରୁ ଗୋଟିଏ ଲିଫ୍ଟ କାମ କରୁ ନାହିଁ। ଯାହା ଫଳରେ ସରକାରୀ କର୍ମଚାରୀମାନଙ୍କ ସହ ସାଧାରଣ ଲୋକେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗୋଟିଏ ଲିଫ୍ଟ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଯାହାଫଳରେ ଲୋକେ ବାଧ ହୋଇ ଶିଢ଼ିରେ ଯିବା ଆସିବା କରୁଥିବା ବେଳେ ଅନ୍ୟଏକ ଲିଫ୍ଟକୁ ହିଁ ଭରସା କରୁଛନ୍ତି। ଏଣୁ ଜିଲ୍ଲାପାଳ ଦୃଷ୍ଟି ଦେଇ ଶିଘ୍ର ଏହାକୁ ମରାମତି କରାଇବାକୁ ଦାବି ହୋଇଛି।

## ଡେଙ୍ଗୁ ଆତଙ୍କ; ୧୯ ଜଣଙ୍କ ରକ୍ତ ନମୁନା ସଂଗ୍ରହ

ଜଳେଶ୍ୱର,୧୬।୯ (ସମିସ): ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳର ଖୁଦିଆମାଝୀସାହି ପଞ୍ଚାୟତର ବେହେରାସାହି ଗାଁର ଡେଙ୍ଗୁ ଜ୍ୱରକୁ ନେଇ ଲୋକେ ଆତଙ୍କିତ ଭାବେ ରହିଛନ୍ତି। ଜିଲ୍ଲାର ଡାକ୍ତରୀ ଟିମ ବାରମ୍ବାର ଗସ୍ତ କରୁଥିବା ବେଳେ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହା ସହ ମେସିନ ଦ୍ୱାରା ବ୍ୟାପକ ଭାବେ ଧୂଆଁ ଦିଆଯାଉଛି। ମଙ୍ଗଳବାର ବେହେରାସାହି ଗାଁରୁ ୧୯ ଜଣଙ୍କ ରକ୍ତ ନମୁନ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଅନ୍ୟପଟେ ଜ୍ୱରରେ ପୀଡ଼ିତ ଖୁଆଡ ପଞ୍ଚାୟତ ନୂଆଗାଁର ଯୁବକ ଚନ୍ଦନ ଘୋଷ(୩୫)ଙ୍କ ମୃତ୍ୟୁ ଘଟିଛି।

## ବିଶିଷ୍ଟ ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ପରଲୋକ

ବାଲେଶ୍ୱର,୧୬।୯ (ସମିସ): ବିଶିଷ୍ଟ ଅନୁବାଦକ ତଥା ଯଶସ୍ୱୀ ସାହିତ୍ୟିକ ସୁଖେନ୍ଦୁ ମୋହନ ଦାସଙ୍କ ୯୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସ ବଙ୍ଗଳା ସାହିତ୍ୟରୁ ଓଡ଼ିଆ ସାହିତ୍ୟକୁ ଅନୁସୃଜନ କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ



କରିଥିଲେ। ଅମଳେଶ ଭଟ୍ଟାଚାର୍ଯ୍ୟଙ୍କ କୃତ "ମହାଭାରତ' ଓ "ରାମାୟଣ'କୁ ଓଡ଼ିଆ ଭାଷାରେ ଅନୁବାଦ କରି ପାଠକ ମହଲରେ ବେଶ ଆଦୃତ ହୋଇଥିଲେ। ଏତଦ୍ବ୍ୟତୀତ ତାଙ୍କଦ୍ୱାରା ଅନୁଦିତ ନିତ୍ୟାନନ୍ଦ ମହାପାତ୍ରଙ୍କ "ଘରଡିହ ଉପନ୍ୟାସକୁ ବଙ୍ଗଳା ସାହିତ୍ୟରେ 'ଭିଟେ' ଶୀର୍ଷକରେ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା। ସେ ଶ୍ରୀମା ଅରବିନ୍ଦଙ୍କ ଜଣେ ଭକ୍ତ ଭାବରେ ଶ୍ରୀଅରବିନ୍ଦଙ୍କ ଅନେକ ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି। ୨୦୧୪ ମସିହାରେ ସ୍ୱର୍ଗତ ଦାସଙ୍କ ସର୍ବକାଳୀନ କୃତି ପାଇଁ ସମ୍ମାନ ଜନକ ରାଜଧାନୀ ପୁସ୍ତକ ମେଳା ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ ହୋଇଥିଲେ। ପୁରୁଣା ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତିନି ଝିଅ ଲିପିଶ୍ରୀ, ସୁଧାପ୍ରିୟା, ସୁପ୍ରିୟା, ପୁତ୍ର ଲାବେନ୍ଦୁ, ପୁତ୍ରବଧୂ ସଞ୍ଜୁଲତା, ଜ୍ୱାଇଁ ସ୍ନେହାଂଶୁ ଓ ଦୀପକ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ, ସଂପାଦନ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୬।୯ (ସମିସ): ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଓ "ମିଳିତ ନିଶା ନିବାରଣ ଅଭିଯାନ (ମନା)'ର ମିଳିତ ସହଯୋଗରେ ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ନିଶାସେବନ ସାମାଜିକ ପ୍ରତିଷ୍ଠାର ଅବକ୍ଷୟ କରିବା ସହିତ ଅପରାଧ ପ୍ରବଣତା ବୃଦ୍ଧି କରେ ଏବଂ ନିଶାରୁ ନିବୃତ୍ତ ରହିଲେ ଆର୍ଥିକ, ଶାରୀରିକ, ସାମାଜିକ କ୍ଷେତ୍ରରେ ଆମେ ଉନ୍ନତି କରିପାରିବା ବୋଲି କହିବା ସହିତ ଏହିଭଳି ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ସଂପାଦିକା ମମତା ମହାପାତ୍ର ଶିବିର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଉପଦେଷ୍ଟା ସୁବ୍ରତ କର ସଂପ୍ରତି ଖବରକାଗଜରେ ପ୍ରକାଶିତ




ନିଶାର ଭୟାବହ ବିବରଣୀ ଦେଇଥିଲେ। ନିଶା ବିରୋଧୀ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୪ ଜଣ କଲେଜ ଛାତ୍ରଛାତ୍ରୀ ମୋନାଲି ଆଚାର୍ଯ୍ୟ, କଳ୍ପନା ରାଉତ, ଆଶୁତୋଷ ମହାପାତ୍ର, ବିଭୂତି ଭୂଷଣ ନାୟକଙ୍କୁ "ମନା' ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅକ୍ଷୟ ତ୍ରିପାଠୀ, ତ୍ରିଦିବ ନାୟକ, ଗଙ୍ଗାଧର ସୃଷ୍ଟି ଓ କଲ୍ୟାଣୀ ନନ୍ଦ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। "ମନା'ର ଉପସଭାପତି ଡ. କ୍ଷୀତିଶ୍ୱର ଦାଶ ଶିବିରର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ନିରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଗୀତାଞ୍ଜଳି ସିଂହ ମଞ୍ଚ ଆହ୍ୱାନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। "ମନା'ର ସଭ୍ୟ ବେଣୁଧର ସାହୁ, ଶାନ୍ତି ବିଶି, ଭାରତୀ ପଣ୍ଡା, ପ୍ରଭାକର ସାହୁ ସାହୁ (ଖ), ରବିନାରାୟଣ ଭୋଳ, ଯୋଗେଶ ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟାପକ ଅରୁଣ କୁମାର ଦାସ ଓ ସନ୍ଧ୍ୟାରାଣୀ ବେରା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ସ୍ମରଣିକା 'ଉଦୟନ' ଉନ୍ମୋଚିତ

ବାଲେଶ୍ୱର,୧୬।୯ (ସମିସ): ଚାନ୍ଦିପୁରସ୍ଥ ପ୍ରୁଫ୍‌ର ବୈଜ୍ଞାନିକ, ଶିକ୍ଷାବିତ୍, ଲେଖକ ତଥା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ ଉଦୟଚନ୍ଦ୍ର ଦାସଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା "ଉଦୟନ'କୁ ବସ୍ତାର ବିଧାୟିକା ତଥା "ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ସୁନହଟସ୍ଥିତ ବାସଭବନଠାରେ ଆୟୋଜିତ ସ୍ମୃତିସଭାରେ ଉନ୍ମୋଚନ କରିଛନ୍ତି। ଲୋକସେବା ଭବନ ଇଣ୍ଡଷ୍ଟ୍ରି ବିଭାଗର ଅବସରପ୍ରାପ୍ତ ଉପ ବିଭାଗ ଅଧିକାରୀ ତଥା ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାକୁ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଖଣ୍ଡ ମହାବିଦ୍ୟାଳୟ ଇତିହାସ ବିଭାଗ ପ୍ରାଧ୍ୟାପକ ନୀରଦ କୁମାର ଜେନା, ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ମିଶ୍ର, ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହେରା, ଶିକ୍ଷକ ନାରାୟଣ ମହାରଣା, ପୂର୍ବତନ ସରପଞ୍ଚ ଦାଶରଥି ମହାରଣା, ପ୍ରାକ୍ତନ ସରପଂଚ ଦୀପକ କୁମାର ଖିଲାର, ସମାଜସେବୀ ନଟବର ମହାନ୍ତି ଯୋଗଦାନ କରି ସ୍ୱର୍ଗତ ଉଦୟ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ପ୍ରମୋଦ କୁମାର ଦାସ, ନୂଆଗାଁ ବ୍ଲକ୍ ମଣ୍ଡଳ ମତ୍ସ୍ୟ ଅଧିକାରୀ ଡ଼. ସୁଧାଂଶୁ ଶେଖର ବେହେରା, ପ୍ରୁଫ୍‌ର ଅବସରପ୍ରାପ୍ତ କାରିଗର ଶ୍ରୀଧର ବିନ୍ଧାଣୀ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ସୁଜ୍ୟୋତ୍ସ୍ନା ଜେନା, ଶିକ୍ଷୟିତ୍ରୀ ପୁଷ୍ପିତା ଦାସ, ଆଡଭୋକେଟ୍ ଉର୍ମିମାଳା ଦାସ, ଇଂଜିନିୟର ତାପସ ରଂଜନ ଦାସ, ଅତିରିକ୍ତ ତହସିଲଦାର କମନ୍ଦନ ମାଝୀ, ଗାଳ୍ପିକା ଡ଼. ନିବେଦିତା ଦାସ, ଶିକ୍ଷୟିତ୍ରୀ ବନ୍ଦନା ପାଣି, ଗୀତାରାଣୀ



ଦାସ, ଉମେଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ସୁଲୋଚନା ସେନାପତି, ମାନସ ରଂଜନ ଦାସ ଓ ସୁଭଦ୍ରା ଦାସ ପରିଚାଳନା କରିଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପରିସରରେ ସେବାକାରୀ ପ୍ରମିଳା, ଯୋଗଗୁରୁ ସୁଜିତ କୁମାର ଜେନା ଓ ବ୍ରହ୍ମାକୁମାରୀ ମିନତୀଙ୍କ ସଂଚାଳନାରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏହି ସ୍ମୃତି ସଭାରେ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ବୈଷ୍ଣବ ସମ୍ପ୍ରଦାୟ ସହ ବହୁ ଲେଖକ, ସାହିତ୍ୟିକ ଯୋଗଦାନ କରିଥିଲେ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଡର୍ଣ୍ଣ ପବ୍ଲିକ ସ୍କୁଲ ଛାତ୍ରଙ୍କ କୃତିତ୍ୱ




ବାଲେଶ୍ୱର,୧୬।୯ (ସମିସ): ରାଜ୍ୟସ୍ତରୀୟ ଜୁନିୟର ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଚତୁର୍ଥ ଶ୍ରେଣୀ ଛାତ୍ର ଆୟୁଷ ରଞ୍ଜନ ଏବଂ ୟଙ୍ଗ ଇଣ୍ଡିଆନ ଦ୍ୱାରା ଆୟୋଜିତ ମକ ପାର୍ଲିଆମେଂଟ ପ୍ରତିଯୋଗିତାରେ ଜାତୀୟ ସ୍ତରକୁ ମନୋନୀତ ହୋଇଥିବା ନବମ ଶ୍ରେଣୀର ଛାତ୍ର ଅନୁରାଗ ସାହୁଙ୍କୁ ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବଲପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଆୟୁଷ ରଞ୍ଜନ ଅଂଶ ଗ୍ରହଣ କରିଥିଲେ। ଆଠଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ବିଦ୍ୟାଳୟର ନବମଶ୍ରେଣୀର ଛାତ୍ର ଅନୁରାଗ ସାହୁ ଝାଡଖଣ୍ଡର ଜାମସେଦପୁର ଠାରେ ୟଙ୍ଗ ଇଣ୍ଡିଆନ ପକ୍ଷରୁ ଆୟୋଜିତ କ୍ଷେତ୍ରୀୟ ସ୍ତରୀୟ ମକ ପାର୍ଲିଆମେଂଟ ପ୍ରତିଯୋଗିତାରେ ୪୦ଜଣ ପ୍ରତିଯୋଗୀଙ୍କ ସହ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସେ ଏକମାତ୍ର ଭାବେ ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଉପାଧକ୍ଷ ରବୀନ୍ଦ୍ର ନାଥ ମହାନ୍ତି ଏବଂ ଅନ୍ୟତମ ଉପାଧକ୍ଷ ରଞ୍ଜନ ନାୟକ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ପଲ୍ଲବୀ ପ୍ରଧାନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

ଆସୁଛନ୍ତି ମା' ଦୁର୍ଗା

# ୧୬୩ ବର୍ଷ 'କର ପରିବାର' ଦୁର୍ଗାପୂଜା

ବାଲେଶ୍ୱର,୧୬।୯ (ସମିସ)

ସହରରେ ବିଭିନ୍ନ କମିଟି ପକ୍ଷରୁ ଦୁର୍ଗା ପୂଜା ହେବା ସହିତ ଘରୋଇ ଭାବେ ମଧ୍ୟ ଦୁର୍ଗା ପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ସେଥିମଧ୍ୟରୁ କର ପରିବାର ଦୁର୍ଗାପୂଜା ଅନ୍ୟତମ। କୁହାଯାଏ, ବାଲେଶ୍ୱର ସହରର ପ୍ରଥମ ଘରୋଇ ପୂଜା ଭାବେ କର ପରିବାର ଦୁର୍ଗା ପୂଜା ଆରମ୍ଭ କରିଥିଲେ। ଯାହା ଏଯାବତ ହୋଇଆସୁଛି। ଚଳିତବର୍ଷ ୧୬୩ ବର୍ଷ ପାଳନ ହେବ କର ପରିବାର ଦୁର୍ଗାପୂଜା। ସେହିପରି ପିତଳ ପ୍ରତିମା ଏବଂ ଘଟ ପୂଜାକୁ ୨୦୩ ବର୍ଷ ପୁରୁଛି। ଏନେଇ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଏହାବ୍ୟତୀତ ମହିଳାମାନଙ୍କ ସିନ୍ଦୂର ଖେଳ ବେଶ୍ ମନୋରମ।

ସୂଚନାଯୋଗ୍ୟ, କର ପରିବାର ଏକ ବଙ୍ଗୀୟ ପରିବାର। ୧୭୦୦ ମସିହା ପୂର୍ବରୁ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାର ସାହାଜାହାବାଦ ସବଡିଭିଜନ ଅର୍ନ୍ତଗତ ମାୟାପୁରରୁ ଏହି ବଂଶର ପୂର୍ବ ପୁରୁଷମାନେ ବାଲେଶ୍ୱର ଆସିଥିଲେ। କର ପରିବାରର ପୂର୍ବ ପୁରୁଷମାନେ ବଣିକ ଥିଲେ। ସେମାନେ ବାଣିଜ୍ୟ କରିବା ପାଇଁ ବିଭିନ୍ନ ସ୍ଥାନକୁ ଯାଉଥିଲେ। ପୁଣି ସେଇ ସମୟରେ ମୁସଲମାନ ସୁବେଦାର ଓ ବର୍ଗୀମାନଙ୍କ (ମରହଟ୍ଟା) ଅତ୍ୟାଚାରରେ ଅତିଷ୍ଠ ହୋଇ କର ପରିବାର ବାଲେଶ୍ୱର ବଙ୍ଗୋପସାଗରକୁ ଲାଗିଥିବାରୁ ଏବଂ





ବର୍ଦ୍ଧମାନ ନିକଟତର ହୋଇଥିବାରୁ ସମୁଦ୍ର ପଥରେ ଆସିବା ସୁବିଧା ଜନକ ଦେଖି ବାଲେଶ୍ୱରକୁ ଉପଯୁକ୍ତ ସ୍ଥାନ ଭାବି ବାଲେଶ୍ୱର ସହରର ବାରବାଟୀ ଅଞ୍ଚଳକୁ ଆସି ୧୬୯୭ ମସିହାରୁ ସ୍ଥାୟୀ ଭାବରେ ବସବାସ ଆରମ୍ଭ କରିଥିଲେ। ଠାକୁରଙ୍କ ଆଶୀର୍ବାଦରୁ ବ୍ୟବସାୟରେ ଉନ୍ନତି କରି ସେ ସମୟରେ ଚାରି ହଜାର ମହଣ ଲେଖାଏଁ ମାଲ ପରିବହନ କରିପାରୁଥିବା ୨୦ଟି ବୋଟ୍ ଥିଲା ଏବଂ ବଳଙ୍ଗ ନଦୀର ପରମିଟ୍ ଘାଟରୁ ଜାଭା, ସୁମାତ୍ରା, ବାଲି ଓ ବ୍ରହ୍ମଦେଶ ସହ ବାଣିଜ୍ୟ କାରବାର କରୁଥିଲେ। ଏହି ବଂଶଧରମାନେ ବାଲେଶ୍ୱର ସହରରେ ପ୍ରତିଷ୍ଠିତ ବ୍ୟବସାୟୀ ହୋଇପାରିଥିଲେ। ସୋର, ଭଦ୍ରକ, ଚାନ୍ଦବାଲି, ଛାନୁଆ, ଚର୍ତୁଖୁଣ୍ଟା, ଜମିଦାରୀ କିଣିଥିଲେ। ୧୮୨୨ ମସିହା ବେଳକୁ କର ପରିବାରର ୪୨୭୪୯ ବିଘା ବା ପ୍ରାୟ ୧୪ ହଜାର ୫୦୦ ଏକର ଜମି ଥିଲା ଏବଂ ୨୭ ହଜାର ପ୍ରଜା ଥିଲେ। ମାତ୍ର ଏତେ ବଡ଼ ଜମିଦାରୀ ଏବଂ ବ୍ୟବସାୟକୁ ଚଳାଇବା ପାଇଁ ପରବର୍ତ୍ତୀ ସମୟରେ ଏହି ଅଖଣ୍ଡ କ୍ଷମତାର ସୁରକ୍ଷା ପାଇଁ କର ବଂଶର ସଦସ୍ୟମାନେ କୌଣସି ଏକ ଶକ୍ତି ଆରାଧନା କରିବାକୁ ଉଚିତ ମନେ କଲେ। ଏ ସଂପର୍କରେ ସେମାନେ ତତ୍‌କାଳୀନ ସମାଜ ଧାରକ ମହାପୁରୁଷ ମାନଙ୍କ ସହିତ ବିଚାର ପରାମର୍ଶ ମଧ୍ୟ କରିଥିଲେ। ମାତୃଶକ୍ତିକୁ ନିଷ୍ଠାର ସହିତ ପୂଜା କରିଲେ ସେ ଯେକୌଣସି ପ୍ରକାର ବିପତ୍ତିରୁ ଉଦ୍ଧାର କରନ୍ତି ବୋଲି ହୃଦ୍‌ବୋଧ କରିବା ପରେ ସେମାନେ ଶକ୍ତି ପୂଜା କରିବାକୁ ମନସ୍ଥ କରିଥିଲେ। ୧୮୨୨ ମସିହାରେ କଲିକତାରୁ ଏକ ପିତ୍ତଳ ହର, ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ ମୂର୍ତ୍ତି ଆଣି ପୂଜା ଆରମ୍ଭ କରିଥିଲେ। ଏହି ବଂଶର ପରବର୍ତ୍ତୀ ପିଢ଼ିମାନେ ୧୮୬୩ ମସିହାରେ ନିଜ ଗୃହରେ ବୈଠକଖାନା ତିଆରି କରି ହର ପାର୍ବତୀଙ୍କ ମୂର୍ତ୍ତି ସହ ଲକ୍ଷ୍ମୀ, ସରସ୍ୱତୀ, ଗଣେଷ, କାର୍ତ୍ତିକଙ୍କ ସହ ଦୁର୍ଗା ପୂଜା ପାଳନ କରିଆସୁଛନ୍ତି। ତେବେ ରଥ ଦିନଠାରୁ ପୂଜା ପାଇଁ ମାଟି ସଂଗ୍ରହ କରାଯାଇ ମୂର୍ତ୍ତି ଗଢ଼ା ଆରମ୍ଭ ହୁଏ। ସପ୍ତମୀ ଦିନ ବୁଢ଼ା ବଳଙ୍ଗ ନଦୀଠାରେ ପୂଜା ଅର୍ଚ୍ଚନା କରି ଘଟ ଉତ୍ତୋଳନ କରାହୋଇଥାଏ। ଏହି ପୂଜାରେ ୭ ଜଣ ପୁରୋହିତ ପ୍ରଧାନ ଆଚାର୍ଯ୍ୟ, ଚଣ୍ଡି, ହୋତା, ଜପ, ତୁଳସୀ ଓ ଚର୍ଚ୍ଚକ ଆରମ୍ଭରୁ ଶେଷଯାଏ ନିଜ ନିଜ ଦାୟିତ୍ୱ ତୁଲାଇଥାନ୍ତି। ପୂଜା ପାଇଁ ୭ ମହଣ ଅରୁଆ ଚାଉଳ ନୈବେଦ୍ୟ ଲାଗେ। ଅଷ୍ଟମୀ ଦିନ ସନ୍ଧି ପୂଜା ସମୟରେ ଗୋଟିଏ ନୈବେଦ୍ୟ ୫୦ ସେର ଚାଉଳର ପ୍ରସ୍ତୁତି ହୋଇଥାଏ। ହୋମ ପାଇଁ ୫ ମହଣ କାଠ ପୋଡାଯାଏ ଏବଂ ୨୦ କେଜିରୁ ଅଧିକ ଗୁଆ ଘିଅ ଲାଗିଥାଏ। ଏହି ଚାରି ଦିନ ପୂଜା ପୁରୁଣା ନୀତି ନିୟମରେ ହୋଇଥାଏ। ଏବେ କିଛି ବର୍ଷ ହେବ ଦେବୀଙ୍କର ବିସର୍ଜନ ପରେ ସିନ୍ଦୂର ଖେଳ ପରିବାରର ସମସ୍ତେ ମିଶି ମନାଉଛନ୍ତି। ଏବେ ଆଧୁନିକ ସମୟରେ ମଧ୍ୟ କର ପରିବାର ପୂଜା ପାରମ୍ପରିକ ନୀତିଠାରୁ ଦୂରେଇ ଯାଇନାହିଁ। ପ୍ରତ୍ୟେକ ସୋପାନରେ ପ୍ରତିଫଳିତ ହେଉଛି ୧୮୬୩ ମସିହାର ସେହି ନିଆରା ପୂଜା ପଦ୍ଧତି।

◆ ସମୟ ସୁଅରେ କର ପରିବାର ପୃଥକାନ୍‌ରେ ଚଳି ଆସୁଥିଲେ ହେଁ ବଂଶର ଏହି ମହାନ ପୂଜାକୁ ସମସ୍ତେ ବର୍ଷ ତମାମ୍ ଅପେକ୍ଷା କରିଥାନ୍ତି। ଯିଏ ଯେଉଁଠି ଥାନ୍ତୁ ନା କାହିଁକି ସମସ୍ତେ ଏହି ପୂଜାରେ ଏକତ୍ରିତ ହୁଅନ୍ତି ଏବଂ ପୂଜାରେ ମିଳିମିଶି ସହଯୋଗ କରନ୍ତି।



ବିକ୍ରମଜିତ କର

# ଜଳେଶ୍ୱର ବ୍ଲକରେ ରାସନ ଦୁର୍ନୀତି

## ତଦନ୍ତ କରିବାକୁ ସାଂସଦଙ୍କ ନିର୍ଦ୍ଦେଶ

ଜଳେଶ୍ୱର,୧୬।୯ (ସମିସ): ବିଗତ ମାସ ଠାରୁ ରାସନ କାଡର୍‌ରେ ନାମ କାଟିବା, ନୂତନ ରାସନ କାଡର୍ ଆବେଦନ, ରାସନ କାର୍ଡରେ ମୋବାଇଲ ନମ୍ବର ଯୋଡ଼ିବା ଏବଂ ବିଭିନ୍ନ ପ୍ରକାରର ସଂଶୋଧନ ଆଦି କାର୍ଯ୍ୟ ଚାଲୁଅଛି। ଏହି ସମସ୍ତ କାର୍ଯ୍ୟ ନିମନ୍ତେ ପ୍ରତିଦିନ ବ୍ଲକ ରାସନ ବିଭାଗ ଅଫିସ ସାମ୍ନାରେ ସକାଳଠୁ ସନ୍ଧ୍ୟା ପର୍ଯ୍ୟନ୍ତ ହିତାଧିକାରୀମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଦୀର୍ଘଦିନ ଧରି ଦିନସାରା ଲମ୍ବା ଧାଡ଼ିରେ ଅପେକ୍ଷା କଲା ପରେ ମଧ୍ୟ ଜଳେଶ୍ୱର ବ୍ଲକ ରାସନ ବିଭାଗରେ କାମ ପାଇଁ ଆସୁଥିବା ଅଧିକାଂଶ ଲୋକ ନିରାଶ ହୋଇ ଫେରୁଥିବାର ଅଭିଯୋଗ ହୋଇଛି। ଦଲାଲ ଲଗେଇ ଲାଞ୍ଚ ନେଇ କିଛି ଲୋକଙ୍କ କାମ କରାଯାଉଛି ଏବଂ ଅନ୍ୟମାନଙ୍କୁ ହତାଶ ହୋଇ ଫେରିବାକୁ ପଡୁଛି। ଅନ୍ତ୍ୟୋଦୟ କାଡର୍‌ରୁ ହିତାଧିକାରୀଙ୍କ ନାମ କାଟି ହେବନାହିଁ, ରାସନ କାର୍ଡରୁ ନାମ କାଟିହେବ ନାହିଁ, ନୂତନ ରାସନ ହୋଇ ପାରିବ ନାହିଁ କହି ହିତାଧିକାରୀଙ୍କୁ ବାରମ୍ବାର ଫେରାଇ ଦିଆ ଯାଉଥିବା ବେଳେ ଦଲାଲ ଲଗେଇ ପଇସା ନେଇ ଡାଟା ଏଣ୍ଟ୍ରି ଅପରେଟର ଏବଂ ବ୍ଲକ ଯୋଗାଣ ଅଧିକାରିଣୀ ଭିତରି କାରବାର କରୁଛନ୍ତି ବୋଲି ଅଭିଯୋଗ ହେଉଅଛି। ଗତ ୧୨ ସେପ୍ଟେମ୍ବର ଶୁକ୍ରବାର ରାସନ ବିଭାଗର କାମକୁ ନେଇ ଲୋକେ କ୍ଷୋଭ ପ୍ରକାଶ କରୁ ଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ଏବଂ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। କିଛି ଯୁବକ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଜଳେଶ୍ୱର ରାସନ ବିଭାଗର ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ସାଂସଦ ଶ୍ରୀ ଷଡଙ୍ଗୀ ଜଳେଶ୍ୱର ବିଡିଓଙ୍କୁ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବିଜେପି ଯୁବନେତା ବିପ୍ଳବ କୁମାର ପ୍ରଧାନ, ସାଗର ଦାସ, ସଂଗ୍ରାମ ଜେନା, ଜୟକୃଷ୍ଣ ପ୍ରମାଣିକ, ଗଜେନ୍ଦ୍ର ଖମାରୀ ପ୍ରମୁଖ ଜଳେଶ୍ୱର ବିଡିଓଙ୍କୁ ଭେଟି ସାଂସଦଙ୍କ ନିର୍ଦ୍ଦେଶ ଥିବା ଚିଠି ପ୍ରଦାନ କରିଥିଲେ। ବିଡିଓ ଯଥାଶୀଘ୍ର ରାସନ ବିଭାଗର ଦୁର୍ନୀତି ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଦୁର୍ଘଟଣାରେ ସହକାରୀ ଶିକ୍ଷକଙ୍କ ମୃତ୍ୟୁ

ବେତନଟୀ, ୧୬।୯ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ହିରାଲାଲ ହାଇସ୍କୁଲର ଶିକ୍ଷକ ତାରାଣା ଗ୍ରାମର ଅଧିବାସୀ ତପନ କୁମାର ମହାନ୍ତ ଏକ ବାଇକ୍ ଯୋଗେ ସ୍କୁଲକୁ ଆସୁଥିବାବେଳେ ରାଗଧା ନିକଟରେ ସଡ଼କ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କଳା ବିଭାଗରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ସେ ବେତନଟୀ କଲେଜ୍ ଛାତ୍ର ସଂସଦର ପୂର୍ବତନ ସଭାପତି ଥିଲେ। ତାଙ୍କର ବିୟୋଗ ଖବର ପ୍ରଚାରିତ ହେବାପରେ ବେତନଟୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଓଷ୍ଟା ସଂଘର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସଭାପତି ଶିଶିର କୁମାର ନାୟକ, ସମ୍ପାଦକ ସୁର୍ଯ୍ୟାନନ୍ଦ ନାୟକ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

## ୩୧ ଛାତ୍ରଛାତ୍ରୀଙ୍କୁ ମାଡ଼ମାରି ଶିକ୍ଷୟିତ୍ରୀ ନିଲମ୍ବନ ହେବା ଘଟଣା

# ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କ ନାଁରେ ଥାନାରେ ଅଭିଯୋଗ

ବୈଶିଙ୍ଗା, ୧୬।୯ (ସମିସ): ବେତନଟୀ ବ୍ଲକ ଅଧୀନ ପ୍ରତିମାଦେଇପୁର କ୍ଲଷ୍ଟର ଅନ୍ତର୍ଗତ ଖଣ୍ଡଦେଉଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତୀ କର ଗତ ଶୁକ୍ରବାର ଏକକାଳୀନ ୩ଟି ଶ୍ରେଣୀର ୩୧ଜଣ ଛାତ୍ରଛାତ୍ରୀଙ୍କୁ ବାଉଁଶବାଡିରେ ନିସ୍ଥୁକ ମାଡ ମାରିବା ନେଇ ଏସଏମସି କମିଟି ଏବଂ ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ତଦନ୍ତକରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଶନିବାର ସନ୍ଧ୍ୟାରେ ତାଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର। ହେଲେ ନିଲମ୍ବନର ୨ଦିନ ପରେ ଶିକ୍ଷୟିତ୍ରୀ ସୁକାନ୍ତୀ କର ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ନାଁରେ ସୋମବାର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପ୍ରଧାନ ଶିକ୍ଷକ ଶ୍ରୀ ଓଝା ପୂର୍ବରୁ ବିଭିନ୍ନ କଥାରେ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଅଶାଳୀନ ଭାଷା ପ୍ରୟୋଗ କରି ଗାଳିଗୁଲଜ କରନ୍ତି। ଏପରିକି ସେ ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କୁ ତାଙ୍କ ବିରୋଧରେ ପ୍ରବର୍ତ୍ତାଇ ଦୁର୍ବ୍ୟବହାର କରିବାକୁ ମଧ୍ୟ ପ୍ରୋତ୍ସାହିତ କରନ୍ତି। ଯୋଉଁଥିପାଇଁ ପିଲାମାନେ ବିଭିନ୍ନ ସମୟରେ ତାଙ୍କୁ ଅବମାନନା କରିବା ସହିତ ଦୁର୍ବ୍ୟବହାର ମଧ୍ୟ କରିଥାନ୍ତି। ଉପରୋକ୍ତ ଘଟଣାରେ ମଧ୍ୟ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ଏକାଧିକ ଅଭିଭାବକ ଉପସ୍ଥିତିରେ ବସିଥିବା ବୈଠକରେ ପ୍ରଧାନ ଶିକ୍ଷକ ଓ ସଭାପତି ତାଙ୍କୁ ସର୍ବସମ୍ମୁଖରେ କୁଭାଷା ପ୍ରୟୋଗ କରନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ମୋଟ ୧୧୦ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ପାଇଁ ୫ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଥିବାବେଳେ ପ୍ରଧାନ ଶିକ୍ଷକ ନିଜ ସ୍ୱାର୍ଥ ହାସଲ ପାଇଁ ଜଣେ ୭୫ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ଅନାଦି ସିଂହଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଧାନ ଶିକ୍ଷକ ତାଙ୍କ ସହିତ ମିଶି ମୋ ବିରୋଧରେ ଷଡଯନ୍ତ୍ର ରଚିଥାନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ଅନାଦି ସିଂହ ମଧ୍ୟ ତାଙ୍କୁ ଅଶାଳୀନ ବ୍ୟବହାର କରନ୍ତି। ତେବେ ସବୁଠୁ ବଡ଼ କଥା ସେ ତାଙ୍କ ଅଭିଯୋଗରେ ପତ୍ରରେ ଦର୍ଶାଇଛନ୍ତି ଯେ, ଏମଡିଏମ ଚାଉଳକୁ ବେଆଇନ ଭାବେ ବାହାରେ ବିକ୍ରି କରି ଅନାଦି ସିଂହଙ୍କୁ ବେତନ ପ୍ରଦାନ କରନ୍ତି ପ୍ରଧାନଶିକ୍ଷକ ଶ୍ରୀ ଓଝା। ଏହି ଲିଖିତ ଅଭିଯୋଗ ପରେ ସୋମବାର ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପ୍ରଧାନ ଶିକ୍ଷକ ଶ୍ରୀ ଓଝା ଏଭଳି ଅଭିଯୋଗକୁ ସମ୍ପୂର୍ଣ୍ଣରୂପେ ଖଣ୍ଡନ କରିଛନ୍ତି।

## ଟ୍ରେନଗୁଡିକରେ ଅନଧିକୃତ ବିକ୍ରେତାଙ୍କ ପାଇଁ ଯାଞ୍ଚ ଅଭିଯାନ

# ୮ ମାସରେ ୧୯୪୫ ଗିରଫ, ୯.୭ ଲକ୍ଷ ଜରିମାନା ଆଦାୟ

ବାଲେଶ୍ୱର,୧୬।୯ (ସମିସ)



ଖଡଗପୁର ବିଭାଗର ରେଳ ସୁରକ୍ଷା ବଳ ଟ୍ରେନ ଓ ଷ୍ଟେସନ୍‌ଗୁଡ଼ିକରେ ଅନଧିକୃତ ବୁଲାବିକାଳୀ ଓ ବ୍ୟବସାୟୀଙ୍କ ବିରୁଦ୍ଧରେ କଡାକଡି ଅଭିଯାନ ଆରମ୍ଭ କରିଛି। ଏହି କାର୍ଯ୍ୟାନୁଷ୍ଠାନ ରେଳ ଆଇନ ୧୯୮୯ ର ଧାରା ୧୪୪(୧) ଅନୁସାରେ କରାଯାଉଛି, ଯଦ୍ୱାରା ରେଳ ଷ୍ଟେସନ୍ ପରିସର ଓ ରେଳ ବଗି ଭିତରେ ବିନା ଅନୁମତିରେ କୌଣସି ସାମଗ୍ରୀ ବିକ୍ରି କରିବା ନିଷେଧ ଅଟେ। ଗତ ତିନିବର୍ଷରେ ଏହି ଅଭିଯାନ ଫଳରେ ଉଲ୍ଲେଖନୀୟ ସଫଳତା ମିଳିଛି। ୨୦୨୩ ମସିହାରେ ୧୪୫୧ ଜଣ ଅନଧିକୃତ ବ୍ୟବସାୟୀଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ୯,୪୦,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨୦୨୪ରେ ୨୫୭୪ ଜଣଙ୍କୁ ଗିରଫ କରାଯିବା ସହ ୧୧,୮୮,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦୨୫ର ଅଗଷ୍ଟ ମାସ ସୁଦ୍ଧା ୧୯୪୫ ଜଣ ଗିରଫ ହୋଇଛନ୍ତି ଓ ସେମାନଙ୍କ ଠାରୁ ୯,୭୦,୫୪୫ ଟଙ୍କା ଜରିମାନା ଆଦାୟ ହୋଇଛି। ରେଳ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଏହି ଅଭିଯାନର ପରିଣାମ ଯାତ୍ରୀଙ୍କ ଅନୁଭବରେ ସକାରାତ୍ମକ ପ୍ରଭାବ ପକାଇଛି। ଅନଧିକୃତ ବୁଲାବିକାଳୀଙ୍କୁ ହଟାଇବାରୁ ପ୍ଲାଟଫର୍ମ, ଫୁଟଓଭର ବ୍ରିଜ୍ ଓ ବଗି ଭିତରେ ଭିଡ଼ କମିବା ଫଳରେ ଯାତ୍ରୀଙ୍କ ଗମନାଗମନ ଅଧିକ ସୁରକ୍ଷିତ ଓ ସୁଗମ ହୋଇପାରିଛି। ସେହିପରି ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତାରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଅନଧିକୃତ ବ୍ୟବସାୟୀମାନେ ସାଧାରଣତଃ ସ୍ୱଚ୍ଛତା ମାନଦଣ୍ଡ ଅନୁପାଳନ କରୁନଥିଲେ ଓ ଅନାବଶ୍ୟକ ଆବର୍ଜନା ଏଣେତେଣେ ପକାଉଥିଲେ। ଏହି ପଦକ୍ଷେପ ଯୋଗୁଁ ନିୟମିତ ନିୟମ ମାନି କାରବାର କରୁଥିବା ଲାଇସେନ୍ସଧାରୀ କ୍ୟାଟରିଂ ୟୁନିଟ୍‌ମାନଙ୍କୁ ସୁରକ୍ଷା ମିଳିଛି। ଏହି କାର୍ଯ୍ୟାନୁଷ୍ଠାନ ଛୋଟ-ମୋଟ ଅପରାଧିକ ଓ ଅସାମାଜିକ କାର୍ଯ୍ୟକଳାପରେ ମଧ୍ୟ ନିୟନ୍ତ୍ରଣ ଆଣିପାରିଛି। କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଏହା କେବଳ ଆଇନ-ଶୃଙ୍ଖଳାର କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ପରିବେଶ ସୃଷ୍ଟି କରିବାର ଏକ ସୁଚିନ୍ତିତ ପ୍ରୟାସ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାଲେଶ୍ୱର,୧୬।୯ (ସମିସ): ଚଳିତ ବିଧାନସଭା ଅଧିବେଶନରେ ବାଲେଶ୍ୱର ଜିଲ୍ଲା ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ନିବେଦନ ପାଇଁ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏକ ପ୍ରସ୍ତାବ ଗୃହୀତ ହୋଇଛି। ପତୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ସଂଘଗୃହରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଆୟୋଜିତ ବୈଠକ କରେ ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ବିଧାନସଭା ଅଧିବେଶନର ପ୍ରଥମ ଦିବସରେ ଏଥିପାଇଁ ଆସନ୍ତା ଗୁରୁବାର ଦିନ ଜିଲ୍ଲାପାଳଙ୍କ ଜରିଆରେ ବାଲେଶ୍ୱରର ସମସ୍ତ ସାମାଜିକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ସ୍ମାରକପତ୍ରମାନ ଦିଆଯିବ। ଏଥିପାଇଁ ସମସ୍ତ ଗଣସଂଗଠନମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବୈଠକରେ ଅନୁରୋଧ କରାଯାଇଛି। କ୍ରିୟାନୁଷ୍ଠାନ ସମିତିର ଜିଲ୍ଲା ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ଅଭୟ ମିଶ୍ରଙ୍କ ସମେତ ଗୋବିନ୍ଦ ଚନ୍ଦ୍ର ଭୋଇ, ହରନାରାୟଣ ମତୁଆଳ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଅକ୍ଷୟ ତ୍ରିପାଠୀ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ ଦାସ, ଯତୀନ୍ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ କର୍ମଚାରୀ

# ଶତାୟୁ ଶିକ୍ଷାନୁଷ୍ଠାନର ହେବ ନବକଳେବର

ବାରିପଦା, ୧୬।୯ (ସମିସ): ଜିଲ୍ଲା ସଦର ମହକୁମା ବାରିପଦାରେ ଥିବା ଶତାୟୁ ସଂସ୍କୃତ ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ)ର ହେବ ନବକଳେବର ବୋଲି ସୋମବାର ଦିନିକିଆ ମୟୂରଭଞ୍ଜ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅନୁଷ୍ଠାନର ପୁନରୁଦ୍ଧାର ପାଇଁ ନିବେଦନ କରିଥିଲେ। ଶିକ୍ଷାନୁଷ୍ଠାନ ପାଇଁ ମହାରାଜା ପ୍ରଦାନ କରିଥିବା ୧୦୬ ଡିସିମିଲ ଜମି ସହ ଘରେ ଏହି ଅନୁଷ୍ଠାନ ପରିଚାଳିତ। ପରବର୍ତ୍ତୀ ସମୟରେ ୨୫ ଡେସିମିଲ ଜମି ଜବରଦଖଲକାରୀଙ୍କ କବଳକୁ ଯିବାପରେ




## ଓଡ଼ିଶାରେ ସଂସ୍କୃତ ଶିକ୍ଷାର ଏହା ଏକ ଐତିହାସିକ କେନ୍ଦ୍ର

ସୂଚନା ଦେଇଛନ୍ତି। ଅତୀତରେ ଦେଶରେ ବେଦପାଠ ଶିକ୍ଷାଦାନରେ ଥିବା ଅନୁଷ୍ଠାନ ମଧ୍ୟରେ ଏହା ଅନ୍ୟତମ। ଏଣୁ ଏହାର ପୁନରୁଦ୍ଧାର ସହିତ ନୂଆରୂପ ଦିଆଯିବ। ସାମୁହିକ ଭାବେ ଚାଲିଥିବା ସରକାରୀ ମହାବିଦ୍ୟାଳୟକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇ ମୂଳ ସ୍ଥାନରେ ବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୮୯୪ ମସିହାରେ ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନରେ ପ୍ରତିଷ୍ଠିତ ସଂସ୍କୃତ ଟୋଲ ବର୍ତ୍ତମାନ ମହାବିଦ୍ୟାଳୟ ରୂପନେଇସାରିଛି। ପ୍ରାରମ୍ଭରୁ ଏଠାରେ ଆଚାର୍ଯ୍ୟ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଥିଲା। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଏହା କାର୍ଯ୍ୟକରୁଥିବା ବେଳେ ୧୯୮୪ରେ ନୂତନ ଶିକ୍ଷା ନୀତି ପ୍ରଣୟନ ପରେ ଯୁକ୍ତ ୨ ଉପଶାସ୍ତ୍ରୀ ଓ ୩ ଶାସ୍ତ୍ରୀ ପାଠ୍ୟକ୍ରମ ପ୍ରଚଳନ ହେଲା। ପରବର୍ତ୍ତୀ ସମୟରେ ଟୋଲରୁ ସରକାରୀ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ଭାବେ କାର୍ଯ୍ୟ କରିଥିଲା। ଗତ ୧୯୯୨ରେ ଉଚ୍ଚଶିକ୍ଷା ବିଭାଗ ସହିତ ମିଳିତ ଭାବେ କାର୍ଯ୍ୟ କରିବା ସହିତ ଯୁକ୍ତ ୨ ଓ ଯୁକ୍ତ ୩ କଳା ପାଠ୍ୟକ୍ରମ ପ୍ରଚଳିତ ହେଲା। ଏବେ ଏଠାରେ ସାହିତ୍ୟ, ବ୍ୟାକରଣ ଓ ବେଦାନ୍ତ ୩ଟି ସମ୍ମାନ ଶ୍ରେଣୀରେ ଏଠାରେ ଶିକ୍ଷାଦାନ ହେଉଛି। ଏଠାରେ ୩୦୦ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ଏହି ଶିକ୍ଷାନୁଷ୍ଠାନ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଯାହାକୁ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ପଦ୍ମା ଦେବୀ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଭେଟି ଏବେ ୮୧ଡିସିମିଲ ଜମି ରେକର୍ଡରେ ଅଛି ; ପରନ୍ତୁ ସେହି ଜମିରେ ପମ୍ପହାଉସ ଘର, ତାରିଣୀ ମନ୍ଦିର ଆଦି ନିର୍ମାଣ ସହିତ ଏକ ଲଜ୍ ମାଲିକ ଓ ଅନ୍ୟମାନେ ଜବରଦଖଲ କରି ଚାଲିଛନ୍ତି। ପାଚେରୀ ନ ଥିବାରୁ ଚତୁଃପାର୍ଶ୍ୱରେ ଉଠା ଦୋକାନୀ ପସରା ଓ ଦିନରାତି ମଦ୍ୟପ ତଥା ନିଶାଡିଙ୍କ ଉତ୍ପାତ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନୀ କରୁଛି। ସେହିପରି ମହାବିଦ୍ୟାଳୟର କର୍ମଚାରୀ ଓ ଭିତ୍ତିଭୂମି ଅଭାବ ସମସ୍ୟାକୁ ବହୁଗୁଣିତ କରୁଛି। ଆବଶ୍ୟକ ସଂଖ୍ୟକ ଅଫିସ ରୁମ ନଥିବା ବେଳେ ଗୋଟିଏ ରୁମରେ ଅଧ୍ୟକ୍ଷା ଓ ଶିକ୍ଷକ/ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଶ୍ରେଣୀ ଗୃହ କଥା ନ କହିବା ଭଲ। ପୂର୍ବ ସରକାର ୨୫ ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ୫ଟି ଶ୍ରେଣୀ ଗୃହରେ ସମସ୍ତ କ୍ଲାସ ହେଉଛି। ଲାଇବ୍ରେରୀ, ଛାତ୍ରଛାତ୍ରୀ କମନରୁମ ଏଠି ସ୍ୱପ୍ନ। ପରିସ୍ରାଗାର ଓ ଶୌଚାଳୟ ବ୍ୟବହାର ଅନୁପଯୋଗୀ ରହିଛି। ହଷ୍ଟେଲ ନଥିବା ବେଳେ ଦୂରଦୂରାନ୍ତ ବିଦ୍ୟାର୍ଥୀ ଗୋଟିଏ ଶ୍ରେଣୀ ଗୃହରେ ରହୁଛନ୍ତି। ଅନୁଷ୍ଠାନର ଅଧିକାଂଶ ଘର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ଅଧ୍ୟକ୍ଷାଙ୍କୁ ମିଶାଇ ୪ ଜଣ ନିୟମିତ, ୫ ଜଣ ଅତିଥି ଅଧ୍ୟାପକ, ୨ଜଣ ଠିକା ଅଣଶିକ୍ଷକ କର୍ମଚାରୀ ଅଛନ୍ତି। ଏପରିସ୍ଥଳେ ଅନୁଷ୍ଠାନ ନବକଳେବର ଘୋଷଣା ଜିଲ୍ଲାବାସୀଙ୍କ ମନରେ ଆଶ୍ୱସ୍ତି ଆଣିଛି। ନୂଆରୂପ ପାଇଲେ ଜିଲ୍ଲା ସମେତ ରାଜ୍ୟର ଅନେକ ବିଦ୍ୟାର୍ଥୀ ଲାଭବାନ ହେବା ସହିତ ମହାରାଜାଙ୍କ ଅନୁଷ୍ଠାନ ଭବିଷ୍ୟତ ନିର୍ମାଣରେ ବିଶ୍ୱକର୍ମା ସାଜିବ।

# ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣି ପାଇଁ ଶାନ୍ତିକମିଟି ବୈଠକ



ବାଲେଶ୍ୱର,୧୬।୯ (ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଶାରଦୀୟ ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣି ପର୍ବର ସୁଚାରୁ ପରିଚାଳନା ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ, ଡିଆଇଜି, ପୌରାଧ୍ୟକ୍ଷା, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ, ଶାନ୍ତି କମିଟି ସଦସ୍ୟ ଏବଂ ଆଖଡ଼ା ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍ ମାଧ୍ୟମରେ ୨୪, ୨୫ ଓ ୨୬ ସେପ୍ଟେମ୍ବର ତାରିଖରେ ଏନଓସି ପ୍ରାପ୍ତ କରିପାରିବା ବିଷୟରେ ଅବଗତ କରାଯାଇଥିଲା। ଆଖଡ଼ା ଅନୁମତି, ତୋରଣ ଓ ମଣ୍ଡପ ସମ୍ବନ୍ଧୀୟ ନୀତି-ନିୟମ ସମ୍ପର୍କରେ ଡିଆଇଜି ପିନାକ ମିଶ୍ର ବିସ୍ତୃତ ଅଲୋଚନା କରିଥିଲେ। ଜିଲ୍ଲାପାଳ ଗତ ବର୍ଷରେ ଭଳି ଚଳିତ ବର୍ଷ ମଧ୍ୟ ପର୍ବକୁ ଆଡ଼ମ୍ବର ଓ ଶାନ୍ତି-ଶୃଙ୍ଖଳାରେ ପାଳନ କରିବାକୁ ଆହ୍ୱାନ କରିଥିଲେ। ଡିଜେ ଓ ଜିଗ୍-ଜ୍ୟାଗ୍ ଆଲୋକରେ ଥିବା ନିୟନ୍ତ୍ରଣକୁ ସମସ୍ତ ଅଧିକାରୀ ପୁନରୁଚାରଣ କରିଥିଲେ। ମଣ୍ଡପରେ ସର୍ବାଧିକ ୪ଟି ସ୍ମଲ୍ ସ୍ପିକର ଲଗାଇବା ଏବଂ ଶବ୍ଦର ଉଚ୍ଚତାକୁ ନିୟନ୍ତ୍ରଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡପରେ ଆବଶ୍ୟକ ବାହାର ଦ୍ୱାର ଓ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ମଧ୍ୟ ଚର୍ଚ୍ଚା ହୋଇଛି। ଭସାଣି କାର୍ଯ୍ୟକ୍ରମରେ ସିନେମା ଛକରେ ଯାନବାହନ ପ୍ରବେଶ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହେଇଥିଲା।

# ମା’ ଅମ୍ବିକା ସାହିତ୍ୟ ସଂସଦର ଶାରଦୀୟ କବିତା ଆସର

ଖଇରା,୧୬।୯ (ସମିସ): ମା’ ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ଉଚ୍ଚ ବିଦ୍ୟାପୀଠ ପରିସରରେ ଶାରଦୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକାରୀ ସଭାପତି ଭରତ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ମହାନ୍ତି, ସମ୍ମାନନୀୟ ବକ୍ତା ଭାବେ ପ୍ରଭାସ ରଞ୍ଜନ ନାୟକ ଓ ହରିହର ପାଣିଗ୍ରାହୀ ଯୋଗ ଦେଇ ଶରତର ସୁନ୍ଦର ବର୍ଣ୍ଣନା କିପରି ଆମ ସା।ହିତ୍ୟ ଓ ଜନଜୀବନକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କେଲୁ ଚରଣ ଗାହାଣ, ସୁଦାମ ଚରଣ ରାଉତ, ମହେଶ୍ୱର ପଟ୍ଟନାୟକ ବକ୍ତବ୍ୟରେ ମହାଭାରତର ବିଭିନ୍ନ ଚରିତ୍ର ଅବତାରଣା କରି କବି ଓ ଲେଖକ ମାନେ କିଭଳି ସମାଜରେ ପରିବର୍ତ୍ତନ କରି ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜଗନ୍ନାଥ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ହରେକୃଷ୍ଣ ପଣ୍ଡା ଓ ନିରଞ୍ଜନ ଦାସ କାବିତାର ସଂଯୋଜନା କରିଥିଲେ। ସଂସଦର ଅନ୍ୟତମ ସଦସ୍ୟା ସନ୍ଧ୍ୟାରାଣୀ ପଟ୍ଟନାୟକ ଓ ଜଳଧର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଇକମାରେ ତାଳ ମିଶନ

ବୈଶିଙ୍ଗା, ୧୬।୯ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ, ରାଇକମା ଆଶ୍ରମ ବିଦ୍ୟାଳୟ ଓ ବେତନଟୀ ବନାଞ୍ଚଳ ଆନୁକୂଲ୍ୟରେ ତାଳ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯକ୍ରମରେ ୭୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବନବିଭାଗର ବହୁ ଅଧିକାରୀ ଯୋଗଦେଇ ତାଳ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ସମସ୍ତ ଛାତ୍ରଛାତ୍ରୀ ୭୦୦ତାଳ ମଞ୍ଜି ରାସ୍ତାର ଦୁଇ ପାର୍ଶ୍ୱରେ ରୋପଣ କରିଥିଲେ।

# ୨୦୦ ପରିବାର ଜଳବନ୍ଦୀ; ପାଣି ନିଷ୍କାସନ ଦାବି

ଚନ୍ଦନେଶ୍ୱର, ୧୬।୯ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସାହାବାଜିପୁର ପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ୨୦୦ ପରିବାର ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଲୋକଙ୍କ ଘର ଦ୍ୱାର ପାଣି ଘେରରେ ରହିଛି। ଚୁଲିରେ ପାଣି ପଶି ଯିବା ଫଳରେ ରୋଷେଇ ବାସ କରି ଖାଇ ପାରୁନାହାନ୍ତି। ସ୍କୁଲର ଛାତ୍ରଛାତ୍ରୀ, ଅଙ୍ଗନବାଡି କେନ୍ଦ୍ରର ଛୋଟ ଛୋଟ ପିଲାମାନେ ପାଠ ପଢିବାକୁ ଯାଇ ପାରୁନାହାନ୍ତି। ଗ୍ରାମବାସୀ ଚନ୍ଦନେଶ୍ୱର ବଜାର ଏବଂ ଅନ୍ୟାନ୍ୟ ଜରୁରୀ କାମରେ ଯାଇ ନ ପାରି ହନ୍ତସନ୍ତ ହେଉଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଉକ୍ତ ଉଦୟପୁର ଗ୍ରାମର ବର୍ଷା ପାଣି ପଶ୍ଚିମବଙ୍ଗ ପଟକୁ ବାହାରି ଯାଉଥିବାବେଳେ ପଶ୍ଚିମବଙ୍ଗ ପ୍ରଶାସନ ଉକ୍ତ ଜଳ ନିଷ୍କାସନ ବ୍ୟବସ୍ଥାକୁ ବନ୍ଦ କରି ଏଠାରେ ଚିଙ୍ଗୁଡ଼ି ଘେରି ନିର୍ମାଣ କରିବା ଫଳରେ ଜଳ ନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ତେଣୁ ଉକ୍ତ ଗ୍ରାମର ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସାହାବାଜିପୁର ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ଗିରି ସମେତ ଗ୍ରାମବାସୀ ମିନା ବେହେରା, ଚମ୍ପାବତୀ ପଟ୍ଟାୟତ, ବସୁମତୀ ପଟ୍ଟାୟତ, ଧୀର ବେହେରା, ଭରତ ବେହେରା, ରବୀନ୍ଦ୍ର ପଟ୍ଟାୟତ ପ୍ରମୁଖ ଦାବି କରିଛନ୍ତି।

# ମାରଣାସ୍ତ୍ର ଦେଖାଇ ଟଙ୍କା ଓ ମୋବାଇଲ ଲୁଟିନେଲେ



ରାଜଘାଟ, ୧୬।୯ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ କୁଣ୍ଡପୁର୍ ନିକଟରୁ ଜଣେ ମେଡ଼ିସିନ ରିପ୍ରେଜେଣ୍ଟେଟିଭଙ୍କଠାରୁ ନଗଦ ଟଙ୍କା ଓ ମୋବାଇଲ ଛଡାଇବା ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ଘଟଣାର ବିଭିନ୍ନ ସିସିଟିଭି ଯାଞ୍ଚ କରିବା ସହିତ ଛାନଭିନ ଜାରି ରଖିଛନ୍ତି। ମେଡ଼ିସିନ ରିପ୍ରେଜେଣ୍ଟେଟିଭ ଗୌରାଙ୍ଗ ମହାପାତ୍ର ଭୋଗରାଇ ଓ ଜଳେଶ୍ୱରରୁ ବିଭିନ୍ନ ଔଷଧ ଦୋକାନରୁ ଟଙ୍କା କଲେକସନ୍ କରି ରୂପସା ଫେରୁଥିବା ବେଳେ ଆଜି ଅପରାହ୍ନ ସମୟରେ ଏକ ଆପାଚି ବାଇକ୍ ପିଛାକରି କୁଣ୍ଡପୁର୍ ନିକଟରେ ଗୌରାଙ୍ଗଙ୍କୁ ଅଟକାଇ ତାଙ୍କ ନିକଟରୁ ସତୁରୀ ହଜାର ପଚାଶ ଟଙ୍କା ଛଡାଇବା ସହିତ ତାଙ୍କ ନିକଟରେ ଥିବା ମୋବାଇଲ ଫୋନକୁ ମଧ୍ୟ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏ ନେଇ ଗୌରାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ତେବେ ଜାତୀୟ ରାଜପଥରେ ଦୈନନ୍ଦିନ ଲୁଟ ରାହାଜାନୀ ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଥାନା ଅଞ୍ଚଳରେ ରାତ୍ରି କାଳୀନ ଯାନବାହନ ଯାଞ୍ଚକୁ କଡାକଡି କରାଯାଇଛି। ତେବେ ଲୁଟେରା ଗ୍ୟାଙ୍ଗ ଏବେ ପୁଲିସକୁ ଚକମା ଦେବାପାଇଁ ରାତି ଛାଡ଼ି ଦିନରେ ଅପରାଧିକ କାର୍ଯ୍ୟକଳାପ ଘଟାଉଥିବା ଓ ଏଥିରେ ପଥଚାରୀ ଦୈନନ୍ଦିନ ଲୁଟ୍‌ର ଶିକାର ହେଉଥିବା ଦେଖିବାକୁ ମିଳିଛି।

ସକାଳ THE SAKALA



# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଖଣ୍ଡପଡ଼ା,୧୬।୯(ସମିସ): ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ବେତନ ବାବଦ ପ୍ରାପ୍ୟ ଠିକ୍ ରୂପେ ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଅଗଷ୍ଟ ମାସର ପ୍ରାପ୍ୟ ପ୍ରଦାନରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ସଫେଇ କର୍ମଚାରୀମାନେ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ କରିଥିବା ଜଣାଯାଇଛି। ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସହରାଞ୍ଚଳର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଅଳିଆ, ଆବର୍ଜନା ଗଦା ହୋଇ ରହିଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି ଖଣ୍ଡପଡ଼ା ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଦାୟିତ୍ୱ ଏକ ଘରୋଇ ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି। ପରିମଳ ବ୍ୟବସ୍ଥାର ଘରୋଇକରଣ ପରେ ମଧ୍ୟ ବିଭିନ୍ନ କାରଣକୁ କେନ୍ଦ୍ର କରି ସହରାଞ୍ଚଳର ପ୍ରତ୍ୟେକ ୱାର୍ଡ ଓ ଗଳିକନ୍ଦିରୁ ନିୟମିତ ଭାବେ ଅଳିଆ ଓ ଆବର୍ଜନା ଉଠୁନଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡା ସହରକୁ ସ୍ୱଚ୍ଛତା କ୍ଷେତ୍ରରେ ଆଗକୁ ନେବାପାଇଁ ପ୍ରଶାସନ ଏବଂ ନେତାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ହେଲେ ଅନେକ ସମୟରେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଖଣ୍ଡପଡ଼ା ଏନଏସିର ବିଭିନ୍ନ ୱାର୍ଡର ପ୍ରବେଶ ପଥ ଏବଂ ସାହି ଭିତରେ ହିଁ ସ୍ୱଚ୍ଛତାର ନଅଙ୍କ ଦୃଶ୍ୟ ଦେଖିବାକୁ ମିଳୁଛି। ଆଗକୁ ପାର୍ବଣ ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସଫେଇ କର୍ମଚାରୀଙ୍କୁ ତୁରନ୍ତ ବକେୟା ବାବଦ ପ୍ରାପ୍ୟ ପ୍ରଦାନ ସହ ଅନ୍ୟ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

# ସ୍ୱାମୀର ମରଣାନ୍ତକ ଆକ୍ରମଣରେ ସ୍ତ୍ରୀ ଗୁରୁତର

ଓଡ଼ଗାଁ,୧୬।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଫିଲ୍ମିହଲ ନିକଟ ପାର୍କ ସାମ୍ନା ଏକ ଗଳିର ଭଡ଼ାଘରେ ରହୁଥିବା ନିରୁପମା ବିଶ୍ୱାଳ(୩୫) ସ୍ୱାମୀଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଓଡ଼ଗାଁ ଡାକ୍ତରଖାନା ଓ ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ମାନପୁର ଗ୍ରାମର ନିରୁପମା ବିଶ୍ୱାଳ କୁରାଳ ବାଲିସାହିର ହେମନ୍ତ ବିଶ୍ୱାଳଙ୍କୁ ବିଧିମତେ ବିବାହ କରିଥିଲେ। ବିଭିନ୍ନ ସମୟରେ ସ୍ୱାମୀ ହେମନ୍ତଙ୍କ ଦ୍ୱାରା ମାରପିଟ୍, ଗାଳିଗୁଲଜ ଭଳି ନିର୍ଯ୍ୟାତନାକୁ ସହ୍ୟ କରିନପାରି ପ୍ରାୟ ୧୧ ବର୍ଷରୁ ଊର୍ଦ୍ଧ୍ୱର ସମୟ ଧରି ଅଲଗା ରହି ଆସୁଥିଲେ। ତାଙ୍କର ଥାନା ଓ କୋର୍ଟରେ ଏନେଇ ମାମଲା ଚାଲୁ ରହିଛି। ଏଭଳି କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ଉକ୍ତ ଘଟଣାକୁ ନେଇ ଛକାପଞ୍ଝା ଲାଗି ରହିଥିଲା। ନିରୂପମା ମଙ୍ଗଳବାର ସକାଳେ ପାର୍କ ସାମ୍ନା ଭଡ଼ା ଘରେ ଏକାଥିବା ଖବର ପାଇ ତାଙ୍କ ସ୍ୱାମୀ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ନିରୁପମାଙ୍କ ମାଦ' କହିଛନ୍ତି। ନିରୁପମାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ବେଳେ ବାମ ଗୋଡ଼ ପାଦ, ନଳୀ ଗଣ୍ଠି ସହିତ ବାମହାତ ଆଙ୍ଗୁଠି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ ବେହେରାଙ୍କ ନିର୍ଦ୍ଦେଶରେ ଏଏସଆଇ ମନୋରଞ୍ଜନ ଦେହୁରୀଙ୍କ ଟିମ୍ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜଣାପଡିଛି।

# ବଜାର କଲଭର୍ଟ ନିକଟରେ ପକ୍କା ଡ୍ରେନ୍ ଦାବି



କଣ୍ଟିଲୋ,୧୬।୯(ସମିସ): ପୂର୍ତ୍ତ ବିଭାଗ ଅଧୀନ ବାଘମାରି-ବଲାଙ୍ଗିର ୪୮ନଂ. ରାଜ୍ୟ ରାଜପଥର କଣ୍ଟିଲୋ ତଳ ବଜାର କଲଭର୍ଟ ନିକଟରେ ଥିବା ଡ୍ରେନ୍ ପୋତି ହୋଇଯିବା ଫଳରେ ନର୍ଦ୍ଦମା ତଥା ବର୍ଷା ଜଳ ନିଷ୍କାସନ ହୋଇନପାରି ରାଜପଥରେ ପ୍ରବାହିତ ହେଉଛି। ବନ୍ୟା ଜଳ ନିୟନ୍ତ୍ରଣ ପାଇଁ ସେଠାରେ ମାଳବନ୍ଧରେ ନିର୍ମାଣ ହୋଇଥିବା କଲଭର୍ଟ ଦେଇ କଣ୍ଟିଲୋ ମାଧବ ଚୌଧୁରୀ ପାଟଣା, କଂସାରୀ ସାହି ପାଟଣା, ବାପୁଜୀ ନଗର ଗ୍ରାମରୁ ନିର୍ଗତ ନର୍ଦ୍ଦମା ପାଣି ମଧ୍ୟ ମହାନଦୀକୁ ନିଷ୍କାସିତ ହୋଇଥାଏ। ତେବେ କଲଭର୍ଟ ପୂର୍ବରୁ ପେଟ୍ରୋଲ ପମ୍ପ ଠାରୁ କଲଭର୍ଟ ପର୍ଯ୍ୟନ୍ତ ରାଜପଥ ପାଶ୍ୱର୍ରେ ପ୍ରାୟ ୫୦ ମିଟର ଡ୍ରେନ ନିର୍ମାଣ ହୋଇନଥିବାରୁ ଗ୍ରାମରୁ ନିର୍ଗତ ନର୍ଦ୍ଦମା ପାଣି ତଥା ଅଳିଆ ଆବର୍ଜନା କଲଭର୍ଟ ନିକଟରେ ଜମା ହେଉଛି। ଡ୍ରେନ ପୋତିହୋଇ ରାସ୍ତାରେ ନର୍ଦ୍ଦମା ପାଣିର ସୁଅ ଛୁଟୁଛି। ପ୍ରତି ବର୍ଷ ବର୍ଷା ଦିନେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଡ୍ରେନ ପୋତି ହୋଇଥିବାରୁ ଗ୍ରାମ ପଞ୍ଚାୟତ ପକ୍ଷରୁ ଜେସିବି ଲଗାଇ ଉପରୋକ୍ତ ସ୍ଥାନରୁ ପୋତି ହୋଇଥିବା ଡ୍ରେନ୍ ସଫା କରାଯାଇଛି। ତୁରନ୍ତ ପକ୍କା ଡ୍ରେନ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭାପୁର ଚାମ୍ପିଅନ

ଭାପୁର,୧୬।୯(ସମିସ): ନୟାଗଡ଼ ଜିଲ୍ଲା ବିଦ୍ୟାଳୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଭାପୁର ବ୍ଲକ ବାଇଗୁଣିଆ ଗ୍ରାମ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସରପଞ୍ଚ ନିରୁପମା ମହାରଣା, ଶିକ୍ଷାବିତ୍ ବୈକୁଣ୍ଠ ଦାସ, ଏବିଓ ସନ୍ତୋଷ କର ଓ ଆୟୋଜକ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରତାପ ରଣା ଏହି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସମାଜସେବୀ ନାରାୟଣ ମହାରଣା, ବ୍ଲକ୍ କ୍ରୀଡା ସମ୍ପାଦକ ଶଙ୍କର ପ୍ରସାଦ ମଲ୍ଲିକ କ୍ରୀଡ଼ା ଶିକ୍ଷକ ବିକ୍ରମ କେଶରୀ ସାମନ୍ତରାୟ, ବାଇଗୁଣିଆ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୮ ଗୋଟି ବ୍ଲକରୁ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଫାଇନାଲ ବାଳକ ବିଭାଗରେ ଭାପୁର ବ୍ଲକ ଓ ଦଶପଲ୍ଲା ବ୍ଲକ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାପୁର ବ୍ଲକ ଏହି ମ୍ୟାଚକୁ ୬-୨ ଗୋଲରେ ବିଜୟ ଲାଭ କରିଥିଲା। ବାଳିକା ବିଭାଗରେ ଓଡ଼ଗାଁ ଓ ଭାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏହି ମ୍ୟାଚକୁ ୮-୩ ଗୋଲରେ ଭାପୁର ବ୍ଲକ ବିଜୟ ଲାଭ କରିଥିଲା। ଉଭୟ ବାଳକ ଓ ବାଳିକା ମ୍ୟାଚରେ ଭାପୁର ବ୍ଲକ ଚାମ୍ପିଅନ ହୋଇଛି। ସେହିପରି ସିପ୍‌କୋ ଟ୍ରାକ୍ ଖେଳର ବାଳକ ବିଭାଗରେ ନୟାଗଡ଼ ବ୍ଲକ ଚାମ୍ପିୟାନ ହୋଇଥିଲା ବେଳେ ଭାପୁର ବ୍ଲକ ରନର୍ସଅପ ହୋଇଥିଲା।

**ପଦ୍ମାବତୀ ଗାଁ ବୁଦ୍ଧିଜୀବୀଙ୍କ ନାମରେ ଦଫା ୧୦୭**

# ବିଧାୟକଙ୍କ କଥାରେ ଫସିଗଲେ ଲୋକେ

ଭାପୁର,୧୬।୯(ସମିସ)



ଦୁଇ ଗାଁ ମଧ୍ୟରେ ଉପୁଜିଥିବା ବିବାଦ ସମାଧାନ କରିବାକୁ ବିଧାୟକ ଦୁଇ ଗାଁର ଭଦ୍ରବ୍ୟକ୍ତିଙ୍କ ତାଲିକା ଦୁଇ ଗାଁକୁ ମାଗିଲେ। ଏହି ତାଲିକା ଥାନା ଅଧିକାରୀଙ୍କୁ ଦେଲେ ବିଧାୟକ। ପୁଲିସ ବସି ଗ୍ରାମ୍ୟ ବିବାଦ ସମାଧାନ କରିଦେବେ ବୋଲି କହିଲେ। ତାଙ୍କ କଥାରେ ପଡି ଗ୍ରାମବାସୀ ଗ୍ରାମର ବୁଦ୍ଧିଜୀବୀଙ୍କ ଏକ ତାଲିକା ପୁଲିସକୁ ଦେବା ପରେ ଏହି ତାଲିକା ଆଧାରରେ ଦଫା ୧୦୭ରେ ମାମଲା ରୁଜୁ କରିଛି ପୁଲିସ। ଏହି ତାଲିକାରେ ସ୍ତମ୍ଭକାର, ପୂର୍ବତନ

- ଭଦ୍ରଲୋକ ତାଲିକାକୁ ନେଇ ରୁଜୁ ହେଲା ମାମଲା
- ଭାପୁର ତହସିଲ କାର୍ଯ୍ୟାଳୟରେ ଚାପା ଉତ୍ତେଜନା

ସରପଞ୍ଚ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଶିକ୍ଷକ ଓ ପୂର୍ବତନ ମହିଳା ସମିତି ସଭ୍ୟ ରହିଛନ୍ତି। ଏମାନେ ବର୍ତ୍ତମାନ ବିଧାୟକଙ୍କ ଯୋଗୁଁ ମାମଲାରେ ଫସିଲେ ବୋଲି କହୁଛନ୍ତି।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତ ପଦ୍ମାବତୀ ଗ୍ରାମ ଓ ତଳମାରଡ଼ା ଗ୍ରାମ ମଧ୍ୟରେ ଗତ କିଛି ବର୍ଷ ହେଲା ସୀମା ବିବାଦ ଲାଗିରହିଛି। ଏହି ସୀମା ବିବାଦକୁ ନେଇ ଦୁଇ ଗାଁ ମଧ୍ୟରେ ବର୍ତ୍ତମାନ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ପଦ୍ମାବତୀ ଗ୍ରାମର ହାଇସ୍କୁଲ କୋଠାବାଡ଼ି ପଦ୍ମାବତୀ ଗ୍ରାମ ସରହଦରେ ହୋଇଥିବା ବେଳେ ଏହାକୁ ଲାଗି ରହିଥିବା ଖେଳପଡ଼ିଆଟି ତଳମାରଡ଼ା ଗ୍ରାମ ସରହଦ ଅଧୀନରେ ରହିଛି। ଏହି ଖେଳପଡ଼ିଆରେ ପଦ୍ମାବତୀ ଗ୍ରାମର ଯୁବକମାନେ ଖେଳିଥାନ୍ତି ଓ ଏହି ଖେଳପଡ଼ିଆରେ ଦଶହରା ଭସାଣି ମହୋତ୍ସବ ପଦ୍ମାବତୀ ଗ୍ରାମବାସୀ କରି ଆସୁଛନ୍ତି। ଆଉ ଦୁଇ ସପ୍ତାହ ମଧ୍ୟରେ ଦଶହରା ଉତ୍ସବ। ପଦ୍ମାବତୀ ଗ୍ରାମରେ ଦଶରୁ ଊର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ମେଢ଼ ଓ ପୂଜା ଆୟୋଜିତ ହୁଏ। ଏପରି ସାଜସଜ୍ଜା ଓ ପୂଜା ଯୋଗୁଁ ପଦ୍ମାବତୀକୁ ଦ୍ୱିତୀୟ କଟକ କୁହନ୍ତି। ବର୍ତ୍ତମାନ ଦୁଇ ଗାଁ ମଧ୍ୟରେ ଏପରି ଉତ୍ତେଜନା କମ କରି ଶାନ୍ତିଶୃଙ୍ଖଳା ବଜାୟରଖିବା ଅଞ୍ଚଳବାସୀଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦୁଇ ଗ୍ରାମର ଗ୍ରାମବାସୀ ଓ ପୁଲିସ ଉଦ୍ୟମ ସତ୍ତ୍ୱେ ସମସ୍ୟା ସମାଧାନ ହୋଇପାରିନାହିଁ। ଗ୍ରାମର କିଛି ଶାସକ ଦଳର ସମର୍ଥକ ବିଧାୟକ ଚାହିଁଲେ ସମାସ୍ୟାର ସମାଧାନ ହୋଇଯିବ ବୋଲି ଆଶାରଖି ବିଧାୟକଙ୍କ ଭୁବନେଶ୍ୱର ବାସଭବନରେ ଯାଇ ଦେଖାକରି ସମସ୍ତ କଥା ଜଣାଇଥିଲେ। ବିଧାୟକ କହିଲେ ପଦ୍ମାବତୀ ବଡ଼ ଗାଁ। ତୁମେ ୨୦ ଜଣ ଓ ତଳମାରଡ଼ା ୧୦ ଜଣ ଭଦ୍ରବ୍ୟକ୍ତିଙ୍କ ଏକ ତାଲିକା କରି ଫତେଗଡ଼ ଥାନା ଅଧିକାରୀଙ୍କୁ ଦିଅ। ଆମେ ବସି ସମାସ୍ୟା ସମାଧାନ କରିଦେବୁ। ବିଧାୟକଙ୍କ କଥାକୁ ବିଶ୍ୱାସ କରି ପଦ୍ମାବତୀ ଗ୍ରାମବାସୀ ଗ୍ରାମର ବୁଦ୍ଧିଜୀବୀ, ବୟସ୍କ ଓ ବରିଷ୍ଠ ବ୍ୟକ୍ତିମାନଙ୍କ ଏକ ୨୦ ଜଣିଆ ତାଲିକା କରି ଥାନା ଅଧିକାରୀଙ୍କୁ ଦେଲେ। ଯେଉଁ ତାଲିକାରେ ରାଜ୍ୟର ବିଶିଷ୍ଟ ସ୍ତମ୍ଭକାର ଡ. ପବିତ୍ର କୁମାର ସୁବୁଦ୍ଧି, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ପୂର୍ବତନ ତିନି ସରପଞ୍ଚ ରବୀନ୍ଦ୍ର କୁମାର ସାହୁ, ଅଜୟ କୁମାର ସାହୁ, ଶ୍ରୀକାନ୍ତ କୁମାର ସାହୁ, ପୂର୍ବତନ ସମିତିସଭ୍ୟା ଶୈଳେନ୍ଦ୍ରୀ ସାହୁ , ସାତ ଜଣ ୭୦ରୁ ୮୩ ବର୍ଷ ବୟସ୍କ ନାଗରିକ, ସାତ ଜଣ ପୂର୍ବତନ ଶିକ୍ଷକ ଓ ସରକାରୀ କର୍ମଚାରୀ ଅଛନ୍ତି। ଏମାନଙ୍କ ନାମରେ ପୁଲିସ ଦଫା ୧୦୭ରେ ମାମଲା ରୁଜୁ କରିଦେବାରୁ ସେମାନେ ବାଧ୍ୟ ହୋଇ ମଙ୍ଗଳବାର ଭାପୁର ତହସିଲଦାରଙ୍କ କୋର୍ଟରେ ହାଜିରା ହୋଇ ଜାମିନ ହୋଇଛନ୍ତି। ଏହି ମକଦ୍ଦମା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବା ସହ ଗ୍ରାମବାସୀ ପୁଲିସ ଅପେକ୍ଷା ବିଧାୟକଙ୍କୁ ଖଳନାୟକ ବୋଲି କହୁଛନ୍ତି। ଏପରିସ୍ଥଳେ ବିଧାୟକ ଦିଲ୍ଲୀରେ ବସିଛନ୍ତି ଓ ଗ୍ରାମବାସୀଙ୍କ ଫୋନ ଉଠାଉନାହାନ୍ତି। ବିଧାୟକ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଗ୍ରାମର ବୁଦ୍ଧିଜୀବୀଙ୍କ ସମ୍ମାନ ଭୂଲୁଣ୍ଠିତ କରିଛନ୍ତି ବୋଲି ଗ୍ରାମବାସୀ କହୁଛନ୍ତି। ଏହାକୁ ନେଇ ଆଜି ଭାପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ଖଣ୍ଡପଡ଼ା ଏସ୍‌ଡିପିଓ, ଫତେଗଡ଼ ଥାନା ଅଧିକାରୀ ଓ ତହସିଲଦାର ଦୁଇ ଗ୍ରାମବାସୀଙ୍କୁ ଡକାଇ ତହସିଲ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ କରିଥିଲେ ହେଁ କୌଣସି ସମାଧାନ ସୂତ୍ର ବାହାରି ପାରିନାହିଁ। ଆସନ୍ତା ୧୮ ତାରିଖରେ ପୁନର୍ବାର ଏକ ଶାନ୍ତି ବୈଠକ ଭାପୁର ଠାରେ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ସୂତ୍ରରୁ ଖବର ମିଳିଛି। ବର୍ତ୍ତମାନ ଦୁଇ ଗ୍ରାମ ପରସ୍ପର ବିରୋଧରେ ଯେତିକି ବିଦ୍ୱେଷ କଥା କହୁନାହାନ୍ତି ସମସ୍ତେ ବିଧାୟକ ଯୋଗୁଁ ଏପରି ସମ୍ମାନହାନି ହୋଇଥିବାରୁ ବିଧାୟକଙ୍କ ବିରୋଧରେ ପ୍ରବଳ ଆକ୍ରୋଶ ଓ ଜନଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

ନୟାଗଡ଼,୧୬।୯(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଡମସାହି ଗ୍ରାମରେ ଆଜି ଜଣେ ବ୍ୟକ୍ତି ନିଜ ଘରେ ଫ୍ୟାନ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗି ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅଧିକାରୀ ପରିଡ଼ା। ତାଙ୍କୁ ଅଚେତ ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫାଣ୍ଡି ଏସ୍‌ଆଇ ଧର୍ମେନ୍ଦ୍ର ଶିଆଳ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶିକ୍ଷକଙ୍କ ମାଡ଼ରେ ଛାତ୍ରୀ ଗୁରୁତର

ଦଶପଲ୍ଲା,୧୬।୯(ସମିସ): ସ୍ଥାନୀୟ ଗୋଡ଼ିବିଡା ପ୍ରାଥମିକ ସ୍କୁଲରେ ଜନୈକା ୨ୟ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀ ବେହେରାଙ୍କୁ ଶିକ୍ଷକ ଅନ୍ତର୍ଯ୍ୟାମୀ ଦାସ ପ୍ରବଳ ମାଡ଼ ମାରି ଆହତ କରିଥିବା ଜଣାଯାଇଛି। ଏନେଇ ଛାତ୍ରୀଙ୍କ ପିତା ନାଲୁ ବେହେରା ଦଶପଲ୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପିଲାମାନେ ସ୍କୁଲ ପରିସରରେ ଖେଳୁ ଥିବା ବେଳେ ପରସ୍ପର ଉପରକୁ ବାଲି ଓ ଚପଲ ଫୋପଡ଼ା ଫୋପାଡି କରିଥିଲେ। ଏହାକୁ ନେଇ ଅନ୍ୟ ଜଣେ ଛାତ୍ରୀ ଶିକ୍ଷକଙ୍କୁ ଅଭିଯୋଗ କରିବାରେ ଉତ୍‌କ୍ଷିପ୍ତ ଶିକ୍ଷକ ଜଣକ ଅମାନୁଷିକ ଭାବରେ ରାଗି ଛାତ୍ରୀ ଜଣକୁ ବାଡ଼ିରେ ପିଟିଥିଲେ। ଛାତ୍ରୀ ଜଣକ ହାତ, ପିଚା ଓ ପିଠିରେ ମାଡ଼ର ଦାଗ ଦେଖିବାକୁ ମିଳିଥିବା ବେଳେ ସେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଏକ ସମ୍ବେଦନଶୀଳ ସୂଚନା ଅନୁସାରେ ଛାତ୍ରୀ ଜଣକ ଏକ ଜଟିଳ ରୋଗରେ ପୀଡ଼ିତା ଥିବା ପରିବାର ସୂତ୍ରରୁ ପ୍ରକାଶ। ଏ ସଂପର୍କରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଭକ୍ତି ବିନୋଦ ଶଳଙ୍କୁ ଯୋଗାଯୋଗ କରିବାରେ ସେ ଏହାକୁ ଦୁର୍ଭାଗ୍ୟଜନକ କହିବା ସହିତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

**ଅବ୍ୟବସ୍ଥା ଘେରରେ ଶତାୟୁ ଅନୁଷ୍ଠାନ**

# ଭୁଶୁଡ଼ିଲା ସାତପାଟଣା ବିଦ୍ୟାଳୟ ପାଚେରି



ଦଶପଲ୍ଲା,୧୬।୯(ସମିସ): ପ୍ରାଚୀନ ଗଡ଼ଜାତ ତଥା ପ୍ରାକ ସ୍ୱାଧୀନତା ଅମଳ ୧୯୦୪ରେ ପ୍ରତିଷ୍ଠିତ ହୋଇଥିଲା ସାତପାଟଣା ପ୍ରାଥମିକ ବିଦ୍ୟାଳୟ। ସରକାରୀ ବିଧିବ୍ୟବସ୍ଥା ଅନୁଯାୟୀ ଏହା ଅଧୁନା ଶତ୍ରୁଘ୍ନ ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାବରେ ପରିଗଣିତ। ଏହି ଶତାୟୁ ଶିକ୍ଷାନୁଷ୍ଠାନ ବହୁ ଲବ୍ଧ ପ୍ରତିଷ୍ଠ ପ୍ରତିଭୁଙ୍କୁ ସୃଷ୍ଟି କରିଥିଲେ ହେଁ ଅଧୁନା ସର୍ବାଦୌ ଅବହେଳିତ। ବର୍ତ୍ତମାନ ଏହି ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରୁଛି ଏହାର ଦୁର୍ବଳ ଓ ପାରିପାର୍ଶ୍ୱିକ ଭିତ୍ତିଭୂମି। ସର୍ବନିମ୍ନ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ସମସ୍ତ ଶ୍ରେଣୀ ଗୃହ ଟିଣ ଛାତରୁ ପାଣି ଗଳୁଛି। ଗୃହ ଚଟାଣ ଓ ବାରଣ୍ଡାରୁ ସିମେଣ୍ଟ ପଲସ୍ତରା ସବୁ ଉଠିଗଲାଣି। ଚାରି ବଖରା ଛାତରେ ପାଣି ଜମି ରହି ଗଛ ଉଠି ଥିବା ସହିତ ପାଣି ଗଳି ମୂଲ୍ୟବାନ କମ୍ପ୍ୟୁଟର ନଷ୍ଟ ହେବାକୁ ବସିଲାଣି। ସ୍କୁଲ ସମ୍ମୁଖ ଭାବରେ ମୁଖ୍ୟ ରାସ୍ତା ରହିଥିବା ବେଳେ ପୂର୍ବ ପାର୍ଶ୍ୱରେ ପରିତ୍ୟକ୍ତ ପୋଖରୀ ବିପଦ ଜନକ ସ୍ଥିତିରେ ଅଛି।

ଗତକାଲି ମଧ୍ୟରାତ୍ରରେ ଏହି ପୋଖରୀ ହୁଡ଼ା ସଂଲଗ୍ନ ଇଟା ପାଚେରି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସୌଭାଗ୍ୟ ବଶତଃ କୌଣସି ଅଘଟଣରୁ ପରିସ୍ଥିତି ବଞ୍ଚିଯାଇଛି। ଦଶପଲ୍ଲା ବ୍ୟବସାୟିକ ପେଣ୍ଠସ୍ଥଳ ସାତପାଟଣା ଭଳି ଅଞ୍ଚଳ ଏହି ସର୍ବପୁରାତନ ବିଦ୍ୟାଳୟ ବିକାଶ ପ୍ରତି ସ୍ଥାନୀୟ ଏନ୍‌ଏସି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଉଦାସୀନ। ଦଳିତ ପଛୁଆ ବର୍ଗ ଅଧ୍ୟୁଷିତ ଏହି ୧୬ ନମ୍ବର ୱାର୍ଡ ବହୁ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଏଠାରେ ପାଠ ପଢ଼ିଥାଆନ୍ତି। ଏହି ପରିସରରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁ ରହିଛି। କୋମଳମତି ଶିଶୁ ଓ ଛାତ୍ରଛାତ୍ରୀଙ୍କ ଜୀବନପ୍ରତି ବିପଦ ରହି ଥିବାର ରହିଥିବାରୁ ଏହି ଶିକ୍ଷାନୁଷ୍ଠାନରେ ନୂତନ ଗୃହ ଓ ପ୍ରାଚୀର ନିର୍ମାଣ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି।

**ମୁହଁ ଫେରାଇଲେଣି ବ୍ୟବସାୟୀ**

# ଆମିଷ ବଜାରରେ ଖାଲି ପଡୁଛି ପିଣ୍ଡି



ନୟାଗଡ଼,୧୬।୯(ସମିସ): ନୟାଗଡ଼ ପୌର ପରିଷଦ ପକ୍ଷରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଆମିଷ ବଜାର ନିର୍ମାଣ କରାଗଲା। ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦୁଇ ବର୍ଷ ସମୟ ଲାଗିଲା। ପୌର ପରିଷଦ ସହରର କୌଣସି ସ୍ଥାନରେ ମାଛ ମାଂସ ବିକ୍ରି ହୋଇପାରିବ ନାହିଁ ବୋଲି ଘୋଷଣା କରାଗଲା। ସହରର ସମସ୍ତ ଆମିଷ ବ୍ୟବସାୟୀ ଅତ୍ୟାଧୁନିକ ଆମିଷ ବଜାରରେ ବସି ବିକ୍ରି ବଟା ଆରମ୍ଭ କଲେ। ଦୁଇ ମାସ ନ ବିତୁଣୁ ଏବେ ବ୍ୟବସାୟୀମାନେ ଆମିଷ ବଜାରରୁ ମୁହଁ ଫେରାଇଲେଣି। ପୌର ପରିଷଦ ପକ୍ଷରୁ କୋହଳ ମନବୃତ୍ତି ଓ ବେପରୁଆ ନୀତିକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆମିଷ ବଜାରରେ ନିର୍ମାଣ କରାଯାଇଥିବା ପିଣ୍ଡି ଗୁଡ଼ିକ ଖାଲି ପଡୁଥିବା ଦେଖିବାକୁ ମିଳୁଛି। ରବିବାର ଓ ବୁଧବାର ଆମିଷ ବାରରେ ବି ୧୦ କି ୧୨ ଜଣ ବ୍ୟବସାୟୀଙ୍କୁ ଆମିଷ ବଜାରରେ ଦେଖିବାକୁ ମିଳୁଥିବା ବେଳେ ଅଧିକାଂଶ ପିଣ୍ଡି ଖାଲି ପଡୁଥିବା ଦେଖାଯାଇଛି। ଚିଲିକା ଫ୍ରେସ୍ ନାଁରେ ମତ୍ସ୍ୟ ବିଭାଗ୍ ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକାନରେ ଆନ୍ଧ୍ର ମାଛ ବିକ୍ରି ହେଉଛି। ବହୁ ସଂଖ୍ୟାରେ ଗ୍ରାହକ ସେଠାରୁ କିଣୁଛନ୍ତି। ସେହିଭଳି ଭାବେ ଅନ୍ୟାନ ସ୍ଥାନରେ ମଧ୍ୟ ମାଛ, ମାଂସ ବିକ୍ରି ହେଉଥିବା ବେଳେ ପୌର ପରିଷଦ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଅନ୍ୟପକ୍ଷେ, ସହର ମଧ୍ୟରେ କୌଣସି ସ୍ଥାନରେ ବସି ଆମିଷ ବିକ୍ରି ଉପରେ କଟକଣା ଲାଗିଥିବାରୁ କିଛି ବ୍ୟବସାୟୀ ସାଇକେଲ ଧରି ପ୍ରତି ଗଳିକନ୍ଦିରେ ବୁଲୁଥିବା ଦେଖାଯାଇଛି। ମାଛ, ଅଣ୍ଡା ବ୍ୟବସାୟୀମାନେ ସାଇକଲରେ ବ୍ୟବସାୟ ଆରମ୍ଭ କରିଥିବାରୁ ଖାଉଟି ଆମିଷ ବଜାରକୁ ଯାଉନଥିବା ଦେଖାଯାଇଛି। ଯେଉଁ କେତେକ ବ୍ୟବସାୟୀ ଆମିଷ ବଜାରରେ ରହୁଛନ୍ତି, ସେମାନେ ମଧ୍ୟ ଧିରେ ଧିରେ ବଜାର ମୁହାଁ ହେଉଛନ୍ତି। ନୟାଗଡ଼ ପୌରନିର୍ବାହୀ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ, ପୌର କର୍ମଚାରୀଙ୍କ ଅବହେଳା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନୟାଗଡ଼ ବସ୍‌ଷ୍ଟାଣ୍ଡ ଅଧପନ୍ତରିଆ କାର୍ଯ୍ୟକ୍ଷମ ହେବା ଭଳି ଆମିଷ ବଜାର ମଧ୍ୟ ଅଧପନ୍ତରିଆ କାର୍ଯ୍ୟକ୍ଷମ ହୋଇଥିବା ଅନୁମାନ କରାଯାଉଛି।

**୨୧ ଘଣ୍ଟା ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ**

# ୫୦ ହଜାର ଉପଭୋକ୍ତା ହନ୍ତସନ୍ତ

ଓଡ଼ଗାଁ,୧୬।୯(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ଦୁଇ ପ୍ରମୁଖ କ୍ଷେତ୍ର ଓଡ଼ଗାଁ ଓ ଶରଣକୁଳ ସହିତ ସାରା ଅଞ୍ଚଳରେ ପ୍ରାୟ ୨୪ ଘଣ୍ଟାର ବିଦ୍ୟୁତ ବିଭ୍ରାଟ ଏକ ବଡ଼ଧରଣର ଜନ ଅସନ୍ତୋଷ ସୃଷ୍ଟି କରିଛି। ସୋମବାର ସନ୍ଧ୍ୟାରେ ନୟାଗଡ଼ ଗ୍ରୀଡ୍ ଠାରୁ ମାତ୍ର ଅଳ୍ପ ଦୂରରେ ଓଡ଼ଗାଁ ଓ ଶରଣକୁଳ ଷ୍ଟ୍ରକ୍‌ଚରକୁ ଆସିଥିବା ଉଚ୍ଚ କ୍ଷମତା ସମ୍ପର୍ନ୍ନ ୩୩କେଭି ବିଦ୍ୟୁତ୍ ତାରରେ ସମସ୍ୟା ରହିଥିଲା। ଆନ୍ତରିକତାର ସହ ସାମାନ୍ୟ ଉଦ୍ୟମ କରିଥିଲେ ହୁଏତ ଯୋଗାଣ ବାଧାପ୍ରାପ୍ତ ହେବାର ଖୁବ୍ କମ୍ ସମୟ ମଧ୍ୟରେ ବିଦ୍ୟୁତ୍ ଯୋଗାଣରେ ସୁଧାର ହୋଇ ପାରିଥାନ୍ତା। ୩୩କେଭି ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ଦାବି ପୂରଣ ଉଦ୍ଦେଶ୍ୟରେ ୧୬ ତାରିଖ ମଙ୍ଗଳବାରଠାରୁ ଭୁବନେଶ୍ୱର ଆନ୍ଦୋଳନରେ ଅଂଶଗ୍ରହଣ କରିବାର ଥିଲା। ଏଣୁ ସେମାନଙ୍କ ଦାୟିତ୍ୱ ତୁଲାଇବାରେ ବ୍ୟତିକ୍ରମ ଦେଖାଯାଇଥିଲା। ଫଳରେ ଅନ୍ୟ କର୍ମଚାରୀ ମାନେ ଦାୟିତ୍ୱ ନେଇ ବିଦ୍ୟୁତ୍ ବିଚ୍ଛିନ୍ନକୁ ସ୍ୱାଭାବିକ କରିବା ପରେ ମଙ୍ଗଳବାର ଅପରାହ୍ନ ୨ଟା ପରେ ଯୋଗାଣ ସ୍ୱଭାବିକ ହୋଇଥିଲା।

ଦୀର୍ଘ ସମୟ ଧରି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ଯୋଗୁଁ ଟାଟା ପାୱାର କର୍ପୋରେସନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ଉପରେ ୫୦ ହଜାରରୁ ଅଧିକ ଉପଭୋକ୍ତା ପରିବାର ଏବଂ କ୍ଷୁଦ୍ର ଶିଳ୍ପଦ୍ୟୋଗୀ ମାନଙ୍କ ଆକ୍ରୋଶ ଭାବ ବୃଦ୍ଧି ପାଇଛି। ଅନ୍ୟଥା ଆଗାମୀ ଦିନରେ କୌଣସି ପରିସ୍ଥିତିରେ ଏନେଇ ଜନ ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ଦେଖାଯାଇଛି। ଯେପରିକି ବାତ୍ୟା ସମୟରେ ମଧ୍ୟ ବିଦ୍ୟୁତ୍ ଯୋଗାଣ ଏପରି ବାଧାପ୍ରାପ୍ତ ହୋଇନଥିଲା। ଉକ୍ତ କମ୍ପାନୀ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବା ପରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନାମରେ ଦୈନନ୍ଦିନ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ କରିବା ସୁନିଶ୍ଚିତ ହୋଇଯାଇଥିବା ବେଳେ ବର୍ଷା ପବନ ପୂର୍ବରୁ ବିଦ୍ୟୁତ୍ ବିଚ୍ଛିନ୍ନରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଓଡ଼ଗାଁ ଏବଂ ଶରଣକୁଳ ନିମନ୍ତେ ଉଚ୍ଚ କ୍ଷମତା ସମ୍ପନ୍ନ ଗୋଟିଏ ସ୍ୱତନ୍ତ୍ର ଗ୍ରୀଡ୍ ସ୍ଥାପନ କରି ଧାରାବାହିକ ବିଦ୍ୟୁତ୍ ଯୋଗାଣ ପାଇଁ ସାଧାରଣରେ ଦାବି ହୋଇଛି।

**ସେମାନେ କୁହନ୍ତି..**



ନୟାଗଡ଼ ଜିଲ୍ଲା ଓଡ଼ଗାଁ ଓ ଶରଣକୁଳ ଦୁଇ ପ୍ରମୁଖ ପର୍ଯ୍ୟଟନ ସ୍ଥଳିରେ ବିଦ୍ୟୁତ୍ ବିଭ୍ରାଟ ଏକ ଧାରାବାହିକ ପ୍ରକ୍ରିୟାରେ ପରିଣତ ହୋଇଛି। ଏଣୁ ଅଞ୍ଚଳର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଓଡ଼ଗାଁ ଠାରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଗ୍ରୀଡ଼ ସ୍ଥାପନ ପାଇଁ ଆମେ ଦାବି କରୁଛୁ।

-ଉମାକାନ୍ତ ପଟ୍ଟନାୟକ, ଓଡ଼ଗାଁ



ବିଦ୍ୟୁତ ବ୍ୟବହାର ସମସ୍ତଙ୍କ ଅତ୍ୟାବଶ୍ୟକୀୟ ହୋଇପଡ଼ିଛି। ବିଦ୍ୟୁତ୍ ବିନା ଦିନଚର୍ଯ୍ୟା ଏବେ ଅସମ୍ଭବ ହୋଇପଡିବା ସହିତ ବ୍ୟବସାୟରେ ବାଧାସୃଷ୍ଟି କରୁଛି। ବିଦ୍ୟୁତ୍ ଯୋଗାଣକୁ ନିରବଚ୍ଛିନ୍ନ କରିବା ପାଇଁ ଓଡ଼ଗାଁ ଠାରେ ଗୋଟିଏ କ୍ଷମତା ସମ୍ପନ୍ନ ଗ୍ରୀଡ୍ ସ୍ଥାପନ ପାଇଁ ରାଜନେତା ଓ ପ୍ରଶାସନର ପଦକ୍ଷେପ ଜରୁରୀ ହୋଇପଡିଛି।

-ସୁରେଶ ସାହୁ, କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାତା

### କାର୍ଯ୍ୟାଳୟ ବାହାରେ ଅଭିଯୋଗ ଶୁଣିଲେ ତହସିଲଦାର

ଓଡ଼ଗାଁ: ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଓଡ଼ଗାଁରେ ବିଦ୍ୟୁତ୍ କାଟ୍ ପ୍ରଭାବ ଯୋଗୁଁ କାର୍ଯ୍ୟାଳୟ ବାହାରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପ୍ରାୟ ୨୪ ଘଣ୍ଟା ଧରି ଓଡ଼ଗାଁକୁ ବିଦ୍ୟୁତ୍ ବିଚ୍ଛିନ୍ନ ରହିବା କାରଣରୁ ମଙ୍ଗଳବାର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟ ଠପ୍ ହୋଇଯାଇଥିଲା। ସ୍ୱଳ୍ପ କ୍ଷମତା ସମ୍ପନ୍ନ ଇନଭର୍ଟର ମାଧ୍ୟମରେ କେବଳ ଜରୁରୀକାଳିନ କାର୍ଯ୍ୟ ଗୁଡ଼ିକ କରିବା ପାଇଁ ଇନଭର୍ଟର ଗୁଡ଼ିକୁ ଅନ୍ୟ କୌଣସି କାର୍ଯ୍ୟ ପାଇଁ ବ୍ୟବହୃତ କରାଯାଇନଥିଲା।

# ଡାକ୍ତରଖାନା ପରିସରରୁ ବାଇକ୍ ଚୋରି

ଭାପୁର, ୧୬।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ଡାକ୍ତରଖାନା ପରିସରରୁ ମଙ୍ଗଳବାର ଏକ ବାଇକ୍ ଚୋରି ହୋଇଥିବା ଭାପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବାଙ୍କୋଇ ଫାଣ୍ଡି ହାଟବସ୍ତ ଗ୍ରାମର ଶାନ୍ତସୁନ୍ଦର ସାହୁ ଦୀର୍ଘ ବର୍ଷ ହେଲା ଭାପୁର ଡାକ୍ତରଖାନା ନିକଟରେ ଏକ ପାଥୋଲୋଜି ଦୋକାନ ଦେଇଛନ୍ତି। ସେ ନିଜ ଓଡି୨୫-୦୯୮୬ ବାଇକ୍‌ଟି ଡାକ୍ତରଖାନା ପରିସରରେ ରଖି ଦୋକାନରେ ନିଜର କାର୍ଯ୍ୟ ସମ୍ପାଦନ କରୁଥିଲେ। ମଧ୍ୟାହ୍ନରେ ତାଙ୍କ ବାଇକ୍‌ଟିକୁ କେହି ଚୋରି କରିନେଇଛି। ସେ ଦିନ ୨ଟା ସମୟରେ ବାଇକ୍ ନ ଥିବା ଦେଖି ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମାତ୍ର, ଡାକ୍ତରଖାନାରେ ଲାଗିଥିବା ସିସିଟିଭି କାମ କରୁନଥିବାରୁ ତଦନ୍ତ ଆଗେଇ ପାରିନାହିଁ।

# ଧାରଣା ଦେଲେ ଇସି କର୍ମୀ

ଭାପୁର,୧୬।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ କାର୍ଯ୍ୟରତ ଶତାଧିକ ଇସି କର୍ମୀ ସେମାନଙ୍କ ୫ ଦଫା ଦାବି ନେଇ ବିଡିଓଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଭାପୁର ବ୍ଲକ ଇସି ସଂଘର ନେତ୍ରୀ ବିଦ୍ୟୁଲୀତା ଦାଶ ଓ ନୀରଞ୍ଜନି ବିହାରୀଙ୍କ ନେତୃତ୍ୱରେ ୨୦ ପଞ୍ଚାୟତ ଶତାଧିକ ଇସି ସଭ୍ୟା, ପଞ୍ଚାୟତ ସ୍ତରୀୟ ଜୀବିକା ମିଶନ କର୍ମୀ ମାନେ ଭାପୁର ବ୍ଲକ ପରିସରରେ ଏକତ୍ରିତ ହୋଇ ସେମାନଙ୍କ ବିଭିନ୍ନ ଦାବି ନେଇ ଏକ ବିକ୍ଷୋଭ ସଭା ଆୟୋଜିତ କରିଥିଲେ। ଏହି ସଭାରେ ସେମାନଙ୍କ ବିଭିନ୍ନ ସମାସ୍ୟା ନେଇ ଆଲୋଚନା ହୋଇଥିଲା। ସଭାପରେ ଏକ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦ୍ୟେଶରେ ବିଡିଓଙ୍କୁ ପ୍ରଦାନ କରିଥିଲେ। ଏହି ଦାବିଗୁଡିକ ମଧ୍ୟରେ ସେମାନଙ୍କ ୧୧ ମାସର ଏଫ୍‌ଟିଏ, ଟିଏ, ଡିଏ ତୁରନ୍ତ ପ୍ରଦାନ କରିବା ସହ ସେମାନଙ୍କ ହକ ପ୍ରଦାନରେ ବାଧକ ହୋଇଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରମୁଖ ଦାବି ରହିଛି।

## ଶାନ୍ତିଶୃଙ୍ଖଳାରେ ପୂଜା ସାରିବା ପାଇଁ ପୁଲିସ ପକ୍ଷରୁ ପ୍ରସ୍ତୁତି

**ବଇଣ୍ଡା,୧୬।୯(ସମିସ):** ଆଗକୁ ପୂଜା ପାର୍ବଣ ଋତୁ ଆସୁଥିବା ବେଳେ କିପରି ଶାନ୍ତିଶୃଙ୍ଖଳାର ସହିତ ପୂଜା ସାରିବ ସେନେଇ ହଣ୍ଡପା ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି। ମଙ୍ଗଳବାର ହଣ୍ଡପା ଥାନା ପରିସରରେ ପୁଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ନମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଇଣ୍ଡା ହାଇସ୍କୁଲ ରୋଡ୍‌ର ପୂଜା କମିଟିର କର୍ମକର୍ତ୍ତା ଗିରିଶ ଚନ୍ଦ୍ର ବେହେରା, ରାଜେନ୍ଦ୍ର ରାଉତ, ଛବି ପାତ୍ର, ରାକେଶ ମିଶ୍ର, ପ୍ରଦୀପ ସାହୁ, ବିକାଶ ବେହେରାଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆଗକୁ କିପରି ପୂଜା ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହେବ ସେନେଇ ଆଲୋଚନା କରାଯାଇଥିଲା। ଏପରିକି ସମସ୍ତ ସଦସ୍ୟମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ପୁଲିସ ପରାମର୍ଶ ଦେଇଥିଲା। ଅନ୍ୟପଟରେ ଓଡିଶା ପୁଲିସ ଡିଜିଙ୍କ ଥିବା ନିର୍ଦ୍ଦେଶ ଯାହାକି ବେଆଇନ ଭାବରେ ଚାନ୍ଦା ନ ମାଗିବା ପାଇ ମଧ୍ୟ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ସୂଚନା ଦିଆଯାଇଛି। ସମସ୍ତଙ୍କର ସହଯୋଗ ପୁଲିସ ଲୋଡ଼ିଛି।

## ବିଲେଇନାଳୀ ପଞ୍ଚାୟତରେ ଜନଶୁଣାଣି



**କିଶୋରନଗର,୧୬।୯ (ସମିସ):** କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁବ୍ରତ୍ତ କୁମାର ବେହେରା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାର ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବବିତା ପ୍ରଧାନ, ସମିତି ସଭ୍ୟ ସଂଯୁକ୍ତା ସେଠୀ, ଜିପିଡିଓ ସତ୍ୟପ୍ରିୟ ସାହୁ, ବିଆରସିସି ଜବାହରଲାଲ ପ୍ରଧାନ, ଆରଡବ୍ଲୁଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଡିଇଓ(ଆରସିଏମ୍) ସରୋଜ ପ୍ରଧାନ, ବିଏସଏସ ଓ ୱସକେତନ ସାହୁ, ଏଲ ଏସ୍ ହଣ୍ଡପା ର ରେଣୁବାଳା ବେହେରା, ଡାକ୍ତର ବିଘ୍ନେଶ ସେଠୀ, ପ୍ରମୁଖ ସମସ୍ତ ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

**ଅନୁଗୋଳ,୧୬।୯(ସମିସ):** ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ଓ ୧ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୨ ହଜାର ୫୦୦ ଓ ୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟାସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ




**ଅନୁଗୋଳ,୧୬।୯(ସମିସ):** ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବଣ୍ଟାଁରପାଳ ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସମୁଦାୟ ୩୧ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥାକାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ବଣ୍ଟାଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଶ୍ରୀ ଲୋଚନ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ସମାଜ ମଙ୍ଗଳଅଧିକାରିଣୀ ନିରୁପମା ପାଣି,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଉପ-ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମ୍ବର ଲୁଗୁନ୍,ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିରୋଦଦାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥୁବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ଦେବଶିଳ୍ପୀଙ୍କ ଆଗମନ ପାଇଁ ଉତ୍ସବମୁଖର ନାଲ୍‌କୋନଗର

ଅନୁଗୋଳ,୧୬।୯(ସମିସ)





ପୌରାଣିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ବାତାବରଣରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ବୁଧବାରଠାରୁ ଆରମ୍ଭ ହେଉଛି। ଦେବଶିଳ୍ପୀଙ୍କ ଆଗମନ ପାଇଁ ରଙ୍ଗୀନ ଆଲୋକମାଳାରେ ସୁଉଚ୍ଚ ତୋରଣ ନାଲକୋନଗରକୁ ଉତ୍ସବ ମୁଖର କରୁଛି।

- ରଙ୍ଗିନ ଆଲୋକମାଳାରେ ଝଲସୁଛି ସୁଉଚ୍ଚ ତୋରଣ
- ୧୯ଟି ପୂଜାମଣ୍ଡପରେ ପୂଜାପାଇବେ ବିଶ୍ୱବିନ୍ଧାଣି

ପ୍ରାୟ ଚାରିଦଶନ୍ଧି ହେବ ନାଲକୋନଗରରେ ବିଶ୍ୱକର୍ମା ପୂଜା ଆଖପାଖ ଅଞ୍ଚଳରେ ପ୍ରସିଦ୍ଧ ଲାଭ କରିଛି। ଚଳିତ ବର୍ଷ ବଡ଼ ଉତ୍କଣ୍ଠା ସହ ପାଳନ ହେବାକୁ ଯାଉଛି ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା। ବିଶ୍ୱବିନ୍ଧାଣି ଦେବଶିଳ୍ପୀଙ୍କ ଜୟନ୍ତୀ ଉତ୍ସବ ନାଲକୋ ନଗରରେ ଧୁମଧାମରେ ପାଳନ ହେବାକୁ ୧୯ଟି ପୂଜା ମଣ୍ଡପରେ ମହାଆଡମ୍ବର ପ୍ରସ୍ତୁତି ହୋଇସାରିଛି। ୧୭ତାରିଖରୁ ପୂଜା ଆରମ୍ଭ ହୋଇ ୨୪ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ନାଲକୋ ସ୍ମେଲଟର ଓ ସିପିପି ପ୍ଲାଣ୍ଟର ବିଭିନ୍ନ ବିଭାଗର ପୂଜାମଣ୍ଡପରେ କମିଟି କର୍ମକର୍ତ୍ତାଙ୍କ ପ୍ରତିଯୋଗିତା ମନୋବୃତ୍ତି ନେଇ ଭିନ୍ନଭିନ୍ନ ଢାଞ୍ଚାରେ ଆକର୍ଷଣୀୟ ମେଢ ସାଜସଜ୍ଜା ଓ ସୁଉଚ୍ଚ ତୋରଣ ଏବଂ ରଙ୍ଗୀନ ଆଲୋକମାଳାରେ ନାଲକୋ ନଗର ଝଲସି ଉଠୁଛି। କୋ-ଅପରେଟିଭ ମାର୍କେଟ ଦେଇ ତାରିଣୀ ଛକଠାରୁ କଲ୍ୟାଣମଣ୍ଡପ ଯାଏ ରାସ୍ତାର ଗୋଟିଏ ପାଶ୍ୱର୍ରେ ନାଲକୋ କଣ୍ଟ୍ରାକ୍ଟର ଆସୋସିଏସନ ପୂଜାମଣ୍ଡପ ସମେତ ୧୯ଟି ମଣ୍ଡପ ଶୋଭାପାଉଛି। ପଟଲାଇନ, କାଷ୍ଟ ହାଉସ (ଏ), କାଷ୍ଟ ହାଉସ(ବି), ପଟଲାଇନ (ଇଲେକ୍ଟ୍ରିକାଲ), ରଡିଂସପ (୧), ସିପିପି (ଇଲେକ୍ଟ୍ରିକାଲ), ସିପିପି (ଅପରେସନ), ସିପିପି (ସିଏଚପି), ମେଟେରିଆଲ, କାର୍ବନ ଏରିଆ ଗ୍ରୀନ ଆନୋଡ଼, କାର୍ବନ ଏରିଆ ବେକ ଅଭେନ, ରୋଲିଂପ୍ଲାଣ୍ଟ, କାର୍ବନ ଏରିଆ (ଇଲେକ୍ଟ୍ରିକାଲ), ରୋଡିଂସପ (୨), ମୋବାଇଲ ଇକ୍ୟୁପମେଣ୍ଟ ସପ, କାର୍ବନ ଏରିଆ ମେକାନିକାଲ, ସିଭିଲ ମେଣ୍ଟେନାନ୍ସ, ଟାଉନସିପ ୨୨୦ କେଭି ଇଲେକ୍ଟ୍ରିକାଲ, କଣ୍ଟ୍ରାକ୍ଟର ଆସୋସିଏସନ ପ୍ରଭୃତି ପୂଜାମଣ୍ଡପରେ ବୁଧବାର ପୂର୍ବାହ୍ନରୁ ଦେବଶିଳ୍ପୀ ବିଶ୍ୱବିନ୍ଧାଣି ବିଶ୍ୱକର୍ମାଙ୍କ ପୂଜା ନୀତିକାନ୍ତିରେ ଆରମ୍ଭ ହେବ। ୭ଦିନ ବ୍ୟାପି ଏହି ପୂଜା ସମାରୋହରେ ଚଳିତ ବର୍ଷ ନୂଆ ଗୁଣ୍ଡିଚା ମନ୍ଦିରପଡ଼ିଆରେ ଦୋଳି ଓ କଲ୍ୟାଣମଣ୍ଡପ ନିକଟ ପଡ଼ିଆରେ ମୀନାବଜାରରେ ସ୍ୱତନ୍ତ୍ର ଖାଦ୍ୟ ପସରା ଓ ମନୋହରି ସାମଗ୍ରୀର ଦୋକାନ ବଜାର କରାଯାଇଛି।

ପୂଜା ସମାରୋହରେ ଜନ ସମାବେଶକୁ ଦୃଷ୍ଟିରେ ରଖି ନାଲକୋ ପ୍ରଶାସନ ପକ୍ଷରୁ ଟାଉନସିପର ପରିମଳ ବ୍ୟବସ୍ଥାରେ ସଫେଇ କର୍ମଚାରୀମାନେ ସମଗ୍ର ଟାଉନ ସିପ, ନାଳନର୍ଦ୍ଦମା, ରାସ୍ତାଘାଟ ଆଦି ଅଞ୍ଚଳରେ ବ୍ଲିଚିଂ ପାଉଡର ପକାଇ ସଫେଇ କରାଯାଉଛି। ଖାଲଖମା ରାସ୍ତାକୁ ମରାମତି କରାଯାଉଛି। ଶୃଙ୍ଖଳିତ ଭାବେ ଉତ୍ସବ ପାଳନକୁ ନାଲକୋ ପ୍ରଶାସନ, ଇଷ୍ଟେଟ ବିଭାଗ, ୱେଲଫେୟାର କମିଟି, ମାସାଧିକ ପୂର୍ବରୁ ପ୍ରସ୍ତୁତି ଜାରି ରଖିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଦୋକାନୀ ବ୍ୟବସାୟୀ ମାନେ ପ୍ରାୟ ପହଞ୍ଚିଛନ୍ତି। ଶୃଙ୍ଖଳା ରକ୍ଷା କରିବା ଦିଗରେ ନାଲକୋ ଥାନା ପୁଲିସ ପକ୍ଷରୁ ଟାଉନସିପକୁ ତୀକ୍ଷ୍ଣ ନଜର ରଖିଛନ୍ତି। ସିସିଟିଭି କ୍ୟାମେରା ଖଞ୍ଜା ଯାଇଛି। ତାରିଣୀ ମନ୍ଦିର ଛକ ଠାରେ ମୁଖ୍ୟ ପୁଲିସ କଣ୍ଟ୍ରୋଲ ରୁମ ତଥା ସୂଚନା କେନ୍ଦ୍ର ହୋଇଛି। ନାଲକୋ ଘରୋଇ ସିକ୍ୟୁରୀଟି କର୍ମଚାରୀ, ନାଲକୋ ଦମକଳ ବାହିନୀ, ଅନୁଗୁଳ ଦମକଳ ବାହିନୀଙ୍କୁ ଉତ୍ସବର ପୂଜାଞ୍ଚଳ, ମୀନାବଜାର, ପଲ୍ଲୀଶ୍ରୀ ମେଳା ପ୍ରଭୃତି ଅଞ୍ଚଳରେ ନିୟୋଜିତ କରାଯାଇଛି।

## ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଟ୍ରଷ୍ଟ ବୋର୍ଡ ବୈଠକ



ଅନୁଗୋଳ,୧୬।୯(ସମିସ)

ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଗୋଳର ୧୧ତମ ଟ୍ରଷ୍ଟ୍ ବୋର୍ଡ ବୈଠକ ଜିଲ୍ଲାପାଳ ତଥା ଖଣିଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାକାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଉନ୍ନୟନ କାର୍ଯ୍ୟ ଓ କଲ୍ୟାଣକାରୀ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଗୋଳର ୨୦୧୬ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ହୋଇଥିବା ସମସ୍ତ ଆୟ ଓ ବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପ୍ରକଳ୍ପରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ମଧ୍ୟ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଡିଏମ୍‌ଏଫ୍ ପାଣ୍ଠିରୁ ହୋଇଥିବା ଅର୍ଥ ବିନିଯୋଗ ତଥା ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ଆନୁଷଙ୍ଗିକ ଭିତ୍ତିଭୂମି, ପରିବେଶ ସୁରକ୍ଷା, ଗମନାଗମନ ଭଳି ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଆଗାମୀ ଦିନରେ ଗ୍ରାମୀଣ ଅଞ୍ଚଳରେ ପାନୀୟ ଜଳ ସୁବିଧା, ସ୍ୱଚ୍ଛତା, ଆଲୋକୀକରଣ ଇତ୍ୟାଦି ଜନହିତକର କାର୍ଯ୍ୟକ୍ରମକୁ ପ୍ରାଥମିକତା ଦେବାକୁ ସମ୍ମତି ପ୍ରକାଶ ପାଇଥିଲା। ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲା ପରିଷଦ ସଦସ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମତିଥି ପାଳିତ

**ବଇଣ୍ଡା,୧୬।୯(ସମିସ):** କିଶୋର ନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀ ଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୮ ତମ ଜନ୍ମ ଜୟନ୍ତୀ ସତସଙ୍ଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଉଷାକୀର୍ତ୍ତନ, ସକାଳ ୭ଟା ୫ରେ ଜନ୍ମଲଗ୍ନ ଘୋଷଣ ସହିତ ମାତୃ ସମ୍ମିଳନୀ ଓ ମଧ୍ୟାହ୍ନରେ ସତସଙ୍ଗ ଅଧିବେସନ ଅନୁଷ୍ଠିତ ହୋଇଥିଲା। ଯାଜକ ପୂର୍ଣ୍ଣେନ୍ଦୁ ଶେଖର ଦେହୁରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୌଦ୍ଧ ସତସଙ୍ଗ କେନ୍ଦ୍ରର ରିତିକ୍ ପବିତ୍ର ମୋହନ ମିଶ୍ର ଯୋଗଦେଇ ଠାକୁରଙ୍କର ଭାବ ଓ ଆଦର୍ଶ ଉପରେ ଗୁରୁଭାଇ ଓ ମାଆମାନଙ୍କୁ ଅନୁପ୍ରାଣିତ କରିଥିଲେ। "ପ୍ରେମୀର ସଙ୍ଗକର ସେ ଆପଣା ଛାଏଁ ଭଲ ପାଇବେ। ଏହି ବାଣୀକୁ ନେଇ ଆଲୋଚନା କରିଥିଲେ। କୀର୍ତ୍ତନ ମାଧ୍ୟମରେ ଶ୍ରଧେୟ ଅଲେଖ ଭାଇ ସମସ୍ତଙ୍କୁ ଆପ୍ୟାୟିତ କରିଥିଲେ। ସଂଘମିତ୍ରା ମହାପାତ୍ର, ବିଷ୍ଣୁପ୍ରିୟା ଦାସ, ବୀରବର ଶତପଥୀ ଭଜନ ପରିବେଷଣ କରିଥିଲେ। କେନ୍ଦ୍ରର ବରିଷ୍ଠ ଗୁରୁ ଭାଇ ବିଚିତ୍ରାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଶ୍ରୀଧର ବେହେରା, ଉପଦେଷ୍ଟା ରଞ୍ଜିତ ପଟ୍ଟନାୟକ, ଅରବିନ୍ଦ ସାହୁ, ଶ୍ରୀନିବାସ ବିଶ୍ୱାଳ, ମହେଶ ସାହା, ମନୋଜ ବେହେରା, ସଚିଦା ନନ୍ଦ ବେହେରା, ବଂଶୀଧର ଦେହୁରୀ, ସୂର୍ଯ୍ୟକାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୧୬।୯(ସମିସ):** ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଝାର ବଇଣ୍ଡା ଗ୍ରାମର ମମତା ସିଠ ଓ ତାଙ୍କ ସ୍ୱାମୀ ଅନାଦି ସିଠଙ୍କୁ ଧୂଣ୍ଡି ଗ୍ରାମର ୩ ଜଣ ଯୁବକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମମତାଙ୍କ ଅଭିଯୋଗକୁ ଭିତ୍ତି କରି ଠାକୁରଗଡ଼ ଥାନା ପୁଲିସ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ଉଭୟ ଦମ୍ପତି ତାଙ୍କ ଝାର ବଇଣ୍ଡା ନିକଟରେ ଦେଇଥିବା ହୋଟେଲ ଥିବା ବେଳେ ଧୂଣ୍ଡି ଗ୍ରାମର ୩ ଜଣ ଯୁବକ ଆସି ତାଙ୍କୁ ମାଛ ମାଗିଥିଲେ। ପରେ ମାଛଗୁଡିକ ଖରାପ କହିକି ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

## ୨୪ ମହିଳା ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ଅନୁଗୋଳ,୧୬।୯(ସମିସ):** କେନ୍ଦ୍ରଶିକ୍ଷା ମନ୍ତ୍ରୀ ତଥା ସାଂସଦ ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନ ନୂଆ ଓଡିଶା ଯୋଜନା ଅଧୀନରେ ମୋବାଇଲ୍ ଫୋନ୍ ହାର୍ଡୱେର୍ ମରାମତିରେ ତାଲିମପ୍ରାପ୍ତ ୨୪ ଜଣ ମହିଳା ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ, ଅନୁଗୋଳ ଏବଂ ସ୍କିଲ୍ କନେକ୍ଟ ସର୍ଭିସେସ୍ ସହଯୋଗରେ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର, ଚନ୍ଦ୍ରବାହାଲ, ଅନୁଗୋଳରେ କାର୍ଯ୍ୟକାରୀ ହେଉଛି। ତାଲିମ ସମାପ୍ତ ହେବା ପରେ ପ୍ରଶିକ୍ଷାର୍ଥୀମାନେ ଟାଟା ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ଯୋଗଦେବେ।




## ଏମ୍‌ସିଏଲ୍‌ର ଆର୍‌ପିଡିଏସି ବୈଠକ

ଅନୁଗୋଳ,୧୬।୯(ସମିସ)

ମହାନଦୀ କୋଇଲା ଖଣି ସଂସ୍ଥା (ଏମ୍‌ସିଏଲ୍) ର ୧୫ ତମ ଥଇଥାନଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ୍ ରାମଚନ୍ଦ୍ରଯାଦବଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସାଂସଦ, ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଜମି ଅଧିଗ୍ରହଣ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହିତ ଲୋକମାନେ ଯେପରି ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ପାଇପାରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ ମୋଟ ୧୭ଟି ବିଷୟ ଉପରେ ଆଲୋଚନା ହୋଇଥିଲା। ତାଳଚେର, କଣିହାଁ ଓ ଛେଣ୍ଡିପଦା ଅଞ୍ଚଳରେ ଏମ୍‌ସିଏଲ୍ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ଗ୍ରାମବାସୀଙ୍କର ବିଭିନ୍ନ ସମସ୍ୟାର ସମାଧାନ ଏବଂ ପ୍ରଭାବିତ ପରିବାର ଓ ଗ୍ରାମଗୁଡିକର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ଭିତ୍ତିଭୂମୀ ବିକାଶ, ଜିବୀକା ସହାୟତା ଏବଂ ଅନ୍ୟାନ୍ୟ ପଦକ୍ଷେପ ସମ୍ପର୍କରେ ବୈଠକରେ ଅଲୋଚନା ହୋଇଥିଲା। ସେହିପରି ଆର୍‌ପିଡିଏସି ବୈଠକକୁ ନିୟମିତ ବ୍ୟବଧାନରେ ଆୟୋଜନ କରାଯିବାକୁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ବିସ୍ଥାପିତମାନଙ୍କ ଦାବିକୁ ସକାରାତ୍ମକ ଭାବେ ବିଚାରକୁ ନେବା ପାଇଁ କେନ୍ଦ୍ରମନ୍ତ୍ରୀ ଅଧିକାରୀ ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷକୁ କହିଥିଲେ। ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅତିରିକ୍ତ ଜିଲ୍ଲାପାଳ ଉଦୟକୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ




ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀରକୁମାର ଜେନା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ପ୍ରତାପ ପ୍ରଧାନ, ତାଳଚେର, କଣିହାଁ ଓ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିସ୍ଥାପିତ ପରିବାରଙ୍କ ପ୍ରତିନିଧି, ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମାନସିକ ଚାପର କାରଣ ଓ ନିରାକରଣ' ବିଷୟରେ ସଚେତନତା କର୍ମଶାଳା

ଅନୁଗୋଳ,୧୬।୯(ସମିସ)




ଅନୁଗୋଳର ପ୍ରତିଷ୍ଠିତ ଏନ୍‌ଜିଓ ଚେତନା ମିଶନ ଫାଉଣ୍ଡେସନ୍ ଦ୍ୱାରା ଭାରତ ସରକାରଙ୍କ ଅଟୋମିକ ଏନର୍ଜି ସମ୍ପୃକ୍ତ ତାଳଚେରସ୍ଥିତ ଭାରି ଜଳ ପ୍ରକଳ୍ପ (ହେଭି ୱାଟର ପ୍ଲାଣ୍ଟ) ପରିସରରେ କର୍ମଚାରୀଙ୍କ ନିମନ୍ତେ "ମାନସିକ ଚାପର କାରଣ ଓ ନିରାକରଣ' ବିଷୟରେ ସଚେତନତା କର୍ମଶାଳା ଅନୁଷ୍ଠିତ କରା ଯାଇଥିଲା। ଚେତନା ମିଶନର ପ୍ରତିଷ୍ଠାତ୍ରୀ ବାଣୀ ଦେବ, ବରିଷ୍ଠ ଚିକିତ୍ସିକ ତଥା ନାଲକୋ ହସ୍ପିଟାଲର ଅବସରପ୍ରାପ୍ତ ମୁଖ୍ୟ ଡା. ସୁଷମା ଚୌଧୁରୀ, ଅନୁଗୋଳ ଜିଲ୍ଲା ହସ୍ପିଟାଲର ମାନସିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପ୍ରାରମ୍ଭରେ ହେଭି ୱାଟର ପ୍ଲାଣ୍ଟର ଡାକ୍ତର ଡପିଆର ଗୋଡବଲେ ବକ୍ତାମାନଙ୍କ ପରିଚୟ ପ୍ରଦାନ କରି ଏହାର ଉପଯୋଗୀତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ଲାଣ୍ଟର ମୁଖ୍ୟ ଓ ଏସଡି ଜୈତୁଲ ହକ ଅତିଥିମାନଙ୍କୁ ସ୍ୱାଗତ ପୂର୍ବକ ପ୍ରୋଗ୍ରାମର ଉପାଦେୟତା ଓ ଆବଶ୍ୟକତା ବିଷୟରେ ସୂଚାଇଥିଲେ।

ପ୍ରଥମେ ଶ୍ରୀମତୀ ବାଣୀ ଦେବ ନିଜ ବକ୍ତବ୍ୟରେ ବର୍ତ୍ତମାନ ସମୟରେ ମାନସିକ ଚାପ ସଚେତନତାର ଆବଶ୍ୟକତା ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଡା. ରଶ୍ମିତା ମାନସିକ ଚାପର କାରଣ, ଏହାଦ୍ୱାରା ହେଉଥିବା ଶାରୀରିକ ଓ ମାନସିକ ପ୍ରତିକ୍ରିୟା, କୁପ୍ରଭାବ, ସମାଜ ଓ ପରିବାର ଉପରେ ପ୍ରଭାବ ଇତ୍ୟାଦି ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ସହଜ ଉପାୟରେ ଏହାର ନିରାକରଣ, ଚିକିତ୍ସା, ବ୍ୟାୟାମ, ବିଶ୍ରାମ, ନିଜପାଇଁ ସମୟ ସଂରକ୍ଷଣ, ମନୋଭାବର ଆଦାନ ପ୍ରଦାନ ଆଦିର ଗୁରୁତ୍ୱ ବିଷୟରେ ସେ ଆଲୋଚନା କରିଥିଲେ। ମାନସିକ ଚାପର ମାତ୍ରା ସ୍ୱୟଂ ଆକଳନ କରି ସଠିକ ସମୟରେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଏବଂ ଆଧୁନିକ ନିଦାନ ଓ ଚିକିତ୍ସା ବିଷୟରେ ସେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଡା. ସୁଷମା ଚୌଧୁରୀ ବିଭିନ୍ନ ମନୋରଞ୍ଜକ କାର୍ଯ୍ୟକ୍ରମ, ବନ୍ଧୁତା, ଉତ୍ତମ ଜୀବନଶୈଳୀ ଓ କର୍ମକ୍ଷେତ୍ରର ଦାୟିତ୍ୱ ସହ ପାରିବାରିକ ତଥା ସାମାଜିକ ଜୀବନର ସଠିକ ପରିଚାଳନା ଦ୍ୱାରା କିଭଳି ମାନସିକ ସନ୍ତୁଳନ ରକ୍ଷା କରାଯାଇପାରେ ସେହି ବିଷୟରେ ଆଲୋଚନା କରିଥିଲେ। ଜୀବନରେ ସଫଳତା ନିମନ୍ତେ ସଠିକ ମାତ୍ରାରେ ମାନସିକ ଚାପ ଆବଶ୍ୟକ ଓ ଏହା ଲକ୍ଷ୍ୟସାଧନରେ କିପରି ସାହାଯ୍ୟ କରେ, ଏକଥା ବୁଝାଇଥିଲେ। ଯେ କୌଣସି କଠିନ ପରିସ୍ଥିତିରେ ବିବ୍ରତ ନ ହୋଇ ଧୈର୍ଯ୍ୟର ସହିତ ଏହାର ଅନୁଶୀଳନ କରି ସମାଧାନର ପନ୍ଥା ବାହାର କରିବା ମନୁଷ୍ୟର କର୍ତ୍ତବ୍ୟ ବୋଲି ସେ ପରାମର୍ଶ ଦେଇଥିଲେ। ସରବଜିତ କୁମାର, କାର୍ଯ୍ୟକ୍ରମର ପରିଚାଳନାରେ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ପ୍ଲାଣ୍ଟର ସମସ୍ତ ବରିଷ୍ଠ କର୍ମକର୍ତ୍ତା ଓ ଅନ୍ୟ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରି ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜ ସନ୍ଦେହ ଦୂର କରିଥିଲେ। ଭବିଷ୍ୟତରେ ଏହିଭଳି ଶିକ୍ଷଣୀୟ କାର୍ଯ୍ୟକ୍ରମ ପୁନର୍ବାର କରିବା ନିମନ୍ତେ ଯୋଜନା କରାଯାଇଥିଲା। ଶେଷରେ ଶୈଳେନ୍ଦ୍ର କୁମାର ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଇନ ସଚେତନତା ଶିବିର

**ଅନୁଗୋଳ,୧୬।୯(ସମିସ):** ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଛେଳିଆପଡା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ଅସୁବିଧା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ କମଳାକାନ୍ତ ନାୟକ, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି, ଜିଲ୍ଲା ଆଇନସେବା ପ୍ରାଧିକରଣର ସଦସ୍ୟ ପରମାନନ୍ଦ ମିଶ୍ର, ଛେଳିଆପଡା ପଞ୍ଚାୟତର ସରପଞ୍ଚ କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କ ମାଗଣାରେ ଆଇନ୍‌ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲ୍ଲା ଓ ତାଲୁକ୍‌ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟି



ଦ୍ୱାରା ଯୋଗାଇ ଦିଆଯାଇଥାଏ। ଏହାବ୍ୟତୀତ ଲୋକ ଅଦାଲତ, ମଧ୍ୟସ୍ଥତା ଓ ଆପୋଷ ବୁଝାମଣା ପରି ବିକଳ୍ପ ବିବାଦ ସମାଧାନ ସୂତ୍ର ମାଧ୍ୟମରେ ବିଚାରାଧୀନ ଓ ପ୍ରାକ୍ ମକଦ୍ଦମାସ୍ତରର ବିବାଦର ଆଶୁ, ସହଜ ଓ ସରଳ ସମାଧାନ କରାଯାଏ। ଆମ ଜିଲ୍ଲାରେ ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକର ସମାଧାନ ଆପୋଷ ବୁଝାମଣା ଭିତ୍ତିରେ କରିବା ପାଇଁ ସ୍ଥାୟୀ ଲୋକ ଅଦାଲତ, ଅନୁଗୋଳ କାର୍ଯ୍ୟ କରୁଅଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୨୦ଜଣ ହିତାଧିକାରୀଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ପାରାଲିଗାଲ ଭଲାଣ୍ଟିଅର ଗଣ ଓ ଛେଳିଆପଡା ପଞ୍ଚାୟତର ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ପରିଚାଳନା କରିଥିଲେ।

ସକାଳ THE SAKALA



# ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଗୋଡ଼ ଘସାଇବା ଅଭିଯୋଗର ତଦନ୍ତ

ଦେଓଗାଁ,୧୬।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅର୍ଜୁନପୁର ପଞ୍ଚାୟତର ବ୍ରାହ୍ମଣୀପଲା ପ୍ରାଥମିକ ବିଦ୍ୟାଳୟ ଏବେ ଚର୍ଚ୍ଚାରେ। ଏହି ବିଦ୍ୟାଳୟର ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ନିଜ ଗୋଡ ଘସାଇଛନ୍ତି। ଏହାସହ ଗୁଟଖା କିଣିବା ପାଇଁ ଦୋକାନକୁ ପଠାଇଛନ୍ତି।

ଏହାକୁ ନେଇ ଏବେ ସମ୍ପୃକ୍ତ ଶିକ୍ଷକ ବିବାଦରେ। ଏହି ଘଟଣାର ତଦନ୍ତ ହୋଇଛି। ଶିକ୍ଷକ ଜଣକ ଛାତ୍ରୀଛାତ୍ରଙ୍କୁ ନିଜ ବ୍ୟକ୍ତିଗତ କାମରେ ଲଗାଉଥିବା ଖବର ପାଇ ଗାଁର ଉଭୟ ମହିଳା ଓ ପୁରୁଷ ତଥା ଅଭିଭାବକ ସ୍କୁଲକୁ ଯାଇ ଘେରଉ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲରୁ ଆଣି ଗାଁ ମଣ୍ଡପରେ ବସାଇ ଆନ୍ଦୋଳନ କରିଥିଲେ। ସିଆରସିସି ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଡେପୁଟେସନରେ ଆସିଥିବା ସଂପୃକ୍ତ ଶିକ୍ଷକ ଅସିତ ଷଡଙ୍ଗୀଙ୍କୁ ପଚାରିବାରୁ କିଛି କୁଚକ୍ରୀ ଲୋକ ତାଙ୍କ ବିରୋଧରେ ଷଡଯନ୍ତ୍ର କରିଛନ୍ତି। ଅଯଥାରେ ମିଡିଆ ଡାକି ତାଙ୍କୁ ବଦନାମ କରାଯାଉଛି ବୋଲି କହିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ମମତା ମହାଡିକଙ୍କୁ ପଚାରିବାରୁ ଅଭିଯୋଗ ପାଇଛନ୍ତି। ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବେଲପଡ଼ାରେ ଗଳିକନ୍ଦି ରାସ୍ତା ଶୋଚନୀୟ



ବେଲପଡା,୧୬।୯(ସମିସ): ବେଲପଡା ସହରରେ ଗଳିକନ୍ଦି ରାସ୍ତା ଏବେ ଶୋଚନୀୟ ଅବସ୍ଥାରେ ରହିଛି। ରାସ୍ତା ସବୁ ଖାଲଖମା ଥିବାରୁ ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଛି। ଲୋକେ ଘରୁ ବାହାରିଲେ ଦୁର୍ଗନ୍ଧ ସହ ପଚ ପଚ ରାସ୍ତାରେ ଯାତାୟାତ କରୁଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଛନ୍ତି; କିନ୍ତୁ ପ୍ରଶାସନ ଆଖିକୁ କିଛି ଦେଖାଯାଉନାହିଁ। ଯଦି ବେଲପଡା ସହର ଦୃଶ୍ୟ ଏମିତି ତାହାହେଲେ ଅନ୍ୟ ଗାଁଗଣ୍ଡାଗୁଡିକର ଅବସ୍ଥା ତେବେ କେମିତି ଥିବ ଜଳ ଜଳ ଦିଶୁଛି। ଅନ୍ୟପଟେ ଖାଲ ଗୁଡିକରେ ଡ୍ରେନପାଣି ଭର୍ତ୍ତି ହେଉଛି। ଏହାଫଳରେ ରାସ୍ତାରେ ଯାତାୟାତ କରିହେଉନାହିଁ। ରାସ୍ତାରେ ଯାଉଥିବା ଲୋକ ନାକ ଚାପି ଯାତାୟାତ କରୁଛନ୍ତି।

# ଏନ୍‌ଏସି ମାନ୍ୟତା ଦାବିରେ ବିଜେଡିର ସଇଁତଲା ବନ୍ଦ

## ସ୍ଥାନୀୟ ବିଧାୟକଙ୍କ ଉପରେ ବର୍ଷିଲେ ଟୁକୁନି



ସଇଁତଲା,୧୬।୯(ସମିସ)

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ସରକାର ବିଭିନ୍ନ ବ୍ଲକକୁ ଏନଏସି ଘୋଷଣା କରିଥଲା; ହେଲେ ବିଜେପି ସରକାର ଆସିବା ପରେ କିଛି ବ୍ଲକକୁ ଏନଏସି ଘୋଷଣା କରିଥିବା ବେଳେ ସଇଁତଲା ବ୍ଲକକୁ ବାଦ ଦେଇଛି। ଏହାକୁ ନେଇ ସଇଁତଲାରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହାକୁ କେନ୍ଦ୍ର କରି ମଙ୍ଗଳବାର ସଇଁତଲାରେ ଲୋକେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସକାଳ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ସଇଁତଲା ବନ୍ଦ ଡାକରା ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ସ୍ଥାନୀୟ ବିଧାୟକ ନବୀନ ଜୈନଙ୍କ ଉପରେ ବର୍ଷିଛନ୍ତି।

ବିଜେଡି ବ୍ଲକ୍ ସଭାପତି ଟୁନୁ ରାଜପଲିଆଙ୍କ ସଭାପତିତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ନେତା ସୁରେନ୍ଦ୍ର ସିଂ ଭୋଇ ଏବଂ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ନେତୃତ୍ୱରେ ସକାଳୁ ସକାଳୁ ଆନ୍ଦୋଳନକାରୀ ପିକେଟିଂ କରି ଦୋକାନ ବଜାର ସହ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ବିଜୁ ଜନତା ଦଳ, ପଞ୍ଚାୟତବାସୀଙ୍କ ସମେତ ବିଭିନ୍ନ ସଂଗଠନ ତରଫରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। କିଛିଦିନ ପୂର୍ବରୁ ବଲାଙ୍ଗୀର ଜିଲ୍ଲାର ଲୋଇସିଂହାକୁ ନୂତନ ଭାବେ ଏନ୍‌ଏସସି ଘୋଷଣା କରାଯାଇଥିଲା; ହେଲେ ଏବେ ବୈମାତୃକ ମନୋଭାବ କ'ଣ ପାଇଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ବିଧାୟକ ହେବାର ୧୫ ମାସ ପରେ ଅନେକ ଥର ସଇଁତଲା ଏନଏସି ହେବ ବୋଲି ଲୋକଙ୍କୁ କହି ବୁଲୁଥିଲେ। ଏବେ କାହିଁକି ଚୁପ୍ ବୋଲି ସ୍ଥାନୀୟ ସରପଞ୍ଚ ସୁବ୍ରତ ନାଗ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ କେବଳ ନାଚଗୀତ କଲେ ବିକାଶ ହେବ ନାହିଁ। ବିଧାୟକ ଭାବେ ନବୀନ ଜୈନ ଲୋକଙ୍କ କଥା ବୁଝନ୍ତୁ। ଲୋକଙ୍କ ପାଖକୁ ଯାଇ ସେମାନଙ୍କ ମୌଳିକ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟା ସମାଧାନ କରନ୍ତୁ। ଜଣେ ବ୍ୟବସାୟୀ କେବଳ ବ୍ୟବସାୟ କରିବା ଜାଣେ। ସେ ଲୋକଙ୍କ ଦୁଃଖ ଦୂର କରିବା କେମିତି ଜାଣିବ ବୋଲି ଟୁକୁନି କହିଥିଲେ। ଏହି ଆନ୍ଦୋଳନରେ ବ୍ଲକ୍ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, ଦୀପାଞ୍ଜଳି ବାରିକ, ଲେକୃ ସିଂ ମାଝୀ, ସମିତି ସଭ୍ୟ ଉମାକାନ୍ତ ରଣା, ଜିଲ୍ଲା ପରିସଦ ସଭ୍ୟ ପ୍ରମୋଦ ଭୋଇ, ହିମାଞ୍ଚଳ ବୁଡ଼େକ, ରାଜକିଶୋର ଡାଙ୍ଗ, ଚନ୍ଦ୍ର ବଦନ ପୁରୋହିତ, ପ୍ରଦୀପ ବାଗ, ଉତ୍ତମ ପୁଟେଲ, ଚମ୍ପୁ ସେଠ, ଦେବରାଜ ପ୍ରଧାନ, ସରପଞ୍ଚ ରାଜେନ୍ଦ୍ର ଯାନୀ, ଗଜପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




# ଦେଓଗାଁ ବ୍ଲକ୍‌ରେ ଖେଳକୁଦ ପ୍ରତିଯୋଗିତା



ଦେଓଗାଁ,୧୬।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଜରାସିଂହା, ଅର୍ଜୁନପୁର, ସାରସାମାଲ ଓ ବନ୍ଧପଡା ଆଦି ୪ଟି ଜୋନରେ ଜୋନାଲ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ଲାଲଜଗନ୍ନାଥ ପ୍ରସାଦ ଷ୍ଟାଡିୟମରେ ଜରାସିଂହା ଜୋନ-୩ରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ କବାଡି, ଖୋ ଖୋ ଖେଳରେ ୧୦୦ଜଣ ଛାତ୍ରୀ ଭାଗ ନେଇଥିଲେ।

କବାଡି, ଖୋ ଖୋ ଓ ଫୁଟବଲ ଖେଳରେ ୨୦୧ଜଣ ଛାତ୍ର ଭାଗ ନେଇଥିଲେ। ଏହି ପ୍ରତିଯୋଗିତାକୁ ଖେଳ ଶିକ୍ଷକ ରଞ୍ଜିତ ସାହୁ, ସୁଦର୍ଶନ ମିର୍ଦ୍ଧା, ପ୍ରଜ୍ଞାପରମିତା ନାୟକ, ମୋହନ ରଣା, ପ୍ରଫୁଲ୍ଲ ନାଏକ, ଅର୍ଜୁ ନାଗ, ପୁଷ୍ପାଞ୍ଜଳି କିସାନ ଓ ପ୍ରଶାନ୍ତ ଥନାପତି ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ନେତ୍ରଭାନୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ଦଣ୍ଡସେନା, ସାଲେପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅରବିନ୍ଦ କୁମ୍ଭାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ମାସ ୨୦ତାରିଖରେ କରୁଆଁଝର ଖେଳପଡିଆରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକସ୍ତରୀୟ ସ୍ପୋର୍ଟ୍ସ କାଉନସିଲ ସମ୍ପାଦକ ଉମେଶ ଚନ୍ଦ୍ର ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି।

# 'ସଂକଳ୍ପ' ପକ୍ଷରୁ ପ୍ରାକୃତିକ କୃଷି ପ୍ରଶିକ୍ଷଣ ଶିବିର



ବଲାଙ୍ଗିର,୧୬।୯(ସମିସ): ପ୍ରାକୃତିକ କୃଷିକୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ମିଶନ୍ ନ୍ୟାଚୁରାଲ ଫାର୍ମି କାର୍ଯ୍ୟକ୍ରମ କରାଯାଇଛି। ଏହି ମାଧ୍ୟମରେ ଓଡ଼ିଶାରୁ ଅନେକ ଚାଷୀଙ୍କୁ ପ୍ରାକୃତିକ ଚାଷ ଦିଗରେ ପ୍ରୋତ୍ସାହିତ କରିବା ସହିତ ସେମାନେ କିପରି ପ୍ରକୃତି ସହିତ ଚାଷ କରିବେ ଏହି ଦିଗରେ ପ୍ରାଧାନ୍ୟ ଦିଆଯାଉଛି। ଏହି ଉପକ୍ରମରେ ବଲାଙ୍ଗୀର ଜିଲ୍ଲାର ତୁରେକେଲାଠାରେ ସଂକଳ୍ପ ଅନୁଷ୍ଠାନ ପକ୍ଷରୁ ଏକ ପ୍ରାକୃତିକ କୃଷି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପାଖାପାଖି ୨୫ରୁ ୩୦ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ଏହି ଚାଷୀମାନଙ୍କୁ ପ୍ରାକୃତିକ କୃଷିର ଉପକାରିତା ସହିତ ବର୍ତ୍ତମାନ ସମୟରେ କିପରି ପ୍ରାକୃତିକ କୃଷି କରି ଜଳବାୟୁ ପରିବର୍ତ୍ତନକୁ ମୁକାବିଲା ଏବଂ ପରିବେଶ ସୁରକ୍ଷା ଦିଗରେ ସାହାଯ୍ୟ କରିପାରିବେ ଏହି ଉପରେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ସଂକଳ୍ପର ଅନୁଷ୍ଠାନର ସଂପାଦକ ସଦାନନ ମେହେର ଅଧକ୍ଷତା କରିଥଲେ। ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥାର ଜୈବ ନିରୀକ୍ଷଣ ଅଧିକାରୀ ଡି. ଶୁଭମ୍ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ମାଁ ମାହେଶ୍ୱରୀ ପୀଠରେ ଷୋହଳ ପୂଜା



ମୁରିବାହାଲ,୧୬।୯(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦରମହକୁମାସ୍ଥିତ ମାଁ ମାହେଶ୍ୱରୀ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜାକାର୍ଯ୍ୟ ତଥା ଖଣ୍ଡାବସା ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୃଷଭ ମହାନ୍ତି, ଦେହୁରୀ ତ୍ରିଶୀଙ୍ଗ ବଘାର, ବରୁଆ ଭକ୍ତ ବଘାର, କଇଁରୁ ବଘାରଙ୍କ ସମେତ ୯ ଅମାତ ଭାବରେ ବିରଞ୍ଚି ମେରଲୀ, ଚାରିଶହ କର୍ମୀ, ମଙ୍ଗୁଲୁ ପଧାନ, ଦଶରଥ ପଧାନ, ମୁରଲି ଖମାରୀ, ପଲଟନ କର୍ମୀ, କୁନ୍ଦା ପଧାନ, ସୁବାଷ ବଘାର ପ୍ରମୁଖ ମାଁ ମାହେଶ୍ୱରୀଙ୍କ ପୂଜାକାର୍ଯ୍ୟରେ ନିୟୋଜିତ ଥିଲେ।

ପୂଜା ପରିଚାଳନା କମିଟିର ପ୍ରଫୁଲ୍ଲ ବଘାର, ଶ୍ରୀମୁଖ ବଘାର, ସୁଦାମ ଚରଣ ବଘାର, ବିକ୍ରମ ବଘାର, ରାଧେଶ୍ୟାମ ପଧାନ, ମକୁନ୍ଦ ପଧାନ, ପ୍ରଭାକର ବଘାର, ହରେକୃଷ୍ଣ ବଘାର, କବି ମହାକୁର, ବାଲଗୋପାଲ ବଘାର, ଜୟକୃଷ୍ଣ ବଘାର, ଅଶ୍ୱିନୀ ବଘାର, କାର୍ତ୍ତିକ ବଘର, ଦୁର୍ଯ୍ୟୋଧନ ବଘାର, ଦୁଶାସନ ବଘାର, ପିତାମ୍ବର ବଘାର, କୁନୁ ବଘାର, ସାନ ମହାକୁର, ସାଗର ମାହାର, ପିଣ୍ଟୁ ବଘାର, ମକୁନ୍ଦ ବଘାର, ରମାରଞ୍ଜନ ବଘାର, ଅଶୋକ ବଘାର, ଲଳିତ ବଘାର, ତପନ ବଘାର, ସତ୍ୟ ନାରାୟନ ବଘାର, ନରୋତ୍ତମ ପଧାନ, ଅଦିବାସ ମାହାର, ଖଗେଶ୍ୱର ପ୍ରଧାନ, ଯୁବରାଜ ବଘାର, ବାଞ୍ଛା ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରିମୁରିବହାଲ ବ୍ଲକର ଖରାଲି, ଯମୁନା, ଜାନିପଡା, ଦନ୍ଦ୍ରା, ବାରବନ୍ଧ, କୁମ୍ଭାରି, ବାଗବାହାଲି, ଚନାବାହାଲ ପ୍ରମୁଖ ଗ୍ରାମର ମାହେଶ୍ୱରୀ ପୀଠରେ ଖଣ୍ଡାବସା ପୂଜା ଧୁମଧାମରେ ପାଳନ ହୋଇଯାଇଛି।

# ବ୍ରଜପାତରେ ନାବାଳକ ଗୁରୁତର



କଣ୍ଟାବାଞ୍ଜି/ତୁରେକେଲା,୧୬।୯(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲବାହାଲି ପତ୍ରଫୁଡି ନିକଟରେ ଜଣେ ନାବାଳକ ମଙ୍ଗଳବାର ସନ୍ଧ୍ୟାରେ ବ୍ରଜପାତ ଯୋଗୁ ଗୁରୁତର ହୋଇଛନ୍ତି। ଗୁରୁତର ନାବାଳକ ଜଣକ ମହୁଲବାହାଲିର ବବଲୁ ମାଝି (୧୪)। ସେ ବିଦ୍ୟାଳୟରୁ ଫେରି ଗାଁର ପତ୍ରଫୁଡି ପଟେ ବୁଲିବାକୁ ଯାଇଥିଲେ। ଏହି ସମୟରେ ବ୍ରଜପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା




ବଲାଙ୍ଗିରି,୧୬।୯(ସମିସ): ସ୍ଥାନୀୟ ପିଆରହାଇସ୍କୁଲ ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିବା ଦୟା ସାଗର, ମୋହିତ ରୋହିଦାସ, ଯଶରାଜ ପଧାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଏଡିଓ ସେବାଶ୍ରୀ ଭୋଇ, ଡିଇଓ ପ୍ରଦୀପ ନାଗ, ଏଇପିଇ ପ୍ରଦୀପ ସାହୁ ଏବଂ ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ ସୁରୁଲାଲ ମଟାରି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ୩ ଉଷୁ ଖେଳାଳି ଆସନ୍ତା ମାସରେ ଜାମ୍ମୁରେ ହେବାକୁ ଥିବା ଜାତୀୟ ସ୍କୁଲ ଉଷୁ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି।

# ଓଜୋନସ୍ତରର ସୁରକ୍ଷା ପାଇଁ ଚାରାରୋପଣକୁ ଗୁରୁତ୍ୱ







## ବାୟୁ, ଜଳ, ମାଟିର ସୁରକ୍ଷାକୁ ସମସ୍ତେ ପ୍ରାଥମିକତା ଦେବା ଜରୁରି



ଖପ୍ରାଖୋଲ,୧୬।୯(ସମିସ)

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଫୁକୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଛି। ଏସିଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଅଭୟ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓଜୋନସ୍ତରର ସୁରକ୍ଷା ପାଇଁ ଚାରାରୋପଣକୁ ଗୁରୁତ୍ୱ ଦେବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ। ସେହିଭଳି ବାୟୁ, ଜଳ, ମାଟି ଓ ପରିବେଶ ସୁରକ୍ଷାକୁ ସମସ୍ତେ ପ୍ରାଥମିକତା ଦେବାକୁ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଗୋପାଳ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମରସିଂ ମାଝୀ, ଗଗନ ସାହୁ, ଗୋପିକୃଷ୍ଣ ଦଳେଇ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିବା ବେଳେ ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

ବଲାଙ୍ଗିର,୧୬।୯(ସମିସ): ବଲାଙ୍ଗିର ଜିଲ୍ଲା ଭୀମ ଡୁଙ୍ଗୁରି ଇକୋ ଟୁରିଜମ ସାଇଟ୍‌ରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଛି। ବନ ବିଭାଗ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ମିଶି ଏହା ପାଳନ କରାଯାଇଥିଲା। ଏହି ଅବସରରେ ଏକ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଓ ପରେ ଚାରା ରୋପଣ କରାଯାଇଥିଲା। ବନୀକରଣ ସହ ସ୍ୱଚ୍ଛ ଅଭିଯାନ ସ୍ୱଚ୍ଛ, ସବୁଜ ସମାଜ ପ୍ରତି ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଡିଏଫଓ ଅଜିତ ବିଶି, ଏସିଏଫ ମାନସ ରଞ୍ଜନ ବେହେରା, ମୁରାରୀ ପ୍ରସାଦ ପଣ୍ଡା, ଉଭୟ ସଂଗଠନର ଉତ୍ସର୍ଗୀକୃତ କର୍ମଚାରୀ ଏବଂ ଉତ୍ସାହୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଭିଏସଏସ ସଦସ୍ୟ, ବିଭିନ୍ନ ଏନଜିଓର କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଏଥିରେ ଯୋଗ ଦେଇଥିଲେ। ଅଜିତ ବିଶି ଓଜୋନସ୍ତର ସୁରକ୍ଷା, ପରିବେଶ ସଂରକ୍ଷଣ, ଚାରାରୋପଣର ଗୁରୁତ୍ୱ ଓ ପରିବେଶକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ଉପରେ ଲୋକଙ୍କୁ ପରାମର୍ଶ ଦେଇଥିଲେ।

ମୁରିବାହାଲ: ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମଧ୍ୟ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୋମେଶ ଦତ୍ତ ହୋତା, ବାବୁଲା ନାଏକ, ଯଶୋସ୍ମିତା ବେହେରା ମଞ୍ଚାସୀନ ଥିଲେ। ଓଜନସ୍ତରର କ୍ଷୟ ଓ ସୁରକ୍ଷା ଉପରେ ବିସ୍ତୃତ ଭାବରେ ଆଲୋକପାତ କରାଯାଇଥିଲା।